

ବୋଇତ ବନ୍ଦାଣ ଉଦ୍ୟୋଗୀ ଭାବନାର ଅନନ୍ୟ ଉତ୍ସବ | ୬

# ଓଡ଼ିଶା ଭାସ୍କର
ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar



ବିଳାସପୂର୍ଣ୍ଣ କାର୍ କିଣିଲେ ଅକ୍ଷୟ | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୨୭ Vol. 21 No-227 16 NOVEMBER 2024 SATURDAY BHUBANESWAR ଶନିବାର, ୧୬ ନଭେମ୍ବର ୨୦୨୪ ପୃଷ୍ଠା-୮ ମୂଲ୍ୟ: ୭.୦୦


## ଜନଜାତୀୟ ଗୌରବ ଦିବସରେ ମୁଖ୍ୟମନ୍ତ୍ରୀ

# ବିର୍ସା ମୁଣ୍ଡାଙ୍କ ଅବଦାନ ଅବିସ୍ମରଣୀୟ



ଭୁବନେଶ୍ୱର,୧୫।୧୧(ଭାସ୍କର ନ୍ୟୁଜ): ଶୁକ୍ରବାର ଭୁବନେଶ୍ୱରରେ ମହାସମାରୋହରେ ପାଳିତ ହୋଇଛି ଜନଜାତୀୟ ଗୌରବ ଦିବସ। ଦେଶ ବ୍ୟାପୀ ପାଳିତ ହେଉଥିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉତ୍ସବ ବିହାରର ଜାମୁଇ ଠାରେ ପାଳନ କରାଯାଇଥିବା ବେଳେ ଭୁବନେଶ୍ୱରର ଜନତା ମଇଦାନ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଆଭାସୀ ଜରିଆରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜନଜାତି ମାନଙ୍କ ବିକାଶ ପାଇଁ ୧୫୩୫ କୋଟି ଟଙ୍କାର ପ୍ରକଳ୍ପର ଭିତ୍ତିପ୍ରସ୍ତର ରଖିଛନ୍ତି। କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଭଗବାନ ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ ଯେ ବିର୍ସା ମୁଣ୍ଡା ଆମ ସ୍ୱାଧୀନତା ସଂଗ୍ରାମର ଏକ ଅନନ୍ୟ ଯୋଦ୍ଧା। ବିର୍ସା ମୁଣ୍ଡାଙ୍କ ସଂଗ୍ରାମର କାହାଣୀ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି ଓ ରହିବ ବୋଲି ସେ କହିଥିଲେ। ଆଦିବାସୀ ମାନଙ୍କ ଉନ୍ନତି ପାଇଁ ତାଙ୍କ ଅବଦାନକୁ ଦେଶ ଓ ଜାତି କେବେ ଭୁଲିବ ନାହିଁ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜି ହେଉଛି ଆମ ଜନଜାତି ସମ୍ପ୍ରଦାୟଙ୍କ ସମୃଦ୍ଧ ପରମ୍ପରାକୁ ସମ୍ମାନ ଜଣାଇବାର ଦିବସ। ଏହି ଅବସରରେ ସେ ମହାନ୍ ସଂଗ୍ରାମୀ ଶହୀଦ୍ ଲକ୍ଷ୍ମଣ ନାୟକ, ରନ୍ନା ନାୟକ, ଚକରା ବିଶୋଇ, ଦୋରା ବିଶୋଇ, ରେଣ୍ଡୋ ମାଝୀଙ୍କ ପରି ଦେଶ ଭକ୍ତଙ୍କ ବଳୀଦାନ ଓ ତ୍ୟାଗକୁ ମଧ୍ୟ ସ୍ମରଣ କରିଥିଲେ। ଏହି ମହାନ୍ ସଂଗ୍ରାମୀ ମାନେ ଆମ ଦେଶର ଇତିହାସ ଓ ସଂସ୍କୃତିକୁ ନୂତନ ରୂପ ଦେବାରେ ଉଲ୍ଲେଖନୀୟ ଅବଦାନ ରଖିଛନ୍ତି ବୋଲି ସେ କହିଥିଲେ। ବିର୍ସା ମୁଣ୍ଡାଙ୍କ ସ୍ମୃତିକୁ ଉଜ୍ଜିବୀତ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଉଦ୍ୟମ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଆଜି ଜନଜାତୀୟ ଗୌରବ ଦିବସର ପବିତ୍ର ଅବସରରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ • ପୃଷ୍ଠା ୫ ଦେଖନ୍ତୁ

**ବିହାରର ଜାମୁଇରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ**
**ଜନତା ମଇଦାନରେ ଭବ୍ୟ କାର୍ଯ୍ୟକ୍ରମ**
**୧୫୩୫ କୋଟିର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ**
**ଯୋଗଦେଲେ ଦୁଇ କେନ୍ଦ୍ରମନ୍ତ୍ରୀ**

## ମୋଦୀଙ୍କ ବିମାନରେ ତ୍ରୁଟି

# ଉଡାଣରେ ବିଳମ୍ବ



ନୂଆଦିଲ୍ଲୀ,୧୫।୧୧: ଏକ ଅପ୍ରତ୍ୟାଶିତ ଘଟଣା କ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱତନ୍ତ୍ର ବିମାନରେ ଦେଖା ଦେଇଥିଲା ବୈଷୟିକ ତ୍ରୁଟି। ଫଳରେ ତାଙ୍କର ନୂଆଦିଲ୍ଲୀ ଫେରିବା ବିଳମ୍ବ ହୋଇଥିଲା। ଝାଡ଼ଖଣ୍ଡର ଦେଓଘର ଏୟାରପୋର୍ଟରେ ବିମାନରେ ତ୍ରୁଟି ଦେଖାଦେଇଥିଲା। ସୂଚନାଯୋଗ୍ୟ ଯେ ଶୁକ୍ରବାର ମୋଦୀ ଝାଡ଼ଖଣ୍ଡର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କାର୍ଯ୍ୟ ଶେଷପରେ ସେ ଦେଓଘର ଏୟାରପୋର୍ଟରୁ ବାୟୁସେନାର ସ୍ୱତନ୍ତ୍ର ବିମାନରେ ଦିଲ୍ଲୀ ଫେରିବାର କାର୍ଯ୍ୟକ୍ରମ ରହିଥିଲା। ପ୍ରଧାନମନ୍ତ୍ରୀ ଏୟାରପୋର୍ଟକୁ ଆସିଥିଲେ ମଧ୍ୟ ବିମାନରେ ତ୍ରୁଟି ଦେଖା ଦେଇଥିଲା। ଫଳରେ ବିମାନର ଉଡାଣ ବନ୍ଦ ରଖାଯାଇଥିଲା। ବୈଷୟିକ ଟିମ୍ ବିମାନକୁ ଯାଞ୍ଚ କରିବା ସହ ତ୍ରୁଟି ସମାଧାନ କରିବା ପରେ ମୋଦୀ ଦିଲ୍ଲୀ ଫେରିଥିଲେ। • ପୃଷ୍ଠା ୫ ଦେଖନ୍ତୁ

# ଭକ୍ତଙ୍କ ପାଇଁ ଆଜିଠାରୁ ଚାରିଦ୍ୱାର ଖୋଲା

ପୁରୀ,୧୫।୧୧ (ଭାସ୍କର ନ୍ୟୁଜ) : ଶନିବାରଠାରୁ ସମସ୍ତ ଚାରି ଦ୍ୱାର ଦେଇ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିରକୁ ପ୍ରବେଶ କରିପାରିବେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ, ଶ୍ରଦ୍ଧାଳୁମାନେ ସମସ୍ତ ୪ ଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରିପାରିବେ, କିନ୍ତୁ କେବଳ ୩ଟି ଦ୍ୱାର ଦେଇ ପ୍ରସ୍ଥାନ କରିବେ। ସିଂହଦ୍ୱାର ବ୍ୟତୀତ ଅନ୍ୟ ୩ ଦ୍ୱାର ଦେଇ ଶ୍ରଦ୍ଧାଳୁମାନେ ପ୍ରସ୍ଥାନ କରିପାରିବେ। ସିଂହଦ୍ୱାରରେ ଶ୍ରଦ୍ଧାଳୁଙ୍କ ପ୍ରସ୍ଥାନକୁ ସଂପୂର୍ଣ୍ଣ ବାରଣ କରାଯାଇଛି। ତେବେ ସେବକ ତଥା ତାଙ୍କ ପରିବାର ବର୍ଗ ସମସ୍ତ ଦ୍ୱାର ଦେଇ ପ୍ରବେଶ ଓ ପ୍ରସ୍ଥାନ କରିପାରିବେ।ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ଶ୍ରୀମନ୍ଦିର ନାଟମଣ୍ଡପଠାରେ ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ଏବେ ବିଚାରାଧୀନ ରହିଛି। ପରବର୍ତ୍ତୀ ସମୟରେ ଶ୍ରୀମନ୍ଦିର ପରିଚାଳନା କମିଟିଙ୍କ ପରାମର୍ଶ ଓ ଅନୁମୋଦନ ପରେ ଏହା କାର୍ଯ୍ୟକାରୀ ହେବ।କାର୍ତ୍ତିକ ମାସ ପରବର୍ତ୍ତୀ ଦର୍ଶନ ବ୍ୟବସ୍ଥା ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସନଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ • ପୃଷ୍ଠା ୫ ଦେଖନ୍ତୁ

## ସଂକ୍ଷେପରେ...

### ଦୁଇ ଦିନ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

ଭୁବନେଶ୍ୱର,୧୫।୧୧(ଭାସ୍କର ନ୍ୟୁଜ): ଚଳିତମାସ ୧୮ ତାରିଖ ସୋମବାର ଏବଂ ୨୫ ତାରିଖ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ଏହିଦିନମାନଙ୍କରେ ୟୁନିଟ୍-୫ ଭୁବନେଶ୍ୱରସ୍ଥିତ ଅଭିଯୋଗ ପ୍ରକୋଷ୍ଠକୁ ଏହି ଦୁଇଦିନ କେହି ନ ଆସିବାକୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ଏନ୍‌କ୍ଲୋଜରକୁ ଗଲା 'ଜିନତ୍'

ବାରିପଦା,୧୫।୧୧(ଭାସ୍କର ନ୍ୟୁଜ): ମହାରାଷ୍ଟ୍ରର ତଡ଼ବା ଅନ୍ଧେରୀ ଅଭୟାରଣ୍ୟରୁ ଶିମିଳିପାଳକୁ ଗୁରୁବାର ଆସିଥିବା 'ବିନତ୍'କୁ ଶୁକ୍ରବାର ଶିମିଳିପାଳ ଥିବା ସଫ୍ଟ ଏନକ୍ଲୋଜରେ ଛଡ଼ାଯାଇଛି। ଏ ନେଇ ସୂଚନା ଦେଇଛନ୍ତି ପିସିସିଏଫ୍ ସୁଶାନ୍ତ ନନ୍ଦ। ଜିନତକୁ ଶିମିଳିପାଳ ନର୍ଥ ଚହଲା ନିକଟ ସଫ୍ଟ ଏନକ୍ଲୋଜରରେ ଛଡ଼ାଯାଇଛି। ଗୁରୁବାର ତା ନାମ ଗଙ୍ଗା ଦିଆଯାଇଥିବାବେଳେ ଶୁକ୍ରବାର ତା ନାଁ ବଦଳାଯାଇ ଜିନତ୍ ରଖାଯାଇଛି।

### ଗ୍ୟାସ୍ ସିଲିଣ୍ଡର ଫାଟି ଜଣେ ମୃତ

ରାୟଗଡ଼ା,୧୫।୧୧(ଭାସ୍କର ନ୍ୟୁଜ): ରାୟଗଡ଼ାସ୍ଥିତ ରାଣୀଗୁଡ଼ା ଫାର୍ମ ଅଞ୍ଚଳରେ ଶୁକ୍ରବାର ସକାଳେ ରୋଷେଇ ଚାଲିଥିବା ସମୟରେ ଅଚାନକ ଗ୍ୟାସ ସିଲିଣ୍ଡରରେ ବିସ୍ଫୋରଣ ଘଟିବାରୁ ୩ଜଣ ଗୁରୁତର ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଣକର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଅନ୍ୟ ଦୁଇଜଣଙ୍କୁ ବ୍ରହ୍ମପୁରସ୍ଥିତ ଏମକେସିଜି ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ସୂଚନା ଦିଆଯାଇଛି।

ସେନ୍‌ସେକ୍ସ: ୭୭,୫୮୦.୩୧
ତାପମାତ୍ରା: ଭୁବନେଶ୍ୱର
ସର୍ବାଧିକ: ୩୧.୨ ଡିଗ୍ରୀ
ସର୍ବନିମ୍ନ: ୧୯.୩ ଡିଗ୍ରୀ

**୧୫।୧୧।୨୦୨୪ର ମତାମତ**

ନିୟମ କଡ଼ାକଡ଼ି ହେଲେ ସରକାରୀ ନିଯୁକ୍ତି ପରୀକ୍ଷା ପରିଚାଳନା ଠିକ୍ ଭାବେ ଚାଲିବ କି ?

| ହଁ | ନା |
|---|---|
| ୯୫% | ୦୫% |


**ଆଜିର ପ୍ରସଙ୍ଗ**

ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିଲେ ଶୃଙ୍ଖଳିତ ଦର୍ଶନ ସମ୍ଭବ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ସାତ୍ତ୍ୱିକ ଭୋଜନ ଖିଆ ସରିଗଲା
କାର୍ତ୍ତିକ ପୁନେଇ ଗଲା,
ବାର ପଡୁନାହିଁ ବୋଲି ଛାଡଖାଇ
ଗୋଟେ ଦିନ ଘୁଞ୍ଚିଗଲା ।
ରବିବାର ହେବ ପାଳା,
ବାଦ ପଡିବେନି ବୁଢୀ ଛେଳିଠାରୁ
ମେଣ୍ଢା କି କୁକୁଡା ମଲା ।

## ଐତିହାସିକ କଟକ ବାଲିଯାତ୍ରା ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

# ଓଡ଼ିଆ ଅସ୍ମିତା ବଜାୟ ରଖିଛି ବାଲିଯାତ୍ରା





- ସ୍ମାର୍ଟସିଟି ହେବ କଟକ
- ବଦଳିବ ବାଲିଯାତ୍ରା ପଡ଼ିଆ ରୂପରେଖ
- ମହାନଦୀ ରିଭରଫ୍ରଣ୍ଟ ପାଇଁ ୨୦୦ କୋଟି
- ଓଡ଼ିଶାରେ ଯୋଗାଯୋଗ ବ୍ୟବସ୍ଥା ହେଉଛି ସୁଦୃଢ଼

କଟକ,୧୫।୧୧(ଭାସ୍କର ନ୍ୟୁଜ): ଓଡିଶାର ସାଂସ୍କୃତିକ ଗାରିମାମୟ ପରମ୍ପରାର ପ୍ରତୀକ ହେଉଛି ଐତିହାସିକ ବାଲିଯାତ୍ରା । ଓଡିଶାର ଅସ୍ମିତାକୁ ବଜାୟ ରଖିବାରେ ସଫଳ ହୋଇଛି ଆମର ଏହି ବାଲିଯାତ୍ରା । କଟକର ବାଲିଯାତ୍ରାକୁ ଆନ୍ତର୍ଜାତିକ ସ୍ତରକୁ ନେବାକୁ ରାଜ୍ୟ ସରକାର ସମସ୍ତ ପ୍ରକାର ଉଦ୍ୟମ କରିବେ ବୋଲି ଐତିହାସିକ ବାଲିଯାତ୍ରାକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମତବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ ଆମର ପ୍ରଚୀନ ଇତିହାସକୁ ଅନୁଧ୍ୟାନ କରି ଆମକୁ ଆଗକୁ ବଢିବାକୁ ପଡିବ। ଆମର ସଂସ୍କୃତିକୁ ଉଦ୍‌ଜିବୀତ କରି ଓଡିଶାକୁ ସମୃଦ୍ଧ ଓଡିଶାରେ ପରିଣତ କରିବାକୁ ପଡିବ । ତେବେ କେଉଁ କାରଣରୁ ସାଧବ ପୁଅମାନେ ଆଉ ବେପାର କରିବାକୁ ବିଦେଶକୁ ଗଲେ ନାହିଁ ସେ ଦିଗ ପ୍ରତି ଆମକୁ ଆମକୁ ଗବେଷଣା ଓ ବିଶ୍ଳେଷଣ କରିବାକୁ ପଡିବ । ଏ ବାବଦରେ ବିଶେଷଜ୍ଞଙ୍କ ମତ ନେବାକୁ ପଡିବ ଏବଂ ତଦନ୍ତ କରିବାକୁ ପଡିବ ସେମାନଙ୍କ ସ୍ମୃତିକୁ ମଧ୍ୟ ଉଦ୍‌ଜୀବିତ ରଖାଯିବ । ସେହିପରି ମୁଖ୍ୟମନ୍ତ୍ରୀ କହିଲେ ଯେ କଟକକୁ ସ୍ମାର୍ଟ ସିଟିରେ ପରିଣତ କରିବାକୁ ରାଜ୍ୟ ସରକାର ସମସ୍ତ ଉଦ୍ୟମ କରିବେ ବୋଲି ସେ କହିଥିଲେ। ସେହିପରି ମହାନଦୀରେ ରିଭରଫ୍ରଣ୍ଟ ବାବଦରେ ରାଜ୍ୟ କ୍ୟାବିନେଟ୍‌ରେ ୫୦ କୋଟି ଟଙ୍କା ଅନୁମୋଦନ • ପୃଷ୍ଠା ୫ ଦେଖନ୍ତୁ

## ■ କାର୍ତ୍ତିକ ପୂର୍ଣ୍ଣମୀରେ ଅଘଟଣ ■

# ଡଙ୍ଗା ପାଇଁ ଚାଲିଗଲା ୬ ନିଷ୍ପାପ ଜୀବନ

ଭୁବନେଶ୍ୱର,୧୫।୧୧(ଭାସ୍କର ନ୍ୟୁଜ): ଶୁକ୍ରବାର ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀ ପାଇଁ ସବୁଠାରେ ଲାଗି ରହିଥିଲା ଆନନ୍ଦ ଓ ଉଲ୍ଲାସର ମାହୋଲ। ଡଙ୍ଗା ଭସାଇ ପୂଣ୍ୟ ଅର୍ଜନ କରିବା ପାଇଁ ସବୁ ଜଳାଶ୍ରୟରେ ଲାଗି ରହିଥିଲା ଭିଡ଼। ତେବେ କେତେକ ଶିଶୁ ଡଙ୍ଗା ଆଣିବା ଓ ଡଙ୍ଗାରେ ଥିବା କଏନକୁ ସଂଗ୍ରହ କରିବା ପାଇଁ ଯାଇ ପ୍ରାଣ ହରାଇବା ଘଟଣା ଶୋକର ମାହୋଲ ସୃଷ୍ଟି କରିଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଡଙ୍ଗା ପାଇଁ ୬ ଜଣ ନିଷ୍ପାପ ଶିଶୁଙ୍କ ଜୀବନ ଯାଇଛି । ମାଲକାନଗିରି ଜିଲ୍ଲା ସଦର ଥାନା ଚମ୍ପାନଗରରେ ଥିବା ଏକ ପୋଖରୀକୁ ଡଙ୍ଗାରେ ଥିବା କଏନ ସଂଗ୍ରହ କରିବାକୁ ଯାଇ ଜଣେ ୧୨ ବର୍ଷର ନାବାଳିକା ବୁଡ଼ି ପ୍ରାଣ ହରାଇଛି। ଡଙ୍ଗାରୁ କଏନ ଆଣୁଥିବା ସମୟରେ ଗୋଡ଼ ଖସିଯିବାରୁ ନାବାଳିକା ଜଣକ ପୋଖରୀରୁ ବାହାରି ପାରିନଥିଲେ। ଅନ୍ୟ ପିଲାମାନେ ଏହାଦେଖି ଭୟଭୀତ ହୋଇ ଘରକୁ ପଳାଇ ଯାଇଥିଲେ। ତେବେ ନାବାଳିକା ଜଣକ ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଖବରପାଇ ଅଗ୍ନିଶମବାହିନୀ ପୋଖରୀରୁ ନାବାଳିକା ସାବିତ୍ରୀ ହନ୍ତାଳଙ୍କ ମୃତଦେହ ଉଦ୍ଧାର କରିଥିଲା। ସେହିପରି ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ପଣିସାପଡ଼ା ଗାଁରେ ଡଙ୍ଗା ଆଣିବାକୁ ଯାଇ ଦୁଇ ନାବାଳିକା ପ୍ରାଣ ହରାଇଛନ୍ତି। ପଣିସାପଡ଼ା ଗାଁର ଦିଲ୍ଲୀପ କୁମାର ଦାସ ଓ ମାନସ ନନ୍ଦଙ୍କ ଦୁଇ କୁନି ଝିଅ ପୋଖରୀରେ ବୁଡ଼ି ପ୍ରାଣ • ପୃଷ୍ଠା ୫ ଦେଖନ୍ତୁ



କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ଭାରତୀୟ ଜୀବନ ବୀମା ନିଗମର ବରିଷ୍ଠ ବିକାଶ ଅଧିକାରୀ ରତିରଞ୍ଜନ ମିଶ୍ରଙ୍କର ଗତକାଲି ହୃଦଘାତରେ ପରଲୋକ ହୋଇଯାଇଛି। ଗୁରୁବାର ସକାଳୁ ସେ ନିଶ୍ୱାସ ନେବାରେ ଅସୁବିଧା ଅନୁଭବ କଟିବାରୁ ତାଙ୍କୁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସିତ ଅବସ୍ଥାରେ ତାଙ୍କର ପରଲୋକ ହୋଇଥିଲା। ଆମ୍ବୁଲାନ୍ସ ଯୋଗେ ତାଙ୍କ ମର ଶରୀରକୁ ଆଣାଯାଇ ତାଙ୍କ ପୈତୃକ ଗ୍ରାମ ଜ୍ୟୋତିପୁର ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଜଣାପଡିଛି। ସେ ଭାରତୀୟ ଜୀବନ ବୀମା ନିଗମର ସୁନାମଧନ୍ୟ ବିକାଶ ଅଧିକାରୀ ଭାବେ ବେଶ ସଫଳତା ଅର୍ଜନ କରିଥିଲେ। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ଓ ଉଦ୍ୟୋଗୀ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁ ଭାରତୀୟ ଜୀବନବୀମା ନିଗମ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଅଫିସ ତରଫରୁ କୁହାଯାଇଛି। ସେ କେନ୍ଦୁଝର ବ୍ରାହ୍ମଣ ମହାସଭାର ସକ୍ରିୟ ସଦସ୍ୟ ରହିବା ସହିତ ଅନେକ ଧାର୍ମିକ ଅନୁଷ୍ଠାନ ସହିତ ଜଡିତ ଥିଲେ। ତାଙ୍କ ଘର କେନ୍ଦୁଝର ଜିଲାର ଜ୍ୟୋତିପୁର ଗ୍ରାମରେ ହୋଇଥିବାବେଳେ କେନ୍ଦୁଝର ପବିତ୍ରଡ଼ିହାରେ ସେ ରହୁଥିଲେ। ତାଙ୍କ ପତ୍ନୀ ଏକ ଘରୋଇ ବିଦ୍ୟାଳୟର ଭାଇସ ପ୍ରିନ୍ସିପାଲ ଥିବାବେଳେ ଝିଅ ଜଣେ ଡାକ୍ତର। ତାଙ୍କ ମୃତ୍ୟୁରେ ସମସ୍ତ ଜ୍ଞାତି କୁଟୁମ୍ବଙ୍କ ସହିତ ଭାରତୀୟ ଜୀବନ ବୀମା ନିଗମ କାର୍ଯ୍ୟାଳୟରେ ଶୋକର ଛାୟା ଖେଳିଯାଇଛି। ଅନେକ ଏଲଆଇସି ଏଜେଣ୍ଟ , ବିକାଶ ଅଧିକାରୀ, କର୍ମଚାରୀ, ଓ କେନ୍ଦୁଝର ବାସୀ ମର ଶରୀର ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

## ଉପଖଣ୍ଡସ୍ତରୀୟ ୩ଦିନିଆ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ



ଭଞ୍ଜନଗର(ଭାସ୍କର ନ୍ୟୁଜ୍): ସ୍ଥାନୀୟ କବି ସମ୍ରାଟ ଷ୍ଟାଡିୟମ ପରିସରରେ ଚାଲିଥିବା ୩ ଦିନିଆ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ଦିବସରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗ୍ରାମାଞ୍ଚଳ ଚାଷୀଙ୍କ ଅର୍ଥନୈତିକ ବିକାଶ ହେଲେ ରାଜ୍ୟ ତଥା ଦେଶର ବିକାଶ ହେବ ବୋଲି ଉଲ୍ଲେଖ କରିଥିଲେ। ଆଧୁନିକ ପ୍ରଣାଳୀ ରେ ନିର୍ମିତ ସମସ୍ତ ପ୍ରକାର କୃଷି ଯନ୍ତ୍ରପାତିକୁ ସରକାର ରିହାତି ଦରରେ ଚାଷୀମାନଙ୍କୁ କୃଷି ବିଭାଗ ମାଧ୍ୟମରେ ଯୋଗାଇ ଦେଉଛନ୍ତି। ପ୍ରକୃତ ହିତାଧିକାରୀଙ୍କ ନିକଟରେ ସରକାରଙ୍କ ସମସ୍ତ ଯୋଜନା ପହଞ୍ଚିଲେ କୃଷି ଓ କୃଷକର ବିକାଶ ହେବ ଏକଥା ଆମ ପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚାହାନ୍ତି। ଚାଷୀର ଆୟ ୨ ଗୁଣା ବୃଦ୍ଧି ପାଇଲେ ଦେଶର ଅଭିବୃଦ୍ଧି ହାର ବଢ଼ିବ। ଏଣୁ ନିଜ ନିଜ ଅଞ୍ଚଳର ଚାଷ ଓ ଚାଷୀଙ୍କ ତାଲିକା ପ୍ରସ୍ତୁତ କରି ସେମାନେ ଯେପରି ବହୁମୁଖୀ ଚାଷ ପ୍ରଣାଳୀ ଆପଣାଇ ନିଜର ବିକାଶ ସହ ଦେଶର ବିକାଶ ରେ ଯୋଗଦାନ ଦେଇପାରିବେ ସେ ଦିଗରେ ସଭିଏଁ କାର୍ଯ୍ୟ କରିବାକୁ ସାଂସଦ ପାଣିଗ୍ରାହୀ ଆହ୍ୱାନ ଦେଇଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭଞ୍ଜନଗର କୃଷି ଜିଲ୍ଲା ଅଧିକାରୀ ବ୍ୟୋମକେଶ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଓ ଜୟନ୍ତୀ ପଢ଼ିଆରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ତିନିଦିନ ଧରି ଚାଲିଥିବା ଏହି ମେଳାରେ ଟ୍ରାକ୍ଟର, ପାୱାର ଟିଲର, ଧାନ ଅମଳ, ଧାନ ରୁଆ, ମଞ୍ଜି ସଫା, ରୋଟାଭେଟର, ଘାସ ଛେଦନ, କୋଡାଖୁସା, ଘାସ କଟା, ଗାତ ଖୋଳା, ଧାନ କଳ, ମକା ଛଡା, ଡାଲି କଳ, ତେଲ କଳ, ମୁଢ଼ି ମିଲ୍, ବିହନ ବୁଣା, ସାର ବୁଣା ଓ ଔଷଧ ସିଞ୍ଚନ ଭଳି ବିଭିନ୍ନ କୃଷି ଯନ୍ତ୍ରପାତି ରିହାତି ବିକ୍ରି ସହ ପ୍ରଦର୍ଶନ କରାଯାଇଥିଲା। ଏହା ସହ ଅଞ୍ଚଳର ଚାଷୀ ମାନଙ୍କୁ ନେଇ କୃଷି ପାଠଶାଳା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହି ମେଳାରେ ବିଭିନ୍ନ ପ୍ରକାର ଅତ୍ୟାଧୁନିକ କୃଷି ଯନ୍ତ୍ରପାତି, ବିଭିନ୍ନ ମହିଳା ଏସଏଚଜି ଗୋଷ୍ଠୀର ଉତ୍ପାଦିତ ଦ୍ରବ୍ୟ ବିକ୍ରି ସହ ସରକାରଙ୍କ ବିଭିନ୍ନ ବିଭାଗର ୨୫ ଷ୍ଟଲ ମେଳାରେ ଖୋଲା ଯାଇଥିଲା। ଭଞ୍ଜନଗର ଉପଖଣ୍ଡ ଅଧିନ ୮ଟି ବ୍ଲକର ଚାଷୀ ଯୋଗ ଦେଇଥିଲେ। ସହକାରୀ କୃଷି ଅଧିକାରୀ ଦିବ୍ୟରଞ୍ଜନ ମାଝୀ ଶେଷରେ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସଦ ପାଣିଗ୍ରାହୀ ଓ ବିଧାୟକ ନାୟକ ବିଭିନ୍ନ ଷ୍ଟଲ୍ ବୁଲି ଦେଖିବା ସହ ଶେଷରେ ତାମନାଡ ମହିଳା ଉତ୍ପାଦିକା ସଂଘ ପକ୍ଷରୁ ଖୋଲା ଯାଇଥିବା କତା କଣ୍ଢେଇ ଷ୍ଟଲ୍ ଦେଖି ବେଶ କିଛି ମୁହୂର୍ତ୍ତ ସେଠାରେ ଅଟକି ଏହି କତା କଣ୍ଢେଇର ବଜାର ଚାହିଦା ପୂରଣ ପାଇଁ ସରକାରୀ ସହାୟତା ରେ ଭଞ୍ଜନଗର ସହର ରେ ଏକ ବଜାର ଗୃହ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ।

## ମଧୁମେହ ସଚେତନତା ଶିବିର

କେନ୍ଦୁଝର(ଭାସ୍କର ନ୍ୟୁଜ): ବିଶ୍ୱ ମଧୁମେହ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଲାବଣ୍ୟ ଛକ ନିକଟରେ ଡା ପ୍ରାଣବନ୍ଧୁ ସେଠୀଙ୍କ ତଥ୍ୟ ଅବଦାନରେ ଜଣସଧାରଣ ମାନଙ୍କୁ ମଧୁମେହ ରୋଗ ସମ୍ପର୍କରେ ଅବଗତ କରିବା ସହିତ ରୋଗର ଲକ୍ଷଣ ଓ ଯୁବପିଢ଼ି ଆଜିର ଜିବନ ଶୈଳୀ ପରିବର୍ତ୍ତନ




ବାବଦରେ ଅବଗତ କରାଯାଇଛି। ଏହି ଅବସରରେ ସନ୍ତୁଳିତ ଖାଦ୍ୟ, ଯୋଗାଭ୍ୟାସ ଓ ଶାରୀରିକ ପରିଶ୍ରମ କଲେ ଆଗାମୀଦିନରେ କିପରି ମଧୁମେହ ରୋଗଙ୍କୁ ଦୁରାଇ ପରିବା ସେ ବାବଦରେ ଡ଼ା ସେଠୀ ଆଲୋକପାତ କରିଥିଲେ। ଏହି ଅବସରରେ କେନ୍ଦୁଝର ଲାବଣ୍ୟ ଛକ ଠାରେ ମଧୁମେହ ସଚେତନତା ପତ୍ର ବଣ୍ଟା ଯାଇଥିଲା । ଏଭଳି କାର୍ଯ୍ୟକ୍ରମକୁ ନେଇ ସହର ବାସୀ ଙ୍କ ମଧ୍ୟରେ ଆତ୍ମସନ୍ତୋଷ ପ୍ରକାଶ ପାଇଛି। ଏହି କାର୍ଯ୍ୟକ୍ରମକୁ ଧବଳେଶ୍ୱର ସାହୁ, ଅନୁଜ ଘଡାଇ, ବାମନ ସାମଲ, ଧର୍ମେନ୍ଦ୍ର ସାହୁ , ଜଗମୋହନ ସାହୁ , ପପୁ ଲେଙ୍କା, ରାଜା , ସଞ୍ଜା, ମାନସ, ସୁନିଲ, ସୁଶାନ୍ତ, ମନୋଜ ଶର୍ମା ପ୍ରମୁଖ ସହଯୋଗ କରିଥିଲେ ।

## ସାଂସଦ ଓ ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ



ଭଞ୍ଜନଗର(ଭାସ୍କର ନ୍ୟୁଜ୍): ଭଞ୍ଜନଗର ବ୍ଲକ ଅନ୍ତର୍ଗତ ବଡକୋଦଣ୍ଡା ଏବଂ ଡୁମାକୁମ୍ପା ପଞ୍ଚାୟତର ବିଭିନ୍ନ ଉନ୍ନୟନ ପ୍ରକଳ୍ପକୁ ଉଦଘାଟନ କରିଛନ୍ତି, କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଏବଂ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ । ଭଞ୍ଜନଗର ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ ଅର୍ଥର ଅଭାବ ରହିବ ନାହିଁ । ଡହଠାରେ ଅନୁଷ୍ଠିତ ସାଧାରଣ ସଭାରେ ନିଜ ଅଭିଭାଷଣରେ କହିଥିଲେ, ବିଧାୟକ ଶ୍ରୀ ନାୟକ । ଏହାସହ ଡହ ଜଳଭଣ୍ଡାର ଏବଂ ରାସ୍ତାର ବିକାଶ ପାଇଁ ବିପୁଳ ଅର୍ଥ ବ୍ୟୟ ହେବ। ଏଥିପାଇଁ ଡିପିଆର୍ ପ୍ରସ୍ତୁତ ଚାଲିଛି । ଆସନ୍ତା ବର୍ଷା ଋତୁ ପୂର୍ବରୁ ଡହ ଜଳଭଣ୍ଡାରରେ ପୋତି ହୋଇଯାଇଥିବା ମାଟି ବାହାର କରାଯିବ । ତେଣୁ ଏନେଇ ଆବଶ୍ୟକ ପଦକ୍ଷେପ ନିଆଯାଉଛି ବୋଲି କହିଥିଲେ। ଏହାପରେ ସେ ବାପାଙ୍ଗି ମନ୍ଦିର ଏବଂ ଡହ ଜଳଭଣ୍ଡାର ପରିଦର୍ଶନ କରିଥିଲେ, ବିଧାୟକ। ଉକ୍ତ ମନ୍ଦିର ଏବଂ ଜଳଭଣ୍ଡାରର ମଧ୍ୟ କିଭଳି ବିକାଶ ହୋଇପାରିବ ସେନେଇ ବିଭିନ୍ନ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଆୟୋଜିତ ସାଧାରଣ ସଭାକୁ, ବ୍ଲକ ସାଂସଦ ପ୍ରତିନିଧି ରବିନ୍ଦ୍ର ଗୌଡ ସଂଯୋଜନା କରିଥିଲେ । ଉଦଘାଟନୀ ଉତ୍ସବ ଗୁଡ଼ିକରେ କନ୍ଧମାଳ ଏମପି ସୁକାନ୍ତ କୁମାର ପାଣିଗ୍ରାହୀ, ସାଂସଦଙ୍କ ନଗର ପ୍ରତିନିଧି ସନ୍ତୋଷ ତିଆଡ଼ି, ଗଞ୍ଜାମ ଜିଲ୍ଲା ପରିଷଦର କନ୍ଧମାଳର ସାଂସଦ ପ୍ରତିନିଧି ଶିବ ଶଙ୍କର ପ୍ରଧାନ, ଭାଜପା ନେତା ନୀଳ ମାଧବ ପାତ୍ର, ମାନସ ଜେନା, ସରପଞ୍ଚ ସ୍ୱପ୍ନା ନାୟକ, ସମିତିସଭ୍ୟ ଝୁମୁରୀ ବେହେରା, ବଡ଼କୋଦଣ୍ଡା ସରପଞ୍ଚ, ଡହ ଜଳସେଚନ ବିଭାଜନ ସହକାରୀ ନିର୍ବାହୀ ଯନ୍ତ୍ରୀ ପଞ୍ଚୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ସୋଲାର ପ୍ଲେଟ୍ ଚୋରି

କୋରୁକୋଣ୍ଡା (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ମାଡକାପଦର ପଞ୍ଚାୟତ ବାହାଦୁରଗୁଡ଼ା ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ପାନୀୟଜଳ ଯୋଗାଣ ପାଇଁ ଲଗାଯାଇଥିବା ସୋଲାର ପ୍ଲେଟ୍ ଚୋରି ହୋଇଯାଇଛି। ସେହିଦିନଠାରୁ ଏହି ପ୍ରକଳ୍ପଟି ଅଚଳ ଥିବାରୁ ପାନୀୟଜଳ ସମସ୍ୟା ଦେଖାଦେଇଛି। ଗ୍ରାମବାସୀ, ଅଙ୍ଗନୱାଡି କର୍ମୀ ଅଭିଯୋଗ କରିବା ପରେ ବି ତାହାକୁ କାର୍ଯ୍ୟକ୍ଷମ କରାଯାଇପାରି ନାହିଁ ବୋଲି ସେମାନେ କହିଛନ୍ତି । ଏହି କେନ୍ଦ୍ରର ଅଳ୍ପ ଦୂରରେ ୧୯ ପିଲା ପଢୁଥିବା ଏକ ବିଦ୍ୟାଳୟ ରହିଛି, ଯାହାକି ଗ୍ରାମକୁ ସଂଯୋଗ କରୁଥିବା ଏକ କଂକ୍ରିଟ ରାସ୍ତା ଯୋଗୁ ପରସ୍ପରଠାରୁ ଅଲଗା ପାଚେରୀରେ ରହିବାକୁ ବାଧ ହେଉଛନ୍ତି। ପ୍ରକଳ୍ପରେ ନିୟୋଜିତ ଠିକାଦାର ନାମକୁ ମାତ୍ର ଏକ ପାଣି ଟ୍ୟାପ୍ ବାହାରେ କାନ୍ଥରେ ହାଲୁକା ଭାବେ ଲଗାଇ ଦେଇଥିଲେ ଯାହାକି ବାହାର ପଟେ ଥିବାରୁ ପିଲାଙ୍କ କାମରେ ଲାଗିବା ପୂର୍ବରୁ ତାହା ଭାଙ୍ଗିଯାଇଛି ବୋଲି ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟା ସଭ୍ୟ କହିଛନ୍ତି । ଅଚଳ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା ସହ ପିଲା କିପରି ଏହି ପାନୀୟ ଜଳ ପାଇପାରିବେ ସେ ଦିଗରେ ଜଳ ଯୋଗାଣ ଓ ପଞ୍ଚାୟତିରାଜ ବିଭାଗ ଯୋଜନାକରି ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାଣୀତୀର୍ଥରେ ଶିଶୁ ଦିବସ ପାଳିତ



କରଞ୍ଜିଆ (ଭାସ୍କର ନ୍ୟୁଜ୍): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାଣୀତୀର୍ଥ, କରଞ୍ଜିଆ ଠାରେ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜନ୍ମଦିବସ ଯଥାରୀତି ପାଳିତ ହୋଇ ଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମହେନ୍ଦ୍ର କୁମାର ସାହୁଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରି ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ କୁନି କୁନି ଭାଇ ଭଉଣୀ ମାନେ ମହାନ୍ ନେତାଙ୍କ ଜନ୍ମ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ମନୋହର ପାତ୍ର ଶିଶୁ ଭାଇଭଉଣୀଙ୍କୁ ଉକ୍ତ ମହାନ୍ ଆତ୍ମାଙ୍କ ବାଲ୍ୟଜୀବନୀ ତଥା ତାଙ୍କର ଉଲ୍ଲେଖନୀୟ କୃତିତ୍ୱ ଓ ଶିଶୁଙ୍କର କର୍ତ୍ତବ୍ୟ ସମ୍ବନ୍ଧରେ ଅଭିଭାଷଣ ରଖିଥିଲେ। ଶେଷରେ ବରିଷ୍ଠ ଆଚାର୍ଯ୍ୟା। ସୁଶ୍ରୀ ପ୍ରଭା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତଙ୍କର ସହଯୋଗରେ କାର୍ଯ୍ୟକ୍ରମଟି ସୂଚାରୁରୂପେ ସମ୍ପାଦିତ ହୋଇଥିଲା ।

## ଜିଲ୍ଲାସ୍ତରୀୟ ଶିଶୁ ଦିବସରେ ଦୁକାନ ଯାତ୍ରା କାର୍ଯ୍ୟକ୍ରମ



ଝାରସୁଗୁଡ଼ା(ଭାସ୍କର ନ୍ୟୁଜ): ଶିଶୁମାନଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ ଓ ସୃଜନଶୀଳତାକୁ ବିକଶିତ କରିବା ପାଇଁ ସେମାନଙ୍କୁ ପ୍ରୋତ୍ସାହନ ଜରୁରୀ ବୋଲି ଶିଶୁ ଦିବସ ଉପଲକ୍ଷେ ଆୟୋଜିତ ଦୁକାନ ଯାତ୍ରା କାର୍ଯ୍ୟକ୍ରମ ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଓ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମତ ଦେଇଛନ୍ତି। ସ୍ଥାନୀୟ ଏମ୍‌ସିଏଲ୍ କମ୍ୟୁନିଟି ହଲ ଠାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲ୍ଲାର ୬୫ଟି ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ବିଦ୍ୟାଳୟ ସ୍ତରରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଉଦ୍ୟୋଗୀ ମନୋଭାବ ସୃଷ୍ଟି କରିବା ଓ ଶିକ୍ଷା ଗ୍ରହଣ ସହିତ ଅବସର ସମୟରେ କିଛି ନିଆରା କରିବାର ମନୋବୃତ୍ତିକୁ ପ୍ରୋତ୍ସାହନ ଦେବା କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ ବୋଲି ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେ ଉଲ୍ଲେଖ କରିଛନ୍ତି। ଏହି ଅବସରରେ ଆୟୋଜିତ ୬୫ଟି ଷ୍ଟଲରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ହସ୍ତକଳା, ଅଦରକାରୀ ବସ୍ତୁରୁ କଳାତ୍ମକ କୃତି, ସାଜସଜ୍ଜା ବସ୍ତୁ, କପଡ଼ାରୁ ପ୍ରସ୍ତୁତ ସମ୍ବଲପୁରୀ ଗହଣା, ଚାରାବୃକ୍ଷ ଓ ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ ସ୍ମିତ ପି ପରମାର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡ଼ତିଆ, ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସମେତ ଶିକ୍ଷକ ଶିକ୍ଷୟତ୍ରୀ ତଥା ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

## ନେସନ୍ ବିଲଡର ଆୱାର୍ଡ ପ୍ରଦାନ କାର୍ଯ୍ୟକ୍ରମ



ତାଳଚେର(ଭାସ୍କର ନ୍ୟୁଜ୍): ତାଳଚେର ରୋଟାରୀ କ୍ଲବ ତରଫରୁ ନେସନ୍ ବିଲ୍ଡର ଆୱାର୍ଡ ପ୍ରଦାନ ଉତ୍ସବ ଏବଂ ବହୁବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଜିଲ୍ଲା ଗଭର୍ଣ୍ଣର ଜିଜ୍ଞାସିଶ୍ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ । ସମସ୍ତ ସଭ୍ୟ ଏବଂ ସଭ୍ୟାମାନଙ୍କୁ ଏକତ୍ର ଭାବେ ସମାଜ କଲ୍ୟାଣ ଦିଗରେ କାର୍ଯ୍ୟ କରିବା ନେଇ ଉଦ୍‌ବୋଧନ ଦେଇଥିଲେ । ତାଳଚେର ରୋଟାରୀ କ୍ଲବର ସଭାପତି ଜ୍ୟୋତ୍ସ୍ନାରାଣୀ ମହାରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ରୋଟାରୀ କ୍ଲବର ସଫଳତା ଏବଂ ବିଶେଷ କରି ତାଳଚେରର ଅବହେଳିତ, ସମାଜରେ ନିମ୍ନସ୍ତରର ଲୋକଙ୍କ ପାଇଁ କାର୍ଯ୍ୟ କରିବା ଉପରେ ବକ୍ତବ୍ୟ ହେଉଥିଲେ । ଏହି ଅବସରରେ ତାଳଚେରର ରାମକୃଷ୍ଣ ବିଦ୍ୟାମନ୍ଦିର ପରିସରରେ ଛାତ୍ରଛାତ୍ରୀମାନଙ୍କ ପାଇଁ ପାଠ୍ୟ ଉପକରଣ ପ୍ରଦାନ ସହ ଏକ ପାନୀୟ ଜଳ କେନ୍ଦ୍ର ଉଦ୍ଘାଟନ କରିଥିଲେ । ଏହା ପରେ ବସଷ୍ଟାଣ୍ଡ ଠାରେ ଦରିଦ୍ର୍ୟ ଲୋକଙ୍କୁ ଛତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ତାଳଚେର ଏମ୍.ଭି.ଆଇ.ଙ୍କ ଉପସ୍ଥିତିରେ ସମସ୍ତ ସଭ୍ୟ/ସଭ୍ୟା ଓ ସମାଜସେବୀଙ୍କ ଗହଣରେ ବାଇପାସ୍ ଠାରେ ଏକ ସଚେତନତା ଶୋଭାଯାତ୍ରା ମାଧ୍ୟରେ ସଡକ ସୁରକ୍ଷାର ବାର୍ତ୍ତା, ହେଲ୍ମେଟ୍ ବିହିନ ଗାଡି ଚାଳକ ମାନଙ୍କୁ ହେଲ୍ମେଟ୍ ପିନ୍ଧି ଗାଡି ଚଳାଇବା ପାଇଁ ବୁଝାଇଥିଲେ । ଏହା ସହିତ ହେଲମେଟ୍ ପିନ୍ଧିଥିବା ଚାଳକମାନଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରାଯାଇଥିଲା । ଏହି ଅବସରରେ ସାଧାରଣ ସଂପାଦିକା ଡକ୍ଟର ସସ୍ମିତା ସାହୁଙ୍କ ନେତୃତ୍ୱରେ ସ୍ଥାନୀୟ ଏସ୍.ଏସ୍.ହସ୍ପିଟାଲ୍‌ରେ ଗରିବ ଲୋକମାନଙ୍କର ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା । ଅପରାହ୍ନରେ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ନେସନ୍ ବିଲ୍ଡର ଆୱାର୍ଡ ପ୍ରଦାନ ଉତ୍ସବ ରୋଟାରୀ କ୍ଲବର ସଭାନେତ୍ରୀ ଜ୍ୟୋତ୍ସ୍ନାରାଣୀ ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନାରୀନେତ୍ରୀ ତଥା ବିକାଶ ଫାଉଣ୍ଡେସନ୍‌ର ଅଧ୍ୟକ୍ଷା ମୃଦୁଳା ଠାକୁର ପ୍ରଧାନ ଯୋଗଦେଇ ତାଳଚେର ରୋଟାରୀ କ୍ଲବର ବହୁବିଧ ଉନ୍ନତିମୂଳକ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ଏହି ଉତ୍ସବରେ ବିଭିନ୍ନ ପ୍ରାନ୍ତରୁ ବହୁ ରୋଟାରୀଆନ୍ ଯୋଗ ଦେଇଥିଲେ । ସମାଜସେବୀ ତଥା ରୋଟାରିଆନ୍ ଗୁର୍ଣ୍ଣ ସିଂ ରାଠୋର ମୁଖ୍ୟ ପୁରୋଧା ଭାବେ ସହଯୋଗ କରିଥିଲେ। ରୋଟାରିଆନ୍ ସାକ୍ୟସିଂ ପଟ୍ଟନାୟକ, ଅମୀୟବାଳା ପଟ୍ଟନାୟକ, ନୁପୁର ସୁର ପ୍ରମୁଖ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିବାବେଳେ ରୋଟାରିଆନ୍ ବଜରଙ୍ଗ ଅଗ୍ରୱାଲା, ସ୍ୱାପ୍ନାରାଣୀ ମିଶ୍ର, ସମାଜସେବୀ ଜିତେନ୍ଦ୍ର ମହାପାତ୍ର, ବାପି ମହାନ୍ତି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉତ୍ସାହିତ କରିଥିଲେ ।

## କାର୍ତ୍ତିକ ପୂର୍ଣ୍ଣିମା ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ): ପାରଳାଖେମୁଣ୍ଡି ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପାରଳା କଳା ସଂସ୍କୃତି ସେବା ଟ୍ରଷ୍ଟ ଦ୍ୱାରା ଆୟୋଜିତ କାର୍ତ୍ତିକ ପୂର୍ଣ୍ଣିମା ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା, ଏହି ଭଜନ ସନ୍ଧ୍ୟାରେ ଓଡିଶାର ଜଣାଶୁଣା ସୁନାମଧନ୍ୟ କଣ୍ଠଶିଳ୍ପୀ ଭଜନ ପରିବେଷଣ କରିଥିଲେ ଏହିଭଳି କାର୍ଯ୍ୟକ୍ରମ କରିଥିବାରୁ ପାରଳାବାସୀ ଆୟୋଜକ ତଥା ହାଇଟେକ ଗ୍ରୁପ ଅଧ୍ୟକ୍ଷ ଡ଼ଃ ତିରୁପତି ପାଣିଗ୍ରାହୀ ଓ ପାରଳା ବିଧାୟକ ରୁପେଶ ପାଣିଗ୍ରାହୀଙ୍କୁ ଧନ୍ୟବାଦ ଜଣାଇଛନ୍ତି, ଏହି ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅତିଥିଭାବେ ମାନ୍ୟବର ମୋହନା ବିଧାୟକ ଦାଶରଥି ଗମାଙ୍ଗ, ଆରକ୍ଷୀ ଅଧକ୍ଷ ଜିତେନ୍ଦ୍ର ପଣ୍ଡା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଡ଼ଃ ଗୁଣନିଧି ନାୟକ, ସମସ୍ତ ଅଧକ୍ଷ ଅଧକ୍ଷା, ଜିଲ୍ଲାପରିଷଦ ଓ ବିଜୁପ୍ରେମୀ କର୍ମୀ ଉପସ୍ଥିତି ଥିଲେ

## ନିଖିଳ ଭାରତ ସମବାୟ ସପ୍ତାହ ପାଳନ ସମାରୋହରେ ଗଣଦୌଡ



କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲା ସମବାୟ ବିଭାଗ, ସମବାୟ ବ୍ୟାଙ୍କ ଓ ସମବାୟ ସଂଘର ମିଳିତ ଆନୁକୂଲ୍ୟରେ ଜିଲ୍ଲାରେ ୭୧ତମ ନିଖିଳ ଭାରତ ସମବାୟ ସପ୍ତାହ-୨୦୨୪ ର ଶୁଭାରମ୍ଭ ହୋଇଯାଇଛି। ନଭେମ୍ବର ୧୪ ରୁ ୨୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଜିଲ୍ଲାରେ ସମବାୟ ବାର୍ତ୍ତା ପ୍ରଚାର ପ୍ରସାର ନିମନ୍ତେ ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀ, କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କର କର୍ମଚାରୀ, ସମବାୟ ବିଭାଗର କର୍ମଚାରୀ ଓ ସ୍ୱେଚ୍ଛାସେବୀଙ୍କୁ ନେଇ ଏକ ଗଣଦୌଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ କେନ୍ଦୁଝର ଜିଲାର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ମନ୍ଦିରଠାରୁ କେନ୍ଦୁଝର ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ବନଖଣ୍ଡୀ ଅଧିକାର ଧନରାଜ ଏଚ୍‌ଡି ମୁଖ୍ୟ ଅତିଥି ଭାବେ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି କାନନ ବିହାରୀ ପହି, ସମବାୟ ସଂଘ ସଭାପତି ଅଟଳ ବିହାରୀ ଶତପଥି, ଡିଆରସିଏସ୍ ଶୁଭ୍ରକାନ୍ତି ତୁଙ୍ଗ ଓ କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ଦାଶ ପ୍ରମୁଖ ଉପସ୍ଥିତ ରହି ସବୁଜ ପତାକା ହଲାଇ ଗଣଦୌଡ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଗଣଦୌଡ ପରେ କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କର ପରିସରରେ ସମବାୟ ପତାକା ସଭାପତି କାନନ ବିହାରୀ ପହିଙ୍କ ଦ୍ୱାରା ଉତ୍ତୋଳନ କରାଯାଇ ବିଧିବଦ୍ଧଭାବେ ୭୧ତମ ନିଖିଳ ଭାରତ ସମବାୟ ସପ୍ତାହ ଶୁଭାରମ୍ଭ କରାଯାଇଥିଲା। ଏହାର ଉଦଯାପନୀ ଉତ୍ସବ ଆସନ୍ତା ୨୦ ତାରିଖରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ଧାର୍ଯ୍ୟ କରାଯାଇଛି ।

## ପିଏମ ପୋଷଣ ଯୋଜନା ||||||||
## ବିଦ୍ୟାଳୟରେ ଟଙ୍ଗାଯାଉନି ଭୋଜନ ଫଳକ

ମାଲକାନଗିରି(ଭାସ୍କର ନ୍ୟୁଜ୍): ଜିଲ୍ଲାରେ ପ୍ରହସନ ପାଲଟିଛି ପିଏମ ପୋଷଣ ଯୋଜନା। ଅଧିକାଂଶ ସ୍କୁଲରେ ଟଙ୍ଗା ଯାଉନି ମଧ୍ୟାହ୍ନ ଭୋଜନ ସୂଚନା ଫଳକ । ଭୋଜନ ପ୍ରସ୍ତୁତ ତାଲିକା ପ୍ରଦର୍ଶନ ପାଇଁ ପ୍ରତି ସ୍କୁଲକୁ ସରକାରଙ୍କ ପକ୍ଷରୁ ୫ ହଜାର ଟଙ୍କା ପ୍ରଦାନ କରାଯାଉଛି । ହେଲେ କାଳେ କିଛି ଭୁଲ ଧରାପଡ଼ିଯିବ ବୋଲି ଦାୟିତ୍ୱରେ ଥିବା ଶିକ୍ଷକ ଶିକ୍ଷୟିତ୍ରୀ ଏହାକୁ ଲୁଚାଇ ରଖୁଛନ୍ତି। ପ୍ରକାଶ ଥାଉକି, ସରକାରୀ ସ୍କୁଲ ଗୁଡ଼ିକରେ ମଧ୍ୟାହ୍ନ ଭୋଜନରେ ପିଲାଙ୍କୁ ସପ୍ତାହର ଭିନ୍ନ ଭିନ୍ନ ବାରରେ ଭିନ୍ନ ଭିନ୍ନ ତରକାରୀ ଦିଆଯାଉଛି। କେଉ ଶ୍ରେଣୀର ପିଲାଙ୍କୁ କେତେ ଗ୍ରାମ ଚାଉଳର ଭାତ, କେତେ କ୍ୟାଲୋରୀ ଶକ୍ତି, କେଉଁଦିନ କଣ ରହିଛି ଏସବୁର ଏକ ତାଲିକା ସ୍କୁଲ ପରିସରରେ ଟଙ୍ଗା ହେବା କଥା। ଏଥି ସ ?ହିତ ସୂଚନା ଫଳକରେ ଜରୁରିକାଳୀନ ଫୋନ୍ ନମ୍ବର, ଛାତ୍ରଛାତ୍ରୀଙ୍କ ଅଧିକାର, ସାପ୍ତାହିକ ବିବରଣୀ ବିଦ୍ୟାଳୟ କାନ୍ଥରେ ରଙ୍ଗ ଦେଇ ଲେଖାଯିବ। ଗତ ଜାନୁଆରୀ ୧୬ ପତ୍ରସଂଖ୍ୟା ୪୦ ରେ ଜିଲ୍ଲା ନୋଡାଲ ଅଫିସ ?ଙ୍କ ମାଧ୍ୟମରେ ୫ ହଜାର ଲେଖାଏଁ ଟଙ୍କା ପ୍ରତ୍ୟେକ ପ୍ରଧାନଶିକ୍ଷକ କିମ୍ବା ଭୋଜନ ବ୍ୟାଙ୍କ ଆକାଉଣ୍ଟ କୁ ପ୍ରଦାନ କରାଯାଇଛି। ଏହାର ଖର୍ଚ୍ଚ କିପରି କରା ?ଯିବ ଗାଇଡ଼ ଲାଇନ୍ ବି ଦିଆଯାଇଛି। କିନ୍ତୁ ଦୁର୍ଭାଗ୍ୟର କଥା ପ୍ରଶାସନର ଟଙ୍କା ଆସିବାର ପ୍ରାୟ ୧ ବର୍ଷ ବିତିବା କୁ ଯାଉଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପ୍ରାୟ ସ୍କୁଲରେ ଏହାକୁ କାର୍ଯ୍ୟକାରୀ କରାଯାଇ ନଥିବା ଦେଖିବାକୁ ମିଳିଛି। କେତେକ ସ୍କୁଲରେ କାମ ନକରି ପୁରୁଣା କାମକୁ ସଦ୍ୟ କାମ ଦର୍ଶାଯାଇଛି। ଆଉ କିଛି ସ୍କୁଲରେ ଟଙ୍କା ଉଠାଇ ନିରବ ରହିଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହୋଇଛି।

## ବିର୍ସା ମୁଣ୍ଡାଙ୍କ ଜୟନ୍ତୀରେ ବହୁଜନ ସମାଜ ପାର୍ଟିର ବୃହତ୍ ସମାବେଶ




ବିଷମକଟକ(ଭାସ୍କର ନ୍ୟୁଜ): ଭଗବାନ ବିର୍ସା ମୁଣ୍ଡାଙ୍କ ୧୪୯ ତମ ଜନ୍ମ ଜୟନ୍ତୀରେ ବହୁଜନ ସମାଜ ପାର୍ଟି (ବିଏସ୍‌ପି ) ଏକ ବୃହତ୍ ସମାବେଶ ଆୟୋଜନ କରି ଭଗବାନ ବିର୍ସା ମୁଣ୍ଡା ଙ୍କ ବିଚାର କୁ ସମ୍ମାନ ଦେଇଥିଲେ। ରାୟଗଡା ଜିଲ୍ଲା ବିଷମକଟକ ବ୍ଲକ ସଦର ମିନି ଷ୍ଟାଡିଅମ ଠାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ପାଞ୍ଚ ହଜାରରୁ ଅଧିକ ଲୋକ ଆସିଥିଲେ ସକାଳ ଏଗାର ଘଣ୍ଟା ସମୟରେ ସହର ପରିକ୍ରମା କରି ନୂତନ ବସଷ୍ଟାଣ୍ଡ ରେ ଥିବା ଭୀମ ରାଓ ଆମ୍ବେଦକର ପ୍ରତିମୂର୍ତ୍ତିରେ ଅଲ ଇଣ୍ଡିଆ ସିଡୁଲ କାଷ୍ଟ ଫେଡେରେସନର ଧନଞ୍ଜୟ ଦୀପ ପୁଷ୍ପ ମାଲ୍ୟ ଅର୍ପଣ କରି ନିକଟରେ ଥିବା ସୁବାସ ବୋଷଙ୍କ ମୂର୍ତ୍ତିରେ ଜିତୁ ଜାକେଶିକା ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ। ସ୍ଥାନୀୟ ଓ ଦୂର ଅଞ୍ଚଳରୁ ଲୋକମାନେ ସାମିଲ ହୋଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଧନଞ୍ଜୟ ଦୀପ ସାର, ସମ୍ମାନୀୟ ଅତିଥି ଭାବେ ଜିଲ୍ଲା ପ୍ରଭାରୀ ପୂର୍ଣ୍ଣ ଟାକ୍ରୀ, ଜିଲ୍ଲା ସଭାପତି ଜିତୁ ଜାକେଶିକା, ସାଧାରଣ ସମ୍ପାଦକ ରବୀନ୍ଦ୍ର ଗରଡ଼ିଆ, କୋଷାଧ୍ୟକ୍ଷ କରୁଣା କର ପଲକୀୟା ,ସିନିଅର ନେତା ଶିବ ପ୍ରାସ୍କା, ସମେତ ଅନ୍ୟ ନେତାମାନେ ବି ଉପସ୍ଥିତ ଥିଲେ । ବହୁଜନ ସମାଜ ପାର୍ଟିର ନେତାମାନେ ତାଙ୍କର ମୁଖ୍ୟ ଭୂମିକାରେ ରହିବା ସହିତ ବିର୍ସା ମୁଣ୍ଡାଙ୍କର ସଂଘର୍ଷ ଏବଂ ସମାଜ ସୁଧାର ଉପରେ ଉଦ୍‌ବୋଧନ ଦେଇଥିଲେ। ସଭାରେ ଉପସ୍ଥିତ ନେତାମାନେ ବିର୍ସାଙ୍କ ଆଦର୍ଶର ସମ୍ମାନରେ ଜାତି ଓ ବର୍ଗ ସମତା, ଆଦିବାସୀ ସ୍ୱାଭିମାନ, ଏବଂ ସାମାଜିକ ଆନ୍ଦୋଳନର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ବହୁଜନ ସମାଜ ପାର୍ଟିର ମୁଖ୍ୟ ନେତୃତ୍ୱ ପକ୍ଷରୁ କହାଯାଇଥିଲା ଯେ, 'ବିର୍ସା ମୁଣ୍ଡା ଆମ ସମାଜରେ ସେମାନଙ୍କର ଅବଦାନ କାରଣେ ଅମର ଅଛନ୍ତି । ସେ ଆମକୁ ସାମାଜିକ ଏବଂ ରାଜନୀତିକ ଆନ୍ଦୋଳନରେ ସାମିଲ ହେବାକୁ ପ୍ରେରିତ କରିଥିଲେ । ଏହି ସମାବେଶରେ ବିର୍ସା ମୁଣ୍ଡାଙ୍କ ଆଦର୍ଶରେ ଚାଲିବା ପାଇଁ ସଂକଳ୍ପ ନିଆଯାଇଥିଲା ଏବଂ ଲୋକମାନେ ସାମାଜିକ ସମାନତା ଏବଂ ଅଧିକାର ପାଇଁ ଲଢ଼ିବାର ପ୍ରତିଜ୍ଞା କରିଥିଲେ।

## ଅଭିଭାବକ - ଶିକ୍ଷକ ସମ୍ମିଳନୀ



ତାଳଚେର(ଭାସ୍କର ନ୍ୟୁଜ): ସାଉଥ ବଲଣ୍ଡା ସ୍ଥିତ ନୀଳକଣ୍ଠେଶ୍ୱର ଡିଗ୍ରୀ ମହାବିଦ୍ୟାଳୟ ରେ ଅଭିଭାବକ - ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ବଳଭଦ୍ର ଜେନାଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶତାଧିକ ଅଭିଭାବକ ଯୋଗଦେଇ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କର ସମସ୍ତ ସୁବିଧା ଏବଂ ସମସ୍ୟା ସମ୍ପର୍କରେ ଶିକ୍ଷକ ମଣ୍ଡଳୀ ସହିତ ଆଲୋଚନା କରିଥିଲେ। ଅଧ୍ୟକ୍ଷ ଡ. ଜେନା ମହାବିଦ୍ୟାଳୟର ବିଭିନ୍ନ ଛାତ୍ର କଲ୍ୟାଣ କାର୍ଯ୍ୟକ୍ରମ ତଥା ଆଗାମୀ ଯୋଜନା ସମ୍ପର୍କରେ ଅବଗତ କରାଇବା ସହିତ ଅଭିଭାବକ ମାନେ ପିଲାମାନଙ୍କର ଶାରୀରିକ ଓ ମାନସିକ ସୁସ୍ଥତା ତଥା ସାମାଜିକ ଆଚରଣ ଉପରେ ଗୁରୁତ୍ୱ ଦେବାକୁ ଅନୁରୋଧ କରିଥିଲେ। ମହାବିଦ୍ୟାଳୟରେ ଏକ ସୁନ୍ଦର ପରିବେଶ ଗଠନ ପାଇଁ ଅଭିଭାବକ ମାନଙ୍କର ସହଯୋଗ କାମନା କରିଥିଲେ ଏବଂ ଏଥିପାଇଁ ଅଭିଭାବକ ଓ ଅଧ୍ୟାପକ ଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା। ନୂଆ ଶିକ୍ଷାନୀତି ୨୦୨୦ର କାର୍ଯ୍ୟକାରିତା , ଶୃଙ୍ଖଳିତ ଭୟ ମୁକ୍ତ କ୍ୟାମ୍ପସ ଗଠନ , ପରୀକ୍ଷା ପଦ୍ଧତି, ମହାବିଦ୍ୟାଳୟ ରେ କାର୍ଯ୍ୟକାରୀ ହେଉଥିବା ଛାତ୍ର ବୃତ୍ତି ,ବାର୍ଷିକ ଖେଳକୁଦ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ଓ ସେବା ଯୋଜନା, ଯୁବ ରେଡକ୍ରସ୍, ରୋଭର୍ ରେଞ୍ଜର ବିଭାଗ ବିଷୟରେ ଆଲୋଚନା କରାଯାଇଥିଲା। ବରିଷ୍ଠ ଅଧ୍ୟାପକ ମନ୍ଦାକିନୀ ତୁଙ୍ଗ, ଲଲାଟେନ୍ଦୁ ଗଡ଼ନାୟକ, ମନୋରଞ୍ଜନ ଘଡ଼ାଇ, ଶୁଭଦର୍ଶିନି ମହାପାତ୍ର , ଡ.ମଧୁମିତା ରାଉତରାୟ, ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଓଡ଼ିଆ ସାହିତ୍ୟ ବିଭାଗ ମୁଖ୍ୟ ଅଧ୍ୟାପକ ଡ. ଦୀପକ କୁମାର ପ୍ରଧାନ ସଭା କାର୍ଯ୍ୟ ପରିଚାଳନା କରିଥିଲେ ଏବଂ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ମନ୍ଦାକିନୀ ତୁଙ୍ଗ ଧନ୍ୟବାଦ୍ ପ୍ରଦାନ କରିଥିଲେ। ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀମାନେ କାର୍ଯ୍ୟକ୍ରମ ଆୟୋଜନ ରେ ସହାୟତା କରିଥିଲେ।



ଭୁବନେଶ୍ୱର (ଭାସ୍କର ନ୍ୟୁଜ): ବୀର ସୁରେନ୍ଦ୍ର ସାଏ ନଗରସ୍ଥିତ ଗଡ଼େଶ୍ୱରହାଟ ବଣିକସଂଘ ପକ୍ଷରୁ ଦ୍ୱିତୀୟ ବୋଇତ ବନ୍ଦାଣ ଉତ୍ସବ ଓ କାର୍ତ୍ତିକେଶ୍ୱର ପୂଜା ମହାସମାରୋହରେ ପାଳିତ ହୋଇଯାଇଛି। କୃତ୍ରିମ ଜଳାଶୟକୁ ସବୁଜିମାମୟ ପରିବେଶ, ଗାଁ ପୋଖରୀର ଶୋଭାମଣ୍ଡିତ କରିଥିବା ଭଳି ମନେ ହେଉଥିଲା। ପ୍ରତ୍ୟୁଷରୁ ବଣିକସଂଘ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ଆରମ୍ଭ ହୋଇଥିଲା। ସଭପତି ଲକ୍ଷ୍ମଣ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ନିଖିଳ ଓଡ଼ିଶା ପାଇକ ମହାସଂଘ ରାଜ୍ୟ ସଭାପତି ଅଶୋକ କୁମାର ପାଲଟାସିଂହ ଯୋଗଦାନ କରିଥିଲେ। କଳିଙ୍ଗର ଐତିହ୍ୟ, ସଂସ୍କୃତି, ବୀରତ୍ୱର ଗାଥା ସହିତ ସାଧବ ପୁଅର ନୌବାଣିଜ୍ୟର ଇତିହାସ ଉପରେ ଆଲୋକପାତ କରିଥିଲେ। ଏହି ଉତ୍ସବରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ସଙ୍ଗୀତକାର ପୂର୍ଣ୍ଣଚନ୍ଦ୍ର ସାହୁ ଓ ସାଥୀମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ବୋଇତ ବନ୍ଦାଇବା ପାଇଁ ଆସୁଥିବା ସମସ୍ତଙ୍କ ପାଇଁ କାର୍ତ୍ତିକେଶ୍ୱରଙ୍କ ପ୍ରସାଦ ଖିରିର ଆୟୋଜନ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ମନୋରଞ୍ଜନ ସାହୁ ସମସ୍ତ କର୍ମକର୍ତ୍ତା ଓ ସଭ୍ୟମାନଙ୍କୁ ଅଭିନନ୍ଦନ ଜ୍ଞାପନ କରିଥିଲେ। ବଣିଜ ସଂଘର ଉପସଭାପତି ପ୍ରମୋଦ କୁମାର ସାହୁ, ଦୀପକ କୁମାର ବାରିକ, ଉତ୍ତମ ମହାନ୍ତି, ଗୋଲକ ଦଳେଇଙ୍କ ସହିତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।



## ମହାନ ବିପ୍ଳବୀ ଶହୀଦ ବିର୍ସା ମୁଣ୍ଡାଙ୍କ ୧୫୦ତମ ରାଜ୍ୟସ୍ତରୀୟ ଜୟନ୍ତୀରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଆଜି ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ମହାନ ବିପ୍ଳବୀ ଶହୀଦ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ ସକାଳ ୯ଟା ରେ ଭୁବନେଶ୍ୱରର ଜାଭିଅର ମାର୍ଗ, ମୈତ୍ରୀ ବିହାରସ୍ଥିତ ମହାନ ବିପ୍ଳବୀ ଶହୀଦ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ମନ୍ତ୍ରୀ, ବିଦ୍ୟାଳୟ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ନିତ୍ୟାନନ୍ଦ ଗଣ୍ଡ, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ବିଭାଗର ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ସଚିବାଳୟ ସାଂସ୍କୃତିକ ପରିଷଦ ତଥା ବିଭିନ୍ନ ସାମାଜିକ ଅନୁଷ୍ଠାନ ସମେତ ବରିଷ୍ଠ ଅଧିକାରୀ, ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଓ ବୁଦ୍ଧିଜୀବୀ ପ୍ରମୁଖ ଯୋଗ ଦେଇଥିଲେ।



ଐତିହାସିକ କଟକ ବାଲିଯାତ୍ରା ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ଅତିଥିବୃନ୍ଦ

## ଟ୍ୱିନ୍‌ସିଟିରେ କାର୍ତ୍ତିକ ପୂର୍ଣ୍ଣିମା ମହାସମାରୋହରେ ପାଳିତ

# ଅବଲୁପ୍ତ ଐଶ୍ୱର୍ଯ୍ୟର ଅମୃତ ପରମ୍ପରା ବୋଇତବନ୍ଦାଣ





ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ସମୁଦ୍ର ଯାତ୍ରା ଓ ନୌବାଣିଜ୍ୟ କ୍ଷେତ୍ରରେ ପ୍ରାଚୀନ ଓଡ଼ିଶା ବା କଳିଙ୍ଗର ଭୂମିକା ଭାରତ ଇତିହାସରେ ଏକ ଗୌରବମୟ ଅଧ୍ୟାୟ। କଳିଙ୍ଗର ବିଭିନ୍ନ ବନ୍ଦରରୁ ସାଧବ ପୁଅମାନେ ସୁଦୂରରୁ ଅନେକ ଦୂର ଦରିଆପାରି ଦେଶମାନଙ୍କରେ ନୌବାଣିଜ୍ୟ କରି ଆମ ଦେଶକୁ ଧନଶାଳୀ କରିବା ସହ ଭାରତୀୟ ସଂସ୍କୃତି, ସାହିତ୍ୟ ଓ ଶିଳ୍ପ ଭାସ୍କର୍ଯ୍ୟର ପ୍ରଚାର ପ୍ରସାର କରୁଥିଲେ। ସେହି ପରମ୍ପରାକୁ ମନେପକାଇ ଆଜିବି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ଓଡ଼ିଆ କାର୍ତ୍ତିକ ପୂର୍ଣ୍ଣିମା ଦିନ ଜଳାଶୟଗୁଡ଼ିକରେ ଡଙ୍ଗା ଭସାଇ ଆ-କା-ମା-ବୈ, ପାନ ଗୁଆ ଥୋଇ, ପାନ ଗୁଆ ତୋର, ମାସକ ଧମର ମୋର ଉଚ୍ଚାରଣପୂର୍ବକ ନିଜର ସଂସ୍କୃତି ଓ ପରମ୍ପରାକୁ ସ୍ମରଣ କରିଥାନ୍ତି। ଏହି ପରମ୍ପରା କେଉଁ ଆବହମାନ କାଳରୁ ଆମ ସାମାଜିକ ଜୀବନର ଚଳଣି ଭଳି ରହିଆସିଛି। ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଟ୍ୱିନ୍‌ସିଟି ଭୁବନେଶ୍ୱର, କଟକରେ ବୋଇତବନ୍ଦାଣ ଉତ୍ସବ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ ଆବାଳ ବୃଦ୍ଧବନିତା ସ୍ନାନସାରି ହାତରେ କଦଳୀ ପଟୁକା, ସୋଲ ଏବଂ ବିଭିନ୍ନ କାରୁକାର୍ଯ୍ୟ ବିଶିଷ୍ଟ ଡଙ୍ଗାମାନ ଧରି ବିଭିନ୍ନ ଜଳାଶୟରେ ଭସାଉଥିବା ଦେଖିବାକୁ ମିଳିଥିଲା। ଡଙ୍ଗା ଭସାଣ ପରେ ବିଭିନ୍ନ ମନ୍ଦିରକୁ ଯାଇ ଦେବଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ। ମାସକ ଯାକ ବ୍ରତ ପାଳନ କରିବା ପରେ ଶୁକ୍ରବାର ଏହାକୁ ଉଦ୍‌ଯାପନ କରିଥିଲେ। ପ୍ରତି ସୋମବାର ହବିଷ ଖାଇ ତୁଳସୀ ଚଉରାମୂଳେ ପୂଜା କରିବା ସହ ବାଲୁକା ବସାଇ ଭୋଗ ଦେବା ସହିତ ଠାକୁରଙ୍କ ଭଜନକୀର୍ତ୍ତନ ମଧ୍ୟ କରୁଥିଲେ। ଟ୍ୱିନ୍‌ସିଟିର ବିଭିନ୍ନ ଜଳାଶୟଗୁଡ଼ିକରେ ହଜାର ହଜାର ଲୋକ ଡଙ୍ଗା ଭସାଇ ବେଶ୍ ଖୁସି ପ୍ରକଟ କରୁଥିଲେ। ପୋଲିସ୍ ପକ୍ଷରୁ ଭିଡ଼ ନିୟନ୍ତ୍ରଣ ସହ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି ମଧ୍ୟ କରାଯାଇଥିଲା। ଅନ୍ୟପକ୍ଷରେ ଶୁକ୍ରବାର ଭୁବନେଶ୍ୱର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ପବିତ୍ର ବିନ୍ଦୁସାଗର ଠାରେ ଚଳିତ ବର୍ଷ ବୋଇତ ବନ୍ଦାଣ ଉତ୍ସବ ଓ ଏକାମ୍ର ସଂସ୍କୃତି ସମ୍ମାନ ପାଳିତ ହୋଇଯାଇଛି। ଏହି ଅବସରରେ ଭୋର୍ ଚାରିଟାରୁ ଆରାଧନା ଭଜନ ସନ୍ଧ୍ୟାର ସୁନାମଧନ୍ୟ କଳାକାର ଓ ଉଦ୍‌ଘୋଷକ ଶ୍ରୀନିବାସ ଘଟୁଆରି, ଆଲୋକ କୁଣ୍ଡୁ, ଅଲିଭା ରଥଙ୍କ ଦ୍ୱାରା ଭଜନରେ ବିନ୍ଦୁସାଗର ଉତ୍ତରେଶ୍ୱର ଘାଟ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ପରେ ଅନୁଷ୍ଠାନର ସଭାପତି ତଥା ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ବିଜେଡି ନେତା ମନ୍ମଥ ରାଉତରାୟ, ଶ୍ରିମୟୀ ମିଶ୍ର, ସ୍ଥାନୀୟ କର୍ପୋରେଟର ଚନ୍ଦ୍ରଶେଖର ମଲ୍ଲିଆ, ଶିବପ୍ରସାଦ ରାୟ, ଶିବ ନାରାୟଣ ରାୟ, ନୃପେଶ୍ ନାୟକ ପ୍ରମୁଖ ଚଳିତବର୍ଷ ପାଞ୍ଚ ଜଣ ସମାଜରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ଏକାମ୍ର ସାଂସ୍କୃତିକ ସମ୍ମାନରେ ଅତିଥିମାନେ ସମ୍ମାନିତ କରିଥିଲେ। ସେମାନଙ୍କ ମଧ୍ୟରୁ ଓଡ଼ିଶା ପ୍ରଶାସନିକ ସେବାରେ ଉତ୍ତୀର୍ଣ୍ଣ ଲାଭ କରିଥିବା ଅନ୍ୟାନ୍ୟ ଗରାବଡ୍ଡୁ, ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଜଗନ୍ନାଥ ଖୁଣ୍ଟିଆ, ସଫଳ ପର୍ବତ ଆରୋହୀ ଚିନ୍ମୟ ମହାରଣା, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଇଂରାଜୀ ସ୍ନାତକୋତ୍ତର ବିଭାଗର ସ୍ୱର୍ଣ୍ଣପଦକ ବିଜୟିନୀ ମିସ୍ ପ୍ଲାବନି ମିଶ୍ର, ଟାଟୁ ଶିଳ୍ପୀ ଓମ୍ ଆଚାର୍ଯ୍ୟ ପ୍ରମୁଖ। ଶେଷରେ କୁନି କୁନି ପିଲା ସାଧବ ସାଧବାଣୀ ବେଶରେ ଶିଳ୍ପୀ ହୃଷୀକେଶ ବେହେରା ଓ ସୌଦାମିନୀ ସାମଲଙ୍କ ଦ୍ୱାରା ପ୍ରସ୍ତୁତ ଏକ ସୁସଜ୍ଜିତ ବୋଇତକୁ ଅତିଥିମାନେ ପବିତ୍ର ବିନ୍ଦୁ ସାଗର ପୁଷ୍କରିଣୀରେ ବନ୍ଦାପନା କରି ଭସେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଉପସଭାପତି ସମରେନ୍ଦ୍ର ସାହୁ, ଦୀପକ ମହାପାତ୍ର ଦାଶରଥି ଗରାବଡ୍ଡୁ, ସୁଜିତ୍ ସ୍ୱାଇଁ, ମନୋଜ ବେହେରା କର୍ପୋରେଟର ମହାମାୟା ସ୍ୱାଇଁ, ଛବି ଦାସ, ଅଜିତ୍ ବେହେରା, ଅଶ୍ୱିନୀ ସୁନ୍ଦରାୟ, ଦିଲ୍ଲୀପ ମାଝୀ, ଶ୍ରୀଧର ବେହେରା, ସୁରେଶ ବାରିକ, ଜିତେନ୍ଦ୍ର ନନ୍ଦ, ସରପଞ୍ଚ ରଶ୍ମିରଞ୍ଜନ ଶ୍ରୀଚନ୍ଦନ, ବିକ୍ରମ ସେଠୀ, କ୍ଷୀରୋଦ ପ୍ରଧାନ, ଚନ୍ଦନ ମଲ୍ଲିକ, ସରସ୍ୱତୀ ସେଠି, ହେମନ୍ତ ପ୍ରଧାନ, ନୃସିଂହ ଚରଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶାରେ ଶିଳ୍ପ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରନ୍ତୁ ସରକାର: ପ୍ରତାପ ଦେବ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଓଡ଼ିଶାରେ ଶିଳ୍ପ ପାଇଁ ସରକାର ଅନୁକୂଳ ବାତାବରଣ ସୃଷ୍ଟି କରନ୍ତୁ ବୋଲି କହିଛନ୍ତି ବିଜେଡି ବିଧାୟକ ପ୍ରତାପ ଦେବ। ସେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ପୁଞ୍ଜିନିବେଶ ପାଇଁ ସିଙ୍ଗାପୁର ଯିବେ ସ୍ୱାଗତ। କିନ୍ତୁ ଯେଉଁମାନେ ସରକାର ସହ ଚୁକ୍ତିବଦ୍ଧ ଅଛନ୍ତି ସେମାନେ କେମିତି ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା କରିବେ ସେ ଦିଗରେ ଅନୁକୂଳ ବାତାବରଣ ସୃଷ୍ଟି କରନ୍ତୁ। ଅନୁକୂଳ ବାତାବରଣ ସହ ବିଶ୍ୱାସ, ନୀତି ନୈତିକତା ଠିକ୍ କରନ୍ତୁ। ବାତାବରଣ ଠିକ୍ ନଥିବା ଯୋଗୁଁ ଓଡିଶାରୁ ବଡ଼ ଶିଳ୍ପ ଅନୁଷ୍ଠାନ ଚୁକ୍ତି କରିଥିବା ଶିଳ୍ପ ଓଡିଶାରୁ ଯିବା ଆରମ୍ଭ କଲେଣି ବୋଲି ସେ କହିଛନ୍ତି।

## ଭଗବାନ ବିର୍ସା ମୁଣ୍ଡା ଆଧ୍ୟାତ୍ମିକତା ଓ ସାଂସ୍କୃତିକ ଊର୍ଜାର ବାହକ ଥିଲେ: ପୃଥ୍ୱୀରାଜ ହରିଚନ୍ଦନ

କଟକ (ଭାସ୍କର ନ୍ୟୁଜ୍): ଭଗବାନ ବିର୍ସା ମୁଣ୍ଡା କେବଳ ଆମ ସ୍ୱାଧୀନତା ସଂଗ୍ରାମର ମହାନାୟକ ନଥିଲେ ବରଂ ଆମ ଆଧ୍ୟାତ୍ମିକତା ଏବଂ ସାଂସ୍କୃତିକ ଊର୍ଜାର ବାହକ ଥିଲେ। ଆଜି କଟକସ୍ଥିତ ଜବାହରଲାଲ ନେହେରୁ ଇଣ୍ଡୋର୍ ଷ୍ଟାଡିୟମ୍ ଠାରେ ଧରତୀ ଆବା ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ 'ଜିଲ୍ଲାସ୍ତରୀୟ ଜନଜାତୀୟ ଗୌରବ ଦିବସ ପାଳନ' ସମାରୋହରେ ଯୋଗଦେଇ ସଭାକୁ ସମ୍ବୋଧିତ କରି ରାଜ୍ୟର ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହା କହିଛନ୍ତି। ସେ କହିଛନ୍ତି ଯେ, ଭଗବାନ ବିର୍ସା ମୁଣ୍ଡାଙ୍କ ସଂଘର୍ଷ ଓ ସାହସ ଆମକୁ ସର୍ବଦା ପ୍ରେରିତ କରୁଥାଉ। ଜନଜାତୀୟ ଗୌରବ ଦିବସ ଜରିଆରେ ଦେଶ ନିଜ ଆଦିବାସୀ ପରମ୍ପରାକୁ ନେଇ ଗର୍ବ କରୁଛି ଏବଂ 'ପଞ୍ଚ ପ୍ରାଣ' ଊର୍ଜାର ଅଂଶବିଶେଷ ଭାବେ ଜନଜାତି ସମୁଦାୟର ବିକାଶ ପାଇଁ ଆମ ସରକାର ସଦା ସର୍ବଦା ସଂକଳ୍ପବଦ୍ଧ ବୋଲି ସେ କହିଛନ୍ତି। ସେ ଏହି ଅବସରରେ କଟକସ୍ଥିତ ଜବାହରଲାଲ ନେହେରୁ ଇଣ୍ଡୋର୍ ଷ୍ଟାଡିୟମ୍ ଠାରେ ଧରତୀ ଆବା ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ 'ଜିଲ୍ଲା ସ୍ତରୀୟ ଜନଜାତୀୟ ଗୌରବ ଦିବସ' ପାଳନ ଅବସରରେ କଟକ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଯୋଗ୍ୟ ବିବେଚିତ ହିତାଧିକାରୀ ମାନଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରିଛନ୍ତି।

## କର୍କଟ ରୋଗ ନେଇ ପରାମର୍ଶ ଦେଲେ ଏମ୍ସ ଡାକ୍ତର



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ବିଭିନ୍ନ କାରଣରୁ ଏବେ କ୍ୟାନ୍ସର ବା କର୍କଟରୋଗ ବ୍ୟାପିବାରେ ଲାଗିଛି। ତେଣୁ ପ୍ରତ୍ୟେକ ଜନସାଧାରଣ ସତର୍କ ରହିବା ସହିତ ସଚେତନ ହେବାକୁ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି ଦିଲ୍ଲୀ ଏମ୍ସର ବରିଷ୍ଠ କର୍କଟ ରୋଗ ବିଶେଷଜ୍ଞ ଡା. ଗୌର କିଶୋର ରଥ। ଭୁବନେଶ୍ୱରରେ ଏକ ତାରକା ହୋଟେଲରେ ଆୟୋଜିତ 'ଧୂନୀ-ଦୁଇ' ଶୀର୍ଷକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡା. ରଥ କହିଛନ୍ତି ଯେ, କର୍କଟର ଲକ୍ଷଣ ଦେଖିବା ମାତ୍ରେ ବିଶେଷଜ୍ଞ ସହ ପରାମର୍ଶ କରିବା ଉଚିତ୍। କାରଣ କର୍କଟ ରୋଗ ଧିରେ ଧିରେ ବ୍ୟାପିଥାଏ। ଆରମ୍ଭରୁ ଚିକିତ୍ସା ହେଲେ ବା ରୋଗ ଚିହ୍ନଟ ହୋଇପାରିଲେ ରୋଗୀଟି ସୁସ୍ଥ ଜୀବନଯାପନ କରିବା ସମ୍ଭବ ହୋଇଥାଏ। ଏଥିରେ ଅନ୍ୟତମ ଅତିଥିଭାବେ ଯୋଗଦେଇ ପୂର୍ବତନ ଡିଜିପି ପ୍ରକାଶ ମିଶ୍ର କର୍କଟ ରୋଗୀଙ୍କୁ ସମସ୍ତେ ଆଦର କରିବା ଦରକାର ବୋଲି ମତ ଦେଇଥିବା ବେଳେ ଭୁବନେଶ୍ୱର ଏମ୍ସର କର୍କଟ ବିଭାଗ ମୁଖ୍ୟ ଡାକ୍ତର ସରୋଜ କୁମାର ଦାସ ମଜୁମଦାର, ଡାକ୍ତର ଦିଲ୍ଲୀପ ପରିଡା ଓ ଡାକ୍ତର ସନ୍ଦିପ ବାରିକ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରକାର କର୍କଟ ରୋଗ ଏବଂ ତାହାର କାରଣ, ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ରାଜ୍ୟର କୋଣ ଅନୁକୋଣରୁ ଅନେକ କର୍କଟ ଯୋଦ୍ଧା 'ଯେଉଁମାନେ କି ଦୀର୍ଘ ବର୍ଷ ସଂଗ୍ରାମ କରି କର୍କଟ ରୋଗରୁ ମୁକ୍ତି ପାଇଛନ୍ତି' ସେମାନେ ଉପସ୍ଥିତ ଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ଏହି କର୍କଟ ଯୋଦ୍ଧାଙ୍କ ମନୋବଳ ବଢ଼ାଇ ଦିଆଯାଇଥିବା ବେଳେ ଶେଷରେ କିଛି ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭୁବନେଶ୍ୱର ଏମ୍ସର କର୍କଟ ରୋଗ ବିଭାଗ ଏବଂ କ୍ୟାନ୍ସର କେୟାର ଏଜୁକେସନ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ କରାଯାଇଛି।

### ଗୁରୁ ନାନକ ଦେବଙ୍କ ପ୍ରକାଶ ପର୍ବର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଗୁରୁ ନାନକ ଦେବଙ୍କ ପ୍ରକାଶ ପର୍ବର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏକ୍ସ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଶିଖ ଧର୍ମର ପ୍ରତିଷ୍ଠାତା ତଥା ପ୍ରଥମ ଗୁରୁ ଶ୍ରୀ ଗୁରୁ ନାନକ ଦେବଙ୍କ ପ୍ରକାଶ ପର୍ବ ଅବସରରେ ସାଦର ପ୍ରଣାମ ଓ ହାର୍ଦ୍ଦିକ ଶୁଭକାମନା। ତାଙ୍କ ଜୀବନରୁ ଆମକୁ ପ୍ରେମ, ଏକତା ଓ ସେବାର ମାର୍ଗଦର୍ଶନ ମିଳିଥାଏ। ଆସନ୍ତୁ ତାଙ୍କ ଆଦର୍ଶକୁ ଆପଣାଇ ସମାଜରେ ଶାନ୍ତି ଓ ସଦଭାବର ବାର୍ତ୍ତା ଦେବା।

### ବାଲିଯାତ୍ରା ଅବସରରେ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାଲିଯାତ୍ରା ଅବସରରେ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ସେ ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି, ବିଶ୍ୱ ପ୍ରସିଦ୍ଧ ଐତିହାସିକ ବାଲିଯାତ୍ରା ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। ବାଲିଯାତ୍ରା ହେଉଛି ଓଡ଼ିଶାର ଐତିହ୍ୟ, ସଂସ୍କୃତି ଏବଂ ପରମ୍ପରାର ମୂକସାକ୍ଷୀ। ଓଡ଼ିଆ ଅସ୍ମିତାର ପରିଚୟ ବହନ କରୁଥିବା ଆମ ଗୌରବମୟ ନୌବାଣିଜ୍ୟ ପରମ୍ପରାକୁ ନେଇ ଗର୍ବ କରିବା।

### ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ରାଜ୍ୟପାଳ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଭଗବାନ ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ରାଜ୍ୟପାଳ ରଘୁବର ଦାସ। ଏକ୍ସ ହ୍ୟାଣ୍ଡେଲରେ ରାଜ୍ୟପାଳ କହିଛନ୍ତି ଯେ, କ୍ରୀତଦାସ ଓ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉଠାଇ ବ୍ରିଟିଶ ଶାସନର ମୂଳଦୁଆକୁ ଦୋହଲାଇ ଦେଇଥିବା ଅମର ବଳିଦାନୀ ଧରତି ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ କୋଟି କୋଟି ପ୍ରଣାମ। ଭଗବାନ ବିର୍ସା ମୁଣ୍ଡା ଧର୍ମ ଓ ଆଦି ସଂସ୍କୃତିର ରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟାୟ ବିରୁଦ୍ଧରେ ତାଙ୍କ ସଂଘର୍ଷ ଆଗାମୀ ପିଢିକୁ ପ୍ରେରଣା ଦେଉଥିବ। ସମସ୍ତଙ୍କୁ ଜନଜାତି ଗୌରବ ଦିବସର ହାର୍ଦ୍ଦିକ ଶୁଭକାମନା।

### ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏକ୍ସ ହ୍ୟାଣ୍ଡେଲରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ମହାନ ସ୍ୱାଧୀନତା ସଂଗ୍ରାମ ସେନାନୀ, ଜନଜାତି ହିତରେ ଜୀବନପର୍ଯ୍ୟନ୍ତ ସଂଘର୍ଷ କରିଥିବା ଆଦିବାସୀ ଅସ୍ମିତାର ପ୍ରତୀକ ଧରତି ଆବା ଭଗବାନ ବିର୍ସା ମୁଣ୍ଡାଙ୍କର ୧୫୦ତମ ଜୟନ୍ତୀ ଉପଲକ୍ଷେ ତାଙ୍କୁ ଶ୍ରଦ୍ଧାପୂର୍ବକ ନମନ ଏବଂ ଦେଶବାସୀଙ୍କୁ 'ଜନଜାତୀୟ ଗୋରବ ଦିବସ'ର ହାର୍ଦ୍ଦିକ ଶୁଭକାମନା। ଭଗବାନ ବିର୍ସା ମୁଣ୍ଡା ଜଳ, ଜଙ୍ଗଲ ଏବଂ ଜମିର ଅଧିକାର ପାଇଁ ସଂଘର୍ଷ କରିବା ସହିତ ବିଦେଶୀ ଶାସନ ପ୍ରତି ଯେଉଁ ଅଙ୍ଗିକାର ନେଇ ସଂଘର୍ଷ କରିଥିଲେ, ତାହା ସଂଗ୍ରାମ ପାଇଁ ବହ୍ନି ଜାଳିଥିଲା, ଯାହା ନା କେବଳ ଜନଜାତୀୟ ସମାଜକୁ ଜାଗ୍ରତ କରିନଥିଲା ବରଂ ସମସ୍ତ ଦେଶରେ ସ୍ୱାଧୀନତାର ଚେତନା ସଞ୍ଚାର କରିଥିଲା।

## ଶୈଳବାଳା ମହିଳା କଲେଜର ଛାତ୍ରୀଙ୍କ ପାଇଁ ସୋଆରେ ବିଶେଷ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

କଟକ (ଭାସ୍କର ନ୍ୟୁଜ୍): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ଏସ୍ଏଚ୍ଏମ୍) ଠାରେ ବିଶ୍ୱବିଦ୍ୟାଳୟ ପକ୍ଷରୁ କଟକସ୍ଥିତ ଶୈଳବାଳା ମହିଳା ସ୍ୱୟଂଚାଳିତ ମହାବିଦ୍ୟାଳୟର ଗୃହ ବିଭାଗ ସ୍ନାତକୋତର ଛାତ୍ରୀମାନଙ୍କ ପାଇଁ ନଭେମ୍ବର ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ହୋଟେଲ ଅପରେସନ ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା ଆଜିର ଯୁବପିଢିକୁ ହୋଟେଲ ଶିଳ୍ପର ଚାରିଟି ପ୍ରମୁଖ ବିଭାଗ ଯଥା ଫ୍ରଣ୍ଟ ଅଫିସ, ହାଉସ୍ କିପିଙ୍ଗ୍, ଫୁଡ୍ ଆଣ୍ଡ୍ ବେଭେରେଜ୍ ସର୍ଭିସ୍ ଓ ପ୍ରଡକ୍ସନ ଉପରେ ପ୍ରଶିକ୍ଷିତ କରାଇ ସେମାନଙ୍କର ଦୃଷ୍ଟିକୋଣ, ଦକ୍ଷତା ଓ ଜ୍ଞାନ ବଢାଇବା ପାଇଁ ଅବସର ପ୍ରଦାନ କରିବା ଏବଂ ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କୁ ଆବଶ୍ୟକୀୟ ଦକ୍ଷତା ଏବଂ କ୍ଷମତା ପ୍ରଦାନ କରିବା। ଏହି କାର୍ଯ୍ୟକ୍ରମରେ ଗ୍ରାହକ ସେବା, ଯୋଗାଯୋଗ, ସମସ୍ୟା ସମାଧାନ ଏବଂ ସଞ୍ଚାଳନ ଭଳି ଅନ୍ୟାନ୍ୟ କ୍ଷେତ୍ର ଉପରେ ମଧ୍ୟ ପ୍ରାଧାନ୍ୟ ଦିଆଯାଇଥିଲା। ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମରେ ପେଶାଦାର ଓ ପ୍ରବୀଣ ବ୍ୟକ୍ତି ବିଶେଷଙ୍କ ତତ୍ତ୍ୱାବଧାନରେ ଆତିଥ୍ୟ ଓ ପର୍ଯ୍ୟଟନ ଶିଳ୍ପ ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା। ଏଥିରେ ଶୈଳବାଳା ମହିଳା ମହାବିଦ୍ୟାଳୟର ୪୩ ଜଣ ଛାତ୍ରୀ ଓ କିଛି ଅଧାପିକା ଅଂଶଗ୍ରହଣ କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର ଉପକୁଳପତି ତଥା ରେଜିଷ୍ଟ୍ରାର ପ୍ରଫେସର ବିଭୂତି ଭୂଷଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏସ୍ଏଚ୍ଏମ୍‌ର ଡିନ୍ ପ୍ରଫେସର ସୁଶାନ୍ତ ରଞ୍ଜନ ଚଇନି ଉପସ୍ଥିତ ରହି ଛାତ୍ରୀମାନଙ୍କର ଜୀବନରେ ଏହି ପ୍ରଶିକ୍ଷଣର ଉପାଦେୟତା ଓ ଗୁରୁତ୍ୱକୁ ବ୍ୟାଖ୍ୟା କରିଥିଲେ ଏବଂ ଅଂଶଗ୍ରହଣ କରିଥିବା ପ୍ରତ୍ୟେକ ଛାତ୍ରୀମାନଙ୍କୁ ପ୍ରୋତ୍ସାହିତ କରିଥିଲେ।

### ଝାରଖଣ୍ଡ ପ୍ରତିଷ୍ଠା ଦିବସର ଶୁଭେଚ୍ଛା ଜଣାଇଲେ ରାଜ୍ୟପାଳ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଝାରଖଣ୍ଡ ପ୍ରତିଷ୍ଠା ଦିବସର ଶୁଭେଚ୍ଛା ଜଣାଇଛନ୍ତି ରାଜ୍ୟପାଳ ରଘୁବର ଦାସ। ଏକ୍ସ ହ୍ୟାଣ୍ଡେଲରେ ରାଜ୍ୟପାଳ କହିଛନ୍ତି ଯେ, ପ୍ରାକୃତିକ ସମ୍ପଦ ଓ ସମ୍ବଳରେ ଭରପୂର ରାଜ୍ୟ ଝାରଖଣ୍ଡର ସ୍ଥାପନା ଦିବସ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା। ପ୍ରାକୃତି ସୌନ୍ଦର୍ଯ୍ୟ, କଳା, ସଂସ୍କୃତି, ନୃତ୍ୟ-ସଙ୍ଗୀତ ଓ ପରିଶ୍ରମୀ ଓ ସଚ୍ଚୋଟ ଲୋକ ଝାରଖଣ୍ଡର ପରିଚୟ ଅଟେ। ଜଗନ୍ନାଥ ମହାପ୍ରଭୁ ଝାରଖଣ୍ଡବାସୀଙ୍କ ଜୀବନରେ ଖୁସି ଓ ସମୃଦ୍ଧି ଆଣନ୍ତୁ, ଏହା କାମନା କରୁଛି।

### କାର୍ତ୍ତିକ ପୂର୍ଣ୍ଣିମାର ଶୁଭେଚ୍ଛା ଜଣାଇଲେ ରାଜ୍ୟପାଳ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): କାର୍ତ୍ତିକ ପୂର୍ଣ୍ଣିମାର ଶୁଭେଚ୍ଛା ଜଣାଇଛନ୍ତି ରାଜ୍ୟପାଳ ରଘୁବର ଦାସ। ଏକ୍ସ ହ୍ୟାଣ୍ଡେଲରେ ରାଜ୍ୟପାଳ କହିଛନ୍ତି ଯେ, କାର୍ତ୍ତିକ ପୂର୍ଣ୍ଣିମା ଓ ଦେବ ଦୀପାବଳିର ପବିତ୍ର ପର୍ବର ହାର୍ଦ୍ଦିକ ଶୁଭକାମନା। ଏହି ପର୍ବ ସମସ୍ତଙ୍କ ଜୀବନରେ ସୁଖ, ସମୃଦ୍ଧି ଓ ଖୁସିର ଆଲୋକ ଆଣୁ, ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ଏହାହିଁ କାମନା କରୁଛି।

### ଜୟନାରାୟଣଙ୍କ ଜାମିନ ଖାରଜ ପରେ ବିଜେପିକୁ ଘେରିଲା ବିଜେଡି

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ସୁପ୍ରିମକୋର୍ଟରୁ ସମ୍ବଲପୁର ବିଜେପି ବିଧାୟକ ଜୟନାରାୟଣ ମିଶ୍ରଙ୍କ ଜାମିନ ଖାରଜ ପରେ ବିଜେପିକୁ ଘେରିଲା ବିଜେଡି। ବିଜେଡି ବିଧାୟକ ପ୍ରତାପ ଦେବ ପ୍ରେସ୍‌ମିଟରେ ବିଜେପି ଉପରେ ବର୍ଷିବା ସହ ବିଜେପି ବିଧାୟକ ଜୟନାରାୟଣ ମିଶ୍ରଙ୍କ ଉକ୍ତି ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି। ସେ କହିଛନ୍ତି ଯେ, ଏହାକୁ କୁହାଯାଏ କ୍ଷମତାର ଅଂହକାର। ସୁପ୍ରିମକୋର୍ଟ ନିୟମକୁ ପାଳନ କରୁନାହାନ୍ତି ଅର୍ଥ ବିଜେପି ବିଧାୟକମାନେ ଆଇନଠୁ ଊର୍ଦ୍ଧ୍ୱରେ। ଗୃହ ବିଭାଗର ମନ୍ତ୍ରୀ ମୁଖ୍ୟମନ୍ତ୍ରୀ ମୋହନ ମାଝୀ କୁହନ୍ତୁ ଆଇନ ସମସ୍ତଙ୍କ ପାଇଁ ସମାନ ନା' ତାଙ୍କ କର୍ମକର୍ତ୍ତା। ରାଜ୍ୟପାଳଙ୍କ ପୁଅ ପାଇଁ ଅଲଗା। ମୁଖ୍ୟମନ୍ତ୍ରୀ ଉତ୍ତର ରଖନ୍ତୁ। ସରକାର ତାକୁ ଯଦି ଅନୁସରଣ କରନ୍ତି ଅର୍ଥ ବିଜେପିର ସମସ୍ତଙ୍କୁ ସୁରକ୍ଷା ଦିଅନ୍ତୁ। ଆଗାମୀ ଦିନରେ ଓଡ଼ିଶାରେ ଯଦି ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିବ ମୁଖ୍ୟମନ୍ତ୍ରୀ ଦାୟୀ ରହିବେ। ସୁପ୍ରିମକୋର୍ଟର ନିଷ୍ପତ୍ତିକୁ ପୋଲିସ ମାନିବା ଦରକାର ନା ନାହିଁ। ପୋଲିସ ଆଇନ ଶୃଙ୍ଖଳା ରୋକିବାରେ ସଫଳ ହେବ ନାହିଁ। ସରକାର ଓ ଆଇନକୁ କେହି ଡରିବେ ନାହିଁ। ଏହା ମେସେଜ ଯିବ ବ୍ରାହ୍ମଣ ପୁଅ ମାଙ୍କଡ଼ ମାରିଲେ ଦୋଷ ନାହିଁ। ମୋହନ ବାବୁ କେତେଦୂର ତାଙ୍କର ପରାକାଷ୍ଠା ଦେଖାଇବେ କଣ ଆକ୍ସନ ନେବେ ଓଡ଼ିଶାବାସୀ ଚାହିଁ ରହିଛନ୍ତି ବୋଲି ପ୍ରତାପ ଦେବ କହିଛନ୍ତି।

### ଆଇନଠୁ ଊର୍ଦ୍ଧ୍ୱରେ କେହି ନୁହନ୍ତି: ବିଜେପି

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଜୟନାରାୟଣ ମିଶ୍ରଙ୍କୁ ବିଜେଡି ଟାର୍ଗେଟ୍ କରିବା ପ୍ରସଙ୍ଗରେ ବିଜେପି ଜବାବ ରଖିଛି। ବିଜେପି ମୁଖପାତ୍ର ଦିଲ୍ଲୀପ ମଲ୍ଲିକ କହିଛନ୍ତି ଆଇନର ଊର୍ଦ୍ଧ୍ୱରେ କେହି ନୁହନ୍ତି, ଆଇନ ତା' ବାଟରେ ଯିବ। ଯେଉଁମାନେ ବ୍ୟସ୍ତ ବ୍ୟଗ୍ର ହୋଇପଡୁଛନ୍ତି ସେମାନଙ୍କ ସରକାର ଥିବାବେଳେ ସେମାନେ କ'ଣ କରୁଥିଲେ। ପ୍ରତାପ ଜେନା, ଅରୁଣ ସାହୁ, ପ୍ରବଣ ବଳବନ୍ତରାୟ, ଦିବ୍ୟ ଶଙ୍କର ମିଶ୍ରଙ୍କ କ୍ଷେତ୍ରରେ କ'ଣ ପଦକ୍ଷେପ ନେଇଥିଲା ବିଜେଡି ସରକାର। ବର୍ତ୍ତମାନ ଔଷଧ ବିକଳରେ ତାଟିଆ କାମୁଡୁଛି ବିଜେଡି। ନିଜ କାହାଣୀ ନିଜେ କହୁଛନ୍ତି। ବିଜେଡି ସରକାର ସମୟରେ ରାଜନୀତିକ ଅଭିସନ୍ଧି ରଖି ଜୟନାରାୟଣ ମିଶ୍ରଙ୍କ ସମେତ ଯେଉଁମାନେ ଅଭିଯୋଗ ଆଣିଥିଲେ ସେମାନଙ୍କୁ ଗିରଫ କରାଯାଉଥିଲା। ବିଜେପି ସରକାର ଲୋକଙ୍କ ସରକାର, ଆଇନକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବେ।




ଓଡ଼ିଶା ଭାସ୍କର ସମ୍ପାଦକୀୟ




ନିଜେ ବିତରି ନ ଜାଣେ କୃପଣ,
ଖଣ୍ଡେ ନିଅନ୍ତି ବଳେ ତାର ଧନ।
ଖଣ୍ଡ ହେଲେ ହେଁ ପରକୁ ପ୍ରଦାନ
କରି ଜାଣେ ଯେ ସେ ଲୋକ ପ୍ରଧାନ।
-ସ୍ୱଭାବକବି ଗଙ୍ଗାଧର ମେହେର



ମହତ ନିଧନେ ସେ ମହତ ସ୍ଥାନେ
ପଡ଼ିଥିଲେ କ୍ଷୁଦ୍ର ଧୂଳିକଣିକା।
ଭକତି ଆଦର କରେ ଯେ ତାହାର
ସେ ଦିଏ ମହତ ହୃଦୟ-ଶିକ୍ଷା।
- ଉତ୍କଳମଣି ଗୋପବନ୍ଧୁ ଦାସ



# ଜାମ୍ମୁ-କାଶ୍ମୀରରେ ଆତଙ୍କବାଦର ଅନ୍ତ କାହିଁ !

## ନୂତନ ସରକାର ଆଗରେ ଆହ୍ୱାନ

ଆତଙ୍କବାଦର ଚରାଭୂଇଁ ଜାମ୍ମୁ-କାଶ୍ମୀରରେ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ସରକାର କ୍ଷମତାକୁ ଆସିବା ପରେ ହିଂସାତ୍ମକ କାର୍ଯ୍ୟକଳାପ ହ୍ରାସ ପାଇବ ଏବଂ ଶାନ୍ତିଶୃଙ୍ଖଳା ଫେରି ଆସିବ ବୋଲି ଯେଉଁ ଧାରଣା ସୃଷ୍ଟି ହୋଇଥିଲା, ତାହା କ୍ରମଶଃ ମଉଳି ଯାଉଛି। ବରଂ ନୂତନ ସରକାର ଗଠିତ ହେବା ପରେ ପୂର୍ବ ସ୍ଥିତି ତୁଳନାରେ ଆତଙ୍କବାଦୀଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି ଏବଂ ପ୍ରତିଦିନ ରାଜ୍ୟର କୌଣସି ନା କୌଣସି ସ୍ଥାନରେ ଆତଙ୍କୀ ଆକ୍ରମଣର ଖବର ସାମ୍ନାକୁ ଆସୁଛି। ଏଇ ନିକଟରେ ଖୋଦ୍ ରାଜଧାନୀ ଶ୍ରୀନଗର ରାଜରାସ୍ତା ଉପରେ ଆତଙ୍କବାଦୀଙ୍କ ଗ୍ରେନେଡ୍ ମାଡ଼ ଘଟଣା ଦେଶବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଥିଲା। ଏଥିରେ ଜଣେ ମହିଳାଙ୍କ ସମେତ ୧୨ଜଣ ଗୁରୁତର ଭାବରେ ଆହତ ହୋଇଥିଲେ। ଅଳ୍ପଦିନ ପୂର୍ବେ ଜାମ୍ମୁ-କାଶ୍ମୀରରେ ଶାନ୍ତିପୂର୍ଣ୍ଣ ଭାବରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହାର ଠିକ୍ ପରେ ପରେ ନୂତନ ସରକାର ଶାସନ ଦାୟିତ୍ୱ ଗ୍ରହଣ କରିଥିଲେ। ନ୍ୟାସନାଲ କନ୍‌ଫରେନ୍ସ ନେତା ଓମାର ଅବଦୁଲ୍ଲା ରାଜ୍ୟର ମୁଖ୍ୟମନ୍ତ୍ରୀ ପଦରେ ଅଧିଷ୍ଠିତ ହୋଇଥିବା ବେଳେ କେତେକ ସ୍ୱାଧୀନ ସଦସ୍ୟଙ୍କ ସମେତ କଂଗ୍ରେସର ଛ'ଜଣ ଏବଂ ଆମ୍ ଆଦ୍‌ମୀ ପାର୍ଟିର ଜଣେ ନିର୍ବାଚିତ ବିଧାୟକ ତାଙ୍କ ସରକାରଙ୍କୁ ବାହ୍ୟ ସମର୍ଥନ ଜଣାଇଥିଲେ। ଚିର ଅଶାନ୍ତ ଜାମ୍ମୁ-କାଶ୍ମୀରର ଜନସାଧାରଣ ଏଥର ଯେପରି ବିନା ବାଧା ଓ ଭୟରେ ବହୁସଂଖ୍ୟାରେ ଭୋଟଗ୍ରହଣ କେନ୍ଦ୍ରକୁ ଆସି ସେମାନଙ୍କର ମତଦାନ ଅଧିକାର ସାବ୍ୟସ୍ତ କଲେ, ତାହା ବିଚ୍ଛିନ୍ନତାବାଦୀ ଓ ଆତଙ୍କବାଦୀ ଗୋଷ୍ଠୀଙ୍କୁ ବିଚଳିତ କରିଥିଲା। ଗଣତାନ୍ତ୍ରିକ ପ୍ରକ୍ରିୟାରେ ସାମିଲ ହେବା ପାଇଁ ରାଜ୍ୟବାସୀଙ୍କ ଆଗ୍ରହକୁ ସମ୍ଭବତଃ ସେମାନେ ସହ୍ୟ କରିପାରି ନଥିଲେ। ତେଣୁ ନୂତନ ସରକାର ଶପଥ ଗ୍ରହଣ କରିବାର ଗୋଟିଏ ସପ୍ତାହ ନପୂରୁଣୁ କାଶ୍ମୀରରେ ପୂର୍ବଭଳି ହିଂସାକାଣ୍ଡ ଓ ରକ୍ତପାତ ଘଟାଇବାକୁ ଆତଙ୍କବାଦୀଙ୍କ ଷଡ଼ଯନ୍ତ୍ର ଆରମ୍ଭ ହୋଇଯାଇଥିଲା। ପୁନର୍ବାର ସକ୍ରିୟ ହୋଇଉଠିଥିବା ଆତଙ୍କବାଦୀମାନେ କିଛିଦିନ ପୂର୍ବେ ଗାନ୍ଦରୱାଲ ଜିଲ୍ଲାରେ ଜଣେ ଡାକ୍ତରଙ୍କ ସମେତ ସାତଜଣ ଲୋକଙ୍କୁ ଗୁଳି କରି ନୃଶଂସ ଭାବରେ ହତ୍ୟା କରିଥିଲେ। ମୃତକଙ୍କ ମଧ୍ୟରେ ୬ଜଣ ପ୍ରବାସୀ ଶ୍ରମିକ ଅନ୍ତର୍ଭୁକ୍ତ, ଯାହାଙ୍କୁ ଟାର୍ଗେଟ କରି ଆତଙ୍କୀ ଏଭଳି କାଣ୍ଡ ଭିଆଇଥିବାର କୁହାଯାଇଥିଲା। ଏହି ଜିଲ୍ଲାର ଗୁଣ୍ଡ ଅଞ୍ଚଳରେ ଏବେ ଏକ ଟନେଲ୍ ଖୋଳା କାର୍ଯ୍ୟରେ ବାହାର ରାଜ୍ୟର ଶତାଧିକ ଶ୍ରମିକ ନିୟୋଜିତ ହୋଇଛନ୍ତି। ସେମାନେ ରହୁଥିବା ଶିବିର ଉପରକୁ ଆତଙ୍କବାଦୀମାନେ ଆଖିବୁଜା ଗୁଳିବର୍ଷା କରିଥିଲେ। ସବୁଠାରୁ ଉଲ୍ଲେଖନୀୟ ଦିଗଟି ହେଉଛି ଗାନ୍ଦରୱାଲ୍ ଜିଲ୍ଲାଟି ଖୋଦ୍ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ବିଧାନସଭା ନିର୍ବାଚନ ମଣ୍ଡଳୀର ଅନ୍ତର୍ଭୁକ୍ତ। ଏହି ଘଟଣାରେ ସେ ଅତ୍ୟନ୍ତ କ୍ଷୁବ୍ଧ ଓ ମର୍ମାହତ ହୋଇ ପ୍ରବାସୀ ଶ୍ରମିକଙ୍କ ଟାର୍ଗେଟ୍ ହତ୍ୟାକୁ ଭୀରୁତାପୂର୍ଣ୍ଣ ଆକ୍ରମଣ ବୋଲି ଉଲ୍ଲେଖ କରିଥିଲେ। ବର୍ତ୍ତମାନ କାଶ୍ମୀରରେ ଆତଙ୍କବାଦୀମାନେ ବାହାର ରାଜ୍ୟର ଲୋକମାନଙ୍କୁ ଟାର୍ଗେଟ୍ କରି ହତ୍ୟା କରୁଛନ୍ତି। ଏଭଳି ଟାର୍ଗେଟ୍ ହତ୍ୟା ଯୋଗୁଁ ବାହାରୁ ଆସୁଥିବା ଶ୍ରମିକମାନେ ଆତଙ୍କିତ ହୋଇପଡିଥିବା ବେଳେ ସେମାନଙ୍କ ସୁରକ୍ଷା ବଡ଼ ପ୍ରଶ୍ନ ହୋଇଛି। ଗାନ୍ଦରୱାଲ ଜିଲ୍ଲାରେ ପ୍ରବାସୀ ଶ୍ରମିକ ଓ ଡାକ୍ତରଙ୍କ ହତ୍ୟାର ଦୁଇଦିନ ପୂର୍ବରୁ ଆତଙ୍କବାଦୀମାନେ ଜଣେ ଅଣ-କାଶ୍ମୀରୀ ଯୁବକଙ୍କୁ ମଧ୍ୟ ଗୁଳିକରି ହତ୍ୟା କରିଥିଲେ। ଗୁଇନ୍ଦା ସଂସ୍ଥାଗୁଡ଼ିକର ତଥ୍ୟ ଅନୁଯାୟୀ ବାହାର ରାଜ୍ୟର ଲୋକଙ୍କୁ ଟାର୍ଗେଟ୍ କରି ଆତଙ୍କୀ ଗୋଷ୍ଠୀ ଉପତ୍ୟକାରେ ଭୟର ବାତାବରଣ ସୃଷ୍ଟି କରିବାକୁ ଚାହୁଁଛନ୍ତି। କାଶ୍ମୀର ପଣ୍ଡିତମାନଙ୍କୁ ଥଇଥାନ କରିବା ପାଇଁ ଏବେ ଯେଉଁ ଯୋଜନା କାର୍ଯ୍ୟକାରୀ କରାଯାଉଛି, ତାକୁ ବିଫଳ କରିବା ସେମାନଙ୍କର ଲକ୍ଷ୍ୟ ବୋଲି ଜଣାପଡିଛି। ଗତ ୨୦୧୯ ମସିହାରେ ସମ୍ବିଧାନର ଧାରା-୩୭୦ ଉଚ୍ଛେଦ ହେବା ପରଠାରୁ କାଶ୍ମୀର ଉପତ୍ୟକାରେ ଟାର୍ଗେଟ୍ ହତ୍ୟା କମିବା ପରିବର୍ତ୍ତେ ବଢ଼ି ଚାଲିବା ନିଶ୍ଚିତ ଭାବରେ ଉଦ୍‌ବେଗର ବିଷୟ ହୋଇଛି। ତେବେ ପୂର୍ବରୁ ଜାମ୍ମୁ ଅଞ୍ଚଳରେ ବାହାର ରାଜ୍ୟର ଲୋକଙ୍କୁ ଟାର୍ଗେଟ୍ କରି ଅଧିକ ସଂଖ୍ୟାରେ ହତ୍ୟା କରାଯାଉଥିବା ସ୍ଥଳେ ଏବେ କାଶ୍ମୀର ଉପତ୍ୟକାରେ ମଧ୍ୟ ତାହା ଆରମ୍ଭ ହୋଇଯାଇଛି। ପ୍ରବାସୀ ଶ୍ରମିକ ଓ ଡାକ୍ତର ହତ୍ୟା ପାଇଁ କୁଖ୍ୟାତ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଏବା ନିଜକୁ ଦାୟୀ କରିଥିଲା। ଆଗକୁ ସେମାନେ ଅଧିକ ହିଂସାକାଣ୍ଡ ଓ ଅରାଜକତା ସୃଷ୍ଟି କରିବାର ସମ୍ଭାବନାକୁ ଏଡ଼ାଇ ଦେଇ ହେବନାହିଁ। ରାଜ୍ୟର ନୂତନ ଓମାର ଅବଦୁଲ୍ଲା ସରକାର ଏବଂ ଶାନ୍ତିଶୃଙ୍ଖଳା ବ୍ୟବସ୍ଥାର ତତ୍ତ୍ୱାବଧାନ କରୁଥିବା ଉପରାଜ୍ୟପାଳଙ୍କ ଆଗରେ ଟାର୍ଗେଟ୍ ହତ୍ୟା ଏକ ବଡ଼ ଆହ୍ୱାନ ରୂପେ ଯେ ଦେଖାଦେଇଛି, ଏଥିରେ ସନ୍ଦେହର ଅବକାଶ ନାହିଁ। ଏହାକୁ ଦୃଢ଼ହସ୍ତରେ ଦମନ କରାନଗଲେ ଭୂ-ସ୍ୱର୍ଗ କାଶ୍ମୀରରେ ପୁନର୍ବାର ହିଂସା ଓ ଅରାଜକତାର ନିଆଁ ଜଳିବା ସୁନିଶ୍ଚିତ।

# ଜାତୀୟ ପ୍ରେସ୍ ଦିବସ, ସମ୍ବାଦପତ୍ର ଓ ଆମେ




**ସନତ ମିଶ୍ର**
ସାଧାରଣ ସମ୍ପାଦକ, ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ, ଭୁବନେଶ୍ୱର
ମୋ: ୯୧୭୮୪୪୧୭୧୭


ଭାରତ ସ୍ୱାଧୀନ ହେବାର ୭୭ ବର୍ଷ ପରେ ଏବେ ସମ୍ବାଦପତ୍ର ଉପରେ ସମୀକ୍ଷା କରିବାର ଆବଶ୍ୟକତା ଅନୁଭୂତ ହେଉଛି । ସ୍ୱାଧୀନତା ଲାଭ ପୂର୍ବରୁ ଭାରତର ସ୍ୱାଧୀନତା ଆନ୍ଦୋଳନକୁ ଆହୁରି ସକ୍ରିୟ କରିବାକୁ ସମ୍ବାଦପତ୍ରକୁ ଏକ ଅସ୍ତ୍ର ଭାବରେ ବ୍ୟବହାର କରାଯାଉଥିଲା । ସ୍ୱାଧୀନତା ପରେ ମଧ ସମ୍ବାଦପତ୍ରକୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ବୋଲି ଉଦାହରଣ ଦିଆଯାଉଥିଲା । ମାତ୍ର ସମ୍ବାଦପତ୍ର ବା ମୁଦ୍ରଣ ଗଣମାଧମ ଏବେ ସଙ୍କଟରେ ବୋଲି କୁହାଗଲାଣି । ସମ୍ବାଦପତ୍ରର ଇତିହାସ ବେଶ୍ ଉଜ୍ଜ୍ୱଳ ବୋଲି ମନେ ହୋଇଥାଏ । ଅଷ୍ଟାଦଶ ଶତାବ୍ଦୀରେ ପ୍ରଥମ ଭାରତୀୟ ସମ୍ବାଦପତ୍ର ଭାବେ ବେଙ୍ଗଲ ଗେଜେଟ୍ ବା କାଲକେଟା ଜେନେରାଲ୍ ଆଡ୍‌ଭାଟାଇଜର ଇଂରାଜୀ ଭାଷାରେ ତତ୍କାଳୀନ କଲିକତା ଓ ଏବେର କଲକାତା ମହାନଗରରୁ ପ୍ରକାଶ ପାଇଥିଲା । ଏହାପରେ ୧୭୮୯ ମସିହାରେ ବମ୍ବେ (ଏବର ମୁମ୍ବାଇ) ରୁ ପ୍ରକାଶିତ ହୋଇଥିଲା 'ବମ୍ବେ ହେରାଇଡ୍' ଯାହା ପରବର୍ତ୍ତୀ ବର୍ଷ 'ବମ୍ବେ କୋରିଅ' ଭାବେ ପ୍ରକାଶ ଲାଭ କରିଥିଲା ଓ ପରେ ଇଂରାଜୀ ଭାଷାର ସମ୍ବାଦପତ୍ର 'ଟାଇମ୍‌ସ ଅଫ୍ ଇଣ୍ଡିଆ'ରେ ୧୮୬୧ରେ ଏହାର ମିଶ୍ରଣ ଘଟିଥିଲା ।

ଭାରତରେ ବଙ୍ଗଳା ଭାଷାରେ ପ୍ରଥମ ଆଞ୍ଚଳିକ ସମ୍ବାଦପତ୍ର ଭାବେ ୧୮୧୮ ମେ ୨୩ରେ ସମାଚାର ଦର୍ପଣ ପ୍ରକାଶ ପାଇବା ପରେ ହିନ୍ଦୀ ଭାଷାରେ ପ୍ରଥମ ସମ୍ବାଦପତ୍ର 'ସମାଚାର ସୁଧା ଦର୍ପଣ' ୧୮୫୪ରେ ପ୍ରକାଶ ପାଇଥିଲା ଓ ଏହା ପରେ କନ୍ନଡ଼, ମାଲାୟଲାମ୍, ତାମିଲ୍ ପ୍ରଭୃତି ଭାଷାରେ ସମ୍ବାଦପତ୍ର ପ୍ରକାଶିତ ହୋଇଥିଲା ଓ ପ୍ରକୃତରେ ପ୍ରଥମ ଓଡ଼ିଆ ସମ୍ବାଦପତ୍ର "ଉତ୍କଳ ଦୀପିକା" ସାପ୍ତାହିକ ସମ୍ବାଦପତ୍ର ଭାବେ ୪ ଅଗଷ୍ଟ ୧୮୬୬ରେ ମୁଦ୍ରିତ ହୋଇ ଲୋକପ୍ରିୟତା ଅର୍ଜନ କରିଥିଲା । ଗୌରୀଶଙ୍କର ରାୟ ଏହାର ସମ୍ପାଦକ ଥିଲେ । ପରେ ପରେ 'ସମାଜ', 'ଦୈନିକ ଆଶା', 'ପ୍ରଜାତନ୍ତ୍ର' ଓ ଅନ୍ୟାନ୍ୟ ସମ୍ବାଦପତ୍ର ଆଦୃତ ହୋଇଥିଲା । ଏବେ ଏକବିଂଶ ଶତାବ୍ଦୀରେ 'ସମାଜ' ଏକଶତ ବର୍ଷରୁ ଉର୍ଦ୍ଧ୍ୱ ପୁରାତନ ସମ୍ବାଦପତ୍ର ଭାବେ ଓଡ଼ିଆ ପାଠକଙ୍କ ପ୍ରତିନିଧିତ୍ୱ କରି ଆସୁଥିବା ବେଳେ ଅନ୍ୟାନ୍ୟ ଦୈନିକ ସମ୍ବାଦପତ୍ର ଭାବେ ସମ୍ବାଦ, ଧରିତ୍ରୀ, ଓଡ଼ିଶା ଭାସ୍କର, ପ୍ରମେୟ, , ପ୍ରଗତିବାଦୀ ଓ ପ୍ରଜାତନ୍ତ୍ର ମଧ ନିଜ ନିଜର ସ୍ଥିତି ବଜାୟ ରଖିପାରିଛି । ଆହୁରି ଅନେକ ଓଡ଼ିଆ ଦୈନିକ ସମ୍ବାଦପତ୍ର ଅଛି, ଯାହାର ନାମ ସବୁକୁ ଆଲୋଚନା କରାଯାଇପାରନ୍ତା ।

ସାପ୍ତାହିକ ସମ୍ବାଦପତ୍ର ଭାବେ 'ରାଷ୍ଟ୍ରଦୀପ' ସାପ୍ତାହିକ ସମ୍ବାଦପତ୍ର ଅନ୍ୟାନ୍ୟ ସାପ୍ତାହିକ ସମ୍ବାଦପତ୍ର ଓ ମାସିକ ଓଡ଼ିଆ ପତ୍ରିକା ଭାବେ ଶୈଳବାଳା ମିଶ୍ରଙ୍କ ସଂଯୋଜନାରେ 'ସମାରୋହ' ପ୍ରଭାସ ଆଚାର୍ଯ୍ୟଙ୍କ ସମ୍ପାଦନରେ 'ଗୋପବନ୍ଧୁଙ୍କ ସତ୍ୟବାଦୀ', ଡ. ଭର୍ତ୍ତୃହରି ମହତାବଙ୍କ ସମ୍ପାଦନାରେ 'ଝଙ୍କାର', ଇତି ସାମନ୍ତଙ୍କ ସମ୍ପାଦନରେ 'କାଦମ୍ବିନୀ', ସୁଦତ୍ତା ପଟ୍ଟନାୟକଙ୍କ ସମ୍ପାଦନରେ 'ପୌରୁଷ' ପ୍ରଭୃତି ପ୍ରକାଶ ପାଇଚାଲିଛି । ଏସବୁ ପତ୍ରିକା ପାଠକମାନଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଛି ।

କରୋନା ମହାମାରୀ ପରେ କେବଳ ଭାରତରେ ନୁହେଁ, ସାରା ବିଶ୍ୱରେ ସମ୍ବାଦପତ୍ର ଓ ପତ୍ରପତ୍ରିକାର ପ୍ରକାଶନ ଏବଂ ବିତରଣ କ୍ଷେତ୍ରରେ ସଙ୍କଟ ଦେଖାଯାଇଥିଲା । ମାତ୍ର ଏବେ ସେପରି ଅବସ୍ଥା ନାହିଁ । ଏବେ ମୁଦ୍ରଣ ଗଣମାଧମ ସହିତ ପ୍ରତିଯୋଗିତାର ସମ୍ମୁଖୀନ ହୋଇଛି ବିଭିନ୍ନ ଘରୋଇ ଟି.ଭି ଚାନେଲ୍ ଏବେ ସେହି ସବୁ ଘରୋଇ ଓ ସରକାରୀ ଟିଭି ଚାନେଲ୍‌କୁ ବା ତଡ଼ିତ ଗଣମାଧମକୁ ପଛରେ ପକାଇ ପାରିଛି ବିଭିନ୍ନ ସାମାଜିକ ଗଣମାଧମ । ଏବେ ମୋବାଇଲ୍‌ର ପ୍ରଚଳନ ବହୁ ସଂଖ୍ୟାରେ ହେବାରୁ ମୋବାଇଲ୍ ଯୋଗେ ବିଭିନ୍ନ ଆମୋଦପ୍ରମୋଦ ବ୍ୟବସ୍ଥା ସମେତ ଖବର ତଥା ଅନ୍ୟାନ୍ୟ ସୂଚନା ଏବେ ସାମାଜିକ ଗଣମାଧମ ଜରିଆରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ରହିଛି। 'ହ୍ୱାଟ୍‌ସ ଆପ୍' ପରେ ସବୁଠାରୁ ବେଶୀ ଆଦୃତ ସାମାଜିକ ଗଣମାଧମ ହେଉଛି 'ଫେସ୍ ବୁକ୍' । ସାରା ବିଶ୍ୱରେ ଏମ୍.ଓ.ଏମ୍. ନିୟୁତ ବ୍ୟକ୍ତି । ଚଳିତ ବର୍ଷ (୨୦୨୪ରେ) ଏହି 'ଫେସ୍‌ବୁକ୍' ସହିତ ଯୋଡ଼ି ହୋଇ ରହିଛନ୍ତି । ଏହା ପଛକୁ 'ଇନ୍‌ଷ୍ଟାଗ୍ରାମ୍' ବି ରହିଛି । ଅଳ୍ପ କେତେକ ଗ୍ରାହକ ଟୁଇଟରରେ ଥିଲେ ମଧ ଟୁଇଟର ଏତେଟା ପ୍ରଭାବଶାଳୀ ହୋଇପାରିନାହିଁ ।

ଏବେ ମୁଦ୍ରଣ ଗଣମାଧମର ମାଲିକ ଓ ସାମ୍ବାଦିକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କେନ୍ଦ୍ର ବା ରାଜ୍ୟ ସରକାର ତଥା ସମ୍ବାଦପତ୍ର ମାଲିକମାନେ ଏଥିପ୍ରତି ସଚେତନ ହୋଇପାରିଲେ ଅନେକ ସମସ୍ୟାର ସମାଧାନ ହୋଇପାରନ୍ତା । ଯେଉଁ ସାମ୍ବାଦିକମାନେ ସାମ୍ବାଦିକ ସଂଘ ଗଠନ କରିଛନ୍ତି, ସେମାନେ ସାମ୍ବାଦିକ ବା ସମ୍ବାଦପତ୍ର କର୍ମଚାରୀଙ୍କ ସ୍ୱାର୍ଥରକ୍ଷା ଲାଗି ଏବେ କୌଣସି ସକ୍ରିୟ ଭୂମିକାରେ ଥିବାପରି ମନେ ହେଉନାହିଁ । ଅବଶ୍ୟ ବିଭିନ୍ନ ସଭା ସମିତି ଧାରଣା ଆଲୋଚନାଚକ୍ରରେ ସେମାନେ ବ୍ୟସ୍ତ ରହୁଛନ୍ତି ।

ସମ୍ବାଦପତ୍ର ବା ଏହାର ସାମ୍ବାଦିକତା ସ୍ୱାଧୀନତା ମଧ ସଙ୍କୁଚିତ ହୋଇଥିବା ପରି ମନେ ହେଉଛି । ସମ୍ବାଦପତ୍ରକୁ ନିୟନ୍ତ୍ରଣ କରିବାକୁ ୧୯୬୬ ମସିହା ନଭେମ୍ବର ୧୬ ତାରିଖରୁ ଭାରତ ସରକାର ପ୍ରେସ୍ କାଉନ୍‌ସିଲ୍ ସଂସ୍ଥା ଆରମ୍ଭ କରିଥିଲେ । ସେହି ଦିବସଟି ଅର୍ଥାତ୍ ନଭେମ୍ବର ୧୬କୁ ଆମେ ପ୍ରେସ୍ ଦିବସ ଭାବେ ପାଳନ କରିଆସୁଛୁ। ସର୍ବଭାରତୀୟ ସ୍ତରରେ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ ଯାହା କି ଦୀପକ ମାଲବ୍ୟଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଛି, ତାହାର ସଭାପତି ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଓ ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ଅଛନ୍ତି । ସାମ୍ବାଦିକମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ଏହି ଅନୁଷ୍ଠାନ କାର୍ଯ୍ୟ କରୁଛି ।

# 'ଛାଡ଼ଖାଇ'ରେ ପଶୁହତ୍ୟା




**ଡ. ଅରୁନ୍ଧତୀ ଦେବୀ**
ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ
କଟକ, ମୋ: ୯୯୩୭୧୭୨୮୧୦


କାର୍ତ୍ତିକ ମାସ ଶେଷରେ ସାରା ରାଜ୍ୟରେ ଛାଡ଼ଖାଇ ପାଳନ କରାଯାଉଛି । ଛାଡ଼ଖାଇ ହେଉଛି ମାସ ସାରା ଆମିଷ ନଖାଇବାର ଅରୁଚିକୁ ଛଡ଼ାଇବା । ଏଥିପାଇଁ କେତେ ନିରୀହ ପଶୁପକ୍ଷୀଙ୍କୁ ହତ୍ୟା କରାଯାଇଛି । ଲକ୍ଷାଧିକ ଛେଳି, କୁକୁଡ଼ା ବଳି ପଡ଼ିଛନ୍ତି । ଏଠାରେ ପ୍ରଶ୍ନ ଉଠୁଛି, ମାସ ସାରା ଧର୍ମ ଆଚରଣ କରିବା ପରେ ପଶୁପକ୍ଷୀଙ୍କୁ ହତ୍ୟା କରି ଆମେ କେଉଁ ପ୍ରକାରର ଧର୍ମ ପାଳନ କରୁଛେ। ଆମକୁ ସୁହାଇଲା ପରି କାମକୁ ଆମେ ପରମ୍ପରାର ନାମ ଦେଇଛେ । ନିଜ ମନକୁ ଶାନ୍ତି କରିବା ପାଇଁ ବଳିପ୍ରଥାକୁ ମଧ ପ୍ରୋତ୍ସାହନ ଦେଉଛେ । ଈଶ୍ୱରଙ୍କ ନାମ ନେଇ ଦେବୀ ପୀଠରେ ପଶୁବଳି ଦେବାକୁ ପଛଘୁଞ୍ଚା ଦେଉନାହୁଁ । ପ୍ରଶାସନ ବଳିପ୍ରଥା ବନ୍ଦ କରିବା ପାଇଁ ଯେତେ ଉଦ୍ୟମ କଲେ ମଧ ତାହା ସଫଳ ହେଉନାହିଁ । ଆଜିର ଏକବିଂଶ ଶତାବ୍ଦୀରେ ବଳିପ୍ରଥା କେତେ ସମୀଚିନ ତାହା ଆଧୁନିକ ମଣିଷ ବିଚାର କରିବାର କଥା ।

> *ଓଡ଼ିଆ ସଂସ୍କୃତିରେ ମାଘ, ବୈଶାଖ ଓ କାର୍ତ୍ତିକ ହେଉଛନ୍ତି ଧର୍ମ ମାସ । ଏହି ମାସ ଗୁଡ଼ିକରେ ସାରା ମାସ ବ୍ରତ ପାଳନ କରାଯାଏ । ମାଘ ଓ ବୈଶାଖ ହବିଷ ମାସ ହୋଇଥିଲେ ହେଁ ସମସ୍ତେ ପାଳନ କରନ୍ତି ନାହିଁ। କାର୍ତ୍ତିକ ମାସକୁ ସର୍ବାଧିକ ଗୁରୁତ୍ୱ ଦିଆଯାଏ । ବିଧବାଙ୍କ ପାଇଁ କାର୍ତ୍ତିକ ବ୍ରତ ପାଳନ ବାଧ୍ୟତାମୂଳକ । କାର୍ତ୍ତିକରେ ବିଧବାମାନେ ଦିନରେ ଥରେ ମାତ୍ର ଘୃତ ମିଶ୍ରିତ ଅରୁଆ ଅନ୍ନ ସହ ମୁଗ, କଦଳୀ, ଓଉ ଓ ସାରୁ ମିଶା ଡାଲି ଭୋଜନ କରନ୍ତି । ଏହି ସାମଗ୍ରୀଗୁଡ଼ିକ ଛଡ଼ା ଅନ୍ୟ ସମସ୍ତ ଖାଦ୍ୟ ବର୍ଜନୀୟ । ସେମାନେ ପରିତ୍ୟାଗ କରିଥିବା ଖାଦ୍ୟଗୁଡ଼ିକୁ ବ୍ରତ ଶେଷ ହେବାପରେ ଖାଇବାକୁ ଛାଡ଼ଖାଇ କୁହାଯାଏ । ଛାଡ଼ଖାଇରେ ବିଧବାମାନେ ସାଧାରଣତଃ କାଞ୍ଜି ଖାଆନ୍ତି । ମାସ ଆରମ୍ଭରେ ତ୍ୟାଗ କରିଥିବା ଅନ୍ୟ ପରିବାପତ୍ର, ଫଳମୂଳ, ଉଷୁନା, ଭାତ, ଚୁଡ଼ା ଶାଗ ଓ ଖଟା ମଧ ଖାଆନ୍ତି । ଏସବୁ ଛାଡ଼ଖାଇର ଖାଦ୍ୟ । ଛାଡ଼ଖାଇ ସହ ଆମିଷ ଭୋଜନରେ କୌଣସି ପାରମ୍ପରିକ ସଂପର୍କ ନାହିଁ । ତେଣୁ ଏହି ଦିନରେ ଆମିଷ ଖାଇବା ନିହାତି ଆବଶ୍ୟକ ବୋଲି ମନେ କରିବା ଧାରଣା ଭ୍ରମାତ୍ମକ । ଛାଡ଼ଖାଇର ମର୍ମ ସଂପର୍କରେ ଜ୍ଞାନ ଅଭାବରୁ ଆଜିକାଲି ଆମେ ଏହାକୁ ମାଂସ ଭକ୍ଷଣ ଉତ୍ସବରେ ପରିଣତ କରିଛେ ।*

ପଶୁହତ୍ୟାକୁ ବନ୍ଦ କରିବା ପାଇଁ କେତେ ବେସରକାରୀ ସଂଗଠନ କାମ କରୁଛନ୍ତି । ଜାତୀୟ ସ୍ତରରେ ମେନକା ଗାନ୍ଧୀ ଏଥିପାଇଁ ଅନେକ ପଦକ୍ଷେପ ନେଇଛନ୍ତି । ଆନ୍ତର୍ଜାତିକ ସ୍ତରରେ ପେଟା ଭଳି ସଂସ୍ଥା ପଶୁ କ୍ରୁରତା ବିରୋଧରେ କାର୍ଯ୍ୟ କରୁଛନ୍ତି । ତଥାପି ଆମେ ପଶୁପକ୍ଷୀଙ୍କ ପ୍ରତି ଆମ ମନୋଭାବରେ ପରିବର୍ତ୍ତନ ଆଣିପାରୁନାହୁଁ । ଏକ ସର୍ବେକ୍ଷଣରୁ ଜଣାଯାଇଛି ଯେ, ଆମିଷାଶୀଙ୍କ ଠାରୁ ନିରାମିଶାଷୀ ଦୀର୍ଘ ନିରାମୟ ଜୀବନଯାପନ କରିଥାନ୍ତି । ଆମିଷ ଭକ୍ଷଣ କରୁଥିବା ଲୋକେ ହଠାତ୍ ଉତ୍ତେଜନାର ବଶବର୍ତ୍ତୀ ହୋଇଉଠନ୍ତି । ସେମାନଙ୍କର ରକ୍ତଚାପ ବୃଦ୍ଧି ଘଟେ । କୌଣସି ଅପରାଧରେ ମଦ ଓ ମାଂସ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ତଥାପି ଆମିଷ ଅଧିକାଂଶ ଲୋକଙ୍କର ପ୍ରିୟ ଖାଦ୍ୟ । ବିଭିନ୍ନ ବାର ଓ ପର୍ବର ନାମ ନେଇ ଆମେ ପଶୁ ମାଂସ ଭକ୍ଷଣକୁ ଆମର ନିତ୍ୟନୈମିତିକ ଜୀବନରେ ଭର୍ତ୍ତି କରିଦେଇଛୁ ।

ତେବେ ୨୦୨୧ରେ ଜାତିସଂଘ ରିପୋର୍ଟ ଅନୁଯାୟୀ ଭାରତରେ ନିରାମିଷାସୀଙ୍କ ସଂଖ୍ୟା ଅଧିକ । ସିଏନ୍‌ଏନ୍-ଆଇବିଏନ୍ ଓ ହିନ୍ଦୁର ସର୍ବେକ୍ଷଣ ଅନୁଯାୟୀ, ଭାରତରେ ୩୧ ପ୍ରତିଶତ ହେଉଛନ୍ତି ନିରାମିଷାସୀ । ଜୈନ ସଂପ୍ରଦାୟ ସଂପୂର୍ଣ୍ଣ ନିରାମିଷାଶୀ ହୋଇଥିଲା ବେଳେ ହିନ୍ଦୁ ଧର୍ମର ବ୍ରାହ୍ମଣ ସଂପ୍ରଦାୟର ୫୫ ପ୍ରତିଶତ ଆମିଷ ଖାଆନ୍ତି ନାହିଁ । ମୁସଲମାନଙ୍କ ମଧ୍ୟରେ ମାତ୍ର ୩ ପ୍ରତିଶତ ଆମିଷକୁ ପସନ୍ଦ କରନ୍ତି ନାହିଁ । ତେବେ ବିଶ୍ୱର ଅନ୍ୟ ଦେଶମାନଙ୍କ ଭଳି ଭାରତରେ ମାଂସ ଭକ୍ଷଣ କମ୍। ମାତ୍ର ଏହି ଧାରା ଧୀରେ ଧୀରେ କମିବାକୁ ଲାଗିଛି । ୨୦୨୧ ଜୁନରେ ବିଶ୍ୱର ପ୍ରମୁଖ ପତ୍ରିକା ଭେଜିଟେରିଆନ୍ସ ନ୍ୟୁଜିଲାଣ୍ଡ ତରଫରୁ କରାଯାଇଥିବା ସର୍ଭେ ଅନୁଯାୟୀ ଭାରତ ସମୁଦାୟ ଲୋକଙ୍କ ମଧ୍ୟରୁ ଆମିଷ ଖାଉଥିବା ଲୋକଙ୍କ ସଂଖ୍ୟା ୫୦ କୋଟି । ଯାହାକି ୨୦୧୭ ଜାତିସଂଘ ସର୍ଭେ ଅନୁଯାୟୀ ଆମିଷାଶୀଙ୍କ ସଂଖ୍ୟାରେ ୩ ପ୍ରତିଶତ ବୃଦ୍ଧି ଘଟିଛି । ଭାରତ ମୁଖ୍ୟତଃ ନିରାମିଷାଶୀଙ୍କ ଏକ ଦେଶ ହୋଇଥିଲେ ମଧ ଏହି ଧାରାରେ ପରିବର୍ତ୍ତନ ଘଟୁଛି । ନିରାମିଷାଶୀଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି । ଫଳରେ ପଶୁହତ୍ୟା ବଢ଼ିବାରେ ଲାଗିଛି । ଯାହାକି ଉଦ୍‌ବେଗର ବିଷୟ। ବାସ୍ତବ କଥା ହେଉଛି ଛାଡ଼ଖାଇର ଅନ୍ତର୍ନିହିତ ଆଧ୍ୟାତ୍ମିକ ତାତ୍ପର୍ଯ୍ୟ କଥାକୁ ଭୁଲି ଯାଇ ଜିଭ ଲାଳସାର ଆଗ୍ରହକୁ ପ୍ରାଧାନ୍ୟ ଦେଉଛୁ।

# ଜୀବନ ଚେତନାରେ ଭଗବତ ଗୀତା


**ଡକ୍ଟର ତପନ କୁମାର ପାଳ**
*ଦେଉଳ ସାହି, ତୁଳସୀପୁର, କଟକ*


ହିନ୍ଦୁ ପରମ୍ପରା ଅନୁଯାୟୀ ଶ୍ରୀମଦ୍ ଭଗବତ୍ ଗୀତାର ସୃଷ୍ଟି ଦିବସକୁ ଗୀତା ଜୟନ୍ତୀ ଭାବେ ପାଳନ କରାଯାଇଥାଏ। ମାର୍ଗଶୀର ଶୁକ୍ଳ ଏକାଦଶୀରୁ ଚତୁର୍ଦ୍ଦଶୀ ମଧ୍ୟରେ ଗୀତା ଜୟନ୍ତୀ ପାଳନ କରାଯାଇଥାଏ। ମହାଭାରତ ଯୁଦ୍ଧ ପୂର୍ବରୁ ଯୁଦ୍ଧ ଭୂମିରେ ଆତ୍ମୀୟ ସ୍ୱଜନଙ୍କୁ ଦେଖି ମୋହଗ୍ରସ୍ତ ହୋଇପଡ଼ିଥିବା ଅର୍ଜୁନଙ୍କୁ ଯୋଗୀରାଜ ଶ୍ରୀକୃଷ୍ଣ ଗୀତା ଉପଦେଶ ପ୍ରଦାନ କରିଥିଲେ। ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଛନ୍ଦ ରୂପରେ ଅର୍ଥାତ୍ ଗୀତା ଗାଇ ଉପଦେଶ ପ୍ରଦାନ କରିଥିଲେ। ସେଥିପାଇଁ ଏହାକୁ ଗୀତା କୁହାଯାଇଥାଏ। ସ୍ୱୟଂ ଭଗବାନଙ୍କ ମୁଖ ନିସୃତ ବାଣୀ ହୋଇଥିବାରୁ ଏହି ଗ୍ରନ୍ଥର ନାମ ଭଗବତ ଗୀତା ହୋଇଛି। ଏହି ମହାଗ୍ରନ୍ଥରେ ୧୮ ଅଧ୍ୟାୟ ଏବଂ ୭୦୦ଟି ଶ୍ଳୋକ ରହିଛି। ଭଗବତ ଗୀତାରେ ଏକାଧିକ ବିଦ୍ୟା ସମ୍ପର୍କରେ ଉଲ୍ଲେଖ ରହିଛି। ଏହି ବିଦ୍ୟାଗୁଡ଼ିକ ମଧ୍ୟରୁ ଚାରିଟି ବିଦ୍ୟା ପ୍ରମୁଖ। ଅଭୟ ବିଦ୍ୟା, ସାମ୍ୟ ବିଦ୍ୟା, ଈଶ୍ୱର ବିଦ୍ୟା ଏବଂ ବ୍ରହ୍ମ ବିଦ୍ୟା। ଅଭୟ ବିଦ୍ୟା ମୃତ୍ୟୁ ଭୟ ଦୂର କରିଥାଏ ବୋଲି ବିଶ୍ୱାସ ରହିଛି। ସେହିପରି ସାମ୍ୟ ବିଦ୍ୟା ରୋଗ ଦ୍ୱେଷରୁ ମୁକ୍ତି ଦେଇଥାଏ। ଜୀବ ମଧ୍ୟରେ ସମାନତାର ଭାବ ପ୍ରକଟ କରିଥାଏ। ଈଶ୍ୱର ବିଦ୍ୟା ପ୍ରଭାବରେ ସାଧକ ଅହଂ ଏବଂ ଗର୍ବ ଭଳି ବିକାରରୁ ରକ୍ଷା ପାଇଥାଏ। ବ୍ରହ୍ମ ବିଦ୍ୟା ଦ୍ୱାରା ଅର୍ନ୍ତଆତ୍ମାରେ ବ୍ରହ୍ମ ଭାବ ଜାଗ୍ରତ ହୋଇଥାଏ। ଗୀତା ମାହାତ୍ମ୍ୟ ବିଷୟରେ ଶ୍ରୀକୃଷ୍ଣ ପଦ୍ମ ପୁରାଣରେ କହିଛନ୍ତି ଯେ ଏ ଭବ ସାଗରର ବନ୍ଧନରୁ ମୁକୁଳିବା ନିମନ୍ତେ ଗୀତା ହିଁ ଏକମାତ୍ର ପବିତ୍ର ଗ୍ରନ୍ଥ। ଗୀତାର ଉଦ୍ଦେଶ୍ୟ ଈଶ୍ୱରଙ୍କ ଜ୍ଞାନ ବୋଲି ବିବେଚନା କରାଯାଇଥାଏ।

ଗୀତା ଏକ ପୂଣ୍ୟ ଗ୍ରନ୍ଥ, ଯାହା ଘରେ ଘରେ ପରିଚିତ। ଏହାକୁ ପୂଜା କରିବାର ବିଧି ମଧ ରହିଛି। ଭଗବାନ ଶ୍ରୀକୃଷ୍ଣ ମହାଭାରତ ଯୁଦ୍ଧଭୂମିରେ ଏହି ଗୀତା ଶଖା ଅର୍ଜୁନଙ୍କୁ ଶୁଣାଇଛନ୍ତି। ଆଜି ଦେଶରେ ଗୀତା ଜୟନ୍ତୀ ପାଳିତ ହେଉଛି। ଶ୍ରୀମଦ୍ ଭାଗବତ ଗୀତା ହେଉଛି ମହାଭାରତର ଅଂଶ। ଶ୍ରୀ ବ୍ୟାସଦେବ ହେଉଛନ୍ତି ଏହାର ସଙ୍କଳନ କର୍ତ୍ତା। ଶ୍ରୀକୃଷ୍ଣ ନିଜ ଉପଦେଶର ଅଧିକାଂଶ ଶ୍ଳୋକରେ ହିଁ କହିଥିଲେ ବ୍ୟାସଦେବ ତାହା ଅବିକଳ ଲିପିବଦ୍ଧ କରିଛନ୍ତି। ଯେଉଁ ଅଂଶ ସେ ଗଦ୍ୟରେ କହିଥିଲେ, ତାହା ବ୍ୟାସଦେବ ନିଜେ ଶ୍ଳୋକବଦ୍ଧ କହିଦେଇଛନ୍ତି, ତା'ସଙ୍ଗେ ସଙ୍ଗେ ସେ ଅର୍ଜୁନ, ସଞ୍ଜୟ ଏବଂ ଧୃତରାଷ୍ଟ୍ରଙ୍କ ବଚନକୁ ମଧ ନିଜ ଭାଷାରେ ଶ୍ଳୋକବଦ୍ଧ କରିଛନ୍ତି। ଗୀତାରେ ପ୍ରକୃତ ଶ୍ରୀକୃଷ୍ଣ କଥିତ ଶ୍ଳୋକ ସଂଖ୍ୟା ୬୨୦, ଅର୍ଜୁନ କଥିତ ଶ୍ଳୋକ ସଂଖ୍ୟା ୫୭, ସଞ୍ଜୟ କଥିତ ଶ୍ଳୋକ ସଂଖ୍ୟା ୬୭ ଏବଂ ଧୃତରାଷ୍ଟ୍ରଙ୍କ ଦ୍ୱାରା ଗୋଟିଏ ଶ୍ଳୋକ କଥିତ। ଏହି ୭୪୫ ଶ୍ଳୋକରେ ସଂପୂର୍ଣ୍ଣ ହୋଇଥିବା ଗୀତା ଗ୍ରନ୍ଥକୁ ଅଠର ଅଧ୍ୟାୟରେ ବିଭକ୍ତ କରି ମହାଭାରତର ଅଂଶ ଭାବେ ଯୋଗ କରିଛନ୍ତି। ଗୀତାର ୧୮ଟି ଅଧ୍ୟାୟ ହେଉଛି ୧୮ଟି ଯୋଗ । ପ୍ରଥମ ୬ ଅଧ୍ୟାୟରେ ନିଷ୍କାମ କର୍ମଯୋଗ, ଦ୍ୱିତୀୟ ୬ ଅଧ୍ୟାୟରେ ଭକ୍ତିଯୋଗ ଏବଂ ଶେଷ ୬ ଅଧ୍ୟାୟରେ ଜ୍ଞାନଯୋଗ ବର୍ଣ୍ଣନା କରାଯାଇଛି।

ଧର୍ମ-ଅଧର୍ମ, ସତ୍ୟ-ଅସତ୍ୟର ଯୁଦ୍ଧ ମହାଭାରତରେ କୌରବ ଏବଂ ପାଣ୍ଡବଙ୍କ ସେନା ପରସ୍ପରର ସାମ୍ନାସାମ୍ନି ଥିଲେ। ଅର୍ଜୁନଙ୍କ ସାରଥୀ ଭଗବାନ ଶ୍ରୀକୃଷ୍ଣ ରଥକୁ ଦୁଇ ସେନାଙ୍କ ମଧ୍ୟଭାଗକୁ ନେଇଗଲେ। ଅର୍ଜୁନ ଦେଖିଲେ ଯେ ତାଙ୍କ ସମ୍ମୁଖରେ ପିତାମହ ଭୀଷ୍ମ, ଗୁରୁ ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ ଏବଂ ତାଙ୍କ ଭ୍ରାତା, ସମ୍ପର୍କୀୟମାନେ ବିରୋଧୀ ପକ୍ଷରେ ଛିଡ଼ା ହୋଇଥିଲେ। ଅର୍ଜୁନ ସାହସ ହରାଇଲେ। ସେ ଶ୍ରୀକୃଷ୍ଣଙ୍କୁ କହିଲେ, ନିଜ ସ୍ୱଜନ ଏବଂ ନିର୍ଦ୍ଦୋଷ ସୈନିକଙ୍କ ହତ୍ୟା କରିବା ଫଳରେ ଯେଉଁ ମୁକୁଟ ହାସଲ ହେବ, ତାହା ମୋତେ କି ସୁଖ ପ୍ରଦାନ କରିବ ? ଅର୍ଜୁନ ସମ୍ପୂର୍ଣ୍ଣ ଭାବେ ଅବସାଦଗ୍ରସ୍ତ ହୋଇପଡ଼ିଥିଲେ। ସେ ନିଜ ଅସ୍ତ୍ରଶସ୍ତ୍ର କୃଷ୍ଣଙ୍କ ସମ୍ମୁଖରେ ଭୂମି ଉପରେ ରଖି ତାଙ୍କ ମାର୍ଗଦର୍ଶନ ମାଗିଲେ। ଏହି ସମୟରେ ଶ୍ରୀମଦ୍‌ଭାଗବତ ଗୀତାର ଜନ୍ମ ହୋଇଥିଲା। ଭଗବାନଙ୍କ ମୁଖ ନିସୃତବାଣୀକୁ ମହର୍ଷି ବେଦବ୍ୟାସ ଲିପିବଦ୍ଧ କରିଥିଲେ। ଏହା ହିଁ ଭଗବତ୍ ଗୀତା ଗ୍ରନ୍ଥର ରୂପ ନେଇଥିଲା। ଗୀତାର ଆଧ୍ୟାତ୍ମିକ ସିଦ୍ଧାନ୍ତ ସ୍ୱୟଂସିଦ୍ଧ। ବିଶ୍ୱର ଅନେକ ବିଦ୍ୱାନ ଗୀତାକୁ ଧର୍ମ, ଜ୍ଞାନ, ଭକ୍ତି, ଉପାସନା ଏବଂ କର୍ମର ଗୁଢ଼ଗମ୍ଭୀର ମୀମାଂସା ବିଷୟ ଉଲ୍ଲେଖ ଥିବା ଶ୍ରେଷ୍ଠ ଗ୍ରନ୍ଥ ବୋଲି ମାନିଛନ୍ତି। ଭାରତୀୟ ବେଦାଚାର୍ଯ୍ୟମାନେ ଏହାକୁ ଉପନିଷଦ ବୋଲି ମାନିଛନ୍ତି। ମହାଭାରତ ଯୁଦ୍ଧ କ୍ଷେତ୍ରରେ ମୋହଗ୍ରସ୍ତ ହୋଇପଡ଼ିଥିବା ଅର୍ଜୁନଙ୍କୁ ଭଗବାନ ଶ୍ରୀକୃଷ୍ଣ କର୍ମଯୋଗର ପାଠ ପଢ଼ାଇ ତାଙ୍କୁ କର୍ମପ୍ରବୃତ୍ତ କରିଥିଲେ। ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ବୁଝାଇଥିଲେ ଯେ ମାନବ ଶରୀର ହେଉଛି ତାଙ୍କ ପାଇଁ ପ୍ରଥମ ଶତ୍ରୁ। ଅର୍ଜୁନ କେବଳ ସେହି ପାପୀ ଶରୀରର ଅନ୍ତ କରିବେ, ଆତ୍ମାର ନୁହେଁ। ମୃତ୍ୟୁବରଣ କରିବା ପରେ ସମସ୍ତ ଆତ୍ମା ସେହି ଅନନ୍ତ ଆତ୍ମାରେ ବିଲୀନ ହୋଇଯାଇଥାନ୍ତି। ଶରୀର କ୍ଷୟଶୀଳ, କିନ୍ତୁ ଆତ୍ମା ଅମର। ଆତ୍ମାକୁ କୌଣସି ପ୍ରକାରେ ନଷ୍ଟ କରାଯାଇପାରିବ ନାହିଁ। ଏହି ଅବସରରେ ଶ୍ରୀକୃଷ୍ଣ ପରମତତ୍ତ୍ୱଙ୍କ ସେହି ପ୍ରକୃତିର ଦର୍ଶନ ଅର୍ଜୁନଙ୍କୁ କରାଇଥିଲେ। ଭଗବାନଙ୍କ ଅନନ୍ତସ୍ୱରୂପରେ ସମଗ୍ର ବ୍ରହ୍ମାଣ୍ଡ ନିହିତ ଥିବା ଜାଣି ଅର୍ଜୁନଙ୍କର ହୃଦ୍‌ବୋଧ ହୋଇଥାଏ ଯେ ସେ ଯାହା କରିବାକୁ ଯାଉଛନ୍ତି, ସବୁକିଛି ବିଧି ନିର୍ଦ୍ଧାରିତ। ଗୀତାର ୧୮ଟି ଅଧ୍ୟାୟ ମାଧ୍ୟମରେ ଜୀବନର ସିଦ୍ଧ ସୂତ୍ର ସମଗ୍ର ମାନବ ଜଗତ ପାଇଁ ଭଗବାନ ଶ୍ରୀକୃଷ୍ଣ ପ୍ରଦାନ କରି ଯାଇଛନ୍ତି। ଏଥିରେ ଜ୍ଞାନ, କର୍ମ, ଭକ୍ତି, ରାଜବିଦ୍ୟା, ବିଭୂତି ଠାରୁ ମୋକ୍ଷର ମାର୍ଗ ସମ୍ପର୍କରେ ଉଲ୍ଲେଖ ରହିଛି। ଗୀତାର ଅମୃତ ଜ୍ଞାନ ହେଉଛି 'ହେ ଅର୍ଜୁନ। କେବଳ କର୍ମ ଉପରେ ତୁମର ଅଧିକାର ରହିଛି, ଫଳ ଉପରେ ନୁହେଁ। ଏଣୁ ଫଳର ଆଶା ନକରି କର୍ମ କର। କର୍ମ ନକରିବା ଲାଗି ମଧ ତୁମ ମନରେ ଆସକ୍ତି ଉତ୍ପନ୍ନ ନହେଉ। ବିଷୟର ଚିନ୍ତନ କରିବା ଦ୍ୱାରା ମନୁଷ୍ୟ ମନରେ ବସ୍ତୁବାଦୀ ଦୁନିଆ ପ୍ରତି ଆସକ୍ତି ଉତ୍ପନ୍ନ ହୋଇଥାଏ। ଯାହା କାମନାକୁ ଜନ୍ମ ଦେଇଥାଏ। ଏଥିରୁ କ୍ରୋଧ ଉତ୍ପନ୍ନ ହୋଇଥାଏ। କ୍ରୋଧରୁ ମୋହ ଏବଂ ମୋହ ସ୍ମୃତିଶକ୍ତିକୁ ଭ୍ରମିତ କରିଥାଏ। ସ୍ମୃତି ଲୋପ ପାଇଗଲେ ଉଚିତ-ଅନୁଚିତ୍ ବିଚାର କରୁଥିବା ବୁଦ୍ଧି ନଷ୍ଟ ହୋଇଯାଇଥାଏ। ବୁଦ୍ଧି ନଷ୍ଟ ହୋଇଗଲେ ସ୍ୱୟଂ ମନୁଷ୍ୟ ନଷ୍ଟ ହୋଇଯାଇଥାଏ। ଯେଉଁ ମୂଢ଼ବୁଦ୍ଧି ଇନ୍ଦ୍ରିୟକୁ ହଟପୂର୍ବକ ନିୟନ୍ତ୍ରଣ କରି ମନରେ ତାର ଚିନ୍ତନ କରିଥାଏ, ସେ ମିଥ୍ୟାଚାରୀ ହୋଇଥାଏ। କିନ୍ତୁ ଯିଏ ଇନ୍ଦ୍ରିୟକୁ ମନ ଦ୍ୱାରା ସଂଯମ କରିଥାଏ ସେ ନିରାସକ୍ତ ହୋଇଥାଏ। ଏହା ହିଁ କର୍ମଯୋଗର ଶ୍ରେଷ୍ଠ ଆଚାରଣ। ଯିଏ ଦ୍ୱେଷ ଭାବରୁ ମୁକ୍ତ ହୋଇଥାଏ, ନିସ୍ୱାର୍ଥୀ ହୋଇଥାଏ, ସମସ୍ତଙ୍କୁ ପ୍ରେମ କରିଥାଏ ଏବଂ ଦୟାଳୁ ତଥା ମମତାମୟ ହୋଇଥାଏ, ଅହଂକାର ମୁକ୍ତ ହୋଇଥାଏ, ସୁଖ-ଦୁଃଖରେ ସମାନ ଅନୁଭବ କରିଥାଏ ଏବଂ କ୍ଷମାଶୀଳ ହୋଇଥାଏ। ନିରନ୍ତର ସନ୍ତୁଷ୍ଟ ରହିଥାଏ। ମନ ଏବଂ ଶରୀରକୁ ନିଜ ନିୟନ୍ତ୍ରଣରେ ରଖି ଦୃଢ଼ ସଂକଳ୍ପବଦ୍ଧ ହୋଇଥାଏ, ସେଭଳି ଭକ୍ତ ମୋର ଅତିପ୍ରିୟ। ମନରେ ପ୍ରସନ୍ନତା, ଶାନ୍ତ ଭାବ, ଭଗବାନ ଚିନ୍ତନର ସ୍ୱଭାବ, ମନର ନିଗ୍ରହ ଏବଂ ଅନ୍ତଃକରଣ ଭାବନାର ପବିତ୍ରତାକୁ ମନ ସମ୍ବନ୍ଧୀୟ ତପ କୁହାଯାଏ।'

# ମାର୍ଫତଦାର




**ଡ଼. ସୀତାକାନ୍ତ ତ୍ରିପାଠୀ**
ଭଦ୍ରକ
ମୋ-୯୭୭୮୭୬୪୩୯୪


କିଛିଦିନ ତଳେ ସହରରେ ଥିବା ଏକ ପାର୍କର ବସିଥିବା ଜଣେ ବୟସ୍କ ବ୍ୟକ୍ତିଙ୍କ ସାଙ୍ଗରେ ଆଳାପ ଆଲୋଚନା ଅବସରରେ ତାଙ୍କୁ ପଚାରିଲି ମଉସା ! ଆପଣ କେଉଁଠି ରହୁଛନ୍ତି ? ସିଏ ହସିହସି କହିଲେ ବାବୁ ! ମୋ ଘର ଗାଁରେ, ଏଠି ମୁଁ ମାର୍ଫତଦାର ହିସାବରେ ରହୁଛି । ପୁଅ, ବୋହୂ ଉଭୟ ଚାକିରି କରିଥିବା ହେତୁ ଘର ଠାରୁ ବାହାର ପର୍ଯ୍ୟନ୍ତ ମୁଁ ମୋ ନାତି ନାତୁଣୀମାନଙ୍କର ମାର୍ଫତଦାର । ଅଧିକାଂଶ ସମୟରେ ଉଭୟ ପୁଅ ବୋହୂ ଚାକିରି କାମରେ ବାହାରକୁ ଯାଉଥିବାରୁ ମୋତେ ମଧ ଘରର ମାର୍ଫତଦାର ହିସାବରେ ସବୁ କାମ ସମ୍ଭାଳିବାକୁ ପଡ଼ିଥାଏ । ମୁଁ କିଛି କହିବା ପୂର୍ବରୁ ସିଏ କହିଲେ ଯେତେବେଳ ପର୍ଯ୍ୟନ୍ତ ମୁଁ ମାର୍ଫତଦାର ହିସାବରେ ନିର୍ଦ୍ଦ୍ୱନ୍ଦ୍ୱରେ କାମ କରୁଥିବି ସେପର୍ଯ୍ୟନ୍ତ ଆନନ୍ଦ କିନ୍ତୁ ଯେଉଁଦିନ ମାଲିକ ପଣିଆଁ କଥା ଭାବିବି କିମ୍ବା ଜାହିର କରିବା ପାଇଁ ଚେଷ୍ଟା କରିବି ସେତେବେଳେ ଆସକ୍ତି ବଢ଼ିବା ସହିତ ଅବଶୋଷ ତଥା ଦୁଃଖର ମାତ୍ରା ବଢ଼ିବ । ହୁକୁମ୍ ଜାହିର କରିବା ଅପେକ୍ଷା ଦାୟିତ୍ୱ ଓ କର୍ତ୍ତବ୍ୟ ନିର୍ବାହରେ ହିଁ ତ ଆନନ୍ଦ । ତା'ଛଡ଼ା ଏହି ମାର୍ଫତଦାରୀ ବ୍ୟବସ୍ଥା ଆଜିର ନୁହେଁ ବରଂ ବହୁଦିନରୁ ଏହା ଆମ ସମାଜରେ ପ୍ରଚଳିତ ହୋଇ ଆସୁଛି । ରାଜା ମହାରାଜା ଅମଳରେ ବିଭିନ୍ନ ଧର୍ମାନୁଷ୍ଠାନ ଦେବାଦେବୀ ମନ୍ଦିରଗୁଡ଼ିକର ରକ୍ଷଣା ବେକ୍ଷଣ ନିମିତ୍ତ ଠାକୁର ଠାକୁରାଣୀମାନଙ୍କ ନାମରେ ସମ୍ପତ୍ତି ବାଡ଼ି କରି ଦିଆଯାଇ ମାର୍ଫତଦାର ହିସାବରେ ବିଭିନ୍ନ ଲୋକଙ୍କୁ ଜମିବାଡ଼ି, ପୋଖରୀ, ବଗିଚା ଇତ୍ୟାଦି ହସ୍ତାନ୍ତର କରାଯାଉଥିଲା । ସେମାନେ ଚାଷବାସ ତଥା ବ୍ୟବସାୟ ବାଣିଜ୍ୟ କରି ନିଜର ଜୀବନ ଜୀବିକା ନିର୍ବାହ କରିବା ସହିତ ଠାକୁରଙ୍କର ଦୈନନ୍ଦିନ ପୂଜାନୀତି ସମ୍ପନ୍ନ ପାଇଁ ସେମାନଙ୍କୁ ରୋଜଗାରର କିଛି ଅଂଶ ଦେବାକୁ ପଡୁଥିଲା । ଏହା ସହିତ ଠାକୁରଙ୍କର ବିଭିନ୍ନ ନୀତିକାନ୍ତି ସମ୍ପନ୍ନ ପାଇଁ ସେମାନେ ମଧ ନିଜ ନିଜର ଶ୍ରମ ଦାନ କରୁଥିଲେ । ସମୟକ୍ରମେ ଏହି ମାର୍ଫତଦାରୀ ବ୍ୟବସ୍ଥାକୁ ଉଚ୍ଛେଦ କରି ସେମାନଙ୍କୁ ମାଲିକାନା ସତ୍ତ୍ୱ ଦେବା ପାଇଁ ଦାବି ଜୋର ଧରିଲାଣି । ପୂର୍ବରୁ ସିନା ସେମାନେ ଗରୀବ ଥିଲେ କିନ୍ତୁ ବର୍ତ୍ତମାନ ସେମାନେ ସ୍ୱଚ୍ଛଳ ତେଣୁ ସମୁଦାୟ ଜମିକୁ ସେମାନେ ସରକାରଙ୍କ ଠାରୁ କିଣିନେବା ପାଇଁ ପ୍ରସ୍ତୁତ । ବରଂ ଉକ୍ତ ଜମିର ବିକ୍ରିଲବ୍‌ଧ ଅର୍ଥକୁ ବିଭିନ୍ନ ଜାଗାରେ ସୁବିନିଯୋଗ ହୋଇ ପାରିଲେ ସେଥିରୁ ଯେଉଁ ରାଶି ମିଳିବ ସେଥିରୁ ଧର୍ମାନୁଷ୍ଠାନ ଗୁଡ଼ିକ ଚଳିବାରେ କୌଣସି ଅସୁବିଧା ହେବ ନାହିଁ ବୋଲି ଯୁକ୍ତି ଦର୍ଶାଯାଉଛି । ତା'ଛଡ଼ା ବର୍ତ୍ତମାନ ସମାଜରେ 'ଯଯମାନି ବ୍ୟବସ୍ଥା' ବୁଡ଼ିବାକୁ ବସିଲାଣି । ଲୋକମାନେ କୌଳିକ ବୃତ୍ତି ଛାଡ଼ି ନିଜନିଜର ଶିକ୍ଷା ତଥା ରୁଚି ଅନୁଯାୟୀ ବିଭିନ୍ନ ନୂତନ ବୃତ୍ତିରେ ସାମିଲ ହେଲେଣି । ଯାହା ଫଳରେ ଦେବାଦେବୀଙ୍କୁ ସେମାନେ କୌଳିକ ବୃତ୍ତି ହିସାବରେ ସେବା ଯୋଗାଇବାରେ ଅସମର୍ଥ । ତେଣୁ ମାର୍ଫତଦାରୀ ମାଧ୍ୟମରେ ବର୍ତ୍ତମାନ ଧର୍ମାନୁଷ୍ଠାନ ଗୁଡ଼ିକୁ ଚଳାଇବା କଷ୍ଟକର ହୋଇ ପଡୁଛି ଏବଂ ସରକାର ମାଲିକାନାସତ୍ତ୍ୱ ହାତକୁ ନେଇ ବିଭିନ୍ନ କର୍ତ୍ତବ୍ୟ ସମ୍ପାଦନ କରିବାକୁ ବାଧ । ବସ୍ତୁବାଦୀ ଦୁନିଆଁରେ ବିଶ୍ୱ ନିୟନ୍ତାଙ୍କ ସମ୍ପତ୍ତିର ମାର୍ଫତଦାର ସାଜିବା ଅପେକ୍ଷା ଲୋକମାନେ ମାଲିକ ସାଜିବାକୁ ଶ୍ରେୟସ୍କର ମନେ କରିବା କିଛି ବଡ଼ କଥା ନୁହେଁ ।

ଭାରତବର୍ଷରେ ଯେତେବେଳେ ଶିଳ୍ପାୟନ ତଥା ସହରୀକରଣର ଅଭିବୃଦ୍ଧି ଘଟିଲା ତଦନୁସାରେ ବିଭିନ୍ନ ଆନୁଷଙ୍ଗିକ ଭିତ୍ତିଭୂମିର ବିକାଶ ଲାଭକଲା । ସେତେବେଳେ ଗାଁ ମାନଙ୍କରେ ଥିବା ଜମିଦାର ତଥା ସମ୍ଭ୍ରାନ୍ତ ପରିବାରର ଲୋକମାନେ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ତଥାକଥିତ ଆଧୁନିକ ଜୀବନଶୈଳୀ ଲୋଭରେ ସହରାଭିମୁଖୀ ହୋଇ ଗାଁମାନଙ୍କରେ ଥିବା ନିଜ ଘର, ବାରି ତଥା ଜମିବାଡ଼ି ସ୍ଥାନୀୟ କିଛି ପରିବାରର ମାର୍ଫତଦାରୀ ତଥା ହେପାଜତରେ ଛାଡ଼ି ଦେଇ ଆସୁଥିଲେ । ଜମି ଗୁଡ଼ିକ ଭାଗଚାଷ କିଏ କରିବ, ପୋଖରୀରୁ ମାଛ ଧରାଯାଇ କାହାକୁ ବିକ୍ରି କରାଯିବ, ଧାନ, ମୁଗ, ବିରି ଆଦି ଅମଳ କରିବା ଠାରୁ ବିଭିନ୍ନ ଫଳ ଫସଲ ଆଦି ତୋଳିବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଗୁଡ଼ିକୁ ଉକ୍ତ ମାର୍ଫତଦାରମାନେ ନିର୍ବାହ କରୁଥିଲେ । ତେବେ ଏହି ବ୍ୟବସ୍ଥା ବର୍ଷ ବର୍ଷ ଧରି ଚାଲିବା ସହିତ ସମ୍ପତ୍ତିର ପ୍ରକୃତ ମାଲିକମାନେ ଧିରେଧିରେ ଗାଁକୁ ଆସିବା କମାଇଦେବା ଫଳରେ ସାଧାରଣ ଲୋକ ଜମି ମାଲିକମାନଙ୍କ ଅପେକ୍ଷା ମାର୍ଫତଦାରମାନଙ୍କୁ ଅଧିକ ଗୁରୁତ୍ୱ ଦେଲେ । ଶେଷରେ ପରିସ୍ଥିତି ଏମିତି ଆସିଲା ପ୍ରକୃତ ମାଲିକ ମାନଙ୍କର ପରବର୍ତ୍ତୀ ପିଢି ଆଉ ନିଜ ନିଜ ଜମି ବାଡ଼ିକୁ ଚିହ୍ନିବା ମଧ ସମ୍ଭବ ହେଲା ନାହିଁ ଏବଂ ସେଗୁଡ଼ିକୁ ସେମାନେ ବିକିବା ପାଇଁ ମନ ବଳାଇଲେ । ଯାହା ଫଳରେ ପରବର୍ତ୍ତୀ ସମୟରେ ଉକ୍ତ ମାର୍ଫତଦାରମାନେ ଧିରେଧିରେ ଉକ୍ତ ସମ୍ପତ୍ତି ଗୁଡ଼ିକର ମାଲିକାନା ସତ୍ତ୍ୱ ହାସଲ କଲେ । ଯେଉଁ ମାନଙ୍କୁ ସମାଜ ଶାସ୍ତ୍ରବିତ୍ ଏମ୍.ଏନ୍. ଶ୍ରୀନିବାସ ପ୍ରଭାବଶାଳୀ ଜାତି ବା ଡୋମିନାଣ୍ଟ କାଷ୍ଟ ଭାବେ ଅଭିହିତ କଲେ । ଉତ୍ତର ପ୍ରଦେଶ ଏବଂ ବିହାରରେ ଯାଦବ, ପଞ୍ଜାବ ଏବଂ ହରିୟାଣାର ଜାଠ, ଆନ୍ଧ୍ରପ୍ରଦେଶର ରେଡ୍ଡି ଏବଂ ଖମ୍ମା ତଥା କର୍ଣ୍ଣାଟକର ଭୋକାଲିଗା ସମ୍ପ୍ରଦାୟଗୁଡ଼ିକ ଏହି ପ୍ରଭାବଶାଳୀ ଗୋଷ୍ଠୀ ମାନଙ୍କ ମଧ୍ୟରୁ ଅନ୍ୟତମ । ଯେଉଁମାନେ ଉଭୟ ସଂଖ୍ୟା ଏବଂ ରାଜନୈତିକ ଦୃଷ୍ଟିକୋଣରୁ ବେଶ୍ ଶକ୍ତିଶାଳୀ ।

ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ମାଲିକାନାରୁ ମାର୍ଫତଦାର ବନିବା ଏବଂ ମାର୍ଫତଦାରରୁ ମାଲିକାନା ସତ୍ତ୍ୱ ହାସଲ କରିବା ଭିତରେ ଅନେକ ଫରକ । ଯେତେବେଳ ପର୍ଯ୍ୟନ୍ତ ମଣିଷ ଭାବେ ଏ ସମସ୍ତ ଧନ ସମ୍ପତ୍ତି ପ୍ରଭୁଙ୍କର ଏବଂ ମୁଁ ଏହାର ମାର୍ଫତଦାର ହିସାବରେ ଏଗୁଡ଼ିକର ସୁପରିଚାଳନା କରିବି ସେ ପର୍ଯ୍ୟନ୍ତ ତାକୁ ଗର୍ବ, ଲୋଭ, ମୋହ ଗ୍ରାସ କରିନଥାଏ । କିନ୍ତୁ ଯେତେବେଳେ ସିଏ ମାଲିକାନା ଜାହିର କରି ନିଜକୁ ସର୍ବେସର୍ବା ହିସାବରେ ପ୍ରତିଷ୍ଠିତ କରିବାକୁ ଚାହେଁ ଏବଂ ଚେଷ୍ଟାକରେ ସେତେବେଳେ ସିଏ ଗର୍ବ, ଉଦ୍ଧତଏବଂ ଅହଙ୍କାରର ବଶବର୍ତ୍ତୀ ହୋଇ ଧରାକୁ ସରା ମଣି ବିଭିନ୍ନ ଅନୈତିକ କାର୍ଯ୍ୟ କରିବା ପାଇଁ ଆଗଭର ହୋଇଥାଏ । ଯାହା ଆଧ୍ୟାତ୍ମିକ ଚେତନାର ପରିପନ୍ଥୀ ଏବଂ ମୋକ୍ଷ ପଥର ପ୍ରତିବନ୍ଧକ । କିନ୍ତୁ ବସ୍ତୁବାଦୀ ମାନଙ୍କ ମତରେ ମଣିଷ ଯେତେ ପର୍ଯ୍ୟନ୍ତ ନିଜକୁ ମାଲିକ ବୋଲି ନ ଭାବନ୍ତି ସେ ପର୍ଯ୍ୟନ୍ତ ଚାକିରିଆ ଭାବେ ଜୀବନ ଜୀଇଁବା ସାର ।

କିଛି ଲୋକଙ୍କୁ ଉତ୍ତରାଧିକାର ସୁତ୍ରରେ ମାଲିକାନା ମିଳିଥିବାବେଳେ ଆଉ କେତେଜଣ ନିଜ ଉଦ୍ୟମ ତଥା ଚେଷ୍ଟା ଦ୍ୱାରା ମାର୍ଫତଦାରରୁ ମାଲିକାନାକୁ ହାସଲ କରିଥାଆନ୍ତି । ତେବେ ଉଭୟ ମାଲିକାନା ଓ ମାର୍ଫତଦାର ବଜାୟ ରଖିବା ଏବଂ ଏହାକୁ ହାସଲ କରିବା ଗୋଟିଏ ଗୋଟିଏ ବଡ଼ ଆହ୍ୱାନ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ଆହ୍ୱାନକୁ ଚତୁରତାର ସହିତ ସଠିକ ଭାବେ ସାମ୍ନା କରି ନପାରି ମୋଗଲ ସାମ୍ରାଜ୍ୟ ଧୂଳିସାତ ହୋଇ ଯାଇଥିବାବେଳେ ଇଂରେଜମାନେ ଦେଢ଼ଶହ ବର୍ଷରୁ ଅଧିକ ବର୍ଷ ଭାରତକୁ ଶାସନ କରିବାରେ ସଫଳ ହୋଇଥିଲେ । ତେଣୁ ଉଭୟ ମାର୍ଫତଦାର ଏବଂ ମାଲିକ ମାନେ ନିଜ ନିଜର କର୍ତ୍ତବ୍ୟକୁ ସୁଚାରୁ ରୂପେ ସମ୍ପାଦନ କରିପାରିଲେ ସମାଜରେ ଶାନ୍ତି ଏବଂ ସୌହାର୍ଦ୍ଦ୍ୟ ପ୍ରତିଷ୍ଠା ହେବା ସହିତ ଏକ ଉଦାହରଣୀୟ ପରିବେଶ ସୃଷ୍ଟି କରିବାରେ ସହାୟକ ହୋଇ ପାରିବ ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର

ପୃଷ୍ଠା-କ
Page-A
ଭୁବନେଶ୍ୱର
Bhubaneswar
୧୬.୧୧.୨୦୨୪
16.11.2024



ନିଆଳି (ଭାସ୍କର ନ୍ୟୁଜ୍) : ନିଆଳି ବ୍ଲକ୍ ଦେବୀ କନ୍ଦଳ ଦ୍ୱୀପାଞ୍ଚଳ ଏର ପଞ୍ଚାୟତ ଏର ଗ୍ରାମର ପ୍ରଭୁ ଶ୍ରୀଶ୍ରୀ ଲକ୍ଷ୍ମୀ ନୃସିଂହ ପ୍ରାଙ୍ଗଣରେ ୫୪ତମ ବାର୍ଷିକ ନାମଯଜ୍ଞ ୧ ମାସ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ପବିତ୍ର କୁମାର ପୂର୍ଣ୍ଣିମାର ମଧ୍ୟ ରାତ୍ରରୁ ଆରମ୍ଭ ହୋଇ ଦୀର୍ଘ ୧ ମାସ ବ୍ୟାପୀ ୨୪୦ ପ୍ରହର ନାମ କୀର୍ତ୍ତନ କରାଯାଇ ପବିତ୍ର କାର୍ତ୍ତିକ ରାସ ପୂର୍ଣ୍ଣିମା ଦିନ ରାତ୍ରରେ ଶେଷ ହୋଇଥାଏ । ଆଜି ହଜାର ହଜାର ଭକ୍ତଙ୍କ ସମାଗମରେ ହୋଇଥିବା ବେଳେ କର୍ତ୍ତା ଭାବେ ବିକ୍ରମ ମହାପାତ୍ର ରହିଥିଲେ । ଲକ୍ଷ୍ମୀନୃସିଂହ ଠାକୁରଙ୍କ ଅନୁଷ୍ଠାନର ସଭାପତି ବିଦ୍ୟୁତ ଚରଣ ମହାପାତ୍ର, ସମ୍ପାଦକ ଧ୍ରୁବାସନ ସାହୁ, ଜ୍ୟୋତି ରଞ୍ଜନ ସ୍ୱାଇଁ, ଭୁବନାନନ୍ଦ ମହାପାତ୍ର, ସୁଷାନ୍ତ ରାଉତ, ବୁଲୁ ସେନାପତି ସହଯୋଗ କରିଥିବା ବେଳେ ଏହି କାର୍ଯ୍ୟର ସଫଳ ରୂପାୟନ ପାଇଁ ଏର ଗ୍ରାମର ପ୍ରତ୍ୟେକ ପରିବାର ସହିତ ରହମା, ବାଲିଜଲା, ପଳସୁଧା, ଖରିବିଲି, କସରଦା, କୁଳଶ୍ରୀ, ଉଭାରଣ, ପୋହଳ, ଉତରାଇ, ଅଳଷପୁର ଓ ଜଗତସିଂହପୁର ଜିଲ୍ଲାର ଅନେକ ଗ୍ରାମର ଜନସାଧାରଣଙ୍କ ଆନୁକୂଲ୍ୟ ସାହାଯ୍ୟ ଓ ଆଖପାଖ ଅଞ୍ଚଳର ବହୁ ସଂକୀର୍ତ୍ତନ ମଣ୍ଡଳୀଙ୍କ ସହଯୋଗରେ ୧ ମାସ ବ୍ୟାପୀ ୨୪୦ ପ୍ରହର ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଛି । ୧ ମାସ ଧରି ପ୍ରତ୍ୟେକ ଦିନ ୨୪ ଘଣ୍ଟିଆ ଭକ୍ତ ମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ବେଳେ ଆଜି ହଜାର ହଜାର ଭକ୍ତ ପ୍ରସାଦ ସେବନ କରିଥିଲେ ।

## ବାଣ ନିଆଁରେ ଜଳିଲା ନଡ଼ିଆ ଗଛ, ଅଳ୍ପକେ ବର୍ତ୍ତିଲେ ଭକ୍ତ

ନିଆଳି (ଭାସ୍କର ନ୍ୟୁଜ୍) : ନିଆଳି ଥାନା ଅଧୀନସ୍ଥ ନୂଆ ଗାଁ ପଂଚାୟତ ବଙ୍ଗାଳି ସାହିରେ ଥିବା ପ୍ରଭୁ ଶୋଭାନେଶ୍ୱର ଯଜ୍ଞରେ ବାଣ ଫୁଟାଇବା ବେଳେ ଘଟିଛି ଅଘଟଣ । ବାଣ ନିଆଁରେ ନଡ଼ିଆ ଗଛ ଜଳୁଥିବା ବେଳେ ତଳେ ଥିବା ଭକ୍ତମାନେ ଅଳ୍ପକେ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି ଭକ୍ତ । ଘଟଣା ସ୍ଥଳରେ ଖବର ପାଇଁ ଅଗ୍ନିସେବା ବାହିନୀ ପହଁଚି ଥିଲେ । ସେତେବେଳକୁ ନିଆଁ ଆୟତକୁ ଆସିସାରିଥିଲା । ସେଠାରେ ଉପସ୍ଥିତ ଥିବା ଭକ୍ତଙ୍କ ଆଲୋଚନା, ପ୍ରଭୁ ଶୋଭାନେଶ୍ୱରଙ୍କ ଦୟାରୁ ବଡ଼ ଦୁର୍ଘଟଣାରୁ ବର୍ତ୍ତିଲେ ଭକ୍ତ ।

## ବିପୁଳ ପରିମାଣର ପୋଚ ଓ ଦେଶୀ ମଦ ଜବତ

ବୋଲଗଡ (ଭାସ୍କର ନ୍ୟୁଜ୍) : ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଅଧିକ୍ଷକ ସ୍ମୃତି ତ୍ରିପାଠୀଙ୍କ ନିର୍ଦ୍ଦେଶରେ ଖୋର୍ଦ୍ଧା ଜିଲ୍ଲା ସଦର ରେଞ୍ଜ ଅବକାରୀ ବିଭାଗ ଅଧିକାରୀ ତପସ୍ୱିନୀ ବରାଳଙ୍କ ତତ୍ତ୍ୱାବଧାନରେ ବେଗୁନିଆ ଅବକାରୀ ବିଭାଗ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୫ ହଜାର ଲିଟର ପୋଚ, ୬୮୦ ଲିଟର ଦେଶୀ ମଦ ଓ ବ୍ୟବହୃତ ସାମଗ୍ରୀ ଜବତ କରି ନଷ୍ଟ କରିଛି । ବେଗୁନିଆ ଅବକାରୀ ବିଭାଗ ଉପ ନିରିକ୍ଷିକା ସ୍ମିତା ପଣ୍ଡାଙ୍କ ସୂଚନା ଅନୁଯାୟୀ ବୋଲଗଡ ଥାନା ଅନ୍ତର୍ଗତ ଅସରଳା ଗ୍ରାମରୁ ୫ ହଜାର ଲିଟର ପୋଚ ଓ ୬ ଶହ ଲିଟର ଦେଶୀ ମଦ ସହ ବ୍ୟବହୃତ ସାମଗ୍ରୀ ଜବତ କରି ପୁଲିସ ନଷ୍ଟ କରିଛି ।

### ପାରାଦୀପ ବୋଇତ ବନ୍ଦାଣ ଓ ବନ୍ଦର ଦିବସରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

# ଇନ୍ଧନ ଗ୍ୟାସ ପ୍ରକଳ୍ପ ଓ ଭାରୀ ଯାନ କ୍ଷମତା ସମ୍ପନ୍ନ ପୋଲର ଭିତ୍ତିପ୍ରସ୍ତର ସ୍ଥାପନ



ପାରାଦ୍ୱୀପ/ଜଗତ୍‌ସିଂହପୁର (ଭାସ୍କର ନ୍ୟୁଜ୍) : ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ପାରାଦୀପ ବନ୍ଦର ପକ୍ଷରୁ ଆୟୋଜିତ ବୋଇତ ବନ୍ଦାଣ ଉତ୍ସବରେ ନୂତନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଦିନ ପାରାଦ୍ୱୀପ ପୋର୍ଟର ୱେଟ ବେସିନ ଠାରେ ବୋଇତ ବନ୍ଦାଣ ଉତ୍ସବ ଓ ବନ୍ଦର ଦିବସରେ ଯୋଗଦାନ କରିଥିଲେ । ମୁଖ୍ୟମନ୍ତ୍ରୀ ପ୍ରଥମେ ୱେଟ ବେସିନରେ ସପତ୍ନୀକ ପହଞ୍ଚିବା ପରେ ପାରମ୍ପରିକ ଲୋକନୃତ୍ୟ ସହିତ ତାଙ୍କୁ ହୋମ ମଣ୍ଡପ ନିକଟକୁ ପାଛୋଟି ଅଣାଯାଇଥିଲା । ଏହାପରେ ସେ ପାରମ୍ପରିକ କଳସକୁ ପୂର୍ବରୁ ସୁସଜ୍ଜିତ ସାଧବ ସାଧବାଣୀଙ୍କୁ ହସ୍ତାନ୍ତର କରିଥିଲେ । ସାଧବ ମାନଙ୍କୁ ମେଲାଣି ଦେବା ଉଦ୍ଦେଶ୍ୟରେ ଓଡ଼ିଆ ଅସ୍ମିତାର ପ୍ରତୀକ ବୋଇତକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଆୟୋଜିତ ସଭାରେ ଉତ୍ସୁକ ଜନତାଙ୍କୁ ଅଭିବାଦନ ଜଣାଇ କହିଥିଲେ ଯେ, ଓଡ଼ିଶାର ସମସ୍ତ ପର୍ବ ଧାର୍ମିକ ଭାବନା ସହ ଜଡିତ ଥିବାବେଳେ ବୋଇତ ବନ୍ଦାଣ ଓ ବାଲିଯାତ୍ରା ଓଡ଼ିଶାର ପ୍ରାଚୀନ ନୌବାଣିଜ୍ୟ ଇତିହାସ ସହ ସମ୍ପୃକ୍ତ । କଳିଙ୍ଗର ମହାନ୍ ନୌବାଣିଜ୍ୟ ପରମ୍ପରା ଏ ମାଟିର ବୀର ସାଧବ ପୁଅ ମାନଙ୍କର ଦୁଃସାହସିକ ଜଳଯାତ୍ରା ସହ ପୃଥିବୀର ବିଭିନ୍ନ ଭୂଖଣ୍ଡ ସହ ବାଣିଜ୍ୟିକ ସମ୍ପର୍କକୁ ଉନ୍ମୋଚନ କରେ । ପାରାଦ୍ୱୀପର ନାମ ସ୍ମରଣ କଲେ ଦେହରେ ଅଦ୍ଭୁତ ଶୀହରଣ ସୃଷ୍ଟି ହୁଏ । ସମୁଦ୍ରର ଉତ୍ତାଳ ଲହରୀ ମାଳା ମଧ୍ୟରେ ସୁଦୂର ଜାଭା, ସୁମାତ୍ରା ଇଣ୍ଡୋନେସିଆ, କମ୍ବୋଡିଆ, ସିଂହଳ, ଚୀନ ଆଦି ଦେଶକୁ ସାଧବ ପୁଅର ଜଳ ଯାତ୍ରା, ମା ମଙ୍ଗଳାଙ୍କ ଉଦ୍ଦେଶ୍ୟରେ ମାନସିକ, ବିପୁଳ ଧନ ରାଶି ସହ ସ୍ୱଦେଶ ପ୍ରତ୍ୟାବର୍ତ୍ତନ, କଳିଙ୍ଗ ସଂସ୍କୃତି ର ପ୍ରଚାର ଓ ପ୍ରସାର ପୁଣି ଉପନିବେଶ ସ୍ଥାପନର ଚିତ୍ର ମନକୁ ସ୍ୱତଃ ପ୍ରତାରିତ ହୁଏ ବୋଲି କହିଥିଲେ ମୁଖ୍ୟମନ୍ତ୍ରୀ । ପାରାଦ୍ୱୀପ ବନ୍ଦର ଆଜି ବିଶ୍ୱ ରେ ଶ୍ରେଷ୍ଠ ବନ୍ଦର ମାନଙ୍କ ମଧ୍ୟରେ ଅନ୍ୟତମ । ସାମଗ୍ରୀ ପରିବହନ ପାଇଁ ଭାରତ ସରକାରଙ୍କ ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରାଳୟ ତରଫରୁ ପାରାଦ୍ୱୀପ ବନ୍ଦର କୁ ସାଗର ଶ୍ରେଷ୍ଠ ସମ୍ମାନ ରେ ସମ୍ମାନିତ କରାଯାଇଛି । ପ୍ରଧାମନ୍ତ୍ରୀଙ୍କର ଡାକରା 'ପୂର୍ବୋଦୟରୁ ଭାରତ ଉଦୟ' ନିମନ୍ତେ କାର୍ଯ୍ୟକାରୀ ଖସଡ଼ା ପ୍ରସ୍ତୁତ, ସାଗରମାଳା ଯୋଜନାରେ ବନ୍ଦର ଓ ପୋତାଶ୍ରୟ ର ଆଧୁନିକୀକରଣ, ନୂତନ ବନ୍ଦରର ଭିତ୍ତିପ୍ରସ୍ତର ସ୍ଥାପନ, ଉପକୂଳ ଗୋଷ୍ଠୀ ଉନ୍ନୟନ ଇତ୍ୟାଦିର ସଫଳ ରୂପାୟନ ପାଇଁ ଉଦ୍ୟମ ଜରିରହିଛି । ୧୫୦୦୦ କୋଟି ଅର୍ଥ ବିନିମୟରେ ତିଆରି ହେବ ଜାତୀୟ ଜଳ ପଥ ଯାହା ତାଳଚେର ଠାରୁ କଳିଙ୍ଗ ନଗର ଦେଇ ପାରାଦ୍ୱୀପ କୁ ଯୋଡିବା ସହ ପୁର୍ବୋଦୟର ବିକାଶ କରିବ । ସେହିପରି ମେରିଟାଇମ ଇଣ୍ଡିଆ ଭିଜନ ୨୦୩୦ ଓ ଅମୃତ କାଳ ୨୦୪୭ ସୁଦ୍ଧା ଭାରତୀୟ ବନ୍ଦର କ୍ଷେତ୍ରରେ ପ୍ରାୟ ୭୦ ଲକ୍ଷ କୋଟି ଟଙ୍କାର ନିବେଶ ଭାରତ ତଥା ଓଡ଼ିଶାକୁ ବିଶ୍ୱ ଦରବାରରେ ପରିଚିତ କରାଇବ ବୋଲି କହିଥିଲେ ମୁଖ୍ୟମନ୍ତ୍ରୀ । ଏହାପରେ ମୁଖ୍ୟମନ୍ତ୍ରୀ ପ୍ରଧାମନ୍ତ୍ରୀଙ୍କର ସ୍ୱପ୍ନ 'ପ୍ରତିଟି ଘରେ ପିଏନଜି, ସୁରକ୍ଷିତ ଇନ୍ଧନ ଓ ଉନ୍ନତ ଜୀବନ' ଆଧାରରେ ପାରାଦ୍ୱୀପ ବନ୍ଦର ଓ ବି ପି ସି ଏଲ୍ ର ସହଭାଗିତାରେ ବନ୍ଦର ଅଞ୍ଚଳର ୭ ହଜାରରୁ ଅଧିକ ଘର ନିମନ୍ତେ ପାଇପ୍ ଯୋଗେ ଇନ୍ଧନ ଗ୍ୟାସ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ । ଯାହାଦ୍ୱାରା ୪୦ ପ୍ରତିଶତ କମ୍ ମୂଲ୍ୟ ରେ ପ୍ରତ୍ୟେକ ଘରେ ପିଏନଜି ପହଞ୍ଚିପାରିବ । ଆହୁରି ମଧ୍ୟ ୨୪.୮୯ କୋଟି ବ୍ୟୟ ଅଟକଳରେ ନିର୍ମିତ ତିନି ଲେନ୍ ବିଶିଷ୍ଟ ୫ ଶହ ମିଟର ଦୀର୍ଘ ଓ ଭାରୀ ଯାନ କ୍ଷମତା ସମ୍ପନ୍ନ ପୋଲର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଓଡିଶାର ମନ୍ତ୍ରୀ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ଜିଲ୍ଲାପାଳ ଜେ.ସୋନାଲ, ଓଡିଶା ପୋଲିସ କେନ୍ଦ୍ରାଞ୍ଚଳ ଡିଆଇଜି ଚରଣ ସିଂ ମୀନା ପ୍ରମୁଖ ଉପସ୍ଥିତ ଥିଲେ । ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହରନାଦ ସ୍ୱାଗତ ଭାଷଣ ଦେବା ସହ ପାରାଦୀପ ବନ୍ଦରର ଅଭୂତପୂର୍ବ ସଫଳତା ବିଷୟରେ କହିଥିଲେ । ଶେଷରେ ବନ୍ଦର ଉପାଧ୍ୟକ୍ଷ ନୀଳଭ୍ର ଦାସଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ପାରାଦୀପ ବନ୍ଦରର ସମସ୍ତ କର୍ମକର୍ତ୍ତା, ବିଭିନ୍ନ ବିଭାଗ ତଥା ସରକାରୀ ଅଧିକାରୀ, ସ୍ଥାନୀୟ ଜନସାଧାରଣ, ସହରର ବରିଷ୍ଠ ବୁଦ୍ଧିଜୀବୀ, ଗଣ ମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

## କାଠ ସହ ଗାଡି ଜବତ : ଆସାମୀ ଫେରାର



କରଞ୍ଜିଆ (ଭାସ୍କର ନ୍ୟୁଜ୍) : ମୟୁରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ଅଞ୍ଚଳରୁ ସଦ୍ୟ କଟାଯାଇଥିବା ଶାଳ କାଠ ସହ ଗାଡି ଜବତ କରିଛି ସାତକୋଶିଆ ବଣ୍ୟପ୍ରାଣୀ ବନ ବିଭାଗ । ମାତ୍ର ଆଶ୍ଚର୍ଯ୍ୟଜନକ ଭାବେ ଖସି ଗଲେ ଆସାମୀ । ୧୪ ତାରିଖ ରାତି ୩.୧୦ ମିନିଟ ସମୟରେ ନିୟମିତ ପେଟ୍ରୋଲିଂ କରୁଥିବାବେଳେ ଗୋଟିଏ ପିକଅପ ଲୋଡ୍ ନେଇ ଉପରେ ତାରପୋଲିନ ଘୋଡେଇ ଏସଏଚ୫୩ରେ ସାତକୋଶିଆ ବନ ବିଭାଗ ଅଫିସ ନିକଟରେ ଅତିକ୍ରମ କରିବା ପୂର୍ବରୁ କର୍ମଚାରୀ ଅଟକାଇଥିଲେ । ମାତ୍ର ଆଶ୍ଚର୍ଯ୍ୟ ଜନକ ଭାବେ ଡ୍ରାଇଭର ସମେତ ଅନ୍ୟ ଆସାମୀ ମାନେ ଖସି ଯାଇଥିଲେ । ୮ ଟି ଲଗ ସହ ପିକଅପ ଜବତ କରିଛି ବନ ବିଭାଗ । ଜବତ ଗାଡି ନଂ OD 22 U 4103 ଟି ଏକ ଭୁଲ ନଂ ବୋଲି ତଦନ୍ତରୁ ଜଣାପଡୁଛି । ପୂର୍ବରୁ ମଧ୍ୟ ରାତିରେ ଗାଡି ସାହାଯ୍ୟରେ ଠାକୁରମୁଣ୍ଡା ଅଞ୍ଚଳରୁ ନିୟମିତ କାଠ ଚୋରି ହେଉଥିବା ଅଭିଯୋଗ ହୋଇ ଆସୁଛି । ଚୋର ଭିନ୍ନ ଭିନ୍ନ ରାସ୍ତା ଦେଇ ଯାଉଥିବାରୁ ଧରିବା ସମ୍ଭବପର ହେଉନାହିଁ । ଏପରିକି ଅନେକଥର ଗୋଇନ୍ଦା ଖବର ଥାଇ ଆନନ୍ଦପୁରରେ ପୋଲିସ ଅପେକ୍ଷା କରି ନିରାଶ ହୋଇଛି । ତେବେ ଘଟଣାକୁ ଜୋରଦାର ଖୋଳତାଡ଼ କରାଗଲେ ଅସଲ ଆସାମୀ ଚେହେରା ପଦାକୁ ଆସିବ ବୋଲି ଚର୍ଚ୍ଚା ହେଉଛି । ଏହି ଚଢ଼ାଉ କାର୍ଯ୍ୟକ୍ରମରେ ରେଞ୍ଜ ଅଫିସର ରବିନ୍ଦ୍ରନାଥ ମହାନ୍ତ ଫରେଷ୍ଟର ଗିରିଜା ନନ୍ଦନ ଦଳେଇ, ବନରକ୍ଷୀ ସମିର ମହାନ୍ତ ଏବଂ ସବୁଜ ବାହିନୀ କର୍ମଚାରୀ ସାମିଲ ଥିଲେ ।

## ମହୁମାଛି ଆକ୍ରମଣରେ ଚାରି ଗୁରୁତର

କଣିହାଁ (ଭାସ୍କର ନ୍ୟୁଜ୍) : କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ ପାଖ ଦେଇ ରାସ୍ତାରେ ଗଲାବେଳେ ଆଜି ସକାଳେ ମହୁମାଛି ଆକ୍ରମଣ ରେ ଚାରିଜଣ ଯୁବକ ଆହତ ହୋଇ ସ୍ଥାନୀୟ ଏକ ଘରୋଇ ଡାକ୍ତରଖାନା ରେ ଚିକିତ୍ସିତ ହେଉଥିବା ଦେଖାଦେଇଥିଲା ଆହତ ବ୍ୟକ୍ତି ମାନେହେଲେ ଲକ୍ଷ୍ମୀଧର ସାମଲ, କୃଷ୍ଣ ଚନ୍ଦ୍ର ମହାନ୍ତି, ନାରାୟଣ ଗୌନ୍ତିଆ, ପୃଥ୍ୱୀରାଜ ରାଉତରାୟ ଏମାନେ ରେଙ୍ଗାଳି ସ୍ଥିତ ଏକ ଘରୋଇ ଗ୍ୟାସ ବିତରଣ କମ୍ପାନୀ ରେ କାର୍ଯ୍ୟ କରିଥାନ୍ତି ସେମାନେ ଇକ୍ୱୋଇସି କରିବା ପାଇଁ କର୍ଣ୍ଣପାଳ ଅଭିମୁଖେ ଯାଉଥିବା ବେଳେ ମହୁମାଛି ଏମାନଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲେ ।

## ମହାଆଡମ୍ବରରେ ବୋଇତ ବନ୍ଦାଣ ପାଳିତ



ବ୍ୟାସନଗର (ଭାସ୍କର ନ୍ୟୁଜ୍) : ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ବଜାଇ ରଖିବା ପାଇଁ ବିଗତ ୪ ବର୍ଷ ଧରି ପୁରାଣ ପ୍ରସିଦ୍ଧ ବ୍ୟାସ ସରୋବର୍‌ଠାରେ ବୋଇତ ବନ୍ଦାଣ ସମିତି ବ୍ୟାସନଗର ପକ୍ଷରୁ ମହାଆଡମ୍ବର୍‌ରେ ଅନୁଷ୍ଠିତ ହେଇଯାଇଛି । କମିଟିର ସଭ୍ୟମାନେ ରଘୁଜୀ ଗୋସେଇ ପାଖରେ ପୂଜାର୍ଚ୍ଚନା ପରେ ଜଗନାଥଙ୍କୁ ଦର୍ଶନ କରି ବୋଇତ ବନ୍ଧାଣ ସମୟରେ କମିଟିର ସଦସ୍ୟମାନେ ହୁଳହୁଳି ଘଣ୍ଟ ଓ ଶଙ୍ଖ ହରି ବୋଲରେ ସରୋବର୍ ପୀଠ ପ୍ରକମ୍ପିତ ହେଇଯାଇଥିଲା । ଏହି ଡଙ୍ଗା ଭସା ଦେଖିବା ପାଇଁ ଶହଶହ ଲୋକ ଉପସ୍ଥିତ ଥିଲେ । ବୋଇତ ବନ୍ଧାଣ ସମିତିର ସଭାପତି ପୂର୍ବତନ ବିଜେପି ମଣ୍ଡଳ ସଭାପତି ନିତ୍ୟାନନ୍ଦ ମହାଳିକ ନେତୃତ୍ୱରେ ଏହିଁ ଡଙ୍ଗା ଭଷା ଅନୁଷ୍ଠିତ ହେଇଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଜେପି ମହିଳା ସଭାପତି ସବିତା ଖୁଣ୍ଟିଆ, ପୂର୍ବତନ୍ ବିଶ୍ୱ ହିନ୍ଦୁ ପରିଷଦ ଜିଲ୍ଲା ସଭାପତି ବିନୋଦ ଶର୍ମା, ପୂର୍ବତନ ମଣ୍ଡଳ ଉପ ସଭାପତି ଅରୁଣ କୁମାର ଦାସ, ସରେଜ ଦେ, ଜ୍ଞାନ ରଞ୍ଜନ ରାଉତ, ବରିଷ୍ଠ ସାମ୍ବାଦିକ ସୁଜିତ୍ କୁମାର ମଲ୍ଲିକ, ଜିତେନ୍ଦ୍ର ରାଉତ, ରାଜ୍ୟ ପ୍ରଭାରୀ ଟୁଲ ଜେନା, ବିଜେପି ନେତା ମଇରୁଦ୍ଦିନ ଆଁନସରି, ଜନସାଂଖ୍ୟ ସମାଧାନ ଫାଉଣ୍ଡେସନ କରେଇ ସଭାପତି, ରମେଶ କାଣ୍ଡି ବିଶିଷ୍ଟ ବ୍ୟବସାୟୀ ଘନ୍‌ଶ୍ୟାମ ସାହୁ, ଶର୍ମିଳା ଦେ, ବଜରଙ୍ଗ ନେତା ପ୍ରତାପ ନାୟକ, ସୁରେନ୍ଦ୍ର ସାହୁ, ଅସିତ୍ ଦାସ, ଅକ୍ଷୟ ପଣ୍ଡା, ଅଶୋକ ସାହୁ, ରଶ୍ମି ରଂଜନ ବିଶାଳ ବିଜୟ କୁମାର ସାହୁ, ସରିତା ଗୁପ୍ତା, ମିଲୀ ମହାଳିକ, ବରିଷ୍ଠ ନେତା, ରବୀନ୍ଦ୍ର ସାମଲ, କରୁଣା କର ସାହୁ, ଜାନକୀମଲ୍ଲିକ, କାଦମ୍ବିନୀ ଜେନା ଅରୁଣ ପ୍ରଧାନ, ବନଶ୍ରୀ କମିଲା ଅଞ୍ଜନା ରାଉତ, ସୋନି ଦେ, ଶ୍ୟାମ ମହାରଣା, ମମତା ଦାଶ ପ୍ରମୁଖ ବହୁ ସ୍ଥାନୀୟ ଭକ୍ତ ବୋଇତ ବନ୍ଧନ କାର୍ଯ୍ୟକ୍ରମ ଦେଖିବ ସହ ଉତ୍ସାହିତ୍ କ୍ରିଥିଲେ । ତାପରେ ଆଶ୍ରମରେ ଭକ୍ତ ମାନେ ମହିମା ଅଲେଖ ଧୋନି କରି ପ୍ରସାଦ ସେବନ କରି ଥିଲେ ।

## କାର୍ତ୍ତିକ ପୂର୍ଣ୍ଣମୀରେ ଭକ୍ତଙ୍କ ଭିଡ

ଧାମନଗର (ଭାସ୍କର ନ୍ୟୁଜ୍): ଶୁକ୍ରବାର ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା । ପୁଷ୍କରିଣୀ, ନଦୀ, ନାଳ , ସବୁଠି ଆ କା ମା ବୈ , ପାନ ଗୁଆ ଥୋଇ, ପାନ ଗୁଆ ତୋର ମାସକ ଧରମ ମୋର ଗୀତ ଗାଇ ଡଙ୍ଗା ଭସାଉଛନ୍ତି । ଧାମନଗର ଅଞ୍ଚଳରେ ଆଜି ସକାଳୁ ସକାଳୁ ବିଭିନ୍ନ ଜଳାଶୟରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଛି । ସୁରକ୍ଷା ପାଇଁ ବିଭିନ୍ନ ନଦୀ ଓ ପୁଷ୍କରଣୀ କୂଳରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଡଙ୍ଗା ଭସାଇବା ସହ ମନ୍ଦିର ଯାଇ ଦର୍ଶନ କରି ପରିବାରର ମଙ୍ଗଳ ମନାସିଛନ୍ତି । ବିଶ୍ୱାସ ରହିଛି ବର୍ଷକରେ ଥରେ ଏହି ଦିନରେ ସ୍ନାନ କରି ଡଙ୍ଗା ଭସାଇଲେ ପୂଣ୍ୟ ମିଳିଥାଏ । ପାଳସାହି ପଞ୍ଚାୟତର ପୁରାତନ ନୀତି ନିୟମକୁ ସୁନ୍ଦର ଭାବେ ପାଳନ କରିବାର ପରମ୍ପରାକୁ ବଜାଇ ରଖି ବୋଇତ ବନ୍ଦାଣ ଉତ୍ସବ କରା ଯାଇଛି । ବାବା ରଘୁବର ଦାସ ମଠରେ ଏହି କର୍ଯ୍ୟକ୍ରମ ୮ ବର୍ଷ ହେବ ପାଳନ କରାଯାଇ ଆସୁଛି । ସାଧବ ପୁଅ ଓ ସାଧବ ବୋହୂ ବୋଇତ ବନ୍ଦାଣ ଉତ୍ସବର ଭାଗନେଇଥିଲେ । ସେହିପରି ଅର୍ଜୁନପୁର ପଂଚାୟତ ର ବାଲିପାଟଣା ସ୍ଥିତ ବାସୁଦେବ ପୀଠ ରେ ସହ ସହ ଭକ୍ତ ବାସୁଦେବ ଙ୍କ ଦର୍ଶନ କରିଥିଲେ । ଭୋର ନିକଟସ୍ଥ ବୈତରଣୀ ନଦୀରେ ଗାଧୋଇ ବା ସହ କାଗଜ ଡଙ୍ଗା ଭସାଇ ବା ପରେ ବାସୁଦେବ ପୀଠ ରେ ବିଭିନ୍ନ ଦେବା ଦେବୀଙ୍କୁ ଦର୍ଶନ କରିଥିଲେ ।

## ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ



ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ୍) : ଟାଙ୍ଗୀ-ଚୌଦ୍ୱାର ଅଂଚଳିକ ପେଶାଦାର ସାମ୍ବାଦିକ ସଂଘ ପକ୍ଷରୁ ଚୌଦ୍ୱାର ସ୍ଥିତ ବିରୂପା ନଦୀକୂଳରେ ବୋଇତ ବନ୍ଦାଣ ଉତ୍ସବ-୨୦୨୪ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ଦୀପକ କୁମାର ମଙ୍ଗରାଜଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ବିଧାୟକ ଡଃ ପ୍ରଭାତ ରଂଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରୀୟ ହିନ୍ଦ୍ ସେବକ ସଂଘର ଅଧ୍ୟକ୍ଷ ଦାମୋଦର ସାହୁ, କାଉନ୍‌ସିଲର ଅଜୟ କୁମାର ବେହେରା, ଅଜିନି ବେହେରା, ସୁବ୍ରତ ସାମଲ, ଆଶୁତୋଷ ଦାସ ପ୍ରମୁଖ ଯୋଗ ଦେଇଥିଲେ । ସଂଘର ଉପଦେଷ୍ଟା ପଦ୍ମଲାଭ ବରାଳ ଓ ସ୍ୱାଧୀନ କୁମାର ଦାସଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସଦସ୍ୟ ଅଜିତ୍ କୁମାର ସ୍ୱାଇଁ ମଂଚ ପରିଚାଳନା କରିଥିଲେ । ଗାନ୍ଧିଛକ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ଛାତ୍ରମାନେ ସାଧବ ବେଶରେ ନୌକାରେ ଯାତ୍ରା କରିଥିବା ବେଳେ ଛାତ୍ରୀମାନେ ସାଧବାଣୀବେଶରେ ତାଙ୍କର ବନ୍ଦାପନା କରିଥିଲେ । ଆସନ୍ତା ବର୍ଷ ଠାରୁ ଏହି ଉତ୍କଳୀୟ ପରମ୍ପରାର ଉତ୍ସବ ବୋଇତ ବନ୍ଦାଣ କାର୍ଯ୍ୟକ୍ରମକୁ ପୌର ପରିଷଦ ଦ୍ୱାରା ଆୟୋଜନ କରାଯିବ ବୋଲି ମୁଖ୍ୟଅତିଥି ଡଃ ବିଶ୍ୱାଳ ନିଜ ଅଭିଭାଷଣରେ ମତବ୍ୟକ୍ତ କରିଥିଲେ । ସଂଘର ଉପସଭାପତି ସୁଧାକର ମହାପାତ୍ର, ଏସ୍‌କେ ଜାଭେଦ୍, ବବିତା ବେଉରା, ବିମଳ କୁମାର ବେଉରା, ହେମନ୍ତ କୁମାର ରାଉତ, ବିଶ୍ୱଜିତ୍ ବିଶ୍ୱାଳ, ହରିହର ବେଉରା, ମଳୟ କୁମାର ମହାପାତ୍ର, ବଳରାମ ଲେଙ୍କା ପ୍ରମୁଖ ମଂଚ ପରିଚାଳନାରେ ସହଯୋଗ କରିଥିବା ବେଳେ ବହୁ ଜନସାଧାରଣ ଯୋଗ ଦେଇଥିଲେ ।

## ପୂର୍ବତନ ସରପଞ୍ଚଙ୍କ ମାତୃ ବିୟୋଗ

କଣିହାଁ (ଭାସ୍କର ନ୍ୟୁଜ୍) : ପୂର୍ବତନ୍ ସରପଞ୍ଚ ତଥା ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ଓ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ବିନୟ ପ୍ରଧାନଙ୍କ ମାତୃ ବିୟୋଗରେ ଏ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ବିନୟ ପ୍ରଧାନଙ୍କ ମା ପଦ୍ମାବତି ପ୍ରଧାନ ଜଣେ ଧର୍ମ ପରାୟଣ ଓ ସେହ୍ନି ଦରଦୀ ମହିଳା ଥିଲେ । ମୃତ୍ୟୁ ଖବର ଶୁଣି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ଜାତୀୟ କ୍ଷୁଦ୍ର ଶିଳ୍ପ ନିଗମର ପରିଚାଳନା ନିର୍ଦ୍ଦେଶକ ତଥା ତାଳଚେର ବିଜେପି ନେତା କାଳନ୍ଦୀ ସାମଲ, ପାଲ୍ଲହଡ଼ା ବିଧାୟକ ଅଶୋକ ମହାନ୍ତି, ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ ଜିଲ୍ଲା ଜୋନାଲ ମିଡିଆ ସେଲ୍ ଅଧ୍ୟକ୍ଷ ପର୍ଶୁରାମ ବାରିକ , ଜିଲ୍ଲା କୃଷକ ମୋର୍ଚ୍ଚା ଉପ ସଭାପତି ତଥା ତାଳଚେର ବିଧାନ ସଭାର ମିଡିଆ ସେଲ୍ ଅଧ୍ୟକ୍ଷ ସୁଶାନ୍ତ କୁମାର ସାମଲ, ଜିଲ୍ଲା ଉପ ସଭାପତି ନୃସିଂହ ବରାଳ , ରେଙ୍ଗାଳି ମଣ୍ଡଳ ସଭାପତି ତ୍ରିପୁର ପ୍ରଧାନ, ସୁମନ୍ତ ପ୍ରଧାନ, ଗୋବିନ୍ଦ ସାହୁ, ଆଲୋକ ପ୍ରଧାନ,କଣିହାଁ ମଣ୍ଡଳ ସଭାପତି ଦେବେନ୍ଦ୍ର ବାରିକ, ମକୁନ୍ଦ ସାହୁ, ଶୋକ ପ୍ରକାଶ କରିବା ସହିତ ଏହି କଠିନ ସମୟରେ ମହାପ୍ରଭୁ ଜଗନ୍ନାଥ ତାଙ୍କ ପରିବାର ବର୍ଗଙ୍କୁ ଶକ୍ତି ସାହସ ଦିଅନ୍ତୁ ମା ଙ୍କର ଅମର ଆତ୍ମା ଜଗନ୍ନାଥଙ୍କ ଶରୀରରେ ବିଲୀନ ହେଉ ବୋଲି ପ୍ରାର୍ଥନା କରିଥିଲେ ।

## ପିଡ଼ିଏସ୍ ଚାଉଳ ପ୍ୟାକେଟ୍‌ରେ କମ ଚାଉଳକୁ ନେଇ ବିବାଦ

**ତଦନ୍ତ ଦାବି**

ନିମାପଡ଼ା (ଭାସ୍କର ନ୍ୟୁଜ୍): ନିମାପଡ଼ା ଡ଼ିଲର ପଏଣ୍ଟକୁ ଯୋଗାଣ ହେଉଥିବା ଚାଉଳରେ ଦୁର୍ନୀତି ହେଉଥିବା ଜଣାପଡ଼ିଛି । ଏହି ଘଟଣାକୁ ନେଇ ଖାଉଟିମାନେ କମ୍ ଚାଉଳ ପାଉଥିବା ଘଟଣାରେ ଜଣେ ଡ଼ିଲର ଓ କଂଟ୍ରାକ୍ଟର ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଛି । ଏପରି ହେବା ଦ୍ୱାରା ଡ଼ିଲର କ୍ଷତି ସହୁଥିବା ବେଳେ ଖାଉଟିମାନେ ମଧ୍ୟ କମ୍ ଚାଉଳ ପାଉଥିବା ଅଭିଯୋଗ ହୋଇଛି । ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ରକୁ ଯୋଗାଣ ହେଉଥିବା ଚାଉଳରେ ତ୍ରୁଟି ରହିଥିବା ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ, ନିମାପଡ଼ାରେ ରାଜ୍ୟ ପଣ୍ୟାଗାର ନିଗମ ରହିଅଛି । ଏଠାରୁ ଏଲ୍୨ କଂଟ୍ରାକ୍ଟର ପୁରୀ ଜିଲ୍ଲା ପ୍ରଶାସନ ସହିତ ଚୁକ୍ତିଭିତିକରେ ପିଡ଼ିଏସ୍ ଚାଉଳକୁ ବିଭିନ୍ନ ପଂଚାୟତ ଓ ଡ଼ିଲର ପଏଂଟକୁ ଯୋଗାଇ ଥାଆନ୍ତି । ମାତ୍ର ଡ଼ିଲର ପଏଂଟକୁ ଯାଉଥିବା ଚାଉଳରେ ବସ୍ତା ପିଛା ୪ କିଲୋ କମ୍ ରହୁଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି । ଏହି ଘଟଣାକୁ ନେଇ ଭିଲ୍ଲିଗ୍ରାମ ପଂଚାୟତର ଜଣେ ଡ଼ିଲରଙ୍କୁ ଯୋଗାଇ ଦିଆଯାଇଥିବା ଚାଉଳରେ କମ୍ ଥିବାରୁ ବିବାଦ ଦେଖା ଦେଇଛି । ଏପରି ହେବା ଦ୍ୱାରା ଖାଉଟିମାନେ ମଧ୍ୟ ଠକାମୀର ଶୀକାର ହେଉଛନ୍ତି । ସରକାରଙ୍କ ପକ୍ଷରୁ ୩ ମାସର ଏକକାଳୀନ ଚାଉଳ କାର୍ଡ଼ଧାରୀଙ୍କୁ ଯୋଗାଇ ଦିଆଯାଉଥିବା ବେଳେ କେତେକ ଡ଼ିଲର ଅର୍ନ୍ତୋଦୟ ଉପଭୋକ୍ତାଙ୍କୁ ଚାଉଳ ପ୍ୟାକେଟ୍ ଦେଉଥିବା ବେଳେ ସେହି ଚାଉଳରେ କମ୍ ରହୁଥିବା ଅଭିଯୋଗ ହୋଇଛି । ଦୀର୍ଘଦିନ ହେବ ଏପରି ଅଭିଯୋଗ ହେଉଥିବା ବେଳେ କ'ଣ ପାଇଁ ଜିଲ୍ଲା ପ୍ରଶାସନ ଅଭିଯୋଗ ଉପରେ ଗୁରୁତ୍ୱ ଦେଉ ନାହିଁ ତାହାକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି । କେତେକ ସ୍କୁଲ ଓ ଅଙ୍ଗନୱାଡ଼ିଙ୍କୁ ପ୍ୟାକେଟ୍ ପ୍ୟାକେଟ୍ ଚାଉଳ ଯୋଗାଇ ଦିଆଯାଉ ଥିବା ବେଳେ ସେହି ଚାଉଳକୁ ଓଜନ କଲେ ଜଣାପଡ଼ିବ ସେଥିରେ ମଧ୍ୟ ବହୁତ୍ କମ୍ ଚାଉଳ ରହୁଛି । କ'ଣ ପାଇଁ ଏପରି ହେଉଛି, କେଉଁଠାରୁ ଚାଉଳ ଗାଏବ କରାଯାଉଛି ତାହା ତଦନ୍ତ ସାକ୍ଷେପ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଏହି ଘଟଣା ସଂପର୍କରେ ନିମାପଡ଼ା ଯୋଗାଣ ନିରୀକ୍ଷକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଯାନ୍ତ୍ରିକ ତ୍ରୁଟି କାରଣରୁ ତାଙ୍କ ସହିତ ଯୋଗାଯୋଗ ହୋଇପାରି ନାହିଁ । ଏହି ଘଟଣାକୁ ଉଚ୍ଚସ୍ତରୀୟ ତଦନ୍ତ କରିବା ସହିତ କେଉଁଠାରୁ ଘୋଟାଲା ହେଉଛି ତାହାର ସତ୍ୟ ଉନ୍ମୋଚନ କରିବା ପାଇଁ ଅନେକ ଖାଉଟି ଦାବୀ କରିଛନ୍ତି ।

## ପିକ୍‌ଅପ୍ ସହିତ ୮ଟି ଶାଳଗଣ୍ଡି ଜବତ

ବାରିପଦା (ଭାସ୍କର ନ୍ୟୁଜ୍) : ସାତକୋଷିଆ ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ବନ ବିଭାଗର କର୍ମଚାରୀମାନେ ନିୟମିତ ରାତ୍ରି ପେଟ୍ରୋଲିଂ କାଳରେ କାଠ ଚୋରାଚାଲାଣ ହେଉଥିବା ଘଟଣା ନଜରକୁ ଆସିଛି । ୧୫ ନଭେମ୍ବର ଭୋର ୩:୧୦ ପାଖାପାଖି ସମୟରେ ଧଳା ରଙ୍ଗର ମହିନ୍ଦ୍ରା ପିକଅପ୍ ଭ୍ୟାନ (ନମ୍ବର OD22Y4103) ସନ୍ଦେହ ପୂର୍ଣ୍ଣ ଭାବେ ରେଞ୍ଜ କାର୍ଯ୍ୟାଳୟ ଆଗରେ ଚିହ୍ନଟ ହୋଇଥିଲା । ବନ ବିଭାଗ କର୍ମଚାରୀମାନେ ଯାନଟିକୁ ଯାଞ୍ଚ କରିବା ସମୟରେ ୮ଟି ତାଜା ସାଳକାଠ ଗଣ୍ଡି ଗାଡିରେ ଲୋଡ୍ ହୋଇଥିବା ଓ ଏକ ତାରପଲିନ୍ ? ଦ୍ୱାରା ଆବରଣ କରାଯାଇଥିବା ଚିହ୍ନଟ କରିଥିଲେ । ଅନ୍ଧାର ରାତିର ସୁଯୋଗ ନେଇ କାଠ ମାଫିଆମାନେ ଘଟଣାସ୍ଥଳରୁ ପଳାଇଯାଇଥିଲେ । ଏହି ଘଟଣା ସତକୋଶିଆ ଅଞ୍ଚଳରେ କାଠ ଚୋରାଚାଲାଣ ମାଫିଆ ଚକ୍ରର ସୂଚନା ମିଳୁଥିବା ନେଇ ଦୃଷ୍ଟିଆକର୍ଷଣ କରୁଛି । ଏଥି ସହିତ, ଘଟଣାସ୍ଥଳରୁ ମିଳିଥିବା ତଥ୍ୟ ଆଧାରରେ ଅଭିଯୁକ୍ତମାନଙ୍କ ବାବଦରେ ଅଧିକ ତଥ୍ୟ ପାଇଁ ତଦନ୍ତ ଜାରି ରହିଛି ।

### ବନ୍ଦେ ଉତ୍କଳ ଜନନୀର ୪୦ ତମ ବୋଇତ ବନ୍ଦାଣ ଉତ୍ସବ

## ଓଡିଆ ଭାଷାଭାଷୀ ଅଞ୍ଚଳକୁ ଓଡିଶାରେ ସାମିଲ କରିବାକୁ ପ୍ରସ୍ତାବ ପାରିତ



ଧର୍ମଶାଳା (ଭାସ୍କର ନ୍ୟୁଜ୍) : ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ହେବାର ୮୮ ବର୍ଷ ଅତିବାହିତ ହୋଇଯାଇଥିଲେ ମଧ୍ୟ ଛତିଶଗଡ, ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ ଆଦି ରାଜ୍ୟ ଗୁଡିକରେ ଥିବା ଓଡିଆ ଭାଷାଭାଷୀ ଅଞ୍ଚଳ ଓଡିଶାରେ ମିଶି ପାରିଲା ନାହିଁ । ବିଚ୍ଛିନାଞ୍ଚଳରେ ଏବେ ପ୍ରାୟ ଚାରି କୋଟିରୁ ଉର୍ଦ୍ଧ୍ୱ ଓଡିଆ ବସବାସ କରୁଛନ୍ତି । ସେମାନଙ୍କ ପିଲାମାନେ ଓଡିଆ ଭାଷା ଶିଖିବା ଓ ଓଡିଆ ପଢିବା ପାଇଁ ବ୍ୟାକୁଳତା ପ୍ରକାଶ କରୁଛନ୍ତି । ବିଚ୍ଛିନାଞ୍ଚଳର ଲୋକେ ଓଡିଆ ଭାଗବତ ପୋଥି ରଖି ପୂଜା କରୁଛନ୍ତି । ସେମାନଙ୍କର ଖାଦ୍ୟ ଶୈଳୀ, ପୋଷାକ ଓ ଅଳଙ୍କାର ସମ୍ପୂର୍ଣ୍ଣ ଭାବେ ଓଡିଆ ପରି । ଓଡିଆ ଭାଷାଭାଷୀ ଅଂଚଳକୁ ଓଡିଶାରେ ସାମିଲ କରିବାକୁ ଦାବି ଜଣାଇ ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ଅବସରରେ ଏକ ପ୍ରସ୍ତାବ ଗୃହୀତ ହୋଇଛି । ବନ୍ଦେ ଉତ୍କଳ ଜନନୀର ୪୦ ତମ ବୋଇତ ବନ୍ଦାଣ ଉତ୍ସବ ଓ ସାଂସ୍କୃତିକ ମିଳନ ସଭା ଧର୍ମଶାଳା ବ୍ଲକ ମିର୍ଜାପୁର ପଂଚାୟତ ଅନ୍ତର୍ଗତ ଅରଙ୍ଗାବାଦ ଗ୍ରାମରେ ଉତ୍ସାହ ଉଦ୍ଦୀପନା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ଜ୍ୟେଷ୍ଠପୁତ୍ର ପ୍ରାଧ୍ୟାପକ ବଳଭଦ୍ର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଶୁଭେନ୍ଦ୍ର କୁମାର ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଆୟୋଜିତ ଉତ୍ସବରେ ସମାଜ ଡିଜିଟାଲ ଏଡିଟର ଗୋପାଳକୃଷ୍ଣ ମହାପାତ୍ର ମୁଖ୍ୟବକ୍ତା, ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ, ଓଡିଆ ଚଳଚ୍ଚିତ୍ର ଅଭିନେତ୍ରୀ ସୁପ୍ରିଆ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଅତିଥିମାନେ କଳିଙ୍ଗର ଅତୀତର ସମୃଦ୍ଧଶାଳୀ ଗୌରବମୟ ନୌବାଣିଜ୍ୟ ପରମ୍ପରାକୁ ମନେପକାଇବା ସହିତ ଓଡିଆ ସଂସ୍କୃତି, ପରମ୍ପରା ଓ ଅସ୍ମିତାକୁ ବଜାଇ ରଖିବାକୁ ମତବ୍ୟକ୍ତ କରିଥିଲେ । ଉତ୍କଳପ୍ରଦେଶ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପାରଳା ମହାରାଜ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ଉତ୍କଳଗୌରବ ମଧୁସୁଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଫଟୋଚିତ୍ରରେ ଅତିଥିମାନେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଡଃ. ପ୍ରଶାନ୍ତ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ । ବୋଇତ ବନ୍ଦାଣ ଉତ୍ସବର ୪୦ ବର୍ଷ ପୂର୍ତ୍ତୀ ଉପଲକ୍ଷେ ୪୦ ଗୋଟି ତୋପ ଧ୍ୱନି କରାଯାଇଥିଲା । ଓଡିଆ ଭାଷାଭାଷୀ ଅଂଚଳକୁ ଓଡିଶାରେ ମିଶାଇବା ଏବଂ ଡାଡି ମଞ୍ଜି ଡାକରୁ କ୍ଷାନ୍ତ ରହିବାକୁ ଆହ୍ୱାନ କରାଯାଇ ଉତ୍ସବରେ ଦୁଇଗୋଟି ପ୍ରସ୍ତାବ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା । ଅଧିଷ୍ଠାତା ମଣ୍ଡଳୀ ସଭ୍ୟ କାହ୍ନୁଚରଣ ଦାଶ, ରମାକାନ୍ତ ଜେନା, ଯୁଧିଷ୍ଠିର ସ୍ୱାଇଁ ପ୍ରମୁଖ ପ୍ରସ୍ତାବ ପାଠ କରିଥିଲେ । ବନ୍ଦେ ଉତ୍କଳ ଜନନୀର ପ୍ରତିଷ୍ଠାତା ସ୍ୱର୍ଗତ ରବି ଲାବଣ୍ୟଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇ ନୀରବ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା । ଓଡିଆ ଚଳଚ୍ଚିତ୍ର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଚଳଚ୍ଚିତ୍ର ଅଭିନେତ୍ରୀ ସୁପ୍ରିଆ ନାୟକଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ପୂର୍ବାହ୍ନରେ ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନ କାର୍ଯ୍ୟାଳୟରୁ ଅତିଥିମାନେ ଏକ ଶୋଭାଯାତ୍ରାରେ ବାହାରି ବୋଇତ ବନ୍ଦାଣ ଉତ୍ସବ ସ୍ଥଳରେ ପହଂଚିଥିଲେ । ସ୍ଥାନୀୟ ଶ୍ୟାମସୁନ୍ଦରଜୀଉଙ୍କ ପବିତ୍ର ପୁଷ୍କରିଣୀରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ହଜାର ହଜାର ଶ୍ରଦ୍ଧାଳୁଙ୍କ ହରିବୋଲ, ହୁଳହୁଳି ମଧ୍ୟରେ ଅତିଥିମାନେ ଏକ ସୁସଜ୍ଜିତ ବୋଇତକୁ ଭସାଇଥିଲେ । ସୁବାଷ ଦାସ, ରମାକାନ୍ତ ବାରିକ, ସୁଧାକର ରଣା, ସବ୍ୟସାଚୀ ପଣ୍ଡା, ବିଶ୍ୱଜିତ ବିଶ୍ୱାଳ ପ୍ରମୁଖ ଉତ୍ସବ ଆୟୋଜନରେ ସହଯୋଗ କରିଥିଲେ । ସ୍ୱର୍ଗତ ଲାବଣ୍ୟଙ୍କ କନିଷ୍ଠ ପୁତ୍ର ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଲିଯାତ୍ରାରେ ୫୦ ହଜାର ଜନ ସମାଗମ

## ୧୦ ହଜାର ଭକ୍ତଙ୍କ କାର୍ତ୍ତିକ ବୁଡ

ଭୁବନ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଭୁବନର ବାବା ବୁଦ୍ଧେଶ୍ୱରଙ୍କ ପୀଠରେ ପ୍ରସିଦ୍ଧ ବାଲିଯାତ୍ରା ପାଳିତ ହୋଇଯାଇଛି । ପାରମ୍ପରିକ ରୀତିନୀତି ଅନୁଯାୟୀ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଭକ୍ତ ପୁଣ୍ୟତୋୟା ବ୍ରାହ୍ମଣୀ ନଦୀରେ କାର୍ତ୍ତିକ ବୁଡ ପକାଇ ଡଙ୍ଗା ଭସାଇ ବାବା ବୁଦ୍ଧେଶ୍ୱରଙ୍କୁ ଦର୍ଶନ କରିଥିଲେ । ମାସକ ଯାକ ହବିଷ ପାଳନ କରୁଥିବା ମହିଳାମାନେ ରାଇ ଦାମୋଦର (ରାଧା ଗୋବିନ୍ଦ) ଙ୍କ ପୂଜା ବିଭିନ୍ନ ଢଙ୍ଗରେ କରି ବ୍ରତ ସମାପନ କରିଥିଲେ । ବଡ଼ି ଭୋର୍‌ରୁ ଅପରାହ୍ନ ପର୍ଯ୍ୟନ୍ତ ମନ୍ଦିରରେ ପ୍ରବଳ ଭିଡ ହୋଇଥିଲା । ଭକ୍ତ ମାନେ ଧାଡ଼ିରେ ଯାଇ ଶୃଙ୍ଖଳିତ ଭାବେ ଠାକୁର ଦର୍ଶନ କରିଥିଲେ । ତୈଳିକ ବୈଶ୍ୟ ସମାଜ ତରଫରୁ ଆକର୍ଷଣୀୟ ୨୩ ତମ ବାର୍ଷିକ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପୂର୍ବ କାଳରେ ଆଜିର ଦିନରେ ସାଧବ ପୁଅ ମାନେ ବାଣିଜ୍ୟ କରିବାକୁ ଜାଭା, ବୋର୍ଣିଓ, ସୁମାତ୍ରା ପ୍ରଭୃତି ଅଞ୍ଚଳକୁ ଯାଉଥିବାରୁ ସାଧବ ବେଶରେ ସଜ୍ଜିତ ସାଧବ ପୁଅ ମାନଙ୍କ ଶୁଭ ମନାସି ବନ୍ଦାପନା କରି ସଙ୍କୀର୍ତ୍ତନ ଜରିଆରେ ବୁଦ୍ଧେଶ୍ୱର ମନ୍ଦିରକୁ ପାଛୋଟି ଆଣିଥିଲେ । ଗତ ବୁଧବାର ଠାରୁ ଆର୍ଯ୍ୟ ସମାଜ ତରଫରୁ ଆରମ୍ଭ ହୋଇଥିବା ବିଶ୍ୱ ଶାନ୍ତି ମହାଯଜ୍ଞ ଆଜି ଅପରାହ୍ନରେ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଲୋକମାନେ ଦୋଳି, ମିନା ବଜାର ସାଙ୍ଗକୁ ପ୍ରସିଦ୍ଧ ବରା ଘୁଗୁନି, ଦହିବରା ଆଳୁଦମ୍, ଚାଟ, ଦୋସା, ଠୁଙ୍କାପୁରୀ, ଫାଷ୍ଟ ଫୁଡ୍ ଦୋକାନ, ମନୋହରୀ ଦୋକାନ, ଆଇସ କ୍ରିମ ପାର୍ଲରରେ ମନ ଭରି ଖିଆ ପିଆ କରିବା ସହ ଡାଲା, କୁଲା, ଲୁହା ଲଡା ଘରକରଣା ସାମଗ୍ରୀ ଓ ହାଟ ବଜାରରେ ମିଳୁନଥିବା ବିଭିନ୍ନ ଜିନିସ କିଣାକିଣି କରିଥିଲେ । ଚଳିତ ବର୍ଷ ବାଲିଯାତ୍ରାରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପ୍ରାୟ ୫୦ ହଜାର ଜନସମାଗମ ହୋଇଥିଲା ।



ପରମ୍ପରା ଅନୁଯାୟୀ ପୁରୁଷୋତ୍ତମପୁର ଶାସନରୁ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିଙ୍କୁ ଗ୍ରାମ୍ୟ କମିଟି ସଭାପତି ଶାନ୍ତନୁ ଦାଶ, ସୁବାସ ମିଶ୍ରଙ୍କ ନେତୃତ୍ୱରେ ବିରାଟ ଶୋଭାଯାତ୍ରାରେ ବୁଦ୍ଧେଶ୍ୱର ମନ୍ଦିରକୁ ଅଣାଯାଇ ହରିହର ଭେଟ କରାଯାଇଥିଲା । ମନ୍ଦିର ପରିଚାଳନା କମିଟି, ସ୍ୱେଚ୍ଛାସେବୀ ଓ ଭୁବନ ଥାନାଧିକାରୀ ମନସ୍ୱିନୀ ମହାନ୍ତିଙ୍କ ତତ୍ତ୍ୱାବଧାନରେ ପୋଲିସ କର୍ମଚାରୀମାନେ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ ।

## ବରିଷ୍ଠ ନାଗରିକଙ୍କ ମନ୍ଦିରକୁ ଅର୍ଥ ଦାନ



ତାଳଚେର (ଭାସ୍କର ନ୍ୟୁଜ୍) : ତାଳଚେର ବ୍ଲକ ସୋଲଡ଼ା ଗ୍ରାମର ବରିଷ୍ଠ ନାଗରିକ ହୃଷିକେଶ ଶତପଥୀ ମା' ହିଙ୍ଗୁଳାଙ୍କ ପରିକଳ୍ପିତ ନୂତନ ଭବ୍ୟ ମନ୍ଦିର ନିର୍ମାଣ ନିମନ୍ତେ ମନ୍ଦିର ପାଣ୍ଠିକୁ ଅର୍ଥଦାନ କରିଛନ୍ତି । ପବିତ୍ର କାର୍ତ୍ତିକ ପଞ୍ଚୁକ ପାଳନ ଅବସରରେ ଶ୍ରୀ ଶତପଥୀ ମା' ହିଙ୍ଗୁଳାଙ୍କ ଦର୍ଶନ କରିଥିଲେ । ଏହି ଅବସରରେ ସେ ଟ୍ରଷ୍ଟ ବୋର୍ଡ ସଦସ୍ୟ ଜଗନ୍ ମୋହନ ଗଡ଼ନାୟକଙ୍କୁ ୫,୫୫୫ ଟଙ୍କା ମନ୍ଦିର ନିର୍ମାଣାର୍ଥେ ପ୍ରଦାନ କରିଥିଲେ । ମା' ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଶ୍ରୀ ଶତପଥୀଙ୍କୁ ସାଧୁବାଦ ଜ୍ଞାପନ କରାଯାଇଛି ।




ଡେରାବିଶ, (ଭାସ୍କର ନ୍ୟୁଜ): ଡେରାବିଶ ବ୍ଲକ ଚାନ୍ଦୋଳ ସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଯୁବ ରେଡ୍‌କ୍ରସ୍ ବରିଷ୍ଠ ଶାଖା ଆନୁକୂଲ୍ୟରେ ନୂତନ ସ୍ୱେଚ୍ଛାସେବୀମାନଙ୍କର ଏକ ଓରିଏନ୍‌ଟେସନ୍ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ କୁମାର ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟ ଅତିଥି ଭାବରେ ନିକିରାଇ ସ୍ଥିତ ବୀର ହନୁମାନଜୀଉ ମହାବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗର ମୁଖ୍ୟ ଡଃ ହିମାଂଶୁ ଭୂଷଣ ପରିଡ଼ା ଯୋଗଦେଇ ସମାଜ ଓ ସାମାଜିକ ବ୍ୟବସ୍ଥାରେ ଜଣେ ସ୍ୱେଚ୍ଛାସେବୀ ନିଜର କର୍ତ୍ତବ୍ୟ ସମାପନ କରି ପ୍ରତିଷ୍ଠା ଅର୍ଜନ କରିପାରିବ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଅଧ୍ୟକ୍ଷ ଶ୍ରୀ ବଳ ସ୍ୱେଚ୍ଛାସେବୀମାନେ ଶତପ୍ରତିଶତ ମାନବବାଦୀ ଚିନ୍ତାଧାରା ଆଧାରରେ ସମାଜ ପ୍ରତି ଥିବା କର୍ତ୍ତବ୍ୟ କରିବା ଉଚିତ୍ ବୋଲି ସଭାପତି ଅଭିଭାଷଣରେ ବକ୍ତବ୍ୟ ରଖିଥିଲେ । ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସର ମହିଳା କାଉନସେଲର ଅଧ୍ୟାପିକା ସୁକନ୍ୟା ମହାନ୍ତି ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ କାଉନ୍‌ସେଲର ଅଧ୍ୟାପକ ପ୍ରଭାକର ଦାସ ଧନ୍ୟବାଦ ଅର୍ପଣ କରିଥିଲେ କରିଥିଲେ । କାର୍ଯ୍ୟକ୍ରମକୁ ବରିଷ୍ଠ ଅଧ୍ୟାପକ ସଂଜୟ କୁମାର ନାୟକ, ଅଧ୍ୟାପିକ ଶଶିଭୂଷଣ ଜେନା, ବିଶ୍ୱରଞ୍ଜନ ମିଶ୍ର, ଅଧ୍ୟାପିକା ମନିଷା ଦାସ ଓ ଶାଶ୍ୱତୀ ପ୍ରଜ୍ଞା ସାହୁ ପ୍ରମୁଖ ପରିଚାଳନା କରିଥିଲେ ।



# ଦାଦନ ଖଟିବାକୁ ଯାଇ ଶ୍ରମଜୀବୀ ମୃତ

## ➪ ଅର୍ଥ ଅଭାବରୁ ଆସିପାରୁନି ମୃତଦେହ
## ➪ ୨ ଦିନ ହେବ ମେଡିକାଲରେ ପଡିରହିଛି

କେନ୍ଦୁଝର, (ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲାରେ ଦାଦନ ଦୁଃଖ ଦିନକୁ ଦିନ ବଢିବାରେ ଲାଗିଛି। କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ସଲେଇକେନା ପଞ୍ଚାୟତ ଡିମିରିଆ ଗ୍ରାମରେ ଜଣେ ଯୁବକ କାମ କରିବାକୁ ଆନ୍ଧ୍ରପ୍ରଦେଶ ଯାଇ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି। ମୃତ ଯୁବକଙ୍କ ନାମ କୁଶଧର କିସାନ(୪୦) ବୋଲି ଜଣାପଡିଛି। ଦାଦନ ଖଟିବାକୁ ଆନ୍ଧ୍ରପ୍ରଦେଶ ରାଜ୍ୟର ବିଜୟୱାଡା ଅଞ୍ଚଳକୁ ଯାଇଥିବାବେଳେ ଗତ ୧୦ ତାରିଖ ଦିନ ଏକ ସଡକ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଏକ ମେଡିକାଲରେ ଚିକିତ୍ସାଧୀନ ଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ଅପରାହ୍ନ ୨ଟା ତାଙ୍କର ମୃତ୍ୟୁ ହୋଇଥିଲା । କୁଶଧରଙ୍କ ମୃତଦେହ ୨ ଦିନ ହେବ ବିଜୟୱାଡା ସେଣ୍ଟ୍ରାଲ ହସ୍ପିଟାଲରେ ପଡି



ରହିଥିବାବେଳେ ଅର୍ଥ ଅଭାବରୁ ପରିବାର ଲୋକ ମରଶରୀର ଘରକୁ ଆଣି ପାରୁନାହାଁନ୍ତି । ଏ ନେଇ ପ୍ରଭାଗୀୟ ଶ୍ରମ ଆୟୁକ୍ତ ନରେନ୍ଦ୍ର କୁମାର ଗଇପାଇଙ୍କୁ ଯୋଗାଯୋଗ କରିବାରୁ କୁଶଧରଙ୍କ ମୃତଦେହ ଆଣିବାକୁ ବ୍ୟବସ୍ଥା କରାଯାଉଛି ବୋଲି କହିଛନ୍ତି । କେନ୍ଦୁଝର ଜିଲ୍ଲାରେ କାମଧନ୍ଦା ମିଳୁଥିବାରୁ ରାଜ୍ୟ ବାହାରକୁ ଶ୍ରମଜୀବୀ କାମ କରିବାକୁ ଯାଉଛନ୍ତି। ଖଣି ଅଞ୍ଚଳରେ ମେସିନରେ ସମସ୍ତ କାମ ହେଉଥିବାବେଳେ ଖଣି ତଳେ ବସବାସ କରୁଥିବା ଲୋକ ବାହାର ରାଜ୍ୟକୁ କାମ ସନ୍ଧାନରେ ଯାଉଛନ୍ତି। ରତ୍ନଗର୍ଭା କେନ୍ଦୁଝରରେ ବହୁ ଶ୍ରମଜୀବୀ ବାହାର ରାଜ୍ୟକୁ କାମ କରିବାକୁ ଯାଇ ମୃତ୍ୟୁବରଣ କରୁଛନ୍ତି। ଘରର ମୁରବୀ କିମ୍ବା ଯୁବକମାନେ ବାହାର ରାଜ୍ୟକୁ କାମ କରିବାକୁ ଯାଇ ଘରକୁ ଆଉ ଫେରୁନାହାଁନ୍ତି । କିଏ ନିଖୋଜ ହୋଇ ଯାଉଛି ତ କିଏ ମୃତ୍ୟୁମୁଖରେ ପଡୁଛି। ଜିଲ୍ଲାରେ ମନରେଗା ଯୋଜନା ଦିଗହରା ହୋଇଥିବାବେଳେ କାମଧନ୍ଦା ନ ପାଇ ଅନ୍ୟ ରାଜ୍ୟକୁ କାମ ପାଇଁ ଯାଉଥିବା ଜଣାପଡିଛି । ମନରେଗା ଯୋଜନାରେ ପ୍ରତିବର୍ଷ କୋଟି କୋଟି ଟଙ୍କା ମଜୁରୀ ବାବଦରେ ପଇଠ କରାଯାଉଥିଲେ ହେଁ ଏଥିରେ ସୁଚିନ୍ତିତ ଉପାୟରେ ଠିକାଦାର ଲାଭବାନ ହେଉଛନ୍ତି । ବ୍ଲକ ଏବଂ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସଠିକ୍ ତଦାରଖ ଅଭାବରୁ ମନରେଗା ଯୋଜନା ଫେଲ୍ ମାରିଛି ।

# ପାରାଦ୍ୱୀପଗଡ଼ରେ ବୋଇତ ଭସାଣ ଉତ୍ସବ

କୁଜଙ୍ଗ, (ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାରାଦ୍ୱୀପ ଗଡ ଗ୍ରାମ ପଞ୍ଚାୟତର ପାରାଦ୍ୱୀପ ଗଡ ଗ୍ରାମରେ ଦୀର୍ଘ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ହେବ ପାରମ୍ପରିକ ରୀତିନିତି ଅନୁସାରେ ବୋଇତ ଭସାଣ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଆସୁଛି । ପଞ୍ଚାୟତର ବିଭିନ୍ନ ୱାର୍ଡରେ ନିର୍ମିତ ହୋଇଥିବା ୬ ଗୋଟି ସୁସଜ୍ଜିତ ବୋଇତକୁ ସ୍ଥାନୀୟ ସରପଞ୍ଚ ସସ୍ମିତା ବେହେରା ପୂଜାର୍ଚ୍ଚନା କରି ଉଦ୍‌ଘାଟନ କରିବା ପରେ ଗ୍ରାମ ପରିକ୍ରମା କରି ତାଳଦଣ୍ଡା କେନାଲ, ଚନ୍ଦନ ପୋଖରୀ ଓ ପାପନାଶିନୀ ପୋଖରୀରେ ଭସାଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପାରାଦ୍ୱୀପ ଲକ୍ ଥାନା ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିଲା । ସେହିପରି ଭସାଣ ଉତ୍ସବକୁ ତଦାରଖ କରିବା ପାଇଁ ପଞ୍ଚାୟତ ତରଫରୁ ୧୦ ଜଣ ପର୍ଯ୍ୟବେକ୍ଷକ ନିଯୁକ୍ତି କରାଯାଇଥିଲା ଗ୍ରାମର ହଜାର ହାଜର ଗ୍ରାମବାସୀ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଆସନ୍ତା ସାଧାରଣତନ୍ତ୍ର ଦିବସ ସମାରୋହ ଉତ୍ସବ ଅବସରରେ ବୋଇତର ସାଜସଜ୍ଜା, ଶୃଙ୍ଖଳା, ନୃତ୍ୟ, ଗୀତ ଓ ସଙ୍ଗୀତରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ବୋଇତ ଭସାଣ କମିଟିକୁ ପଞ୍ଚାୟତ ତରଫରୁ ପୁରସ୍କୃତ



କରାଯିବ ବୋଲି ସରପଞ୍ଚ ଶ୍ରୀମତୀ ବେହେରା ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ଚନ୍ଦ୍ର ଶେଖର ଚୌଧୁରୀ, ଅଲେଖ ମହାରଥା, ରମେଶ ଚନ୍ଦ୍ର ବେହେରା, ଦେବ ଦୁର୍ଲ୍ଲଭ କର, ସତ୍ୟନାରାୟଣ ମହାପାତ୍ର, ସନ୍ତୋଷ ଦୋରା, ରାକେଶ ମଙ୍ଗରାଜ, ଜିତେନ୍ଦ୍ର ସାମଲ, ରଞ୍ଜନ ସାମଲ, ସୁଧାଂଶୁ ଶେଖର ସାହୁ, ସୁଭସ୍ମିତା ମଙ୍ଗରାଜ, ପାପୁନା ସେଠୀ, ବିପିନ ସେଠୀ, ଧନେଶ୍ୱର ସାହୁ, ରୋଜଲିନି ନାୟକ, ବାପିନା ପଣ୍ଡା, ଲିପୁନ ବେହେରା, ଦୀପକ ପଣ୍ଡା, ଫୁଲ ସାହୁ, ସନାତନ ମାଝୀ, ସାରଦା ପ୍ରସନ୍ନ ସ୍ୱାଇଁ ଓ ରବୀନ୍ଦ୍ର ସାହୁ ପ୍ରମୁଖ ଉକ୍ତ ଉତ୍ସବକୁ ପରିଚାଳନା କରିଥିଲେ ।

# ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ

ଭଞ୍ଜନଗର,(ଭାସ୍କର ନ୍ୟୁଜ)): ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ରର ୩୩ ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିବର୍ତ୍ତିତ ଜଳବାୟୁକୁ ଦେଖି ବୈଜ୍ଞାନିକ ପ୍ରଣାଳୀରେ ଚାଷ କଲେ କୃଷି ଉତ୍ପାଦନ ବଢିବ ବୋଲି ବୈଠକରେ ଯୋଗଦେଇ ବକ୍ତାମାନେ କହିଥିଲେ । କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡଃ ସୁତନୁ କୁମାର ଶତପଥୀ ସ୍ୱାଗତ ଭାଷଣ ଦେଇଥିଲେ । ଓୟୁଏଟି ଯୁଗ୍ମ ନିର୍ଦ୍ଦେଶକ ସମ୍ପ୍ରସାରଣ ପ୍ରଶାନ୍ତ କୁମାର ମହାନ୍ତି ସଭାକୁ ସଂଯୋଜନା କରିଥିଲେ । ସଂପ୍ରସାରଣ ନିର୍ଦ୍ଦେଶାଳୟର ଅଧ୍ୟକ୍ଷ ପ୍ରସନ୍ନ ଜିତ୍ ମିଶ୍ର ଅନ୍‌ଲାଇନ୍ ମାଧ୍ୟମରେ ସଭାରେ ଅଧ୍ୟକ୍ଷତା କରିଥିଲେ । କୋଲକାତା ଅଟାରୀର ବୈଜ୍ଞାନିକ ଡ ପାର୍ଥ ପ୍ରତିମ୍ ପାଲ, ଡ ନାରାୟଣ ବାର, ଜିଲ୍ଲା କୃଷି ଅଧିକାରୀ ରବି ନାରାୟଣ ପଣ୍ଡା, ଭଞ୍ଜନଗର କୃଷି ଅଧିକାରୀ ବ୍ୟୋମକେଶ ମିଶ୍ର, କନ୍ଧମାଳ ଆଞ୍ଚଳିକ ଗବେଷଣା କେନ୍ଦ୍ରର ମୁଖ୍ୟ ଜ୍ଞାନଲୋକ ଦାସ, ବ୍ରହ୍ମପୁର ଡାଲି ଗବେଷଣା କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ପ୍ରଶାନ୍ତ କୁମାରପଣ୍ଡା, ଉଦ୍ୟାନ ବିଭାଗ ଡେପୁଟି ଡାଇରେକ୍ଟର କନ୍ଧ ଜେନା, ଆସିକା କୃଷି ଜିଲ୍ଲା ଅଧିକାରୀ ପ୍ରମୋଦ କୁମାର ମହାପାତ୍ର, ବ୍ରହ୍ମପୁର କେ ବି କେ ମୁଖ୍ୟ ଡ ସୁଜିତ୍ କୁମାର ନାଥ, ବୈଜ୍ଞାନିକ ଡଃ ସନ୍ତୋଷ କୁମାର ସାମନ୍ତରାୟ, ଡ ସିଦ୍ଧାର୍ଥ ରଣ ବିଜୁଳି, ଅନିତା ପାତ୍ର, ପ୍ରାଚୀ ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଭାଗ ନେଇ ନିଜର ମତ ରଖିଥିଲେ ।

## ସଂରକ୍ଷିତ ଜଙ୍ଗଲରେ ବେଆଇନ ଗଛ କଟା ଘଟଣା

# ‘ଦୋଷୀ ବନ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଅ’

କେନ୍ଦୁଝର, (ଭାସ୍କର ନ୍ୟୁଜ): ଚମ୍ପୁଆ ରେଞ୍ଜ କୃଷ୍ଣପୁର ସଂରକ୍ଷିତ ଜଙ୍ଗଲରେ ଅନୁମତି ଠାରୁ ଅଧିକ ଗଛ କଟା ଘଟଣାରେ ଦାୟିତ୍ୱରେ ଅବହେଳା କରିଥିବା ବନ କର୍ମଚାରୀଙ୍କୁ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଷ ରାମ ସିଂ ଖୁଣ୍ଟିଆ କେନ୍ଦୁଝର ବନ ଖଣ୍ଡ ଡିଏଫ୍‌ଓ ଧନରାଜ ଏଚ୍‌ଡିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଘଟଣାରେ ବନ ସୁରକ୍ଷା ସମିତିର ସଭାପତି ରଞ୍ଜନ କୁମାର ମହାନ୍ତଙ୍କ ସମେତ ଅନ୍ୟ ୧୨ ଜଣ ସଦସ୍ୟଙ୍କ ନାମରେ ବନ ବିଭାଗ ମାମଲା ରୁଜୁ କରିଛି । ସୂଚନାଯୋଗ୍ୟଯେ, କୃଷ୍ଣପୁର ସଂରକ୍ଷିତ ଜଙ୍ଗଲରେ ୨୫୦୫ଟି ୟୁକାଲିପଟାସ ଗଛ କାଟିବାକୁ ଡିଏଫ୍‌ଓ କୃଷ୍ଣପୁର ବନ ସୁରକ୍ଷା ସମିତି(ଭିଏସ୍‌ଏସ୍)କୁ ଅନୁମତି ଦେଇଥିଲେ । ବନ ସୁରକ୍ଷା ସମିତି ଅନୁମତି ବାହାରେ ବହୁ ସଂଖ୍ୟାରେ ଗଛ କଟାଯାଇଥିବା ନେଇ ସ୍ଥାନୀୟ ଗ୍ରାମବାସୀ ଜିଲ୍ଲାପାଳ ଏବଂ ଡିଏଫ୍‌ଓଙ୍କ ନିକଟରେ ଅଭିଯୋଗ କରିଥିଲେ । ଅଭିଯୋଗ ପରେ କଟା ଗଛର ମୂଳ ଗଣତି କରିବାକୁ ଡିଏଫ୍‌ଓ ଆଦେଶ କରିଥିଲେ । ଗଣତି ବେଳେ ୧୧୨୩ଟି ଗଛ ଅଧିକ ଗଛ ଗଣତି ପରେ ବନ ବିଭାଗ ହଠାତ୍ ଗଣତି ବନ୍ଦ କରି ଦେଇଥିଲା । ଦୀର୍ଘ ୧ ମାସ ପରେ ମଧ୍ୟ ସଂପୂର୍ଣ୍ଣ ଗଣତି କରାଯାଇନଥିବା ଗ୍ରାମବାସୀ ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅକାଶିଆ, ଶାଳ, ଶିଶୁ



ଆଦି ବିଭିନ୍ନ ପ୍ରଜାତିର ବହୁ ଗଛ ବିନା ଅନୁମତିରେ କଟାଯାଇଛି । ଏଥିସହ ଗଛଗୁଡିକୁ ବିକ୍ରୀ କରି ବନ ସୁରକ୍ଷା ସମିତିର କେତେକ ସଦସ୍ୟ ନିଜ ବ୍ୟକ୍ତିଗତ ଆକାଉଣ୍ଟରେ ଜମା କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ତେବେ ଏହାର ତଦନ୍ତ କରାଯାଇ ଦୋଷୀଙ୍କ ବିରୁଦ୍ଧରେ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ପ୍ରତିଶୃତି ଦେଇଛନ୍ତି। ସୂଚନାଯୋଗ୍ୟ, ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଷ ରାମ ସିଂ ଖୁଣ୍ଟିଆଙ୍କ କେନ୍ଦୁଝର ଗସ୍ତ ଅବସରରେ ଚମ୍ପୁଆ ରେଞ୍ଜ କୃଷ୍ଣପୁର ଗ୍ରାମବାସୀ ସଂରକ୍ଷିତ ଜଙ୍ଗଲରେ ବେଆଇନ ଗଛ କଟା ଯାଇଥିବା ଅଭିଯୋଗ କରି ଦୋଷୀ ବନ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ।

## ତାରାତାରିଣୀ ମନ୍ଦିରରୁ ଚୋରି ଘଟଣା

# ୪ ସେବାୟତ, ୨ ସୁରକ୍ଷା କର୍ମଚାରୀ ଗିରଫ

ବ୍ରହ୍ମପୁର, (ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲାର ଇଷ୍ଟଦେବୀ ମା’ ତାରାତାରିଣୀଙ୍କ ମନ୍ଦିରରୁ ଗୁପ୍ତ ଅଳଙ୍କାର ଓ ହୁଣ୍ଡି ଭାଙ୍ଗି ଟଙ୍କା ଚୋରି ଘଟଣାରେ ପୋଲିସ ୪ ଜଣ ସେବାୟତ ଓ ୨ ଜଣ ସୁରକ୍ଷା କର୍ମଚାରୀ (ରାତ୍ର ଜଗୁଆଳ)ଙ୍କୁ ଗୁରବାର ଗିରଫ ପରେ କୋର୍ଟ ଚାଲାଣ କରିଛି । ସେମାନେ ହେଲେ ସେବାୟତ ପ୍ରତାପୁର ଗ୍ରାମର ଗୌତମ ରଣା (୨୮), ଗୋବିନ୍ଦପୁର ଗ୍ରାମର ଅମୂଲ୍ୟ ରଣା (୨୮), ବିକାଶ ରଣା (୨୦), ରବିନ କୁମାର ରଣା (୨୫), ରାତ୍ର ଜଗୁଆଳ ରାଇପୁର ଗ୍ରାମର କାଳିଆ ଦାସ (୩୫) ଓ ବଳରାମ ନାହାକ ଓରଫ ବଳିଆ (୪୫)। ଅଭିଯୁକ୍ତମାନଙ୍କ ନିକଟରୁ ହୁଣ୍ଡିରୁ ଚୋରାଇ ନେଇଥିବା ୩୯ ହଜାର ଟଙ୍କା ସହ ଚୋରି ବେଳେ ବ୍ୟବହୃତ ଇଲେକ୍ଟ୍ରି କଟର, ତାର, ୩ଟି ବାଇକ୍, ୩ଟି ମୋବାଇଲ ଫୋନ, ମଦ ବୋତଲ ଜବତ କରାଯାଇଛି। ଚୋରି ଅଭିଯୋଗ ହେବା ପରଠାରୁ

## ◆ ଅଳଙ୍କାର ମିଳି ନଥିବାରୁ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବି

ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ନେଇ ୯ ଦିନହେଲା ଚୋରଙ୍କୁ ଠାବ କରିବାରେ ଲାଗିପଡିଥିଲେ। ପୁରୁଷୋତ୍ତମପୁର ଏସ୍‌ଡିପିଓ ରଜନୀକାନ୍ତ ସାମଲ ଓ ଆଇଆଇସି ବିପିନ ବିହାରୀ ହୋତା ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ସେବାୟତ ତପନ କୁମାର ରଣା ଗତ ୬ ତାରିଖ ସକାଳେ ତାରାତାରିଣୀଙ୍କ ମନ୍ଦିରରୁ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ । ଏହାକୁ ନେଇ ଥାନା ନଂ ୭୩୯/୨୪ ପ୍ରକାରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା । ରାତ୍ର ଜଗୁଆଳ କାଳିଆଙ୍କୁ ସନ୍ଦେହରେ ଆଣି ପଚରାଉଚରା କରିବା ବେଳେ ସେ ଚୋରି ଘଟଣାରେ ସମ୍ପୃକ୍ତ ଥିବା ସ୍ୱୀକାର କରିଥିଲେ । ଏହି ଆଧାରରେ ସମସ୍ତ ଅଭିଯୁକ୍ତଙ୍କୁ ଆଣି ପଚାରିବା ବେଳେ ସେମାନେ ଚୋରି କରିଥିବା ମାନିଯିବା ସହ କିଭଳି ଚୋରି କରିଛନ୍ତି ତାହା ବର୍ଣ୍ଣନା କରିଥିଲେ । ସେମାନଙ୍କ ଠାରୁ ଚୋରିରେ ବ୍ୟବହୃତ ସାମଗ୍ରୀ ଓ ଟଙ୍କାକୁ ଜବତ କରାଯାଇଥିଲା । କାଳିଆଙ୍କ ଠାରୁ କଟର ମେସିନ, ବଳିଆଙ୍କ ଠାରୁ ଇଲେକ୍ଟ୍ରି ତାର, ଅମୂଲ୍ୟଙ୍କ ଠାରୁ ୨୧ ହଜାର ଟଙ୍କା ଓ ରବିନଙ୍କ ଠାରୁ ୧୮ ହଜାର ଟଙ୍କା ସହ ଅଭିଯୁକ୍ତମାନେ ବ୍ୟବହାର କରିଥିବା ୩ଟି ମୋଟର ସାଇକେଲକୁ ଜବତ କରାଯାଇଛି। ମାତ୍ର ଅଳଙ୍କାର ସମ୍ପର୍କରେ କୌଣସି ସୂଚନା ମିଳିନାହିଁ। ତେଣୁ ପୁଣି ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଅଣାଯିବ। ଘଟଣାର ଅଧିକ ତଦନ୍ତ ଚାଲିଥିବା ଏସ୍‌ଡିପିଓ କହିଛନ୍ତି । ସୂଚନାଯୋଗ୍ୟ, ଚୋରି ଘଟଣା ପରେ ମନ୍ଦିରର ସ୍ଥିତିକୁ ନେଇ ସେବାୟତଙ୍କ ଭୂମିକା ସନ୍ଦେହଜନକ ହୋଇପଡିଥିଲା । ଲୋକେ କେତେଜଣ ସେବାୟତ ଓ ସୁରକ୍ଷା କର୍ମଚାରୀଙ୍କ କାର୍ଯ୍ୟପ୍ରତି ସନ୍ଦେହ କରିବାରେ ଲାଗିଥିଲେ ।

# ଭାରତୀୟ ମଜଦୁର ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ତାଳଚେର, (ଭାସ୍କର ନ୍ୟୁଜ): ଅନୁଗୁଳ ଜିଲ୍ଲା ତାଳଚେର ସ୍ଥିତ ତାଳଚେର କୋଇଲା ଖଣି ମଜଦୂର ସଂଘ ପ୍ରାଙ୍ଗଣରେ ଭାରତୀୟ ମଜଦୂର ସଂଘ ଓଡ଼ିଶା ପ୍ରଦେଶର ୧୪୬ ତମ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ସଂଘର ରାଜ୍ୟ ସଭାପତି ବାଦଲ କୁମାର ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସ୍ୱାଗତ ଭାଷଣରେ ଅନଗୁଳ ଜିଲ୍ଲାର ଜିଲ୍ଲା ସମ୍ପାଦକ ଅଜୟ କୁମାର ପାଢୀ ସମସ୍ତ ପ୍ରତିନିଧି ସହ କେନ୍ଦ୍ରୀୟ କାର୍ଯ୍ୟକର୍ତ୍ତାଙ୍କୁ ତାଳଚେରକୁ ସ୍ୱାଗତ କରିବା ସହ ତାଳଚେରକୁ ପ୍ରତିନିଧି ଦେଇଥିବାରୁ ଧନ୍ୟବାଦ ଦେଇଥିଲେ । ବୈଠକର ଆରମ୍ଭରେ ବିଗତ ଦିନରେ ଓଡ଼ିଶା ତଥା ଦେଶର ପ୍ରମୁଖ ଶ୍ରମିକ ନେତା, ଶ୍ରମିକମାନଙ୍କ ବିୟୋଗରେ ଶୋକ ପ୍ରସ୍ତାବ ଅଣାଯାଇଥିଲା । ଏହା ସହ ବଙ୍ଗଳାଦେଶରେ ହିନ୍ଦୁମାନଙ୍କ ପ୍ରତି ହେଉଥିବା ନରସଂହାରକୁ ଦୃଢ ନିନ୍ଦା ପାଇଁ ପ୍ରସ୍ତାବ ଅଣାଯାଇଥିଲା । ଏହି ବୈଠକରେ ୩୦ ଜିଲ୍ଲାର ପ୍ରତିନିଧି, ସାର୍ବଜନିକ ଉଦ୍ୟୋଗ, ବିଦ୍ୟୁତ ସଂଘ ପ୍ରତିନିଧି, ଅଙ୍ଗନୱାଡ଼ି, ଆଶା, ପାଚିକା, ନିର୍ମାଣ, ଖଣି, ସିମେଣ୍ଟ, ଷ୍ଟିଲ, ନାଲକୋ, ରେଳବାଇ, ଠିକା ଶ୍ରମିକ ଇତ୍ୟାଦି ସଂଘର ପ୍ରତିନିଧି ଭାଗ ନେଇଥିଲେ । ଏହି ବୈଠକରେ ଭାରତୀୟ ମଜଦୁର ସଂଘର ଅଖେଳ ଭାରତୀୟ ସମ୍ପାଦକ ରାଧେଶ୍ୟାମ ଜୟଶ୍ୱାଲ୍ ଯୋଗଦେଇ ଭାରତୀୟ ମଜଦୁର ସଂଘର ୭୦ ବର୍ଷର ଉପଲବ୍ଧି ଉପରେ ନିଜର ବକ୍ତବ୍ୟ ରଖିଥିଲେ । ଦୁଇ ଦିନ ଧରି ଚାଲି ଥିବା ବୈଠକରେ ରାଜ୍ୟରେ କାର୍ଯ୍ୟରତ ଶ୍ରମିକମାନଙ୍କ ସମସ୍ୟା ଉପରେ ଗଭୀର ଆଲୋଚନା ସହିତ ଆବଶ୍ୟକ ସ୍ଥଳେ ଆନ୍ଦୋଳନ ପାଇଁ ପ୍ରସ୍ତୁତି ରହିବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା । ବିଶେଷ ଭାବରେ




ଭାରତୀୟ ମଜଦୁର ସଂଘର ୭୦ ବର୍ଷର ପୂର୍ତ୍ତିକୁ ଆଧାର କରି ସଂଘ ଅନେକ କାର୍ଯ୍ୟ ହାତକୁ ନେଇଛି, ଯଥା ଆସନ୍ତା ଡିସେମ୍ବର ମାସରେ ୮ ରୁ ୧୦ ଲକ୍ଷ ଶ୍ରମିକ ସମାଜଙ୍କ ସହ ଜନସଂପର୍କ ଅଭିଯାନ, ଜାନୁଆରୀରୁ ମାର୍ଚ୍ଚ ମଧ୍ୟରେ ମହିଳା ସମ୍ମିଳନୀ, ଯୁବା ସମ୍ମିଳନୀ କାର୍ଯ୍ୟକ୍ରମ କରିବା ସହ ଯୁବକ ଏବଂ ମହିଳାମାନଙ୍କ ମଧ୍ୟରେ ଶ୍ରମିକ ସଂଘ ପ୍ରତି ଆଶା ସୃଷ୍ଟି କରିବା ନୂତନ ନେତୃତ୍ୱ ବିକାଶ ପାଇଁ ପ୍ରୟାସ କରିବା । ଏହା ବ୍ୟତୀତ ସୁସ୍ଥ ସମାଜର ଗଠନ ନିମିତ୍ତ ସମାଜରେ ପରିବର୍ତ୍ତନକୁ ଲକ୍ଷ୍ୟ କରି ପଞ୍ଚ ପରିବର୍ତ୍ତନ ତଥା, ପର୍ଯ୍ୟାବରଣ, ସ୍ୱେଦଶୀ, ଯୌଥ ପରିବାରର ଆବଶ୍ୟକତା, ସାମାଜିକ ସମରସ୍ତା ଏବଂ ନାଗରିକ କର୍ତ୍ତବ୍ୟ ଉପରେ କ୍ଷେତ୍ରୀୟ ସଂଗଠନ ମନ୍ତ୍ରୀ ଗରିଶ୍ କୁମାର ମହନ୍ତ ଗୁରୁତ୍ୱରୋପ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ସଂଘ ର ସାଧାରଣ ସମ୍ପାଦକ ପୃଥୀରାଜ ପଣ୍ଡା ଅସଙ୍ଗଠିତ କ୍ଷେତ୍ର, ଠିକା ଶ୍ରମିକମାନଙ୍କ ଦୟନୀୟ ଅବସ୍ଥାର ଦୂରୀକରଣ ପାଇଁ ସଂଘର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ଶ୍ରମିକ ସଂଗଠନର ଯେଉଁଠାରେ ଏପର୍ଯ୍ୟନ୍ତ ଅପହଞ୍ଚ ସେଠାରେ ପହଞ୍ଚିବା ପାଇଁ ବୈଠକରେ ଉପସ୍ଥିତ ଶ୍ରମିକ ପ୍ରତିନିଧିମାନଙ୍କୁ ଆହ୍ୱାନ କରିଥିଲେ । ପରିଶେଷରେ ଏହି ବୈଠକର ସଫଳ ଆୟୋଜନ କରିଥିବା ତାଳଚେର କୋଇଲା ଖଣି ମଜଦୂର ସଂଘ ର କାର୍ଯ୍ୟକର୍ତ୍ତାମାନଙ୍କୁ ଭାରତୀୟ ମଜଦୁର ସଂଘ ଓଡିଶା ଶାଖା ପକ୍ଷରୁ ଧନ୍ୟବାଦ ପ୍ରଦାନ କରାଯାଇଥିଲା । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟ ରେ ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ଭାରତୀୟ ସମ୍ପାଦିକା ଅଞ୍ଜଳି ପଟେଲ, ସଂଘର ସଂଗଠନ ସମ୍ପାଦକ ଲକ୍ଷ୍ମଣ ଦାସ, ସହ ସାରାରଣ ସମ୍ପାଦକ ସଚିଦାନନ୍ଦ ଗଡ଼ନାୟକ ପ୍ରମୁଖ ଯୋଗ ଦେଇଥିଲେ । ତାଳଚେର କୋଇଲା ଖଣି ମଜଦୂର ସଂଘର ସଭାପତି କିଶୋର ଚନ୍ଦ୍ର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ବୋଇତ ବନ୍ଦାଣ ଉତ୍ସବ ପାଳିତ



ଛତ୍ରପୁର, (ଭାସ୍କର ନ୍ୟୁଜ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ଗଞ୍ଜାମ ଜିଲ୍ଲା ସଦର ମହକୁମା ଛତ୍ରପୁର ସହରରେ ବସବାସ କରୁଥିବା ତୈଳିକ ବୈଶ୍ୟ ସମାଜ ପକ୍ଷରୁ ଶୁକ୍ରବାର ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଯାଇଛି । ସୋଲରେ ଏକ ବୃହତ ବୋଇତ ନିର୍ମାଣ କରି ତାକୁ ବିଭିନ୍ନ ରଙ୍ଗବେରଙ୍ଗ ଫୁଲରେ ସଜାଇ ସ୍ଥାନୀୟ ଚଣ୍ଡୀ ଛକରେ ଥିବା ଛତ୍ରପୁରର ଆରାଧ ଦେବୀ ମା’ ରାମାୟାଣାମା ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ । ପରେ ତୈଳିକ ବୈଶ୍ୟ ସମାଜର ଶତାଧିକ ମହିଳା, ପୁରୁଷ ସାମିଲ ହୋଇ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ପୁରୁଣା ଲାଇନ ସ୍ଥିତ ଗୌରୀଶଙ୍କର ମନ୍ଦିର ନିକଟରେ ପହଞ୍ଚିଥିଲେ । ସେଠାରେ ସମାଜର ମହିଳାମାନେ ହୁଳହୁଳି ଦେଇ ଫୁଲଚନ୍ଦନ ସହ ବୋଇତକୁ ବନ୍ଦାପନା କରିଥିଲେ । ଏହାପରେ ବୋଇତକୁ ମନ୍ଦିର ନିକଟ ପୋଖରୀରେ ଭସାଯାଇଥିଲା । ସମାଜର ସଭାପତି ରମେଶ ଚନ୍ଦ୍ର ସାହୁ, ଉପସଭାପତି ଅଶୋକ କୁମାର ସାହୁ, ସମ୍ପାଦକ ସୁଧୀର କୁମାର ସାହୁ, ସହସମ୍ପାଦକ ସଦାନନ୍ଦ ସାହୁ, କୋଷାଧ୍ୟକ୍ଷ ବାବୁଲା ସାହୁ, ପୂର୍ବତନ ସଭାପତି ମାଧବ ସାହୁ ଓ ପ୍ରମୋଦ କୁମାର ସାହୁଙ୍କ ସମେତ ବହୁ ବରିଷ୍ଠ ସଦସ୍ୟମାନେ ସାମିଲ ଥିଲେ ।

# ଶିଶୁ ସାହିତ୍ୟିକ ବିଭୂତିଙ୍କୁ ଶ୍ରେଷ୍ଠ ସମ୍ପାଦକ ସମ୍ମାନ

ତାଳଚେର,(ଭାସ୍କର ନ୍ୟୁଜ): ତାଳଚେର ବ୍ଲକ କଳମଛୁଇଁ ଗ୍ରାମର ଶିଶୁ ସାହିତ୍ୟିକ ବିଭୂତି ଭୂଷଣ ସ୍ୱାଇଁଙ୍କୁ ‘ଚନ୍ଦ୍ରମା ଶିଶୁ ପତ୍ରିକା ସମ୍ପାଦନା ସମ୍ମାନ-୨୦୨୪’ ରେ ସମ୍ମାନୀତ କରାଯାଇଛି । ତ୍ରୈମାସିକ ଶିଶୁ କିଶୋର ପତ୍ରିକା “ନବ ଆକାଶର ଚନ୍ଦ୍ରମା”ର ବିଂଶତମ ସ୍ୱନକ୍ଷତ୍ର ଜୟନ୍ତୀ ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବରିଷ୍ଠ ଶିଶୁ ସାହିତ୍ୟିକ ନିର୍ଭୟ କୁମାର ପାଣି ଅଧ୍ୟକ୍ଷତା କରିଥିଲେ । ଅତିଥି ଭାବରେ ଗାଳ୍ପିକ ସିଦ୍ଧିପ୍ରସାଦ ସାହୁ, ଶିକ୍ଷାବିତ୍ ଧନେଶ୍ୱର ସାହୁ, ସମାଜସେବୀ ହାଡିବନ୍ଧୁ ପ୍ରଧାନ ଓ ଚନ୍ଦ୍ରମା ପତ୍ରିକାର ସମ୍ପାଦକ ବୁଦ୍ଧଦେବ ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ । ଶିକ୍ଷା, ସାହିତ୍ୟ, ସମାଜସେବା, ସାଙ୍ଗଠନିକ ଦକ୍ଷତା ତଥା ତ୍ରୈମାସିକ ଶିଶୁ କିଶୋର ପତ୍ରିକା “ଆମ କୁନାକୁନି”ର ସମ୍ପାଦନା ଯୋଗୁଁ ଶିଶୁ ସାହିତ୍ୟିକ ବିଭୂତି ସ୍ୱାଇଁଙ୍କୁ ମୁଖ୍ୟ ଅତିଥି ଉତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ତାଳଚେରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା’ ହିଙ୍ଗୁଳା ପାଠାଗାରର ପ୍ରତିଷ୍ଠାତା ସମ୍ପାଦକ ଭାବରେ ଶ୍ରୀ ସ୍ୱାଇଁ ଦାୟିତ୍ୱ ନିର୍ବାହ କରିବା ସହ ବିଭିନ୍ନ ସାମାଜିକ ସଙ୍ଗଠନ ସହ କାର୍ଯ୍ୟ କରୁଛନ୍ତି । ଶ୍ରୀ ସ୍ୱାଇଁଙ୍କର ଏଭଳି ସଫଳତା ଯୋଗୁଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି ।

# ହଜରତ ସୟଦ ଜମାଲଶାହା ପୀରବାବାଙ୍କ ଉର୍ସ ଉତ୍ସବ


ଡେରାବିଶ, (ଭାସ୍କର ନ୍ୟୁଜ): ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଗୋଲରାହାଟ ସ୍ଥିତ ହଜରତ ସୟଦ ଜମାଲଶାହା ପୀରବାବାଙ୍କ ପୀଠରେ ଉର୍ସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ହଜରତ ସୟଦ ଜମାଲଶାହା ପୀରବାବା ଚାରି ଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପବିତ୍ର ଉର୍ସ ଉତ୍ସବ ଉପଲକ୍ଷେ ହୋଇଥିବା ବାର୍ଷିକ ଧର୍ମସଭା(ଜଲସା)ରେ ବରିଷ୍ଠ ମୌଲାନା ଫୟାଜ ଆଲମ ରିଜଭି ପୌରୋହିତ୍ୟ କରିଥିଲେ । ଏହି ଧର୍ମସଭାରେ ସୁଦୂର ଉତ୍ତରପ୍ରଦେଶର ବରେଲିରୁ ମୌଲାନା ଇମତେୟାଜ ରଜାବ ରକତି ଓ କଟକରୁ ମୌଲାନା ମିନ୍‌ହାଜ୍ ରଜା ଅମିନୁଲ କାଦ୍‌ରୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ମୌଲାନା ଯୋଗଦେଇ ଇସଲାମ ଧର୍ମର ମହତବାଣୀ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଆୟୋଜକ ଗୋଲରାହାଟ ସୁନ୍ନିବରେଲି ମସଜିଦର ଇମାମ କାରୀ ଅବ୍ଦୁଲ କାଦିର୍ ହବିବିଙ୍କ ସଭା ସଂଯୋଜନାରେ ଅନୁଷ୍ଠିତ ଏହି ଧର୍ମସଭାରେ ସୁଦୂର ବିହାରର ଭାଗଲପୁର କଟକ ଓ ଓଲଢିରୁ ଆସିଥିବା ସାଏରେ ଇସଲାମ ଜନାବ ଅଜମତ ରଜାଭାଗଲପୁରୀ, ଅହମ୍ମଦ ଖାନ ରିଜଭି ଓ ମୌଲାନା ସାବିରୁଲ୍ କାଦରୀଙ୍କ ଇସଲାମ ଧର୍ମର ମହତବାଣୀ ସମ୍ପର୍କୀତ ସଙ୍ଗିତ ଉକ୍ତ ପୀଠରେ ଧାର୍ମିକ ବାତାବରଣ ସୃଷ୍ଟି କରିଥିଲା। ମୌଲାନା ଅବ୍ଦୁଲ ଓାଜିଦ ରିଜ୍‌ଓ୍ୱାନୀ ଏହି ଧର୍ମସଭାରେ ଘୋଷକ ଦାୟିତ୍ୱ ତୁଲାଇଥିଲେ । ପୀରବାବଙ୍କ ଏହି ଉର୍ସ ଉତ୍ସବ ପାଇଁ ଗତକାଲି ସକାଳୁ ବ୍ଲକ ଅଧିନ ଗୋଲରାହାଟ, ଚଷାଖଣ୍ଡ, ଛଂଚିଣା, ଓଲଢି, ମନ୍ତିପଡା, ସଦାନନ୍ଦପୁର, ସବଳଙ୍ଗକଣିପଡା ଓ



ହଳଦିଆ ଇତ୍ୟାଦି ମୁସଲମାନ ସାହିର ସୁନ୍ନିବରେଲି ଗୋଷ୍ଠୀର ଜନସାଧାରଣଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଉଦ୍ଦିପନା ସୃଷ୍ଟି ହୋଇଥିଲା । ଗତକାଲିର ପ୍ରାତଃ ନଜାଜ ପାଠ ପରେ ଉକ୍ତ ପୀଠରେ କୋରାନ ପାଠ କରାଯାଇଥିଲା । ସେହିପରି ବିଭିନ୍ନ ମୁସଲମାନ ସାହିର ଲୋକମାନେ ଶୋଭାଯାତ୍ରରେ ଉକ୍ତ ପୀଠକୁ ଆସି ପୀରବାବାଙ୍କ ସମାଧି ପୀଠରେ ଚାଦର ଚଢ଼ାଇଥିଲେ । ବିଳମ୍ବିତ ରାତିରେ ଶେଷ ହୋଇଥିବା ଏହି ଉର୍ସ ଉତ୍ସବରେ ଯୋଗଦାନ କରିଥିବା ପୀରବାବାଙ୍କ ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ଉର୍ସ କମିଟି ପକ୍ଷରୁ ଶିରିଣୀ ଭୋଗ ବଣ୍ଟନ କରାଯାଇଥିଲା। ଏହି ଉର୍ସ ଉତ୍ସବକୁ ଆୟୋଜକ ୯ ଗୋଟି ବରେଲି ମୁସଲମାନ ସାହିବାସୀଙ୍କୁ ନେଇ ଗଠିତ ସୟଦ ଜମାଲଶାହା ପୀରବାବା ଚାରିଟେବୁଲ ଟ୍ରଷ୍ଟର କର୍ମକର୍ତ୍ତା ଓ ସଦସ୍ୟମାନଙ୍କ ନେତୃତ୍ୱରେ ହୋଇଥିବା ବେଳେ ଏହାର ପରିଚାଳନାରେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

# ଡ଼ାକ୍ତରଖାନା ଘରକୁ କବ୍‌ଜାରେ ରଖିଥିବା ବ୍ୟକ୍ତିଙ୍କୁ ବାହାର କଲା ପ୍ରଶାସନ

ବାଲିଚନ୍ଦ୍ରପୁର,(ଭାସ୍କର ନ୍ୟୁଜ): ଦର୍ପଣ ତହସିଲ ତଥା ବାଲିଚନ୍ଦ୍ରପୁର ଥାନା ଅଧିନ ମଝିପଡ଼ା ପଞ୍ଚାୟତସ୍ଥିତ ଉଦୟଗିରି ସରକାରୀ ଡ଼ାକ୍ତରଖାନା ଘରକୁ ଦଖଲ କରି ଜନୈକ ବ୍ୟକ୍ତି ନିଜ କବ୍‌ଜାରେ ରଖି ଦୀର୍ଘଦିନ ହେବ ପରିବାର ସହ ରହୁଥିଲେ । ବୁଧବାର ପ୍ରଶାସନ ପକ୍ଷରୁ ଉକ୍ତ ବ୍ୟକ୍ତିଙ୍କୁ ବାହାର କରିବା ପାଇଁ ଦିନ ତମାମ କସରତ କରିବା ପରେ ବାହାର କରିବାରେ ସଫଳ ହୋଇଥିଲେ । ଘଟଣାରୁ ପ୍ରକାଶ ଉଦୟଗିରି ଗ୍ରାମର ଅଶୋକ କୁମାର ଦଳେଇ କିଛି ବର୍ଷ ହେବ ଉଦୟଗିରି ଡ଼ାକ୍ତରଖାନା ପରିସରରେ ଥିବା ଏକ କୋଠରୀରେ ପରିବାର ସହ ବସବାସ କରୁଥିଲେ। ଏବେ ଉଦୟଗିରି ଡ଼ାକ୍ତରଖାନାର ଗୃହ ନିର୍ମାଣ ଓ ଉନ୍ନତିକରଣ ପାଇଁ ପ୍ରଶାସନ ପକ୍ଷରୁ ଅର୍ଥ ମଞ୍ଜୁର ହୋଇ ଟେଣ୍ଡର ପ୍ରକ୍ରିୟା ସରିବା ପରେ ଜୈନିକ ଠିକାଦାରଙ୍କୁ କାର୍ଯ୍ୟଭାର ଦିଆଯାଇଛି । ଆସନ୍ତା ୨୪ ତାରିଖରେ ଉକ୍ତ କାର୍ଯ୍ୟର ଶିଳାନ୍ୟାସ କରାଯିବାକୁ ଆପାତତ ସ୍ଥିର ହୋଇଥିବା



ଜଣାପଡ଼ିଛି । ଏଥିପୂର୍ବରୁ ପ୍ରଶାସନିକ ତତ୍ପରତା ପୂର୍ବକ ଦର୍ପଣ ତହସିଲ ପକ୍ଷରୁ ଅଶୋକ ଦେଳଇଙ୍କୁ ବାରମ୍ବାର ନୋଟିସ କରାଯିବା ପରେ ଅଶୋକ ସବ୍‌କଲେକ୍ଟର ଯାଜପୁରଙ୍କ କୋର୍ଟରେ ଆଶ୍ରୟ ନେଇଥିଲେ । ତେବେ ଅଶୋକଙ୍କ ଆବେଦନ ପତ୍ର ଉପଜିଲ୍ଲାପାଳଙ୍କ କୋର୍ଟରେ ଖାରଜ ହେବା ପରେ ପୁନଶ୍ଚ ତହସିଲ ପ୍ରଶାସନ ପକ୍ଷରୁ ବୁଧବାର ଉକ୍ତ ଘରକୁ ଖାଲି କରିବା ପାଇଁ ଅଶୋକଙ୍କୁ ନୋଟିସ ଦିଆଯିବା ସହ ବାଲିଚନ୍ଦ୍ରପୁର ଥାନାକୁ ଚିଠି କରାଯାଇଥିଲା। ଦର୍ପଣ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ ଓ ବାଲିଚନ୍ଦ୍ରପୁର ଥାନାଧିକାରୀଙ୍କ ତତ୍ତ୍ୱାବଧାନରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ଓ ଜେସିବି ମେସିନ ନେଇ ବୁଧବାର ଘଟଣାସ୍ଥଳରେ ପହଞ୍ଚିଥିଲେ । ଉକ୍ତ ବ୍ୟକ୍ତିଙ୍କୁ ସେଠାରୁ ବାହାର କରିବା ପାଇଁ ଅଧିକାରୀମାନଙ୍କୁ ଦିନ ତମାମ ବୁଝାସୁଝା କରିବା ପରେ ଅପରାହ୍ନରେ ତାଙ୍କୁ ବାହାର କରିବାରେ ସକ୍ଷମ ହୋଇଥିଲେ । ପରେ ଉକ୍ତ ଗୃହକୁ ତାଲା ପକାଇ ଜଉମୁଦ ଦେଇ ସିଲ୍ କରାଯାଇ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରାଯାଇଛି । ମାତ୍ର ଉକ୍ତ ଘରକୁ ଭଙ୍ଗାଯିବା ପାଇଁ ଯେଉଁ ଯୋଜନା ହୋଇ ଜେସିବ ମେସିନ ନିଆଯାଇଥିଲା ତାହା ଭଙ୍ଗା ଯାଇନଥିବା ଜଣାପଡ଼ିଛି । ଖବର ଲେଖାହେବା ପର୍ଯ୍ୟନ୍ତ ଘଟଣାସ୍ଥଳରେ ପ୍ରଶାସନିକ ଅଧିକାରୀ ଓ ପୋଲିସ ଫୋର୍ସ ମୁତୟନ ଥିବା ଜଣାପଡ଼ିଛି । ଏ ନେଇ ଦର୍ପଣ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀଙ୍କୁ ପଚାରିବାରେ ଡ଼ାକ୍ତରଖାନା ରିନୋଭେସନ ପାଇଁ ସରକାରଙ୍କ ତରଫରୁ ବ୍ୟବସ୍ଥା ହୋଇଥିବାରୁ ଏଥି ପୂର୍ବରୁ ସରକାରୀ ବିଧି ବ୍ୟବସ୍ଥା ଅନୁସାରେ କାର୍ଯ୍ୟ କରାଯାଇଛି ବୋଲି ମତ ଦେଇଛନ୍ତି ।



କେନ୍ଦୁଝର, (ଭାସ୍କର ନ୍ୟୁଜ): ଜିଲ୍ଲା ଆଇନସେବା ପ୍ରାଧିକରଣ, କେନ୍ଦୁଝର ସୌଜନ୍ୟରୁ ଯୋଡା ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଇଲଖା ଠାରେ ଗତକାଲି ଶିଶୁଦିବସ ପାଳିତ ହୋଇଯାଇଛି । ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଅଶୋକ କୁମାର ପଣ୍ଡାଙ୍କ ପୃଷ୍ଠପୋଷକତା ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ପ୍ରାଧିକରଣ ସଚିବ ମାମୀ ବେହେରା ଯୋଗଦେଇ ପ୍ରାକ୍ତନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ଉତ୍ସବକୁ ଉଦ୍ଘାଟନ କରି ଛୋଟ ପିଲାମାନଙ୍କୁ ଦେଶର ଭବିଷ୍ୟତ ରୂପେ ବର୍ଣ୍ଣନା କରି ସେମାନେ ଦେଶ ସେବାରେ କିପରି ବ୍ରତୀ ହୋଇପାରିବେ ଓ ପ୍ରାଧିକରଣ ସେମାନଙ୍କ ପାଇଁ କିଭଳି ସହାୟତା ପ୍ରଦାନ କରିପାରିବ ଏବଂ ଭାରତର ସମ୍ବିଧାନ,ପୋକସୋ ନିୟମ,ଆଇପିସି ଆଦି ଇତ୍ୟାଦି ବିଷୟରେ ବର୍ଣ୍ଣନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯୋଡା ଥାନା ଅଧିକାରୀ ଲୋକେଶ୍ୱର ସାହୁ,ଭାରପ୍ରାପ୍ତ ଅଧ୍ୟକ୍ଷ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମଧୁସ୍ମିତା ସେଠୀ ଉପସ୍ଥିତ ରହିଥିଲେ । ପରେ ପରେ ଛୋଟ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ର କର୍ମକର୍ତ୍ତା ଓ ପ୍ରାଧିକରଣ କର୍ମୀମାନେ ପରିଚାଳନା କରିଥିଲେ ।

# ବ୍ରହ୍ମପୁରରୁ ନକଲି ଡାକ୍ତର ଗିରଫ



ବ୍ରହ୍ମପୁର,(ଭାସ୍କର ନ୍ୟୁଜ): ବ୍ରହ୍ମପୁର ଗେଟ ବଜାର ମିତ୍ରା ସାହିରେ କ୍ରିଷ୍ଟା ପାଇଲ୍ସ କ୍ଲିନିକ ଚଲାଉଥିବା ଜଣେ ନକଲି ଆୟୁର୍ବେଦିକ ଡାକ୍ତରଙ୍କୁ ବ୍ରହ୍ମପୁର ଟାଉନ ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ନକଲି ଡାକ୍ତର ଜଣକ ହେଲେ, ବ୍ରହ୍ମପୁର ରମ୍ଭା ସାହିରେ ରହୁଥିବା ପଶ୍ଚିମବଙ୍ଗ ହୁଗୁଳି ଜିଲ୍ଲା ପାଣ୍ଡୁଆ ଥାନା ଅନ୍ତର୍ଗତ ଟିନା ନେଡାଙ୍ଗା ପଲ୍ଲୀର ଉତ୍ପଳ ବଳ(୩୧) । ପୋଲିସ ଏହି ନକଲି ଆୟୁର୍ବେଦିକ ଡାକ୍ତରଙ୍କ କ୍ଲିନିକରୁ ବିଭିନ୍ନ କମ୍ପାନୀର ଆୟୁର୍ବେଦିକ ଔଷଧ, ଟେବଲେଟ୍, ଷ୍ଟେଥୋସ୍କୋପ, ପାଇଲ୍ସ ଅପରେସନ ସମୟରେ ବ୍ୟବହୃତ ସରଞ୍ଜାମ ତାଙ୍କ ନାମରେ ଥିବା ଡାକ୍ତରୀ ନୋଟପ୍ୟାଡ୍, କ୍ଲିନିକ ଓ ନକଲି ଡାକ୍ତରଙ୍କ ନାମଫଳକ, ବଙ୍ଗାଳି ଭାଷାରେ ଲେଖାଥିବା ୩ ଟି ଆୟୁର୍ବେଦିକ ଚିକିତ୍ସା ପୁସ୍ତକ ଜବତ କରିଛି । ବ୍ରହ୍ମପୁରରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସିଡିଏମଓଙ୍କ କାର୍ଯ୍ୟାଳୟଠାରୁ ମାତ୍ର ୫୦ଢ଼ ମିଟର ଦୂରରେ କ୍ଲିନିକ ଦୀର୍ଘବର୍ଷ ଧରି ଚାଲିଥିଲା । ଉତ୍ପଳ ୮ମ ଶ୍ରେଣୀ ଫେଲ ହୋଇଛି । ପୂର୍ବରୁ ସେ ବିଶାଖାପାଟଣାରେ ଏକ ହୋଟେଲରେ କାମ କରୁଥିଲେ । ୨୦୧୯ ମସିହାରେ ବିଶାଖାପାଟଣାରୁ ବ୍ରହ୍ମପୁର ଆସିବା ପରେ ରମ୍ଭା ସାହିର ଏକ ଭଡ଼ାଘରେ ରହିଥିଲେ । ପରେ ସେ ମିତ୍ରା ସାହିରେ କ୍ଲିନିକ ଖୋଲିଥିଲା । ରୋଗୀଙ୍କ ମଳକଣ୍ଟକ, ଅର୍ଶ, ଭଗନ୍ଦର, ଗୁପ୍ତ ରୋଗ ଓ ଯୌନରୋଗ ଆଦି ଭଲ କରିଦେବାର ପ୍ରତିଶ୍ରୁତି ଦେଇ ଚିକିତ୍ସା ଓ ଡାକ୍ତରୀ ପରାମର୍ଶ ସହିତ ଔଷଧ ଦେଉଥିଲେ ବୋଲି ତଦନ୍ତରୁ ଜଣାପଡ଼ିଛି । ପ୍ରକାଶଥାଉକି, କନ୍ଧମାଳ ଜିଲ୍ଲା କୋଟଗଡ଼ ନିକଟ ସଲକି ଗୁଡ଼ାବାଡର ଜଣେ ଯୁବକଙ୍କ ମଳକଣ୍ଟକ ରୋଗ ଥିବାରୁ ସେ ଗତ ମାସରେ କ୍ରିଷ୍ଟା ପାଇଲ୍ସ କ୍ଲିନିକ୍‌କୁ ଚିକିତ୍ସା କରାଇବାକୁ ଆସିଥିଲେ । ଏହି କ୍ଲିନିକର ମାଲିକ ଉତ୍ପଳ ନିଜେ ଡାକ୍ତର ସାଜି ସମ୍ପୃକ୍ତ ଯୁବକଙ୍କ ଚିକିତ୍ସା କରାଇବା ସହ ଔଷଧ ଦେଇଥିଲେ । ଏଥିପାଇଁ ସେ ଯୁବକଙ୍କଠାରୁ ୧୨ହଜାର ଟଙ୍କା ନେଇଥିଲେ । ତେବେ ନିର୍ଦ୍ଧାରିତ ସମୟ ପରେ ମଧ୍ୟ ରୋଗ ଭଲ ନହେବାରୁ ୨ ଦିନ ପୂର୍ବେ ଯୁବକଜଣକ ପୁଣିଥରେ ଉକ୍ତ କ୍ଲିନିକକୁ ଆସିଥିଲେ । ରୋଗ ସମ୍ପର୍କରେ ଉତ୍ପଳଙ୍କ ସହ ଆଲୋଚନା କରିବା ପରେ ସେ ରୋଗ ଭଲ କରିଦେବାକୁ ପୁଣି ପ୍ରତିଶ୍ରୁତି ଦେବା ସହ ପୁଣି ୧୨ହଜାର ଟଙ୍କା ଦାବି କରିଥିଲେ । ଯାହାକୁ ନେଇ ସମ୍ପୃକ୍ତ ଯୁବକଙ୍କ ସନ୍ଦେହ ହୋଇଥିଲା ଏବଂ ସେ ପୋଲିସ ନିକଟରେ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗକୁ ଭିତ୍ତି କରି ଟାଉନ ଥାନା ପୋଲିସ କ୍ରିଷ୍ଟା ପାଇଲ୍ସ କ୍ଲିନିକରେ ଚଢ଼ଉ କରିଥିଲା । ଚଢ଼ଉ ପରେ ଉତ୍ପଳ ବଳ ନିଜକୁ (ବିଏଏମ୍ଏସ୍) ଡାକ୍ତରୀ ଡିଗ୍ରୀଧାରୀ ଜଣେ ଡାକ୍ତର ବୋଲି ଦର୍ଶାଇ ଶହଶହ ରୋଗୀଙ୍କ ଚିକିତ୍ସା କରିଥିବା ଜଣାପଡ଼ିଥିଲା ।

## ତେଜିଲା ଜିଲ୍ଲାଭିତ୍ତିକ ନିଯୁକ୍ତି ଦାବି

# ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ଝରୀଗାଁ (ଭାସ୍କର ନ୍ୟୁଜ): ଜିଲ୍ଲାଭିତ୍ତିକ ନିଯୁକ୍ତି ଦାବିରେ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଜଣାଇଲା ମିଳିତ କ୍ରିୟାନୁଷ୍ଠାନ କମିଟି। ଆଜି ଝରୀଗାଁ ଗୋଷ୍ଠୀଉନ୍ନୟନ ଅଧିକାରୀଙ୍କ ଜରିଆରେ ବ୍ଲକ୍‌ସ୍ତରୀୟ କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ ଏହି ଦାବିପତ୍ରଟି ଜଣେଇଛନ୍ତି, ପ୍ରକାଶ ଥାଉକି ଏହି ଜିଲ୍ଲାଭିତ୍ତିକ ନିଯୁକ୍ତିକୁ ନେଇ ଗତ ସେପ୍ଟେମ୍ବର ୨୭ ତାରିଖରୁ ଆଜକୁ ପଚାଶ ଦିନ ହେଲା ଜିଲ୍ଲାରେ ଆନ୍ଦୋଳନ ଚାଲିଥିବାବେଳେ ଏବେ ପୁଣି ତୃତୀୟ ଏବଂ ଚତୁର୍ଥ ଶ୍ରେଣୀ ପଦବୀ ପାଇଁ ଜିଲ୍ଲାଭିତ୍ତିକ ନିଯୁକ୍ତି ଦାବିକରାଯାଇଛି, ଅବିଭକ୍ତ କୋରାପୁଟ ଜିଲ୍ଲା ଏକ ଆଦିବାସୀ ଅଧ୍ୟୁଷିତ ପଞ୍ଚମ ଅନୁସୂଚିତ ଜିଲ୍ଲା ହୋଇଥିବା ବେଳେ ଏଠାକାର ଅନେକ ଯୁବକ ଯୁବତୀ +୨ ପାସ ଗ୍ରାଜୁଏଟ , ସିଟି , ବିଇଡି, ଓ ଟି ଇ ଟି ପାସ କରି ମଧ୍ୟ ନିଜ ଅଂଚଳରେ ସୁବିଧାରେ ଚାକିରୀ ଖଣ୍ଡେ ପାଇପାରୁ ନାହାନ୍ତି , ସ୍ୱାଧୀନତାର ଦୀର୍ଘ ପଞ୍ଚସ୍ତରି ବର୍ଷ ବିତିଯାଇଥିଲେ ମଧ୍ୟ ଏଇ ଅଂଚଳର ହଜାର ହଜାର ଯୁବକ ଯୁବତୀ ବେକାର ହୋଇ ରହିଆସୁଛନ୍ତି ଏବଂ ଦାଦନ ଯାଇ କୁଲି ଖଟୁଛନ୍ତି ଗତ ଅକ୍ଟୋବର ମାସ ପାଞ୍ଚ ତାରିଖରେ ଯେଉଁ ଜୁନିଅର ଶିକ୍ଷକ ନିଯୁକ୍ତି ଦିଆଗଲା ସେଥିରେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ୨୮୪୮ ପଦବୀ ରୁ ୨୫୦ ଜଣ କେବଳ ଜିଲ୍ଲାର ପ୍ରାର୍ଥୀ ବାକି ଅନ୍ୟଜିଲ୍ଲାର ପିଲାମାନେ ପାଇଛନ୍ତି। ତା' ମଧ୍ୟରୁ ନବରଙ୍ଗପୁର ଜିଲ୍ଲାର ୮୬୦ ପୋଷ୍ଟରୁ କେବଳ ୧୩୪ ଜଣ ହେଉଛନ୍ତି ନବରଙ୍ଗପୁର ଜିଲ୍ଲାର। ତେଣୁ ଏହା ଅବିଭକ୍ତ କୋରାପୁଟ ଜିଲ୍ଲାର ଯୁବକ ଯୁବତୀ ମାନଙ୍କ ପାଇଁ ଘୋର ଅନ୍ୟାୟ ହେଉଥିବା କୁହାଯାଇଛି । ଏ ସମ୍ପର୍କରେ ବାରମ୍ବାର ଗୁହାରି କରାଯାଉଥିଲେ ମଧ୍ୟ ସରକାର କେବେ ଆଲୋଚନା କରି ଏହାର ସମାଧାନ ବାହାର କରିବାକୁ ଚେଷ୍ଟା କରିନାହାନ୍ତି କି ଆଲୋଚନା ପାଇଁ ମଧ୍ୟ ଡାକି ନାହାନ୍ତି। ତା' ଛଡା ରାଜ୍ୟ ସରକାରଙ୍କ ଉପରେ ଭରସା ଥିବା ମଧ୍ୟ କହିଛନ୍ତି ତେବେ ଜିଲ୍ଲାଭିତ୍ତିକ ନିଯୁକ୍ତି ଏବଂ ୧୯୯୬ PESA Act ଶୀଘ୍ର ଲାଗୁ କରାଯିବା ଲାଗି କୁହାଯାଇଛି । ତେବେ ଏବାବଦରେ ସ୍ଥାନୀୟ ନୂଆଖାଉ ଭତ୍ରା, ରବି ସାନ୍ତା, ଅଲେଖ କୁଳଦୀପ, ଅର୍ଜୁନ ସାନ୍ତା ଭୀମସେନ ସାନ୍ତା ନୂନାଇଁ ସାନ୍ତା ଓକିଲ ସାନ୍ତା ଅର୍ଜୁନ ସାନ୍ତା ମନସାନ୍ତା ଦମ୍ବରୁ ସାନ୍ତା ଲାଳଧର ସାନ୍ତା ମାଧବ ସାନ୍ତା ପୁରୁଷୋତ୍ତମ ସାନ୍ତା ପ୍ରମୁଖ ଯୋଗ ଦେଇଥିଲେ।

# ଚାକିରି ନାଁରେ ୩.୫ ଲକ୍ଷ ଠକେଇ

ବ୍ରହ୍ମପୁର,(ଭାସ୍କର ନ୍ୟୁଜ): ଚାକିରି ନାଁରେ ଜଣେ ଯୁବକଙ୍କ ଠାରୁ ୩ ଲକ୍ଷ ୫୦ ହାଜର ଟଙ୍କା ଠକେଇ ହୋଇଛି। ମର୍ଚ୍ଚାଣ୍ଟ ନେଭିରେ କ୍ୟାପଟେନ ଭାବେ କାର୍ଯ୍ୟରତ ଥିବା ଦର୍ଶାଇ ବ୍ରହ୍ମପୁରର ଜଣେ ବ୍ୟକ୍ତି ଏହି ଟଙ୍କା ଠକି ନେଇଥିବା ଯୁବକ ଜଣଙ୍କ ଅଭିଯୋଗ କରିଛନ୍ତି । ସୂଚନା ପ୍ରକାରେ, ବ୍ରହ୍ମପୁର ପାଣିଗ୍ରାହୀ ପେଣ୍ଠର ଶିବଶଙ୍କର ସାହୁ ଚାକିରି ସନ୍ଧାନରେ ରହିଥିଲେ। ସେ କୌଣସି ସୂତ୍ରରୁ ବ୍ରହ୍ମପୁର ତୁଳସୀନଗରରେ ରହୁଥିବା ଜଣେ ବ୍ୟକ୍ତିଙ୍କ ସହ ପରିଚିତ ହୋଇଥିଲେ। ସଂପୃକ୍ତ ବ୍ୟକ୍ତି ଜଣଙ୍କ ମର୍ଚ୍ଚାଣ୍ଟ ନେଭିରେ କ୍ୟାପଟନ ଭାବେ କାର୍ଯ୍ୟ କରୁଛନ୍ତି ବୋଲି ଶିବଶଙ୍କରଙ୍କୁ କହିଥିଲେ । ନିଶ୍ଚିତଭାବେ ଚାକିରି କରାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ତେବେ ଏଥିପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡିବ ବୋଲି ବ୍ୟକ୍ତି ଜଣଙ୍କ କହିଥିଲେ । ଏଥିରେ ଶିବଶଙ୍କର ରାଜି ହୋଇ ସଂପୃକ୍ତ ବ୍ୟକ୍ତିଙ୍କୁ ବିଭିନ୍ନ ପର୍ଯ୍ୟାୟରେ ୩ ଲକ୍ଷ ୫୦ ହାଜର ଟଙ୍କା ଦେଇଥିଲେ । ହେଲେ ବର୍ଷେ ପରେ ମଧ୍ୟ ଶିବଶଙ୍କରଙ୍କୁ ଚାକିରି ମିଳିନଥିଲା । ଏହାପରେ ବାରମ୍ବାର ସଂପୃକ୍ତ ବ୍ୟକ୍ତିଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ମିଳିନଥିଲା। ଶେଷରେ ତାଙ୍କର ମୋବାଇଲ ନମ୍ବର ସୁଇଚଅଫ ହୋଇଯିବାରୁ ଶିବଶଙ୍କର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏହାପରେ ସେ ବଡବଜାର ଥାନାରେ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗକୁ ଭିତ୍ତି ପରି ପୋଲିସ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି ।

# ମଙ୍ଗଳା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

କାକଟପୁର,(ଭାସ୍କର ନ୍ୟୁଜ): କାକଟପୁର ସ୍ଥିତ ଜଳସେଚନ ଡାକବଙ୍ଗଳା ଠାରେ ମଙ୍ଗଳା ମହୋତ୍ସବ କମିଟିର ସଭାପତି ତଥା ସ୍ଥାନୀୟ ବିଧାୟକ ତୁଷାର କାନ୍ତି ବେହେରାଙ୍କ ସଭାପତିତ୍ୱ ରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ମାର୍ଚ୍ଚ ୭ ତାରିଖ ଠାରୁ ୯ ତାରିଖ ପର୍ଯ୍ୟନ୍ତ ୩ ଦିନ ବ୍ୟାପୀ ମହୋତ୍ସବ ଆୟୋଜନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିବେଳେ ବୈଠକରେ ଗତ ମଙ୍ଗଳା ମହୋତ୍ସବରେ ପରିଲକ୍ଷିତ ହୋଇଥିବା ବିଭିନ୍ନ ବିଭାଗ ଗୁଡିକର ତ୍ରୁଟିରେ ସୁଧାର ଆଣିବା ସହିତ ଗତବର୍ଷ ଠାରୁ ଚଳିତ ବର୍ଷ ମହୋତ୍ସବକୁ ସୁନ୍ଦର ସାବଲୀଳ କରାଯିବା ପାଇଁ ମତ ପ୍ରକାଶ ପାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ସ୍ୱପ୍ନେଶ୍ୱର ସାହୁ, ସମ୍ପାଦକ ସ୍ୱାଧୀନ କୁମାର ନାୟକ, ସମିତି ସଭ୍ୟ ସମରେନ୍ଦ୍ର ଦୀକ୍ଷିତ,ଜ୍ଞାନ ରଞ୍ଜନ ସାହୁ, ସହ ସମ୍ପାଦକ କମଳ ଲୋଚନ ଦୀକ୍ଷିତ, ହିମାଂଶୁ ଭୂଷଣ ଦୀକ୍ଷିତ, ଜୋତିର୍ମୟ ଦଳାଇ, ତୁଷାର ରଞ୍ଜନ ଦୀକ୍ଷିତ, ଆଦିତ୍ୟ କୁମାର ରାଉତ, କୈଳାଶ ଚନ୍ଦ୍ର ନାୟକ,ପ୍ରଦୀପ୍ତ କୁମାର ଦୀକ୍ଷିତ, ପ୍ରଦୀପ୍ତ କୁମାର ପଣ୍ଡା, ମାନସ କୁମାର ଦୀକ୍ଷିତ, ପ୍ରଶାନ୍ତ ଜେନା, ଭାଗବତ ସ୍ୱାଇଁ, ପ୍ରଭାସ କୁମାର ପୃଷ୍ଟି, କ୍ଷେତ୍ରମୋହନ ଦାଶ, ମଙ୍ଗଳା ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶ,ଚିନ୍ମୟ ପଲେଇ ପ୍ରମୁଖ ଯୋଗଦେଇଥିଲେ । ଆସନ୍ତା ଏକ ମାସ ମଧ୍ୟରେ ମହୋତ୍ସବ କମିଟିର ରେଜିଷ୍ଟ୍ରସନ କାର୍ଯ୍ୟ ସମାପ୍ତ କରାଯିବା ପାଇଁ ଉପସଭାପତି ସ୍ୱପ୍ନେଶ୍ୱର ସାହୁଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା ।

# ନୀଳାଚଳ ଇସ୍ପାତ ପକ୍ଷରୁ ଶିଶୁ ଦିବସ



ଯାଜପୁର, (ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲାର କଳିଙ୍ଗ ନଗର ସ୍ଥିତ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନ୍ଆଇଏନ୍ଏଲ୍) ଏବଂ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ (ଟିଏସ୍ଏଫ୍) ସହଯୋଗରେ ଦାନଗଦୀ ବ୍ଲକର ଶାଳିଜଙ୍ଗା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଢେଙ୍କିଶାଳ ଗ୍ରାମର ଅଙ୍ଗନବାଡ଼ି ଓ ଟିଏସ୍ଏଫ୍ ଆଦିବାସୀ ଭାଷା ଶ୍ରେଣୀର ୪୫ ଜଣ ପିଲାଙ୍କୁ ନେଇ ଶିଶୁ ଦିବସ ପାଳିତ ହୋଇଯାଇଛି। ଏଥିରେ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ପାଇଁ ବିଭିନ୍ନ ପ୍ରକାର କୌତୁକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କର୍ମଚାରୀମାନେ ପିଲାମାନଙ୍କୁ ଅଧ୍ୟୟନ ସାମଗ୍ରୀ ଓ ଜଳଖିଆ ଆଦି ବଣ୍ଟନ କରିଥିଲେ । ତତ୍‌ସହିତ ପିଲାମାନଙ୍କୁ ଶିକ୍ଷା ପ୍ରତି ଆଗ୍ରହୀ କରିବା ପାଇଁ ପ୍ରେରଣା ଯୋଗାଇଥିଲେ। ସେହିପରି ଶାଳିଜଙ୍ଗା ଗ୍ରାମରେ ଏନ୍ଆଇଏନ୍ଏଲ୍ ପକ୍ଷରୁ ସ୍ଥାନୀୟ ମହିଳାଙ୍କ ପାଇଁ 'ଘରୋଇ ଓ ଅଗ୍ନି ନିରାପତ୍ତା' ଉପରେ ଏକ ଆଲୋଚନା ଚକ୍ର ଓ ସଚେତନତା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଘରୋଇ ଦୁର୍ଘଟଣା ରୋକିବା ଏବଂ ଜରୁରୀକାଳୀନ ପରିସ୍ଥିତିର ପ୍ରଭାବଶାଳୀ ମୁକାବିଲା ପାଇଁ ସ୍ଥାନୀୟ ମହିଳାମାନଙ୍କୁ ତାଲିମ ପ୍ରଦାନ କରି ସଶକ୍ତ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ୫୦ରୁ ଅଧିକ ମହିଳା ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଏନ୍ଆଇଏନ୍ଏଲ କର୍ମଚାରୀମାନେ ଘରୋଇ ନିରାପତ୍ତା ଉପରେ ବିଭିନ୍ନ ସୂଚନା ଦେବା ସହ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାକୁ ଗ୍ରାମବାସୀଙ୍କୁ ଅନୁରୋଧ କରିଥିଲେ ।

# ପୀରଜାହାନିଆଁ ବାଲିଯାତ୍ରାର ପ୍ରଥମଦିନରେ ଶତାଧିକ ଲୋକଙ୍କ ସମାଗମ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାର ପ୍ରତ୍ୟୁଷରୁ ହିନ୍ଦୁ ମୁସଲିମ ସଦଭାବନାର ଅନ୍ୟତମ ସ୍ମାରକୀ ପୀଠ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଛୁରିଆନା ପଂଚାୟତ ପୀର ଜାହାନିଆଁ ପୀଠରେ ହଜାର ହଜାର ସଂଖ୍ୟାରେ ଉଭୟ ହିନ୍ଦୁ ଓ ମୁସଲିମ ସଂପ୍ରଦାୟର ଶ୍ରଦ୍ଧାଳୁ ମାନେ ଖୁବ ଶ୍ରଦ୍ଧାର ସହ ପୂଜାର୍ଚ୍ଚନା କରିଛନ୍ତି । କେଉଁଆବାହନ କାଳରୁ ଚାଲି ଆସିଥିବା ଏହି ପରମ୍ପରା ଅନୁଯାୟୀ ଶୁକ୍ରବାର ପ୍ରତ୍ୟୁଷରେ ଜାହାନିଆଁ ପୀରଙ୍କ ଏହି ପୀଠରେ ମୁସଲିମ ପୂଜକ ମାନେ ସ୍ୱତନ୍ତ୍ର ପୂଜା ନୀତି ସାରିବା ପରେ ଶ୍ରଦ୍ଧାଳୁ ମାନଙ୍କ ଭିଡ ଜମିଥିଲା। ହଜାର ହଜାର ସଂଖ୍ୟାରେ ମୁସଲମାନ ଶ୍ରଦ୍ଧାଳୁମାନେ ପୀରଙ୍କ ନିକଟରେ ଚାଦର ଓ ଧୂପ ଲାଗି କରି ନମାଜ ପାଠ କରିଥିବା ବେଳେ ହିନ୍ଦୁମାନେ ପୀର ବାବାଙ୍କ ନିକଟରେ ଖଇ,ନଡିଆ ଭୋଗ,ଦୀପ ଓ ପତାକା ଲାଗି କରିଥିଲେ। ବିଶ୍ୱାସ ରହିଛି ଏହି ପବିତ୍ର ଦିନରେ ପୀରଙ୍କ ପୂଜାର୍ଚ୍ଚନା କଲେ ମନସ୍କାମନା ପୂର୍ଣ୍ଣ ହୋଇଥାଏ । ଏଥି ପାଇଁ ଉଭୟ ସଂପ୍ରଦାୟ ର ଲୋକେ ଖୁବ ଶ୍ରଦ୍ଧା ର ସହ ଏହି ଦିନଟିକୁ ପାଳନ କରିଥାନ୍ତି। ଅନ୍ୟ ପଟେ ପୀର ଜାହାନିଆଁ ବାଲିଯାତ୍ରାକୁ ଯାକଜକମରେ ପାଳନ କରିବା ପାଇଁ ସ୍ଥାନୀୟ ପ୍ରଶାସନ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ହୋଇଛି। ଚଳିତ ବର୍ଷ ଶତାଧିକ ଷ୍ଟଲ ଖୋଲିଥିବା ବେଳେ ମେଳାକୁ ସରସ ସୁନ୍ଦର କରିବା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଛି ।ଆଇନି ଶୃଙ୍ଖଳା ରକ୍ଷାପାଇଁ ଅତିରିକ୍ତ ଏସ୍ପି ଙ୍କ ତତ୍ତ୍ୱାବଧାନ ରେ ଉପଖଣ୍ଡ ଅଧିକାରୀ ପ୍ରମୋଦ ମଲ୍ଲିକ, ୩ ଜଣ ଥାନାଧିକାରୀ, ୫ଜଣ ସବ୍ ଇନିସ୍ପେକ୍ଟର,୧୦ଜଣ ଏ. ଏସ. ଆଇ, ୧୨ଜଣ କନେଷ୍ଟବଳ, ୩୦ଜଣ ହୋମଗାର୍ଡ ସହ ୩ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଛି । ପୀରଜାହାନିଆ ବାଲିଯାତ୍ରାକୁ ପ୍ରଶାସନ ଅଧିକାରୀଙ୍କ ଉପସ୍ଥିତ ରହି ସ୍ଥିତି ଅନୁଧାନ କରିଥିଲେ ।ପର୍ଯ୍ୟଟକ ମାନେ ବାଲିଯାତ୍ରା ବୁଲିବା ସହ ସମୁଦ୍ର ସ୍ନାନ କରି ଚଟପଟା ଖାଦ୍ୟର ମଜାଉଠାଇଥିଲେ।

# ଗଞ୍ଜେଇ ବ୍ୟବସାୟୀଙ୍କୁ ୧୦ ବର୍ଷ ଜେଲ୍

ବ୍ରହ୍ମପୁର,(ଭାସ୍କର ନ୍ୟୁଜ): ଜଣେ ଗଞ୍ଜେଇ ବ୍ୟବସାୟୀଙ୍କୁ ୧୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି ବ୍ରହ୍ମପୁର ପ୍ରଥମ ଅତିରିକ୍ତ ଜିଲା ଜଜ । ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତ ଜଣଙ୍କ ହେଲେ ପାଟପୁର ଥାନା ଅନ୍ତର୍ଗତ ବାଲିପାଟ ଦେଉଳ ସାହିର କୁରେଶୁ ବଡରଇତ(୫୪) । ଜେଲଦଣ୍ଡ ସହ ତାଙ୍କୁ ୧ ଲକ୍ଷ ଟଙ୍କା ଜୋରିମାନା ଦେବାକୁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି । ଜୋରିମାନା ଅନାଦେୟ ଅଭିଯୁକ୍ତ ଜଣଙ୍କ ଅତିରିକ୍ତ ୧ ବର୍ଷ ସଶ୍ରମ ଜେଲଦଣ୍ଡ ଭୋଗିବେ ବୋଲି ଜଜ୍ ନିଜ ରାୟରେ ଉଲ୍ଲେଖ କରିଛନ୍ତି । ମାମଲାର ବିବରଣୀରୁ ପ୍ରକାଶଯେ, ପାଟପୁର ଥାନା ଅନ୍ତର୍ଗତ ବାଲିପାଟ ଦେଉଳ ସାହିର କୁରେଶୁ ବଡରଇତ ବ୍ୟବସାୟ ଉଦ୍ଦେଶ୍ୟରେ ନିଜ ଘରେ ବିପୁଳ ପରିମାଣର ଗଞ୍ଜେଇ ମହଜୁଦ କରି ରଖିଥିବା ପୋଲିସକୁ ଖବର ମିଳିବା ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ୨୦୨୩ ମାର୍ଚ୍ଚ ୧୮ ତାରିଖ ମଧ୍ୟାହ୍ନରେ ଅଭିଯୁକ୍ତଙ୍କ ଘରେ ଚଢଉ କରାଯାଇଥିଲା। ଚଢଉବେଳେ ପୋଲିସ ଗଞ୍ଜେଇ ବ୍ୟବସାୟୀ କୁରେଶୁଙ୍କ ଘରେ ୬ଟି ପକେଟରେ ମହଜୁଦ ଥିବା ୧୩୦ କେଜି ୬୦୦ ଗ୍ରାମ ଗଞ୍ଜେଇ ଜବତ କରିଥିଲା। ପୋଲିସ ଏକ ମାମଲା ରୁଜୁ କରି କୁରେଶୁଙ୍କୁ କାବୁ କରିବା ସହ ଅଦାଲତ ଚାଲାଣ କରିଥିଲା । ଗିରଫ ପରଠାରୁ ଅଭିଯୁକ୍ତ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିଲେ। ମାମଲାର ବିଚାରଣା ପ୍ରଥମ ଅତିରିକ୍ତ ଜିଲା ଜଜଙ୍କ ଅଦାଲତରେ ଚାଲୁ ରହିଥିଲା। ବିଚାରଣା ବେଳେ ୬ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଜଜ ଉପରୋକ୍ତ ରାୟ ପ୍ରକାଶ କରିଥିଲେ । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନରେଶ ପ୍ରସାଦ ପାତ୍ର ମକଦ୍ଦମା ପରିଚାଳନା କରୁଥିଲେ ।

# ପୋଖରୀରେ ବୁଡ଼ି ନାବାଳିକା ମୃତ

ମାଲକାନଗିରି(ଭାସ୍କର ନ୍ୟୁଜ): କାର୍ତ୍ତିକ ପୂର୍ଣ୍ଣିମାରେ ସବୁଠି ଆନନ୍ଦ ଉଲ୍ଲାସରେ ପୂଣ୍ୟର ଡଙ୍ଗା ଭସାଇବାକୁ ବିଭିନ୍ନ ଜଳାଶୟରେ ଭିଡ଼ ଲାଗି ରହିଥିବା ବେଳେ ଜଣେ ନାବାଳିକାର ମୃତ୍ୟୁର ଖବର ଅଞ୍ଚଳବାସୀଙ୍କୁ ମର୍ମାହତ କରିଛି। ମାଲକାନଗିରି ଜିଲ୍ଲା ସଦର ଚମ୍ପାନଗର ଗାଁରେ ଘଟିଯାଇଛି ଏହି ଅଭାବନୀୟ ଘଟଣା। କୁମାରୀ ହନ୍ତାଳଙ୍କ ଝିଅ ସାବିତ୍ରୀ ହନ୍ତାଳ ଭାସୁଥିବା ଡଙ୍ଗାରୁ ଟଙ୍କା ସଂଗ୍ରହ କରିବାକୁ ଯାଇ ପୋଖରୀରେ ବୁଡ଼ିଯାଇଥିଲା। ମୃତ ନାବାଳିକା ସାବିତ୍ରୀଙ୍କ ବୟସ ପ୍ରାୟ ୧୨ ବର୍ଷ ହେବ ବୋଲି ଜଣାଯାଇଛି। ପୂର୍ବରୁ ତାଙ୍କ ପିତା ତିରୁପତି ହନ୍ତାଳଙ୍କ ମୃତ୍ୟୁ ହୋଇଥିଲା। ଖବର ଅନୁସାରେ ସକାଳ ପ୍ରାୟ ୬ଟା ବେଳେ ବାଳିକା ଜଣକ ନିଜର କିଛି ସାଙ୍ଗଙ୍କ ସହ ନିକଟସ୍ଥ ପୋଖରୀକୁ ଡଙ୍ଗା ଭସା ଦେଖିବାକୁ ଯାଇଥିଲେ। ଭାସୁଥିବା ଡଙ୍ଗାରେ ଥିବା କଏନ ଦେଖି ଛୋଟ ଛୋଟ ପିଲାଙ୍କ ମନରେ ଲୋଭ ସୃଷ୍ଟି ହେଲା। ପିଲାମାନେ ପୋଖରୀରେ ପଶି ଟଙ୍କା ସଂଗ୍ରହ କରିବାକୁ ଲାଗି ପଡିଲେ। ଡ଼ଙ୍ଗାରୁ ଟଙ୍କା ସଂଗ୍ରହ କରୁଥିବା ସମୟରେ ଆଖପାଖରେ କେହି ବୟସ୍କ ବ୍ୟକ୍ତି ଉପସ୍ଥିତ ନଥିଲେ। ଫଳରେ ଅନ୍ୟମାନଙ୍କ ସହ ନାବାଳିକା ଜଣକ କଏନ ସଂଗ୍ରହ କରିବାକୁ ପାଣିରେ ପଶିଗଲେ। ମାତ୍ର ଗୋଡ଼ ଖସିଯିବାରୁ ଗଭୀର ପାଣି ଭିତରକୁ ଚାଲି ଯାଇଥିଲେ। ବାରମ୍ବାର ଚେଷ୍ଟା କରି ମଧ୍ୟ ସେ ଆଉ ବାହାରକୁ ବାହାରି ପାରିନଥିଲେ। ଏହା ଦେଖୀ ଅନ୍ୟ ପିଲାମାନେ ଭୟଭୀତ ହୋଇ ନିଜ ନିଜ ଘରକୁ ପଳାଇଥିଲେ। ନାବାଳିକାର ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି ଆରମ୍ଭ କରିଥିଲେ। କିଛି ସମୟ ପରେ ନିକଟରେ ଥିବା ପୋଖରୀରେ ପଡିଯାଇଥିବା ଖବର ପାଇ ଅଗ୍ନିଶମ କର୍ମଚାରୀଙ୍କୁ ଡକାଇ ନିକଟସ୍ଥ ପୋଖରୀରୁ ନାବାଳିକାଙ୍କୁ ଉଦ୍ଧାର କରି ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ । ଏହି ଖବର ପ୍ରଘଟ ହେବା ପରେ ସମଗ୍ର ଚମ୍ପାନଗରରେ ଶୋକର ଛାୟା ଖେଳିଯାଇଛି।

# ଶିଶୁବିଦ୍ୟା ମନ୍ଦିରରେ ଶିଶୁଦିବସ ପାଳିତ



ରଘୁନାଥପୁର (ଭାସ୍କର ନ୍ୟୁଜ): ଗୁରୁବାର ମା' ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଚାଷୀଖଣ୍ଡ ରେ ଶିଶୁ ଦିବସ ପାଳନ କରାଯାଇଥିଲା। ବିଦ୍ୟାଳୟର ସମ୍ପାଦକ ବସନ୍ତ କୁମାର ସାହୁ, ପ୍ରଧାନ ଆଚାର୍ଯ୍ୟା ସଂଯୁକ୍ତା ଦାସ ଏବଂ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ସୁସ୍ମିତା ମହାନ୍ତି, ଭାସିଲିସା ଜେନା, ଅର୍ଚ୍ଚନା ପଣ୍ଡା,ସୁମନ ସାହୁ ,ସରିତା ଭୋଇ, ମୌସୁମୀ ବେହେରା,ଶୁଭଶ୍ରୀ ସେଠୀ, ଦିପ୍ତିରଞ୍ଜନ ରାଉତ-ରାୟ, ଶୁଭ୍ରାଂଶୁ ଭୋଇ ଉପସ୍ଥିତ ରହି ସଭା କାର୍ଯ୍ୟ ପରିଚାଳନା କରିଥିଲେ । ଛାତ୍ରଛାତ୍ରୀ ମାନେ ଚାଚା ନେହେରୁଙ୍କ ବିଷୟରେ ନିଜର ଅଭିଭାଷଣ ରଖିଥିଲେ । ପରେ ପିଲାମାନଙ୍କୁ ବିଦ୍ୟାଳୟର ସମ୍ପାଦକ ଶ୍ରୀ ସାହୁ ପୁରସ୍କାର ବିତରଣ କରିଥିଲେ । ପରିଶେଷ ରେ ସମସ୍ତ ପିଲାମାନଙ୍କୁ ମିଠା ବଣ୍ଟା ଯାଇଥିଲା ।


# ତିହିଡି ଯୁବମଞ୍ଚ ପକ୍ଷରୁ ରଙ୍ଗୋଲି ପ୍ରତିଯୋଗିତା




ତିହିଡି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲାର ଅଗ୍ରଣୀ ସାମାଜିକ ସଂଗଠନ ତିହିଡି ଯୁବମଞ୍ଚ ପକ୍ଷରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀମାନଙ୍କୁ ନେଇ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ରାସପୂର୍ଣ୍ଣିମା ଅବସରରେ ଶୁକ୍ରବାର ଏକ ମୁରୁଜ ପ୍ରତିଯୋଗିତା ଅନୁଷ୍ଠିତ ହେଇଯାଇଛି । ଏହି ଅବସରରେ ସଂଗଠନର ଉପଦେଷ୍ଟା ସଚ୍ଚିକାନ୍ତ ନାୟକଙ୍କ ପୌରାହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟବକ୍ତା ଭାବେ ସୂର୍ଯ୍ୟପ୍ରଭାର ବରିଷ୍ଠ ସାମ୍ବାଦିକ ଜ୍ଞାନ ପ୍ରକାଶ ପାଣି , ସମ୍ମାନିତ ଅତିଥିଭାବେ ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟ ରାଧା କୃଷ୍ଣ ସ , ଯୁବମଞ୍ଚ ସଂଯୋଜକ ଆଇନଜୀବୀ ନୀଳମାଧବ ସେନାପତି, ଉପସଭାପତି ପ୍ରିୟବ୍ରତ ପାଢ଼ୀ, ସାଂସ୍କୃତିକ ସଂଯୋଜକ ମନୋଜ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଉତ୍କଳୀୟ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବାରେ ପିଲାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିବାବେଳେ ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ଯୁବମଞ୍ଚ ଉଜ୍ଜୀବିତ ରଖିବା ଦିଗରେ ସଦା ସର୍ବଦା ଗୁରୁତ୍ୱ ଦେଇ ଆସିଛି। ସଭାପତି କୈଳାସ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ନିରଞ୍ଜନ ବାରିକ କାର୍ଯ୍ୟକ୍ରମର ଅଭିମୁଖ୍ୟ ଓ ସ୍ୱାଗତ ଭାଷଣ ପ୍ରଦାନ କହିଥିଲେ। ସଦସ୍ୟ ସୁବ୍ରତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠିତ ପ୍ରତିଯୋଗିତାରେ କନିଷ୍ଠ ବର୍ଗରେ ମାନସୀ ପ୍ରିୟଦର୍ଶନୀ ଜେନା ପ୍ରଥମ, ସୌମ୍ୟା ରାଣୀ ସାହୁ ଦ୍ୱିତୀୟ, ମଧୁସ୍ମିତା ସାହୁ ତୃତୀୟ , କ୍ରିଷ୍ଣା ପ୍ରିୟଦର୍ଶନୀ ସାହୁ ଚତୁର୍ଥ , ବରିଷ୍ଠ ବର୍ଗରେ ଯାସିକା ଗୁପ୍ତା ପ୍ରଥମ, ମାନ୍ୟତା ବାରିକ ଦ୍ୱିତୀୟ, ପ୍ରଜ୍ଞା ପରମିତା ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଉକ୍ତ ପ୍ରତିଯୋଗିତାରେ ୬୪ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିଚାରକଭାବେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ବିଶ୍ୱମୈତ୍ରୀ ନାୟକ, ଚିତ୍ରଶିଳ୍ପୀ ଜୟନ୍ତ ନାୟକ ଯୋଗଦେଇଥିଲେ । ସମାଜସେବୀ ମନୋଜ ସେନାପତି ,ସଦସ୍ୟ ଜିତେନ୍ଦ୍ର ନାୟକ, କୋଷାଧ୍ୟକ୍ଷ ସାକିରୁଦ୍ଦିନ ଖାଁ, ସୟଦ ମହମ୍ମଦ ରଫିକ, ରେଣୁବାଳା ନାଥ, ଅଜିତ ଯେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରାଶିଫଳ

ଶନିବାର, ୧୬ ନଭେମ୍ବର ୨୦୨୪




**ମେଷ:** ସୃଜନଶୀଳ କାର୍ଯ୍ୟ ସଫଳ ହେବ । ଆପଣ ଯେ କୌଣସି ଉତ୍ସବରେ ଅଂଶଗ୍ରହଣ କରିବାର ସୁଯୋଗ ପାଇବେ । ସୁଖ ଏବଂ ମନୋରଞ୍ଜନ ଉପଲବ୍ଧ ହେବ । ବ୍ୟବସାୟ ଲାଭଦାୟକ ହେବ । ଭାଇମାନଙ୍କଠାରୁ ସମର୍ଥନ ପାଇବ ।




**ବୃଷ:** ଟଙ୍କା ଅଭାବରୁ ନିରାଶ ହେବେ । ଥଟ୍ଟା ଠାରୁ ଦୂରେଇ ରୁହନ୍ତୁ । ଅଧିକାରୀମାନେ ଚାକିରିରେ ଅଧିକ ଆଶା କରିବେ । କ୍ଳାନ୍ତ ହୋଇଯିବ । ବ୍ୟବସାୟ ଲାଭଦାୟକ ହେବ । ଖରାପ ଖବର ଗ୍ରହଣ କରାଯାଇପାରେ । କଠିନ ପରିଶ୍ରମ ଅଧିକ ହେବ ।



**ମିଥୁନ:** ଜମି କ୍ରୟ ଏବଂ ବିକ୍ରୟ ଲାଭଦାୟକ ହେବ । ପ୍ରଗତିର ରାସ୍ତା ପକ୍କା ହେବ । ବିପଦରୁ ଦୂରେଇ ରୁହନ୍ତୁ । ବ୍ୟବସାୟ ବୃଦ୍ଧି ପାଇବ । ଲାଭ ସୁଯୋଗ ଆସିବ । ଘର ବାହାରେ ସୁଖ ମିଳିବ । ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ ।




**କର୍କଟ:** ବ୍ୟବସାୟ ଅନୁକୂଳ ଲାଭ ଦେବ । ବିବାହ ପ୍ରସ୍ତାବ ମିଳିପାରିବ । ଯଦି ଜରୁରୀ ଜିନିଷ ଠିକ୍ ସମୟରେ ଉପଲବ୍ଧ ନହୁଏ ତେବେ ଅକ୍ଷମତା ସେଠାରେ ରହିବ ନାହିଁ । ବିନିଯୋଗ ଶୁଭ ହେବ । ଆୟ ବୃଦ୍ଧି ପାଇବ । ସମୟ ସୁସଙ୍ଗତତା ମିଳିବ ।




**ସିଂହ:** ଯୋଜନା ଫଳପ୍ରଦ ହେବ । ପଦ୍ଧତିରେ ଉନ୍ନତି ହେବ । ଏହି ସଫଳତାରେ ଖୁସି ହେବେ । କଠିନ ପରିଶ୍ରମ ସଫଳ ହେବ। ଲାଭ ସୁଯୋଗ ଆସିବ । ସମ୍ମାନ ପାଇବେ । ବ୍ୟବସାୟ ଇଚ୍ଛାକୃତ ଲାଭ ପ୍ରଦାନ କରିବ । ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ ।



**କନ୍ୟା:** ଆଧ୍ୟାତ୍ମିକତା ପାଇଁ ଆଗ୍ରହୀ ହେବ । କୌଣସି ଧାର୍ମିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ସୁଯୋଗ ଆସିବ । ସୁଖ ଏବଂ ଶାନ୍ତି ରହିବ । ବ୍ୟବସାୟ ସୁରୁଖୁରୁରେ ଚାଲିବ । ସାଙ୍ଗମାନଙ୍କ ସହଯୋଗ ଲାଭ ବୃଦ୍ଧି କରିବ । ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବ ।




**ତୁଳା:** ପୁରୁଣା ସହକର୍ମୀ ଏବଂ ସମ୍ପର୍କୀୟଙ୍କୁ ଭେଟିବା ଆନନ୍ଦଦାୟକ ହେବ । ଭଲ ଖବର ଗ୍ରହଣ କରାଯିବ । ମୂଲ୍ୟ ବୃଦ୍ଧି ହେବ । ଏକ ନୂତନ ଉଦ୍ୟମ ଆରମ୍ଭ କରିବାକୁ ଚିନ୍ତା କରାଯିବ । ଦୀର୍ଘ ଯାତ୍ରା ଇଚ୍ଛା ହେବ । ବ୍ୟବସାୟ ଲାଭଦାୟକ ହେବ ।



**ବିଛା:** ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ଘର ବାହାରେ ପଚରାଉଚରା କରାଯିବ। ବ୍ୟବସାୟ ଅନୁକୂଳ ଲାଭ ଦେବ । ଟଙ୍କା ମିଳିବା ସହଜ ହେବ । ଲାଭ ସୁଯୋଗ ଆସିବ । ଚାକିରିରେ ଠିକ୍ ସମୟରେ ପ୍ରଶଂସା ପାଇବେ । ସମୟ ସୁସଙ୍ଗତତାର ସୁଯୋଗ ନିଅନ୍ତୁ। ପାରିବାରିକ ଚିନ୍ତା ହ୍ରାସ ପାଇବ । ତତ୍ପରତା ନାହିଁ ।




**ଧନୁ:** ବୁଡି ଯାଇଥିବା ଟଙ୍କା ଗ୍ରହଣ କରାଯାଇପାରେ । ଯାତ୍ରା ଅନୁକୂଳ ହେବ । ନୂତନ କାର୍ଯ୍ୟଗୁଡ଼ିକ ଆସିବ । ବ୍ୟବସାୟ ଅଭିବୃଦ୍ଧିରେ ଖୁସି ହେବେ । ସମୟ ସୁସଙ୍ଗତତାର ଲାଭ ନିଅ । ଅଧସ୍ତନମାନଙ୍କ ସହଯୋଗ ମିଳିବ । ଲାଭ ସୁଯୋଗ ଆସିବ । ଅଜ୍ଞାତ ଭୟ ରହିବ । ପାରିବାରିକ ସହଯୋଗରେ ଖୁସି ହେବେ ।



**ମକର:** ନୂତନ ପୋଷାକ ପାଇଁ ଖର୍ଚ୍ଚ ହେବ । ଆପଣ ପରୀକ୍ଷା ଏବଂ ସାକ୍ଷାତକାର ଇତ୍ୟାଦିରେ ସଫଳତା ପାଇବେ । ଯାତ୍ରା ଅନୁକୂଳ ଲାଭ ଦେବ । ନୂତନ ଚାକିରି ମିଳିପାରିବ। କାର୍ଯ୍ୟ ସନ୍ତୁଷ୍ଟ ହେବେ । ବ୍ୟବସାୟ ଲାଭଦାୟକ ହେବ । ଶୀଘ୍ର କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ । ଉପହାସରୁ ଦୂରେଇ ରୁହନ୍ତୁ ।



**କୁମ୍ଭ:** ଯାନ, ଯନ୍ତ୍ରପାତି ଏବଂ ଅଗ୍ନି ଇତ୍ୟାଦି ବ୍ୟବହାରରେ ସତର୍କତା ବ୍ୟବହାର କରନ୍ତୁ । ବକ୍ତବ୍ୟରେ ହାଲୁକା ଶବ୍ଦ ବ୍ୟବହାର କରିବା ଠାରୁ ଦୂରେଇ ରୁହନ୍ତୁ । କୌଣସି ବ୍ୟକ୍ତିଙ୍କ ଉତ୍ତେଜନାରେ ଆସନ୍ତୁ ନାହିଁ । ବ୍ୟବସାୟରୁ ଲାଭବାନ ହେବ । ବିନିଯୋଗରେ ତତ୍ପର ହୁଅନ୍ତୁ ନାହିଁ । ଆୟ ରହିବ ।



**ମୀନ:** କାର୍ଯ୍ୟରେ ମନ ରହିବ ନାହିଁ । ବ୍ୟବସାୟ ଲାଭଦାୟକ ହେବ । ଆୟରେ ନିଶ୍ଚିତତା ରହିବ । ପରିବାରରେ ଶାନ୍ତି ରହିବ। ଇଚ୍ଛାଶକ୍ତି ବୃଦ୍ଧି ପାଇବ । ଶତ୍ରୁମାନଙ୍କଠାରୁ ସତର୍କତା ଆବଶ୍ୟକ । ସ୍ୱାସ୍ଥ୍ୟ ଦୁର୍ବଳ ରହିବ । କୌଣସି ନିଷ୍ପତ୍ତି ନେବାକୁ ତତ୍ପର ହୁଅନ୍ତୁ ନାହିଁ। ବକ୍ତବ୍ୟର ନିୟନ୍ତ୍ରଣ ନିଅନ୍ତୁ ।



ଜ୍ୟୋତିଷ
ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ମାଲକାନଗିରି (ଭାସ୍କର ନ୍ୟୁଜ): କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ଡ଼ କୈଳାଶ ମୀନାଙ୍କ ତତ୍ତ୍ୱାବଧାନ ଶିଶୁ ଦିବସ ପାଳିତ ହୋଇଯାଇଛି। ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ପ୍ରତିଛବି କୁ ପୁଷ୍ପଗୁଚ୍ଛ ଅର୍ପଣ କରି ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ର ସଦସ୍ୟ ତଥା ମାଲକାନଗିରି ମହାବିଦ୍ୟାଳୟ ର ବାଣିଜ୍ୟ ବିଜ୍ଞାନ ମୁଖ୍ୟ ଡ଼ ରଞ୍ଜନ କୁମାର ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ ସ୍ଥାନୀୟ ଏସ୍‌ବିଆଇ ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ ଶ୍ରୀ ହରିଶଙ୍କର ହିଆଲ ମୁଖ୍ୟବକ୍ତା ରୂପେ ଏବଂ ଡେପୁଟି ବ୍ରାଞ୍ଚ ମ୍ୟାନେଜର ଶ୍ରୀ ଅଜିତ କୁମାର ଆଚାର୍ଯ୍ୟ ସମ୍ମାନନୀୟ ଅତିଥି ରୂପେ ଯୋଗ ଦେଇଥିଲେ। ଆମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଶିଶୁ ଦିବସ ଉପଲକ୍ଷେ ବିଦ୍ୟାଳୟରେ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଯଥା ନୃତ୍ୟ ପ୍ରତିଯୋଗିତା, ବକ୍ତୃତା ପ୍ରତିଯୋଗିତା, ଗାୟନ ପ୍ରତିଯୋଗିତା, ଶିକ୍ଷା ପାଇଁ ବ୍ୟବହୃତ ସାମଗ୍ରୀ ପ୍ରତିଯୋଗିତା ଆଦି ଅନୁଷ୍ଠିତ ହୋଇଥିଲା। ପିଲାମାନଙ୍କ ଦ୍ୱାରା ଆୟୋଜିତ 'ଫୁଡ୍ କୋର୍ଟ' ସମସ୍ତଙ୍କୁ ବିଶେଷ ଆକର୍ଷଣ କରିଥିଲା। ଛାତ୍ରଛାତ୍ରୀମାନେ ନିଜେ ହାତ ତିଆରି ବ୍ୟଞ୍ଜନ ସାମଗ୍ରୀ ପସରା ଏହି ଫୁଡ୍ କୋର୍ଟରେ ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକମାନେ ଏହି ସ୍ୱାଦୁ ବ୍ୟଞ୍ଜନର ଆନନ୍ଦ ନେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଏବଂ ଅନ୍ୟ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ। ଅଧ୍ୟାପକ ଶ୍ରୀ ଅମିତ ଦାସ କାର୍ଯ୍ୟକ୍ରମ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

## ଦୁଇ ଫେରାର ଅଭିଯୁକ୍ତ ଗିରଫ

ଖପ୍ରାଖୋଲ (ଭାସ୍କର ନ୍ୟୁଜ): ଖପ୍ରାଖୋଲ ଥାନା ପୋଲିସ ଦୁଇଟି ଭିନ୍ନ ଭିନ୍ନ ମାମଲା ର ଫେରାର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଥିବା ଜଣାପଡିଛି। ଗତ ମଇ ମାସ ୫ ତାରିଖ ରେ ଜଣେ ନାବାଳିକା କୁ ଦୁଷ୍କର୍ମ ଅଭିଯୋଗ ରେ ଖପ୍ରାଖୋଲ ଥାନା କେସ ନମ୍ବର୍ ୧୧୮/୨୪ରେ ବିଭିନ୍ନ ଦଫା ସହିତ ୬ପୋକ୍ସୋ ଆକ୍ଟରେ ମାମଲା ରୁଜୁ ହୋଇଥିବା ବେଳେ ଅଭିଯୁକ୍ତ ଫେରାର ଥିଲା। ଫେରାର ଅଭିଯୁକ୍ତ କୁ ଖପ୍ରାଖୋଲ ପୋଲିସ ହାଇଦ୍ରାବାଦ ରୁ ଗିରଫ କରିଥିବା ବେଳେ ଅଭିଯୁକ୍ତ ଜଣକ ମହାପଦର ପଞ୍ଚାୟତ ସର୍ପାଲି ଗାଁ ର ରଞ୍ଜନ ବରିହା (୨୫) ବୋଲି ପୋଲିସ ସୂଚନା ଦେବା ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବୋଲି ଥାନା ଅଧିକାରୀ ନରେନ୍ଦ୍ର ଛତର ସୂଚନା ଦେଇଛନ୍ତି। ସେହିପରି ଗତ ୦୧/୦୮/୨୦୨୪ ରେ କେସ ନମ୍ବର ୧୮୩/୨୪ରେ ଗଞ୍ଜେଇ ଚୋରାଚାଲାଣ ବାବଦରେ ଏକ ମାମଲା ରୁଜୁ ହୋଇ କିଛି ଅଭିଯୁକ୍ତ ଗିରଫ ହୋଇ ଜେଲ ଯାଇଥିବା ବେଳେ ବଡ ଉଡେନ ଗାଁ ର ଫକିର ରଣା (୩୦) ଫେରାର ଥିଲା। ତାକୁ ଖପ୍ରାଖୋଲ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ଶିଶୁ ଦିବସରେ ପୁରସ୍କୃତ ହେଲେ ସୁସ୍ଥ ଅଙ୍ଗନୱାଡ଼ି ଶିଶୁ



ମାଲକାନଗିରି (ଭାସ୍କର ନ୍ୟୁଜ): ଶିଶୁ ଦିବସରେ ସମ୍ମାନିତ ହେଲେ ସୁସ୍ଥ ଶିଶୁ । ଜିଲ୍ଲାର ସମସ୍ତ ଅଙ୍ଗନବାଡି ଜ୍ଞାନ କେନ୍ଦ୍ରରେ ଛଅ ଜଣ ଲେଖାଏଁ ସୁସ୍ଥ ଶିଶୁଙ୍କୁ ପୁରସ୍କୃତ କରାଯାଇଛି । ମହିଳା ଏବଂ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ କୋଟିଏ ହସ ଏବଂ ପୋଷଣ ଅଭିଯାନ କାର୍ଯ୍ୟକ୍ରମ ଜିଲ୍ଲାବ୍ୟାପି ଆୟୋଜନ କରାଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଜିଲ୍ଲାର ସମସ୍ତ ଅଙ୍ଗନବାଡି କେନ୍ଦ୍ରରେ ଶିଶୁ ଦିବସ ପାଳନ କରାଯାଇଛି। ଏହି ଅବସରରେ କିଭଳି ଆଦ୍ୟ ଶୈଶବର ଯତ୍ନ ଓ ଶିକ୍ଷା ପ୍ରଦାନ କରାଯିବ ସେଥିନେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ତେବେ ଚଳିତ ବର୍ଷ ପ୍ରଥମ କରି ଜିଲ୍ଲାର ସମସ୍ତ ୧୫୩୮ଟି ଅଙ୍ଗନବାଡି ଜ୍ଞାନ କେନ୍ଦ୍ରରେ କୋଟିଏ ହସ ସହିତ ପୋଷଣ ଶିଶୁ ଓ ସେମାନଙ୍କର ପିତାମାତାଙ୍କୁ ମଧ୍ୟ ପ୍ରୋତ୍ସାହିତ କରାଯାଇଛି। ପୋଷଣ ଟ୍ରାକର ଅନୁସାରେ ସାଧାରଣ ବର୍ଗରେ ଥିବା ଶିଶୁମାନଙ୍କ ଦୁଇଟି ବର୍ଗ ଯଥା ୬ ମାସ ରୁ ୩ ବର୍ଷ ଏବଂ ୩ବର୍ଷ ରୁ ୬ ବର୍ଷ ଅନୁଯାୟୀ ସୁସ୍ଥ ଶିଶୁ ଚିହ୍ନଟ କରାଯାଇଛି । ଅଙ୍ଗନବାଡି କେନ୍ଦ୍ରସ୍ତରରେ ସ୍ୱତନ୍ତ୍ର କମିଟି ଦ୍ୱାରା ଉଭୟ ବର୍ଗ ରେ ଶ୍ରେଷ୍ଠ ୩ ଜଣଙ୍କୁ ଚିହ୍ନଟ କରି ପୁରସ୍କୃତ କରାଯାଇଛି । ଏହି ଅବସରରେ ଆକର୍ଷଣୀୟ ପୁରସ୍କାର ଓ ପ୍ରଶଂସାପତ୍ର ଟୋକେଇ ପ୍ରଦାନ କରାଯାଇଥିଲା।

## ୩ରୁ ମାଥିଲି 'ମାଲ୍ୟବନ୍ତ ମହୋତ୍ସବ'

କୋରୁକୋଣ୍ଡା(ଭାସ୍କର ନ୍ୟୁଜ): ଆସନ୍ତା ଡିସେମ୍ବର ୩ରୁ ମାଥିଲିଠାରେ ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ଅନୁଷ୍ଠିତ ହେବ। ଆଜି ବ୍ଲକ ସଭାଗୃହରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି। ବ୍ଲକ ଅଧ୍ୟକ୍ଷ ମହେନ୍ଦ୍ରକୁମାର ବାଗଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ବିଡିଓ ଡ଼.ହିମାଂଶୁ ମାଝୀଙ୍କ ସହ ସମସ୍ତ ୨୦ଟି ପଞ୍ଚାୟତର ଜନପ୍ରତିନିଧି,ଗାଁ ମୁଖିଆ ଉପସ୍ଥିତ ରହି ନିଜ ମତାମତ ଦେଇଥିଲେ। ୩ ତାରିଖରେ ଗାଙ୍ଗଧାଙ୍ଗଣ୍ଡା ନଦୀରୁ କଳସଯାତ୍ରା ଆରମ୍ଭ ହୋଇ ଥାନା ନିକଟ ମା'ଭୈରବୀ ମନ୍ଦିରରେ ସ୍ଥାପନ କରାଯିବ। ସମସ୍ତ କାର୍ଯ୍ୟକ୍ରମକୁ ସୁରୁଖୁରୁରେ କରିବା ପାଇଁ ସହମତ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷା ଦେବକୀ ଦଳେଇଙ୍କ ସମେତ ତୃଣମୂଳ ପ୍ରତିନିଧି, ବ୍ଲକ କର୍ମଚାରୀ,ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ତ୍ରିନାଥ ମନ୍ଦିରରେ ନାମ ଯଜ୍ଞ




ରାଇଘର(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ସୀମାନ୍ତ ରାଇଘର ବ୍ଲକ ସଦର ମହକୁମା ସ୍ଥିତ ଶ୍ରୀ ଶ୍ରୀ ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ଅଷ୍ଟପ୍ରହରୀ ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯଥାରୀତି ଅନୁଯାୟୀ ୧୩, ୧୧, ୨୦୨୪ ତାରିଖ ସନ୍ଧ୍ୟା ସମୟରେ ଅଧିବାସ, କଳସ ଶୋଭାଯାତ୍ରା, ଏବଂ ୧୪,୧୧,୨୦୨୪ ତାରିଖ ସକାଳ ୬ ଘଣ୍ଟା ଠାରୁ ୧୫,୧୧,୨୪ ତାରିଖ ସକାଳ ୬ ଘଣ୍ଟା ପର୍ଯ୍ୟନ୍ତ ଅଷ୍ଟ ପ୍ରହରୀ ନାମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଜାତି ବର୍ଣ୍ଣ ଧର୍ମ ନିର୍ବିଶେଷରେ ସମସ୍ତେ ଏକତ୍ରୀତ ହୋଇ ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ ହରେ ହରେ। ହରେ ରାମ ହରେ ରାମ ରାମ ରାମ ହରେ ହରେ, ନାମ ଜପ କରିବା ଦେଖିବାକୁ ମିଳିଥିଲା। ଏହି ଅଷ୍ଟ ପ୍ରହର ନାମଯଜ୍ଞ ରେ ପୁରୋହିତ ଭାବେ କେନ୍ଦ୍ରାପଡ଼ାର ଅଖିଳ କୁମାର ଦାସ ଯୋଗ ଦେଇ ପୂଜାର୍ଚ୍ଚନା କରିଥିବା ବେଳେ ଆଠ ଗୋଟି ସଙ୍କୀର୍ତ୍ତନ ଦଳ ଯୋଗ ଦେଇଥିଲେ। ସ୍ଥାନୀୟ ସାମାଜିକ ସଂଗଠନର ସମସ୍ତ ସଦସ୍ୟ, ତଥା ତ୍ରିନାଥ ମନ୍ଦିର କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ। ଦିନ ବାର ଘଣ୍ଟା ଠାରୁ ରାତ୍ର ବାର ଘଣ୍ଟା ପର୍ଯ୍ୟନ୍ତ କମିଟି ପକ୍ଷରୁ ପ୍ରସାଦ ସେବନ ର ବ୍ୟବସ୍ଥା କରାଯାଇଥିଲା। ହଜାର ହଜାର ଭକ୍ତ ଏହି ନାମ ସଙ୍କୀର୍ତ୍ତନ ରେ ଯୋଗଦେଇଥିବା ଦେଖିବାକୁ ମିଳିଥିଲା। ପ୍ରକାଶ ଥାଉ କି ତ୍ରିନାଥ ମନ୍ଦିର ପ୍ରାଙ୍ଗଣ ରେ ୨୦୦୨ ମସିହା ଠାରୁ ଅଷ୍ଟ ପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହୋଇଆସୁଅଛି। ଏହି ବର୍ଷ ରାଇଘର, ଜୋର୍ଜଙ୍ଗା, ସୋନପୁର ଡି ଏନ୍ କେ, ନିରାବେଢ଼ା,ପିପଲ୍ ପାରା, ଚିଙ୍ଗଡା ଭଟା, ପରିଚି ପାରା, ଡଙ୍ଗିରି ପାରା ଆଦି ସମୁଦାୟ ୮ ଗୋଟି କୀର୍ତ୍ତନ ଦଳ ଯୋଗଦେଇଥିଲେ।

# ରାଜ୍ୟସ୍ତରୀୟ ଶିଶୁ ସୁରଭିରେ ମଦନ ମୁରିଆ ତୃତୀୟ



କୋଷାଗୁମୁଡ଼ା(ଭାସ୍କର ନ୍ୟୁଜ): ଚଳିତ ବର୍ଷ ରାଜ୍ୟସ୍ତରୀୟ ଶିଶୁ ସୁରଭି କ୍ୟାପିଟାଲ ବାଳକ ଉଚ୍ଚ ବିଦ୍ୟାଳୟରେ ୧୨-୧୧-୨୦୨୪ ରୁ ୧୪-୧୧-୨୦୨୪ ପର୍ଯ୍ୟନ୍ତ ହୋଇଯାଇଛି। କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡ଼ା ବ୍ଲକର ଉନ୍ନୀତ ଉଚ୍ଚ ବିଦ୍ୟାଳୟର ମଦନ ମୁରିଆ ଶ୍ରେଷ୍ଠ ବିଜ୍ଞାନ ପ୍ରଦର୍ଶନ ରେ ତୃତୀୟ ସ୍ଥାନ ଅଧିକାର କରି ନବରଙ୍ଗପୁର ଜିଲ୍ଲା ପାଇଁ ଗର୍ବ ଆଣିଛନ୍ତି। ଏହି ପ୍ରଦର୍ଶନୀରେ ରାଜ୍ୟର ୧୧ଟି ଶ୍ରେଷ୍ଠ ପ୍ରକଳ୍ପ ଭାଗ ନେଇଥିଲେ। ଶିଶୁ ସୁରଭିରେ ନବରଙ୍ଗପୁର ଲଗାତାର ଦୁଇ ବର୍ଷ ଭାଗ ନେଇ ପୁରସ୍କୃତ ହୋଇଛନ୍ତି। ଯାହା ଏକ ଗୌରବର ବିଷୟ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବଦ୍ରିନାରାୟଣ ବିଶ୍ୱାଳ ବିଜ୍ଞାନ ପ୍ରକଳ୍ପର ମାର୍ଗଦର୍ଶକ ରୂପେ କାର୍ଯ୍ୟ ତୁଲାଉଛନ୍ତି। ବିଜ୍ଞାନ ଶିକ୍ଷକଙ୍କ ଅକ୍ଳାନ୍ତ ପରିଶ୍ରମ ଓ ଛାତ୍ରଙ୍କ ଅସୁବିଧାର ସମାଧାନ ପାଇଁ ସାହାଯ୍ୟର ହାତ ବଢ଼ାନ୍ତି ଯାହା ଛାତ୍ର ଛାତ୍ରୀମାନଙ୍କ ପାଇଁ ବରଦାନ ସଦୃଶ ଏବଂ ସମସ୍ତ କ୍ଷେତ୍ରରେ ସଫଳତା ଆଣିବା ପାଇଁ ସାହାଯ୍ୟ କରେ। ମଦନ ମୁରିଆଙ୍କୁ Director of Secondary Educationର ନିର୍ଦ୍ଦେଶକ ମନୋରଞ୍ଜନ ମଲ୍ଲିକ ସାର ପୁରସ୍କାର ପ୍ରଦାନ କରିଥିଲେ । ଏହି ସଫଳତା ଜାଣିବା ପରେ ଜିଲ୍ଲା ଶିକ୍ଷାଧିକାରୀ ଛତ୍ରପତି ସାହୁ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଚିତ୍ତରଞ୍ଜନ ପଟ୍ଟନାୟକ ଓ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରେଶମଲାଲ ସାର ଆଶୀର୍ବାଦ ଦେଇଛନ୍ତି। ଏହି ଖବର କୋଷାଗୁମୁଡ଼ା ବ୍ଲକରେ ଜାଣିବା ପରେ କୋଷାଗୁମୁଡ଼ା ଗୋଷ୍ଠୀ ଶିକ୍ଷାଧିକାରୀ ସୁପ୍ରିୟା ନାୟକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଦିଗମ୍ବର ହରିଜନ, ମାଝୀଧନୁଆ ସରଯୁ ଦୟାରାମ ପୁଜାରୀ, ମୋ ବିଦ୍ୟାଳୟର ସଭାପତି ଦିନେଶ ପଙ୍କଜା, ଫଗେଇ ସଭାପତି ଲକ୍ଷ୍ମୀ ହରିଜା ତଥା ବିଦ୍ୟାଳୟର ଶିକ୍ଷକ ମଧୁସୂଦନ ସାହୁ, ମିତାଲି ମଧୁସ୍ମିତା ସାହୁ, ପ୍ରସନ୍ନଜିତ୍ ମାଝୀ, ରମେଶ୍ କୁମାର ପଟ୍ଟନାୟକ, ବିଶ୍ୱନାଥ ସ୍ୱାଇଁ, ଜଗନ୍ନାଥ କର, ସୁଦାମ ସେଠୀ, ରନ୍ ବିଜୟ କୁମାର ରାମ, ଅର୍ଣ୍ଣପୂର୍ଣ୍ଣା ମାର୍ଗାନ, ତ୍ରିଲୋଚନ ପ୍ରଧାନ, ସନ୍ତୋଷ କୁମାର କାଣ୍ଡି, ତାରିଣୀ ଚରଣ ମାଝୀ ଅଭିନନ୍ଦନ ଜଣାଇଛନ୍ତି।

# ଦୀର୍ଘସ୍ଥାୟୀ ଔଷଧୀୟ ମଶାରୀ ବଣ୍ଟନ



କୋରୁକୋଣ୍ଡା (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍‌ସ୍ତରୀୟ ଦୀର୍ଘସ୍ଥାୟୀ ଔଷଧୀୟ ମଶାରୀ ବଣ୍ଟନ ଶୁଭାରମ୍ଭ କାର୍ଯ୍ୟକ୍ରମ ମାଥିଲି ବ୍ଲକ୍ ଉଦୁଲିବେଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଅତିରିକ୍ତ ନିର୍ଦ୍ଦେଶକ ମଶାବାହିତ ପର୍ଯ୍ୟବେକ୍ଷକ ପ୍ରଭାକର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଲୋକମାନଙ୍କୁ ସଚେତନ କରିଥିଲେ। ପରେ ଏକ ସ୍ୱତନ୍ତ୍ର ବୈଠକ କରାଯାଇଥିଲା। ଏଥିରେ ବ୍ଲକ୍ ଉପଖଣ୍ଡ ଚିକିତ୍ସାଳୟ ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ବସନ୍ତ କୁମାର ସାହୁ, ସମ୍ମାନିତ ଅତିଥି ପୂର୍ବତନ । ବ୍ଲକ୍ ଅଧ୍ୟକ୍ଷ ସ୍ମୃତିରଞ୍ଜନ ପାଢ଼ୀ, ମାଥିଲି ଥାନା ଅଧିକାରୀ ଦେବଦତ୍ତ ମଲ୍ଲିକ, ଉଦୁଲିବେଡ଼ା ସରପଞ୍ଚ ଦେବାନନ୍ଦ ଖିଲ, ପଞ୍ଚାୟତ ମଶାବାହିତ ଆଲୋକ ପତି, ଉଦୁଲିବେଡା ସ୍ୱାସ୍ଥ୍ୟକେନ୍ଦ୍ର ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ, ମାଥିଲି ଅଞ୍ଚଳର ସମସ୍ତ ଆଶା ଓ ଅଙ୍ଗନୱାଡି କର୍ମୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅଜିତ କୁମାର ଦଳାଇ, ଜିଲା ମଶା ବାହିତ ପରାମର୍ଶଦାତା ଅମୂଲ୍ୟ ରତ୍ନ ଷଡ଼ଙ୍ଗୀ, ବ୍ଲକ ମଶାବାହିତ ରୋଗ ପର୍ଯ୍ୟବେକ୍ଷକ ପ୍ରଭାକର ସାହୁ ପରିଚାଳନା କରିଥିଲେ। ଆସନ୍ତା ୧୮ ତାରିଖରୁ କିପରି ସୁଚାରୁରୂପେ ମଶାରି ବଣ୍ଟନ କରାଯାଇପାରିବ ବିଷୟରେ ସେ ବୁଝାଇଥିଲେ।

# ବିକାଶ ଆବାସିକ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ




ବରଗଡ କ୍ରାଷ୍ଟା ବିକାଶ ଗ୍ରୁପ୍ ଅନ୍ତର୍ଗତ ବିକାଶ ଆବାସିକ ବିଦ୍ୟାଳୟ, ବରଗଡ଼ରେ ମହାସମାରୋହରେ ଶିଶୁ ଦିବସ (ପଣ୍ଡିତ୍ ଜବାହରଲାଲ୍ ନେହେରୁ ଜୟନ୍ତୀ) ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁଙ୍କ ଦ୍ୱାରା ପଣ୍ଡିତ ଜବାହରଲାଲ ନେହେରୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ ଓ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଶିଶିର ପ୍ରସାଦ ରାଉଳ ନିଜ ମନ୍ତବ୍ୟରେ ଦେଶ ଗଠନରେ ଜବାହରଲାଲ ନେହେରୁଙ୍କ ଅବଦାନକୁ ସ୍ମରଣ କରି ପ୍ରତ୍ୟେକ ଛାତ୍ରଛାତ୍ରୀମାନଙ୍କ ପାଇଁ ନେହେରୁ ପ୍ରେରଣାର ଉତ୍ସ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ କୁନିକୁନି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସୁନ୍ଦର ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ଦହଣାରେ ଅଷ୍ଟପ୍ରହରୀ ନାମ ଯଜ୍ଞ



ନନ୍ଦାହାଣ୍ଡି (ଭାସ୍କର ନ୍ୟୁଜ): ନନ୍ଦାହାଣ୍ଡି ବ୍ଲକ ଦହଣାସ୍ଥିତ ବାଲୁଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅଷ୍ଟପ୍ରହରୀ ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ବୁଧବାର ଦିନ ସନ୍ଧ୍ୟା ରେ ବାଙ୍ଗରୀ ନାଳରୁ କଳସ ଶୋଭାଯାତ୍ରା କରି ଜଳ ଆଣି ଅଧିବାସ ପୂଜାର୍ଚ୍ଚନା ପୁରୋହିତଙ୍କ ଦ୍ୱାରା ସମାପନ କରାଯାଇଥିଲା । ଗୁରୁବାର ସକାଳ ୭ ଘଣ୍ଟା ସମୟରେ ନାମ ଶୁଭାରମ୍ଭ କରାଯାଇଥିଲା । ଶୁକ୍ରବାର ଦିନ ସକାଳେ ନାମ ସମାପ୍ତ କରାଯିବ ବୋଲି ଆୟୋଜକ ସୂଚନା ଦେଇଥିଲେ। ସ୍ଥାନୀୟ ଦହଣା ବ୍ୟତୀତ ଆଉ ଛଅ ଗୋଟି ସଙ୍କୀର୍ତ୍ତନ ଦଳ ନିରନ୍ତର ମହାମନ୍ତ୍ର ଜପିବା ପାଇଁ ଭାଗ ନେଇଥିଲେ । କଳାହାଣ୍ଡି ଜିଲ୍ଲାର ମୁଖିଗୁଡ଼ା, ମାଟି ଗାଁ , ମୋଟେର, ଜୁନାଗଡ଼, କୋରାପୁଟ ଜିଲ୍ଲାର ବିଜାପୁଟ ଓ ବଲାଙ୍ଗିର ଜିଲ୍ଲାର ଗୋଲ ମୁଣ୍ଡା ସଙ୍କୀର୍ତ୍ତନ ଦଳ ଯୋଗ ଦେଇଥିଲେ । ଅଞ୍ଚଳର ଅନେକ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା ଓ ନାମ କୀର୍ତ୍ତନ ପାଇଁ ଆସିଥିବା ବେଳେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ମଧ୍ୟ ସାମିଲ ହୋଇଥିଲେ । ପୁରୋହିତ ଭାବେ ଶରତ ତ୍ରିପାଠୀ ଓ ଗଙ୍ଗାଧର ଦାସ ପ୍ରମୁଖ କାର୍ଯ୍ୟ ନିର୍ବାହ କରିଥିଲେ । ସ୍ଥାନୀୟ ଦହଣା ଗ୍ରାମବାସୀଙ୍କ ଦ୍ୱାରା ଏହି ନାମ ଯଜ୍ଞ କାର୍ଯ୍ୟକ୍ରମ ଆୟୋଜନ କରିବା ସହ ପାର୍ଶ୍ୱରେ ଆନନ୍ଦ ବଜାର କରି ଅନ୍ନ ଭୋଗ ପ୍ରଦାନ କରିଥିଲେ ।

# ପୂର୍ବତନ ଶିକ୍ଷାଧିକାରୀଙ୍କୁ ଅନୁକମ୍ପା କାହିଁକି ?

କନ୍ଧମାଳ(ଭାସ୍କର ନ୍ୟୁଜ): ପ୍ରତି ସମୟରେ ସରକାରୀ ବ୍ୟବସ୍ଥାକୁ କଳୁଷିତ କରୁଥିବା କିଛି ବ୍ୟକ୍ତି ବିଶେଷଙ୍କ ପାଇଁ ହିଁ ସରକାର ବଦନାମ ମୁଣ୍ଡାନ୍ତି। ସେ ପୂର୍ବ ସରକାର ହୁଅନ୍ତୁ ଅବା ନୂଆ ସରକାର। ଏଇ ଯେମିତି କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ିର ପୂର୍ବତନ ବ୍ଲକ ଶିକ୍ଷାଧିକାରି ରସାନନ୍ଦ କର। ନ୍ୟାସନାଲ ପେନସନ ସିଷ୍ଟମରୁ ୨୦ ଲକ୍ଷ ଟଙ୍କା ହଡ଼ପ କରି ଭିଜିଲାନ୍ସ ପଞ୍ଝାରେ ଗତ ମାର୍ଚ୍ଚ ମାସରେ ପଡ଼ିଥିଲେ। ହେଲେ ଏଯାଏଁ ବାବୁଙ୍କୁ ପୁନଃ ଥଇଥାନ କରାଯାଇନଥିବାବେଳେ, ବାବୁ କିନ୍ତୁ ନିଜର ପତିଆରା ପୂର୍ବଭଳି କାର୍ଯ୍ୟାଳୟରେ ଜାରି ରଖିଛନ୍ତି। ଆଉ ଶୁଣିବାକୁ ମିଳୁଛି ଯେ ବାବୁ ରସାନନ୍ଦ ପୁଣି ଦାରିଙ୍ଗବାଡ଼ି ରେ କାର୍ଯ୍ୟରତ ହେବେ । ସେଥିପାଇଁ ସେ ବିଭାଗୀୟ ଉପରିସ୍ଥ ଅଧିକାରୀମାନଙ୍କୁ ପୂର୍ବଭଳି ହାତ କରିସାରିଲେଣି । ଅନ୍ୟ ପକ୍ଷେ ସେ ଯେଉଁ ଟଙ୍କା ହଡ଼ପ କରି ଭିଜିଲାନ୍ସ ହାତରେ ଧରାପଡିଥିଲେ। ସେଥିରୁ ସେ ନିର୍ଦ୍ଦୋଷରେ ମୁକୁଳିଯିବାକୁ ଉଦ୍ୟମ ଜାରିରଖିଛନ୍ତି। ଯେଉଁଥିପାଇଁ ଭିଜିଲାନ୍ସ ମାମଲାରେ କୋର୍ଟରେ ଘଟଣାକୁ ନେଇ ବିଚାର ଆରମ୍ଭ ମଧ୍ୟ ହେଇ ପାରୁନାହିଁ ବୋଲି ଶୁଣିବାକୁ ମିଳୁଛି। ଯେଉଁଥିପାଇଁ ସେ ଯେଉଁ ୨୦ ଲକ୍ଷ ଟଙ୍କା ହଡ଼ପ କରିଥିଲେ। ତାକୁ ସେ ଜମା କରି ନିର୍ଦ୍ଦୋଷରେ ଫିଟିଯିବେ କୁଆଡ଼େ। ହେଲେ ଆଜି ବି ଭିଜିଲାନ୍ସକୁ ନେଇ ପ୍ରଶ୍ନ ଯେ ଯେଉଁ ବ୍ୟକ୍ତି ୨୦ ଲକ୍ଷ ଟଙ୍କା ହଡ଼ପ କରି ବନ୍ଧା ହେଲେ, ତାଙ୍କର ଅନ୍ୟ ଅମାପ ସମ୍ପତ୍ତି ଲୋକଲୋଚନକୁ ଆସିପାରିଲା ନାହିଁ କାହିଁକି ? ସେ ଯେଉଁ କୋଟି କୋଟି ଟଙ୍କା ଶେୟାର ମାର୍କେଟରେ ଲଗାଇଛନ୍ତି ତାହାର ମଧ୍ୟ ସମ୍ପୂର୍ଣ୍ଣ ତଥ୍ୟ ଲୋକ ଲୋଚନକୁ ଆସିନାହିଁ । ଏମିତି କି ଭିଜିଲାନ୍ସ ମଧ୍ୟ ସେ ନେଇ କୌଣସି ତଦନ୍ତ ଏଯାଏଁ କରିଲା ବି ନାହିଁ । ଏଭଳି ସ୍ଥିତିରେ ବାବୁ ରସାନନ୍ଦ କର ଭିଜିଲାନ୍ସ ଦ୍ୱାରା ଗିରଫ ହେବା ପୂର୍ବରୁ ଗୃହ ଋଣ ପାଇଁ ଯେଉଁସବୁ ଶିକ୍ଷକମାନଙ୍କ ଠାରୁ ଲାଞ୍ଚ ସୂତ୍ରରେ ଲକ୍ଷାଧିକ ଟଙ୍କା ନେଇଥିଲେ। ତାକୁ ସେ ଏବେ ଫେରାଇବା ପାଇଁ ଶିକ୍ଷକମାନଙ୍କୁ କଥା ଦେଇଛନ୍ତି। ଆଉ ସେ ପୁଣି ଦାରିଙ୍ଗବାଡ଼ିରେ ହିଁ ଶିକ୍ଷାଧିକାରୀ ଭାବେ ଦାୟିତ୍ୱ ନେବେ ବୋଲି ଶିକ୍ଷକମାନଙ୍କୁ କହି ବୁଲୁଛନ୍ତି ବୋଲି ମଧ୍ୟ କୁହାଯାଉଛି। ଯାହାକୁ ନେଇ ସରକାରୀ ବ୍ୟବସ୍ଥା ଉପରେ ବିଭିନ୍ନ ପ୍ରଶ୍ନ ପୂର୍ବ ଭଳି ସୃଷ୍ଟି ହେବାରେ ଲାଗିଛି । କାହିଁକି ନା ପ୍ରଥମ ଘଟଣା ହେଲା ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଦୀର୍ଘ ଦିନ ଜେଲରେ ରହିବା ପରେ ମଧ୍ୟ ବିଭାଗ ପକ୍ଷରୁ ରସାନନ୍ଦ କରଙ୍କୁ ସସପେଣ୍ଡ କରାଯାଇନଥିଲା । ଆଉ ଏବେ ପରବର୍ତ୍ତୀ ସମୟରେ ତାଙ୍କୁ ଅନ୍ୟତ୍ର ପୁନଃ ନିଯୁକ୍ତି କରାନଯାଇ ପ୍ରତି ମାସକୁ ମାସ ଦରମା ଟଙ୍କା ଯୋଗାଇ ଦିଆଯାଉଛି। ଏହା ସହ ବାବୁ ରସାନନ୍ଦ କୁଆଡ଼େ କନ୍ଧମାଳ ଜିଲ୍ଲା ଶିକ୍ଷାଧିକାରୀଙ୍କ ପୂର୍ବ ଛାତ୍ର । ଯେଉଁଥିପାଇଁ ଗୁରୁ ଛାତ୍ରଙ୍କ ପାଇଁ ଅଧିକ ଦରଦ ଦେଖାଉଛନ୍ତି ବୋଲି ମଧ୍ୟ ଶୁଣିବାକୁ ମିଳୁଛି । ଏହା ସହ ବାବୁଙ୍କ ପରିବାର ବର୍ଗ ପୂର୍ବରୁ ସଚିବାଳୟରେ କାର୍ଯ୍ୟରତ ଥିଲେ। ତେଣୁ ବାବୁ ରସାନନ୍ଦ କର ଶିକ୍ଷା ବିଭାଗରେ କାହାକୁ କେମିତି ହାତ ଗୁଞ୍ଜା ଦେଇ ଦୋଷ ମୁକ୍ତ ହେବେ ସେ ଅଭ୍ୟାସରେ ମଧ୍ୟ ସେ ପାରଙ୍ଗମ ବୋଲି କୁହାଯାଉଛି। ହେଲେ ଜଣେ ସସପେଣ୍ଡ ହୋଇଥିବା ଦୁର୍ନୀତି ଗ୍ରସ୍ତ ଅଧିକାରୀ ଘରେ ବସି ଯଦି ଏତେ ସବୁ କ୍ଷମତା ଦେଖାଇ ପାରୁଛନ୍ତି ତାହାଲେ ଦୁର୍ନୀତିଗ୍ରସ୍ତଙ୍କ ପ୍ରକୃତ ଗନ୍ତାଘର ଯେ ଶିକ୍ଷା ବିଭାଗ ବୋଲି କହିବା ମଧ୍ୟ ଭୁଲ ହେବନି। ଏହା ସହ ଦାରିଙ୍ଗବାଡ଼ି ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀମାନେ ପୂର୍ବଭଳି ଖୁଲମଖୋଲା ଲାଞ୍ଚ ନେଇ ଦୁର୍ନୀତି କରିବା ପୁଣି ଆରମ୍ଭ କରିଦେଇଛନ୍ତି । ଏଣୁ ସରକାର ବଦଳିଛି, ହେଲେ ବ୍ୟବସ୍ଥା ପୂର୍ବଭଳି ଦୁର୍ନୀତିରେ ହିଁ ଭରି ରହିଛି ବୋଲି ଜନସଧାରଣରେ ମତ ପ୍ରକାଶ ପାଇଛି ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁ ଦିବସ




ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପାରଳାଖେମୁଣ୍ଡି ଠାରେ ଶିଶୁ ଦିବସ ତଥା ୩୫ତମ ବାର୍ଷିକ ଖେଳକୁଦ ସମାରୋହ ଓ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ସଞ୍ଜୟ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଦେବୀ ମଠର ମହନ୍ତ ପୂଜ୍ୟଶ୍ରୀ ରାମାନନ୍ଦ ଦାସ ମହାରାଜ, ସମ୍ମାନିତ ଅତିଥି ଭାବେ ଟ.ଏ ହାଇସ୍କୁଲ ଯାଜପୁରର କ୍ରୀଡା ଶିକ୍ଷକ ଧିରେନ୍ଦ୍ର କୁମାର ସାମଲ ଓ ଭେଙ୍କଟେଶ୍ୱର ହାଇସ୍କୁଲର କ୍ରୀଡା ଶିକ୍ଷକ ଅଭିନ୍ନ ବାସୁଦେବ ମିଶ୍ର, ପ୍ରମୋଦ କୁମାର ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ୫୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ସ୍ଥାନୀୟ କଲେଜ ପଡିଆ ଠାରେ ଦୁଇଦିନିଆ ବାର୍ଷିକ ଖେଳକୁଦ ସମାରୋହର ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ନୈପୁଣ୍ୟ ପ୍ରଦର୍ଶନୀ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ସରୋଜ କୁମାର ପଣ୍ଡାଙ୍କ ନେତୃତ୍ୱରେ ବିଦ୍ୟାଳୟର ଶାରୀରିକ ପ୍ରମୁଖ ମୁରଲୀ ମୋହନ ପ୍ରଧାନ,ସହ ଶାରୀରିକ ପ୍ରମୁଖ ରାଜେଶ କରାଇଙ୍କ ସଂଯୋଜନାରେ ତଥା ଅନ୍ୟ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ସହଯୋଗରେ ବାର୍ଷିକ ଖେଳକୁଦ ସମାରୋହର ଓ ଶିଶୁ ଦିବସ ସଫଳତାର ସହ ପାଳିତ ହୋଇଯାଇଛି।

# ନବାକାଂକ୍ଷା କାର୍ଯ୍ୟକ୍ରମ ||||||||||||||||||||
# ଭଟଲି ଓ ଅମ୍ବାଭୋନାର ଶତାଧିକ ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀ ସମ୍ବର୍ଦ୍ଧିତ



ବରଗଡ(ଭାସ୍କର ନ୍ୟୁଜ): ମୂରଲୀ କ୍ରାଷ୍ଟା ଫାଉଣ୍ଡେସନ୍ ଏବଂ କ୍ରାଷ୍ଟା ବିକାଶ ଗ୍ରୁପ୍ ଅନ୍ତର୍ଗତ ବିକାଶ ଆବାସିକ ବିଦ୍ୟାଳୟ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ବିକାଶ ମଲ୍ଟି-ସ୍ପେସିଆଲିଟି ହସ୍ପିଟାଲ୍, ବରଗଡ଼ର ମିଳିତ ଆନୁକୂଲ୍ୟରେ ୧୪ ନଭେମ୍ବର ୨୦୨୪ (ଗୁରୁବାର)ରେ ବରଗଡ଼ ଜିଲ୍ଲାର ଭଟଲି ବ୍ଲକ୍ ଅନ୍ତର୍ଗତ ଶ୍ରୀ ଶ୍ୟାମଜୀ ମନ୍ଦିର ପରିସରରେ କ୍ରାଷ୍ଟା ବିକାଶ, ବରଗଡ଼ର 'ନବାକାଂକ୍ଷା' - କ୍ୟାରିୟର୍ କାଉନ୍‌ସେଲିଂ ତଥା ଦଶମ ଓ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ସ୍କୁଲ୍ ଲିଡର୍ ପୁରସ୍କାରରେ ସମ୍ମାନିତ କରିବା କାର୍ଯ୍ୟକ୍ରମ ମହାସମାରୋହରେ ଆୟୋଜିତ ହୋଇଯାଇଛି। ଭଟଲିର ସମାଜସେବୀ ସଂସ୍ଥା - ଆହ୍ୱାନ କ୍ଲବ୍ ଏବଂ ଭଟଲି, ଭୁକ୍ତା ଏବଂ ଅମ୍ବାଭୋନା ଅଂଚଳର ଶିକ୍ଷା, ନୃତ୍ୟ, କ୍ରୀଡ଼ା, କଳା ଓ ସଂସ୍କୃତି ସହ ଜଡ଼ିତ ଅନେକ ସୁନାମଧନ୍ୟ ବ୍ୟକ୍ତିତ୍ୱ - ଧନପତି ରଥ, ଶ୍ରୀ ଶଶିଭୂଷଣ ସରାଫ, ଶ୍ରୀବତ୍ସ ପାଣିଗ୍ରାହୀ, ଆୟୁଷ ଷଡ଼ଙ୍ଗୀ, ଭୀମରାଜ ଅଗ୍ରୱାଲ, ଶିବ ଅଗ୍ରୱାଲ, ଚୂଡ଼ାମଣି ରଥ, ସୁଶୀଲ କୁମାର ସାହୁ, ଅମିର କୁମାର ସାହୁ, କ୍ଷମାନିଧି ସାହୁ, ଅମୂଲ୍ୟ ଭୋଇ, ଜୟନାରାୟଣ ସାହୁ, ଦୟାନିଧି ପ୍ରଧାନ, ଆନନ୍ଦ ସାହୁ, ଅନ୍ତର୍ଯ୍ୟାମୀ ସାହୁ, ଅଲେଖ ପ୍ରଧାନ, ଆଦର୍ଶ ଗଡ଼ତିଆଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। କାର୍ଯ୍ୟକ୍ରମରେ ମୋଟ୍ ୩୫ଟି ଉଚ୍ଚ ମାଧ୍ୟମିକ ସ୍କୁଲ୍ ତଥା ସିବିଏସ୍‌ଇ ସ୍କୁଲ୍‌ର ୫୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ସମେତ ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ପ୍ରଧାନ ଶିକ୍ଷକ-ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭଟଲି ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀ ସରୋଜ ଭୋଇ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମଟି ଦୁଇଟି ଅଧିବେଶନରେ ହୋଇଥିଲା। ଏହି ଅବସରରେ ଚେୟାରମେନ୍ କ୍ୟାରିୟର୍ କାଉନ୍‌ସେଲିଂ ଉପରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିବା ସହିତ ନିଜର ଭବିଷ୍ୟତକୁ ଦୃଷ୍ଟିରେ ରଖି ଛାତ୍ରଛାତ୍ରୀମାନେ କିପରି ପାଠ ପଢ଼ିବେ, ତାଙ୍କ ସଙ୍କଳ୍ପିତ ସ୍ୱପ୍ନ କିପରି ଭାବରେ ସିଦ୍ଧିଲାଭ ହେବା ସହ ଛାତ୍ରଛାତ୍ରୀମାନଙ୍କ କିପରି ସର୍ବାଙ୍ଗୀନ ଉନ୍ନତି ଏବଂ ଚରିତ୍ର ଗଠନ ସାଧିତ ହୋଇପାରିବ, ସେ ସମ୍ପର୍କରେ ନିଜର ମତ ଉପସ୍ଥାପନ କରିଥିଲେ। ବିକାଶ ଆବାସିକ ବିଦ୍ୟାଳୟର ସିନିୟର୍ ସେକେଣ୍ଡାରୀ ଅଧ୍ୟକ୍ଷ ଚିତରଞ୍ଜନ ପତି ଅତିଥି ପରିଚୟ ତଥା ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ବିକାଶ ଆବାସିକ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏକାଡେମିକ୍ ଏବଂ କୋକରିକୁଲାର୍ ଏକ୍ଟିଭିଟିଜ୍‌ରେ ଗତ ୩ ବର୍ଷର ଉଚ୍ଚମାନର ଫଳାଫଳର ବିବରଣୀ ପ୍ରଦାନ କରି ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ପଶ୍ଚିମ ଓଡ଼ିଶାର କ୍ୟାରିୟର୍ ଗଢ଼ିବାର ଏକ ଉଚ୍ଚତମ ବାତାବରଣ ମହଜୁଦ୍ ଅଛି ବୋଲି ମତପ୍ରଦାନ କରି ଉତ୍ସାହିତ କରିଥିଲେ। କ୍ରାଷ୍ଟା ବିକାଶ, ବରଗଡ଼ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରି ଜେଇଇ, ନିଟ୍, ସିୟୁଇଟି, ଦଶମ, ଦ୍ୱାଦଶ ବୋର୍ଡ୍ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବା ଭଟଲି, ଭୁକ୍ତା ଏବଂ ଅମ୍ବାଭୋନା ଅଞ୍ଚଳର ଛାତ୍ରଛାତ୍ରୀ ସନାତନ ସତନାମୀ, ଆୟୁଷମନ୍ତ ପୁରୋହିତ, ସଙ୍କେତ ସାହୁ, ଦୁର୍ଗା ପ୍ରସାଦ ସାହୁ, ଗ୍ରେସି ନିଶା ସିଙ୍ଘଲ, ଦୁଷ୍ମନ୍ତ ଭୋଇ ତଥା ଅଭିଭାବକମାନଙ୍କୁ ସମ୍ମାନିତ କରାଯାଇଥିଲା। ସମସ୍ତ ସିବିଏସ୍‌ଇ ସ୍କୁଲ୍‌ର ଅଧ୍ୟକ୍ଷ, ଓଡ଼ିଆ ମାଧ୍ୟମିକ ଶିକ୍ଷାନୁଷ୍ଠାନର ପ୍ରଧାନ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଏବଂ ସ୍ମୃତିଫଳକ ପ୍ରଦାନ କରି ସ୍କୁଲ୍ ଲିଡର୍ ଏୱାର୍ଡରେ ସମ୍ବର୍ଦ୍ଧିତ କରାଯାଇଥିଲା। ଭଟଲି ଓ ଅମ୍ବାଭୋନାର ଉପସ୍ଥିତ ସମସ୍ତ ସାମ୍ବାଦିକମାନଙ୍କୁ ଉପଢୌକନ ତଥା ସ୍ମୃତିଫଳକ ଦେଇ ସମ୍ମାନୀତ କରାଯାଇଥିଲା।

# ଜୁନାନୀମୁଣ୍ଡା ଗ୍ରାମରେ ଘରକୁ ଘର ଜଳ ଯୋଗାଣ



ବ୍ରଜରାଜନଗର(ଭାସ୍କର ନ୍ୟୁଜ): ରାଜପୁର ପଞ୍ଚାୟତ ଅନ୍ତର୍ଗତ ଜୁନାନୀମୁଣ୍ଡା ଗ୍ରାମରେ ଭୂତଳ କୋଇଲା ଖଣି ଯୋଗୁଁ ଜଳ ସଙ୍କଟ ଏକ ବଡ଼ ସମସ୍ୟା ପାଲଟିଛି। ଏହାର ସମାଧାନ ଲାଗି ଜିଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ତରଫରୁ ଏକ ଗଭୀର କୂଅ ଖନନ କରାଯାଇ ସେଥିରୁ ପାଇପ ଯୋଗେ ଜୁନାନୀମୁଣ୍ଡା ଗ୍ରାମରେ ଘରକୁ ଘର ଜଳ ଯୋଗାଣ ସକାଶେ ସୁବିଧା କରାଯାଇଛି। ଆଜି ଏହି ପ୍ରକଳ୍ପର ଶୁଭାରମ୍ଭ ହେବା ସହିତ କେତେକ ଘରକୁ ଜଳ ଯୋଗାଣ କରାଯାଇଥିବା ବେଳେ ଆଗାମୀ ଦିନରେ ସମସ୍ତ ଘରକୁ ଜଳ ଯୋଗାଣ କରାଯିବ ବୋଲି ସୂଚନା ମିଳିଛି। ଆଜିର ଏହି କାର୍ଯ୍ୟକ୍ରମରେ ରାଜପୁର ସରପଞ୍ଚ ସରସ୍ୱତୀ ନାୟକ, ଜିଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଶିବାଶିଷ ଦାସ, ଏସଡ଼ିଓ ଜଲାନ ସୁରେନ, ଏଲଆଣ୍ଡଟି ଅଧିକାରୀ ଜୟରାଜ ଜି, ପୂର୍ବତନ ସମିତି ସଭ୍ୟ ଗଣେଶରାମ ବାଗ, ୱାର୍ଡ ମେମ୍ବର ସୀତା ମୁଣ୍ଡା ଉପସ୍ଥିତ ଥିଲେ।

## ସମଲେଶ୍ୱରୀ ଡିଏଭି ପବ୍ଲିକ ସ୍କୁଲ୍‌ରେ ପୁସ୍ତକ ମେଳା



ବ୍ରଜରାଜନଗର(ଭାସ୍କର ନ୍ୟୁଜ): ସମଲେଶ୍ୱରୀ ଡିଏଭି ପବ୍ଲିକ୍ ସ୍କୁଲ ପରିସରରେ ପୁସ୍ତକ ମେଳା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଚିନ୍ମୟ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁସ୍ତକମେଳାରେ ସମଲେଶ୍ୱରୀ ଖୋଲା ଖଣି ପ୍ରକଳ୍ପର ଅଧିକାରୀ କହ୍ନେୟା ମିଶ୍ର, ଅନିଲ ଅଗ୍ରୱାଲ ଯୋଗ ଦେଇ ପୁସ୍ତକମେଳାକୁ ଉଦ୍‌ଘାଟନ କରିଥିଲେ । ପୁସ୍ତକମେଳା ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀ, ଅଭିଭାବକ ପୁସ୍ତକମେଳା ବୁଲି ଦେଖିବା ସହିତ ବିଭିନ୍ନ ପ୍ରକାର ପୁସ୍ତକ ସଂଗ୍ରହ କରୁଥିବା ଦେଖିବାକୁ ମିଳିଥିଲା।

# କାର୍ତ୍ତିକ ଶେଷ ଦିନରେ ଆ କା ମା ବୈ ଶବ୍ଦରେ କମ୍ପିଲା ଲକ୍ଷ୍ମୀପୁର



ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ): ପୁରାଣ ମତେ ପ୍ରତ୍ୟେକ ମାସ ମଧ୍ୟରେ କାର୍ତ୍ତିକ ମାସ ହେଉଛି ଶ୍ରେଷ୍ଠ ମାସ।ଏହାକୁ ଧର୍ମ ମାସ ବୋଲି ବି କୁହାଯାଇଥାଏ।ଏହା ଧର୍ମ ମାସ ହୋଇଥିବାରୁ ଗାଁରୁ ସହର ପର୍ଯ୍ୟନ୍ତ ସଭିଏଁ ଏଇ କାର୍ତ୍ତିକ ମାସଟିକୁ ବଡ଼ ନିଷ୍ଠାର ସହ ପାଳନ କରନ୍ତି। ମାସ ସାରା ପାଳି ନ ପାରିଲେ ପଞ୍ଚୁକ ପାଞ୍ଚଦିନ ପାଳିବାର ବିଧି ମଧ୍ୟ ରହିଛି। ଏହି ସମୟରେ ଦୀପାବଳି, ରାଧା ଦାମୋଦର ପୂଜା,ବଡ଼ଓଷା, ବାଲୁଙ୍କା ପୂଜା,ବୋଇତ ବନ୍ଦାଣ ଭଳି ଅନେକ ପୂଜା କରାଯାଇଥାଏ।ଏହି ମାସରେ ଓଡ଼ିଆମାନେ ପିଆଜ, ରସୁଣ ଓ ଆମିଷ ଭୋଜନ ଠାରୁ ଦୁରେଇ ଯାଆନ୍ତି। ଧର୍ମ ମାସ ବୋଲି କୁହା ଯାଉଥିବା କାର୍ତ୍ତିକ ମାସର ଆଜି ଥିଲା ଶେଷ ଦିନ।ଏହି ମାସ କୁଆଡେ ସବୁ ମାସଠୁ ବଡ ମାସ ବୋଲି କୁହାଯାଏ। ହିନ୍ଦୁ ଧର୍ମ ଅନୁସାରେ ଏହି ମାସରେ ସବୁଠୁ ଅଧିକ ପର୍ବ ପର୍ବାଣୀ ପଡୁଥିବାରୁ ମାସ ସାରା ଲୋକେ ସକାଳୁ ସକାଳୁ ଉଠି ସ୍ନାନ କରି ଦେବା ଦେବୀଙ୍କ ପୀଠ ପରିଭ୍ରମଣ କରି ତାଙ୍କ ଆଶିଷ ଲାଭ କରନ୍ତି। କାର୍ତ୍ତିକ ମାସର ଶେଷ ଦିନରେ ଲୋକେ ଡଙ୍ଗା ଭସାଣ ଉତ୍ସବ ପାଳନ କଲା ପରେ କାର୍ତ୍ତିକ ମାସ ଶେଷ ହୋଇଥାଏ। ଏଇ କ୍ଷେତ୍ରରେ ଲକ୍ଷ୍ମୀପୁର ବ୍ଲକ୍ ଅଞ୍ଚଳରେ ଲୋକେ ଆଜି ଡଙ୍ଗା ଭସାଣ ଉତ୍ସବ ପାଳିଛନ୍ତି।ଘନ କୁହୁଡି ସାଙ୍ଗକୁ ଶୀତୁଆ ସେକାଳରେ ଥରି ଥରି ଲୋକେ କଦଳୀ ପଟୁଆରେ ତିଆରି ଡଙ୍ଗା ଧରି ବହି ଯାଉଥିବା ନଦି,ଝରଣା କୂଳେ ପହଞ୍ଚିଥିଲେ। ସେଠି ପୂଜାର୍ଚ୍ଚନା କରି ପୂର୍ବ ପରମ୍ପରାକୁ ମନେ ପକାଇ ଧୂପ ଦୀପ ଦେଇ ଆ କା ମା ବୈ, ପାନ ଗୁଆ ଥୋଇ ପାନ ଗୁଆ ତୋର,ମାସକ ଧରମ ମୋର ଗାଇ ଡଙ୍ଗା ଭସାଇ ଥିଲେ। ପରେ ବ୍ଲକରେ ଥିବା ପ୍ରତ୍ୟେକ ଦେବାଦେବୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ଭକ୍ତ ମାନେ ଲମ୍ବା ଲାଇନ୍ ଲଗେଇଥିବା ଦେଖିବାକୁ ମିଳିଥିଲା ବେଳେ ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।



ବୋଲଗଡ (ଭାସ୍କର ନ୍ୟୁଜ): ବୋଲଗଡ ନିକଟସ୍ଥ ରାଜ ସୁନାଖଳା ସ୍ଥିତ କୋଟଗଡ ଆଶ୍ରମ ବିଦ୍ୟାଳୟ ଠାରେ ଭଗବାନ ବିର୍ସା ମୁଣ୍ଡାଙ୍କର ୧୫୦ ତମ ଜନ୍ମ ଦିବସକୁ ଜନଜାତିୟ ଗୌରବ ଦିବସ ଓ ଅଭିଭାବକ ମାନେ ଆମର ଅଂଶୀଦାର ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଓଡିଶା ବିଧାନସଭାର ବାଚସ୍ପତି ସୁରମା ପାଢୀ ଯୋଗ ଦେଇଥିବାବେଳେ ମୁଖ୍ୟ ବକ୍ତାଭାବେ ରଣପୁର ପଞ୍ଚାୟତ ସମିତିର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁଶ୍ରୀ ସୁଭସ୍ମିତା ,ସମ୍ମାନିତ ଅତିଥି ଭାବେ ସମାଜସେବୀ ଜୟନ୍ତ ନାୟକ,ପରେଶ ମିଶ୍ର ,ରାଜ ସୁନାଖଳା ଗ୍ରା:ପ ର ସରପଞ୍ଚ ଚିତ୍ତରଞ୍ଜନ ପ୍ରଧାନ,ସମିତିସଭ୍ୟ ତପନ କୁମାର ପ୍ରଧକ୍ଷନ ଯୋଗ ଦେଇଥିଲେ । ପ୍ରାରମ୍ଭରେ ମୁଖ୍ୟ ଅତିଥି ବାଚସ୍ପତି ଶ୍ରୀମତୀ ପାଢ଼ୀ ବିଦ୍ୟାଳୟ ପରିସରରେ ଥିବା ଗାନ୍ଧିଜୀ ଓ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।ମହାନ୍ ସ୍ୱାଧିନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କର ଭାରତର ସ୍ୱାଧିନତା ସଂଗ୍ରାମରେ ଅବଦାନ ସମ୍ପର୍କରେ ଅଲୋକପାତ କରିବା ସହିତ ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟରେ ଉନତି ଦିଗରେ ରାଜ୍ୟ ଓ କେନ୍ଦ୍ର ସରକାର ପ୍ରଚେଷ୍ଟା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ବିଦ୍ୟାଳୟ ପରିସର ମଧ୍ୟରେ ବିର୍ସା ମୁଣ୍ଡାଙ୍କର ପୂର୍ଣ୍ଣ ଅବୟବ ମୂର୍ତ୍ତି ସ୍ଥାପନ ନିମନ୍ତେ ବିଧାୟକ ପାଣ୍ଠିରୁ ଅନୁଦାନ ଘୋଷଣା କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଦାଧର ସକ୍ଷହୁ ସଭା ମଞ୍ଚ ପରିଚାଳନା କରିବା ସହିତ ବିଦ୍ୟାଳୟର ଅଭାବ ଅସୁବିଧା ଗୁଡିକୁ ଦର୍ଶାଇଥିଲେ ।



# ମହାପ୍ରଭୁଙ୍କ ବଡ଼ ମହାସ୍ନାନ



ପୁରୀ (ଭାସ୍କର ନ୍ୟୁଜ) : ମହାପ୍ରଭୁଙ୍କ ବଡ଼ ମହାସ୍ନାନ ଶ୍ରୀ ମନ୍ଦିର ଜୟ ବିଜୟ ଦ୍ୱାର ଭିତର ପଟ ପାହାଚରେ ମଇଳା ପଡ଼ିଥିବା କାରଣରୁ ମହାପ୍ରଭୁଙ୍କର ବଡ଼ ମହାସ୍ନାନ କରାଯାଉଛି । ଆଜି କାର୍ତ୍ତିକ ପୂର୍ଣ୍ଣିମା ପାଇଁ ମହାପ୍ରଭୁଙ୍କର ରାଜରାଜେଶ୍ୱର ବା ସୁନାବେଶ ଦେଖିବା ପାଇଁ ଭକ୍ତଙ୍କ ପ୍ରବଳ ଗହଳି ଲାଗିରହିଥିବାବେଳେ ଜୟ ବିଜୟ ଦ୍ୱାର ଭିତର ପାହାଚ ନିକଟରେ ମଇଳା ପଡ଼ିଥିବା ଦୃଷ୍ଟି ଗୋଚର ହେବାରୁ ବଡ଼ ମହାସ୍ନାନ କରାଯାଉଛି । ପ୍ରଥମ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଭିତର କାଠ ଦର୍ଶନ ଆରମ୍ଭ ହୋଇଥିଲା । ସେହିସମୟରେ ଜୟ ବିଜୟ ଦ୍ୱାର ଭିତର ପଟ ପାହାଚରେ ମଇଳା ପଡ଼ିଥିବା ସେବାୟତଙ୍କ ଦୃଷ୍ଟି ଗୋଚର ହେବାରୁ ବଡ଼ ମହାସ୍ନାନ ଲାଗିରହିଛି । ଏହି ବଡ଼ ମହାସ୍ନାନ ପ୍ରାୟ ୧ଘଣ୍ଟା ଧରି ଚାଲୁରହିବ । ସେଥିନିମନ୍ତେ ପ୍ରାୟ ୧ଘଣ୍ଟା ଧରି ଦର୍ଶନ ବନ୍ଦ ରହିଛି । ମହାସ୍ନାନ ପରେ ଚୂନ ପାଣି ପଡି ଶୋଧ କରାଯାଇ ଦର୍ଶନ ପୁନଃ ଆରମ୍ଭ ହେବ ବୋଲି ଶ୍ରୀ ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଉଡାଣରେ...

ତେବେ ଏଥିରେ କିଛି ସମୟ ବିଳମ୍ବ ଘଟିଥିଲା। ସୂଚନାଯୋଗ୍ୟ ଯେ ପ୍ରଧାନମନ୍ତ୍ରୀ ଶୁକ୍ରବାର ଝାଡ଼ଖଣ୍ଡରେ ଦୁଇଟି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଇଁ ମୋଦୀ ଜନଜାତି ଗୌରବ ଦିବସ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

### ଭକ୍ତଙ୍କ ପାଇଁ...

ହୋଇଥିଲା। ସେହି ବୈଠକରେ ଜିଲ୍ଲାପାଳ, ଏସ୍ ?ପିଙ୍କ ସହିତ ଶ୍ରୀମନ୍ଦିର ତଥା ପୁଲିସ ପ୍ରଶାସନର ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ। ଏହି ବୈଠକରେ ହୋଇଥିବା ନିଷ୍ପତ୍ତି ପ୍ରକାରେ ଆସନ୍ତାକାଲିଠାରୁ ସମସ୍ତ ଚାରି ଦ୍ୱାର ଦେଇ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିରକୁ ପ୍ରବେଶ କରିପାରିବେ।

### ଡଙ୍ଗା ପାଇଁ...

ହରାଇଥିବାବେଳେ ସେମାନଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେମାନଙ୍କ ବୟସ ଯଥାକ୍ରମେ ୩ ବର୍ଷ ଓ ୫ ବର୍ଷ ବୋଲି ସୂଚନା ଦିଆଯାଇଛି। ସେହିପରି କଟକ ଜିଲ୍ଲା ସାଲେପୁର ଥାନା ଅନ୍ତର୍ଗତ କରମୁଆ ଗାଁର ପ୍ରଦୀପ୍ତ ଭୋଇଙ୍କ ପୁଅ ନିତୀଶ ଭୋଇ (୩ବର୍ଷ) ଡଙ୍ଗା ଆଣିବାକୁ ଯାଇ ପୋଖରୀରେ ବୁଡ଼ି ପ୍ରାଣ ହରାଇଥିବାବେଳେ ବାଲେଶ୍ୱର ଜିଲ୍ଲା ଖଇରା ଥାନା ଅନ୍ତର୍ଗତ ସାଉଣ୍ଡିଆ ଗ୍ରାମର ଜଣେ ୩ ବର୍ଷର ନାବାଳକ ଡଙ୍ଗା ଲୋଭରେ ପୋଖରୀରେ ବୁଡ଼ି ପ୍ରାଣ ହରାଇଥିବା ସୂଚନା ମିଳିଛି। ସେହିପରି ଡଙ୍ଗା ଆଣିବାକୁ ଯାଇ କଟକ ତାଳଦଣ୍ଡା କେନାଲରେ ଜଣେ ୧୨ ବର୍ଷର ନାବାଳକ ବୁଡ଼ିଯାଇ ପ୍ରାଣ ହରାଇଥିବା ସୂଚନା ଦିଆଯାଇଛି।

### ଓଡ଼ିଆ ଅସ୍ମିତା...

କରିଛନ୍ତି । ଏଥିପାଇଁ ଆଉ ଦେଢଶହ କୋଟି ଟଙ୍କା ପ୍ରଦାନ କରାଯିବାର ବ୍ୟବସ୍ଥା ମଧ୍ୟ କରାଯିବ ବୋଲି ସେ କହିଥିଲେ । ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ, ଜଗତସିଂପୁର ସାଂସଦ ବିଭୁ ପ୍ରସାଦ ତରାଇ, କଟକ ମହାନଗର ନିଗମ ମେୟର୍ ସୁବାସ ସିଂ, କମିଶନର ଅନାମ ପାତ୍ର, ବାରବାଟୀ-କଟକ ବିଧାୟକ ସୋଫିଆ ଫିର୍ଦ୍ଦୋଶ, କଟକ ସଦର ବିଧାୟକ ପ୍ରକାଶ ସେଠୀ, ଚୌଦ୍ୱାର – କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ନିଆଳି ବିଧାୟକ ଛବି ମଲ୍ଲିକ୍, ସଚିବ ଅନୁ ଗର୍ଗ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପ୍ରମୁଖ ଯୋଗଦେଇ ବାଲିଯାତ୍ରାର ଗରିମାମୟ ଐତିହ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶ୍ରୀଲଙ୍କା, ବାଂଲାଦେଶ, ଥାଇଲାଣ୍ଡ, ଲାଓ ପିଡିଆର, ଭୁଟାନ, ସିଙ୍ଗାପୁର, ନେପାଳ, ମାଲେସିଆ, ଇଣ୍ଡୋନେସିଆ, ନାଉରୁ, ସୋଲୋମନ ଆଇଲାଣ୍ଡ, ନ୍ୟୁଜିଲାଣ୍ଡ, ଫିଜି, ଟିମୋର ଲେସେ ଏବଂ ବ୍ରୁର୍ଣ୍ଣେଇ ଆଦି ୧୪ ଟି ଦେଶର ରାଷ୍ଟ୍ରଦୂତ ମଞ୍ଚରେ ଉପସ୍ଥିତ ଥିଲେ । ଏଥିପୂର୍ବରୁ ମୁଖ୍ୟମନ୍ତ୍ରୀ ଓ ଉପ ମୁଖ୍ୟମନ୍ତ୍ରୀ ଓରମାସ୍‌ର ବିଭିନ୍ନ ଷ୍ଟଲ୍ ବୁଲି ଦେଖିଥିଲେ । ସୂଚନାଥାଉକି ନଭେମ୍ବର ୧୫ ତାରିଖରୁ ଆରମ୍ଭ ହୋଇଥିବା ଏହି ବାଲିଯାତ୍ରା ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ବାଲିଯାତ୍ରା ଉତ୍ସବରେ ୮ଟି ଦେଶର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ । ଚଳିତ ବର୍ଷ ବାଲିଯାତ୍ରା ଉପର ଓ ତଳ ପଡିଆକୁ ମିଶାଇ ୩୨ ଏକର ପରିମିତ ଜାଗାରେ ୨୫ ଶହରୁ ଅଧିକ ଷ୍ଟଲ୍ କରାଯାଇଛି । ସେଥିମଧ୍ୟରୁ ଓରମାସରେ ରହିଛି ୫୦୦ ଷ୍ଟଲ। ବିଶେଷ କରି ମହିଳା ଉଦ୍ୟୋଗୀମାନଙ୍କୁ ସେମାନଙ୍କ ସାମଗ୍ରୀ ପ୍ରଦର୍ଶନ ଓ ବିପଣନ ନିମନ୍ତେ ଓରମାସରେ ପ୍ରାଧାନ୍ୟ ଦିଆଯାଇଛି। ଓରମାସ୍‌ରେ ପିଠା ମହୋତ୍ସବ, ମାଟି ପାତ୍ର ତିଆରି ଏବଂ ତନ୍ତ ବୁଣା ଆଦି ମଧ୍ୟ ପ୍ରଦର୍ଶନ କରାଯାଇଛି । ତେବେ ଚଳିତଥର ୭ଟି ଆନ୍ତର୍ଜାତୀୟ ଷ୍ଟଲ ମଧ୍ୟ ସ୍ଥାନ ପାଇଛି। ବାଲିଯାତ୍ରାରେ ଭିଡକୁ ନିୟନ୍ତ୍ରଣ କରିବା ନିମନ୍ତେ ଚଳିତଥର ତଳ ପଡିଆରେ ୩ଟି ମୁଖ୍ୟ ପ୍ରବେଶ ଦ୍ୱାର ଏବଂ ଗୋଟିଏ ଜରୁରିକାଳୀନ ପ୍ରବେଶ /ପ୍ରସ୍ଥାନ ଦ୍ୱାର ଖୋଲାଯିବା ସହ ପଡିଆ ମଧ୍ୟରେ ଗମନାଗମନ ନିମନ୍ତେ ୪ଟି ରାସ୍ତା କରାଯାଇଛି। ଏଥିସହ ରାସ୍ତା କଡରେ ଉଠାଦୋକାନୀମାନଙ୍କୁ ବ୍ୟବସାୟ କରିବା ନିମନ୍ତେ ବାରଣ କରାଯାଇଛି। ଧୂଳି ନିୟନ୍ତ୍ରଣ କରିବା ନିମନ୍ତେ ରାସାୟନିକ ମିଶ୍ରଣ ସ୍ପ୍ରେ କରାଯାଉଛି। ମନୋରଞ୍ଜନ ନିମନ୍ତେ ବଲିଉଡ୍ ନାଇଟ୍ ସହ ଲେଜର ଶୋ, ଡ୍ରୋନ୍ ଶୋ, କାଇଟ୍ ଫେଷ୍ଟିଭାଲ ଆଦି ବ୍ୟବସ୍ଥା କରାଯାଇଛି। ପଡିଆର ପରିମଳ ପ୍ରତି ବିଶେଷ୍ଧ୍ୟାନ ଦିଆଯିବା ସହ ୩୮୫ଟି ଶୌଚାଳୟ ବ୍ୟବସ୍ଥା କରାଯାଇଛି। ପ୍ରଥମ ସନ୍ଧ୍ୟାରେ ଗଣକବି ବୈଷ୍ଣବ ପାଣି ମଞ୍ଚରେ ବାଲି, ଇଣ୍ଡୋନେସିଆ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କଟକ ଇନ୍ କଟକରେ ଓଡିଆ ଅସ୍ମିତା ସ୍ୱରୁପ ସୀତା ବିବାହ, ଗପ ହେଲେବି ସତ, ଚିହ୍ନା ଅଚିହ୍ନା, ହୀରାଲୀଳା ଭଳି ଲୋକପ୍ରିୟ ଓଡିଆ ଚଳଚିତ୍ର ପ୍ରଦର୍ଶିତ ହେବ । ପ୍ରଶାସନ ପକ୍ଷରୁ ୩୮୫ଟି ଶୌଚାଳୟ ବ୍ୟବସ୍ଥା କରାଯାଇଥିବାବେଳେ ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀକୁ ମଧ୍ୟ ନିଯୁକ୍ତି କରାଯାଇଛି । ବୟସ୍କ ଏବଂ ଭିନ୍ନକ୍ଷମମାନଙ୍କ ନିମନ୍ତେ ଇ ରିକ୍ସା ବ୍ୟବସ୍ଥା କରାଯାଇଛି। ପଡିଆ ମଧ୍ୟରେ ବିଭିନ୍ନ ସ୍ଥାନରେ ସ୍ୱଚ୍ଛ ପାନୀୟ ଜଳର ମଧ୍ୟ ବ୍ୟବସ୍ଥା କରାଯାଇଛି। ନଦୀ କୂଳରେ ଜନସାଧାରଣଙ୍କ ସୁରକ୍ଷା ନିମନ୍ତେ ଓଡ୍ରାଫ ଓ ଅଗ୍ନିଶମ ବାହିନୀ ମଧ୍ୟ ସଜାଗ ରହିଛି। କଟକ ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ ।

### ବିର୍ସା ମୁଣ୍ଡାଙ୍କ...

ନରେନ୍ଦ୍ର ମୋଦୀଜୀ ବିହାରର ଜାମୁଇଠାରେ ଉପସ୍ଥିତ ରହି 'ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଯୋଜନା' ଅଧୀନରେ ଅନେକ କଲ୍ୟାଣକାରୀ ପ୍ରକଳ୍ପର ଶୁଭାରମ୍ଭ କରୁଛନ୍ତି। ଏହି ଅଭିଯାନର ମୂଳ ଲକ୍ଷ୍ୟ ରହିଛି ଜନଜାତି ସମ୍ପ୍ରଦାୟଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ଜୀବନ ଜୀବିକା ଓ ଭିତ୍ତିଭୂମି କ୍ଷେତ୍ରରେ ରହିଥିବା ତାରତମ୍ୟକୁ ଦୂରକରି ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା। ଓଡିଶାର ୨୭ଟି ଜିଲ୍ଲାର ୭ ହଜାର ୬ ଶହ ୬୭ଟି ଗ୍ରାମକୁ ଏହି ଅଭିଯାନରେ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ଏହି ଅଭିଯାନର ସଫଳ ରୂପାୟନ ପାଇଁ ଆମେ ସକ୍ରିୟଭାବେ କାମ କରୁଛୁ। ଏହି ସମସ୍ତ ଗ୍ରାମରେ ସ୍ୱତନ୍ତ୍ର ଗ୍ରାମସଭା ଆୟୋଜନ କରାଯାଇଛି। ମୁଖ୍ୟମନ୍ତ୍ରୀ ଜନଜାତିଙ୍କ ଉନ୍ନତି ଓ କଲ୍ୟାଣ ପାଇଁ ୧୫୩୫ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ରଖିଛନ୍ତି। ଏଥିରେ ୧୬ଟି ଆଶ୍ରମ ସ୍କୁଲକୁ ହାଇସ୍କୁଲକୁ ଉନ୍ନୀତ କରାଯିବ। ପ୍ରତ୍ୟେକ ସ୍କୁଲ ପିଛା ୧୫କୋଟି ଟଙ୍କା ଭାବରେ ସମୁଦାୟ ୨୪୦ କୋଟି ଟଙ୍କା ବିନିଯୋଗ କରାଯିବ। ସେହିପରି ୧୩ଟି ମାଧ୍ୟମିକ ବିଦ୍ୟାଳୟକୁ ମଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ କରାଯିବ। ଏଥିପାଇଁ ପ୍ରତ୍ୟେକ ସ୍କୁଲ ପିଛା ୨୨ କୋଟି ଟଙ୍କା ହିସାବରେ ୨୮୬ କୋଟି ଟଙ୍କା ବିନିଯୋଗ ହେବ। ୪୨୬ଟି ପ୍ରାଥମିକ ବିଦ୍ୟାଳୟ ହଷ୍ଟେଲ ନିର୍ମାଣ ପାଇଁ ୮୫୨ କୋଟି ଟଙ୍କା ଖର୍ଚ୍ଚ କରାଯିବ। ସେହିପରି ଭୁବନେଶ୍ୱରର ଗୋଠପାଟଣା ଠାରେ ଜନଜାତି ସଂସ୍କୃତି ଓ ଐତିହ୍ୟ ଭବନ ନିର୍ମାଣ ପାଇଁ ୧୦୦ କୋଟି ଟଙ୍କା ବିନିଯୋଗ କରାଯିବ। ଗୋଠପାଟଣା ଠାରେ ଜନଜାତି ଭାଷା ପ୍ରତିଷ୍ଠାନ ନିର୍ମାଣ ପାଇଁ ୫୦ କୋଟି ଟଙ୍କା ଓ ଜନଜାତି ଅସ୍ମିତା ଭବନ ନିର୍ମାଣ ପାଇଁ ୪ କୋଟି ଟଙ୍କା ବିନିଯୋଗ କରାଯିବ। ସେହିପରି ୫ଟି ବହୁମୁଖୀ କେନ୍ଦ୍ର ନିର୍ମାଣ ପାଇଁ ମଧ୍ୟ ୩ କୋଟି ଟଙ୍କା ବିନିଯୋଗ କରାଯିବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ସରକାର ଜନଜାତି ସମ୍ପ୍ରଦାୟଙ୍କ ଉଚ୍ଚ ପରମ୍ପରା ଓ ଐତିହ୍ୟର ସୁରକ୍ଷା ପାଇଁ ପ୍ରତିବଦ୍ଧ ଅଛନ୍ତି। ଜନଜାତି ସମ୍ପ୍ରଦାୟଙ୍କ ସର୍ବାଙ୍ଗୀନ ବିକାଶ ଲାଗି ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ଜଙ୍ଗଲ ଜମି ଅଧିକାର ପ୍ରଦାନ ବଳରେ ସେମାନଙ୍କୁ ସଶକ୍ତ କରାଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜଙ୍ଗଲ ଜମି ଅଧିକାର ଆଇନ୍ ବଳରେ ରାଜ୍ୟର ୮ଟି ବିଶେଷ ଅନୁନ୍ନତ ଜନଜାତି ବା ପିଭିଟିଜି ବର୍ଗଙ୍କୁ ବସବାସର ଅଧିକାର ପ୍ରଦାନ କରିଥିଲେ। ପିଭିଟିଜି ବର୍ଗଙ୍କୁ ହାବିଟାଟ୍ ରାଇଟ୍‌ସ ପ୍ରଦାନ କରିବାରେ ଓଡିଶା ଉଲ୍ଲେଖନୀୟ କୃତିତ୍ୱ ହାସଲ କରି ସର୍ବ ଭାରତୀୟ ସ୍ତରରେ ରେକର୍ଡ କରିଛି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଦିବାସୀ ମାନଙ୍କ ସାମଗ୍ରିକ ବିକାଶ ଉପରେ ଆମ ସରକାର ଗୁରୁତ୍ୱ ଦେଉଛନ୍ତି। ଆଦିବାସୀ ଛାତ୍ରଛାତ୍ରୀ ମାନଙ୍କ ଡ୍ରପ୍ ଆଉଟ୍ ହାର ରୋକିବା ପାଇଁ ଆମ ସରକାର 'ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା' ପ୍ରଣୟନ କରିବାକୁ ଯାଉଛନ୍ତି। ଏହା ସହିତ ଆଦିବାସୀ ଅଞ୍ଚଳରେ ପିଲାଙ୍କ ପାଇଁ ହଷ୍ଟେଲ ନିର୍ମାଣ, ସିଡୁଲ୍ ଅଞ୍ଚଳରେ ପେସା ଆଇନ କାର୍ଯ୍ୟକାରୀ କରିବା, ଗ୍ରାମ ସଭା ଗୁଡ଼ିକୁ ସକ୍ରିୟ କରିବା ପାଇଁ ମଧ୍ୟ ଆମ ସରକାର ପଦକ୍ଷେପ ନେଉଛି। ଏହି ଅବସରରେ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ, ନୂତନ ଓ ଅକ୍ଷୟ ଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଲେ ଯେ ବ୍ରିଟିଶ ସରକାରଙ୍କ ଉତ୍ପୀଡନ ବିରୋଧରେ ବିର୍ସା ମୁଣ୍ଡାଙ୍କ ସଂଗ୍ରାମ ଓ ବଳିଦାନ ସଦା ସର୍ବଦା ପ୍ରେରଣାଦାୟୀ ହୋଇ ରହିବ। ବିର୍ସା ମୁଣ୍ଡାଙ୍କ ତ୍ୟାଗକୁ ପୂର୍ବ ସରକାରମାନେ ଅବହେଳା କରୁଥିଲେ। ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ହେବା ପରେ ବିର୍ସାଙ୍କ ସ୍ମୃତିକୁ ଉଜ୍ଜିବୀତ ରଖିବା ପାଇଁ ତାଙ୍କ ଜୟନ୍ତୀକୁ ଜନଜାତୀୟ ଗୌରବ ଦିବସ ରୂପେ ପାଳନ କରାଯିବା ସହିତ ଆଦିବାସୀଙ୍କ ବିକାଶ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଉଛି। ସେ କହିଥିଲେ ଯେ ପି.ଏମ୍ ଜନମନ୍ ଯୋଜନାରେ ୧୮ଟି ରାଜ୍ୟରେ ଆଦିବାସୀ ଅଞ୍ଚଳରେ ସୌରଶକ୍ତି ମାଧ୍ୟମରେ ବିଜୁଳି ଯୋଗାଇ ଦିଆଯାଉଛି। ଅନ୍ୟତମ ଅତିଥି ଭାବେ କେନ୍ଦ୍ର ଶକ୍ତି, ନୂତନ ଓ ଅକ୍ଷୟ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ନାଏକ କହିଲେ ଯେ ଭଗବାନ ବିର୍ସା ମୁଣ୍ଡା ଜନଜାତି ସମାଜର ବନ୍ଧନକୁ ସୁଦୃଢ଼ କରିବା ସହିତ ସେମାନଙ୍କ ଉନ୍ନତି ପାଇଁ ଯେଉଁ ଉଦ୍ୟମ କରିଯାଇଛନ୍ତି ତା'ର ତୁଳନା ନାହିଁ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ପ୍ରମୁଖ ବିର୍ସା ମୁଣ୍ଡାଙ୍କ ଅବଦାନକୁ ସ୍ମରଣ କରିବା ସହିତ ଆଦିବାସୀ ମାନଙ୍କ ଉନ୍ନତି ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଅନୁସୂଚିତ ଜନଜାତି ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଐତିହ୍ୟ ଚୁଡଙ୍ଗଗଡ଼ ବାରଙ୍ଗ ମହୋତ୍ସବ ଉଦ୍‌ଘାଟିତ



ବାରଙ୍ଗ(ଭାସ୍କର ନ୍ୟୁଜ): ବାରଙ୍ଗସ୍ଥିତ ମେଡିକାଲ ଛକ ନିକଟରେ ବାରଙ୍ଗର ଐତିହ୍ୟ ଚୁଡଙ୍ଗଗଡ଼ ସପ୍ତମ ବାର୍ଷିକ ମହୋତ୍ସବ-୨୦୨୪ ଉଦଘାଟିତ ହୋଇଯାଇଛି। ମହୋତ୍ସବ କମିଟିର ସଭାପତି ତୁଷାରକାନ୍ତ ଚକ୍ରବର୍ତ୍ତୀ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ବୈଦ୍ୟୁତିକ ଓ ସୂଚନା ବୈଷୟିକ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ଯୋଗଦେଇ ଅନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ମହୋତ୍ସବର ଉଦଘାଟନ କରିବା ସହ ମହୋତ୍ସବ ଫଳରେ ଭାଇଚାରା ଅତୁଟ ରୁହେ ବୋଲି କାହିଥିଲେ। ମୁଖ୍ୟ ବକ୍ତାଭାବେ ରେଭେନ୍ସା ବିଶ୍ୱ ବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ ନାୟକ ଓ ସମ୍ମାନିତ ଅତିଥିଭାବେ ନିଆଳି ବିଧାୟକ ଛବି ମଲ୍ଲିକ, ଶିଳ୍ପପତି ମୋହନ କୁମାର ଝୁନ୍‌ଝୁନ୍‌ୱାଲା ଯୋଗ ଦେଇଥିଲେ। ଅତିଥିମାନେ ଚୁଡଙ୍ଗ ଗଡର ପୁନଃରୁଦ୍ଧାର ପାଇଁ ସମସ୍ତେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଉପଦେଷ୍ଟା ବସନ୍ତ ମହାପାତ୍ର,ସମ୍ପାଦକ ଦିପକ ସ୍ୱାଇଁ ପ୍ରମୁଖ କର୍ମକର୍ତ୍ତାମାନେ ପରିଚାଳନରେ ସହଯୋଗ କରିଥିଲେ ।ବାରଙ୍ଗ ତଥା ବାଙ୍କୀ ଅଞ୍ଚଳର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶିକ୍ଷାବିତ୍, ସମାଜ ସେବୀ,କୃତି ଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମନୋରଞ୍ଜନ ପାଇଁ ମିନା ବଜାର ସହ ଦୋଳି,ନାମିଦାମୀ କଳାକାରଙ୍କ ଯୋଗଦାନ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମେଲୋଡି ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ପ୍ରଥମେ ଭୋର ସାଢ଼େ୫ଟା ସମୟରେ ବ୍ଲକ ଛକ ସମ୍ମୁଖ ଆବହାନ କାଳର ପ୍ରାଚୀ ନଦୀ ଯାହାକି ବର୍ତ୍ତମାନ ପୁରୀ ମୁଖ୍ୟ କେନାଲରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସୁସଜ୍ଜିତ ବୋଇତକୁ ସାଧବ ବୋହୂ ଯୁବତୀମାନେ ପାରମ୍ପରିକ ନୀତିରେ ବନ୍ଦାପନା କରି ପ୍ରବାହିତ ହେଉଥିବା ଜଳରାଶିରେ ବୋଇତକୁ ଭସାଇ ଦେଇଥିଲେ । ଭାସି ଭାସି ଯାଉଥବା ଦୃଶ୍ୟଟି ଦର୍ଶକଙ୍କ ସାଧବ ପୁଅଙ୍କଙ୍କର ନୌବାଣିଜ୍ୟ ପରମ୍ପରାକୁ ମନେ ପକାଇଥିଲେ । ଏହି ମହୋତ୍ସବ ଆସନ୍ତା ୧୮ତାରିଖ ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟକ୍ରମ ରହିଛି।

## ବାର୍ଷିକ ଶିଶୁ ସମ୍ବର୍ଦ୍ଧନା ଉତ୍ସବ
# 'ଶିଶୁର ବିକାଶରେ ସମାଜର ପ୍ରଗତି'



ବୋଲଗଡ (ଭାସ୍କର ନ୍ୟୁଜ): ବୋଲଗଡ ଶିକ୍ଷା ବ୍ଲକ ଅନ୍ତର୍ଗତ ଟାଙ୍ଗୀସାହି ସ୍ଥିତ ମଲ୍ଟି ଆଇଡ଼ିଆଲ କୋଚିଂ ସେଣ୍ଟର ଆନୁକୂଲ୍ୟରେ ପଞ୍ଚାୟତ ସ୍ତରୀୟ ବାର୍ଷିକ ଶିଶୁ ସମ୍ବର୍ଦ୍ଧନା ଉତ୍ସବ ଆଦର୍ଶ ଶିକ୍ଷା କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଥିଲା । ଏହି ବାର୍ଷିକ ଶିଶୁ ମହୋତ୍ସବରେ ଶିକ୍ଷାବିତ୍ ପର୍ଶୁରାମ ମୁଦୁଲିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ, ମୁଖ୍ୟ ବକ୍ତା ଭାବେ ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ଯାଜ୍ଞସେନୀ ସାହୁ ଓ ସମ୍ମାନିତ ଅତିଥିଭାବେ ପ୍ରଧାନ ଶିକ୍ଷକ ପ୍ରଭାକର ସାହୁ, ପୂର୍ବତନ ପ୍ରଧାନ ଶିକ୍ଷକ ବାସୁଦେବ ବେହେରା, ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ବେହେରା, ଭଏସ ମେଡ଼ିଆ ସଂଘର ସଭାପତି ନିରଞ୍ଜନ ନାୟକ, ପୂର୍ବତନ ବ୍ଲକ ଅଧକ୍ଷ ବାନାମ୍ବର ମାଝୀ, ଅଧ୍ୟାପକ ଦିବାକର ରାଉତ, ଶିକ୍ଷାବିତ୍ ଆଲୋକ କୁମାର ସାମନ୍ତରାୟ, ଶିକ୍ଷକ ତ୍ରିନାଥ ଜେନା ପ୍ରମୁଖ ଯୋଗ ଦେଇଥିଲେ । ସମସ୍ତ ନିମନ୍ତ୍ରିତ ଅତିଥିମାନେ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ଫୁଲ, ଚନ୍ଦନ, ଧୂପ,ଦୀପ ଦେଇ ଓ ପ୍ରଦୀପ ପ୍ରଜ୍ୱଳନ କରି ଏହି କାର୍ଯ୍ୟକ୍ରମକୁ ଶୁଭ ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଶିକ୍ଷକ ମନ ମୋହନ କହଲସିଂହ ବେଦ ପାଠ କରିଥିଲେ ଓ ଶିକ୍ଷା ଅନୁଷ୍ଠାନର ଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ଶିକ୍ଷକ ସଂଗ୍ରାମ କେଶରୀ ମାଝୀ ଅତିଥି ପରିଚୟ ପ୍ରଦାନ କରି ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷା କେନ୍ଦ୍ରର ପ୍ରାଣ ପ୍ରତିଷ୍ଠାତା ଶିକ୍ଷାବିତ୍ ପର୍ଶୁରାମ ମୁଦୁଲି ସ୍ୱାଗତ ଭାଷଣ ଦେଇଥିଲେ । କୃତି ପ୍ରତିଯୋଗୀ ମାନଙ୍କୁ ସମସ୍ତ ନିମନ୍ତ୍ରିତ ଅତିଥିମାନେ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଶିକ୍ଷକ କାର୍ତ୍ତିକ ସ୍ୱାଇଁଙ୍କ ନୃତ୍ୟ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀ ମାନେ ବିଭିନ୍ନ ମନୋରଞ୍ଜନଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଶିକ୍ଷା ବିକାଶର ଚାବି କାଠି ଓ ଜୀବନର ମାନଦଣ୍ଡ ହୋଇଥିବାରୁ ପ୍ରତ୍ୟକ ଛାତ୍ରଛାତ୍ରୀ ମାନେ କଠିନ ପରିଶ୍ରମ କରି ଶିକ୍ଷାନୁଷ୍ଠାନ ଓ ପିତା ମାତା ମାନଙ୍କର ସମ୍ମାନ ରକ୍ଷା କରିବାକୁ ନିମନ୍ତ୍ରିତ ଅତିଥିମାନେ ଛାତ୍ର ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ଶିଶୁ ହସିଲେ ଦେଶ ହସିବ ଓ ଶିଶୁର ବିକାଶରେ ସମାଜର ପ୍ରଗତି ହେବ ବୋଲି ମୁଖ୍ୟ ଅତିଥି ବିଧାୟକ ପ୍ରଦୀପ କୁମାର ସାହୁ ସୂଚନା ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ ସତ୍ୟବାଦୀ ବିଶ୍ୱାଳ, ପ୍ରଭାତ କୁମାର ବେହେରା, ସୁବାଷ ଚନ୍ଦ୍ର ବିଶ୍ୱାଳ, କୃଷ୍ଣ ଚନ୍ଦ୍ର ମହାପାତ୍ର ଓ ଶିକ୍ଷୟିତ୍ରୀ ସୁଜାତା ବେହେରା, ରିମାରାଣୀ ବିଶ୍ୱାଳ ପ୍ରମୁଖ ସହଯୋଗ କରି ପରିଚାଳନା କରିଥିଲେ । ଶେଷରେ ଶିକ୍ଷକ ଜନ୍ମେଜୟ ମାଝୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜନ ଜାତୀୟ ଗୌରବ ଦିବସରେ ସ୍ୱାସ୍ଥ୍ୟ ମନ୍ତ୍ରୀ



ମାଲକାନଗିରି (ଭାସ୍କର ନ୍ୟୁଜ): ଧରତୀ ଆବା ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ଅବସରରେ ଡିଏନକେ ଖେଳ ପଡିଆ ଠାରେ ଜିଲ୍ଲା ସ୍ତରୀୟ ଜନ ଜାତୀୟ ଗୌରବ ଦିବସ ଅନୁଷ୍ଠିତ ହୋଇଯାଇଛି । ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଭାସୀ ମାଧ୍ୟମରେ ଯୋଗ ଦେଇ ସଭାକୁ ସମ୍ବୋଧିତ କରିଥିଲେ । ଏହି ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ସମାରୀ ଟାଙ୍ଗୁଲ, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଓ ସାଂସଦ ପ୍ରତିନିଧି ସଞ୍ଜୟ ସରକାର ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼ ମହାଲିଙ୍ଗ ବିର୍ସା ମୁଣ୍ଡାଙ୍କ ବୀରତ୍ୱର ଗାଥା ମନେ ପକାଇଥିଲେ। ସେ କହିଥିଲେ ରାଜ୍ୟ ସରକାର ମାଲକାନଗିରି ଜିଲ୍ଲା ତଥା ଏଠାରେ ବସବାସ କରୁଥିବା ଜନଜାତିଙ୍କ ସାମଗ୍ରିକ ବିକାଶ ସହ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ବଦ୍ଧ ପରିକର । ଜଙ୍ଗଲ ଜମି ଉପରେ କେବଳ ଆଦିବାସୀଙ୍କର ଅଧିକାର ରହିଛି ବୋଲି ସେ କହିଛନ୍ତି। ଆଜି ସ୍ୱାସ୍ଥ୍ୟ ବିଭାଗର ୨୪ ଟି ନୂତନ କୋଠା ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ ସହ ମାଥିଲି ଓ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟରେ ଦୁଇଟି ଡ଼ାଏଲେସିସ ୟୁନିଟର ଶିଳାନ୍ୟାସ କରିଛନ୍ତି। କୋଠା ନିର୍ମାଣ ନିମନ୍ତେ ୧୬୭ କୋଟି ଓ ଡ଼ାଏଲେସିସ ୟୁନିଟ ନିମନ୍ତେ ୧ କୋଟି ୧୪ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଏହା ସ୍ଥାପନ ହେବା ଦ୍ୱାରା ଜିଲ୍ଲାରେ ଚିକିତ୍ସା କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ହେବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ଜିଲ୍ଲା ଆଦିବାସୀ ମହସଂଘ ସମେତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଜନଜାତି ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଜୟଶ୍ରୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ତପନ ନାରାୟଣ ରଥ, ଜିଲ୍ଲା ମଙ୍ଗଳ ଅଧିକାରୀ, ଶ୍ରୀନିବାସ ଆଚାରୀ ଓ ଅର୍ଥ ପରିଚାଳକ ମାନସ ମିଶ୍ର ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ପରିଚାଳନା କରିଥିଲେ। ସୂଚନା ଯୋଗ୍ୟ ଗତବର୍ଷ ପିଏମ ଜନମନ ଯୋଜନା ମାଧ୍ୟମରେ ମାଲକାନଗିରି ଜିଲ୍ଲାର ୧୨୫ ଗୋଟି ଗ୍ରାମରେ ଆରମ୍ଭ କରାଯାଇଥିବା ଅନେକ କାର୍ଯ୍ୟକ୍ରମ ଚାଲୁରହିଛି । ଶିକ୍ଷା, ସ୍ୱାସ୍ଥ୍ୟ ଓ ଭିତ୍ତିଭୂମିର ଉନ୍ନତି ଅନେକ କାର୍ଯ୍ୟ ହାତକୁ ନିଆଯାଇଛି । ସମସ୍ତ ଜନଜାତିଙ୍କ ସର୍ବାଙ୍ଗିନ ଉନ୍ନତି ଲକ୍ଷ୍ୟ ନେଇ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଧରତି ଆବା ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ତଥା ଜନଜାତୀୟ ଗୌରବ ଦିବସ ପାଳନ ଅବସରରେ ଧରତି ଆବା- ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ନାମରେ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ୧୭ ଗୋଟି ମନ୍ତ୍ରାଳୟର ସହାୟତାରେ ୨୫ ଗୋଟି କାର୍ଯ୍ୟକ୍ରମ ହାତକୁ ନିଆଯିବ ଯାହା ପ୍ରାୟ ୬୬୦୦ କୋଟି ଟଙ୍କାର ପ୍ରକଳ୍ପକୁ ମାନ୍ୟବର ପ୍ରଧାନମନ୍ତ୍ରୀ ଜନଜାତିଙ୍କ କଲ୍ୟାଣ ନିମନ୍ତେ ଲୋକାର୍ପଣ କରିଛନ୍ତି ।

# ବାଲିଯାତ୍ରାରେ ରାଗିଲେ ମୁଖ୍ୟମନ୍ତ୍ରୀ

କଟକ (ଭାସ୍କର ନ୍ୟୁଜ): ଶୁକ୍ରବାର ଐତିହାସିକ କଟକ ବାଲିଯାତ୍ରାର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆନୁଷ୍ଠାନିକ ଭାବେ ଏହି ବିଶ୍ୱପ୍ରସିଦ୍ଧ ବାଲିଯାତ୍ରାର ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ପରେ ମୁଖ୍ୟମନ୍ତ୍ରୀ ବ୍ୟାଟେରୀ ଗାଡ଼ିରେ ବୁଲିଥିଲେ। ତେବେ ଗୋଟିଏ ଗାଡ଼ି ଥିବାରୁ ମୁଖ୍ୟମନ୍ତ୍ରୀ କ୍ଷୋଭ ପ୍ରକାଶ କରିବା ସହ ଗାଡ଼ିରୁ ଓହ୍ଲାଇ ପ୍ୟାଭିଲଅନରେ ଚାଲି ଚାଲି ଯାଇଥିଲେ। ଏହାକୁ ନେଇ ବେଶ୍ କିଛି ସମୟ ସେଠାରେ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଷ୍ଟଲ ବୁଲିବା ସହ ବାଲିଯାତ୍ରାର ଆକର୍ଷଣକୁ ଅନୁଭବ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କଟକ ସାଂସଦ ଭର୍ତ୍ତୃହରି ମହତାବ, ବାରବାଟୀ-କଟକ ବିଧାୟକ ସୋଫିଆ ଫିର୍ଦ୍ଦୋଶ ପ୍ରମୁଖ ସାମିଲ ରହିଥିଲେ।

OFFICE OF THE NOTIFIED AREA COUNCIL, ASKA ( GANJAM )
(Email: - askanac@gmail.com, Ph No: -06822-273068)
Letter No- 2982 Date- 14.11.2024
C-1009
QUOTATION CALL NOTICE
Sealed quotations are invited from the Registered Suppliers/Authorized dealers/Agencies for supply of following materials for the year of 2024-2025 of N.A.C Aska for construction and installation of **SWACHH STREET FOOD under "Swachhata Hi Seva" Program at Ward No 13, Coronation Park.** The rate of goods should be quotated with excluding all taxes. The construction works to be carried out at outside boundary of Coronation Park, Aska. The materials to be fitted in good condition. The area for construction of **SWACHH STREET FOOD** with in 57 square meter at the right side of entry gate of Coronation Park. The following items are required to be quotated per unit wise.

| S.L NO | NAME OF THE ITEM | QUANTITY | Rate(in Rs) |
|---|---|---|---|
| 1 | wooden style dinning set in concrete having 4 seat one table | 1 | |
| 2 | waste tyre chair 2.5 feet | 1 | |
| 3 | waste tyre triangle & waste glass bottle with GI frame including painting | 1 | |
| 4 | Bomboo style gate including two columns | 1 | |
| 5 | Boundary 9.5 meter in each side of bamboo style gate | 1 | |

The Tender paper cost of Rs.4720/- and EMD of Rs.10,000/- has to be deposited along with quotation paper in shape of DD in favour of "Executive Officer N.A.C Aska" payable at Aska. The quotation paper will be available in office hour except Govt. Holidays as follows.
**Sale of tender paper-14/11/2024 to 25/11/2024**
**Last date of submission of Tender Paper- 26/11/2024 at 12.00 Noon**
**Date of Opening of Tender Paper- 26/11/2024 at 4.00 P.M**
All the sealed quotations shall be opened in the Chamber of Chairperson Aska NAC in presence of the tenderers or their authorized representatives .The office is not responsible for absence of any firm representatives during opening of the quotations.
The authority reserves the right to reject or cancel any or all tenders without assigning any reason thereof.
Sd/- Executive Officer, NAC, Aska
OIPR 13181/11/0003/2425

# ଲୁଗା ଦୋକାନରେ ନିଆଁ
# ଜଳିଗଲେ ମାଲିକ

ଜଟଣୀ/ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଦୋକାନରେ ବସିଥିଲେ ମାଲିକ। ହଠାତ୍ ଲାଗିଗଲା ନିଆଁ। ଜଳିଗଲା ଲକ୍ଷାଧିକ ଟଙ୍କାର ଲୁଗା। ଆଉ ନିଆଁରେ ପୋଡ଼ିହୋଇ ଚାଲିଗଲା ମାଲିକଙ୍କ ଜୀବନ। ଏଭଳି ଏକ ମର୍ମନ୍ତୁଦ ଘଟଣା ଶୁକ୍ରବାର ଖୋର୍ଦ୍ଧା ଜିଲ୍ଲା ଜଟଣୀ ରାଜାବଜାରରେ ଘଟିଛି। ଶୁକ୍ରବାର ଅପରାହ୍ନ ୩ଟାରେ ରାଜା ବଜାରରେ ଥିବା ସୂର୍ଯ୍ୟ ମହାପାତ୍ରଙ୍କ ଲୁଗା ଦୋକାନରେ ହଠାତ୍ ନିଆଁ ଲାଗି ଯାଇଥିଲା। ଚାହୁଁ ଚାହୁଁ ନିଆଁ ଚାରିଆଡକୁ ବ୍ୟାପି ଯାଇଥିଲା। ଖବର ପାଇ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଲିଭାଇବା ପାଇଁ ଉଦ୍ୟମ କରିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ। ତେବେ ସ୍ଥାନୀୟ ଲୋକେ ଦୋକାନ ମାଲିକ ଶ୍ରୀ ମହାପାତ୍ରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ତେବେ କେଉଁ କାରଣରୁ ନିଆଁ ଲାଗିଲା ତାହା ଅସ୍ପଷ୍ଟ ରହିଛି। ପୋଲିସ ଓ ଅଗ୍ନିଶମବାହିନୀ ମିଳିତ ଭାବେ ତଦନ୍ତ ଜାରି ରଖିଛନ୍ତି। ଏହି ଘଟଣା ଜଟଣୀ ବ୍ୟବସାୟୀ ମହଲରେ ଗଭୀର ଶୋକର ଛାୟା ଖେଳାଇ ଦେଇଛି। ତାଙ୍କ ସ୍ମୃତିରେ ଗୋଟିଏ ଦିନ ଦୋକାନ ବନ୍ଦ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି।

MUTHOOT FINCORP LTD. | ସୁନା ନିଲାମୀ ନୋଟିସ୍
Regd. Office: Muthoot Centre, TC No 27/3022, Punnen Road, Thiruvananthapuram, Kerala, India - 695001.
CIN: U65929KL1997PLC011518, Ph: +91 471 4911400, 2331427
ଏତଦ୍ୱାରା ଜଣାଇଦିଆଯାଉଛି ବନ୍ଧା ରଖାଯାଇଥିବା ସୁନା ଗହଣା ଅତିଦେୟ ଯାହା ଅବଧି 31.12.2023 & MSGL, SPL.16, One plus, Guide Prepaid, Super value, ADGL and all other 6 months tenure Gold loans up to 31.03.2024 and MSGB, SME Suvarna & EMI due up to 30.09.2024 ପର୍ଯ୍ୟନ୍ତ କମ୍ପାନୀର ଉଲ୍ଲେଖିତ ଶାଖା ଦ୍ୱାରା ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ, ବର୍ତ୍ତମାନ ସୁଦ୍ଧା ମୁକୁଳାଯାଇନାହିଁ, ସମସ୍ତ ସମ୍ବନ୍ଧିତ ପକ୍ଷଙ୍କ ସୂଚନା ପାଇଁ ଜଣାଇଦିଆଯାଉଛି 26.11.2024 ସକାଳ ୧୦ ଟା ସମୟରୁ ନିଲାମ ପ୍ରକ୍ରିୟା ଆରମ୍ଭ କରାଯିବ ।
**ANGUL DISTRICT - ANGUL:** 413300126, 413300154, 413300180, 413300189, 413300213, 413300250, 413300256, 413300279, 413300321, 413300338, 413300342, 413300398, 413300399, 413300416, 413300419, 413300427, 413300429, 413300434, 413300447, 413300451, 413300454, 413300467, 413300468. **DHENKANAL DISTRICT - DHENKANAL:** 409600186, 409600238, 409600264, 409600304, 409600317, 409600421, 409600434, 409600443, 409600521, 409600552, 409600577, 409600635, 409600646, 409600672, 409600676, 409600687, 409600697, 409600700, 409600702, 409600712, 409600722, 409600728, 409600746, 409600748, 409600749, 409600750, 409600761, 409600763, 409600766, 409600767, 409600775, 409600776, 409600784, 409600786, F12365, F7497, F8408. **JAJPUR DISTRICT - CHANDIKHOL:** 410400245, 410400246, 410400253, 410400329, 410400390, 410400408, 410400464, 410400470, 410400486, 410400504, 410400563, 410400582, 410400587, 410400596, 410400609, 410400627, 410400678, 410400700, 410400703, 410400711, 410400714, 410400724, 410400728, 410400732, 410400733, 410400737, 410400745, 410400749, 410400770, 410400771, 410400774, 410400779, 410400783, 410400789, 410400793, 410400796, 410400801, 410400802, 410400803, 410400810, F10482, F10483, F10485, F9901. **JAJPUR ROAD:** 398200165, 398200315, 398200328, 398200414, 398200529, 398200568, 398200571, 398200580, 398200590, 398200596, 398200627, 398200628, 398200629, 398200639, 398200651. **PURI DISTRICT - NIMAPARA:** 398600201, 398600219, 398600226, 398600229, 398600252, 398600334, 398600411, 398600438, 398600450, 398600451, 398600469, 398600471, 398600506, 398600526, 398600551, 398600587, 398600660, 398600668, 398600672, 398600677, 398600680, 398600686, 398600687, 398600689, 398600697, 398600704, 398600708, 398600709, 398600711, 398600722, 398600727, 398600729, 398600731, 398600738, 398600740, 398600747, 398600757, 398600758, 398600759, 398600761, 398600765, 398600771, 398600774, 398600781, 398600784. **PIPILI:** 425500115, 425500118, 425500120, 425500141, 425500272, 425500286, 425500292, 425500294, 425500295, 425500339, 425500373, 425500401, 425500436, 425500452, 425500465, 425500469, 425500472, 425500473, 425500474, 425500486, 425500487, 425500488, 425500492, 425500494, 425500495, 425500502, 425500504, 425500505, 425500507, 425500510, 425500512, 425500538, 425500543, 425500544, 425500545, 425500554. **PURI:** 398500235, 398500326, 398500441, 398500471, 398500473, 398500503, 398500520, 398500564, 398500601, 398500613, 398500629, 398500630, 398500636, 398500642, 398500654, 398500660, 398500669, 398500681, 398500689, 398500693, 398500701, 398500704, 398500706, 398500708, 398500709, 398500714, 398500720, 398500726, 398500729, 398500730, F11828, F7919, F8807, F8958, F9283.
ନିଲାମ ସମ୍ବନ୍ଧିତ ଆୟୋଜନ ଶାଖାରେ କରାଯିବ, ଯଦି କୌଣସି କାରଣ ବଶତଃ ନିଲାମୀ ହୋଇନପାରିଲା, ତେବେ 06.12.2024 ସକାଳ ୧୦ **DHENKANAL:** Muthoot FinCorp Ltd., First Floor, Plot No.-2820/5920, Khathyan No.-503, Main Bazar, Opposite Mahavir Mandir, Dhenkanal - 759001. **ANGUL:** Muthoot FinCorp Ltd., First Floor, Plot No -24/1456/2713, Kahatian No 413/472, Besides Federal Bank, Sankar Cinema Road, Angul Town, District- Angul, Odisha - 759122. **JAJPUR ROAD:** Muthoot FinCorp Ltd., First Floor, Plot No 384, Bank Street, Opposite Bharat Gas, Padampur, Jajpur Road, Orissa - 755019. **PURI:** Muthoot FinCorp Ltd., First Floor, Above Odisha Gramya Bank, Plot No - 935, Grand Road, Daitapadasahi, Opposite Bagala Dharmasala, Puri, Orissa - 752001. ରେ ଆୟୋଜନ କରାଯିବ । ନିଲାମୀଦାତାଙ୍କୁ ଅନୁରୋଧ ସେମାନେ ନିଜ ଫଟୋ ଆଇଡି କାର୍ଡ, ପ୍ୟାନ୍ କାର୍ଡ ଜମା କରାନ୍ତୁ । ସଫଳ ନିଲାମୀଦାତା ଆରଟିଜିଏସ୍ ମାଧ୍ୟମରେ ରାଶି ହସ୍ତାନ୍ତର କରିବାକୁ ଅନୁରୋଧ ।
MUTHOOT FINCORP LTD.

# ଜାତୀୟ ଓ ଅନ୍ତର୍ଜାତୀୟ




ନୂଆଦିଲ୍ଲୀ: ବିମାନ କମ୍ପାନୀ ବୋଇଂ ପକ୍ଷରୁ ୧୭ ହଜାର କର୍ମଚାରୀଙ୍କୁ ଛଟେଇ କରିବ । ଏଥିପାଇଁ କମ୍ପାନୀ ପକ୍ଷରୁ କର୍ମଚାରୀଙ୍କୁ ନୋଟିସ ଦେବା ଆରମ୍ଭ ହୋଇଛି । ଆସନ୍ତା ଜାନୁଆରୀ ମାସ ମଧ୍ୟଭାଗରୁ ଏହା କାର୍ଯ୍ୟକାରୀ ହେବ । ସାରା ବିଶ୍ୱରେ କମ୍ପାନୀର ବିଭିନ୍ନ ୟୁନିଟରେ ନିୟୋଜିତ ୧ ଲକ୍ଷ ୭୦ ହଜାର କର୍ମଚାରୀଙ୍କ ମଧ୍ୟରୁ ୧୦ ପ୍ରତିଶତ କର୍ମଚାରୀ ହ୍ରାସ କରି ଆର୍ଥିକ ସ୍ଥିତିରେ ସ୍ଥିରତା ଆଣିବା ଲକ୍ଷ୍ୟରେ କମ୍ପାନୀ ଏହି ପଦକ୍ଷେପ ନେଇଛି । ଫଳରେ ୧୭ ହଜାର କର୍ମଚାରୀ ଚାକିରି ହରାଇବା ଏକପ୍ରକାର ନିଶ୍ଚିତ ହୋଇଛି । କମ୍ପାନୀର ଅଧିକାଂଶ କର୍ମଚାରୀ ଦକ୍ଷିଣ କାରୋଲିନା ଏବଂ ୱାଶିଂଟନରେ ଥିବା ମାନୁଫାକ୍ଚରିଂ କାରଖାନାରେ କାର୍ଯ୍ୟରତ ଅଛନ୍ତି । ପୂର୍ବରୁ ମଧ୍ୟ କମ୍ପାନୀ ଏ ନେଇ ଘୋଷଣା କରିଥିବା ବେଳେ ଏ ଦିଗରେ ପଦକ୍ଷେପ ନିଆଯିବା ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କେଲି ଓର୍ଟବର୍ଗ କହିଛନ୍ତି ।

ଧୂଆଁମୟ ଦିଲ୍ଲୀ

## ଅନ୍‌ଲାଇନ୍‌ରେ ଚାଲିବ ପାଠପଢ଼ା



ନୂଆଦିଲ୍ଲୀ: ଚରମରେ ପହଞ୍ଚିଛି ଦିଲ୍ଲୀରେ ବାୟୁ ପ୍ରଦୂଷଣ । ଜାତୀୟ ରାଜଧାନୀର ବାୟୁମଣ୍ଡଳକୁ ଆଚ୍ଛାଦିତ କରି ରଖିଛି ଧୂଆଁ ସାଙ୍ଗକୁ କୁହୁଡ଼ି । ଫଳରେ ରାସ୍ତାଘାଟ ଦେଖାଯାଉ ନ ଥିବାବେଳେ ନିଶ୍ୱାସ ନେବାକୁ କଷ୍ଟକର ହୋଇ ପଡ଼ିଲାଣି । ଏସବୁ ଦୃଷ୍ଟିରେ ରଖି ଅନଲାଇନରେ କ୍ଲାସ କରାଇବାକୁ ନିଷ୍ପତ୍ତି ନେଇଛନ୍ତି ଦିଲ୍ଲୀ ସରକାର । ଦିଲ୍ଲୀର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଅନଲାଇନ କ୍ଲାସ ଚାଲିବ । ଏନେଇ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶୀ ଏକ ପୋଷ୍ଟ ଯୋଗେ ସୂଚନା ଦେଇଛନ୍ତି । ସ୍ଥିତିରେ ସୁଧାର ନ ଆସିବା ପର୍ଯ୍ୟନ୍ତ ଅନଲାଇନ କ୍ଲାସ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଗତ ତିନି ଦିନ ହେବ ଦିଲ୍ଲୀର ବାୟୁ ଗୁଣବତ୍ତା ନିମ୍ନସ୍ତରକୁ ଖସି ଆସିଛି । ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ବା ବାୟୁ ଗୁଣବତ୍ତା ସୂଚକାଙ୍କ ୪୯୮ରେ ପହଞ୍ଚିଛି, ଯାହା ଅତ୍ୟନ୍ତ ଖରାପ । ଶୁକ୍ରବାର ସକାଳ ୭ଟା ସୁଦ୍ଧା ଦିଲ୍ଲୀ ହେଉଛି ବିଶ୍ୱର ଦ୍ୱିତୀୟ ପ୍ରଦୂଷିତ ସହର । ପ୍ରଥମରେ ପାକିସ୍ତାନର ଲାହୋର ରହିଛି । ଲାହୋରରେ ବାୟୁ ଗୁଣବତ୍ତା ସୂଚକାଙ୍କ ୭୭୦ । କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସମୀର ଆପ୍ ଅନୁଯାୟୀ, ଆଜି ସକାଳେ ଦିଲ୍ଲୀର ପାଞ୍ଚଟି ସହରରେ ପ୍ରଦୂଷଣର ମାତ୍ରା ସର୍ବାଧିକ ରହିଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ଶୁକ୍ରବାରଠାରୁ ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳରେ ଅନାବଶ୍ୟକ ନିର୍ମାଣ ଓ ଉଚ୍ଛେଦ କାମ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଦିଲ୍ଲୀ, ଗୁରୁଗ୍ରାମ, ଗାଜିଆବାଦ, ଫରିଦାବାଦ ଓ ଗୌତମବୁଦ୍ଧ ନଗରରେ ଜିଆରଏପି-୩ ଲାଗୁ ହୋଇଥିବାରୁ ପେଟ୍ରୋଲ ଚାଳିତ ବିଏସ-୩ ଓ ଡିଜେଲ ଚାଳିତ ବିଏସ-୪ ବର୍ଗର ଗାଡ଼ି ଚାଳନା ଉପରେ ରୋକ୍ ଲଗାଯାଇଛି । କିନ୍ତୁ ଜାତୀୟ ସୁରକ୍ଷା, ସ୍ୱାସ୍ଥ୍ୟ ଓ କିଛି ନିର୍ଦ୍ଦିଷ୍ଟ ସର୍ବସାଧାରଣ ନିର୍ମାଣ ଉପରେ କୌଣସି କଟକଣା ରଖାଯାଇ ନାହିଁ । ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ପରିବେଶରେ ଉଡୁଥିବା ଧୂଳି କଣାକୁ ରୋକିବା ପାଇଁ ଜିଆରଏପି-୩ର ତୃତୀୟ ପର୍ଯ୍ୟାୟରେ ରାସ୍ତା ସଫା କରିବା ପାଇଁ ଅତ୍ୟାଧୁନିକ ମେସିନ ଓ ପାଣି ସିଞ୍ଚନ ବ୍ୟବସ୍ଥା ହେବ । ଜରୁରୀ ସେବାକୁ ଛାଡ଼ି ଦେଲେ ଡିଜେଲ ଚାଳିତ ଜେନେରେଟର ବ୍ୟବହାର ହୋଇପାରିବ ନାହିଁ । ବଡ଼ ବଡ଼ ପ୍ରୋଜେକ୍ଟ ଓ ଗ୍ୟାସ କଟିଂ ଉପରେ ରୋକ୍ ଲଗାଯାଇଛି । କିନ୍ତୁ ମେକାନିକାଲ, ଇଲେକ୍ଟ୍ରିକାଲ ଓ ପାଣି ପାଇପ ଜନିତ ଛୋଟ ଛୋଟ ପ୍ରୋଜେକ୍ଟକୁ କଟକଣାରୁ ବାଦ୍ ଦିଆଯାଇଛି । ସେହିପରି ପେଣ୍ଟିଂ, ପଲିସିଂ ଓ ରଙ୍ଗ ଦେବା କାମ କରାଯାଇ ପାରିବ । ଘର ଭିତରେ ଛୋଟ ଧରଣର ସିମେଣ୍ଟ ଓ ରଙ୍ଗ ଦେବା କାମ କରାଯାଇ ପାରିବ । ଦିଲ୍ଲୀରେ ବାୟୁ ପ୍ରଦୂଷଣର ମୁଖ୍ୟ କାରଣ ହେଉଛି ଗାଡ଼ି-ମୋଟରରୁ ନିର୍ଗତ ଧୂଆଁ ସାଙ୍ଗକୁ ଆଖପାଖ ଅଞ୍ଚଳରେ ନଡ଼ା ଜାଳିବା, ନିର୍ମାଣ କାର୍ଯ୍ୟ, ଶିଳ୍ପ ପ୍ରଦୂଷଣ ଇତ୍ୟାଦି । ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ଦିଲ୍ଲୀ ସରକାର ଏବଂ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବିଭିନ୍ନ ପଦକ୍ଷେପ ନେଉଥିଲେ ବି ସ୍ଥିତିରେ ସୁଧାର ଆସି ପାରୁନାହିଁ ।

## ବୋଇତ ବନ୍ଦାଣ ଅନ୍ବେଷଣ ଓ ଉଦ୍ୟୋଗୀ ଭାବନାର ଅନନ୍ୟ ଉତ୍ସବ: ଧର୍ମେନ୍ଦ୍ର ପ୍ରଧାନ



ହାଇଦ୍ରାବାଦ: କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣିମାର ପବିତ୍ର ଦିବସରେ ହାଇଦ୍ରାବାଦ ସ୍ଥିତ ଇଣ୍ଡିଆନ ସ୍କୁଲ ଅଫ୍ ବିଜନେସ କ୍ୟାମ୍ପସ ପରିସରରେ ଆୟୋଜିତ ଆଇଏସବି ଇନସାଇଟ୍ ଫୋରମ-୨୦୨୪ରେ ଯୋଗଦେଇ କାର୍ତ୍ତିକ ପୂର୍ଣ୍ଣିମା ଏବଂ ଓଡ଼ିଶାରେ ପାଳିତ ହେଉଥିବା ବୋଇତ ବନ୍ଦାଣ ଉତ୍ସବର ମହତ୍ତ୍ୱ ଉପରେ ଆଲୋକପାତ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ କାର୍ତ୍ତିକ ପୂର୍ଣ୍ଣିମାର ଅନେକ ମହତ୍ତ୍ୱ ରହିଛି । ସମଗ୍ର ଭାରତରେ ଏହାକୁ ବିଭିନ୍ନ ଢଙ୍ଗରେ ପାଳନ କରାଯାଇଥାଏ । ଓଡ଼ିଶାରେ କାର୍ତ୍ତିକ ପୂର୍ଣ୍ଣିମାକୁ ବୋଇତ ବନ୍ଦାଣ ଭାବରେ ପାଳନ କରାଯାଇଥାଏ । ଆମର ସମୃଦ୍ଧ ସାମୁଦ୍ରିକ ନୌବାଣିଜ୍ୟ ଇତିହାସକୁ ସ୍ମରଣ କରିବା ସହ ସାଧବ ପୁଅଙ୍କୁ ସମ୍ମାନ ଜଣାଇବାର ଏହା ମହାନ ଅବସର । କାର୍ତ୍ତିକ ପୂର୍ଣ୍ଣିମା ପ୍ରାଚୀନ ଉତ୍କଳର ସମୃଦ୍ଧ ସାଧବ ସଂସ୍କୃତି ଓ ବାଣିଜ୍ୟ ବୋଇତ ବନ୍ଦାଣ ଆମ ପରମ୍ପରାର ଦୃଢ଼ ଗୌରବଗାଥା । ବୋଇତ ବନ୍ଦାଣ ଅନ୍ବେଷଣ ଏବଂ ଉଦ୍ୟୋଗୀ ଭାବନାର ଏକ ଅନନ୍ୟ ଉତ୍ସବ । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଆଜି ସାରା ବିଶ୍ୱ ଭାରତକୁ ବୃହତ ଭରସା ଦୃଷ୍ଟିରେ ଦେଖୁଛି । ଭାରତର ଉଦ୍ୟମିତା କ୍ଷମତା ଏବଂ ବୌଦ୍ଧିକ ଦକ୍ଷତା ବିଶ୍ୱର ଅଭିବୃଦ୍ଧି ଇଞ୍ଜିନ ଭାବେ କାର୍ଯ୍ୟ କରିବ । ଅମୃତ କାଳର ଏହି ୨୫ ବର୍ଷ କେବଳ ଭାରତ ପାଇଁ ନୁହେଁ, ସାରା ବିଶ୍ୱ ପାଇଁ ଗେମ୍ ଚେଞ୍ଜର ହେବ । ଆଗାମୀ ଦିନରେ ଭାରତର ଆବିର୍ଭାବ ଓ ପ୍ରଭାବର ସ୍ତମ୍ଭ ହେବ ଜ୍ଞାନ କ୍ଷେତ୍ର । ଅନ୍ୟପକ୍ଷେ ଇଣ୍ଡିଆନ ସ୍କୁଲ ଅଫ୍ ବିଜନେସ ନିଜର ଦୁଇ ଦଶନ୍ଧିର ଯାତ୍ରା ମଧ୍ୟରେ ଅନେକ ଉତ୍କର୍ଷତା ହାସଲ କରିଛି । ଇଣ୍ଡିଆନ ସ୍କୁଲ ଅଫ୍ ବିଜନେସ ଭାରତକୁ ବିଶ୍ୱର ଏକ ଦକ୍ଷତା କେନ୍ଦ୍ରରେ ପରିଣତ କରିବାକୁ ଲକ୍ଷ୍ୟ ରଖିବା ଉଚିତ୍ । ଗ୍ରାମୀଣ ବିକାଶ, ଆର୍ଥିକ ଅନ୍ତର୍ଭୁକ୍ତୀକରଣ, କର୍ପୋରେଟ୍ ଗଭର୍ଣ୍ଣାନ୍ସ, ଏଆଇ ଭଳି ଅଗ୍ରଣୀ କ୍ଷେତ୍ରରେ ଗବେଷଣା ବିଷୟବସ୍ତୁକୁ ସାଧାରଣ ଉଦ୍ଦେଶ୍ୟ ପ୍ରଯୁକ୍ତି ବିଦ୍ୟା ଭାବରେ ଗୁରୁତ୍ୱ ଦିଆଯାଉଥିବାରୁ ଆଇଏସବି ଇନସାଇଟ୍ ଫୋରମ୍ ସମାଧାନ-କେନ୍ଦ୍ରିତ-ଗବେଷଣା, ଉଦ୍ଭାବନ ଏବଂ ଉଦ୍ୟୋଗର ସଂସ୍କୃତିରେ ନୂତନ ଦିଗ ଯୋଡ଼ିବ, ଭାରତ ଏବଂ ବିଶ୍ୱର ଆକାଂକ୍ଷା ପୂରଣ କରିବାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ । ଆଇଏସବିର ଗବେଷଣା ପ୍ରୟାସ ଅନ୍ବେଷଣ, ଉଦ୍ଭାବନ ଏବଂ ଉଦ୍ୟୋଗୀ ଭାବନାକୁ ବଢ଼ାଇବ । ନୂଆ ଆବିଷ୍କାର କରିବା ସହ ଲୋକ କଲ୍ୟାଣରେ ବ୍ରତୀ ରହିବ ବୋଲି ସେ କହିଛନ୍ତି ।

ଲୁହରେ ଭିଜିଲା ପାର୍ଟିର ଖୁସି

## ଦୁର୍ଘଟଣାରେ ଚାଲିଗଲା ୬ ସାଙ୍ଗଙ୍କ ଜୀବନ

ଦେରାଡୁନ: ଲୁହରେ ଧୋଇଗଲା ପାର୍ଟିର ଖୁସି । ଲିଭିଗଲା ୬ ସାଙ୍ଗଙ୍କ ଜୀବନ । ଏପରି ଏକ ମର୍ମନ୍ତୁଦ ତଥା ଦୁଃଖଦ ଘଟଣା ଉତ୍ତରାଖଣ୍ଡର ଦେରାଡୁନରେ ଘଟିଛି । ରାତିରେ ପାର୍ଟିସାରି ଫେରୁଥିବା ୬ ସାଙ୍ଗଙ୍କ ଜୀବନ ଦୁର୍ଘଟଣାରେ ଚାଲିଯାଇଛି । ଦୁର୍ଘଟଣାଟି ଏତେ ଭୟଙ୍କର ଥିଲା ଯେ ସେମାନେ ଯାଉଥିବା କାର୍ଟି ସଂପୂର୍ଣ୍ଣରୂପେ ଭାଙ୍ଗିରୁଜି ଚୁରମାର ହୋଇଯାଇଛି । ମିଳିଥିବା ସୂଚନା ଅନୁଯାୟୀ ଏହି ୬ ସାଙ୍ଗ ଏକ ପାର୍ଟି ସାରି ଟୟୋଟା ଇନୋଭାରେ ଘରକୁ ଫେରୁଥିବା ବେଳେ ବାଟରେ ଏକ ଟ୍ରକ୍ ଧକ୍କା ଦେଇଥିଲା । ଟ୍ରକ୍‌ଟି ଧକ୍କା ଦେବା ପରେ କାର୍‌ଟି ଚୁରମାର ହୋଇଯାଇଥିବା ବେଳେ ମୃତକଙ୍କ ମୁଣ୍ଡବିହୀନ ଶରୀର ରାସ୍ତା ଉପରେ ପଡ଼ିଥିବା ଦେଖିବାକୁ ମିଳିଥିଲା । ଦୁଇଜଣ ଯୁବକଙ୍କ ଶରୀରରୁ ମୁଣ୍ଡ ଅଲଗା ହୋଇଯାଇଥିବାବେଳେ ଅନ୍ୟମାନଙ୍କ ଶରୀର କାର୍ ତଳେ ଚାପିହୋଇ ରହିଯାଇଥିଲା । ମୃତ ଯୁବକମାନଙ୍କ ବୟସ ୧୯ରୁ ୨୫ ବର୍ଷ ବୋଲି ସୂଚନା ଦିଆଯାଇଛି । ମିଳିଥିବା ସୂଚନା ଅନୁଯାୟୀ ଏହି ସାଙ୍ଗମାନେ ପାର୍ଟିରେ ପ୍ରବଳ ମଦ୍ୟପାନ କରିଥିଲେ । ପାର୍ଟିରୁ ଫେରିବା ପରେ ପୁଣି ଲଙ୍ଗ ଡ୍ରାଇଭରେ ଯିବାପାଇଁ ଯୋଜନା କରିଥିଲେ । କିନ୍ତୁ ନିଶବ୍ଦ ରାତିରେ ସେମାନଙ୍କ ଯୋଜନା ସେମାନଙ୍କ ପାଇଁ କାଳ ପାଲଟିଲା । ତେବେ ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା ଅନ୍ୟଜଣେ ଯୁବକ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ତାଙ୍କ ଅବସ୍ଥା ସଂକଟାପନ୍ନ ଥିବା କୁହାଯାଉଛି । ଏହି ଦୁର୍ଘଟଣାରେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଗଭୀର ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି । ଏଥିସହ ଆହତଙ୍କ ଆଶୁ ଆରୋଗ୍ୟ ମଧ୍ୟ କାମନା କରିଛନ୍ତି ।

ନ୍ୟୁଜିଲ୍ୟାଣ୍ଡ ସଂସଦରେ ହଙ୍ଗାମା

## ବିଲ୍ ଚିରି ନାଚିଲେ ସାଂସଦ

ନ୍ୟୁଜିଲ୍ୟାଣ୍ଡ: ନ୍ୟୁଜିଲ୍ୟାଣ୍ଡ ସଂସଦରେ ପ୍ରବଳ ହଟ୍ଟଗୋଳ ଦେଖିବାକୁ ମିଳିଛି । ପୁଣି ଥରେ ସଂସଦରେ ଦେଶର ସର୍ବ କନିଷ୍ଠ ସାଂସଦ ହାନା-ରାୱିହିତି କାରିଆରିକି ମ୍ୟାପି-କ୍ଲାର୍କ ପାରମ୍ପରିକ ନୃତ୍ୟ ପ୍ରଦର୍ଶନ କରି ପ୍ରତିବାଦ କରିଛନ୍ତି । ଏଥିସହ ସେ ଗୃହରେ ଏକ ବିଲକୁ ମଧ୍ୟ ଚିରି ଫିଙ୍ଗି ଦେଇଛନ୍ତି । ଏହି ସମୟରେ ନ୍ୟୁଜିଲ୍ୟାଣ୍ଡ ଗୃହରେ ହୋହଲ୍ଲା ପରିସ୍ଥିତି ସୃଷ୍ଟି ହୋଇଥିଲା । ହାନା-ରାୱିହିତିଙ୍କ ସହ ଦଳର ଅନ୍ୟ ସାଂସଦମାନେ ମଧ୍ୟ ତାଙ୍କ ସହ ତାଳ ଦେଇ ମାଓ୍ୱରୀ ଆଦିବାସୀ ସମ୍ପ୍ରଦାୟର ପାରମ୍ପରିକ ହାକା ନୃତ୍ୟ ପରିବେଷଣ କରିଥିଲେ । ଗତବର୍ଷ ମଧ୍ୟ ଗୃହରେ ନିଜର ପ୍ରଥମ ଭାଷଣ ସମୟରେ ଏପରି କିଛି ଷାଣିତ ଢଙ୍ଗରେ ପ୍ରତିବାଦ କରି ଚର୍ଚ୍ଚାର ପରିଧିକୁ ଆସିଥିଲେ ହାନା-ରାୱିହିତି । ସଂସଦରେ ହୋଇଥିବା ଏହି ହଙ୍ଗାମା ସମୟର ଭିଡିଓ ସୋଶାଲ ମିଡିଆରେ ଖୁବ୍ ଭାଇରାଲ୍ ହେଉଛି । ସୂଚନା ଅନୁସାରେ, ନିକଟରେ ନ୍ୟୁଜିଲ୍ୟାଣ୍ଡର ଶାସକ ଦଳ ଏସିଟି ୱାଇତାଙ୍ଗିରେ ଥିବା କିଛି ନୀତିରେ ପରିବର୍ତ୍ତନ ଆଣିବା ପାଇଁ ଏକ ବିଲ୍ ଆଗତ କରିଛନ୍ତି । କିନ୍ତୁ ଏହି ବିଲକୁ ଦେଶର ଆଦିବାସୀ ସମ୍ପ୍ରଦାୟ ବିରୋଧ କରୁଛନ୍ତି । ୧୮୪୦ ମସିହାରେ ବ୍ରିଟିଶ କ୍ରାଉନ୍ ଏବଂ ମାଓ୍ୱରୀ ମୁଖ୍ୟଙ୍କ ମଧ୍ୟରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା, ଯାହାକୁ ୱାଇତାଙ୍ଗି କୁହାଯାଉଛି ।



## ହଲ୍‌ୱା ଜନଜାତିର ବାର୍ଷିକ ପରମ୍ପରା ନାମକ ପୁସ୍ତକ ଉନ୍ମୋଚନ କଲେ ବିଷ୍ଣୁଦେବ




ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଶୁକ୍ରବାର ଭଗବାନ୍ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ପାଳନ କରାଯାଉଥିବା ଜନଜାତୀୟ ଗୌରବ ଦିବସ ଉପଲକ୍ଷେ ସାଇନ୍ସ କଲେଜ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଦାମେସାୟ ବାଘେଲଙ୍କ ଦ୍ୱାରା ପୁସ୍ତକ 'ହଲ୍‌ୱା ଜନଜାତି କି' ବାର୍ଷିକ ପରମ୍ପରା ଉପରେ ଲିଖିତ ଏକ ପୁସ୍ତକର ଉନ୍ମୋଚନ କରିଥିଲେ । ଏହି ପୁସ୍ତକରେ ଜନଜାତିଙ୍କ ପ୍ରାଚୀନ ଜୀବନଶୈଳୀ, ଜନ୍ମ ସଂସ୍କାର, ବିବାହ ସଂସ୍କାର, ମୃତକ ସଂସ୍କାର ସମ୍ପର୍କରେ ଉଲ୍ଲେଖ କରାଯାଇଛି । ଏଥିରେ ଦେବ ସଂସ୍କାରର ବିଭିନ୍ନ ରୀତିନୀତି, ଦେବାଦେବୀଙ୍କୁ ସମ୍ମାନ, କଳା, ସାହିତ୍ୟ, ସଂସ୍କୃତି, କବିତା, ମହାନ୍ ଯୋଗଦାନ ସମ୍ପର୍କରେ ମଧ୍ୟ ଉଲ୍ଲେଖ କରାଯାଇଛି । ଏହି ଅବସରରେ ଛତିଶଗଡ଼ ଆଦିବାସୀ ମନ୍ତ୍ରୀ ରାମବିଚାର ନେତମ୍, ରାଜ୍ୟସଭା ସାଂସଦ ଅରୁଣ ସିଂ, ବିଧାୟକ ପୁରନ୍ଦର ମିଶ୍ରା, ଅନୁଜ ଶର୍ମା, ମୋତିଲାଲ ସାହୁ, ବିକାଶ ମରକାମ୍, ଆଦିବାସୀ ବିଭାଗର ସଚିବ ସୋନମଣି ବୋରା, ମୁଖ୍ୟମନ୍ତ୍ରୀଙ୍କ ସଚିବ ପି.ଦୟାନନ୍ଦ, ସଂସ୍କୃତି ବିଭାଗ ସଂଚାଳକ ବିବେକ ଆଚାର୍ଯ୍ୟ, କମିଶନର ନରେନ୍ଦ୍ର ଦୁଗା, କମିଶନର ରାୟପୁର ମହାଦେବ କାବେରଙ୍କ ସହ ଆଦିବାସୀ ସମ୍ପ୍ରଦାୟର ଲୋକେ ଓ କଳାକାର ଉପସ୍ଥିତ ଥିଲେ ।

## ୮ ଘଣ୍ଟାର ଡିଜିଟାଲ ଆରେଷ୍ଟ କରି ୧୦ କୋଟି ଚମ୍ପଟ

ନୂଆଦିଲ୍ଲୀ: ସାଇବର ଠକେଇର ନୂଆ ଫଣ୍ଡା ଏବେ ଡିଜିଟାଲ ଆରେଷ୍ଟ ବା ଗିରଫଦାରୀ । ଠକମାନେ ବିଭିନ୍ନ ନିରୀହ ଲୋକଙ୍କୁ ଡିଜିଟାଲ ଆରେଷ୍ଟ ଜାଲରେ ଫସାଇ ସର୍ବସ୍ୱ ଲୁଟି ନେଉଛନ୍ତି । ଏହାର ଏକ ନିଚ୍ଛକ ଉଦାହରଣ ପୁଣି ସାମ୍ନାକୁ ଆସିଛି । ଏଥର ସାଇବର ଠକଙ୍କ ଡିଜାଟାଲ ଆରେଷ୍ଟର ଶିକାର ହୋଇ ସବୁ କିଛି ହରାଇଛନ୍ତି ଜଣେ ୭୨ ବର୍ଷୀୟ ଅବସରପ୍ରାପ୍ତ ଇଞ୍ଜିନିୟର । ଏହି ବୃଦ୍ଧଙ୍କୁ ସାଇବର ଠକମାନେ ଦୀର୍ଘ ୮ ଘଣ୍ଟା କାଳ ଡିଜିଟାଲ ଆରେଷ୍ଟ ନାଁରେ ଅଟକ ରଖିଥିଲେ । ଏହି ସମୟରେ ସେମାନେ ୧୦ କୋଟି ଟଙ୍କାର ନେଇ ଯାଇଛନ୍ତି । ଦିଲ୍ଲୀ ଅନ୍ତର୍ଗତ ରୋହିନୀର ସେକ୍ଟର ୧୦ରୁ ଏପରି ଘଟଣା ଘଟିଛି । ବୃଦ୍ଧଜଣଙ୍କ ଏଠାରେ ଥିବା ନିଜ ଘରେ ପତ୍ନୀଙ୍କ ସହ ରୁହନ୍ତି । ଏହାର ଫାଇଦା ଉଠାଇ ସାଇବର ଠକମାନେ ବୃଦ୍ଧଙ୍କୁ ତାଙ୍କରି ଘରେ ଡିଜିଟାଲ ଆରେଷ୍ଟ କରି ଏପରି ଠକେଇ କରିଛନ୍ତି । ବୃଦ୍ଧଙ୍କ ଅଭିଯୋଗ ଆଧାରରେ ଦିଲ୍ଲୀ ପୋଲିସ୍‌ର ସାଇବର ସେଲ ଏଫଆଇଆର ରୁଜୁ କରି ଅଧିକ ତଦନ୍ତ ଆରମ୍ଭ କରିଛି ।

## ଡିଭାଇଡରକୁ ପିଟିଲା ବରଯାତ୍ରୀ କାର: ୪ ମୃତ

ଉତ୍ତରପ୍ରଦେଶ: ଉତ୍ତରପ୍ରଦେଶର ମଙ୍ଗଲୋରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏକ ବରଯାତ୍ରୀ କାର୍ ଡିଭାଇଜରକୁ ଧକ୍କା ଦେବା ଫଳରେ ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଲୋକ ଆହତ ହୋଇଛନ୍ତି । ମେରୁଟରୁ ରୁଡ଼କି ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି । ସୂଚନା ଅନୁସାରେ ଉତ୍ତରପ୍ରଦେଶର ଏକ କାର୍ ବରଯାତ୍ରୀଙ୍କୁ ନେଇ ମେରୁଟରୁ ରୁଡ଼କି ଯାଉଥିଲା । ମଙ୍ଗଲୋର ଦେଓ୍ୱବନ୍ଦ ଛକ ନିକଟରେ କାରଟି ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହୋଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ଚାରିଜଣ ବରଯାତ୍ରୀଙ୍କ ମୃତ୍ୟୁ ହୋଇଯାଇଛି । ଏଥିସହ ଏକାଧିକ ଲୋକ ଆହତ ହୋଇଛନ୍ତି । ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛି । ଏସ୍‌ପି ଦେହାତ ସ୍ୱପନ କିଶୋର ମଧ୍ୟ ହସ୍ପିଟାଲରେ ପହଞ୍ଚିଛନ୍ତି ।

# ବାଣିଜ୍ୟ



ନୂଆଦିଲ୍ଲୀ: ଗ୍ଲୋବାଲ ଟେକ୍ନୋଲୋଜି କମ୍ପାନୀ ଲେନୋଭୋ ପକ୍ଷରୁ ଲେନୋଭୋ କେ୧୧ ଟାବ୍‌ଲେଟ୍‌ର ଏକ ଅପ୍‌ଗ୍ରେଡେଡ୍ ଭର୍ସନ ଭାବେ ଭାରତରେ ଲେନୋଭୋ ଟାବ୍ କେ୧୧ର ଶୁଭାରମ୍ଭ ଘୋଷଣା କରାଯାଇଛି । ଏହାକୁ ଉଦ୍ୟୋଗ ଓ ପେସାଦାର ଲୋକମାନଙ୍କ ବିବିଧ ଆବଶ୍ୟକତାକୁ ପୂରଣ କରିବା ପାଇଁ ଡିଜାଇନ କରାଯାଇଛି ଯାହା ଏକ ସୁଲଭ ମୂଲ୍ୟରେ କାର୍ଯ୍ୟଦକ୍ଷତା, ସୁରକ୍ଷା, ପରିଚାଳନା କ୍ଷମତା, ସ୍ଥାୟିତ୍ୱର ଏକ ଉନ୍ନତ ମିଶ୍ରଣ ପ୍ରଦାନ କରୁଛି । ଶୁଭାରମ୍ଭ ଅବସରରେ ଲେନୋଭୋ ଇଣ୍ଡିଆର ନିର୍ଦ୍ଦେଶକ ଓ କ୍ୟାଟେଗୋରୀ ହେଡ୍ ଆଶିଷ ସିକ୍କା କହିଛନ୍ତି, ବିକଶିତ ଉପଭୋକ୍ତା ଚାହିଦାକୁ ଦୃଷ୍ଟିରେ ରଖି କେ୧୧ (ଉନ୍ନତ ସଂସ୍କରଣ) ଟାବ୍‌ଲେଟ୍‌କୁ ଆଜିର ଉଦ୍ୟୋଗ ଓ ପ୍ରଫେସନାଲଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ପରିକଳ୍ପନା କରାଯାଇଛି, ଯାହା କାର୍ଯ୍ୟଦକ୍ଷତା, ସ୍ଥାୟିତ୍ୱ ଓ ପରିଚାଳନା କ୍ଷମତାର ଏକ ଉପଯୁକ୍ତ ମିଶ୍ରଣ ପ୍ରଦାନ କରୁଛି । ଏହାର ଉତ୍କୃଷ୍ଟ ଡିସ୍‌ପ୍ଲେ ଓ ଶକ୍ତିଶାଳୀ ପ୍ରୋସେସିଂ ଏହି ଟାବ୍‌ଲେଟକୁ ଗୋଟିଏ ଡିଭାଇସ୍‌ରେ ବିବିଧତା ଓ ଦକ୍ଷତାର ସନ୍ଧାନ କରୁଥିବା ବ୍ୟବସାୟ ଓ କର୍ମଚାରୀଙ୍କ ପାଇଁ ଏକ ଆଦର୍ଶ ବିକଳ୍ପରେ ପରିଣତ କରୁଛି । ଏହାର ମଜବୁତ ପୋଟଫୋଲିଓକୁ ବିସ୍ତାର କରି ଲେନୋଭୋ ଭାରତରେ ଥିଙ୍କବୁକ୍ ୧୩ଏକ୍ସ ଜି୪ର ଲଞ୍ଚ ଘୋଷଣା କରିଛି ।

## ଟିପିଏସ୍‌ଓଡିଏଲ୍ ପକ୍ଷରୁ କର୍ପୋରେଟ କାର୍ଯ୍ୟାଳୟରେ ସୋଲାର ପ୍ଲାଣ୍ଟ୍ କାର୍ଯ୍ୟକ୍ଷମ



ବ୍ରହ୍ମପୁର(ଭାସ୍କର ନ୍ୟୁଜ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ ପରିବେଶ ଅନୁକୂଳ ଜୀବନଶୈଳୀ ଏବଂ ସବୁଜ ଶକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି । କମ୍ପାନୀ ପକ୍ଷରୁ ବ୍ରହ୍ମପୁର ସ୍ଥିତ କର୍ପୋରେଟ କାର୍ଯ୍ୟାଳୟରେ ୧୦୦ କିଲୋୱାଟ କ୍ଷମତା ବିଶିଷ୍ଟ ସୋଲାର ପ୍ଲାଣ୍ଟ ସ୍ଥାପନ କରାଯାଇଛି । ବର୍ତ୍ତମାନ ପ୍ଲାଣ୍ଟର ୪୮.୯ କିଲୋୱାଟ ସଫଳତାର ସହ କାର୍ଯ୍ୟକ୍ଷମ ହୋଇଛି । ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ ସୋଲାର ପ୍ଲାଣ୍ଟର ଶୁଭାରମ୍ଭ କରିବା ସହ ନିରନ୍ତର ବିକାଶର ସଂସ୍କୃତିକୁ ବଜାୟ ରଖିବା ଦିଗରେ କମ୍ପାନୀର ପ୍ରତିବଦ୍ଧତାକୁ ଦୋହରାଇଥିଲେ । ଏହି କାର୍ଯ୍ୟକ୍ରମରେ କମ୍ପାନୀର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ । ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ଆମର କାର୍ବନ ଫୁଟପ୍ରିଣ୍ଟକୁ ହ୍ରାସ କରିବା ଏବଂ ସବୁଜ ଶକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ଚାଲିଥିବା ପ୍ରୟାସରେ ଏହି ସୋଲାର ପ୍ୟାନେଲ ସ୍ଥାପନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ । ସୌର ଶକ୍ତି ଗ୍ରହଣ କରି ଆମେ କମ୍ପାନୀର ଅପରେସନାଲ୍ ଖର୍ଚ୍ଚ ହ୍ରାସ କରିବା ସହିତ ଦକ୍ଷିଣ ଓଡ଼ିଶାରେ ସ୍ଥାୟୀ ବିକାଶ ପାଇଁ ବାଟ ଦେଖାଇଛୁ । ଏହି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଦ୍ୱାରା ଟିପିଏସ୍‌ଓଡିଏଲ୍ ସ୍ଥାନୀୟ ଅଞ୍ଚଳରେ ସ୍ଥାୟୀ ଅଭ୍ୟାସ ପାଇଁ ଏକ ଉତ୍କୃଷ୍ଟ ମାନଦଣ୍ଡ ସ୍ଥିର କରିଛି । ସୌର ଶକ୍ତିକୁ ଆପଣାଇ ଟିପିଏସ୍‌ଓଡିଏଲ୍ ସବୁଜ ଶକ୍ତିର ପ୍ରୋତ୍ସାହନ, ପାରମ୍ପରିକ ଶକ୍ତି ଉତ୍ସ ଉପରେ ନିର୍ଭରଶୀଳତା ହ୍ରାସ ଏବଂ ପରିବେଶ ଅନୁକୂଳ ଶକ୍ତି ବିକଳ୍ପ ଆପଣାଇବା ପାଇଁ ସଚେତନ କରିବାକୁ ଲକ୍ଷ୍ୟ ରଖିଛି ।

## ନେକ୍ସସ୍ ଏସ୍‌ପ୍ଲାନେଡ୍‌ରେ ବୋଇତ ବନ୍ଦାଣ ଉତ୍ସବ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବୋଇତ ବନ୍ଦାଣ ଉତ୍ସବ ନେକ୍ସସ୍ ଏସ୍‌ପ୍ଲାନେଡ୍ ମଲ୍‌ରେ ବୋଟ୍ ସେଟ୍‌ଅପ୍ ସହିତ ବାଲିଯାତ୍ରାର ମହତ୍ୱ ଆଣିପାରିଛି । ଗତ ୨ ଦିନରୁ ସମଗ୍ର ମଲ୍‌ରେ କାର୍ତ୍ତିକ ପୂର୍ଣ୍ଣିମାର ପୂର୍ଣ୍ଣ୍ୟ ଆନ୍ଦୋଳନରେ ଆନ୍ଦୋଳିତ ହୋଇଛି । ଉତ୍ସବକୁ ଅଧିକ ସ୍ମରଣୀୟ କରିବା ପାଇଁ ନେକ୍ସସ୍ ଏସ୍‌ପ୍ଲାନେଡ୍ ମଲ୍‌ରେ ଶୁକ୍ରବାର ନୌକା ନିର୍ମାଣ କର୍ମଶାଳା ଆୟୋଜନ କରାଯାଇଥିଲା । କାହାଣୀର ଯାଦୁ ସହିତ କାଗଜରେ ସାଂସ୍କୃତିକ ଇତିହାସ କଳାର ନୌକା ନିର୍ମାଣ ଏକ ସୁନ୍ଦର ଅଲୌକିକ ମିଶ୍ରଣ ହୋଇ ଏକ ନିଆରା ଫ୍ୟୁଜନ୍ ଅନୁଭୂତ ହୋଇଥିଲା । କାର୍ତ୍ତିକ ପୂର୍ଣ୍ଣିମା ସକାଳେ ପାରମ୍ପରିକ ରୀତିନୀତିକୁ ସ୍ମରଣ କରାଇବା ପାଇଁ ଗ୍ରାହକ, ହାଉସିଂ ସୋସାଇଟି ଏବଂ ମଲ୍ କର୍ମଚାରୀଙ୍କ ଦ୍ୱାରା ମଲ୍ ପରିସରରେ ନିର୍ମିତ ଇକୋ ଅର୍ଗାନିକ୍ ପୋଖରୀରେ କ୍ଷୁଦ୍ର ଡଙ୍ଗା ବା ନୌକା ଭସାଯାଇଥିଲା । ଖାଲି ସେତିକି ନୁହେଁ, ନେକ୍ସସ୍ ଏସ୍‌ପ୍ଲାନେଡ୍ ମଲ୍‌ର ଏହି ପ୍ରୟୋଜନ ସେହି ବ୍ୟବସାୟୀଙ୍କ ପାଇଁ ଯାହାକି ଆଜି ଅକୁହା ହୋଇ ରହିଯାଇଛି ।

## ଚାନ୍ଦିଭଣ୍ଡାର ପକ୍ଷରୁ ରିୟଲ ୱେଡିଂ ଷ୍ଟୋରିଜ୍



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିବାହ ଏକ କାହାଣୀ, ବଧୂର ଅତି ପ୍ରିୟ ବିରାସତ, ବରର ଆଭୂଷଣ ଏବଂ ପରିବାରର ସମ୍ପତ୍ତି, ଯାହା ପିଢ଼ି ପରେ ପିଢ଼ିଙ୍କୁ ଯୋଡ଼ିଥାଏ । ପ୍ରତି ପିସ୍ ଗହଣା ଏକ ଦମ୍ପତିଙ୍କ ଯାତ୍ରାର ଅଂଶ ପାଲଟିଥାଏ, ସେମାନଙ୍କ ପ୍ରତିଜ୍ଞା ତଥା ସେମାନେ ଏକତ୍ର ତିଆରି କରିଥିବା ସ୍ମୃତିଗୁଡ଼ିକର ଏହା ମୂକସାକ୍ଷୀ । ଏହି ବିବାହ ଋତୁରେ ଚାନ୍ଦି ଭଣ୍ଡାର ଏହାର ନୂତନ କ୍ୟାମ୍ପେନ ୱେଡିଂ ଷ୍ଟୋରିଜ୍ ବାୟ ଚାନ୍ଦି ଭଣ୍ଡାର ଜରିଆରେ ଉକ୍ତ ସ୍ୱତନ୍ତ୍ର ସଂଯୋଗଗୁଡ଼ିକୁ ପାଳନ କରୁଛି । ନିଜ ଯାତ୍ରାରେ ଚାନ୍ଦି ଭଣ୍ଡାରକୁ ସାମିଲ କରିଥିବା ବାସ୍ତବ ଦମ୍ପତିଙ୍କୁ ନେଇ ଏହି କ୍ୟାମ୍ପେନ ପ୍ରସ୍ତୁତ । ୱେଡିଂ ଷ୍ଟୋରିଜ୍ ମାଧ୍ୟମରେ ଚାନ୍ଦି ଭଣ୍ଡାର ଉକ୍ତ ମୁହୂର୍ତ୍ତକୁ ପାଳନ କରୁଛି, ଯାହାକି ବିବାହକୁ ପରିଭାଷିତ କରିଥାଏ । ଏହି ଅବସରେର ଷ୍ଟୋର ପକ୍ଷରୁ ରୁପା ଗହଣା ଏବଂ ଆର୍ଟିଫାକ୍ଟର ଅନନ୍ୟ କଲେକ୍ସନ ଉପଲବ୍ଧ । ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍‌ସା ହଂସ କୁହନ୍ତି, ଆମର ସମସ୍ତ ଗହଣା ନିଜ ନିଜ କାଳଜୟୀ ଡିଜାଇନ୍ ସହ ପ୍ରତି ବିବାହର ପ୍ରେମ, ପରମ୍ପରା ଏବଂ ସୌନ୍ଦର୍ଯ୍ୟକୁ ପ୍ରତିଫଳିତ କରିଥାଏ । ପିଢ଼ି ପରେ ପିଢ଼ି ସ୍ମୃତି ସାଇତି ରଖିବା ପାଇଁ ଆମ ଗହଣା ସର୍ବୋତ୍କୃଷ୍ଟ । ବିବାହ ଋତୁରେ ଚାନ୍ଦି ଭଣ୍ଡାର ଏକ ସୀମିତ ସମୟ ଅଫର ଆଣିଛି । ଏହା ଅଧୀନରେ ଗ୍ରାହକ ୧୫ରୁ ଡିସେମ୍ବର ୧୦ ଯାଏ ଆମର ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ଗହଣା ଏବଂ କଳାକୃତିର ଗଢ଼ା ମଜୁରିରେ ୩୦% ପର୍ଯ୍ୟନ୍ତ ରିହାତି ପାଇପାରିବେ । ପ୍ରକୃତ ଉଦ୍ଦେଶ୍ୟ ହେଉଛି ଚାନ୍ଦି ଭଣ୍ଡାରକୁ ନିଜ ଅର୍ଥପୂର୍ଣ୍ଣ ସେଲିବ୍ରେଶନେର ସାମିଲ କରିଥିବା ବହୁ ମୂଲ୍ୟବାନ ଗ୍ରାହକଙ୍କୁ କୃତଜ୍ଞତା ଜଣାଇବା । ଭୁବନେଶ୍ୱରର ସହିଦନଗର, ପଟିଆ, ଜନପଥ, ସୌଭାଗ୍ୟନଗର, ରସୁଲଗଡ଼ ଓ ନୟାପଲ୍ଲୀ, କଟକର କ୍ୟାଣ୍ଟନମେଣ୍ଟ ରୋଡ୍ ଏବଂ ସିଡିଏ, ରାଉରକେଲା, ଅନୁଗୁଳ, ଯାଜପୁର, ବ୍ରହ୍ମପୁର, ବାଲେଶ୍ୱର, ଢେଙ୍କାନାଳ, ତାଳଚେର, ଭଦ୍ରକ ଏବଂ ବାରିପଦାରେ ଏହାର ଷ୍ଟୋର ରହିଛି ।

## ରିଲାଏନ୍ସ ଏବଂ ଡିଜ୍‌ନି ମଧ୍ୟରେ ମିଳିତ ଉଦ୍ୟୋଗ କାରବାର ସମ୍ପୂର୍ଣ୍ଣ

ମୁମ୍ବାଇ: ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ଭାୟାକମ୍ ଏଇଟିନ ମିଡିଆ ପ୍ରାଇଭେଟ ଲିମିଟେଡ୍ ଏବଂ ୱାଲ୍ଟ ଡିଜନି କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି ଯେ ଭାୟାକମ୍ ଏଇଟିନର ମିଡିଆ ଏବଂ ଜିଓ ସିନେମା ବ୍ୟବସାୟର ଷ୍ଟାର୍ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ସହିତ ମିଶ୍ରଣ ସମାପ୍ତ ହୋଇଛି । ଏନସିଏଲଟି ମୁମ୍ବାଇ, ସିସିଆଇ ଏବଂ ଅନ୍ୟାନ୍ୟ ନିୟାମକ କର୍ତ୍ତୃପକ୍ଷଙ୍କ ଅନୁମୋଦନ ପରେ ଏହି ଘୋଷଣା କରାଯାଇଛି । ଏହା ସହିତ ରିଲାଏନ୍ସ ଏହି ମିଳିତ ଉଦ୍ୟୋଗରେ, ୧୧,୫୦୦ କୋଟି ଟଙ୍କା ନିବେଶ କରିଛି । ମିଳିତ ଉଦ୍ୟୋଗ

Reliance Industries Limited

Disney

ପକ୍ଷରୁ ଭାୟାକମ ୧୮ ଏବଂ ରିଲାଏନ୍ସ ଇଣ୍ଡଷ୍ଟ୍ରିଜକୁ ସେୟାର ଆବଣ୍ଟିତ କରାଯାଇଛି । ମିଳିତ ଉଦ୍ୟୋଗର ଚେୟାରପର୍ସନ ନୀତା ଏମ. ଅମ୍ବାନୀ ରହିଥିବା ବେଳେ ଉଦୟ ଶଙ୍କରଙ୍କୁ ରଣନୀତିକ ମାର୍ଗଦର୍ଶନ ପାଇଁ ମିଳିତ ଉଦ୍ୟୋଗର ଉପାଧ୍ୟକ୍ଷ କରାଯାଇଛି । ମିଳିତ ଉଦ୍ୟୋଗ ସମ୍ବନ୍ଧରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ମୁକେଶ ଡି ଅମ୍ବାନୀ କହିଛନ୍ତି, ଏହି ମିଳିତ ଉଦ୍ୟୋଗ ଗଠନ ହେବା ସହିତ ଭାରତୀୟ ଗଣମାଧ୍ୟମ ଏବଂ ମନୋରଞ୍ଜନ ଶିଳ୍ପ ଏକ ପରିବର୍ତ୍ତନକାରୀ ଯୁଗରେ ପ୍ରବେଶ କରୁଛି । ଡିଜନି ସହିତ ଆମର ସମ୍ପର୍କ ବ୍ୟତୀତ, ଆମର ଗଭୀର ସୃଜନଶୀଳ ଅଭିଜ୍ଞତା ଏବଂ ଭାରତୀୟ ଗ୍ରାହକଙ୍କୁ ଜାଣିବାରେ ଆମର ଅଭିଜ୍ଞତା ଭାରତୀୟ ଦର୍ଶକଙ୍କ ପାଇଁ ସୁଲଭ ମୂଲ୍ୟରେ ପରିପୂର୍ଣ୍ଣ ବିଷୟବସ୍ତୁ ସୁନିଶ୍ଚିତ କରିବ । ୱାଲ୍ଟ ଡିଜନି ସିଇଓ ରବର୍ଟ ଏ. ଇଗର୍ କହିଛନ୍ତି, ନ୍ତଏହା ଆମ ସହିତ ଭାରତର ଗ୍ରାହକଙ୍କ ପାଇଁ ଏକ ରୋମାଞ୍ଚକ ମୁହୂର୍ତ୍ତ, କାରଣ ଏହି ମିଳିତ ଉଦ୍ୟୋଗ ମାଧ୍ୟମରେ ଆମେ ଦେଶରେ ଅନ୍ୟତମ ପ୍ରମୁଖ ମନୋରଞ୍ଜନ ସଂସ୍ଥା ସୃଷ୍ଟି କରୁଛୁ । ବୋଧି ଟ୍ରି ସିଷ୍ଟମର ସହ-ପ୍ରତିଷ୍ଠାତା ଉଦୟ ଶଙ୍କର କହିଛନ୍ତି, ଭାରତରେ ମିଡିଆ ଏବଂ ମନୋରଞ୍ଜନ ଶିଳ୍ପରେ ପରିବର୍ତ୍ତନ ଆଣିବାର ଏହି ଯାତ୍ରାରେ ଭାଗିଦାର ହୋଇ ଜେମ୍ସ ଓ ମୁଁ ବେଶ ଉତ୍ସାହିତ ଅଛୁ । ସୃଜନଶୀଳତା, ପରିବର୍ତ୍ତନ ତଥା ନୂତନ ଯୁଗର ଗ୍ରାହକଙ୍କୁ ଅଭୁତପୂର୍ବ ସ୍ତରର ଅନୁଭବ ପ୍ରଦାନ କରିବ ପାଇଁ ଆମେ ପ୍ରତିବଦ୍ଧ ।

## ଅବସର ଗ୍ରହଣ କରିବେ ଡିବିଏସ୍ ବ୍ୟାଙ୍କ ଇଣ୍ଡିଆ ସିଇଓ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଡିବିଏସ୍ ବ୍ୟାଙ୍କ ଲିମିଟେଡ୍‌ର ସମ୍ପୂର୍ଣ୍ଣ ସହାୟକ ସଂସ୍ଥା ଡିବିଏସ୍ ବ୍ୟାଙ୍କ ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ଘୋଷଣା କରାଯାଇଛି ଯେ ଡିବିଏସ୍ ବ୍ୟାଙ୍କ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ସୁରୋଜିତ ସୋମେ ୨୦୨୫ ଫେବ୍ରୁଆରି ୨୮ରେ ଅବସର ଗ୍ରହଣ କରିବେ । ଡିବିଏସ୍ ବ୍ୟାଙ୍କ ଭାରତରେ ୩୦ ବର୍ଷ ଧରି ପରିଚାଳିତ ହେଉଛି ଏବଂ ଏହା ନିଜର ପ୍ରଥମ ଶାଖାକୁ ୧୯୯୪ରେ ମୁମ୍ବାଇରେ ଖୋଲିଥିଲା । ୨୦୧୫ ଏପ୍ରିଲ୍ ପରଠାରୁ ଡିବିଏସ୍ ବ୍ୟାଙ୍କ ଇଣ୍ଡିଆର ନେତୃତ୍ୱ ନେବାର ସଫଳ କ୍ୟାରିୟର ପରେ ସୁରୋଜିତ ସୋମେ କିଛିଦିନ ପୂର୍ବେ ଅବସର ଗ୍ରହଣ କରିବା ଏବଂ ନିଜର ଉତ୍ତରାଧିକାରୀ ସନ୍ଧାନ କରିବା ଲାଗି ଡିବିଏସ୍ ବ୍ୟାଙ୍କ ଇଣ୍ଡିଆ ବୋର୍ଡ ଡିବିଏସ୍ ଗ୍ରୁପ୍ ପରିଚାଳନା କର୍ତ୍ତୃପକ୍ଷଙ୍କ ସହ କାର୍ଯ୍ୟ କରିବା ଲାଗି ଅଭିଳାଷ ପ୍ରକାଶ କରିଥିଲେ । ଉତ୍ତରାଧିକାରୀ ପାଇଁ ଡିବିଏସ ବ୍ୟାଙ୍କ ଇଣ୍ଡିଆ ଏବେ ଭାରତୀୟ ରିଜର୍ଭ ବ୍ୟାଙ୍କର ଅନୁମୋଦନ ପ୍ରତୀକ୍ଷାରେ ରହିଛି ଏବଂ ନିୟମାକ ଅନୁମୋଦନ ମିଳିବା ପରେ ଏ ସଂକ୍ରାନ୍ତରେ ଘୋଷଣା କରିବ ।

## ଆରଏସ୍‌ପି ପକ୍ଷରୁ ପାର୍ଶ୍ୱାଞ୍ଚଳ ବିଦ୍ୟାର୍ଥୀଙ୍କୁ ୯.୬୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା



ରାଉରକେଲା(ଭାସ୍କର ନ୍ୟୁଜ): ରାଉରକେଲା ଇସ୍ପାତ କାରଖାନା ଏହାର କର୍ପୋରେଟ ସାମାଜିକ ଦାୟିତ୍ୱ ପ୍ରୟାସର ଅଂଶ ସ୍ୱରୂପ ବୃତ୍ତିଗତ ଶିକ୍ଷାଲାଭ ନିମନ୍ତେ ସୁନ୍ଦରଗଡ଼ ଜିଲ୍ଲା, ଆଦର୍ଶ ଇସ୍ପାତ ଗ୍ରାମ, ପୁନର୍ବସତି କଲୋନୀର ୩୨ ଜଣ ଅନୁସୂଚିତ ଜାତି, ଜନଜାତି ଏବଂ ଗରିବ ଛାତ୍ରଛାତ୍ରୀଙ୍କୁ ନଭେମ୍ବର ୯ରେ ୯.୬ ଲକ୍ଷ ଟଙ୍କାର ବୃତ୍ତିଗତ ଛାତ୍ରବୃତ୍ତି ପ୍ରଦାନ କରିଛି । ଏହି ଯୋଜନା ଅଧୀନରେ ପ୍ରତ୍ୟେକ ବର୍ଷ ବୃତ୍ତିଗତ ସ୍ନାତକ ପାଠ୍ୟକ୍ରମ ଶିକ୍ଷାଲାଭ କରୁଥିବା ୨୦ ଜଣ ବିଦ୍ୟାର୍ଥୀ ଏବଂ ସ୍ନାତକୋତ୍ତର ପାଠ୍ୟକ୍ରମରେ ଶିକ୍ଷା ଗ୍ରହଣ କରୁଥିବା ୧୦ ଜଣ ବିଦ୍ୟାର୍ଥୀଙ୍କୁ ଏହି ବୃତ୍ତି ପ୍ରଦାନ ନିମନ୍ତେ ଚୟନ କରାଯାଉଛି । ଉକ୍ତ ପ୍ରୟାସ ଅନ୍ତର୍ଗତ ବାର୍ଷିକ ୩୦ ହଜାର ଟଙ୍କା ହାରରେ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି ଅର୍ଥାତ ୨ ବର୍ଷ ସ୍ନାତକୋତ୍ତର ପାଠ୍ୟକ୍ରମ ନିମନ୍ତେ ୬୦ ହଜାର ଟଙ୍କା ପ୍ରଦାନ କରାଯାଉଛି । ସେହିଭଳି ଇଞ୍ଜିନିୟରିଂ ଭଳି ବି ଟେକ, ବିଇ/ବିଏସସି-କୃଷି ଏବଂ ୪ ବର୍ଷୀୟ ସ୍ନାତକ ପାଠ୍ୟକ୍ରମ ନିମନ୍ତେ ୧ ଲକ୍ଷ ୨୦ ହଜାର ଟଙ୍କା, ୫ ବର୍ଷୀୟ ଏମବିବିଏସ ଡାକ୍ତରୀ ଡିଗ୍ରୀ କିମ୍ବା ଇଣ୍ଟିଗ୍ରେଟେଡ଼ ଇଞ୍ଜିନିୟରିଂ ନିମନ୍ତେ ୧ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରାଯାଉଛି । ଚୟନୀତ ଛାତ୍ରଛାତ୍ରୀଙ୍କୁ କିସ୍ତିରେ ପ୍ରତ୍ୟେକ ବର୍ଷ ଏହି ବୃତ୍ତିରାଶି ସେମାନଙ୍କର ଅଧ୍ୟୟନରେ ବାର୍ଷିକ ପ୍ରଦର୍ଶନ ଏବଂ ପାଠ୍ୟକ୍ରମ ଜାରିରଖିଥିବା ସମ୍ବନ୍ଧୀୟ ପ୍ରମାଣପତ୍ର ଆଧାରରେ ପ୍ରଦାନ କରାଯାଇଥାଏ । ଏହି ପ୍ରୟାସ ଅନ୍ତର୍ଗତ ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସହର ପ୍ରଶାସନ ଓ ସିଏସଆର ବିଭାଗର ସିଜିଏମ ଇନଚାର୍ଜ ପି କେ ସ୍ୱାଇଁ ୨୦୨୦-୨୧, ୨୦୨୧-୨୨, ୨୦୨୨-୨୩ ଓ ୨୦୨୩-୨୪ ପ୍ରବେଶିକା ବର୍ଷର ଲାଭାର୍ଥୀ ୩୨ ଜଣ ଛାତ୍ରଛାତ୍ରୀମାନଙ୍କୁ ପ୍ରତୀକ ଚେକ ଓ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ । ଉତ୍ସବରେ ସହର ଇଞ୍ଜିନିୟରିଂ ଓ ଉଦ୍ୟାନକୃଷି ବିଭାଗର ସିଜିଏମ ବି କେ ଯୋଯୋ ସମ୍ମାନିତ ଅତିଥି ରରୂପେ ଉପସ୍ଥିତ ଥିଲେ । ଏହି ଅବସରରେ ସିଏସଆର ବିଭାଗର ଜିଏମ ଇନଚାର୍ଜ ସୁଶ୍ରୀ ମୁନମୁନ ମିତ୍ରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ଯୋଜନା ବିଷୟରେ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସିଏସଆର ବିଭାଗର ଏଜିଏମ ଟି.ବି ଟପ୍ପୋ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ଏସ୍‌ବିଆଇ ଲାଇଫ୍ ପକ୍ଷରୁ ଡବ୍ଲୁଏସ୍‌ସିଏ ସହଯୋଗିତାରେ ଶିଶୁ ଦିବସ ପାଳିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଦେଶର ଅନ୍ୟତମ ବିଶ୍ୱାସଯୋଗ୍ୟ ଘରୋଇ ଜୀବନ ବୀମା କମ୍ପାନି ଏସ୍‌ବିଆଇ ଲାଇଫ୍ ଇନ୍‌ସ୍ୟୁରାନ୍ସ ପକ୍ଷରୁ ଅର୍ଥପୂର୍ଣ୍ଣ ଢଙ୍ଗରେ ଶିଶୁ ଦିବସ ପାଳନ କରାଯାଇଥିବା ବେଳେ ପ୍ରେରଣାଦାୟୀ ଭିଡିଓ ଲିପି କି ଦୁନିଆ ଉନ୍ମୋଚନ କରାଯାଇଛି । ସେଥିରେ ଯୁବପିଢ଼ି, ସ୍ୱପ୍ନ ଓ ଶିକ୍ଷାର ରୂପାନ୍ତରୀତ ଶକ୍ତିକୁ ଉପସ୍ଥାପନ କରାଯାଇଛି । ଓଡ଼ିଶାର କେନ୍ଦୁଝର ଜିଲ୍ଲାର ଏନ୍‌ଜିଓ ଓମେନ୍‌ସ ଅର୍ଗାନାଇଜେସନ୍ ଫର ସୋସିଓ-କଲଚରାଲ୍ ଆୱାରନେସ୍ ସହ ସହଯୋଗିତାରେ ଯୁବପିଢ଼ିଙ୍କ ଶିକ୍ଷାକୁ ସମର୍ଥନ କରିବା ଓ ସେମାନଙ୍କ ସମ୍ଭାବନାକୁ ସମୃଦ୍ଧ କରିବାର ପ୍ରତିବଦ୍ଧତାକୁ କମ୍ପାନି ଜାରି ରଖିଛି । କମ୍ପାନିର ବ୍ରାଣ୍ଡ୍ ଦର୍ଶନ ଅପ୍‌ନେ ଲିୟେ, ଅପ୍‌ନୋ କେ ଲିୟେ ଅନୁସାରେ ପ୍ରସ୍ତୁତ ହୋଇଥିବା ଏହି ଡିଜିଟାଲ୍ ଭିଡିଓ ଯୁବବର୍ଗଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଓ ଅଭିଳାଷ ପୂରଣ ଲାଗି ସେମାନଙ୍କୁ ସଶକ୍ତ କରିବାରେ ଏସ୍‌ବିଆଇ ଲାଇଫ୍‌ର ପ୍ରତିବଦ୍ଧତାକୁ ଦୋହରାଉଛି । ଏହି ନୂଆ ଡିଜିଟାଲ୍ ଭିଡିଓରେ କେନ୍ଦୁଝରର ୧୨ ବର୍ଷୀୟ ବାଳିକା ଲିପିଙ୍କ ଅଭିଳାଷପୂର୍ଣ୍ଣ ଯାତ୍ରା ଓ ସ୍ୱପ୍ନ ପୂରଣ କରିବା ଲାଗି ତାଙ୍କ ଅତୁଟ ନିଷ୍ଠା ଉପରେ ଗୁରୁତ୍ୱାରୋପ କରାଯାଇଛି । ଏସବିଆଇ ଲାଇଫର ବ୍ରାଣ୍ଡ, କର୍ପୋରେଟ୍ କମ୍ୟୁନିକେସନ ଏବଂ ସିଏସଆର ମୁଖ୍ୟ ରବୀନ୍ଦ୍ର ଶର୍ମା କହିଛନ୍ତି ଯେ, ଏହି ଶିଶୁ ଦିବସରେ ଆମେ ସାରା ଦେଶର ଯୁବପିଢ଼ିଙ୍କ ସ୍ୱପ୍ନ ଏବଂ ସ୍ଥିରତାକୁ ପାଳନ କରୁଛୁ ଏବଂ ଏପରି ଏକ ପରିବେଶ ସୃଷ୍ଟି କରିବା ପାଇଁ ଆମର ପ୍ରତିବଦ୍ଧତାକୁ ଦୋହରାଇଛୁ ଯେଉଁଠାରେ ପ୍ରତ୍ୟେକ ପିଲାଙ୍କର ବିକାଶ ପାଇଁ ସୁଯୋଗ ଅଛି ଏବଂ ଏକ ଉଜ୍ଜ୍ୱଳ ଭବିଷ୍ୟତକୁ ଅନୁସରଣ କରିବା ପାଇଁ ସେମାନେ ସଶକ୍ତ ହେବେ । ଡିଜିଟାଲ ଭିଡିଓ ଲିପି କି ଦୁନିଆ ଜରିଆରେ ଆମେ ଦୈନନ୍ଦିନ ଜୀବନର ସୌନ୍ଦର୍ଯ୍ୟ ଉପରେ ଆଲୋକପାତ କରିବାକୁ ଲକ୍ଷ୍ୟ ରଖିଛୁ ଯାହା ଯୁବପିଢ଼ିଙ୍କ ସ୍ୱପ୍ନକୁ ପ୍ରେରଣା ଦେଇଥାଏ ଏବଂ ସେହି ସ୍ୱପ୍ନକୁ ପୂରଣ କରିବାରେ ପାରିବାରିକ ସମର୍ଥନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

SBI Life Apne liye. Apno ke liye.



ନୂଆଦିଲ୍ଲୀ: ଅଷ୍ଟ୍ରେଲିଆର ଆହ୍ୱାନପୂର୍ଣ୍ଣ ଗସ୍ତରେ ମୁସ୍କିଲରେ ଥିବା ଭାରତୀୟ ଦଳକୁ ବଡ଼ ଆଶ୍ୱସ୍ତି ମିଳିଛି। ତାରକା ଦ୍ରୁତ ବୋଲର ମହମ୍ମଦ ଶାମି ଦୀର୍ଘ ସମୟ ପରେ ପଡ଼ିଆକୁ ଫେରି ରଣଜୀ ଟ୍ରଫି ମ୍ୟାଚରେ ୪ ୱିକେଟ୍ ଅକ୍ତିଆର କରିଛନ୍ତି। ଆଠ ସମସ୍ୟାରୁ ମୁକୁଳି ଏକ ବର୍ଷ ପରେ ପଶ୍ଚିମବଙ୍ଗ ପକ୍ଷରୁ ନିଜର ପ୍ରଥମ ମ୍ୟାଚ୍ ଖେଳିଥିବା ଶାମି ମଧ୍ୟ ପ୍ରଦେଶର ପ୍ରଥମ ଇନିଂସରେ ୧୯ ଓଭର ବୋଲିଂ କରି ୪ ମେଡେନ ସହ ୫୪ ରନ ଦେଇ ୪ଟି ୱିକେଟ୍ ନେଇଛନ୍ତି। ସେ ମଧ୍ୟ ପ୍ରଦେଶର ଅଧିନାୟକ ଶୁଭମ ଶର୍ମା, ଅଲରାଉଣ୍ଡର ସାରାଂଶଙ୍କ ବ୍ୟତୀତ ଦୁଇ ନିମ୍ନକ୍ରମ ବ୍ୟାଟରଙ୍କୁ ଆଉଟ୍ କରିଛନ୍ତି। ଏହି ଚାରି ବ୍ୟାଟରଙ୍କ ମଧ୍ୟରୁ ତିନି ଜଣଙ୍କୁ ଶାମି କ୍ଲିନ ବୋଲ୍ଡ କରିଛନ୍ତି। ଭାରତୀୟ ଦଳ ପାଇଁ ଏହା ଭଲ ଖବର ହୋଇଥିଲେ ହେଁ ଜାତୀୟ ଚୟନକର୍ତ୍ତା ଦ୍ୱିତୀୟ ଇନିଂସରେ ଶାମିଙ୍କ ଉପରେ ନଜର ରଖିବେ। ଇନ୍ଦୋରରେ ଖେଳା ଯାଉଥିବା ଏହି ରଣଜୀ ମ୍ୟାଚରେ ଶେଷ ପର୍ଯ୍ୟନ୍ତ ଏହା ଦେଖିବାକୁ ପଡ଼ିବ ଯେ ଶାମିଙ୍କୁ କୌଣସି ଯନ୍ତ୍ରଣା ହେଉଛି କି ନାହିଁ ? ଯଦି ସବୁ ମାନଦଣ୍ଡ ପୂରଣ କରନ୍ତି ତେବେ ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଟେଷ୍ଟ ପୂର୍ବରୁ ମହମ୍ମଦ ଶାମି ଭାରତୀୟ ଦଳ ସହ ସାମିଲ ହୋଇପାରିବେ। ନଭେମ୍ବର ୧୬ରେ ଏହି ରଣଜୀ ମ୍ୟାଚ୍ ଶେଷ ହେବ। ଏହାର ସମ୍ଭାବନା ମଧ୍ୟ ରହିଛି ଯେ, ବୁମ୍ରା ନଭେମ୍ବର ୨୨ରୁ ପର୍ଥରେ ଆରମ୍ଭ ହେଉଥିବା ପ୍ରଥମ ଟେଷ୍ଟ ପୂର୍ବରୁ ଦଳରେ ଯୋଗ ଦେବେ।

### ଆଇସିସିର କଟକଣା

# ପିଓକେ ଯିବନି ଚାମ୍ପିଅନ୍ସ ଟ୍ରଫି




ନୂଆଦିଲ୍ଲୀ : ଚାମ୍ପିଅନ୍ସ ଟ୍ରଫିକୁ ନେଇ ବିବାଦ ବଢିବାରେ ଲାଗିଛି। ପୂର୍ବରୁ ଭାରତ ଏହି ଟୁର୍ଣ୍ଣାମେଣ୍ଟ ଖେଳିବାକୁ ପାକିସ୍ତାନ ଯିବାକୁ ମନା କରିବା ପରେ ଏବେ ପାକିସ୍ତାନର ଆଉ ଏକ ଚକ୍ରାନ୍ତକୁ ପଣ୍ଡ କରିଦେଇଛି ଆଇସିସି। ଏହା ପୂର୍ବରୁ ପ୍ରଚାର,ପ୍ରସାର ବା ସହର ପରିକ୍ରମା କରିବା ଆନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପାକିସ୍ତାନକୁ ଟୁର୍ନାମେଣ୍ଟ ଟ୍ରଫି ପଠାଇଛି। ଏହି ଟ୍ରଫି ଗୁରୁବାର ଇସଲାମାବାଦରେ ପହଞ୍ଚିଛି। କିନ୍ତୁ ସେଠାରେ ପାକିସ୍ତାନକୁ ଏକ ବଡ଼ ଝଟକା ଲାଗିଛି। ପାକିସ୍ତାନ ଏବେ ଏହି ଟ୍ରଫିକୁ ପାକିସ୍ତାନ ଅଧିକୃତ କାଶ୍ମୀର (ପୋକ) କୁ ପଠାଇ ପାରିବେ ନାହିଁ। ପାକିସ୍ତାନ ସରକାର ଯୋଜନା କରିଥିଲେ ଯେ ଟ୍ରଫି ୧୬ ରୁ ୨୪ ନଭେମ୍ବର ମଧ୍ୟରେ ପାକିସ୍ତାନରେ ପରିକ୍ରମା କରିବ। ଏହାକୁ ବିଶ୍ୱର ସର୍ବୋଚ୍ଚ ପର୍ବତ ଶିଖର କେ୨ କୁ ମଧ୍ୟ ନିଆଯିବ। ଏହାକୁ ପାକିସ୍ତାନର ଅଧିକୃତ କାଶ୍ମୀର (ପିଓକେ), ସ୍କାର୍ଦୁ, ମୁରି ଏବଂ ମୁଜାଫରାବାଦର ତିନୋଟି ସହରକୁ ନେବାକୁ ମଧ୍ୟ ନିଷ୍ପତ୍ତି ହୋଇଥିଲା। ବିସିସିଆଇର ଆପତ୍ତି ପରେ ଆଇସିସି ଏହାକୁ ଗ୍ରହଣ କରିଛି। ଏଥିସହ ପାକିସ୍ତାନକୁ ନିର୍ଦ୍ଦେଶ ଦିଆଯାଇଛି ଯେ ଏହି ଟ୍ରଫି ଆଉ ପିଓକେକୁ ଯିବ ନାହିଁ। ପାକିସ୍ତାନ ସରକାର ଏହି ଟ୍ରଫିକୁ ନିଜ ଦେଶରେ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ନୂଆ ସ୍ଥାନକୁ ନେବାକୁ ଯୋଜନା କରିଥିଲେ। ଏହା ଅଧୀନରେ ଟ୍ରଫି ବିଶ୍ୱର ଦ୍ୱିତୀୟ ସର୍ବୋଚ୍ଚ ପର୍ବତ ଶିଖର କେ୨ କୁ ମଧ୍ୟ ନିଆଯିବ।

### ସାମସନ ଓ ତିଳକଙ୍କ ମାଡରେ ସାଉଥ୍ ଆଫ୍ରିକା ଘାଇଲା

# ଭାରତ ୩-୧ରେ ସିରିଜ୍ ବିଜୟୀ



ଜୋହାନ୍ସବର୍ଗ : ଶୁକ୍ରବାର ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ଶେଷ ଟି-୨୦ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତ ୧୩୫ ରନରେ ବିଜୟ ହେବା ସହିତ ସିରିଜ୍‌କୁ ୩-୧ରେ ହାତେଇ ନେଇଛି। ଭାରତ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ପ୍ରଥମରୁ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲା। ସଞ୍ଜୁ ସାମସନ ଓ ତିଳକଙ୍କ ବର୍ମାଙ୍କ ବ୍ୟାଟିଂ ଆଗରେ ଦକ୍ଷିଣ ଆଫ୍ରିକା ବୋଲର ଏକପ୍ରକାର ଆତ୍ମସମର୍ପଣ କରିଥିଲେ। ଦୁହେଁ ବିଜାଗରିତ ଢଙ୍ଗରେ ବ୍ୟାଟିଂ କରି ପ୍ରତ୍ୟେକ ଶତକ ଅର୍ଜନ କରିଥିଲେ। ସାମସନ ୫୬ ବଲରେ ଅପରାଜିତ ୧୦୯ ଓ ତିଳକ ବର୍ମା ୪୭ ବଲରେ ଅପରାଜିତ ୧୨୦ ରନର ଇନିଂସ ଖେଳିଛନ୍ତି। ଏହି ବିସ୍ଫୋରକ ବ୍ୟାଟିଂ ଯୋଗୁ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ମାତ୍ର ଗୋଟିଏ ୱିକେଟ ହରାଇ ୨୮୩ ରନ କରିଛି। ଯାହାଫଳରେ ଦକ୍ଷିଣ ଆଫ୍ରିକାକୁ ୨୮୪ରନର ଟାର୍ଗେଟ ମିଳିଛି। ସାଉଥ୍ ଆଫ୍ରିକା ଏହି ମ୍ୟାଚ୍ ଜିତି ସିରିଜ୍ ବରାବର ରଖିବାକୁ ଚେଷ୍ଟା କରିବ। ଭାରତ ଏକମାତ୍ର ବ୍ୟାଟର ଭାବେ ଅଭିଷେକ ଶର୍ମା (୧୮ ବଲରେ ୩୬)ଙ୍କୁ ହରାଇଛି। ସେ ୪ଟି ଛକା ମାରିଥିବା ବେଳେ ସାମସନ ଓ ତିଳକ ୧୯ଟି ଛକା ମାରିଛନ୍ତି। ଟି-୨୦ର ଟପ ୧୦ ଭିତରେ ଥିବା କୌଣସି ଦଳ ଗୋଟିଏ ମ୍ୟାଚ୍‌ରେ ୨୩ଟି ଛକା ମାରିବା ଏକ ରେକର୍ଡ। ସେହିପରି ଦକ୍ଷିଣ ଆଫ୍ରିକାରେ କୌଣସି ଟି-୨୦ରେ ୨୮୩ ରନ କରିବା ମଧ୍ୟ ସର୍ବାଧିକ। ଗୋଟିଏ ଟି-୨୦ରେ ଦୁଇ ଜଣ ବ୍ୟାଟର ଶତକ ହାସଲ କରିବା ମଧ୍ୟ ପ୍ରଥମ ଘଟଣା। ସାମସନ ଓ ତିଳକ ୮୬ ବଲରେ ୨୧୦ ରନର ଭାଗିଦାରୀ କରିଛନ୍ତି। ଟି-୨୦ କ୍ରିକେଟ ଇତିହାସରେ ଏହା ଦ୍ୱିତୀୟ ୱିକେଟ ପାଇଁ ସର୍ବାଧିକ ପାର୍ଟନରଶିପ। ସେହିପରି ଯେକୌଣସି ୱିକେଟ ପାଇଁ ଏହା ଦ୍ୱିତୀୟ ସର୍ବାଧିକ। ପରେ ଦକ୍ଷିଣ ଆଫ୍ରିକା ବ୍ୟାଟିଂ କରିବାକୁ ଆସି ମାତ୍ର ୧୮.୨ ଓଭରରେ ୧୪୮ ରନ୍ କରି ମ୍ୟାଚ୍ ହାରିଯାଇଛି। ଭାରତ ପକ୍ଷରୁ ଆଜି ଉଭୟ ବୋଲିଂ ଓ ବ୍ୟାଟିଂର କମାଲ ଦେଖିବାକୁ ମିଳିଥିଲା।

# ରଣଜୀ ଟ୍ରଫିରେ ଅଂଶୁଲଙ୍କ ରେକର୍ଡ



ନୂଆଦିଲ୍ଲୀ : ରଣଜୀ ଟ୍ରଫିରେ ବିରଳ ରେକର୍ଡ କରିଛନ୍ତି ହରିୟାଣାର ଦ୍ରୁତ ବୋଲର ଅଂଶୁଲ କାମ୍ବୋଜ। ସେ ରଣଜୀ ଟ୍ରଫି ଇତିହାସର ତୃତୀୟ ବୋଲର ଭାବେ ଗୋଟିଏ ଇନିଂସର ସମସ୍ତ ୧୦ ୱିକେଟ ଦଖଲ କରିଛନ୍ତି। ୨୩ ବର୍ଷୀୟ ଅଂଶୁଲ କମ୍ବୋଜ କେରଳ ବିପକ୍ଷରେ ଏପରି କାର୍ଯ୍ୟମାନ ହାସଲ କରିଛନ୍ତି। ରୋହତକ ଉପକଣ୍ଠରେ ରହିଥିବା ଚୌଧୁରୀ ବଂଶୀ ଲାଲ କ୍ରିକେଟ ଷ୍ଟାଡିୟମରେ ସେ ନିଜର କଲାଗୁ ଦେଖାଇ ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। ସେ ୩୦.୧ ଓଭର ବୋଲିଂ କରି ମାତ୍ର ୪୯ ରନ ଦେବା ସହ ପ୍ରତିପକ୍ଷର ସମସ୍ତ ୧୦ ଜଣ ବ୍ୟାଟରଙ୍କୁ ଆଉଟ କରିଛନ୍ତି। ୧୦ ୱିକେଟ ଦଖଲ କରିବା ପରେ ସେ ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତିଙ୍କ ରେକର୍ଡ କ୍ଲବରେ ସାମିଲ ହୋଇଛନ୍ତି। ୨୦୨୪ରେ ଅଂଶୁଲ ଆଇପିଏଲରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ମ୍ୟାଚ୍ ଖେଳିଥିଲେ। ହେଲେ ମେଗା ଅକ୍ସନ ପୂର୍ବରୁ ତାଙ୍କୁ ମୁମ୍ବାଇ ରିଲିଜ କରିଦେଇଛି। ଏବେ ସେ ରଣଜୀ ଟ୍ରଫିରେ କମାଲ କରି ଆଇପିଏଲ ଅକ୍ସନ ପୂର୍ବରୁ ନିଜ ପ୍ରତିଭା ପ୍ରଦର୍ଶନ କରିଛନ୍ତି। ଅଂଶୁଲଙ୍କ ପୂର୍ବରୁ ରଣଜୀ ଟ୍ରଫିରେ ଏପରି କାର୍ଯ୍ୟମାନ କେବଳ ଦୁଇ ଜଣ ଖେଳାଳି କରି ପାରିଥିଲେ। ପ୍ରଥମେ ୧୯୫୬ରେ ବେଙ୍ଗଲର ପ୍ରେମାଙ୍ଗଶୁ ଚାଟାର୍ଜୀ ଆସାମ ବିପକ୍ଷ ମ୍ୟାଚରେ ୨୦ ରନ ଦେଇ ସମସ୍ତ ୧୦ ୱିକେଟ ନେଇଥିଲେ। ଏହାପରେ ୧୯୮୫ରେ ରାଜସ୍ଥାନର ପ୍ରଦୀପ ସୁନ୍ଦରମ ବିଦର୍ଭ ବିପକ୍ଷ ମ୍ୟାଚରେ ୭୮ ରନ ନେଇ ୧୦ ୱିକେଟ ଦଖଲ କରିଥିଲେ। ଅନ୍ୟପକ୍ଷରେ ଅଂଶୁଲ ପ୍ରଥମ ଶ୍ରେଣୀ କ୍ରିକେଟରେ ଭାରତର ୬ଷ୍ଠ ବୋଲର ଭାବେ ୧୦ ୱିକେଟ ଦଖଲ କରିବାର ରେକର୍ଡ କରିଛନ୍ତି। ତାଲିକାରେ ଥିବା ବାକି ୩ ଖେଳାଳି ହେଲେ ଅନିଲ କୁମ୍ବଲେ, ସୁଭାଷ ଗୁପ୍ତେ ଓ ଓଡ଼ିଶାର ଦେବାଶିଷ ମହାନ୍ତି। ଅଂଶୁଲ ଆଜି ତୃତୀୟ ଦିନର ଖେଳ ଆରମ୍ଭ ହେବା ପୂର୍ବରୁ ୮ଟି ୱିକେଟ ନେଇ ସାରିଥିଲେ। ଆଜି ସେ କେରଳର ବସିଲ ଥାମ୍ପି ଓ ଶୌନ ରୋଜରଙ୍କୁ ଆଉଟ କରି ପ୍ରଥମ ଥର ପାଇଁ ୧୦ ୱିକେଟ ନେବାର ରେକର୍ଡ କରିଥିଲେ। କେରଳ ତା'ର ପ୍ରଥମ ଇନିଂସରେ ୨୯୧ ରନ କରି ଅଲଆଉଟ ହୋଇଛି।

# ଭାରତରେ ହେବ ଚାମ୍ପିଅନ୍ସ ଟ୍ରଫି !



ନୂଆଦିଲ୍ଲୀ: ଚାମ୍ପିଅନ୍ସ ଟ୍ରଫି ମାମଲା ଏବେ ଏକ ଭିନ୍ନ ମୋଡ଼ ନେଇଛି। ଏହି ଆଇସିସି ଟୁର୍ଣ୍ଣାମେଣ୍ଟ ବର୍ତ୍ତମାନ ପାକିସ୍ତାନରେ ନୁହେଁ ବରଂ ଭାରତରେ ଆୟୋଜିତ ହୋଇପାରେ। ଏହି ଅପଡେଟ ଏପରି ଏକ ସମୟରେ ଆସିଛି ଯେତେବେଳେ ଚାମ୍ପିଅନ୍ସ ଟ୍ରଫିରେ ଭାରତ ଏବଂ ପାକିସ୍ତାନ ମୁହାଁମୁହିଁ ହୋଇଛନ୍ତି ଏବଂ ପିସିବି ଧମକ ଦେଇଛି ଯେ ଯଦି ଟିମ୍ ଇଣ୍ଡିଆ ଚାମ୍ପିଅନ୍ସ ଟ୍ରଫି ଖେଳିବାକୁ ପାକିସ୍ତାନ ଆସିବ ନାହିଁ, ତା'ହେଲେ ଏହା ସହିତ ଭବିଷ୍ୟତରେ କୌଣସି ମ୍ୟାଚ୍ ଖେଳିବ ନାହିଁ। ଯଦି ପାକିସ୍ତାନ ଚାମ୍ପିଅନ୍ସ ଟ୍ରଫିରୁ ଓହରିଯାଏ, ତେବେ ଏଭଳି ପରିସ୍ଥିତିରେ ପୁରା ଟୁର୍ନାମେଣ୍ଟକୁ ପାକିସ୍ତାନରୁ ସ୍ଥାନାନ୍ତର କରାଯାଇପାରିବ। ସମ୍ପ୍ରତି ଦକ୍ଷିଣ ଆଫ୍ରିକାକୁ ଚାମ୍ପିଅନ୍ସ ଟ୍ରଫିର ସମ୍ଭାବ୍ୟ ଆୟୋଜକ ଭାବରେ ଦେଖାଯାଉଥିଲା, କିନ୍ତୁ ଏକ ରିପୋର୍ଟ ଅନୁଯାୟୀ, ଚାମ୍ପିଅନ୍ସ ଟ୍ରଫିର କିଛି ଦିନ ପୂର୍ବରୁ ସାଉଥ ଆଫ୍ରିକା ୨୦ ଲିଗ୍ ସମାପ୍ତ ହେବ ଏବଂ ସମୟ ପୂର୍ବରୁ ପିଚ୍ ପ୍ରସ୍ତୁତ ହୋଇପାରିବ ନାହିଁ । ସେହି ସମାନ ରିପୋର୍ଟରେ ଏହା ମଧ୍ୟ ଦାବି କରାଯାଇଛି ଯେ ଯଦି ପାକିସ୍ତାନ ଟୁର୍ନାମେଣ୍ଟରୁ ଓହରିଯାଏ କିମ୍ବା ହାଇବ୍ରିଡ ମଡେଲକୁ ଗ୍ରହଣ କରିବାକୁ ମନା କରେ, ତା'ହେଲେ ଏହାର ହୋଷ୍ଟିଂ ଭାରତକୁ ହସ୍ତାନ୍ତର କରାଯାଇପାରେ। ଏପରିକି ଏହି ପ୍ରସଙ୍ଗରେ ବିସିସିଆଇ ସହିତ ଆଲୋଚନା ଆରମ୍ଭ ହୋଇଛି।

# ଅଲଫା କପ୍ : ଅକ୍ଷଲଫା ସ୍ପୋର୍ଟିଙ୍ଗ କ୍ଲବ୍ ବିଜୟୀ




ବ୍ରହ୍ମପୁର, (ଭାସ୍କର ନ୍ୟୁଜ) : ଅଲଫା ସ୍ପୋର୍ଟିଙ୍ଗ କ୍ଲବ ଆନୁକୂଲ୍ୟରେ ୨ୟ ଅଲଫା କପ ଜିଲ୍ଲା ସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଅଙ୍କୁଶପୁର ଖେଳ ପଡିଆରେ ଶେଷ ଲିଗ ମ୍ୟାଚ ବ୍ରହ୍ମପୁର ଅଲଫା ସ୍ପୋର୍ଟିଙ୍ଗ କ୍ଲବ୍ ବନାମ ଜୁନିୟର କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ହମମ ଦଳ ଟସ ଜିତି ପ୍ରଥମେ ବ୍ୟାଟିଙ୍ଗ ନିଷ୍ପତ୍ତି ନେଇଥିଲେ। ନିର୍ଦ୍ଧାରିତ ୩୫ ଓଭର ମ୍ୟାଚରେ ୯. ୫ ଓଭର ଖେଳି ସମସ୍ତ ଉଇକେଟ ହରାଇ ୬୬ ରନ କରିଥିଲେ। ଦଳ ପକ୍ଷରୁ ମୁନା ବେହେରା ୧୫ କରିଥିଲେ। ଅଲଫା ସ୍ପୋର୍ଟିଙ୍ଗ କ୍ଲବ ପକ୍ଷରୁ ବୋଲିଂରେ ପି ସନ୍ତୋଷ ରେଡ୍ଡୀ ୫ ଓଭର ପକାଇ ୩୩ ରନ ଦେଇ ୫ ଗୋଟି ଉଇକେଟ ଅକ୍ତିହାର କରିଥିଲେ। ଜବାବରେ ଅଲଫା ସ୍ପୋର୍ଟିଙ୍ଗ ଦଳ ୧୧.୨ ଓଭର ଖେଳି ୩ ଗୋଟି ଉଇକେଟ ବିନିମୟରେ ୬୮ ରନ କରି ବିଜୟ ଲାଭ କଲେ। ଦଳ ପକ୍ଷରୁ ସୋମିୟ ରଞ୍ଜନ ବିଶ୍ୱାଳ ୩୨ ବଲ ଖେଳି ୩୫ ରନକରିଥିଲେ। ହମମ ଦଳ ପକ୍ଷରୁ ବୋଲିଂରେ ମନୋଜ ଦାସ ୫ ଓଭର ପକାଇ ୨୨ ରନ ଦେଇ ୨ ଗୋଟି ଉଇକେଟ ଅକ୍ତିହାର କରିଥିଲେ। ଏହି ମ୍ୟାଚକୁ ଅଲଫା ସ୍ପୋର୍ଟିଙ୍ଗ ଦଳ ୭ ଗୋଟି ଉଇକେଟରେ ମ୍ୟାଚ ହାତେଇନେଲା। ଆଜିର ମ୍ୟାଚରେ ଅମ୍ପାୟାର ଭାବେ ରଜନୀ କାନ୍ତ ରେଡ଼ି ଓ ସୁଶାନ୍ତ କୁମାର ପଣ୍ଡା ଖେଳକୁ ପରିଚଳନା କରିଥିବା ବେଳେ ସ୍କୋରର ଭାବେ ଅଜୁ ଦାସ ସଯୋଗ କରିଥିଲେ। ଆଜିର ମ୍ୟାଚରେ ମ୍ୟାନ୍ ଅଫ ଦା ମ୍ୟାଚ ଭାବେ ଅଲଫା ସ୍ପୋର୍ଟିଙ୍ଗ କ୍ଲବର ପି. ସନ୍ତୋଷ ରେଡ୍ଡୀକୁ ଅଲଫା କ୍ଲବର ସମ୍ପାଦକ ବିଜୟ ଭାସ୍କର ସିଂ ସାମନ୍ତ ପ୍ରଦାନ କରିଥିଲେ।

### କରଞ୍ଜିଆ ଚମ୍ପିୟାନ ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଜେଏମ୍‌ବି ୱାରିୟର ଚମ୍ପିୟାନ


କରଞ୍ଜିଆ (ଭାସ୍କର ନ୍ୟୁଜ୍) : କରଞ୍ଜିଆ ୟୁଥ କ୍ଲବ ପକ୍ଷରୁ ସ୍ୱର୍ଗତ ଗୁନା ସାହୁ ଓ ବାବୁନି ମହାପାତ୍ରଙ୍କ ସ୍ମୃତିରେ ଆୟୋଜିତ ଚମ୍ପିୟାନ ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳ ଆଜି ଅନୁଷ୍ଠିତ ହୋଇଯାଇଛି। ଜେଏମବି ୱାରିୟର ୫ ଉଇକେଟ ବିନିମୟରେ ୧୫୪ ରନ ସଂଗ୍ରହ କରିଥିବା ବେଳେ କରଞ୍ଜିଆ ଭିକିଙ୍ଗସ ୧୦ ଉଇକେଟ ବିନିମୟରେ ୧୦୬ ରନ ସଂଗ୍ରହ କରିଥିଲା । ଜେଏମବି ୱାରିୟର ୪୮ ରନ ଅକ୍ତିଆର କରି ଚମ୍ପିୟାନ ଘୋଷିତ ହୋଇଥିଲା । ବିଜୟୀ ଦଳର ସମୀର କୁମାର ଦାସଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା ହୋଇଥିଲା । ଆମ୍ପାୟାର ଦୁର୍ଗା ପଟ୍ଟନାୟକ ଓ ଜୟପ୍ରକାଶ ରାଉତ ଖେଳକୁ ପରିଚାଳନା କରିଥିବା ବେଳେ କ୍ଲବର ସଭାପତି ଜୟନ୍ତ ହେମ୍ବ୍ରମ, ସମ୍ପାଦକ କଇନ ଖାନ, ଅଭିଜିତ ଘୋଷ ଓ ସଦସ୍ୟଗଣ ସହଯୋଗ କରିଥିଲେ । ଫାଇନାଲ ଖେଳରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାଏକ ଓ ସମ୍ମାନିତ ଅତିଥି ଭାବେ, କେନ୍ଦୁଝର ବିଜେପି ସଭାପତି ଅଂଶୁମାନ ସବୁଜ ମହାନ୍ତ, ରାଇରଙ୍ଗପୁର ଜିଲ୍ଲା ସଭାପତି କୃପାସିନ୍ଧୁ ମହାନ୍ତ,କରଞ୍ଜିଆ ଓକିଲ ସଂଘର ସଭାପତି ଆଇନଜୀବୀ ବାଞ୍ଛାନିଧି ପୃଷ୍ଟି , କରଞ୍ଜିଆ ର ପୂର୍ବତନ ବିଧାୟିକା ବାସନ୍ତୀ ହେମ୍ବ୍ରମ, ସମାଜସେବି କାମିନୀ ମହାନ୍ତେ,, ସମ୍ୟ ମିଶ୍ର ପ୍ରମୁଖ ଯୋଗଦେଇ ଚମ୍ପିୟାନ ଜେଏମବି ୱାରିୟରକୁ ଟ୍ରଫି ସହ ନଗଦ ୫୧ ହଜାର ଟଙ୍କା ଏବଂ ରନର୍ସ ଅଫ କରଞ୍ଜିଆ ଭିକିଙ୍ଗସକୁ ଟ୍ରଫି ସହ ନଗଦ ୩୧ ହଜାର ଟଙ୍କା ପ୍ରଦାନ କରି ପୁରସ୍କୃତ କରିଥିଲେ ।

# ଜାତୀୟ ଟାଇକୋଣ୍ଡ ପ୍ରତିଯୋଗିତା: ଆହାନଙ୍କୁ ବ୍ରୋଞ୍ଜ



କେନ୍ଦୁଝର (ଭାସ୍କର ନ୍ୟୁଜ): କେନ୍ଦୁଝରର ସୁନାପୁଅ ଆହାନ୍ ୱାସୀମ୍ ନାୟାର। ଜାତୀୟ ଟାଇକୋଣ୍ଡ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ୨ ହଜାର ପ୍ରତିଯୋଗିତାଙ୍କୁ ପଛରେ ପକାଇ ସଫଳତା ଅର୍ଜନ କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଓଡ଼ିଶାର ଏକମାତ୍ର ପ୍ରତିଯୋଗୀ ଭାବେ ବ୍ରୋଞ୍ଜ ପଦକ ହାସଲ କରିବା ଚର୍ଚ୍ଚାର ବିଷୟ ପାଲଟିଛି। ଅକ୍ଟୋବର ୯ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ମଧ୍ୟପ୍ରଦେଶର ବିଦିଶାର ପୁଲିସ ଲାଇନ ଷ୍ଟାଡିୟମରେ ୬୮ ତମ ଜାତୀୟ ଏସ.ଜି.ଏଫ.ଆଇ ଟାଇକୋଣ୍ଡ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଯେଉଁଠାରେ ଦେଶର ବିଭିନ୍ନ ରାଜ୍ୟରୁ ୨୦୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କେନ୍ଦୁଝରସ୍ଥିତ ରବୀନ୍ଦ୍ର ବିଦ୍ୟା ନିକେତନ ଅଷ୍ଟମ ଶ୍ରେଣୀର ଛାତ୍ର ଆହାନ ୱାସୀମ୍ ନାୟାର ଏହି ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ଜିତିଛନ୍ତି ଏବଂ ସେ ଓଡ଼ିଶାରୁ କୃତିତ୍ୱ ଅର୍ଜନ କରିଥିବା ଏକମାତ୍ର ପ୍ରତିଯୋଗୀ ଅଟନ୍ତି। ଏହା ପୂର୍ବରୁ ସେ ଛତିଶଗଡର ବାଜ୍‌ପୁର ଏବଂ ପାଶ୍ଚିମ ବଙ୍ଗର ହୁଗୁଳିରେ ଆୟୋଜିତ ହୋଇଥିବା ଚମ୍ପିୟାନସିପରେ ସ୍ୱର୍ଣ ପଦକ ହାସଲ କରି ଜାତୀୟ ସ୍ତରରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ତାଙ୍କର ଏହି ସଫଳତା ସାରା ରାଜ୍ୟ ଏବଂ ଜିଲ୍ଲା ପାଇଁ ଗର୍ବ ଓ ଗୌରବର ବିଷୟ ହୋଇଛି। ସୂଚନାଯୋଗ୍ୟ, ଆହାନ ପୂର୍ବରୁ ରାଜ୍ୟ ଓ ଜାତୀୟ ସ୍ତରରେ ଅନେକ ପ୍ରତିଯୋଗିତାରେ ଭାଗନେଇ ସଫଳତା ଅର୍ଜନ କରିଥିବାବେଳେ ଏଥର ବ୍ରୋଞ୍ଜ ପଦକ ହାସଲ କରିବା ଯୋଗୁଁ ସହପାଠୀ ଓ ଶୁଭେଚ୍ଛୁମାନେ ଅଭିନନ୍ଦନ ଜଣାଇଛନ୍ତ।

# ପ୍ରତ୍ୟୁଷ ଜତିଲେ ପ୍ରଥମ ଟାଇଟଲ୍




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଓଡିଶାର ଉଦୀୟମାନ ଟେନିସ ଖେଳାଳି ପ୍ରତ୍ୟୁଷ ମହାନ୍ତି ଶୁକ୍ରବାର କ୍ୟାରିୟରର ପ୍ରଥମ ଅଲ ଇଣ୍ଡିଆ ଟେନିସ ଆସୋସିଏଶନ ପୁରୁଷ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ଫାଇନାଲରେ ସେ କର୍ଣ୍ଣାଟକର ଚନ୍ଦନ ଶିଭରାଜଙ୍କୁ ୪-୬, ୭-୫, ୬-୨ ସେଟରେ ପରାସ୍ତ କରିଥିଲେ । ପ୍ରଥମ ସେଟ ହାରିବା ପରେ ପ୍ରତ୍ୟୁଷ ଚମତ୍କାର ପ୍ରଦର୍ଶନ କରି ଦ୍ୱିତୀୟ ସେଟକୁ ଜିତି ମ୍ୟାଚକୁ ରୋମାଂଚକ ସ୍ଥିତିରେ ପଂହଚାଇ ଦେଇଥିଲେ । ନିର୍ଣ୍ଣାୟକ ମୁକାବିଲାରେ ପ୍ରତ୍ୟୁଷ ବାଜି ମାରିଥିଲେ । ପୂର୍ବରୁ ୨୨ ବର୍ଷୀୟ ଏହି ପ୍ରତିଭାବାନ ଖେଳାଳି କ୍ୱାର୍ଟର ଫାଇନାଲରେ ପଶ୍ଚିମବଙ୍ଗର ରୋହନ ମଣ୍ଡଳଙ୍କୁ ୬-୩ ଓ ୬-୪ ସେଟରେ ଏବଂ ସେମିଫାଇନାଲରେ ଶୌନକ ଚାଟାର୍ଜୀଙ୍କ ୬-୩, ୬-୨ରେ ହରାଇଥିଲେ । ଏହି ବିଜୟ ଯୋଗୁ ସେ ୨୦ ପଂଏଟ ହାସଲ କରିଛନ୍ତି । ଆଇଟା ର ?ୟାଙ୍କିଙ୍ଗରେ ସେ ଏବେ ୬୦ରୁ ୫୦ତମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି । ଏହି ବିଜୟ ମୋତେ ଆଗକୁ ଆହୁରି ଭଲ ପ୍ରଦର୍ଶନ କରିବା ପାଇଁ ପ୍ରେରଣା ଯୋଗାଇବ ବୋଲି ମ୍ୟାଚ ପରେ ପ୍ରତ୍ୟୁଷ କହିଛନ୍ତି । ସେ ଏବେ ଭୁବନେଶ୍ୱରର ଆଲଟେଭଲ-କିଟ ଆଲେକଜାଣ୍ଡର ୱାସ୍କେ ଟେନିସ ଏକାଡେମୀରେ ପ୍ରଶିକ୍ଷଣ ନେଉଛନ୍ତି । ବିଭିନ୍ନ ବୟସ ବର୍ଗରେ ସେ ୮ରୁ ଅଧିକ ଟାଇଟଲ ହାସଲ କରିଛନ୍ତି। ଏସଏସ ଟେନିସ ଏକାଡେମୀରେ ଶୁଭ୍ରାଂଶୁ ଚରଣ ଷଡଙ୍ଗୀଙ୍କ ନିକଟରୁ ସେ ପ୍ରଥମେ ପ୍ରଶିକ୍ଷଣ ନେଇଥିଲେ ।

### ମହିଳା ଏସୀୟ ଚାମ୍ପିଅନ୍ସ ଟ୍ରଫି ହକି

# ଭାରତର ହ୍ୟାଟ୍ରିକ୍ ବିଜୟ

ରାଜଗିର: ବିହାରର ରାଜଗିରରେ ଚାଲିଥିବା ମହିଳା ଏସୀୟ ଚାମ୍ପିଅନ୍ସ ଟ୍ରଫି ହକି ପ୍ରତିଯୋଗିତାରେ ବିଜେତା ଭାରତ ହ୍ୟାଟ୍ରିକ୍ ବିଜୟ ପାଇଛି। ପ୍ରଥମ ଦୁଇ ମ୍ୟାଚ୍‌ରେ ମାଲେସିଆ ଓ କୋରିଆକୁ ମାତ୍ ଦେଇଥିବା ଭାରତ ଗୁରୁବାର ୧୩-୦ର ବଡ଼ ବ୍ୟବଧାନରେ ଥାଇଲାଣ୍ଡକୁ ହରାଇଛି। ଦୀପିକା ଏକାକୀ ୫ ଗୋଲ୍ ଦେଇଥିଲା ବେଳେ ପ୍ରୀତି ଦୁବେ, ଲାଲରେମସିଆମି, ବିଉଟି ଡୁଙ୍ଗଡୁଙ୍ଗ ଓ ମନୀଷା ଚୌହାନ ୨ ଲେଖାଏଁ ଗୋଲ୍ କରିଥିଲେ। ଏହି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଦୀପିକା ନିଜର ୫୦ ଅନ୍ତର୍ଜାତୀୟ ଗୋଲ୍ ପୂରଣ କରିଛନ୍ତି। ଶନିବାର ପରବର୍ତ୍ତୀ ମ୍ୟାଚ୍‌ରେ ଚୀନ୍‌କୁ ଭେଟିବ ଭାରତ। ଘରୋଇ ଦର୍ଶକଙ୍କ ସମ୍ମୁଖରେ ଖେଳୁଥିବା ଭାରତ ମ୍ୟାଚ୍ ?ର ତୃତୀୟ ମିନିଟ୍‌ରେ ହିଁ ଆଗୁଆ ହୋଇଯାଇଥିଲା। ଦୀପିକାଙ୍କ ଫିଲ୍ଡ ଗୋଲ୍ ?ରେ ଭାରତ ଏହି ଅଗ୍ରଣୀ ପାଇଥିଲା। ଏହାପରେ ପ୍ରୀତି (୯ ମିନିଟ୍) ଓ ଲାଲରେମସିଆମି (୧୨ ମିନିଟ୍) ଗୋଟିଏ ଲେଖାଏଁ ଫିଲ୍ଡ ଗୋଲ୍ ଦେଇ ଦଳକୁ ପ୍ରଥମ କ୍ୱାର୍ଟରରେ ୩-୦ରେ ଆଗୁଆ ରଖିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଦୀପିକା (୧୯ ମିନିଟ୍) ଫିଲ୍ଡ ଗୋଲ୍ ଦେଇଥିଲା ବେଳେ ବିଉଟି (୩୦ ମିନିଟ୍) ପେନାଲଟି କର୍ଣ୍ଣରକୁ ଗୋଲ୍‌ରେ ପରିଣତ କରି ପ୍ରଥମାର୍ଦ୍ଧକୁ ୫-୦ରେ ଭାରତ ପକ୍ଷରେ ରଖିଥିଲେ। ଦ୍ୱିତୀୟାର୍ଦ୍ଧରେ ଭାରତ ୮ଟି ଗୋଲ୍ ଲଦି ଦେଇଥିଲା। ୪୦ତମ ମିନିଟ୍‌ରେ ପ୍ରୀତି ନିଜର ଦ୍ୱିତୀୟ ଗୋଲ୍ ଦେଇଥିଲା ବେଳେ ଦୀପିକା (୪୩, ୪୫, ୪୫+ ମିନିଟ୍) ୩ ମିନିଟ୍ ମଧ୍ୟରେ ୩ଟି ଗୋଲ୍ ଦେଇ ୫ ସଫଳତା ପାଇଥିଲେ। ଚତୁର୍ଥ କ୍ୱାର୍ଟରରେ ବିଉଟି (୫୩ ମିନିଟ୍), ଲାଲରେମସିଆମି (୫୬ ମିନିଟ୍) ଗୋଟିଏ ଲେଖାଏଁ ଓ ମନୀଷା ଚୌହାନ (୫୫, ୫୮ ମିନିଟ୍) ଦୁଇଟି ଗୋଲ୍ ଦେଇ ଭାରତକୁ ଏହି ବୃହତ ବିଜୟ ଭେଟି ଦେଇଥିଲେ।

# ଭାରତକୁ ଝଟ୍‌କା : ସର୍ଫରାଜ, ରାହୁଲ ଆଘାତପ୍ରାପ୍ତ



ପର୍ଥ: ନଭେମ୍ବର ୨୨ରୁ ଭାରତ ଓ ଅଷ୍ଟ୍ରେଲିଆ କ୍ରିକେଟ ଟିମ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ବର୍ଡର-ଗାଭାସ୍କର ଟ୍ରଫି ଖେଳାଯିବ। ଏହା ପୂର୍ବରୁ ଟିମ ଇଣ୍ଡିଆ ୱାକା ଗ୍ରାଉଣ୍ଡରେ ଅଭ୍ୟାସ କରିଥିଲା। ଟିମ ଇଣ୍ଡିଆର ଦୁଇ ବ୍ୟାଟ୍ସମ୍ୟାନ ସର୍ଫରାଜ ଖାଁ ଓ କେଏଲ ରାହୁଲ ଏହି ଅଭ୍ୟାସ ସେଶନରେ ଆଘାତପ୍ରାପ୍ତ ହୋଇଛନ୍ତି । ରାହୁଲଙ୍କ ଡାହଣ ହାତ କହୁଣୀରେ ବଲ ବାଜିବା ପରେ ସେ ଯନ୍ତ୍ରଣା ଅନୁଭବ କରିଥିଲେ। ଫିଜିଓଙ୍କ ପରୀକ୍ଷଣ ପରେ ସେ ଡ୍ରେସିଂରୁମକୁ ଫେରି ଯାଇଥିଲେ। ସର୍ଫରାଜ ଖାଁ ମଧ୍ୟ ଆଘାତପ୍ରାପ୍ତ ହୋଇଛନ୍ତି। ତେବେ ଏହି ଦୁଇଜଣଙ୍କ ଆଘାତ ସମସ୍ୟା ଗୁରୁତର ନୁହେଁ ବୋଲି ଟିମ ଇଣ୍ଡିଆ ପକ୍ଷରୁ କୁହାଯାଇଛି। ପ୍ରସିଦ୍ଧ କ୍ରିଷ୍ଣା ଓ ମୁକେଶ କୁମାର ବୋଲିଂ ଅଭ୍ୟାସ କରିଥିଲେ । ନିୟମିତ ଅଧିନାୟକ ରୋହିତ ଶର୍ମା ପ୍ରଥମ ଟେଷ୍ଟରେ ଖେଳିବା ସମ୍ଭାବନା କମ ଥିବାରୁ ଯଶପ୍ରୀତ ବୁମରାହ ଅଧିନାୟକ ଦାୟିତ୍ୱ ତୁଲାଇ ପାରନ୍ତି । ଅଷ୍ଟ୍ରେଲିଆ ଗସ୍ତ ପୂର୍ବରୁ କୋଚ ଗୌତମ ଗମ୍ଭୀର କହିଥିଲେ, ରୋହିତଙ୍କ ସମ୍ପର୍କରେ ଶେଷ ନିଷ୍ପତ୍ତି ମ୍ୟାଚ ପୂର୍ବରୁ ଗ୍ରହଣ କରାଯିବ । ୱାର୍ଲ୍ଡ ଟେଷ୍ଟ ସିରିଜ ଫାଇନାଲରେ ପ୍ରବେଶ ପାଇଁ ଏହି ସିରିଜ ଭାରତ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ।

# ଗମ୍ଭୀରଙ୍କ ଦୃଢ଼ୋକ୍ତି: ୭ଖେଳାଳିଙ୍କ ଲମ୍ବା ଇନିଂସ ଖେଳିବାକୁ ସକ୍ଷମ

ନୂଆଦିଲ୍ଲୀ: ବର୍ଡର-ଗାଭାସ୍କର ଟ୍ରଫି ପାଇଁ ଟିମ୍ ଇଣ୍ଡିଆ, ଅଷ୍ଟ୍ରେଲିଆରେ ପହଞ୍ଚିସାରିଛି। ଏହି ଟୁର୍ନାମେଣ୍ଟ ୨୨ନଭେମ୍ବରରୁ ଆରମ୍ଭ ହେବ । ଟିମ୍ ଇଣ୍ଡିଆ ପାଇଁ ଆଗାମୀ ସିରିଜ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କାରଣ ଯଦି ଦଳ ଏଠାରେ ୪-୦ରେ ଜିତିବାକୁ ସକ୍ଷମ ନହୁଏ, ତେବେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଅନ୍ତିମ ମ୍ୟାଚ୍‌ରେ ପହଞ୍ଚିବା ପାଇଁ ଅନ୍ୟ ଦଳର ଫଳାଫଳ ଉପରେ ନିର୍ଭର କରିବାକୁ ପଡିବ। ଏହି କାରଣରୁ ଭାରତୀୟ ଖେଳାଳିମାନେ ଆଗାମୀ ସିରିଜ୍ ପାଇଁ ଅଷ୍ଟ୍ରେଲିଆରେ ପହଞ୍ଚି ଅଭ୍ୟାସ ଆରମ୍ଭ କରିଦେଇଛନ୍ତି। ଆଗାମୀ ସିରିଜ୍ ପୂର୍ବରୁ ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ତଥା ପୂର୍ବତନ ଓପନର୍ ଗୌତମ ଗମ୍ଭୀର ଜିଓ ସିନେମାକୁ ସାକ୍ଷାତକାର ଦେଇ ଏକ ମଜାଦାର ପ୍ରଶ୍ନର ଉତ୍ତର ଦେଇଛନ୍ତି। ଯେତେବେଳେ ୪୩ବର୍ଷୀୟ ଗମ୍ଭୀରଙ୍କୁ ପଚରାଯାଇଥିଲା ଯେ ଦଳରେ ଏପରି କେଉଁ ବ୍ୟାଟ୍ସମ୍ୟାନ୍ ଅଛନ୍ତି ଯିଏ ଟେଷ୍ଟ ମ୍ୟାଚ୍ ଜିତାଇବା ପାଇଁ ୧୧ଘଣ୍ଟା ବ୍ୟାଟିଂ କରିପାରିବେ। ଏହି ପ୍ରଶ୍ନର ଉତ୍ତରରେ ସେ କହିଥିଲେ ଯେ, ଟିମ୍ ଇଣ୍ଡିଆର ଶ୍ରେଷ୍ଠ ୭ଜଣ ଖେଳାଳି ଟେଷ୍ଟ ମ୍ୟାଚ୍‌ରେ ଲମ୍ବା ଇନିଂସ ଖେଳିବାକୁ ସକ୍ଷମ ଅଟନ୍ତି।

Muthoot Mercantile Limited
MUTHOOT MERCANTILE
Regd.Office: 'Muthoot Floors',Opp:W & C Hospital, Thycaud,Trivandrum,Kerala - 695014
GOLD AUCTION NOTICE
Notice is hereby given for the information of all concerned that Gold ornaments pledged with the under mentioned branches of the company in different branches of Odisha for the period which were overdue for redemption and have not been redeemed so far in spite of repeated notices, will be auctioned on 25.11.2024 at the specified branch.
Contact details: PH: 0471-2774800, 0671-2978903
PLEDGE NOS: Mahanadhi Vihar:- 4469,4495,4503,4506, Jagatpur:- 8030,8158,8182,8194, 8207,8229,8243, Mahatab Road:- 6054,6082,6095,6296, Chowdwar:- 9446,9453, 9477,9495,9513,9528,9531,9536,9555,9576,9665,9685,9711,9741,9756,9760,9782,9793,9804,9836,9837,9851,9854,9857,9865,9871,9883,9884,9906,9911,9919,9921,9927,9928,9940,9941,9950,9951,9961,9963,9964, Choudhury Bazar:- 5401,5423,5490,5522,5529,5534,5559,5563, 5565,5573, 5581,5612,5617,5618, Khordha:- 6419,6459,6472,6473,6481,6503,6542,6547, Raghunathpur:- 10149,10220,10263, Jajpur Town:- 13247,13254,13273,13277,13280,13291,13292,13300,13326, 13348,13381,13398,13403,13423,13438,13444,13447,13455,13460,13468,13482,13498,13513,13564,13581,13595,13605,13619,13621,13670,13676,13678,15155, Pattamundi:- 7169,7191, 7253,7322, 7324,7350,7352,7358,7360,7368,7394,7405,7416,7419,7420,7422,7426,7432,7445, 7447,7449,7457,9002, Kendrapara-NH:- 6550,6565,6707,6727,6776,6795,6822, Kendrapara K-CHK:- 5621,5650,5677,5678,5693,5741,5747,5762,7379, Cuttack Link Road:- 5172,5193,5226, 5264,5292,5316, Pipli:- 7508,7520,7583,7605,7616,7620,7634,7645,7649,7660,7665,7695,7701, 7705,7711, 7738, Salipur:- 7451,7458,7480,7580,7585,7590,7600,7610,7614,7634,7657,7658, 7659, 7683,7685,7710,7712,7714,7745,7747,7751,7752,7759,7768,7775,7776,7794,7795,7796,7797, Nimapara:- 6286,6368,6397,6417,6418,6446,6447,6458,6461,6462,6470,6475,6484, 6487,6501,6502,6503,6505,6512,6522,6542, Jagatsinghpur:- 6367,6467,6515,6534, Balasore Remuna:- 4737,4744,4772,6752, Balasore FM Square:- 4741,4850,4862,4881,4897,4918,4930, Behrampur Kamapalli:- 4853,4862,4880,4974,4987,4992,4993,4995,5000,5014,5035,5045, 5059,5070, 5072,5073,5078,5079,5084,5090,5103, Behrampur Aska Road:- 5932, 6037,6060,6140,6172,6220,6225,6228,6238,6296,6318,6342,6347,8018, Chandikhol:- 5329,5460, 5478,5510,5512,5530,5569,5576,5588,6923, Jatni:- 5315,5367,5386, 5389,5442,5462, 5484,5494,5495,5497,5585,5929, Cuttack Puri Road:- 2860,2897,2901, Khandagiri:- 4277,4330,4337,4367,4369,4376,4380,4396,4407,4421,4424,4435,4441,5217, Aska:- 2445,2453,2471,2473,2507, Dhenkanal:- 2487,2553,2577,2607,2613,2617,2669,2676,2679, 2699,2710, Balugaon:- 1479,1529,1858,2320, Baripada:- 2211,2286,2297,2319,2335,2362, Hinjlicut :- 2308,2312,2371,2456,2472,2476,2482,2484,2490,2491,2493,2517, Gosaninuagaon:- 1607,1761,1813,2120,2148,2149,2183,2235,2274, Digapahandi:- 1265,1283, Bargarh:- 1879, 1881,1883,1884, Talcher:- 1300,1883,2360, Sambalpur:- 1317,1319,1330,1341,1357, 2173,2258, Sakhigopal:- 1099,1140,1371,2452,
Place: Trivandrum, Date: 16.11.2024 for Muthoot Mercantile Limited, Chairman

MUTHOOT FINCORP LTD. | ସୁନା ନିଲାମୀ ନୋଟିସ୍
Regd. Office: Muthoot Centre, TC No 27/3022, Punnen Road, Thiruvananthapuram, Kerala, India - 695001. CIN: U65929KL1997PLC011518, Ph: +91 471 4911400, 2331427
ଏତଦ୍ଦ୍ୱାରା ଜଣାଇଦିଆଯାଉଛି ବନ୍ଧା ରଖାଯାଇଥିବା ସୁନା ଗହଣା ଅତିଦେୟ ଯାହା ଅବଧି 31.12.2023 & MSGL, SPL.16, One plus, Guide Prepaid, Super value, ADGL and all other 6 months tenure Gold loans up to 31.03.2024 and MSGB, SME Suvarna & EMI due up to 30.09.2024 ପର୍ଯ୍ୟନ୍ତ କମ୍ପାନୀର ଉଲ୍ଲେଖିତ ଶାଖା ଦ୍ୱାରା ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ, ବର୍ତ୍ତମାନ ସୁଦ୍ଧା ମୁକୁଳାଯାଇନାହିଁ, ସମସ୍ତ ସମ୍ବନ୍ଧିତ ପକ୍ଷଙ୍କ ସୂଚନା ପାଇଁ ଜଣାଇଦିଆଯାଉଛି 26.11.2024 ସକାଳ ୧୦ ଟା ସମୟରୁ ନିଲାମ ପ୍ରକ୍ରିୟା ଆରମ୍ଭ କରାଯିବ ।
JAGATSINGHPUR DISTRICT – JAGATSINGHPUR: 414400404, 414400424, 414400478, 414400534, 414400578, 414400585, 414400587, 414400607, 414400679, 414400699, 414400702, 414400733, 414400752, 414400754, 414400810, 414400820, 414400821, 414400822, 414400824, 414400825, 414400830, 414400836, 414400838, 414400841, 414400858, 414400859, 414400861, 414400871, 414400874, 414400879, 414400880, 414400882, 414400890, 414400891, 414400893, 414400894, 414400895, 414400896, 414400905, 414400907, 414400916, 414400920, 414400925, 414400936, 414400939, 414400944, 414400947, 414400958, 414400960, 414400964, 414400966, 414400968, 414400972, 414400976, 414400978, 414400982, 414400986, 414400987, 414400992, 414400995, 414400997, 414400999, 414401000, 414401003, 414401005, 414401006, 414401011, 414401012, F6523. PARADEEP: 417200097, 417200141, 417200144, 417200147, 417200154, 417200156, 417200157, 417200169, 417200170, 417200172, 417200173. KENDRAPARA DISTRICT - KENDRAPARA: 406000172, 406000192, 406000198, 406000218, 406000222, 406000223, 406000232, 406000248, 406000279, 406000281, 406000291, 406000331, 406000342, 406000449, 406000466, 406000482, 406000483, 406000484, 406000485, 406000486, 406000487, 406000490, 406000503, 406000504, 406000508, 406000510, 406000511, 406000524, 406000528, 406000532, 406000534, 406000538, 406000541, 406000547, 406000564, 406000570, 406000578, 406000591, 406000595. NAYAGARH DISTRICT - NAYAGARH: 399500180, 399500195, 399500276, 399500284, 399500451, 399500470, 399500484, 399500489, 399500538, 399500550, 399500551, 399500556, 399500557, 399500565, 399500588, 399500596, 399500599, 399500600, 399500607, 399500614, 399500619.
ନିଲାମ ସମ୍ପର୍କିତ ... 06.12.2024 ... JAGATSINGHPUR: Muthoot FinCorp Ltd., Plot No. 925, Ground Floor, Gandharb Market, Sano Bazaar Main Road, Opp. Sbi Stand, Deuligarmeswar, Jagatsinghpur, Orissa - 754103. KENDRAPARA: Muthoot FinCorp Ltd., First Floor, Baldevjew, Bajaj Show Room Building, Plot No. 23/3, Mauja-Mahapl, Po-Kendrapara, Town Road, Beside HDFC Bank, Kendrapara, Orissa - 754211. NAYAGARH: Muthoot FinCorp Ltd., Ground Floor, Nayak Complex, Plot No 1328/3051, Khandapada Road, Beside IDBI Bank, Nayagarh, Orissa - 752069. ...
ମୁଥୁଟ୍ ଫିନ୍‌କର୍ପ ଲିମିଟେଡ୍

# ବିବିଧବର୍ଣ୍ଣା



ବାସ୍ତୁଶାସ୍ତ୍ର ଅନୁସାରେ ଅଇଁଠା ଓ ଅପରିଷ୍କାର ବାସନ ନକାରାତ୍ମକ ଶକ୍ତି ସୃଷ୍ଟି କରିଥାଏ । ରାତିରେ ନକାରାତ୍ମକ ଶକ୍ତି ଅଧିକ ଶକ୍ତିଶାଳୀ ହୋଇଥାଏ । ଯାହାର ପ୍ରଭାବ ପୂରା ଘର ଉପରେ ପଡିଥାଏ । ଘରେ ଅଶାନ୍ତି ବଢ଼ିଥାଏ । ପରିବାର ସଦସ୍ୟଙ୍କ ମଧ୍ୟରେ ବିବାଦ ହୋଇପାରେ । ଏହି ରୋଷେଇ ଘରକୁ ଧନ ଓ ସମୃଦ୍ଧିର ଦେବୀ ମା' ଲକ୍ଷ୍ମୀଙ୍କ ରୂପ ମା' ଅନ୍ନପୂର୍ଣ୍ଣାଙ୍କ ବାସସ୍ଥଳୀ ବୋଲି ବିଶ୍ୱାସ କରାଯାଏ । ରାତିରେ ରୋଷେଇ ଘରେ ଅଇଁଠା ବାସନ ରଖିଲେ ମା' ଲକ୍ଷ୍ମୀ କ୍ରୋଧିତ ହୁଅନ୍ତି । ଯାହା ଦ୍ୱାରା ଘରେ ଟଙ୍କା କମିବା ଆରମ୍ଭ ହୋଇଥାଏ । ଯଦି ଏହି ଅଭ୍ୟାସରେ ଉନ୍ନତି ନ ହୁଏ ତେବେ ଘରେ ମା' ଲକ୍ଷ୍ମୀଙ୍କ ବିପରୀତ ଓ ନକାରାତ୍ମକ ରୂପ ଆସିଥାଏ । ଏହା ଦ୍ୱାରା ଘରେ ଧନ ସଙ୍କଟ ସୃଷ୍ଟି ହେବା ସହ ବିପଦର ପାହାଡ଼ ମଧ୍ୟ ଦେଖାଦେଇଥାଏ । ଶନିଦେବ ହେଉଛନ୍ତି କର୍ମର ରକ୍ଷକ ଓ କର୍ମର ଦେବତା । ଏମାନଙ୍କୁ ରାତିର ମାଲିକ ମଧ୍ୟ ବୋଲି ବିବେଚନା କରାଯାଏ । ରୋଷେଇ ଘରେ ଅପରିଷ୍କାର ବାସନ ରଖିବା ସେମାନଙ୍କୁ ଅପମାନିତ କରିଥାଏ । ଶନିଦେବଙ୍କ କ୍ରୋଧଯୋଗୁଁ ପରିବାର ଲୋକେ ଅସୁସ୍ଥ ହୋଇପଡ଼ିଛନ୍ତି । ଦୀର୍ଘ ଦିନ ଧରି ଏହି ଅଭ୍ୟାସରେ କୌଣସି ପରିବର୍ତ୍ତନ ନ ହେଲେ ଶନିଦେବ ଘର ମାଲିକଙ୍କୁ ମଧ୍ୟ ଦରିଦ୍ର କରିପାରନ୍ତି ।





## ହୋମ୍‌ୱାର୍କ

ହୋମ୍‌ୱାର୍କ କରିବା ପୂର୍ବରୁ ପିଲା ନିଜକୁ ଚିନ୍ତାମୁକ୍ତ ରଖିବା ଦରକାର । ନ ହେଲେ ଏହାକୁ ନେଇ ସେ ଦ୍ୱନ୍ଦ୍ୱରେ ପଡ଼ିଥାଏ । ତେଣୁ ପ୍ରଥମେ ଘରେ ଷ୍ଟଡି ସିଡ୍ୟୁଲ ପ୍ରସ୍ତୁତ କରନ୍ତୁ ଏବଂ ସେହି ଅନୁସାରେ ପାଠ ପଢ଼ନ୍ତୁ । ଯଦି ପଢ଼ିବା ପରେ ମନ ଭଲ ଲାଗୁନି, ତେବେ କିଛି ସମୟ ବ୍ରେକ ନିଅନ୍ତୁ । ସବୁଠାରୁ ଖସ କଥା ହେଲା, ପାଠପଢ଼ା ଏକ ଶାନ୍ତ ପରିବେଶରେ ହେବା ନିହାତି ଦରକାର । ତେବେ ପିଲା ଥଣ୍ଡା ମିଜାସରେ ହୋମ୍‌ୱାର୍କ କରିପାରିବ । କେଉଁ ହୋମ୍‌ୱାର୍କ କେତେବେଳେ କରିବେ, ସେ ନେଇ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରନ୍ତୁ । ଯେଉଁ ବିଷୟରେ ହୋମ୍‌ୱାର୍କ ଦିଆଯାଇଛି, ତାହାକୁ ପ୍ରଥମେ ନିଜେ ଭଲ ଭାବରେ ବୁଝିବା ଦରକାର । ଯଦି ମନରେ କିଛି ସନ୍ଦେହ ଆସୁଛି, ତେବେ ଶିକ୍ଷକଙ୍କ ସହ ଯୋଗାଯୋଗ କରନ୍ତୁ । ପାଠକୁ ଠିକ ଭାବରେ ବୁଝି ନପାରିଲେ ତାକୁ ପଢ଼ିବା ସହଜ ହୋଇନଥାଏ । ଏପରିକି ସମୟ ତାବାଟରେ ଆଗେଇ ଚାଲେ, ହେଲେ ପିଲାଟି କଣ କରିବି ବୋଲି ବସି ଭାବି ହେଉଥାଏ । ସ୍କୁଲରେ କ'ଣ ହୋମ୍‌ୱାର୍କ ଦିଆଯାଉଛି ତାହାକୁ ଭଲ ଭାବରେ ମନେରଖନ୍ତୁ । ଆଜି ଯଦି କୌଣସି ହୋମ୍‌ୱାର୍କ ଦିଆଯାଇଛି ତାକୁ ଆଜି ହିଁ ସାରିବାକୁ ଚେଷ୍ଟା କରନ୍ତୁ । ପିଲା ପାଠ ପଢ଼ିବା ପୂର୍ବରୁ ତାକୁ ହାଲକା ସ୍ନାକ୍ସ ଖାଇବାକୁ ଦିଅନ୍ତୁ । ଖାଲି ପେଟରେ ପଢ଼ିଲେ କିଛି ମନେ ରୁହେନି । ହୋମ୍‌ୱାର୍କକୁ ବୋଝ ବୋଲି ନଭାବିବା ଭଲ । ପିଲା ହୋମ୍‌ୱାର୍କ କରିବା ସମୟରେ ତାକୁ ମୋଟିଭେଟ କରନ୍ତୁ । କାରଣ ପିଲାର ଦାୟିତ୍ୱ ରହିଥାଏ, ଏହାକୁ ସେ କିପରି ଠିକ ଭାବେ ସମ୍ପାଦନ କରିବ । ପିଲାମାନେ ଯଦି ଘରେ ହୋମ୍‌ୱାର୍କ କରିବା ସମୟରେ କିଛି ଅସୁବିଧା ହୁଏ, ତେବେ ମା-ବାପାଙ୍କ ସହାୟତା ନେଇପାରନ୍ତି । ଏପରିକି ଏ ନେଇ ଟ୍ୟୁଟରଙ୍କ ସହ ଆଲୋଚନା କଲେ କିଛି କ୍ଷତି ନାହିଁ । ହୋମ୍‌ୱାର୍କ କରିବା ସମୟରେ ଆଦୌ ତରବର ହୁଅନ୍ତୁ ନାହିଁ । ଏହାକୁ କିପରି ଭଲ ଭାବରେ ଶେଷ କରିବେ, ସେ ନେଇ ସମୟ ପ୍ରତି ନଜର ଦିଅନ୍ତୁ । ପାଠକୁ ବୋଝ ନଭାବିଲେ ହୋମ୍‌ୱାର୍କ ସହଜ ଲାଗିବ । କ୍ଲାସର ସୀମିତ ସମୟ ଭିତରେ କୌଣସି ପାଠ ଉପରେ ସବିଶେଷ ଆଲୋଚନା ସହଜ ନୁହେଁ । ଏହି ସମୟରେ ପିଲାମାନେ ପଢୁଥିବା ପାଠକୁ କିପରି ସହଜରେ ବୁଝିପାରିବେ ତାହା ଉପରେ ଶିକ୍ଷୟିତ୍ରୀ ଶିକ୍ଷକ ଧ୍ୟାନ ଦିଅନ୍ତି । ତା ସହ ଘରେ କିଛି ପାଠ ପଢ଼ି କିମ୍ବା ଲେଖି ଆଣିବାକୁ କୁହାଯାଇଥାଏ । ଏହି ହୋମ୍‌ୱାର୍କ କେତେକଙ୍କୁ ବୋଝ ପରି ଲାଗିଥାଏ । କାରଣ ଏପଟେ ସ୍କୁଲପଢ଼ା, ଟ୍ୟୁସନ, ହୋମ୍‌ୱାର୍କ ଏସବୁକୁ ସମାନ୍ତରାଳ ଭାବରେ ଆଗେଇନେବା ସହଜ ନୁହେଁ । ତେଣୁ ପିଲାଏ, ତୁମେମାନେ ପ୍ରଥମେ ପାଠକୁ ବୋଝ ବୋଲି ଭାବନାହିଁ । ତେବେ ତୁମେମାନେ ନିଜର ହୋମ୍‌ୱାର୍କକୁ ସହଜରେ ତୁଲାଇପାରିବ । ସ୍କୁଲରେ ଶିକ୍ଷକଙ୍କ ସହ ଏବଂ ଘରେ ଗାର୍ଡ଼ିଆନଙ୍କ ସହ ଏବଂ ଟ୍ୟୁସନରେ ଟ୍ୟୁଟରଙ୍କ ସହ ପିଲାଙ୍କ ଉତ୍ତମ ସମନ୍ୱୟ ରହିବା ନିହାତି ଦରକାର । ତେବେ ସେମାନଙ୍କୁ ପାଠ ହାଲୁକା ଲାଗିବ । ହୋମ୍‌ୱାର୍କ କରିବା ସମୟରେ ପିଲାଟିର କ'ଣ ଅସୁବିଧା ରହୁଛି ତାହାକୁ ଲକ୍ଷ୍ୟ କରାଯାଇ ତାହାର ସମାଧାନ କରିବା ଆବଶ୍ୟକ । ପିଲା ଉପରେ ଯଦି ପାଠର ଚାପ ରହୁଛି, ତେବେ ତାହା କିପରି ହାଲୁକା ହେବ ସେ ବଷୟରେ ଗାର୍ଡ଼ିଆନ, ଶିକ୍ଷକ ଏବଂ ଟ୍ୟୁଟର ସଚେତନ ରହିବା ଦରକାର । ତେବେ ଜଣେ ପିଲାର କ୍ୟାରିୟର ସୁରୁଖୁରୁରେ ଆଗକୁ ଆଗେଇ ପାରିବ । ପିଲାଙ୍କ ହୋମ୍‌ୱାର୍କକୁ ନେଇ ଉଭୟ ଶିକ୍ଷକ ଶିକ୍ଷୟିତ୍ରୀ ବା ପରିବାରରୁ କୌଣସି ଚାପ ରହିବା ଅନୁଚିତ । ସେମାନଙ୍କୁ ସମୟ ଦେଇ ଏବଂ ସେମାନଙ୍କୁ ସହଯୋଗ କରି ଉଚିତ ମାର୍ଗ ଦର୍ଶନ ଦେଖାଇଲେ ପିଲାଙ୍କ ହୋମ୍‌ୱାର୍କ ଖୁବ ଖୁସି ମନରେ ସେମାନେ କରିପାରିବେ ।

**ଡକ୍ଟର ସୁରେଶ କୁମାର ନାୟକ**
**ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ,**
**ସେକ୍ଟର-୯, ସିଡିଏ, କଟକ**



## ବେଦାଙ୍ଗଙ୍କୁ ଡେଟ୍ କରୁନାହାନ୍ତି ଖୁସି କପୁର

ସ୍ୱର୍ଗତା ଅଭିନେତ୍ରୀ ଶ୍ରୀଦେବୀ ଏବଂ ଫିଲ୍ମ ନିର୍ମାତା ବୋନି କପୁରଙ୍କ ସାନ ଝିଅ ଖୁସି କପୁର ବଡ଼ ପରଦାରେ ପାଦ ଥାପି ସାରିଛନ୍ତି । ଗତବର୍ଷ ରିଲିଜ୍ ହୋଇଥିବା ଜୋୟା ଅଖତରଙ୍କ ନିର୍ଦ୍ଦେଶିତ 'ଦି ଆର୍କିଜ୍' ଫିଲ୍ମ ଜରିଆରେ ସେ ବଡ଼ ପରଦାରେ ଡେବ୍ୟୁ କରିଥିଲେ । ତେବେ ଏହି ଚଳଚ୍ଚିତ୍ରର ଅଭିନେତା ବେଦାଙ୍ଗ ରାଇନାଙ୍କ ସହ ଖୁସି ଡେଟ୍ କରୁଥିବା ନେଇ ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଥିଲା । ବୁଧବାର ଏକ ସାକ୍ଷାତ୍‌କାରରେ ଖୁସି ଏନେଇ ପ୍ରତିକ୍ରିୟା ରଖିଛନ୍ତି । ଜଣେ ଅଭିନେତ୍ରୀ ଭାବେ ତାଙ୍କ ଡେଟିଂ ଲାଇଫ୍‌କୁ ନେଇ ଯେଉଁ ସବୁ ଆଲୋଚନା ଚାଲିଛି ତାକୁ କିପରି ଭାବେ ଗ୍ରହଣ କରୁଛନ୍ତି ବୋଲି ଏହି ସାକ୍ଷାତ୍‌କାରରେ ଖୁସିଙ୍କୁ ପଚରାଯାଇଥିଲା । ଉତ୍ତରରେ ଖୁସି କହିଛନ୍ତି, ସେ ଏସବୁ ଚର୍ଚ୍ଚା ଓ ଆଲୋଚନାକୁ ବିଶେଷ ଧ୍ୟାନ ନ ଦେଇ ସର୍ବଦା ନିଜ କାମ ଉପରେ ଫୋକସ୍ କରିଥାନ୍ତି । ଜଣେ ଅଭିନେତ୍ରୀ ହୋଇ ଥିବାରୁ ତାଙ୍କୁ ନେଇ ସର୍ବସାଧାରଣରେ ଅନେକ ଆଲୋଚନା ହୋଇଥାଏ । କିନ୍ତୁ ଏସବୁ କେବଳ ଗୁଜବ ବୋଲି ଖୁସି କହିଛନ୍ତି । ସେ ଆହୁରି କହିଛନ୍ତି, ତାରକାମାନଙ୍କର ମଧ୍ୟ ଅନ୍ୟମାନଙ୍କ ପରି ବ୍ୟକ୍ତିଗତ ଜୀବନ ରହିଥାଏ । ଅନ୍ୟମାନେ ଏହାକୁ ସମ୍ମାନ ଦେବା ଉଚିତ । ତେବେ ନିଜ ପରିବାରକୁ ନେଇ ଖୁସି ଏହି ସାକ୍ଷାତ୍‌କାରରେ କହିଛନ୍ତି, ବର୍ତ୍ତମାନ ସେ ଫିଲ୍ମ ଇଣ୍ଡଷ୍ଟ୍ରିରେ ଜଣେ ନବାଗତା ଅଭିନେତ୍ରୀ । ତାଙ୍କ ପାଇଁ ବହୁତ କିଛି ଶିଖିବାକୁ ବାକି ଅଛି । ସେ ତାଙ୍କ କାର୍ଯ୍ୟକୁ ନେଇ ବାପାଙ୍କ ଠାରୁ ପ୍ରାୟତଃ ପରାମର୍ଶ ନେଇଥାନ୍ତି ବୋଲି ଖୁସି କହିଛନ୍ତି । ସେହିପରି ଭାଇ ଅର୍ଜୁନ କପୁର ଓ ବଡ଼ ଭଉଣୀ ଜାହ୍ନବୀ କପୁରଙ୍କର ମଧ୍ୟ ଫିଲ୍ମ ଇଣ୍ଡଷ୍ଟ୍ରିରେ ଢେର ଅଭିଜ୍ଞତା ରହିଛି । ଅଭିନୟରେ ଉନ୍ନତି ଆଣିବା ପାଇଁ ସେମାନେ ତାଙ୍କୁ ସବୁବେଳେ ପରାମର୍ଶ ଦେଇଥାନ୍ତି ବୋଲି ଖୁସି କହିଛନ୍ତି । ଖୁବ୍‌ଶୀଘ୍ର ଖୁସିଙ୍କୁ ଅଭିନେତା ଆମୀର ଖାନ୍‌ଙ୍କ ପୁଅ ଜୁନୈଦ ଖାନ୍‌ଙ୍କ ସହ ଏକ ରୋମାଣ୍ଟିକ ଡ୍ରାମା ଫିଲ୍ମରେ ଦେଖିବାକୁ ମିଳିବ । ତେବେ ବର୍ତ୍ତମାନ ସୁଦ୍ଧା ଉକ୍ତ ଫିଲ୍ମର ନାମ ଘୋଷଣା କରାଯାଇ ନାହିଁ ।

## ଅଧିକ ଲୁଣ ଖାଉଥିଲେ ହୋଇପାରେ ପେଟ କ୍ୟାନ୍‌ସର



ଲୁଣ ବିନା ଖାଦ୍ୟର ସ୍ୱାଦ ଅଧୁରା । ବିନା ଲୁଣରେ ଫିକା ଲାଗେ ଖାଦ୍ୟ । ତେବେ ଲୁଣ ଅଧିକ ହେଲେ ବି ବିଗିଡିଯାଏ ସ୍ୱାଦ । ଅଧିକାଂଶ ଲୋକେ ଖାଦ୍ୟରେ ଅଧିକ ଲୁଣ ଖାଇବାକୁ ପସନ୍ଦ କରନ୍ତି । କିନ୍ତୁ ଏହା ହୋଇପାରେ ହାନିକାରକ । ଅଧିକ ଲୁଣ ଖାଇଲେ ରକ୍ତଚାପ ବଢ଼ିବା ସହ ପେଟ କ୍ୟାନସର ଭଳି ସାଙ୍ଘାତିକ ରୋଗ ହୋଇପାରେ । ଯଦିଓ ପେଟ କ୍ୟାନସରର ଅନ୍ୟାନ୍ୟ କାରଣ ଅଛି, କିନ୍ତୁ ଅତ୍ୟଧିକ ଲୁଣ ମଧ୍ୟ ଏହି କାରଣ ମଧ୍ୟରୁ ଗୋଟିଏ ହୋଇପାରେ । ନିକଟରେ ଜର୍ଣ୍ଣାଲ୍ ଅଫ୍ ଗ୍ୟାଷ୍ଟ୍ରିକ୍ କ୍ୟାନସରରେ ପ୍ରକାଶିତ ଏକ ଅଧ୍ୟୟନରୁ ଏହି ତଥ୍ୟ ସାମ୍ନାକୁ ଆସିଛି । ଖାଦ୍ୟରେ ଅତ୍ୟଧିକ ମାତ୍ରାର ଲୁଣ ପେଟ କ୍ୟାନସରକୁ ଆମନ୍ତ୍ରଣ କରିପାରେ । ବିଶେଷଜ୍ଞମାନେ ପ୍ରାୟ ୫ ଲକ୍ଷ ଲୋକଙ୍କ ହେଲ୍ଥ ଡାଟାର ବିଶ୍ଳେଷଣ କରି ଏହି ଫଳାଫଳରେ ପହଞ୍ଚିଛନ୍ତି । ମଣିଷ ଦେହ ଭିତରେ ଲୁଣ କିଭଳି ପ୍ରଭାବ ପକାଉଛି ତାକୁ ନେଇ ଅତି ନିକଟରୁ ଅଧ୍ୟୟନ କରାଯାଇଥିଲା । ଲୁଣ ଯୋଗୁ ପେଟରେ କ୍ୟାନସର ଜୀବାଣୁ ସୃଷ୍ଟି ହୋଇପାରେ ବୋଲି ଜଣାପଡିଥିଲା । ଏହି କ୍ୟାନସର ପ୍ରାୟତଃ ପ୍ରୋସେସଡ୍ ଖାଦ୍ୟ ଖାଇବା ଦ୍ୱାରା ହୋଇଥାଏ, କାରଣ ଏଥିରେ ବହୁ ପରିମାଣର ଲୁଣ ଥାଏ । ଡବ୍ଲ୍ୟୁଏଚ୍‌ଓ ଅନୁଯାୟୀ, ଜଣେ ବୟସ୍କ ବ୍ୟକ୍ତି ପ୍ରତିଦିନ ୫ ଗ୍ରାମରୁ ଅଧିକ ଲୁଣ ଖାଇବା ଉଚିତ୍ ନୁହେଁ, ଏଥିରେ ୨ ଗ୍ରାମ ସୋଡିୟମ୍ ଏବଂ ୩.୫ ଗ୍ରାମ ପୋଟାସିୟମର ମିଶ୍ରଣ ରହିବା ଉଚିତ୍ । କିନ୍ତୁ ଆଜିକାଲି ବିଶ୍ୱର ଅଧିକାଂଶ ଲୋକ ୯ରୁ ୧୨ଗ୍ରାମ ଲୁଣ ଖାଉଛନ୍ତି । ଜର୍ଣ୍ଣାଲ୍ ଅଫ୍ ଆମେରିକାନ୍ ମେଡିକାଲ୍ ଆସୋସିଏସନ୍ ଅନୁଯାୟୀ, ଯଦି ଆପଣ ପ୍ରତିଦିନ ଆପଣଙ୍କ ଖାଦ୍ୟରେ ଏକ ଚାମଚ ଲୁଣ ହ୍ରାସ କରନ୍ତି, ତେବେ ଏହା ଶରୀରରେ ଅନେକ ସକାରାତ୍ମକ ପରିବର୍ତ୍ତନ ଆଣିପାରେ । ଏହା ଉଚ୍ଚ ରକ୍ତଚାପ ପାଇଁ ଔଷଧ ଭଳି କାମ କରିବ । ଅନ୍ୟାନ୍ୟ ରୋଗର ଲକ୍ଷଣକୁ ମଧ୍ୟ ହ୍ରାସ କରିପାରେ ।


## କୁକୁଡ଼ା ଆକୃତିର ସବୁଠୁ ବଡ଼ ହୋଟେଲ

ଫିଲିପାଇନ୍ସର ନେଗ୍ରୋସ୍ ଅକ୍ସିଡେଣ୍ଟାଲ୍ ଶିଳ୍ପାଞ୍ଚଳରେ କୁକୁଡ଼ା ଆକାରରେ ଏକ ବିଶାଳ ହୋଟେଲ ରହିଛି । ନିଜର ବିଶେଷ ଡିଜାଇନ୍ ହେତୁ ଏହି ହୋଟେଲର ନାମ ଗିନିଜ୍ ବୁକ୍ ଅଫ୍ ୱାର୍ଲଡ ରେକର୍ଡସ(ଜିଡବ୍ଲ୍ୟୁଆର)ରେ ନାମ ସ୍ଥାନିତ ହୋଇଛି, ଯାହା ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିପାରିଛି । ଏହି କୁକୁଡ଼ା ଆକୃତି ହୋଟେଲର ଉଚ୍ଚତା ୧୧୫ ଫୁଟ ହୋଇଥିବାବେଳେ ଏହାର ଚଉଡ଼ା ୧୨.୨୭ ମିଟର (୪୦ ଫୁଟ) ରହିଛି । ଏହି ହୋଟେଲରେ ଶୀତତାପ ନିୟନ୍ତ୍ରିତ ୧୫ଟି କୋଠରି ରହିଛି । ଏଥିରେ ବଡ଼ ଆକାରରେ ରାଜକୀୟ ଶଯ୍ୟା, ଟିଭି ଏବଂ ରାଜକୀୟ ସାୱାର ମଧ୍ୟ ରହିଛି । ଗତବର୍ଷ ଜୁନ୍ ୧୦ରେ ଏହି ହୋଟେଲର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା । ତେବେ ଏହି କୁକୁଡ଼ା ଆକୃତିର ହୋଟେଲକୁ ଅତି ଯତ୍ନର ସହ ନିର୍ମାଣ କରାଯାଇଥିବା ନେଇ ହୋଟେଲର ମାଲିକ ତଥା ସ୍ଥାନୀୟ ଶିଳ୍ପପତି ରିକାର୍ଡୋ କାନୋ ଗୱେପୋ ତେନ୍ କହିଛନ୍ତି । ନିର୍ମାଣ ସମୟରେ ଝଡ଼ ଏବଂ ପ୍ରାକୃତିକ ବିପର୍ଯ୍ୟୟ ଆଦିକୁ ଧ୍ୟାନରେ ରଖାଯାଇଥିବା ନେଇ ସେ କହିଛନ୍ତି ।



## ବିଳାସପୂର୍ଣ୍ଣ କାର୍ କିଣିଲେ ଅକ୍ଷୟ

ଚଳଚ୍ଚିତ୍ର ତାରକାମାନଙ୍କର ବିଳାସପୂର୍ଣ୍ଣ କାର୍‌ର ବହୁତ ସଉକ ଥାଏ । ନିକଟରେ ଅନେକ ବଡ଼ କଳାକାର ଲେକ୍ସସ୍ ଏବଂ ଟୋୟୋଟାର ପ୍ରିମିୟମ୍ ଏମପିଭି କିଣିଛନ୍ତି, ଯେଉଁଥିରେ ଅମୀର ଖାନଙ୍କଠାରୁ ଆରମ୍ଭ କରି ରଣବୀର କପୁରଙ୍କ ଭଳି ସେଲିବ୍ରିଟିଙ୍କ ନାମ ସାମିଲ ଅଛି । ଏବେ ଅକ୍ଷୟ କୁମାର ମଧ୍ୟ ଏଥିରେ ସାମିଲ ହୋଇ ଯାଇଛନ୍ତି, କାରଣ ସେ ନିଜ ପାଇଁ ଟୋୟୋଟାର ଅଲ୍ଟ୍ରା ଲଗ୍‌ଜରୀ ଏମପିଭି ଭେଲଫାୟର କିଣିଛନ୍ତି । ଏହି ଗାଡ଼ିର ମୂଲ୍ୟ ପ୍ରାୟ ୧.୫ କୋଟି ଟଙ୍କା ବୋଲି କୁହାଯାଉଛି । ଏହି ବିଳାସପୂର୍ଣ୍ଣ ଏମପିଭି ଭିତରେ ବସିଲେ କୌଣସି ୭ ତାରକା ହୋଟେଲ କିମ୍ବା ପ୍ରାସାଦ ଭିତରେ ବସିବା ଭଳି ଅନୁଭବ ହୁଏ, କାରଣ ଏଥିରେ ଅଦ୍ଭୁତ ଆରାମ ଏବଂ ବିଳାସପୂର୍ଣ୍ଣ ଫିଚର ରହିଛି । ଅକ୍ଷୟ କୁମାରଙ୍କ ନୂଆ ଟୋୟୋଟା ଭେଲଫାୟର ବିଷୟରେ ବିସ୍ତୃତ ଭାବରେ କହିବାକୁ ଗଲେ, ୪.୯୯ ମିଟର ଲମ୍ବା ଏହି ବିଳାସପୂର୍ଣ୍ଣ ଏମପିଭିର ଚଉଡ଼ା ୧୮୫୦ ଏମଏମ, ଉଚ୍ଚତା ୧୯୫୦ ଏମଏମ ଏବଂ ହ୍ୱିଲ୍ ବେସ୍ ୩୦୦୦ ମିଲିମିଟର । ଭେଲଫାୟରର ବାହ୍ୟ ଗଠନ ବିଷୟରେ କହିବାକୁ ଗଲେ, ଏହାର ଆଗରେ ବଡ଼ ଗ୍ରିଲ୍, ସମ୍ପୂର୍ଣ୍ଣ ଗାଡ଼ିରେ ବଡ଼ କାଚ ଅଂଶ, ବିଭିନ୍ନ ସ୍ଥାନରେ କ୍ରୋମ୍ ଗାର୍ନିସ୍, ଏଲଇଡି ହେଡ୍‌ଲ୍ୟାମ୍ପ ଓ ଟେଲ୍‌ଲ୍ୟାମ୍ପ, କନେକ୍ଟିଙ୍ଗ୍ ଏଲଇଡି ବାର୍, ୧୯ ଇଞ୍ଚର ଡୁଆଲ୍ ଟୋନ୍ ଆଲୟ ଚକ ସହିତ ଅନେକ ଆକର୍ଷଣୀୟ ଫିଚର ରହିଛି । ଦେଖିବାକୁ ଖୁବ୍ ଚମତ୍କାର ହୋଇଥିବା ଏହି ଗାଡ଼ି ଲୋକଙ୍କୁ ବେଶ୍ ଆକର୍ଷିତ କରିଛି ।





## ଦୀପିକା-ରଣଭୀରଙ୍କ ବିବାହକୁ ପୂରିଲା ୬ ବର୍ଷ

ରଣଭୀର ସିଂ ଏବଂ ଦୀପିକା ପାଦୁକୋନ ସେମାନଙ୍କର ୬ଷ୍ଠ ତମ ବିବାହ ବାର୍ଷିକୀ ପାଳନ କରିଛନ୍ତି । ଦୀପଭୀର ୧୪ ନଭେମ୍ବର ୨୦୧୮ ରେ ବିବାହ କରିଥିଲେ ଏବଂ ୨୦୨୪ ରେ ଅର୍ଥାତ୍ ଆଜି ସେମାନଙ୍କର ବିବାହର ୬ ବର୍ଷ ପୂରଣ କରିଛନ୍ତି । ଏଥିସହ ଚଳିତ ବର୍ଷ ଉଭୟ ପ୍ରଥମ ସନ୍ତାନର ପିତାମାତା ହୋଇଥିବା ବେଳେ ଏହି ବିବାହ ବାର୍ଷିକୀ ଉଭୟଙ୍କ ପାଇଁ ବେଶ ସ୍ୱତନ୍ତ୍ର ରହିଛି । ତେବେ ଏହି ଅବସରରେ ରଣଭୀର ସିଂ ଏକ ସ୍ୱତନ୍ତ୍ର ପୋଷ୍ଟ ସେୟାର କରିଛନ୍ତି ଏବଂ ଦୀପିକାଙ୍କୁ ତାଙ୍କ ବିବାହ ବାର୍ଷିକୀରେ ଶୁଭେଚ୍ଛା ଜଣାଇଛନ୍ତି । ରଣଭୀର ସିଂ ଦୀପିକାଙ୍କୁ ତାଙ୍କ ବିବାହ ବାର୍ଷିକୀରେ ଖାସ୍ ଅନ୍ଦାଜରେ ଶୁଭେଚ୍ଛା ଜଣାଇଛନ୍ତି । ଅଭିନେତା ନିଜ ଇନଷ୍ଟାଗ୍ରାମରେ ଦୀପିକାଙ୍କ ଅନେକ ଫଟୋ ସେୟାର କରିଛନ୍ତି । ଏଥିରେ ତାଙ୍କ ଗର୍ଭଧାରଣ ଫଟୋସୁଟର ଫଟୋ ମଧ୍ୟ ଅନ୍ତର୍ଭୁକ୍ତ । ଫଟୋ ସେୟାର କରି ସେ କ୍ୟାପସନରେ ଲେଖିଛନ୍ତି, 'ପ୍ରତ୍ୟେକ ଦିନ ପତ୍ନୀଙ୍କୁ ପ୍ରଶଂସା କରିବାର ଦିନ କିନ୍ତୁ ଆଜି ଅଧିକ ସ୍ୱତନ୍ତ୍ର । ଶୁଭ ବିବାହ ବାର୍ଷିକୀ ଦୀପିକା ପାଦୁକୋନ, ମୁଁ ତୁମକୁ ଭଲ ପାଏ । ରଣଭୀରଙ୍କ ଏହି ପୋଷ୍ଟରେ ଫ୍ୟାନ୍ସ ପସନ୍ଦ କରିବା ସହ ଦୀପଭୀରଙ୍କୁ ତାଙ୍କ ବିବାହ ବାର୍ଷିକୀ ପାଇଁ ଅଭିନନ୍ଦନ ଜଣାଇଛନ୍ତି । ଜଣେ ଲେଖିଛନ୍ତି, 'ମୋର ପ୍ରିୟ ଦମ୍ପତି, ବିବାହ ବାର୍ଷିକୀ ବହୁତ ଖୁସି ।' ଆଉ ଜଣେ ଲେଖିଛନ୍ତି, 'ଶୁଭ ବାର୍ଷିକୀ ଦୀପିକା ରଣଭୀର, ସର୍ବଦା ଖୁସି ରୁହ ।' ୨୦୧୨ ଚଳଚ୍ଚିତ୍ର 'ଗୋଲିଆନ କି ରାସଲିଲା-ରାମଲିଲା'ରେ ରଣଭୀର ଏବଂ ଦୀପିକା ପରସ୍ପରର ପ୍ରେମରେ ପଡିଥିଲେ । ଏହା ଉଭୟଙ୍କ ପ୍ରଥମ ଚଳଚ୍ଚିତ୍ର ଥିଲା । ୬ ବର୍ଷ ପରସ୍ପରକୁ ଡେଟ୍ କରିବା ପରେ ଦୁହେଁ ୨୦୧୮ ରେ ବିବାହ କରିଥିଲେ । ସେମାନେ ନଭେମ୍ବର ୧୪ ରେ ଇଟାଲୀର ହ୍ରଦ କୋମୋରେ ଥିବା କୋଙ୍କଣି ରୀତିନୀତି ଅନୁଯାୟୀ ବିବାହ କରିଥିଲେ । ବିବାହର ୬ ବର୍ଷ ପରେ, ସେମାନେ ଝିଅ ଜନ୍ମ ଦେଇଥିଲେ । ଯାହାଙ୍କ ନାଁ ଦୁଆ ପାଦୁକୋନ ସିଂ । ଦୀପଭୀରଙ୍କ ୱାର୍କଫ୍ରଣ୍ଟ ବିଷୟରେ କହିବାକୁ ଗଲେ, ଉଭୟ ରଣଭୀର ଏବଂ ଦୀପିକା ରୋହିତ ଶେଟ୍ଟୀଙ୍କ ରିଲିଜ ଫିଲ୍ମ 'ସିଙ୍ଘମ ଏଗେନ'ରେ ପରଦାରେ ଏକାଠି ନଜର ଆସିଛନ୍ତି । ରଣଭୀର ସିମ୍ବାଙ୍କ ଭୂମିକାରେ ଅଭିନୟ କରିଛନ୍ତି । ସେହିପରି ଦୀପିକା 'କପ ୟୁନିଭର୍ସ'ର ପ୍ରଥମ ମହିଳା ପୋଲିସ ଅଧିକାରୀ ଶକ୍ତି ଶେଟ୍ଟୀଙ୍କ ଭୂମିକାରେ ଅଭିନୟ କରିଛନ୍ତି । ଏହି ଫିଲ୍ମ ନଭେମ୍ବର ୧ରେ ରିଲିଜ ହୋଇସାରିଛି । ବର୍ତ୍ତମାନ ପ୍ରେକ୍ଷାଳୟରେ ଫିଲ୍ମ ଜାରି ରହିଥିବା ବେଳେ ବାରତରେ ୨୦୦ କୋଟିରୁ ଅଧିକ ଏବଂ ବିଶ୍ୱରେ ୩୦୦ କୋଟି ଆୟ କରି ସଫଳତା ହାସଲ କରିଛି ।

## ୧୧ କୋଟିରେ ବିକ୍ରି ହେଲା ରୋବୋଟ୍ ପେଣ୍ଟିଂ



କୃତ୍ରିମ ବୁଦ୍ଧିମତା (ଏଆଇ) ଆଜିକାଲି ଗୋଟିଏ ପରେ ଗୋଟିଏ ଚମତ୍କାରିତା କରୁଛି । ଆମେରିକାର ନ୍ୟୁୟର୍କରେ ହ୍ୟୁମାନଏଡ ରୋବୋଟ୍ ଏଆଇ-ଡିଏ ଏପରି ପେଣ୍ଟିଂ କରିଛି ଯାହାକୁ ନେଇ ସାରା ଦୁନିଆରେ ଚର୍ଚ୍ଚା ହେଉଛି । ଏହି ହ୍ୟୁମାନଏଡ ରୋବୋଟ୍ ଏଆଇର ବ୍ୟବହାର କରି କମ୍ପ୍ୟୁଟର ବିଜ୍ଞାନର ଜନକ ତଥା ଗଣିତଜ୍ଞ ଆଲନ୍ ଟ୍ୟୁରିଙ୍ଗଙ୍କ ପେଣ୍ଟିଂ କରିଛି । ସବୁଠୁ ଖାସ କଥା ହେଉଛି ଏହି ପେଣ୍ଟିଂ ଲାଗି କୋଟି କୋଟି ଟଙ୍କାର ବୋଲି ଲାଗିଥିବା ବେଳେ ଏହାକୁ ୧୧କୋଟି ଟଙ୍କାରେ ନିଲାମ କରାଯାଇଥିବା ଜଣାପଡ଼ିଛି । ଏଆଇ-ଡିଏ ଦ୍ୱାରା ପ୍ରସ୍ତୁତ ଏହି ପେଣ୍ଟିଂକୁ ପ୍ରାୟ ୧୧.୧୩ କୋଟି ଟଙ୍କାରେ ନିଲାମ କରାଯାଇଛି । ଏହି ଚିତ୍ରର ବିକ୍ରି ପାଇଁ 'ସଦବିଜ' ନାମକ ଏକ ସଂସ୍ଥା ନିଲାମୀ କାର୍ଯ୍ୟକ୍ରମ ଆୟୋଜନ କରିଥିଲା । ରୋବୋଟ୍ ଦ୍ୱାରା ପ୍ରସ୍ତୁତ ଏହି ପେଣ୍ଟିଂଟି ୨୭ଟି ବିଡ୍ ଗ୍ରହଣ କରିଥିଲା, ଯାହାକୁ ଆମେରିକାର ଜଣେ ବ୍ୟକ୍ତି କିଣିଛି । ଦି ନ୍ୟୁୟର୍କ ଟାଇମ୍ସର ରିପୋର୍ଟ ଅନୁଯାୟୀ ବ୍ରିଟିଶ ଗଣିତଜ୍ଞଙ୍କ ଏହି ଚିତ୍ରକୁ ଇସ.ଏକ୍ସୟ ନାମରେ ପ୍ରଦର୍ଶିତ କରାଯାଇଥିଲା । ଏହି ପେଣ୍ଟିଂର ଉଚ୍ଚତା ୨.୨ ମିଟର । ଏଥିପାଇଁ ୧ ମିଲିୟନ ଡଲାରରୁ ଅଧିକ ବିଡ୍ ବା ବୋଲି ଲଗାଯାଇଥିଲା । ପେଣ୍ଟିଂ ପାଇଁ ପ୍ରାରମ୍ଭିକ ବିଡ୍ ୧.୮ ଲକ୍ଷ ଡଲାରର ବା ପ୍ରାୟ ୧.୫ କୋଟି ଟଙ୍କା ରଖାଯାଇଥିଲା ବୋଲି ରିପୋର୍ଟରୁ ଜଣାପଡ଼ିଛି । ଏଆଇ-ଡିଏ ହେଉଛି ଏକ ହ୍ୟୁମାନଏଡ ରୋବୋଟ୍, ଯାହାର ନାମକୁ ନବିଂଶ ଶତାବ୍ଦୀର ଗଣିତଜ୍ଞ ଏଆଇ ଗଡ୍ ନାମ ଉପରେ ରଖାଯାଇଛି । ଇୟବକୁ ଦୁନିଆର ପ୍ରଥମ କମ୍ପ୍ୟୁଟର ପ୍ରୋଗ୍ରାମର ଭାବେ ଜଣାଯାଏ । ଅକ୍ସଫୋର୍ଡ ଏବଂ ବର୍ମିଂହାମ ୟୁନିଭର୍ସିଟିର ୩୦ରୁ ଅଧିକ ଏଆଇ ବିଶେଷଜ୍ଞଙ୍କ ସହଯୋଗରେ ୨୦୧୯ରେ ମଡର୍ଣ୍ଣ ଆର୍ଟ ଏକ୍ସପର୍ଟ ଏଡାନ ମେଲର ଏହି ରୋବୋଟ୍‌କୁ ବିକଶିତ କରିଥିଲେ । ଏହି ରୋବୋଟ୍‌କୁ ମହିଳାଙ୍କ ପରି ଲୁକ୍ ଦିଆଯାଇଛି । ରୋବୋଟ୍ ଏଆଇ.ଡା ଚିତ୍ର ଆଙ୍କିବାରେ ସକ୍ଷମ । ରୋବୋଟ୍ ଏଆଇ.ଡା ୨୦୨୨ ମସିହାରୁ ଚିତ୍ର ଆଙ୍କିବା ଆରମ୍ଭ କରିଥିଲା । ଚିତ୍ର ଆଙ୍କିବା ଲାଗି ଏହି ରୋବୋଟ୍ ? ଆଖିରେ ଏକ ଫିଟ୍ କ୍ୟାମେରାର ବ୍ୟବହାର କରାଯାଇଛି । ଏଥିରେ ପ୍ରଦତ୍ତ କ୍ୟାମେରାଗୁଡ଼ିକ ଇଓ ଆଲଗୋରିଦମ ବ୍ୟବହାର କରେ ଏବଂ ଚିତ୍ର ଆଙ୍କିବା ଏକ ରୋବୋଟିକ୍ ଆର୍ମ ମାଧ୍ୟମରେ କରାଯାଇଥାଏ । ରିପୋର୍ଟ ଅନୁଯାୟୀ ଏହି ହ୍ୟୁମାନଏଡ୍ ରୋବୋଟ୍ ଏପର୍ଯ୍ୟନ୍ତ ୧୫ଟି ଭିନ୍ନ ଚିତ୍ର ଆଙ୍କିଛି ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik



ବ୍ରଜରାଜନଗର (ଭାସ୍କର ନ୍ୟୁଜ୍): ବ୍ରଜରାଜନଗର ୪୯ ନମ୍ବର ଜାତୀୟ ରାଜପଥ ଗାନ୍ଧୀ ଛକରୁ ସୁନ୍ଦରଗଡ଼ ଜିଲ୍ଲା ଦର୍ଲିପାଲିକୁ ସଂଯୋଗ କରୁଥିବା ରାସ୍ତା ରାଜପୁର ଲୋଇସିଂ ଚାନ୍ଦିନୀମାଲ୍ ଗ୍ରାମ ଦେଇ ଯାଇଛି। ଦର୍ଲିପାଲିସ୍ଥିତ ଏନ୍‌ଟିପିସିର ଭାରୀଯାନ ସହ ଅନ୍ୟାନ୍ୟ ମାଲ୍ ବୋଝେଇ ଭାରୀଯାନ ଏହି ରାସ୍ତାଦେଇ ଯାଉଛି। ଫଳରେ ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯେତେ ଅଭିଯୋଗ କଲେ ବି ସୁଫଳ ମିଳୁନି। ଏହି ସମସ୍ୟା ନେଇ ଆଜି ରାଜପୁର ସରପଞ୍ଚ ସରସ୍ୱତୀ ନାଏକଙ୍କ ନେତୃତ୍ୱରେ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଭାରୀଯାନ ଚଳାଚଳ ବନ୍ଦ କରିବାକୁ ଦାବି ଜଣାଇଛନ୍ତି। ଜିଲ୍ଲାପାଳ ଏସ୍ ପିଙ୍କୁ ତୁରନ୍ତ ଏହାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗପତ୍ର ଦେବା ସମୟରେ ଲୋଇସିଂହ ସରପଞ୍ଚ ସନାତନ ରୋହିଦାସ, ରାଜପୁର ପୂର୍ବତନ ସମିତି ସଭ୍ୟ ଗଣେଶରାମ ବାଗ୍, ରାଜା ପାଇଯୋଶୀ, ନାଏବ ସରପଞ୍ଚ କୌଶଲ୍ୟା ଦେହେରୀ, ୱାର୍ଡ ସଭ୍ୟା ଯାଜ୍ଞସିନୀ କୁମ୍ଭରା, ମମତା ମେହେର ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହାର ସମାଧାନ ନହେଲେ ରାସ୍ତା ଅବରୋଧ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ପ୍ରଗତି ଫାଉଣ୍ଡେସନ୍ ଟ୍ରଷ୍ଟ ପକ୍ଷରୁ 'ଶିଶୁ ଦିବସ'



କେନ୍ଦୁଝର (ଭାସ୍କର ନ୍ୟୁଜ୍): ଗୁରୁବାର କେନ୍ଦୁଝର ଜିଲ୍ଲାର ଘଟଗାଁ ବ୍ଲକ ଅନ୍ତର୍ଗତ ପିପିଳିଆ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଶିଶୁ ଦିବସ ପାଳିତ ହୋଇଯାଇଛି। ସମଗ୍ର ଭାରତବର୍ଷରେ ପଣ୍ଡିତ ଜବାହରଲାଲ୍ ନେହେରୁଙ୍କ ୧୩୫ ତମ ଜନ୍ମ ଜୟନ୍ତୀକୁ ମନେ ପକାଇ ଏହି 'ଶିଶୁ ଦିବସ' କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଆଜିର ଶିଶୁ ଦେଶର ଆଗାମୀ ଦିନର ଭବିଷ୍ୟତ। ଶିଶୁମାନେ ହେଉଛନ୍ତି ଈଶ୍ୱରଙ୍କ ସ୍ୱରୂପ, ପ୍ରତ୍ୟେକ ଶିଶୁ ଭାରତ ମାତାର ଅମୂଲ୍ୟ ରତ୍ନ। ଏଣୁ ପଣ୍ଡିତ ଜବାହରଲାଲ ନେହେରୁ ସବୁବେଳେ କହୁଥିଲେ 'ଶିଶୁ ହସିଲେ ଦେଶ ହସିବ', ଦେଶ ସ୍ୱାଧୀନ ପରେ ମଧ୍ୟ ନେହେରୁଙ୍କ ଚିନ୍ତନକୁ ସଫଳ୍ୟ ମଣ୍ଡିତ କରିବା ନିମନ୍ତେ 'ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟ' ପକ୍ଷରୁ ପିପିଳିଆ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ 'ଶିଶୁ ଦିବସ' ପାଳନ ଅବସରରେ ଶିକ୍ଷାର ଗୁଣାତ୍ମକ ମୂଲ୍ୟବୋଧ ଓ ଅଭିବୃଦ୍ଧି ନିମନ୍ତେ ଶତାଧିକ ଶିଶୁଙ୍କୁ ପୁସ୍ତକ ବଣ୍ଟନ, ପରିବେଶ ସୁରକ୍ଷା ନିମନ୍ତେ ଚାରାରୋପଣ କରାଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁମାନଙ୍କୁ ଦେଶ ପ୍ରେମ, ଅହିଂସା ନୀତି ଭଳି ଅନେକ ସାମାଜିକ ଶିକ୍ଷା ଓ ଚିନ୍ତନ ମାନ ପ୍ରଦାନ କରାଗଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କବିତା ସ୍ୱାଇଁ, ସହକାରୀ ଶିକ୍ଷୟିତ୍ରୀ ମନୋଜ ମଞ୍ଜରୀ ମହାନ୍ତ, ସହକାରୀ ଶିକ୍ଷକ ଶିବ ଚରଣ ମହାନ୍ତ, କନିଷ୍ଠ ଶିକ୍ଷକ ବଳଭଦ୍ର ମହାପାତ୍ର ଓ ଅମିତ୍ ଦାସ ପ୍ରଭୃତି ଉପସ୍ଥିତ ଥିଲେ। ଏଥିସହିତ 'ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟ'ର ସଭାପତି ମନୋଜ କୁମାର ମହାନ୍ତ, ସମ୍ପାଦକ ରଣଜିତ୍ କୁମାର ମହାନ୍ତ, ସୁଶାନ୍ତ କୁମାର ମହାନ୍ତ, ତ୍ରିଲୋଚନ ମହାନ୍ତ, ମହେନ୍ଦ୍ର ମହାନ୍ତ, ବିପିନ ବିହାରୀ ମହାନ୍ତ, ସୁବାସ ଚନ୍ଦ୍ର ମହାନ୍ତ, ପଟେଲ ମହାନ୍ତ, ଅରୁଣ କୁମାର ମହାନ୍ତ, ପୁଥୁଲ୍ ମହାକୁଡ, ଡମ୍ବରୁଧର ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ଶିଶୁ ମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରି ସୁନାଗରିକ ଭାବେ ସମାଜରେ ପ୍ରତିଷ୍ଠିତ ହେବାକୁ ଉଦ୍‌ବୋଧନ ଦେଇ କାର୍ଯକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

# ମୟୂରଭଞ୍ଜରେ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ



ବାରିପଦା (ଭାସ୍କର ନ୍ୟୁଜ୍): ଇତିହାସର କାଳଖଣ୍ଡରେ ମାତୃଭୂମିର କୋଳମଣ୍ଡନ କରିଥିବା ମହାନାୟକ ଧର୍ତି ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକୀ ଅବସରରେ ସମଗ୍ର ଦେଶରେ ଜନଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି ଏବଂ ଏହି ସ୍ୱତନ୍ତ୍ର ଦିବସ ପାଳନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିହାରର ଜାମୁଇ ଗସ୍ତ କରି ସମଗ୍ର ଦେଶବାସୀଙ୍କ ସହିତ ଆଭାସୀ ମାଧ୍ୟମରେ ଏହି ଦିବସକୁ ପାଳନ କରିବା ସହିତ ବିଭିନ୍ନ ଆଦିବାସୀ ଉନ୍ନୟନ ପ୍ରକଳ୍ପର ଶୁଭ ଶିଳାନ୍ୟାସ କରିଛନ୍ତି। ଏହି ପରିପ୍ରେକ୍ଷୀରେ, ଓଡ଼ିଶା ସରକାରଙ୍କର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ଅନୁକୁଲ୍ୟରେ ମୟୂରଭଞ୍ଜରେ ଜିଲ୍ଲାସ୍ତରୀୟ ଧର୍ତି ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକୀ, ବାରିପଦାସ୍ଥିତ ଛଉ ପଡିଆ ଠାରେ ମହାସମାରୋହରେ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗୃହ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଏହି ସମାରୋହର ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଧାୟକ, ସାରସକଣା ଭାଦବ ଚନ୍ଦ୍ର ହାଁସଦା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ, ନଗରପାଳିକା ପ୍ରମିଳା ପଣ୍ଡା ଯୋଗ ଦେଇଥିଲେ। ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ମାନେ ଭଗବାନ ବିର୍ସା ମୁଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ସମ୍ମିଳିତ ଭାବେ ଆଭାସୀ ମାଧ୍ୟମରେ ବିହାରରୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ସିଧାପ୍ରସାରଣ ଦେଖିଥିଲେ। ନିଜ ଅଭିଭାଷଣରେ ମନ୍ତ୍ରୀ ଡଃ ମହାପାତ୍ର କହିଥିଲେ ଯେ ଭଗବାନ ବିର୍ସା ମୁଣ୍ଡାଙ୍କ ବଳିଦାନର ଗାଥା ଭାରତର ଆଦିବାସୀ ସମ୍ପ୍ରଦାୟର ମହାନ ବିପ୍ଳବୀମାନଙ୍କ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ। ଆଦିବାସୀମାନଙ୍କ ସଂଘର୍ଷ ସୂଚାଏ ଯେ ଏ ମାଟିର ଏପରି ଏକ ସ୍ୱତନ୍ତ୍ର ପରମ୍ପରା ରହିଛି, ଯେଉଁଠାରେ କୌଣସି ସମାଜ ବା ସମ୍ପ୍ରଦାୟ ମୁଖ୍ୟସ୍ରୋତ ଠାରୁ ପୃଥକ୍ ନୁହନ୍ତି। ଅଧୁନା ଅନୁସୂଚିତ ଜନଜାତି ବର୍ଗ ଅନ୍ତର୍ଭୁକ୍ତ ବନବାସୀଗଣ ସର୍ବଦା ଭାରତୀୟ ସମୂହର ଅଂଶ ହୋଇ ରହିଆସିଛନ୍ତି। ଦିନ ଥିଲା ଭଗବାନ ବିର୍ସା ମୁଣ୍ଡା ଓ ଅନ୍ୟ ବିପ୍ଳବୀଗଣ ଆମ ଇତିହାସର 'ଅନାଲୋଚିତ ନାୟକ' ଭାବେ ପରିଗଣିତ ହେଉଥିଲେ। କିନ୍ତୁ ସାମ୍ପ୍ରତିକ ସମୟରେ ସେମାନଙ୍କ ପରାକ୍ରମ ଓ ବଳିଦାନ ଅଧିକରୁ ଅଧିକ ପ୍ରଶଂସିତ ହେଉଛି। ଆଦିବାସୀ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଅବଦାନକୁ ସ୍ମରଣ କରିବା ପାଇଁ ୨୦୨୧ ମସିହାରେ ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ନଭେମ୍ବର ୧୫କୁ 'ଜନଜାତୀୟ ଗୌରବ ଦିବସ' ଭାବରେ ପାଳନ କରିବା ନିମନ୍ତେ ସରକାର ନିଷ୍ପତ୍ତି ଗ୍ରହଣ କରିବା ଦ୍ୱାରା ଆମର ଇତିହାସ-ମନସ୍କତା ପୂର୍ବାପେକ୍ଷା ବୃଦ୍ଧି ପାଇଛି। ଭଗବାନ ବିର୍ସା ମୁଣ୍ଡାଙ୍କ ଅବଦାନ ପ୍ରତି ସମ୍ମାନ ପ୍ରଦର୍ଶନ ଦ୍ୱାରା ସ୍ୱଳ୍ପାଲୋଚିତ ଆଦିବାସୀ ଇତିହାସ ଭାରତ ଇତିହାସର କେନ୍ଦ୍ରବିନ୍ଦୁ ପାଲଟିଛି। ଭାରତର ସର୍ବୋଚ୍ଚ ଶାସନ ପଦବୀରେ ମହାମହିମ ରାଷ୍ଟ୍ରପତି ମଧ୍ୟ ଜଣେ ଆଦିବାସୀ ଏବଂ ଆଜି ଓଡିଶାର ମୁଖ୍ୟମନ୍ତ୍ରୀ ମଧ୍ୟ ଜଣେ ଆଦିବାସୀ। ମୋର ବିଶ୍ୱାସ, ଆଦିବାସୀ ବର୍ଗର ସର୍ବାଙ୍ଗୀନ ଉନ୍ନତି କକ୍ଷେ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରିବା ହିଁ ଭଗବାନ ବିର୍ସା ମୁଣ୍ଡା ଓ ଅନ୍ୟ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀଗଣଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ। ଏହି ପରିପ୍ରେକ୍ଷୀରେ ଜିଲ୍ଲାର ଆଦିବାସୀ ବର୍ଗର ୧୧ ଜଣ ସଫଳ ବ୍ୟକ୍ତିବିଶେଷ ଯଥା ମୁଣ୍ଡାରୀ ଲେଖକ ବୁଦ୍ଧିଆ ସିଂ, ରଗବି ଖେଳାଳି ନରସିଂହ ମାର୍ଣ୍ଡି, ମୁଣ୍ଡାରୀ କବି, ଭାନୁମତୀ ସିଂ, ଟିକିଲିମଣି ସୋରେନ (ସିଭିଲ ସର୍ଭିସ), ବୀରମଲ ସିଂ (ଅଧ୍ୟାପକ), ବାଜିନାଥ ହେମ୍ବ୍ରମ (ଫୁଟବଲ ଖେଳାଳି), ଡଃ ମିନା ହେମ୍ବ୍ରମ (ମେଡିକାଲ ଅଫିସର), ଡଃ ପୂର୍ଣଚନ୍ଦ୍ର (ମେଡିକାଲ ଅଫିସର), ଡଃ ରୁବି ହେମ୍ବ୍ରମ (ମେଡିକାଲ ଅଫିସର), ବିକାଶ ବେଶରା (ସିଭିଲ ସର୍ଭିସ), ଶୁଭଶ୍ରୀ ନାଏକ (ସିଭିଲ ସର୍ଭିସ) ମାନଙ୍କୁ ଜିଲ୍ଲା ଜନଜାତି ଦିବସ ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହିତ ୧୧ ଜଣ ପିଭିଟିଜି ସୋରିଷ ଚାଷୀଙ୍କୁ ଏଫ୍ଆର୍ଏ ପଟ୍ଟା ବଣ୍ଟନ କରାଯିବା ସହିତ ସେମାନଙ୍କ ଉନ୍ନତ ଚାଷ ପଦ୍ଧତି ପାଇଁ ସମ୍ମାନିତ ମଧ୍ୟ କରାଯାଇଥିଲା। ଏହା ସହ ୫ ଜଣ ହିତାଧିକାରୀଙ୍କୁ ପିଏମ-ଜନମନ ଗ୍ରାମୀଣ ଗୃହ ଯୋଜନାରେ ୨୦,୦୦୦ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ (ପିଏମ-ଜନମନ) ଅଧୀନରେ ନିର୍ମିତ ୧୧,୦୦୦ ଆବାସର ଗୃହ ପ୍ରବେଶରେ ପ୍ରଧାନମନ୍ତ୍ରୀ ଅଂଶଗ୍ରହଣ କରିବା ସହିତ ପ୍ରଧାନମନ୍ତ୍ରୀ-ଜନମନ ଅଧୀନରେ ଆରମ୍ଭ ହୋଇଥିବା ୨୩ଟି ଭ୍ରାମ୍ୟମାଣ ମେଡିକାଲ ୟୁନିଟ୍ (ଏମଏମୟୁ) ଏବଂ ଆଦିବାସୀ ଅଞ୍ଚଳରେ ସ୍ୱାସ୍ଥ୍ୟସେବାର ସୁବିଧା ବୃଦ୍ଧି ପାଇଁ ଧର୍ତି ଆବା ଜନଜାତିୟ ଗ୍ରାମ ଉତ୍କର୍ଷ ଅଭିଯାନ (ଡିଏଜିଜିୟୁଏ) ଅଧୀନରେ ଅତିରିକ୍ତ ୩୦ ଏମଏମୟୁକୁ ଉଦ୍‌ଘାଟନ କରିଥିଲେ। ଆଦିବାସୀ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା ଏବଂ ଜୀବିକା ସୃଷ୍ଟିରେ ସହାୟକ ହେବା ପାଇଁ ପ୍ରଧାନମନ୍ତ୍ରୀ ୩୦୦ଟି ବନ ଧନ ବିକାଶ କେନ୍ଦ୍ର (ଭିଡିଭିକେ) ଏବଂ ଆଦିବାସୀ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସମର୍ପିତ ପ୍ରାୟ ୪୫୦ କୋଟି ଟଙ୍କା ମୂଲ୍ୟର ୧୦ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଉଦ୍‌ଘାଟନ କରିଥିଲେ ଏବଂ ମଧ୍ୟପ୍ରଦେଶର ଛିନ୍ଦୱାଡା ଏବଂ ଜବଲପୁରରେ ଦୁଇଟି ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ସଂଗ୍ରହାଳୟ ଏବଂ ଜମ୍ମୁ ଓ କଶ୍ମୀର ତଥା ସିକ୍କିମର ଗାଙ୍ଗଟକରେ ଦୁଇଟି ଆଦିବାସୀ ଗବେଷଣା ପ୍ରତିଷ୍ଠାନକୁ ଉଦଘାଟନ କରିଥିଲେ। ଉକ୍ତ ସଭାରେ, ଜିଲ୍ଲାପାଳ ହେମକାନ୍ତ ସୟଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଦୌଲତ ଚନ୍ଦ୍ରକାର, ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶାନ୍ତନୁ କୁମାର ନାୟକ, ବାରିପଦା ପୌରପାଳିକା ନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଦିବସବ୍ୟାପୀ କାର୍ଯ୍ୟକ୍ରମକୁ ପ୍ରକଳ୍ପ ପ୍ରଶାସକ, ଆଇଟିଡ଼ିଏ, ପ୍ରଣୟ କୁମାର ବେହେରା ସଂଯୋଜନା କରିଥିବା ବେଳେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରିଣୀ ସ୍ମୃତିଲିପି ସାହୁ ସଞ୍ଚାଳନ ତଥା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଭିନ୍ନ ସ୍ଥାନରେ ପାରାୟଣ ଉଦ୍‌ଯାପିତ

### ଭଣ୍ଡାରିପୋଖରୀ ରାମଦୟା ପରିଷଦ



ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ଦର୍ପେଶ୍ୱର ମନ୍ଦିର ପ୍ରାଙ୍ଗଣରେ ୪୦ତମ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣିମା ପାଳନ ଅବସରରେ ଉଦ୍‌ଯାପିତ ହୋଇଯାଇଛି। ପ୍ରତ୍ୟହ ଦାଶଜୀ ମହାରାଜ ଓ ସାନଛତା ମଠ ସନ୍ୟାସୀମାନଙ୍କ ଦ୍ୱାରା ଶ୍ରୀରାମ ଚରିତ ମାନସ ପଠନ କରାଯାଇଥିଲା। ପ୍ରବଚକମାନେ ଶ୍ରୀରାମ ଚରିତ ପ୍ରବଚନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ବ୍ୟବହର୍ତ୍ତା ମୁରଲିଧର ଦାଶ, ପୂଜକ ସନ୍ତୋଷ ଦାଶ, ପଣ୍ଡିତ ଜଗନ୍ନାଥ ପଣ୍ଡା ଓ ସାଥୀ ଯଜ୍ଞକାର୍ଯ୍ୟ ତୁଲାଇଥିଲେ। ପରିଷଦର ସଭାପତି ରତ୍ନାକର ସେନାପତି, ସମ୍ପାଦକ ବିଦ୍ୟାଧର ଦ୍ୱିବେଦୀ, ଶିକ୍ଷକ ନିର୍ମଳ ଧଳ, ପବନ କୁମାର ନାୟକ, ଅଜିତ କୁମାର ଜେନା, ବସନ୍ତ କୁମାର ସାହୁ, ମନୋରଞ୍ଜନ ନାୟକ, ଗୌରହରୀ ପଣ୍ଡା, ଦେବେନ୍ଦ୍ର କବି, ଶରତ ଚନ୍ଦ୍ର ମହାପାତ୍ର, ନିତ୍ୟାନନ୍ଦ ସେନାପତି, ଦିଲ୍ଲିପ କୁମାର ସାମଲ, ହୃଷିକେଶ ସେଠୀ, ସୁଶାନ୍ତ ସେନାପତି, ମଦନ ମୋହନ ସାହୁ, କାର୍ତ୍ତିକ ଚନ୍ଦ୍ର ମହାପାତ୍ର, ମଦନ ବାରିକ, ହର ପରିଡା, ସନ୍ତୋଷ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମଣିନାଥପୁର ରାମଦୟା ପରିଷଦ



ମଣିନାଥପୁର ଗ୍ରାମବାସୀଙ୍କ ଦ୍ୱାରା ଅନୁଷ୍ଠିତ ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବାବା ବାଲୁଙ୍କେଶ୍ୱର ମହାଦେବ ଓ ଗ୍ରାମଦେବତୀ ମା ଜାଗୁଳାଇ ପୀଠ ପ୍ରାଙ୍ଗଣରେ ଅନୁଷ୍ଠିତ ୧୫ତମ ସାମ୍ବତ୍ସରିକ ପଞ୍ଚଦିବସୀୟ ମାନସ ଜ୍ଞାନଯଜ୍ଞର ବ୍ୟାସ ଭାବେ ପ୍ରଶାନ୍ତ ବଡୁ ଦାୟିତ୍ୱ ତୁଲାଇଥିଲେ। ଯାଜପୁର ସୀତାରାମ ପରିଷଦ ଅଧ୍ୟକ୍ଷ ପଣ୍ଡିତ ଗଙ୍ଗାଧର ପଣ୍ଡା, ଦିଲ୍ଲିପ ମହାପାତ୍ର, ନନ୍ଦକିଶୋର ଶତପଥୀ ଓ ଶିବ ପ୍ରସାଦ ପତି ବିଭିନ୍ନ ଦିବସରେ ପ୍ରବଚନ ପ୍ରଦାନ କରିଥିଲେ। ଗ୍ରାମବାସୀମାନେ ସାମୁହିକ ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ରାଢୋ ବିଶ୍ୱେଶ୍ୱର ମହାଦେବ

ସ୍ଥାନୀୟ ଗ୍ରାମବାସୀଙ୍କ ଦ୍ୱାରା ଅନୁଷ୍ଠିତ ରାଢୋ ବିଶ୍ୱେଶ୍ୱର ମହାଦେବ ପ୍ରାଙ୍ଗଣରେ ଅନୁଷ୍ଠିତ ନବଦିନବ୍ୟାପୀ ଶିବ ପୁରାଣ ପାଠ ଓ ପ୍ରବଚନ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବିଶ୍ୱନାଥ ନାୟକ କର୍ତ୍ତା, ଶଙ୍କର୍ଷଣ ତ୍ରିପାଠୀ ଓ ବିଜୟ ତ୍ରିପାଠୀ ପୂଜକ ଏବଂ କାର୍ଯ୍ୟକ୍ରମର ବ୍ୟାସ ଭାବେ ହିମାଂଶୁ ଗୁରୁଜୀ ଦାୟିତ୍ୱ ତୁଲାଇଥିଲେ। କଟକ ତୁଳସୀଦାସ ଆଶ୍ରମର ବ୍ରହ୍ମଚାରୀ ସତ୍ୟ ଚୈତନ୍ୟ ଭାଗବତ କଥାମୃତ ଆଧାରିତ ପ୍ରବଚନ ବିଭିନ୍ନ ଦିବସରେ ପ୍ରଦାନ କରିଥିଲେ। ଗ୍ରାମବାସୀମାନେ ସାମୁହିକ ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସର୍ବସାଧାରଣ ଜମିକୁ ନେଇ ପୁଣି ଉତ୍ତେଜନା

କନ୍ଧମାଳ (ଭାସ୍କର ନ୍ୟୁଜ୍): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ଚାରିଛକରେ ଥିବା ଏକ ବିବାଦୀୟ ଜମିକୁ ନେଇ ଶୁକ୍ରବାର ପୁଣି ଅସନ୍ତୋଷ ଦେଖିବାକୁ ମିଳିଛି। ସ୍ଥାନୀୟ ଆଦିବାସୀ ଓ ହରିଜନ ସମ୍ପ୍ରଦାୟର ଶତାଧିକ ଲୋକେ ଏକାଠି ହୋଇ ପଦଯାତ୍ରା ଆସି ଚାରିଛକରେ ଥିବା ଜମିରୁ ତାର ବାଡ଼ ହଟାଇଛନ୍ତି ଏବଂ ଏକ ମଣ୍ଡପ ସ୍ଥଳୀକୁ ଭାଙ୍ଗୁଥିବା ବେଳେ ଦାରିଙ୍ଗବାଡ଼ି ପୋଲିସ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲା। ଯାହାକୁ ନେଇ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ଠେଲାପେଲା ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ଦାରିଙ୍ଗବାଡ଼ି ତହସିଲଦାର ଶରତ ଶବର ଓ ବିଡ଼ିଓ ପ୍ରୀତିରଞ୍ଜନ ରଥ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଇଥିଲେ। ତେବେ ଅସନ୍ତୁଷ୍ଟ ଗୋଷ୍ଠୀଙ୍କ କହିବା ଅନୁଯାୟୀ ଚାରିଛକରେ ଥିବା ଜମି ଉପରେ ଛୋଟ ଛୋଟ ଉଠାଦୋକାନଙ୍କୁ ସେଠି ହଟାଇ କିଛି ମୁଷ୍ଟିମେୟ ଲୋକ ପ୍ରଶାସନ ସହଯୋଗରେ ତାରବାଡ଼ ପକାଇଥିଲେ। ଯାହାକି ବେଆଇନ ଭାବେ ଏଭଳି କରାଯାଇଥିବା ବେଳେ ଯେଉଁମାନଙ୍କର ଏଥିରେ କ୍ଷତି ହୋଇଛି ସେମାନେ ଗରିବ ଆଦିବାସୀ ହୋଇଥିବାରୁ ଥାନାରେ ଅଭିଯୋଗ କରି ଏକ ମାସ ବିତିଯାଇଥିଲେ ସୁଦ୍ଧା ପୋଲିସ କାହିଁକି ମାମଲା ରୁଜୁ କରୁନାହିଁ ବୋଲି ଲୋକ ସ୍ଥାନୀୟ ଅଧିକାରୀ ମାନଙ୍କୁ ପ୍ରଶ୍ନ କରିଥିଲେ। ଏହା ସହ ଦୁର୍ଗାପୂଜା ପୂର୍ବରୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସଭିଙ୍କୁ ନେଇ ଶାନ୍ତି ବୈଠକ କରାଯାଇଥିଲା। ଆଉ ଚାରିଛକରେ ଥିବା ଜମି ଉପରେ ଶାନ୍ତିଶୃଙ୍ଖଳା ରକ୍ଷାକରି ପୂଜା କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ହେଲେ ଦୁର୍ଗାପୂଜା ନାଁରେ ଲୋକଙ୍କ ଦୋକାନ ଭାଙ୍ଗିବା ସହ ବେଆଇନ ଭାବେ ଗୋଟିଏ ଗୋଷ୍ଠୀଙ୍କୁ ତାର ବାଡ଼ ପକାଇବାକୁ ଅନୁମତି କାହିଁକି ଦିଆଗଲା ବୋଲି ଲୋକେ ପ୍ରଶ୍ନ କରିଥିଲେ। ତେବେ ସ୍ଥାନୀୟ ଥାନା ଅଧିକାରୀ ରମେଶ ପ୍ରଧାନ ତହସିଲଦାର ଏବଂ ବିଡ଼ିଓଙ୍କ ବୁଝାସୁଝା ପରେ ଉତ୍ତ୍ୟକ୍ତ ଲୋକଙ୍କୁ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି ଯେ ତୁରନ୍ତ ଏନେଇ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ପୁଣି ଜମିକୁ ନେଇ ରହିଥିବା ଅସନ୍ତୋଷ ସମ୍ପର୍କରେ ଆଲୋଚନା କରାଯିବ। ସୂଚନା ଥାଉକି ଦାରିଙ୍ଗବାଡ଼ି ଚାରିଛକ ନିକଟରେ ଥିବା ଏକ ଜମିକୁ ନେଇ ଦୀର୍ଘ ୧୪ ବର୍ଷ ହେଲା ବିବାଦ ଜାରି ରହିଛି। ଯେଉଁଥିପାଇଁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଦୁଇ ଭାଗ ହୋଇ ଜମିକୁ ନେଇ କୋର୍ଟଙ୍କ ଦ୍ୱାରସ୍ଥ ହୋଇଆସୁଥିବା ବେଳେ ଜମିଟିକୁ କେହି ମଧ୍ୟ ନିଜର କରିପାରି ନାହାନ୍ତି। ଆଜିବି ଉକ୍ତ ଜମି ସର୍ବସାଧାରଣଙ୍କ ହୋଇରହିଛି। ଯାହାକୁ ନେଇ ବର୍ଷବର୍ଷ ଧରି ପ୍ରଶାସନ ପକ୍ଷରୁ ମଧ୍ୟ ଏହାର କୌଣସି ସମାଧାନ କରାଯାଇ ପାରୁନଥିବା ବେଳେ ଉଭୟ ଗୋଷ୍ଠୀ ଜମିକୁ ନେଇ ପ୍ରତି ସମୟରେ ଟଣାଓଟରା ହେଉଛନ୍ତି। ଆଉ ସମୟ ସମୟରେ ପ୍ରଶାସନର ଏକପାଖିଆ କାର୍ଯ୍ୟକ୍ରମ ଘଟଣାକୁ ଦିନକୁଦିନ ଅଧିକ ରକ୍ତରଞ୍ଜିତ କରୁଛି ବୋଲି ମଧ୍ୟ ଜନସାଧାରଣରେ କୁହାଯାଉଛି।

## ନନ୍ଦାହାଣ୍ଡି ଲ୍ୟାମ୍ପ୍‌ସରେ ସମବାୟ ସପ୍ତାହ ପାଳିତ



ନନ୍ଦାହାଣ୍ଡି (ଭାସ୍କର ନ୍ୟୁଜ୍): ନନ୍ଦାହାଣ୍ଡି ବ୍ଲକର ଡଙ୍ଗରଭେଜାସ୍ଥିତ ଲ୍ୟାମ୍ପ୍‌ସଠାରେ ଗୁରୁବାର ଦିନ ପତାକା ଉତ୍ତୋଳନ କରି ନିଖିଳ ଭାରତ ସମବାୟ ସପ୍ତାହ ଶୁଭାରମ୍ଭ କରାଯାଇଛି। ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପତାକା ଉତ୍ତୋଳନ କରି ଶୁଭାରମ୍ଭ କରିଥିଲେ। ନଭେମ୍ବର ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ଅର୍ଥାତ୍ ଏକସପ୍ତାହ ବ୍ୟାପୀ ଏହା ପାଳନ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସପ୍ତାହ ମଧ୍ୟରେ ପ୍ରତିଦିନ ପର୍ଯ୍ୟାୟକ୍ରମେ ବିଭିନ୍ନ କାର୍ଯ୍ୟକ୍ରମ ରହିଛି ବୋଲି ଅତିଥି ଓ ବିଭାଗୀୟ ଅଧିକାରୀମାନେ ମତ ଦେଇଥିଲେ। ଯଥା- ସମବାୟ ମନ୍ତ୍ରଣାଳୟ ଦ୍ୱାରା ନୂତନ ଯୋଜନା ସହାୟତାରେ ଆନ୍ଦୋଳନକୁ ଶକ୍ତିଶାଳୀ କରିବା, ଅଭିନବତା, ଜ୍ଞାନକୌଶଳ ଓ ଉତ୍ତମ ପ୍ରଶାସନ କାର୍ଯ୍ୟକାରୀ କରିବା, ଉଦ୍ୟୋଗ ପ୍ରତିଷ୍ଠା କରି ନିଯୁକ୍ତି ସୃଷ୍ଟି କରିବା, ସମବାୟ ଭିତ୍ତିକ ଉଦ୍ୟୋଗ ଗୁଡ଼ିକର ରୂପାନ୍ତରଣ, ମହିଳା, ଯୁବ ଓ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କ ଉନ୍ନତି ଆଣିବା। ସାମଗ୍ରିକ ଭାବେ ବିକଶିତ ଭାରତ ଗଠନରେ ଜନସାଧାରଣଙ୍କୁ ସଚେତନ କରି ସାକାର କରିବା ସମବାୟ ସପ୍ତାହ ପାଳନର ମୂଳ ଉଦ୍ଦେଶ୍ୟ। କାର୍ଯ୍ୟକ୍ରମରେ ଲ୍ୟାମ୍ପ୍‌ସ ପରିଚାଳନା ନିର୍ଦ୍ଦେଶକ ଥବିର ଜାନୀ, ସଭାପତି ଲକ୍ଷ୍ମୀ ନାରାୟଣ ମାଝୀ, ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ସମସ୍ତ ନିର୍ଦ୍ଦେଶକ ଓ ଅଗ୍ରଣୀ ଚାଷୀ ତଥା ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।

### ଶିଶୁ ଦିବସ ଅବସରରେ କ୍ରାନ୍ତିର ଅଭିନବ ପ୍ରୟାସ

## ପିତାମାତାଙ୍କୁ ଶିଶୁ କର୍କଟ ରୋଗ ଉପରେ ସଚେତନତା




ବ୍ରହ୍ମପୁର (ଭାସ୍କର ନ୍ୟୁଜ୍): ସ୍ଥାନୀୟ ବ୍ରହ୍ମନଗରସ୍ଥିତ ପ୍ରଥମ ସରଣୀସ୍ଥିତ 'କ୍ରାନ୍ତି' ଅନୁଷ୍ଠାନ ତରଫରୁ ଶିଶୁ ଦିବସ ଅବସରରେ ରଙ୍ଗାରଙ୍ଗ ସାଂସ୍କୃତିକ ସହ ଶିଶୁ କର୍କଟ ସଚେତନତା କାର୍ଯ୍ୟକ୍ରମ ରେଡ୍ ରୋଜ୍ ଚିଲଡ୍ରେନ ଫେଷ୍ଟିଭାଲ-୨୦୨୪ ସ୍ଥାନୀୟ ହିଲିପାଟଣା ସ୍ଥିତ ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ଠାରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ର ଶେଖର ସାହୁ ମୁଖ୍ୟ ଅତିଥି ରୂପେ ଯୋଗଦେଇ କୁନି କୁନି ପିଲା ମାନଙ୍କୁ ଆଜିର ଦିନର ମହତ୍ତ୍ୱ ସହ ଜଙ୍କଫୁଡ୍ ନ ଖାଇବାକୁ ପରାମର୍ଶ ଦେଇଥିଲେ। କ୍ରାନ୍ତି ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ମୁଖ କର୍କଟ ରୋଗୀ ଡ. ଦେବାନନ୍ଦ ଦାଶ କାର୍ଯ୍ୟକ୍ରମକୁ ଅଧ୍ୟକ୍ଷତା କରିଥିବା ବେଳେ ବ୍ରହ୍ମପୁର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ବିଏମ୍‌ଇସି ପୂର୍ବତନ ମେୟର ଶିବ ଶଙ୍କର ଦାସ, ଏସ୍‌ଏମ୍‌ଆଇଟିର ସଭାପତି ଡ. ଭଗବାନ ଗନ୍ତାୟତ, ବ୍ରହ୍ମପୁର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଦୀପକ କୁମାର ସାହୁ, ଗଞ୍ଜାମ ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ମନୋଜ କୁମାର ସାହୁ, ଉପବିଭାଗୀୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଅରବିନ୍ଦ ବେହେରା, ଏମ୍‌କେସିଜି ମେଡିକାଲ୍ କଲେଜ ଓ ହସ୍‌ପିଟାଲର ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ହେମନ୍ତ କୁମାର ସିଂ, କାଲାମ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଟ୍‌ର ସମ୍ପାଦକ ସନ୍ତୋଷ କୁମାର ଜେନା, ସମାଜସେବୀ ତଥା ଯୁବ ବ୍ୟବସାୟୀ କେ.ରାଜ କୁମାର ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଉପସ୍ଥିତ ଥିବା ସମସ୍ତ ଅଭିଭାବକ ଓ ବିଦ୍ୟାର୍ଥୀମାନଙ୍କୁ ଶିଶୁ ଦିବସ ଉଦ୍ଦେଶ୍ୟ ସହ ଶିଶୁ କର୍କଟ ରୋଗ ଉପରେ ସଚେତନ କରାଇଥିଲେ। ଡାକ୍ତର ସିଂ ଶିଶୁ କର୍କଟ ରୋଗ ଉପରେ ସମସ୍ତଙ୍କୁ ସଚେତନ କରିବା ସହ ତା'ର ଲକ୍ଷଣ, କାରଣ ଓ ପ୍ରତିକାରଣ ବିଷୟରେ ଅବଗତ କରାଇଥିଲେ। କ୍ରାନ୍ତି ଅନୁଷ୍ଠାନର ଡ.ଦାଶ ଦର୍ଶକଙ୍କୁ ଶିଶୁ କର୍କଟ ଉପରେ ସଚେତନ କରି କର୍କଟମୁକ୍ତ ଭାରତ ପାଇଁ ସହଯୋଗର ହାତ ବଢ଼ାଇବାକୁ ନିବେଦନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ କ୍ରାନ୍ତି ଅନୁଷ୍ଠାନର କୁନି କୁନି କଳାକାର ସହ ବିଭିନ୍ନ ବିଦ୍ୟାଳୟର ଶିଶୁ ମାନେ ଦଳଗତ ନୃତ୍ୟ ପରିବେଷଣ କରିଥିଲେ। କ୍ରାନ୍ତି ଅନୁଷ୍ଠାନର କଳାକାର ଚର୍ଚ୍ଚିକାଙ୍କ ମା' କାଳୀ ନୃତ୍ୟ ଦର୍ଶକମାନଙ୍କୁ ବେଶ୍ ମନଛୁଆଁ ହୋଇଥିଲା। ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର ପ୍ରାୟ ୭ଶହ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିବା ସହ କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ସମସ୍ତ ଦର୍ଶକମାନେ ଆଗ୍ରହର ସହ କାର୍ଯକ୍ରମକୁ ଉପଭୋଗ କରିବା ସହ କୁନି କୁନି କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ଦଳଗତ ନୃତ୍ୟ ପ୍ରତିଯୋଗିତାରେ ଦିଲ୍ଲୀ ପବ୍ଲିକ ସ୍କୁଲ, ସରସ୍ୱତୀ ଶିଶୁ ମନ୍ଦିର ମାଝିଗଡ଼, ଲିଟିଲ୍ ସ୍କୋଲର ସ୍କୁଲ୍ ଓ ବ୍ରହ୍ମପୁର ପବ୍ଲିକ୍ ସ୍କୁଲ୍‌କୁ ପୁରସ୍କୃତ କରାଯାଇଥିଲା। ମହାନ୍ ସଂଘ ସଭାପତି ସୁଶାନ୍ତ ସାବତ ଓ ଶ୍ରଦ୍ଧା ଫାଉଣ୍ଡେସନ ସଭାପତି ପ୍ରଣବ କୁମାର ପଣ୍ଡା ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ।

### ଡିସେମ୍ବର ୨୦ରୁ ଓଡ଼ିଶା ପରିବେଶ କଂଗ୍ରେସର ୧୫ତମ ଅଧିବେଶନ

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ହେବ 'ପରିବେଶ ଓ ବେଳାଭୂମି' ସମ୍ପର୍କରେ ଆଲୋଚନା



ବ୍ରହ୍ମପୁର (ଭାସ୍କର ନ୍ୟୁଜ୍): ଓଡ଼ିଶା ପରିବେଶ କଂଗ୍ରେସ ୧୫ ତମ ଅଧିବେଶନ ଅନୁଷ୍ଠିତ ହେବ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ। ଚଳିତ ବର୍ଷର ବିଷୟବସ୍ତୁ ରହିଛି, 'ପରିବେଶ ଓ ବେଳାଭୂମି'। ଡିସେମ୍ବର ୨୦ରୁ ତିନିଦିନ ଧରି ଏହା ଅନୁଷ୍ଠିତ ହେବ। ଆଜି ଅପରାହ୍ନରେ ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍ ହଲ୍‌ରେ ଅନୁଷ୍ଠିତ ବୈଠକରେ ଏହାର ଚୂଡାନ୍ତ ରୂପରେଖ ପ୍ରସ୍ତୁତ ହୋଇଛି। ଏଥିରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ଅଧ୍ୟକ୍ଷତା କରିଥିଲେ ଏବଂ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ମୁଖ୍ୟ ତଥା ପ୍ରାଧ୍ୟାପକ, ଅଧ୍ୟାପକ, ପଦାଧିକାରୀଙ୍କ ସମେତ ପ୍ରକୃତି ଓ ପରିବେଶ ଉପରେ କର୍ଯ୍ୟ କରୁଥିବ ବ୍ରହ୍ମପୁର ଅନେକ ସ୍ୱେଚ୍ଛାସେବୀ, ସାମାଜିକ ସଙ୍ଗଠନ ମାନେ ଯୋଗ ଦେଇଥିଲେ। ବୈଠକ ଆରମ୍ଭରେ ବିଶ୍ୱବିଦ୍ୟାଳୟର ସାମୁଦ୍ରିକ ବିଜ୍ଞାନ ବିଭାଗର ମୁଖ୍ୟ ଡ ତମୋଘନ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିଲେ। ଓଡ଼ିଶା ପରିବେଶ କଂଗ୍ରେସର କାର୍ଯ୍ୟକାରୀ ସମ୍ପାଦକ ସୁଦର୍ଶନ ଦାସ ବିଗତ ୧୪ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଥିବା ପରିବେଶ କଂଗ୍ରେସର ଅଧିବେଶନ ଗୁଡ଼ିକ ବିଷୟରେ ଉପସ୍ଥାପନା କରିବା ସହିତ ଚଳିତବର୍ଷର ୧୫ ତମ ଅଧିବେଶନ ବିଷୟରେ ଆଲୋକପାତ କରିଥିଲେ। ସେ କହିଥିଲେ, ୪୮୦ କିମି ଦୀର୍ଘ ବେଳାଭୂମି ଓଡ଼ିଶାର ପ୍ରାକୃତିକ ପ୍ରାଚୁର୍ଯ୍ୟର ଏକ ବିଶେଷ ଅଂଶ। ମାତ୍ର ଜଳବାୟୁ ପରିବର୍ତ୍ତନ ଏବଂ ତଥାକଥିତ ବିକାଶର ଧାରା ଏହି ପ୍ରାକୃତିକ ପ୍ରାଚୁର୍ଯ୍ୟ ଆଜି ବିପଦ ଡାକି ଆଣୁଛି। ଏହା ଉପରେ ଗଭୀର ଆଲୋଚନା ଓ ଗବେଷଣା ହେବା ଜରୁରୀ ଏବଂ ସେହି ଦୃଷ୍ଟିରୁ ଚଳିତ ବର୍ଷର ଅଧିବେଶନ ବହୁତ୍ ଗୁରୁତ୍ୱ ବହନ କରେ। ଓଡ଼ିଶା ଓ ଦେଶର ସାମୁଦ୍ରିକ ବେଳାଭୂମି ସ୍ଥିତି, ଅବସ୍ଥିତି, ସମସ୍ୟା, ପ୍ରାକୃତିକ ବିପର୍ଯ୍ୟୟ, ବେଳାଭୂମି ଅଞ୍ଚଳରେ ଗଢି ଉଠୁଥିବା ପ୍ରକଳ୍ପ ଗୁଡ଼ିକର ପ୍ରଭାବ, ସମୁଦ୍ର ଉପରେ ନିର୍ଭରଶୀଳ ଜୀବନ ଜୀବିକାର ସମସ୍ୟା ଇତ୍ୟାଦି ଉପରେ ୫୦ରୁ ଅଧିକ ଗବେଷକମାନେ ତାଙ୍କର ପ୍ରବନ୍ଧ ଏଥିରେ ପାଠ କରିବେ। ସେହି ପ୍ରବନ୍ଧ ସବୁକୁ ନେଇ ଏକ ଗବେଷଣାତ୍ମକ ପୁସ୍ତକ ପ୍ରକାଶ ପାଇବ। ଏହି ଅବସରରେ ପିଲାଙ୍କ ପରିବେଶ କଂଗ୍ରେସ ମଧ୍ୟ ଅନୁଷ୍ଠିତ ହେବ ଯେଉଁଥିରେ ଗଞ୍ଜାମ ଜିଲ୍ଲାର ସ୍କୁଲ, କଲେଜର ଛାତ୍ରଛାତ୍ରୀ ଭାଗ ନେବେ। ପରିବେଶ ଓ ବେଳାଭୂମିକୁ ନେଇ ସେମାନେ ରଚନା, ତର୍କ, ଚିତ୍ରାଙ୍କନ ଇତ୍ୟାଦି ପ୍ରତିଯୋଗିତାରେ ଭାବ ନେବେ ଏବଂ କୃତୀ ଛାତ୍ରଛାତ୍ରୀଙ୍କୁ ପରିବେଶ କଂଗ୍ରେସର ଉଦ୍‌ଯାପନୀ ଉତ୍ସବରେ ସମ୍ମାନିତ କରାଯିବ। ଏହି ଅବସରରେ ରାଧାମୋହନ ଗ୍ରୀନ୍ ଆମ୍ବସାଡାର ସମ୍ମାନ, ପଦ୍ମଶ୍ରୀ ଅଜୟ ପରିଡ଼ା ଯୁବ ବିଜ୍ଞାନୀ ସମ୍ମାନ, ଅବସର ବେଉରିଆ ଯୁବ ପରିବେଶବିତ୍ ସମ୍ମାନ, ସୁଧାଂଶୁ ମିଶ୍ର ଗ୍ରୀନ କର୍ପୋରେଟ ସମ୍ମାନ ଇତ୍ୟାଦି ପୁରସ୍କାର ପ୍ରଦାନ କରାଯିବ। ଗଞ୍ଜାମ ଜିଲ୍ଲାରେ ପରିବେଶକୁ ନେଇ କାର୍ଯ୍ୟ କରୁଥିବା ସଂସ୍ଥା ଓ ବ୍ୟକ୍ତିବିଶେଷ ସେମାନଙ୍କ କୃତିକୁ ନେଇ ପ୍ରଦର୍ଶନୀ ସହିତ ଚିତ୍ରକଳା କର୍ମଶାଳା ଇତ୍ୟାଦି ମଧ୍ୟ ଅନୁଷ୍ଠିତ ହେବ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡ ପୁରୁଷୋତ୍ତମ ସାହୁ , ଲତିକା ପଟେଲ, ଡ ସୁଚିସ୍ମିତା ଶ୍ରୀଚନ୍ଦନ, ଡ ଶକ୍ତିଧର ନାଥ, ଡ ଶେଷ ଦେବ ପାତ୍ର, ଶିବରାମ ପାଣିଗ୍ରାହୀ, ବନମାଳୀ ପ୍ରଧାନ, ଇ ଟି ରାଓ, ବିଘ୍ନେଶ୍ୱର ସାହୁ, ଲୋକନାଥ ପରିଡ଼ା, ଅଞ୍ଜନ ପୃଷ୍ଟି, ରବୀନ୍ଦ୍ର ନାଥ ସାହୁ, ଡ ବନ୍ଦିତା ପଣ୍ଡା , ପ୍ରଫେସର ମୃତ୍ୟୁଞ୍ଜୟ ସ୍ୱାଇଁ, ନୀରଦ ବରଣ ଖୁଣ୍ଟିଆ, ସଞ୍ଜୟ କୁମାର ନାୟକ, ବିଜୟ ପ୍ରଧାନ, ସଚ୍ଚିକାନ୍ତ ପ୍ରଧାନ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ବିଶିଷ୍ଟ ପରିବେଶବିତ୍ ଡ ସୁଧୀର କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଇପ୍ସିତା ଖୁଣ୍ଟିଆଙ୍କୁ 'ଓଡ଼ିଶୀ କଳାଶ୍ରୀ' ସମ୍ମାନ



ଫୁଲନଖରା (ଭାସ୍କର ନ୍ୟୁଜ୍): କଟକ ସଦର ନଗରୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବଣଦେଉଳି ମୌଜାର ପିତା ମନୋରଞ୍ଜନ ଖୁଣ୍ଟିଆ ଓ ମାତା ପ୍ରଣତି ଖୁଣ୍ଟିଆଙ୍କ କନ୍ୟା ଇପ୍ସିତା ଖୁଣ୍ଟିଆ ସୂର୍ଯ୍ୟ ଗୁରୁକୁଳ, ଗୁଆଳିର ନିର୍ଦ୍ଦେଶକ ସୌଭାଗ୍ୟ ନାରାୟଣ ଛୋଟରାୟଙ୍କ ଦ୍ୱାରା ପରିଚାଳିତ ଗୁରୁକୁଳର ନୃତ୍ୟଗୁରୁ ସଂଗୀତା ଛୋଟରାୟଙ୍କ ତତ୍ତ୍ୱାବଧାନରେ ନୃତ୍ୟ ଶିକ୍ଷା କରି ଭୁବନେଶ୍ୱର ସାହାରା ଜନମଞ୍ଚ ଦ୍ୱାରା ଆୟୋଜିତ କୁଆଖାଇ ବୋଇତ ବନ୍ଦାଣ ମହୋତ୍ସବରେ 'ଓଡ଼ିଶୀ କଳାଶ୍ରୀ' ସମ୍ମାନରେ ସମ୍ମାନିତ ହୋଇଛନ୍ତି। କଳା ସମ୍ପାଦକ ଜ୍ଞାନାନନ୍ଦ ସାଗର କୁମାରଙ୍କ ସଂଯୋଜନାରେ ମୁଖ୍ୟଅତିଥି ହିସାବରେ ରାଜ୍ୟ ଭାଜପା ଉପସଭାପତି ଗୋଲକ ମହାପାତ୍ର, ମୁଖ୍ୟବକ୍ତା ଅର୍ଗସ ନ୍ୟୁଜ୍ ନିର୍ଦ୍ଦେଶକ ରଞ୍ଜନ କୁମାର ଜେନା, ସମ୍ମାନିତ ଅତିଥି ଖୋର୍ଦ୍ଧା ଜିଲ୍ଲାର ଆରକ୍ଷୀ ଉପାୟୁକ୍ତ ସାଗରିକା ନାଥ, ବ୍ରହ୍ମାକୁମାରୀ ଲୀନା ଦିଦି, ସମାଜସେବୀ ଲକ୍ଷ୍ମୀଧର ନାୟକ ମହୋତ୍ସବରେ ଯୋଗଦେଇ ଇପ୍ସିତାଙ୍କୁ ମାନପତ୍ର, ଫଳକ ଓ ଅଙ୍ଗବସ୍ତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ। ମହୋତ୍ସବରେ ସୂର୍ଯ୍ୟ ଗୁରୁକୁଳର ଛାତ୍ରଛାତ୍ରୀଙ୍କ ଦ୍ୱାରା ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ସମେତ ପ୍ରତିଷ୍ଠିତ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଭକ୍ତି ସଙ୍ଗୀତ ପରିବେଷଣ କରାଯାଇଥିଲା। ଜନମଞ୍ଚର ସଭାପତି ସହଦେବ ତରାଇଙ୍କ ସମେତ ଜନମଞ୍ଚର କାର୍ଯ୍ୟକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କୁଜଙ୍ଗ (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ଢ଼ିଙ୍କିଆ ପଞ୍ଚାୟତର ଢ଼ିଙ୍କିଆ ଗ୍ରାମରେ ଥିବା ଅରବିନ୍ଦ କୋଚିଂ ସେଣ୍ଟର ଓ ମହାବୀର କମ୍ପ୍ୟୁଟର ସେଣ୍ଟରରେ ଶିଶୁ ଦିବସ ଅବସରରେ ଏକ ଶିଶୁ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଆୟୋଜିତ କାର୍ଯ୍ୟକ୍ରମରେ କୋଚିଂ ସେଣ୍ଟରର ପ୍ରତିଷ୍ଠାତା ଅରବିନ୍ଦ ସ୍ୱାଇଁଙ୍କ ସଭାପତିତ୍ୱରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଭାଷଣ ଓ ଗୀତ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଛି। ସୁଚିତ୍ରା ମଣ୍ଡଳ ଓ ଆଭାରାଣୀ ନାୟକଙ୍କୁ 'ଆଦର୍ଶ ଛାତ୍ରୀ-୨୦୨୪' ସମ୍ମାନରେ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସମାଜ ସଂସ୍କାରକ ତଥା ଜ୍ୟୋତିର୍ବିଦ ଡ଼ଃ ଅରୁଣ କୁମାର ପାଣି, ମୁଖ୍ୟବକ୍ତା ଭାବରେ ଶିକ୍ଷକ ତଥା ସମାଜସେବୀ ରମେଶ କୁମାର ବେହେରା ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ଜଣେ ଭଲ ମଣିଷ ହେବାର ଆହ୍ୱାନ ଦେଇଥିଲେ। ପରିଶେଷରେ ଶିକ୍ଷକ ସନାତନ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ ଓ ଛାତ୍ର ଅଭିଭାବକ ମାନେ ଉପସ୍ଥିତ ରହି ଶିଶୁ ମହୋତ୍ସବ କାର୍ଯ୍ୟକ୍ରମକୁ ଦାୟିତ୍ୱର ସହ ସମାପନ କରିଥିଲେ।

## ଧାନ ଗଦାରେ ନିଆଁ ଲାଗି ପାଉଁଶ, କାରଣ ଅସ୍ପଷ୍ଟ



ଧର୍ମଗଡ (ଭାସ୍କର ନ୍ୟୁଜ୍): ଭୋ ଭୋ ହୋଇ କାନ୍ଦୁଛି ଚାଷୀ-ମୋର ସଂସାର ଭାସି ଗଲା, ପରିବାରକୁ କେମିତି ପୋଷଣ କରିବି, ପିଲା ଛୁଆ ମୋର କେମିତି କରିବେ ଅନେକ ରୁଦ୍ଧକଣ୍ଠରେ ଚିତ୍କାର କରୁଛି ଚାଷୀ। ଏଭଳି ଏକ ଅଭାବନୀୟ ଘଟଣା ଧର୍ମଗଡ ବ୍ଲକ ଟେଣ୍ଡାପାଲି ପଞ୍ଚାୟତ ପଦ୍ମପୁର ଗାଁ ଦେଖିବାକୁ ମିଳିଛି। ଗ୍ରାମର କୈଳାସ ଚନ୍ଦ୍ର ଗୋପାଳଙ୍କ ଅମଳ ଧାନ ଗଦାରେ ନିଆଁ ଲାଗି ପାଉଁଶ ହୋଇଯାଇଛି। ଗତ କିଛିଦିନ ତଳେ ନିଜ ଜମିରୁ ପାଚିଲା ଧାନ ଅମଳ କରି ଏକ ରାସ୍ତା କଡ଼ରେ ଗଦା କରି ରଖିଥିଲେ। ସକାଳ ପାଇଲେ ଧାନକୁ ଗାଡି ଲଗେଇ ବେଙ୍ଗଳା କରିଥାନ୍ତେ। ହେଲେ ଦେଖିଲା ବେଳକୁ ନିଆଁ ଲାଗି ସମ୍ପୂର୍ଣ୍ଣ ପାଉଁଶ ହୋଇଯାଇଛି। କିଏ କିଛି କରିବା ଆଗରୁ ସବୁ କିଛି ଧ୍ୱଂସ ହୋଇଯାଇଥିଲା। ତେବେ କୌଣସି ଦୁର୍ବୃତ୍ତ ନିଆଁ ଲଗେଇ ଦେଇଥିବା ସନ୍ଦେହ କରାଯାଉଛି। ଚାଷୀ କୈଳାସଙ୍କ କହିବା ଅନୁଯାୟୀ ସେ ୩ ଏକର ଜମିରୁ ଧାନ କାଟି ଗଦା କରିଥିଲେ। ପ୍ରାୟ ୬୦ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ଏହି ଜମିରେ ପାଉଥିବା ବେଳେ ୨ ଲକ୍ଷ ଟଙ୍କା ବିକ୍ରି କରି ପାଆନ୍ତି ବୋଲି ପ୍ରକାଶ କରନ୍ତି। ଏଥିପାଇଁ ସେ ପ୍ରାୟ ୬୦ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିଥିବା କୁହାଯାଏ। ଧାନ ଚାଷ କରିବା ପାଇଁ ଲୋକଙ୍କ ଠାରୁ ଧାର କରଜ କରିଥିବା ବେଳେ ଚିନ୍ତାରେ ପଡିଯାଇଛନ୍ତି ପରିବାର। କେମିତି ପରିବାର ପ୍ରତିପୋଷଣ ସମେତ ଧାର କରଜ ପରିଶୋଧ ଓ ପୁଅ ଝିଅର ପାଠପଢା କରିବେ ଭାଲେଣିରେ କୈଳାସ। ଘଟଣାସ୍ଥଳରେ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ କର୍ମଚାରୀମାନେ ପହଞ୍ଚି ସ୍ଥିତି ବିଷୟରେ ଅନୁସନ୍ଧାନ କରିଥିବା ଜଣାପଡ଼ିଛି। ଏହି ନିରୀହ ଚାଷୀର କ୍ଷତି ଆକଳନ କରି ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମର ଦୈତାରି ବାଗ, ଗଣେଶ ଖମାରି, କୃତ୍ତିବାସ ଟାକରି, ଯୋଗେନ୍ଦ୍ର ଗୋପାଳ, ଜବନେ ଗୋପାଳ ପ୍ରମୁଖ ଦାବି କରିଛନ୍ତି।

### ପ୍ରଥମଥର ଗୋପାଳପୁରରେ ବୋଇତ ବନ୍ଦାଣ ଉତ୍ସବ

## ଗୌରବ ଗାଥାକୁ ମନେ ପକାଇଲେ ନେତା ଓ ମନ୍ତ୍ରୀ




ବ୍ରହ୍ମପୁର (ଭାସ୍କର ନ୍ୟୁଜ୍): ଆଜି ହେଉଛି ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା। ଓଡ଼ିଶାର ନୌବାଣିଜ୍ୟ ପରମ୍ପରାକୁ ମନେପକାଇ ସାରା ରାଜ୍ୟରେ ଡଙ୍ଗା ଭସାଉଛନ୍ତି ଲୋକେ। ସବୁଠି ଗୁଞ୍ଜରିତ ହେଉଛି ଆ-କା-ମା-ବୈ। ସବୁଠି ଉତ୍ସାହର ମାହୋଲ୍ ଥିବାବେଳେ କଳିଙ୍ଗର ନୌବାଣିଜ୍ୟ ପରମ୍ପରାର ଗୌରବଗାଥାକୁ ମନେ ପକାଇ ରାଜ୍ୟର ପୁରାତନ ବନ୍ଦର ଭାବରେ ପରିଚିତ ଗୋପାଳପୁର ଠାରେ ଆୟୋଜିତ ହୋଇଯାଇଛି ପ୍ରଥମ ବୋଇତ ବନ୍ଦାଣ ଉତ୍ସବ। ଯେଉଁଥିରେ ପ୍ରଥମଥର ପାଇଁ ରାଜ୍ୟର ଅନ୍ୟ ବନ୍ଦର ମାନଙ୍କ ଭଳି ଗୋପାଳପୁର ଠାରେ ସଜ୍ଜିତ ବୋଇତରେ ପରିକ୍ରମା କରିଥିଲେ ରାଜ୍ୟ ଖଣି ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା। ତାଙ୍କ ସହିତ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳର ବିଧାୟକ ଓ ନିର୍ବାଚିତ ପ୍ରତିନିଧିଙ୍କ ସମେତ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ଗଞ୍ଜାମ ଜିଲ୍ଲା ସହିତ ପୁରାତନ ନୌବାଣିଜ୍ୟ କାରବାରର ରହିଛି ଅନେକ ସମ୍ପର୍କ। ଆଉ ସେହି ପୁରାତନ ପରମ୍ପରାକୁ ଉଜ୍ଜୀବିତ କରିବା ପ୍ରମୁଖ ଲକ୍ଷ୍ୟ ନେଇ ଗୋପାଳପୁର ବେଳାଭୂମି ଠାରେ ବୋଇତ ବନ୍ଦାଣ ଉତ୍ସବ ଆୟୋଜନ କରିବା ମୁଖ୍ୟ ଲକ୍ଷ୍ୟ ରହିଥିଲା ବୋଲି କହିଛନ୍ତି ରାଜ୍ୟ ଖଣି ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା। ଏହି ଅବସରରେ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି, 'ଗୋପାଳପୁର କଳିଙ୍ଗ ମାଟିର ଏହା ପେଣ୍ଠସ୍ଥଳ। ଗୋପାଳପୁର ସେହି ଗୌରବର ଗାଥାକୁ ମନେ ପକାଇଦେବ। ସାଧବ ପୁଅମାନେ ଗଞ୍ଜାମର ପାଲୁର ଠାରୁ ଆରମ୍ଭ କରି ବାହୁଦା ପର୍ଯ୍ୟନ୍ତ ମୁହାଣକୁ ନେଇ ଏଠାରେ ବ୍ୟବସାୟ କରୁଥିଲେ।' ଏପରିକି ଓଡିଆ ସାଧବ ପୁଅମାନେ କିପରି ଜଳପଥ ଦେଇ ସାତ ସମୁଦ୍ର ତେର ନଈ ପାର୍ ହୋଇ କିପରି ବ୍ୟବସାୟ ବାଣିଜ୍ୟ କରୁଥିଲେ ତାହାକୁ ନେଇ ଗୁରୁତ୍ୱାରୋପ କରିଥିଲେ ମନ୍ତ୍ରୀ। ରାଜ୍ୟର ଅନ୍ୟ ପ୍ରମୁଖ ବନ୍ଦର ଭଳି ଗୋପାଳପୁରରେ ପ୍ରଥମଥର ପାଇଁ ଆୟୋଜିତ ହୋଇଥିବା ପ୍ରଥମ ବୋଇତ ବନ୍ଦାଣ ଉତ୍ସବ ମୁଖ୍ୟତଃ ଐତିହ୍ୟକୁ ମନେ ପକାଇବା ପାଇଁ ରାଜ୍ୟ ସରକାର ଏବଂ ଗଞ୍ଜାମ ପ୍ରଶାସନର ସୁନ୍ଦର କାର୍ଯ୍ୟକ୍ରମ ବୋଲି ଆଲୋଚନା ସମୟରେ କହିଥିଲେ ଗଞ୍ଜାମ ଜିଲ୍ଲାର ବହୁ ବିଧାୟକ। କାର୍ଯ୍ୟକ୍ରମରେ ଖଲ୍ଲିକୋଟର ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସମେତ ସୋରଡା ବିଧାୟକ ନୀଳମଣି ବିଷୋୟୀ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ସେଠୀ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସମାନ୍ତରାୟ ସମେତ ବ୍ରହ୍ମପୁର ମହାନଗର ନିଗମ ମେୟର ସଙ୍ଘମିତ୍ରା ଦଳେଇ, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡା. ଶ୍ରର୍ବଣା ବିବେକ ଏମ୍, ବ୍ରହ୍ମପୁର ଉପଜିଲ୍ଲାପାଳ ଦୀନା ଦସ୍ତଗିରଙ୍କ ସମେତ ବହୁ ନିର୍ବାଚିତ ପ୍ରତିନିଧି ଓ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ରହିଥିଲେ।

## ରାହାସ ପୂର୍ଣ୍ଣିମା ଓ କାର୍ତ୍ତିକ ବ୍ରତ

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀର ପୁରପଲ୍ଲୀରେ ରାସ ପୂର୍ଣ୍ଣିମା ଓ କାର୍ତ୍ତିକ ବ୍ରତ ପାଳନ ହୋଇଯାଇଛି। ଶୁକ୍ରବାର ପ୍ରତ୍ୟୁଷରେ ବୈତରଣୀ ନଦୀ, ରେବ, କପାଳୀ, ନୂଆନଈ, ପୁଷ୍କରିଣୀ ଆଦି ଜଳଉତ୍ସ ଗୁଡିକରେ ଆବାଳବୃଦ୍ଧବନିତା ପବିତ୍ର ବୁଡ ପକାଇ ପ୍ରାଚୀନ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାର ପ୍ରତୀକ କଦଳୀ ପଟୁଆ ବା ସୋଲ ନିର୍ମିତ ଡଙ୍ଗା ବନ୍ଦାପନା କରିବା ପରେ ଏହାକୁ ଭସାଇ ଆ-କା-ମା-ବୈ... ଉଚ୍ଚାରଣ କରିଥିଲେ। ଝିଅବୋହୂମାନେ ତୁଳସୀ ଚଉରା ସମ୍ମୁଖରେ ମୁରୁଜରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ମାତା ସୁଭଦ୍ରାଙ୍କ ଚିତ୍ର ଆଙ୍କି ପୂଜାର୍ଚ୍ଚନା କରିଥିଲେ। ବିଭିନ୍ନ ଦେବାଳୟରେ ହବିଷ୍ୟାଳିମାନେ ଆଜିର ହବିଷ ଭୋଜନକରି ପ୍ରଭୁ କୃପା ଲାଭ କରିଥିଲେ। ଭକ୍ତମାନେ ସାରାଦିନ ଭଜନ କିର୍ତ୍ତନରେ ଦେବାଳୟରେ ସମୟ ଅତିବାହିତ କରିଥିଲେ। ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ପାରାୟଣ ଓ ପ୍ରବଚନ ଉଦଯାପିତ ହୋଇଛି। ସାତସୋଲା, କୁଲଣା, ମଞ୍ଜୁରୀରୋଡ ଜଗନ୍ନାଥ ମନ୍ଦିର, ରହଣିଆର ମା'ମଙ୍ଗଳପୀଠ ଓ କଚେରୀ ସାହି ଠାରେ ନବନିର୍ମିତ ମହାଦେବ ପୀଠରେ ଶିବପୁରାଣ ପାଠ କାର୍ଯ୍ୟକ୍ରମ ଉଦଯାପିତ ହୋଇଛି। ଜଗନ୍ନାଥପ୍ରସାଦରେ ରାହାସ ଉତ୍ସବ ଅବସରରେ କୁଞ୍ଜ ନିର୍ମାଣ କରାଯାଇ ଉତ୍ସବ ପାଳନ କରାଯାଉଛି। ଏତଦ୍‌ବ୍ୟତୀତ ମାଳଦାର ଧବଳେଶ୍ୱର ମନ୍ଦିର, ବନ୍ଧାଳୋ, ବିଶୋଳ ଆଦି ବିଭିନ୍ନ ଗ୍ରାମରେ ଥିବା ଶିବମନ୍ଦିର ଠାରେ ସୋମବାର ବଡ଼ଓଷା ଅବସରରେ ଶିବପୂଜା ଅନୁଷ୍ଠିତ ହେବା ସହ ଭଜନ କୀର୍ତ୍ତନର ଆୟୋଜନ କରାଯାଇଛି। ରାଜେନ୍ଦ୍ରପୁରସ୍ଥିତ ଗିରିଗୋବର୍ଦ୍ଧନ ମଠ ଓ ମୁଡ଼ାପଦାସ୍ଥିତ ମହାବୀର ମନ୍ଦିରରେ ନାମସଂକୀର୍ତ୍ତନ ସହ ଭଜନକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି।



### ମଞ୍ଜୁରୀ ଶାରଦା ବିଦ୍ୟାମନ୍ଦିରରେ ଶିଶୁ ଦିବସ



ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀର ବ୍ଲକର ରଣଜିତ ପଞ୍ଚାୟତ ଅନ୍ତର୍ଗତ ମଞ୍ଜୁରୀ ଶାରଦା ବିଦ୍ୟାମନ୍ଦିର ପକ୍ଷରୁ ଗୁରୁବାର ଶିଶୁ ଦିବସ ପ୍ରଧାନଗୁରୁଜୀ ନିର୍ମଳଚନ୍ଦ୍ର ସେନାପତିଙ୍କ ପୌରହିତ୍ୟରେ ପାଳିତ ହୋଇଯାଇଛି। ଏହି ଉତ୍ସବକୁ ବଳଦେବଜୀଉ ମଠମହନ୍ତ ହିମାଂଶୁ ମହାରାଜ ଉଦଘାଟନ କରି ପିଲାମାନଙ୍କୁ ଆଧ୍ୟାତ୍ମିକ ମାର୍ଗ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ଗୁରୁଜୀ ପ୍ରଦ୍ୟୁମ୍ନ କୁମାର ନାୟକ ଗୀତା ମହାତ୍ମ୍ୟ, ଭଦ୍ରକ ପାତାଞ୍ଜଳୀ ସେବା ସମିତି ଯୋଗଗୁରୁ ସୁରେନ୍ଦ୍ର କୁମାର ଦାସ ଯୋଗ ଓ ପ୍ରାଣାୟାମ ଶିକ୍ଷା ଦେଇଥିଲେ। ଶିଶୁମାନଙ୍କ ଦ୍ୱାରା ଏକକ ଅଭିନୟ, ନୃତ୍ୟ, ଦଳଗତ ନୃତ୍ୟ ଓ ଗଣବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା 'ଗ୍ରାମ ହାଟ' ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଗୁରୁଜୀ, ଗୁରୁମା'ମାନେ ପରିଚାଳନା କରିଥିଲେ।

## ମା'ବେଲ ମଙ୍ଗଳା ପୀଠରେ କବିତା ପାଠୋତ୍ସବ

କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ୍): ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା ଓ ସଂସ୍କୃତିର ସ୍ମୃତିଚାରଣ ଉଦ୍ଦେଶ୍ୟରେ କପାଳେଶ୍ୱର ମା'ବେଲ ମଙ୍ଗଳା ପୂଜା କମିଟି ପକ୍ଷରୁ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ମା' ବେଲମଙ୍ଗଳା ପୀଠରେ ଏକ କବିତା ପାଠୋତ୍ସବ ଅତିଥି ଶ୍ରୀ ଦାଶ ପ୍ରକାଶ କରିଥିଲେ। ସମ୍ମାନୀତ ଅତିଥି ଭାବେ ସତୀର୍ଥର ଅମର ପ୍ରସାଦ ରାଉତ, ସାରଥୀ କାନୁନଗୋ, ଗଗନବିହାରୀ ଜେନା ଓ ଧନେଶ୍ୱର ବାବା ପ୍ରମୁଖ ଯୋଗ ଦେଇଥିଲେ। କବି ଶୈଳଜାଶଙ୍କର ସାମଲଙ୍କ ସଂଯୋଜନାରେ ଅନୁଷ୍ଠିତ




ସୁଦର୍ଶନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଲେଖ ଚନ୍ଦ୍ର ଦାଶ ଯୋଗଦେଇ କହିଲେ ଯେ ଉତ୍କଳୀୟ ସଂସ୍କୃତି ଓ ପରମ୍ପରାର ସ୍ମୃତିଚାରଣ କରିବା ପାଇଁ କବିତାହିଁ ଉପଯୁକ୍ତ ମାଧ୍ୟମ। କବିତା ମାଧ୍ୟମରେ ଆମ ସଂସ୍କୃତି ଓ ପରମ୍ପରାର ସ୍ମୃତିଚାରଣ କରାଗଲେ ଏହା ଭବିଷ୍ୟତ ପୀଢ଼ିଙ୍କୁ ପ୍ରେରଣା ଯୋଗାଇ ଦେବ ବୋଲି ମୁଖ୍ୟ କବିତା ପାଠୋତ୍ସବରେ ଶତାଧିକ କବି ଓ କବୟିତ୍ରୀମାନେ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିବା ବେଳେ କମିଟି ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ। ବେଲ ମଙ୍ଗଳା ପୂଜା କମିଟିର ମୁଖ୍ୟ ପୁରୋଧା ରବିନାରାୟଣ ମହାପାତ୍ର ମଙ୍ଗଳାଚରଣ ପାଠ କରିଥିଲେ। କମିଟିର ସଦସ୍ୟ ଉମାକାନ୍ତ ମହାନ୍ତି ଓ ସୁରେଶ ପାଣି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମହାପ୍ରଭୁଙ୍କ ବଡ଼ ମହାସ୍ନାନ



ପୁରୀ (ଭାସ୍କର ନ୍ୟୁଜ): ମହାପ୍ରଭୁଙ୍କ ବଡ଼ ମହାସ୍ନାନ ଶ୍ରୀ ମନ୍ଦିର ଜୟ ବିଜୟ ଦ୍ୱାର ଭିତର ପଟ ପାହାଚରେ ମଇଳା ପଡ଼ିଥିବା କାରଣରୁ ମହାପ୍ରଭୁଙ୍କର ବଡ଼ ମହାସ୍ନାନ କରାଯାଉଛି। ଆଜି କାର୍ତ୍ତିକ ପୂର୍ଣ୍ଣିମା ପାଇଁ ମହାପ୍ରଭୁଙ୍କର ରାଜରାଜେଶ୍ୱର ବା ସୁନାବେଶ ଦେଖିବା ପାଇଁ ଭକ୍ତଙ୍କ ପ୍ରବଳ ଗହଳି ଲାଗିରହିଥିବା ବେଳେ ଜୟ ବିଜୟ ଦ୍ୱାର ଭିତର ପାହାଚ ନିକଟରେ ମଇଳା ପଡ଼ିଥିବା ଦୃଷ୍ଟିଗୋଚର ହେବାରୁ ବଡ଼ ମହାସ୍ନାନ କରାଯାଉଛି। ପ୍ରଥମ ଭୋଗମଣ୍ଡପ ଭୋଗ ଶେଷହେବା ପରେ ଭିତର କାଠ ଦର୍ଶନ ଆରମ୍ଭ ହୋଇଥିଲା। ସେହି ସମୟରେ ଜୟ ବିଜୟ ଦ୍ୱାର ଭିତର ପଟ ପାହାଚରେ ମଇଳା ପଡ଼ିଥିବା ସେବାୟତଙ୍କ ଦୃଷ୍ଟିଗୋଚର ହେବାରୁ ବଡ଼ ମହାସ୍ନାନ ଲାଗିରହିଛି। ଏହି ବଡ଼ ମହାସ୍ନାନ ପ୍ରାୟ ୧ଘଣ୍ଟା ଧରି ଚାଲୁରହିବ। ସେଥିନିମନ୍ତେ ପ୍ରାୟ ୧ଘଣ୍ଟା ଧରି ଦର୍ଶନ ବନ୍ଦ ରହିଛି। ମହାସ୍ନାନ ପରେ ଚୂନ ପାଣି ପଡି ଶୋଧ କରାଯାଇ ଦର୍ଶନ ପୁନଃ ଆରମ୍ଭ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ଶ୍ରୀଜିଉଙ୍କ ରାଜରାଜେଶ୍ୱର ବେଶ



ପୁରୀ (ଭାସ୍କର ନ୍ୟୁଜ୍): ଶ୍ରୀଜିଉଙ୍କ ରାଜରାଜେଶ୍ୱର ବେଶ ଏହି ପବିତ୍ର ଦିନରେ ଶ୍ରୀମନ୍ଦିରରେ ଶ୍ରୀଜିଉମାନେ ରାଜରାଜେଶ୍ୱର ବା ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଗୋଟିଏ ବର୍ଷରେ ମହାପ୍ରଭୁ ପାଞ୍ଚ ଥର ସୁନାବେଶ ହେବାର ପରମ୍ପରା ରହିଛି। ତେବେ କାର୍ତ୍ତିକ ମାସ ପୂର୍ଣ୍ଣିମାରେ ରାଜରାଜେଶ୍ୱର ବେଶ ନାମରେ ଏହି ସୁନାବେଶ ଲାଗି ହୋଇଥାନ୍ତି ଶ୍ରୀଜୀଉ। ଏହି ଦୁର୍ଲଭ ସୁନାବେଶ ଦେଖିବା ପାଇଁ ଶ୍ରୀମନ୍ଦିରରେ ଭକ୍ତଙ୍କ ସମାଗମ ହୋଇଥିଲା। ହରିବୋଲ, ହୁଳହୁଳି ସହିତ ଭକ୍ତଙ୍କ ସଂକୀର୍ତ୍ତନ ଶୋଭାଯାତ୍ରାରେ ଶ୍ରୀକ୍ଷେତ୍ରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଚଳଚଞ୍ଚଳ ଶ୍ରୀକ୍ଷେତ୍ର। ମହୋଦଧିରେ ବୁଡ଼ ପକାଇବା ପାଇଁ ବଡ଼ି ଭୋରୁ ଲକ୍ଷାଧିକ ଭକ୍ତଙ୍କ ସୁଅ ଛୁଟିଥିଲା। ମହୋଦଧିରେ ଲକ୍ଷାଧିକ ଭକ୍ତ ସ୍ନାନ କରିବା ସହ କଦଳୀ ପଟୁକାରେ ତିଆରି ଡଙ୍ଗାରେ ପାନ, ଗୁଆ, ଫୁଲ ଥୋଇ ଭସାଇଥିଲେ। ଏହାସହ ଆ-କା-ମା-ବୈ, ପାନ ଗୁଆ ଥୋଇରେ ଗୁଞ୍ଜରିତ ହୋଇଛି ସମଗ୍ର ବେଳାଭୂମି। ନିଜ ପରିବାର ତଥା ସାଙ୍ଗସାଥୀଙ୍କ ସହ ଲୋକେ ବିଭିନ୍ନ ତୀର୍ଥ ପୁଷ୍କରିଣୀ ଓ ମହୋଦଧି ତଟକୁ ଆସି ଡଙ୍ଗା ଭସାଇଥିଲେ। ପବିତ୍ର କାର୍ତ୍ତିକ ମାସ ପୂର୍ଣ୍ଣିମା ପାଇଁ ହବିଷ୍ୟାଳୀମାନେ ମଧ୍ୟ ସମୁଦ୍ର ବେଳାଭୂମିରେ ପୂଜାର୍ଚ୍ଚନା କରିବା ସହିତ ପ୍ରଥମ ଉଦୟ ସୂର୍ଯ୍ୟଙ୍କୁ ଦର୍ଶନ କରିଥିଲେ। ପ୍ରାୟ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତ ମହୋଦଧି ତଟରେ ଏକତ୍ରିତ ହୋଇ କାର୍ତ୍ତିକ ପୂର୍ଣ୍ଣିମାର ପୁଣ୍ୟ ଲାଭ କରିଛନ୍ତି। ବିଶ୍ୱାସ ରହିଛି ଆଜିର ଦିନରେ ମହୋଦଧିରେ ବୁଡ଼ ପକାଇଲେ ଅଶେଷ ପୁଣ୍ୟ ପ୍ରାପ୍ତି ହୋଇଥାଏ। ଏହି ଅବସରରେ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ା କଡ଼ି କରାଯାଇଥିଲା। କାର୍ତ୍ତିକ ପୂର୍ଣ୍ଣିମା ପାଇଁ ପୁରୀ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିଲା। ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ପବିତ୍ର ମହୋଦଧିରେ ଡଙ୍ଗା ଭସାଣ ଓ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲେ। ଶୃଙ୍ଖଳିତ ଦର୍ଶନ ଓ ସୁରକ୍ଷା ପାଇଁ ପୁରୀ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା।

## ଭଞ୍ଜପୁର ଜଗଦ୍ଧାତ୍ରୀ ମେଳାର ତୃତୀୟ ସନ୍ଧ୍ୟାରେ ସାଇ ରସାମୃତ ଭଜନ ଓ ଝୁମର



ବାରିପଦା (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଭଞ୍ଜପୁର ଜଗଦ୍ଧାତ୍ରୀ ମେଳା ପଡିଆରେ ଅନୁଷ୍ଠିତ ଜଗଦ୍ଧାତ୍ରୀ ମେଳାର ତୃତୀୟ ସନ୍ଧ୍ୟାରେ ସାଇ ଶ୍ରଦ୍ଧା ଅନୁଷ୍ଠାନ ପରିବେଷଣ କରିଥିଲେ ସାଇ ବାବାଙ୍କ ଭଜନ ଓ କଣ୍ଠଶିଳ୍ପୀମାନେ ହେଲେ ସତ୍ୟବ୍ରତ ଜେନା, ବସନ୍ତ କୁମାର ସିଂହ, ଶ୍ରଦ୍ଧା ସ୍ମୃତି ଦାସ, ପାଲିନା ସରଘରିଆ, ଚନ୍ଦନ ଭଞ୍ଜଦେଓ ଏବଂ ବାଦ୍ୟ ଯନ୍ତ୍ରରେ ସହାୟତା କରିଥିଲେ ବିଭୁତି ଭୂଷଣ ବେହେରା, ସତ୍ୟ ରାମ, ବସନ୍ତ ମୁଖି ଓ କାହ୍ନୁ ଦା। ଶିବ ନାରାୟଣ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ପରେ ପରେ ତୁଳସୀଚୌରା ସ୍ଥିତ ଶିଶୁ ବିକାଶ ବିଦ୍ୟା ମନ୍ଦିରର କୁନିକୁନି କଳାକାରମାନେ ପରିବେଷଣ କରିଥିଲେ ଆକର୍ଷଣୀୟ କାର୍ଯ୍ୟକ୍ରମ। ଶେଷରେ ମୟୁରଭଞ୍ଜ ଝୁମର ମେଲୋଡିର ମିସ ଲିଲି, କୁମାର ବୁଲୁ ଓ ମମତା ରାଣୀଙ୍କ ଝୁମର ଗୀତରେ ତଥା ଝୁମର ବାଦ୍ୟରେ ଝୁମିଲେ ଦର୍ଶକ। ଦିଲ୍ଲୀପ କୁମାର ମହାନ୍ତ ମଞ୍ଚ ପରିଚାଳନା କରିଥିଲେ। ସୋମନାଥ ସିଂହ ଓ ଆଲୋକ ବାରିକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଆସନ୍ତାକାଲି କୋରସ ଏକାଡେମୀ, କରଞ୍ଜିଆ ସ୍କୁଲ ଅଫ୍ ଆର୍ଟ ଆଣ୍ଡ୍ କ୍ରାଫ୍ଟ, ସାଇ ଶିକ୍ଷା କେନ୍ଦ୍ର ପରିବେଷଣ କରିବେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଶେଷରେ ଓଡିଶା ମୁଣ୍ଡା ଷ୍ଟୁଡେଣ୍ଟ୍ସ ଆସୋସିଏସନ ତାଙ୍କର କାର୍ଯ୍ୟକ୍ରମ ପରିବେଷଣ କରିବେ ବୋଲି ସାଂସ୍କୃତିକ ସମ୍ପାଦକ ମାନସ ମହାନ୍ତି ଓ ପ୍ରିତମ ପଣ୍ଡା ଜଣାଇଛନ୍ତି।

### କଂଗ୍ରେସର ଆମଦାନୀ ନେତାଙ୍କ ପାଇଁ ନିଆଳି ବିଜେପିରେ ଗୋଷ୍ଠୀକନ୍ଦଳ

## ବିଧାୟକଙ୍କ କଥାକୁ ମାନୁନାହାନ୍ତି କର୍ମୀ ଓ ନେତା



କଣ୍ଟାପଡା (ଭାସ୍କର ନ୍ୟୁଜ୍): ନିଆଳି ରାଜନୀତିରେ ବିଜେପିର ଗୋଷ୍ଠୀକନ୍ଦଳ ଦିନକୁ ଦିନ ପଦାରେ ପଡ଼ିବାକୁ ଲାଗିଛି। ବିଜେପି ବିଧାୟକ ପ୍ରାର୍ଥୀ ଛବି ମଲିକ ୬ ମାସ ହେଲା ଆସିଥିବା ବେଳେ ପାଇଥିବା ୯୨ ହଜାର ଭୋଟ ମଧ୍ୟରୁ ୬୦ ହଜାର ଭୋଟ୍ ପାଇବା ବି କଷ୍ଟ ସାଧ୍ୟ ଅଟେ। ଏହାର କାରଣ ବିଜେପିର ଗୋଷ୍ଠୀକନ୍ଦଳ ଦିନକୁ ଦିନ ଉଗ୍ର ରୂପ ନେଉଛି। ଦଳ କ୍ଷମତାକୁ ଆସିବ ବୋଲି ଗତ ବିଧାନସଭା ନିର୍ବାଚନରେ ବିଭିନ୍ନ ଦଳର ଦାଗି ନେତାଙ୍କୁ ବି ଆଣିବାକୁ ପଛାଇନଥିଲା। ଏମିତିକି ଜିତିବା ପରେ ମଧ୍ୟ ବିଭିନ୍ନ ଦଳର ଦାଗୀ ଓ ସ୍ୱାର୍ଥପର କୁଜିନେତାଙ୍କୁ ଆଣି ଏବେ ନିଜ ଦଳ ପାଇଁ ଅଡୁଆ ସୃଷ୍ଟି ହେଲାଣି। ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି କଣ୍ଟାପଡା ବ୍ଲକ ଓ ଝାରପଡା ପଞ୍ଚାୟତରେ ଆଜି ହେଉଥିବା ବୋଇତ ବନ୍ଦାଣ ଉତ୍ସବ। ଏହି ଉତ୍ସବରେ ନିଆଳି ବିଧାୟକ ଛବି ମଲିକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ସ୍ଥାନୀୟ ସରପଞ୍ଚ ଇତିଶ୍ରୀ ବେହେରା, ଆମ୍ବାର ଅଧ୍ୟକ୍ଷ ପ୍ରଦୀପ ପାତ୍ର, ସାଂସଦଙ୍କ ପ୍ରତିନିଧି ସଂଗ୍ରାମ ପଟ୍ଟନାଏକ ଓ ନିଆଳି ବ୍ଲକ ତିହୁଡି ପଞ୍ଚାୟତର ସମିତି ସଭ୍ୟ ଶଶିକାନ୍ତ ଲେଙ୍କା, ଝାରପଡା ପଞ୍ଚାୟତର ସମିତି ସଭ୍ୟ ଜଗନ୍ନାଥ ସାହୁ ଯୋଗ ଦେଇଥିଲେ। ଏଇଠୁ ଆରମ୍ଭ ହୋଇଛି ବିବାଦ। ନିଆଳି ବ୍ଲକର ଶଶୀକାନ୍ତ ଲେଙ୍କା କେଉଁ ପଦବୀରେ ଅଛନ୍ତି ଓ କଣ୍ଟାପଡା କାହିଁକି ଆସିଛନ୍ତି ବୋଲି କଣ୍ଟାପଡା ବିଜେପି କରିଛି ପ୍ରଶ୍ନ ? ଏମିତିକି କଣ୍ଟାପଡା ବିଜେପିର ଗୋଟିଏ ଗୋଷ୍ଠୀ ପ୍ରଦୀପ ପାତ୍ରଙ୍କୁ ଖୋଲାଖୋଲି ବିରୋଧ କରୁଥିବା ଦେଖିବାକୁ ମିଳିଛି। ଗତ ବୁଧବାର ଦିନ ଉରାଡ଼ ପଞ୍ଚାୟତରେ ହୋଇଥିବା ସମ୍ବର୍ଦ୍ଧନା ସଭାରେ ପ୍ରଦୀପ୍ତ ପାତ୍ର ଓ ଶଶିକାନ୍ତ ଲେଙ୍କାଙ୍କୁ ଡକାଯାଇନଥିଲା। ଏବେ ସାରା ନିଆଳି ନିର୍ବାଚନ ମଣ୍ଡଳୀରେ ଚର୍ଚ୍ଚା ଛବିଙ୍କ ପାଇଁ ଗୋଷ୍ଠୀକନ୍ଦଳ ମୁଣ୍ଡ ବ୍ୟଥାରେ କାରଣ ପାଲଟିବନି ତ। ନିଆଳି ବିଜେପି ଦୁଇ ଗୋଷ୍ଠୀରେ ବିଭକ୍ତ ହେବାକୁ ଯାଉଛନ୍ତି। ସେହିଭଳି ରାଜ୍ୟ ବିଜେପି ପ୍ରବକ୍ତା ରାଜେନ୍ଦ୍ର ପ୍ରସାଦ ପଣ୍ଡା ଓ ବିଧାୟକ ଛବି ମଲିକ ମଧ୍ୟରେ ଦିନକୁ ଦିନ ତିକ୍ତତା ବଢ଼ି ଚାଲିଛି। ଏମିତିକି ନିଆଳି ବିଜେପିର ଆଗ ଧାଡ଼ିର ନେତା ଦଳ ହାଇକମାଣ୍ଡଙ୍କୁ ଭେଟି ଅଭିଯୋଗ କରିବେ ବୋଲି ଛକ ବଜାରରେ ଖୁଲମ୍‌ଖୁଲା କହି ବୁଲିଲେଣି। ଏବେଠୁ ବିଧାୟକ ଛବି ମଲିକ ଦଳକୁ ସଠିକ୍ ପରିଚାଳନା ନକଲେ ଆଗକୁ ଆସୁଥିବା ପଞ୍ଚାୟତ ନିର୍ବାଚନରେ ମାଟି କାମୁଡି ପଡିବ। ବିଜେପି ଦଳକୁ ଯେଉଁମାନେ ୬୬ ହଜାର ଭୋଟ୍‌ରୁ ୯୨ ହଜାର ଭୋଟ୍‌କୁ ଆଣିଥିବା କର୍ମୀଙ୍କୁ ଅଣଦେଖା କରି କଂଗ୍ରେସ ଦଳର କିଛି ହାତଗଣତି ନେତାଙ୍କ ଦ୍ୱାରା ଦଳ ପରିଚାଳିତ ହେଉଥିବା ଆଲୋଚନା ହେଉଛି। ଆଜିର ବୋଇତ ବନ୍ଦାଣ ଉତ୍ସବରେ ବ୍ଲକ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ ଅନୁପସ୍ଥିତ ଖୋରାକ୍ ଯୋଗାଇଛି।

## କରଞ୍ଜିଆରେ ଓଡିଆ ପୁଅର ବୋଇତ ଯାତ୍ରା ଶୀର୍ଷକ ଆଲୋଚନାଚକ୍ର



କରଞ୍ଜିଆ (ଭାସ୍କର ନ୍ୟୁଜ୍): ବିଗତ ବର୍ଷ ଭଳି ଏହି ବର୍ଷ ମଧ୍ୟ ଚେତନା (ରାଷ୍ଟ୍ର ଚିନ୍ତନ ଓ ଜାଗରଣ ସଂଗଠନ) ଆନୁକୂଲ୍ୟରେ ସ୍ଥାନୀୟ ମଧୁ ବାରିଷ୍ଟର ମାର୍ଗ ନିକଟରେ ଏକ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ୍ ତଥା ଗବେଷକ ଭରତ ଚନ୍ଦ୍ର ଦାଶ ସଭାପତିତ୍ୱ କରିଥିବା ବେଳେ ଇଷ୍ଟରନିଟି ଅନ୍ତର୍ଜାତୀୟ ଇଂରାଜୀ ପତ୍ରିକାର ସମ୍ପାଦକ ହରେକୃଷ୍ଣ ମହାନ୍ତ ମୁଖ୍ୟ ଅତିଥି ଭାବରେ ଓ ଅବସରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ ତ୍ରିଲୋଚନ ସେଠୀ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ କରଞ୍ଜିଆ ମହାବିଦ୍ୟାଳୟର ପୂର୍ବତନ ଗ୍ରନ୍ଥାଗାର ସହାୟକ ରାଧେଶ୍ୟାମ ନାଏକ, ବରିଷ୍ଠ ଶିକ୍ଷକ ଜିତେନ୍ଦ୍ର କୁମାର ସାହୁ, ସିଦ୍ଧାର୍ଥ କୁମାର ରାୟ, ବରିଷ୍ଠ ଅଧ୍ୟାପକ ଜନ୍ମେଜୟ ଶତପଥି, ସଚ୍ଚିଦାନନ୍ଦ ମାନବ, ସୁଦୀପ କୁମାର ବେହେରା, ଡମ୍ବରୁଧର ପ୍ରଧାନ, ଚେତନାର ପ୍ରତିଷ୍ଠାତା ତଥା ଆଇନଜୀବୀ ସଞ୍ଜୟ କୁମାର ସାହୁ ପ୍ରମୁଖ ଯୋଗଦେଇ ବିଗତ ଦିନରେ ଓଡ଼ିଶା ତଥା କଳିଙ୍ଗର ଓଡ଼ିଆଙ୍କର ଦୂର ବିଦେଶ ଯାତ୍ରା କରି ନୌବାଣିଜ୍ୟ ଦ୍ୱାରା ଓଡ଼ିଆ ମାଟିକୁ ଅର୍ଥନୈତିକ ସ୍ତରରେ ସମୃଦ୍ଧ କରିବା ସହ ବୀରତ୍ୱର ପରିଚୟ ଦେଇଥିଲେ ବୋଲି ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ଜନ୍ମେଜୟ ଶତପଥି ତାଙ୍କ ବକ୍ତବ୍ୟରେ 'ତଅପୋଇ' ଚରିତ୍ରକୁ ସ୍ମରଣ କରିବା ସହିତ ଅତୀତର ଗୌରବମୟ କଳିଙ୍ଗ ତଥା ଉତ୍କଳର ଗୌରବମୟ ବାଣିଜ୍ୟିକ ଇତିହାସ ପୁଣି ଫେରି ଆସୁ ବୋଲି ଆଶାବ୍ୟକ୍ତ କରିଥିଲେ। ଯୁବ ଗାନ୍ଧୀବାଦୀ ସଚ୍ଚିଦାନନ୍ଦ ଆଜିକାଲି ବୋଇତ ଯାତ୍ରାର ସ୍ମୃତିରେ ଲୋକମାନେ ପରିବେଶକୁ ଦୂଷିତ କରୁଥିବା 'ଥର୍ମୋକଲ୍ (କୃତ୍ରିମ ସୋଲୋ)' ନିର୍ମିତ ଡଙ୍ଗାଭସାକୁ ସଭାରେ ବିରୋଧ କରିଥିଲେ ଓ ପୁଣି ଆମର ଇକୋ-ଫ୍ରେଣ୍ଡଲି କଦଳୀ ପାଟୁଆରେ ତିଆରି ଛୋଟ ଡଙ୍ଗା ଅଥବା କାଗଜ ପଟି ନିର୍ମିତ ଛୋଟ ଡଙ୍ଗାର ପୁନଃ ପ୍ରଚଳନ କରି ପରିବେଶ ସନ୍ତୁଳନ କରିବାକୁ ସନ୍ଦେଶ ଦେଇଥିଲେ। ଶେଷରେ ସ୍ୱରଚିତ କବିତା ପାଠ କରିଥିଲେ ସଞ୍ଜୟ କୁମାର ସାହୁ, ହରେକୃଷ୍ଣ ମହାନ୍ତ ଓ ଇଂ ତ୍ରିଲୋଚନ ସେଠୀ। ପରିଶେଷରେ ଜିତେନ୍ଦ୍ର କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିବା ପରେ ସଭାପତି ସଭା ସାଙ୍ଗ ଘୋଷଣା କରିଥିଲେ।

## କାର୍ତ୍ତିକ ପୂର୍ଣ୍ଣିମା ଓ ବୋଇତ ବନ୍ଦାଣ ଉତ୍ସବ

କଣାସ (ଭାସ୍କର ନ୍ୟୁଜ୍): ସାରା ରାଜ୍ୟରେ ଆଜି ପୁରାଣ କିମ୍ବଦନ୍ତୀ ଅନୁଯାୟୀ ପୂର୍ବପୁରୁଷ ସାଧବ ପୁଅମାନେ ବୋଇତ ଯୋଗେ ବାହାର ଦେଶକୁ ଯାଇ ବାଣିଜ୍ୟ କରି ଫେରୁଥିବାରୁ ଏହି ପରମ୍ପରାକୁ ମନେପକାଇ ଆଜି ସାରା ଓଡିଶାରେ ପ୍ରଭାତରୁ ବୋଇତ ବନ୍ଦାଣ ଉତ୍ସବ ହୋଇଥିବା ବେଳେ କଣାସ ବ୍ଲକର ସମସ୍ତ ପୁରପଲ୍ଲୀରେ ମହିଳା ଓ ପୁରୁଷମାନେ ପ୍ରଭାତରୁ ସ୍ନାନ ସାରି ନୂତନ ବସ୍ତ୍ର ପରିଧାନ କରି କଦଳୀ ପଟୁକାରେ ନିର୍ମିତ ଡଙ୍ଗାରେ ପାନ, ଗୁଆ ଓ ପଇସା ରଖି ସଞ୍ଜବଳିତା ଜାଳି ଆ-କା-ମା-ବୈ, ପାନ ଗୁଆ ଖାଇ ଉଚ୍ଚାରଣ କରି ଡଙ୍ଗା ଭସାଇବା ପରେ ନିଜ ନିଜ ଗ୍ରାମରେ ଥିବା ପାଖ ମନ୍ଦିରମାନଙ୍କୁ ଯାଇ ପୂଜାର୍ଚ୍ଚନା କରିଥିଲେ।

## ଲାଇଫ୍ ହୋଟେଲ୍ ଭୁବନେଶ୍ୱର ପକ୍ଷରୁ ଛାଡ଼ଖାଇ ପର୍ବ ପାଳନ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ପବିତ୍ର କାର୍ତ୍ତିକ ମାସର ଅନ୍ତ ଏବଂ କେବଳ ନିରାମିଷ ଖାଦ୍ୟର ଅବଧି ଶେଷ ହେବା ଅବସରରେ ବ୍ୟାପକ ବ୍ରଚଂ ପରିବେଷଣ କରି ଲାଇଫ୍ ହୋଟେଲ ଭୁବନେଶ୍ୱରରେ ଛାଡ଼ଖାଇର ଜୀବନ୍ତ ପର୍ବ ପାଳନ କରାଯାଏ। ବିଭିନ୍ନ ପ୍ରକାରର ପାରମ୍ପରିକ ଓ ଆକର୍ଷଣୀୟ ଆମିଷ ଖାଦ୍ୟ ସହିତ ଓଡ଼ିଶାର ସମୃଦ୍ଧ ଖାଦ୍ୟ ସଂସ୍କୃତିର ଶ୍ରେଷ୍ଠ ପ୍ରଦର୍ଶନ କରୁଥିବା ରୋଷେଇ ଯାତ୍ରାରେ ନିୟୋଜିତ ହୁଅନ୍ତୁ। ପାରମ୍ପରିକ ଓଡିଆ ପଦ୍ଧତିରେ ଆମ ରୋଷେୟାମାନଙ୍କ ଦ୍ୱାରା ରନ୍ଧା ଯାଇଥିବା ଚମତ୍କାର କଷା ମାଂସ, ମାଛପତ୍ର ପୋଡ଼ା ଏବଂ ଆହୁରି ଅନେକ ବ୍ୟଞ୍ଜନକୁ ନେଇ ଆପଣଙ୍କ ସ୍ୱାଦକୁ ଏକ ଗୌରବମୟ ଯାତ୍ରାରେ ପରିଣତ କରନ୍ତୁ। ଏହି କୌଶଳପୂର୍ଣ୍ଣ ଭାବରେ ପ୍ରସ୍ତୁତ ଖାଦ୍ୟ ସହିତ ସେଫମାନେ ଏହି ପପ୍-ଅପ୍ରେ ସେମାନଙ୍କର ଆଞ୍ଚଳିକ ମୂଳକୁ ଆଗେଇ ଆଣନ୍ତି, ଯେଉଁଥିରେ ଅତିଥିମାନଙ୍କୁ ସେମାନଙ୍କ ପସନ୍ଦ ଅନୁଯାୟୀ ପରିବେଷଣ କରାଯାଉଥିବା ଲାଇଭ୍ କାଉଣ୍ଟର ଏବଂ ଲାଇଭ୍ ସଙ୍ଗୀତ କାର୍ଯ୍ୟକ୍ରମକୁ ଏକାଠି ବାନ୍ଧି ରଖିଥାଏ। ଭୁବନେଶ୍ୱରର ବିଳାସପୂର୍ଣ୍ଣ ପରିବେଶରେ ବସବାସ କରୁଥିବା ପୁଲ୍ ପାଖରେ ନିଜ ପ୍ରିୟଜନଙ୍କ ସହ ଭବ୍ୟ ଶୈଳୀରେ ଛାଡ଼ଖାଇ ପାଳନ କରନ୍ତୁ। ପବିତ୍ର କାର୍ତ୍ତିକ ମାସରେ ଭବ୍ୟ ଶୈଳୀରେ ଛାଡ଼ଖାଇ ପାଳନ କରନ୍ତୁ ଏବଂ ଖାଆନ୍ତୁ ଚକୁଳି ମଟନ ତରକାରୀ, ଛତୁ ବରା, ଚିଙ୍ଗୁଡି ବେସର, ମାଛ ଫ୍ରାଇ, ଚିକେନ୍ ଆଳୁ ଝୋଳ, ରସା ବଳି, ଛେନା ପୋଡ଼, ଛେନା ଝିଲ୍ଲି ଇତ୍ୟାଦି। ଏହି ଉତ୍ସବ ନଭେମ୍ବର ୧୬-୧୭, ୨୦୨୪ ମଧ୍ୟରେ ଓ ଅପରାହ୍ନ ୧୨.୩୦ରୁ ୩ଟା ପର୍ଯ୍ୟନ୍ତ ଚାଲିବ। ଯାହାର ମୂଲ୍ୟ ୧,୮୯୫/- ଟଙ୍କା।



ବୋଲଗଡ(ଭାସ୍କର ନ୍ୟୁଜ): ବୋଲଗଡ ବ୍ଲକ ଚମ୍ପାଇଲୋ ଦାମୋଦର ମଇ ବିଦ୍ୟାଳୟଠାରେ ଶିଶୁ ଦିବସ ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷକ ବାସୁଦେବ ବରାଡଙ୍କ ଅଧ୍ୟକ୍ଷତା ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ଯୋଗଦେଇ ପ୍ରଧାନମନ୍ତ୍ରୀ ଜବାହାର ଲାଲ ନେହେରୁଙ୍କ ଦୃଷ୍ଟିରେ ଶିଶୁ କିପରି ଥିଲେ। ସେନେଇ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥି ଭାବେ ବୋଲଗଡ ବାବନ ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ତଥା ସେହି ବିଦ୍ୟାଳୟ ପୁରାତନ ଛାତ୍ରୀ ଓଏଏସ୍ ୨ ଯାଜ୍ଞସେନୀ ସାହୁ ଯୋଗଦେଇ ନିଜର ପାଠପଢା ସମୟ ତାଙ୍କର ପରିଶ୍ରମ ଓ ସଫଳତା ସଂପର୍କରେ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଶିକ୍ଷାବିତ୍ ଅଇଣ୍ଟୁ ରଣଜିତସିଂହ, ବିଭୂତି ଭୂଷଣ ରଣସିଂହ, ଆନନ୍ଦ ସାମନ୍ତରାୟ, ଜିଲା ସମବାୟ ଡାଇରେକ୍ଟର ପବିତ୍ର ମୋହନ ମାଝୀ, ସମିତିସଭ୍ୟ ସଞ୍ଜୟ ଗୁମାନସିଂହ, ଗୌତମ ଜେନା, ପ୍ରତିଷ୍ଠାତାସଭ୍ୟ ଭରତ ଶ୍ରୀଚନ୍ଦନ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ପିଚୁକୁଳି ଉଚ୍ଚବିଦ୍ୟାଳୟର ଶିକ୍ଷୟତ୍ରୀ ତଥା ବିଦ୍ୟାଳୟ ପୁରାତନ ଛାତ୍ରୀ ଶ୍ରଦ୍ଧାଞ୍ଜଳୀ ମାନ୍ଧତା, ଭାରତୀ ଜଗଦେବ ଓ ପ୍ରାଥମିକ ବିଦ୍ୟାଳୟ ନବନିଯୁକ୍ତ ଶିକ୍ଷୟତ୍ରୀ ସୁରୁଜମଣୀ ହାଁସଦା ପ୍ରମୁଖଙ୍କ ସହ ସିଆରସିସି ଓ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ସହ ଛାତ୍ରଛାତ୍ରୀ ମାନେ ନୃତ୍ୟ ପରିବେଷଣ କରିଥିଲେ।

# ଟାଟା ଷ୍ଟିଲ ଯୋଡା ଇଷ୍ଟ ଖଣି ପକ୍ଷରୁ ଖଣି ସୁରକ୍ଷା ସପ୍ତାହ ପାଳିତ

କେନ୍ଦୁଝର(ଭାସ୍କର ନ୍ୟୁଜ): ଟାଟା ଷ୍ଟିଲ ଦ୍ୱାରା ପରିଚାଳିତ ଯୋଡା ଇଷ୍ଟ ଲୌହ ଖଣି ପକ୍ଷରୁ ଶୁକ୍ରବାର ୪୨ ତମ ଖଣି ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି । ଡାଇରେକ୍ଟର ଜେନେରାଲ ଅଫ ମାଇନ୍ସ ସେଫ୍ଟିର ଭୁବନେଶ୍ୱର ଆଞ୍ଚଳିକ ଶାଖା ଆନୁକୁଲ୍ୟରେ ଆୟୋଜିତ ଉତ୍ସବରେ ଖଣି ସୁରକ୍ଷା ସମ୍ବନ୍ଧୀୟ ପ୍ରଚାର ଓ ପ୍ରସାର କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା । ଏହି ସଭାରେ କମଳାକାନ୍ତ ନନ୍ଦ, କାଶିଆ ଲୌହ ଖଣି; ଏସ୍ ଭାରତ, ଓଡିଶା ସ୍ୟାଣ୍ଡ କମ୍ପ୍ଲେକ୍ସ; ବଳଭଦ୍ର ଦାସ, କାଶଭି ଇଣ୍ଟରନ୍ୟାସନାଲ ପ୍ରା: ଲି:, ନିରଞ୍ଜନ ଖିଲାର, ସୁକିନ୍ଦା ଖଣି, ଇମ୍ପା; ଅତୁଲ କୁମାର ଭଟନଓଗର, ଜେନେରାଲ ମ୍ୟାନେଜର, ରାଜେଶ କୁମାର, ଚିଫ, ଯୋଡା, ଟାଟା ଷ୍ଟିଲ, ହରିଦ୍ଭମତ ବେହେରା, ହେଡ୍, ଯୋଡା ଇଷ୍ଟ



ଖଣି, ଟାଟା ଷ୍ଟିଲ ଓ କମ୍ପାନୀର ଅନ୍ୟାନ୍ୟ କର୍ମଚାରୀଙ୍କ ସହ ଯାନ୍ତ୍ରିକ ସେବା ପ୍ରଦାନକାରୀ ସଂସ୍ଥାଙ୍କର ପ୍ରତିନିଧି ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଶ୍ରୀ ନନ୍ଦ ସଂଯୋଜକ ଭାବରେ ନିଜର ବକ୍ତବ୍ୟ ଉପସ୍ଥାପନ କରି ଉପସ୍ଥିତ ଶ୍ରୋତାଙ୍କୁ ଖଣିର ଉତ୍ତୋଳନ ଠାରୁ ଆରମ୍ଭ କରି ବ୍ୟବହାରଯୋଗୀ ବସ୍ତୁର ଉତ୍ପାଦନ ପର୍ଯ୍ୟନ୍ତ ଖଣିର ସୁରକ୍ଷା ଓ ସୁପରିଚାଳନା ସହ ପରିବେଶୀୟ ସନ୍ତୁଳନ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହା ପୂର୍ବରୁ ନିରୀକ୍ଷଣକାରୀ ଦଳ ଯୋଡା ଇଷ୍ଟ ଲୌହ ଖଣିର ପ୍ରମୁଖ ସ୍ଥାନ ପରିଦର୍ଶନ କରି ଟାଟା ଷ୍ଟିଲ ଦ୍ୱାରା ପରିବେଶ ଓ ଖଣି ସୁରକ୍ଷା ଉପରେ ନିଆଯାଇଥିବା ପଦକ୍ଷେପ ସବୁ ବୁଲି ଦେଖିଥିଲେ । ବିଶେଷକରି ଇକ୍ୟୁପମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ, ପ୍ରୋସେସିଂ ପ୍ଲାଣ୍ଟ ଇତ୍ୟାଦି ସ୍ଥାନ ଗୁଡିକ ବୁଲି କମ୍ପାନୀର ସୁରକ୍ଷା ଏବଂ ପରିବେଶ ସୁରକ୍ଷା ପ୍ରତି ଥିବା ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ । ପ୍ରଚାର ଓ ପ୍ରସାର ଭିତ୍ତିକ ପ୍ରଦର୍ଶନୀରେ ସେମାନେ ଯାନ୍ତ୍ରିକ ସେବା ପ୍ରଦାନକାରୀ ସଂସ୍ଥା ଏବଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ପରିବେଶ ଓ ଖଣି ସୁରକ୍ଷା ସମ୍ପର୍କିତ ମଡେଲ ପରିଦର୍ଶନ କରି ଖଣିରେ ବ୍ୟବହୃତ ଡ୍ରୋନ ସର୍ଭେ, ବେଞ୍ଚ ରିମୋଟ୍, ବେଲ୍ଟ କନଭେୟର ସେଫ୍ଟି, ରିମୋଟ୍ ଡ୍ରିଲିଙ୍ଗ, ଡ୍ରାଇଭିଂ ସୁରକ୍ଷା, ଭଳି ବିଭିନ୍ନ ଯନ୍ତ୍ର ସବୁକୁ ଦେଖିଥିଲେ ।

# ମା' କିଚକେଶ୍ୱରୀଙ୍କ ଦୁର୍ଲଭ ସୁନାବେଶ, ହଜାର ହଜାର ଭକ୍ତଙ୍କ ସମାଗମ

କରଞ୍ଜିଆ(ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲା ଖିଚିଂ ସ୍ଥିତ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' କିଚକେଶ୍ୱରୀଙ୍କ ମନ୍ଦିରରେ ଶୁକ୍ରବାର ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସକାଳ ୭ ଘଟିକା ଠାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ମା'ଙ୍କ ସୁନାବେଶ ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ମନ୍ଦିରର ଟ୍ରଷ୍ଟି ତଥା ଉପଜିଲ୍ଲାପାଳ ପ୍ରେମାଂସୁ ଚାନ୍ଦଙ୍କ ସହିତ ସ୍ଥାନୀୟ ବିଡ଼ିଓ, ତହସିଲଦା ଓ ବିଭିନ୍ନ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହି ସମସ୍ତ ଆନୁଷଙ୍ଗିକ ତଦାରଖ କରିଥିଲେ। ସେହିପରି ଆଇନ ଶୃଙ୍ଖଳା ରକ୍ଷା ନିମନ୍ତେ ଉପଖଣ୍ଡ ପୋଲିସ ଅଧିକାରୀ ସୁବ୍ରତ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ ଥାନା ଅଧିକାରୀଙ୍କ



ନେତୃତ୍ୱରେ ପୋଲିସ ବଳ ମୁତୟନ ରହିଥିଲେ। ମନ୍ଦିର ର ସମସ୍ତ ପୂଜକ, ପରିଛା ଅଜୟ କୁମାର ସାହୁ ମା'ଙ୍କ ନିତିକାନ୍ତି ସମାପନ କରିଥିଲେ। ଚଳିତବର୍ଷ ରାଜ୍ୟ ବାହାରୁ ମଧ ଭକ୍ତଙ୍କ ଭିଡ ପରିଲକ୍ଷିତ ହେଇଥିଲା। ଜିଲ୍ଲାର ବିଭିନ୍ନ ସ୍ଥାନ ସମେତ ନିକଟବର୍ତ୍ତୀ ଝାଡଖଣ୍ଡ, ବିହାର, ପଶ୍ଚିମବଙ୍ଗ ଆଦି ରାଜ୍ୟରୁ ମଧ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବୋଇତ ବନ୍ଦାଣ ବା ଡଙ୍ଗା ଭସାଇବାକୁ କରଞ୍ଜିଆ ସହର ଓ ଏହାର ଆଖ ପାଖ ଅଞ୍ଚଳରେ ଶୁକ୍ରବାର ଭୋର ସକାଳ ସମୟ ଠାରୁ ବିଭିନ୍ନ ଜଳାଶୟ ମାନଙ୍କରେ ଲୋକଙ୍କ ଭିଡ ଦେଖିବାକୁ ମିଳିଥିଲା।

## ପତ୍ନୀଙ୍କ ସହ ଫୋନ୍‌ରେ କଥା ହେବା ବେଳେ ଟଳି ପଡିଲେ ଶିକ୍ଷକ

ଝରିଗାଁ (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ଝରିଗାଁ ଗୋଷ୍ଠୀ ଶିକ୍ଷା ଅଧିନସ୍ଥ ଫୁପୁଗାଁ କ୍ଲଷ୍ଟର ଅନ୍ତର୍ଗତ ତାରାକନାଡ଼ି ଉନ୍ନିତ ଉଚ୍ଚ ବିଦ୍ୟାଳୟର କାର୍ଯ୍ୟରତ ସହକାରୀ ଶିକ୍ଷକ ଜୟ ପ୍ରକାଶ ଜେନା(୫୪) ନିଜ ପତ୍ନୀଙ୍କ ସହ ଫୋନରେ କଥା ହେବା ସମୟରେ ଆକସ୍ମିକ ମୃତ୍ୟୁ ହୋଇଥିବା ଜଣାପଡିଛି। ସୂଚନା ପ୍ରକାରେ ସ୍ୱର୍ଗତ ଜେନା ଦୀର୍ଘ ୨୦୧୨ ନଭେମ୍ବର ମାସ ଠାରୁ ତାରାକନାଡ଼ି ଉନ୍ନିତ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ସ୍ୱର୍ଗତ ଜେନା ତାରାକନାଡ଼ି ଗ୍ରାମରେ ଏକ ଭଡା ଘରେ ରହୁଥିଲେ। ସବୁଦିନ ଭଳି ସ୍ୱର୍ଗତ ଜେନା ଶୁକ୍ରବାର ସକାଳୁ ପୂଜା କରିବା ପାଇଁ ଫୁଲ ତୋଳିବା ସହ ଘରକୁ ଫେରିଥିଲେ। ପରେ ଦଶମ ଶ୍ରେଣୀର ତିନି ଜଣ ଛାତ୍ରୀଙ୍କୁ ନିଜ ଘରେ ପାଠ ପଢ଼ାଉଥିଲେ। ସେହି ସମୟରେ ପ୍ରାୟ ସାଢ଼େ ୯ ଘଣ୍ଟା ସମୟରେ ଶ୍ରୀ ଜେନାଙ୍କ ପତ୍ନୀ ଫୋନ କରିଥିଲେ। ପତ୍ନୀଙ୍କ ସହ ଫୋନରେ କଥା ହେବା ବେଳେ ସ୍ୱର୍ଗତ ଜେନା ହଠାତ ଅସୁସ୍ଥ ଅନୁଭବ କରି ଛାତ୍ରୀଙ୍କୁ ଗୁରୁମା ସହ କଥା ହେବା ପାଇଁ ଫୋନ ଦେଇ ଅନ୍ୟ ଏକ ବଖରାରେ ଯାଇ ଶୋଇ ପଡ଼ିଥିଲେ। ଛାତ୍ରୀମାନେ ଗୁରୁମା ସହ ଫୋନରେ କଥା ହେବା ପରେ ଜୟ ପ୍ରକାଶ ସାରଙ୍କୁ ଉଠାଇବା ପାଇଁ ଚେଷ୍ଟା କରିଥିଲେ। ତେବେ ଜୟ ପ୍ରକାଶ ସାର ଆଉ ଉଠିନଥିଲେ। ଶେଷରେ ତାରାକନାଡ଼ି ଗ୍ରାମରେ ରହୁଥିବା ଅନ୍ୟ ଜଣେ ସହକାରୀ ଶିକ୍ଷକ ତରୁଣ କୁମାର ରଣାଙ୍କୁ ଛାତ୍ରୀମାନେ ଯାଇ ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। ସୂଚନା ପାଇ ଶିକ୍ଷକ ଶ୍ରୀ ରଣା ତୁରନ୍ତ ଜୟ ପ୍ରକାଶଙ୍କ ଘରକୁ ଆସିଥିଲେ। ପରେ ଶିକ୍ଷକ ଶ୍ରୀ ରଣା ଗ୍ରାମବାସୀଙ୍କ ସହଯୋଗରେ ଆମ୍ବୁଲାନ୍ସ ଯୋଗେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ।ଶେଷରେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଡାକ୍ତର ସୂଚନା ଦେଇଛନ୍ତି ।

# ବିଜେପିର ସଦସ୍ୟତା ଅଭିଯାନରେ ହିନ୍ଦୋଳ ନିର୍ବାଚନମଣ୍ଡଳୀ ଆଗୁଆ

ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନମଣ୍ଡଳୀରେ ବିଜେପିର ସଦସ୍ୟତା ଅଭିଯାନର ଶେଷ ଦିବସରେ ରାସୋଳ ମଣ୍ଡଳ କୁନୁଆଁ ପଞ୍ଚାୟତଠାରେ ସଦସ୍ୟତା ଅଭିଯାନ କାର୍ଯ୍ୟ ହୋଇଥିଲା । ଏହି ସଦସ୍ୟତା ଅଭିଯାନର ନେତୃତ ନେଇଥିଲେ ପାରିକୂଳ ମଣ୍ଡଳ ବିଜେପିର ସଦସ୍ୟତା ଅଭିଯାନର ପ୍ରମୁଖ ତଥା ବିଜେପିର ପୁର୍ବତନ ରାଜ୍ୟ ପରିଷଦ ସଦସ୍ୟ ଯଶୋବନ୍ତ ରଣଜିତ ରାୟ, ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସମ୍ପାଦକ ସୁଜିତ୍ ବାରିକ୍, କାର୍ଯ୍ୟକର୍ତ୍ତା ପ୍ରଫୁଲ୍ଲ କୁମାର ମହାରଣା, ସୁମନ୍ତ, ଦେହୁରୀ, ରାସୋଳ ସଦସ୍ୟତା ଅଭିଯାନର ପ୍ରମୁଖ ତଥା ପାରିକୂଳ ମଣ୍ଡଳର ନିର୍ବାଚନ ମଣ୍ଡଳପ୍ରମୁଖ ସନ୍ତୋଷ କୁମାର ସାହୁ, ଆଇଟି ସେଲ୍‌ର ପ୍ରମୁଖ ସତ୍ୟ ପ୍ରକାଶ ପାଲ୍ ମିଳିତ ଭାବରେ କାର୍ଯ୍ୟକ୍ରମକୁ



ଶେଷ ସ୍ପର୍ଶ ଦେଇଥିବା ଦେଖିବାକୁ ମିଳିଥିଲା। ଢେଙ୍କାନାଳ ଜିଲ୍ଲାରେ ହିନ୍ଦୋଳ ବିଧାନସଭା କ୍ଷେତ୍ର ହିନ୍ଦୋଳ ନିର୍ବାଚନମଣ୍ଡଳୀରେ ପାରିକୂଳ ମଣ୍ଡଳ ବିଜେପିର ସଦସ୍ୟତା ଅଭିଯାନର ପ୍ରମୁଖଙ୍କ ଉଦ୍ୟମ ଓ ଯୁବମୋର୍ଚ୍ଚାର ସହଯୋଗରେ ଗାଁ ଗାଁରେ ବୁଲି ଜନଶୁଣାଣୀ ଶିବିର ଭଳି ସାଧାରଣ ଜନତାଙ୍କୁ ସରକାରଙ୍କର ଜନକଲ୍ୟାଣ ଯୋଜନାର ସୂଚନା ସମସ୍ତ ଲୋକମାନଙ୍କ ପାଖରେ ପହଁଚାଇବା ସହିତ ସମସ୍ତ ଜନ କଲ୍ୟାଣ ଯୋଜନା ଗୁଡିକ ପାଇବା ପାଇଁ ପ୍ରଧାନମନ୍ତ୍ରୀ ନମୋ ଆପରେ ଯୋଡ଼ି ହୋଇ ଘରେ ବସି ସମସ୍ତ ଯୋଜନା ଗୁଡିକ ମୋବାଇଲ୍ ମାଧ୍ୟମରେ ସୂଚନା ପାଇବା ସହିତ ଘରେ ବସି ସମସ୍ତ ଯୋଜନାରେ ଲୋକମାନଙ୍କୁ ସାମିଲ୍ କରି ବିଜେପିର ସଦସ୍ୟତା ଅଭିଯାନରେ ସାମିଲ ଲୋକମାନଙ୍କୁ ବୁଝାଇଥିଲେ। ଆଗାମୀ ଦିନରେ ଦଳର ଏହି ପଦକ୍ଷେପ ହିନ୍ଦୋଳ ନିର୍ବାଚନମଣ୍ଡଳୀରେ ବିକାଶରେ କେତେ ସହାୟକ ହୋଇପାରିବ ତାହା ଦେଖିବାକୁ ବାକି ରହିଲା ।

## ଗୁହାଳରେ ପଶି ଦୁଇ ଗାଈଙ୍କୁ ମାରିଲା ହାତୀ

ଢେଙ୍କାନାଳ(ଭାସ୍କର ନ୍ୟୁଜ): ଏକ ବଣୁଆ ହାତୀ ବେଗା ଗ୍ରାମର ଗୋବରା ନାଏକଙ୍କ ଗୁହାଳ ଘର ଭାଙ୍ଗିବା ସହିତ ଦୁଇଟି ଗାଈକୁ ମାରି ଦେଇଛି। ଅଳ୍ପକେ ପରିବାର ଲୋକେ ବର୍ତ୍ତି ଯାଇଛନ୍ତି। ଆଜକୁ ଅନେକ ଦିନ ଧରି ବେଗା ଗ୍ରାମ ପଞ୍ଚାୟତରେ ଜଙ୍ଗଲି ହାତୀ ସମସ୍ୟା ଲାଗି ରହିଛି। ଏହାର ସ୍ଥାୟୀ ସମାଧାନ ପାଇଁ ବିଭିନ୍ନ ସମୟରେ ଗ୍ରାମବାସୀମାନେ ଦାବି କରିଆସୁଥିଲେ ମଧ ବନବିଭାଗ ନିଦାବିଷ୍ଟୁ ସାଜିଛି । ଏ ନେଇ ସରପଞ୍ଚ ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କ ସହ ଯୋଗାଯୋଗ କରି ଏହାର ସ୍ଥାୟୀ ସମାଧାନ ନିମନ୍ତେ କହିଛନ୍ତି। ଏପରିକି ତୁରନ୍ତ ଗୋବରା ନାୟକଙ୍କୁ ସାହାଯ୍ୟ କରିବା ପାଇଁ କହିଛନ୍ତି ।

# ନୀଳାଚଳ ଇସ୍ପାତ ପକ୍ଷରୁ ଶିଶୁ ଦିବସ



ବ୍ୟାସନଗର(ଭାସ୍କର ନ୍ୟୁଜ): ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ସହଯୋଗରେ ଦାନଗଦୀ ବ୍ଲକ ଶାଳିଜଙ୍ଗା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଢେଙ୍କିଶାଳ ଗ୍ରାମର ଅଙ୍ଗନବାଡ଼ି ଓ ଟିଏସ୍ଏଫ୍ ଆଦିବାସୀ ଭାଷା ଶ୍ରେଣୀର ୪୫ ଜଣ ପିଲାଙ୍କୁ ନେଇ ଶିଶୁ ଦିବସ ପାଳନ କରିଛି । ଏଥିରେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ପାଇଁ ବିଭିନ୍ନ ପ୍ରକାର ମଜାଦାର କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଇଥିଲା । ଉତ୍ସବରେ କର୍ମଚାରୀମାନେ ପିଲାମାନଙ୍କୁ ଅଧ୍ୟୟନ ସାମଗ୍ରୀ ଓ ଜଳଖିଆ ଆଦି ବଣ୍ଟନ କରିଥିଲେ । ଏହା ବ୍ୟତୀତ ପିଲାମାନଙ୍କୁ ଶିକ୍ଷା ପ୍ରତି ଆଗ୍ରହୀ କରିବା ପାଇଁ ପ୍ରେରଣା ଯୋଗାଇଥିଲେ ।ଏଥି ସହିତ ବୁଧବାର ଶାଳିଜଙ୍ଗା ଗ୍ରାମରେ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ ପକ୍ଷରୁ ସ୍ଥାନୀୟ ମହିଳାଙ୍କ ପାଇଁ ଘରୋଇ ଓ ଅଗ୍ନି ନିରାପତ୍ତା ଶୀର୍ଷକ ଉପରେ ଏକ ସଚେତନତା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଘରୋଇ ଦୁର୍ଘଟଣା ରୋକିବା ଏବଂ ଜରୁରିକାଳୀନ ପରିସ୍ଥିତିର ପ୍ରଭାବଶାଳୀ ମୁକାବିଲା ପାଇଁ ସ୍ଥାନୀୟ ମହିଳାଙ୍କୁ ତାଲିମ ପ୍ରଦାନ କରି ସଶକ୍ତ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ୫୦ରୁ ଅଧିକ ମହିଳା ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଏନ୍ଆଇଏନ୍ଏଲ କର୍ମଚାରୀମାନେ ଘରୋଇ ନିରାପତ୍ତା ଉପରେ ବିଭିନ୍ନ ସୂଚନା ଦେବା ସହ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାକୁ ଗ୍ରାମବାସୀଙ୍କୁ ଅନୁରୋଧ କରିଥିଲେ ।

## ପୀର ବାବାଙ୍କ ଉତ୍ସବରେ ମିଷ୍ଟାନ୍ନ ବାଣ୍ଟିଲେ ସମାଜସେବୀ ମୁର୍ସିଦ

କାକଟପୁର(ଭାସ୍କର ନ୍ୟୁଜ): ହିନ୍ଦୁ ମୁସଲିମ ଭାଇଚାରାର ପର୍ବ ପୀରବାବାଙ୍କ ଉତ୍ସବରେ ସମାଜସେବୀ ମୁର୍ସିଦ ଅଲ୍ଲୀଶା, କାକଟପୁର ପୀର ବାବାଙ୍କ ପୀଠର ସେବକ ଜହରୁ ଅଲ୍ଲୀଶାଙ୍କ ତତ୍ତ୍ୱାବଧାନରେ ଜାହାନିଆ ପୀର ପୀଠକୁ ଯାଉଥିବା ଯାତ୍ରୀମାନଙ୍କୁ ମୁଖ୍ୟ ବଜାର, ବସ ଷ୍ଟାଣ୍ଡ ଓ ମେଡିକାଲ ଛକରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ସେକ ଜିଆଉଲ୍ଲ, ମୁସ୍ତକ, ମିର୍ଜା ଅମିନ ବେଗ, ମାଧବାନନ୍ଦ, ବ୍ରହ୍ମାନନ୍ଦ ପ୍ରମୁଖ ସହଯୋଗ କରିଥିଲେ ।

# 'ଶିଶୁର ଅନ୍ତର୍ନିହିତ ପ୍ରତିଭାର ବିକାଶ ଘଟିଲେ ରାଷ୍ଟ୍ର ବିକଶିତ ହେବ'




ବଡ଼ସାହି(ଭାସ୍କର ନ୍ୟୁଜ): ବାଣୀପୀଠ ଆନୁକୂଲ୍ୟରେ ଆମ ସୁନାଚାନ୍ଦ ଜାତୀୟ ଶିଶୁ ସାହିତ୍ୟ ସଂସ୍ଥାନ ଓ ବିବେକାନନ୍ଦ ଶିକ୍ଷାକେନ୍ଦ୍ର(ଆବାସିକ) ତରଫରୁ ଶିଶୁ ଦିବସ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠାନର ଅଧ୍ୟକ୍ଷ ଡ଼କ୍ଟର କୁମାର ବାବୁଲିଙ୍କ ତତ୍ତ୍ୱାବଧାନରେ ବଡ଼ସାହି ବିବେକାନନ୍ଦ ବିହାର ଠାରେ ଅନୁଷ୍ଠିତ ହୋଇ ଥିଲା । ଏଥିରେ ଅବସରପ୍ରାପ୍ତ ଶିକ୍ଷକ ରଣଜିତ୍ କୁମାର ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା ଯୋଗଦାନ କରି ଶିଶୁର ଅନ୍ତର୍ନିହିତ ପ୍ରତିଭାର ସ୍ୱତଃ ବିକାଶ ଘଟିଲେ ରାଷ୍ଟ୍ର ବିକଶିତ ହେବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ବଡ଼ସାହି ବ୍ଲକ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଦ୍ମ ଲୋଚନ ଦାସ ଯୋଗ ଦାନ କରି ପିଲାମାନେ ହେଉଛନ୍ତି ଅମୃତ ସନ୍ତାନ ଆମେ ତାଙ୍କୁ ଯେମିତି ଗଢିବା ସେମାନେ ସେମିତି ଗଢିଉଠିବେ ତାଙ୍କ ଭିତରେ ଜିଜ୍ଞାସୁ ମନୋଭାବ ରହିଛି ଆମେ ତାକୁ ଜାଗ୍ରତ କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ସମାଜସେବୀ ଯଶୋଦା ନନ୍ଦନ ଆସ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧିଆ ଚରଣ ମୁଣ୍ଡା ଓ କବି କାର୍ତ୍ତିକ ସେଠୀ ଯୋଗଦାନ କରିଥିଲେ। ସମ୍ମାନିତ ବକ୍ତା ଓ ମଞ୍ଚ ପରିଚାଳନା କରିଥିଲେ ସଚ୍ଚୀନ୍ଦ୍ର କୁମାର ବିଶ୍ୱାଳ। ପ୍ରାରମ୍ଭିକ ସୂଚନା ପ୍ରଧାନ ଆଚାର୍ଯ୍ୟା ସୂର୍ଯ୍ୟକାନ୍ତି ପୁହାଣ ପ୍ରଦାନ କରିଥିଲେ। ପୂର୍ବାହ୍ନରେ ଦୀପକ କୁମାର ଦାସ, ରଶ୍ମିତା ବେହେରା, ଅତୁଲ୍ୟ ସୁନ୍ଦର ଭଞ୍ଜବାବୁ ଓ ପ୍ରିୟଙ୍କା ମହାନ୍ତଙ୍କ ପରିଚାଳନାରେ ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ସଂଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗିତାର ବିଚାରକ ଭାବେ ନମ୍ରତା ବାରିକ, ବର୍ଷା ମହାନ୍ତ, ସୋନାକ୍ଷୀ ଦଣ୍ଡପାଟ, ମଳୟ ମଞ୍ଜରୀ ରଥ, ରଣଜିତ୍ ମହାନ୍ତି, ବେଣୁଧର ବେହେରା, ବୃନ୍ଦାବତୀ ନାଏକ, ରିନା ଷଡଙ୍ଗୀ, ଶୁଭଜିତ୍ ଶୁଭଙ୍କର ରାଉତ ଓ ସୁବ୍ରତ ବଳିଆରସିଂହ ଯୋଗଦାନ କରିଥିଲେ ଓ ସକାଳେ ନିହାରୀକା ପାତ୍ର, ଶ୍ୱେତଲିନା ମିଶ୍ର, ସୌଭାଗ୍ୟବତୀ ରାଉତ, କବିତା ପତି, ବିଣାପାଣୀ ବାରିକ ଓ ମଧୁସ୍ମିତା ବାରିକଙ୍କ ତତ୍ତ୍ୱାବଧାନରେ ବାଣୀ ମନ୍ଦିରରେ ପୂଜା ଅର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ସଭା ଆରମ୍ଭରେ ଚାଚା ନେହେରୁ, ଭାରତମାତା ଓ ସ୍ୱାମୀ ବିବେକାନନ୍ଦଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ତ୍ରଇଂ ବିଭିନ୍ନ ବର୍ଗରେ ଏଞ୍ଜେଲକୁଇନ୍ ଆରାଧ୍ୟା ମାର୍ଣ୍ଡି, ରିତେଶ୍ ଶଙ୍ଖୁଆ, ମନୋଜ ଦାସ, କୁଇଜରେ ନିଶାନ୍ତ ମହାନ୍ତି, ଅଭୟ ରାମ ଓ ଅମରଜିତ୍ ମହାନ୍ତି, ସଂଗୀତରେ ସୁଭଦ୍ରା ବିନ୍ଧାଣୀ, ଭାବନା ପ୍ରିୟଦର୍ଶନୀ ଜେନା ଓ ନୃତ୍ୟରେ ମନିଷା ବିନ୍ଧାଣୀ, ଭାବନା ପ୍ରିୟଦର୍ଶନୀ ଜେନା ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଶେଷରେ ସବିତା ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ରିଷ୍ଟ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ରେ ଶିଶୁଦିବସ ପାଳିତ

ବ୍ୟାସନଗର(ଭାସ୍କର ନ୍ୟୁଜ): ବ୍ୟାସନଗର ସ୍ଥିତ କ୍ରୀଷ୍ଟ ଇଣ୍ଟରନାସନାଲ ସ୍କୁଲରେ ଶିଶୁଦିବସ ଅନୁଷ୍ଠାନର ଚେୟାରମ୍ୟାନ ଡ଼ କୁଶ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଅତିଥି ଭାବେ ଯୋଗଦେଇ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଡ଼ ବାବାଜୀ ଚରଣ ଶତପଥୀ ଓ ପ୍ରାକ୍ତନ ସବ ରେଜିଷ୍ଟ୍ରାର ମଧୁସୂଦନ ମହାପାତ୍ର ଯୋଗଦେଇ ସମସ୍ତ ଶିଶୁ ଛାତ୍ର ଛାତ୍ରୀ ପ୍ରଭୁ ଶ୍ରୀକୃଷ୍ଣ ଓ ଭାରତର ପ୍ରଥମ ପ୍ରଧାନ ମନ୍ତ୍ରୀ ଜବାହରଲାଲ ନେହେରୁ, ମହାତ୍ମା ଗାନ୍ଧୀ, ଗୋପବନ୍ଧୁ ଓ ମଧୁସୁଧନଙ୍କ ପରି ହେବାକୁ ଶପଥ ନେବାପାଇଁ ତାଙ୍କ ବକ୍ତ୍ୟବରେ ଉଦ୍‌ବୋଧନ ଦେଇଥିଲେ । ଏହି ଅବସରରେ ଛାତ୍ରୀ ସ୍ମୃତି ସୁମନ, ରୀତିକା ଓ ସସ୍ମିତା ଶିଶୁ ଦିବସ ଉପଲକ୍ଷେ ବକ୍ତବ୍ୟ ତଥା ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷୟତ୍ରୀ ମିସ ମୋନାଲିସା ନାୟକ ଓ ସ୍କୁଲ କର୍ମଚାରୀ ଅଭିନ୍ନ ମିଶ୍ର, ସୁନିତା ଜେନା ଓ କଳ୍ପନା କର ପରିଚାଳନା ରେ ସହଯୋଗ କରିଥିଲେ । ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯିବାପରେ ସମସ୍ତ ଶିଶୁ ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

# ଗୁରୁନାନକଙ୍କ ୫୫୫ ତମ ଜନ୍ମ ଜୟନ୍ତୀ ପାଳିତ



ବ୍ରଜରାଜନଗର(ଭାସ୍କର ନ୍ୟୁଜ): ବ୍ରଜରାଜନଗର ଅଞ୍ଚଳର ଗୁରୁଦ୍ୱାରା ଓ ଶିଖ ସମାଜ ପକ୍ଷରୁ ପ୍ରଥମ ଗୁରୁ ଗୁରୁନାନକ୍ ଦେବଜିଙ୍କ ୫୫୫ ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ ଗତ ୧୩ ତାରିଖଠାରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶିଖ ସମାଜ ପକ୍ଷରୁ ପ୍ରତ୍ୟେକ ଦିନ ପ୍ରଭାତ ଫେରି ସାଙ୍ଗକୁ ଭଜନ କୀର୍ତ୍ତନ କରାଯିବା ସହ ଏକ ଶୋଭାଯାତ୍ରା ଗୁରୁଦ୍ୱାରା ସାହେବ ପକ୍ଷରୁ ଅନୁଷ୍ଠିତ ହୋଇଥିଲା । ଶୁକ୍ରବାର ଦିନ ସ୍ଥାନୀୟ ଗୁରୁଦ୍ୱାରା ସାହିବରେ ଗୁରୁନାନକଙ୍କ ୫୫୫ ତମ ଜୟନ୍ତୀ ଧୁମଧାମରେ ପାଳିତ ହେବା ସଙ୍ଗେ ସଙ୍ଗେ ଭଜନ କୀର୍ତ୍ତନ ସାଙ୍ଗକୁ ଲଙ୍ଗର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବ୍ରଜରାଜନଗର ଗୁରୁଦ୍ୱାରା ସାହେବର ଅଧ୍ୟକ୍ଷ ଦର୍ଶନ ସିଂହ ଚାୱ୍ଲା, ସାଧାରଣ ସମ୍ପାଦକ ନିର୍ମଳ ସିଂହ ଚାୱ୍ଲା, କୋଷାଧ୍ୟକ୍ଷ ମହେନ୍ଦ୍ର ୱାଧୱା, ରାଜପାଲ ସିଂ, ହରପାଲ ସିଂଘାଇ, କଲୱିନ୍ଦର ସିଂ, ସନ୍ନି ସାରନା, ଗୁରୁଦୟଲ ସିଂ ଚହଲ, ସୁଖଦେବ ସିଂଘାଇ, ସୋନୁ ବାଜୱା, ଇନ୍ଦରପାଲ ସିଂଘାଇ, ନରେନ୍ଦ୍ର ୱାଡୱା, ବଲଜିତ ସିଂ, ହରବିନ୍ଦର ସିଂ ଚାୱ୍ଲାଙ୍କ ସମେତ ଗୁରୁଦ୍ୱାର ପରିଚାଳନା କମିଟିର ସମସ୍ତ ସଦସ୍ୟଙ୍କର ବିଶେଷ ଅବଦାନ ଥିଲା । ସେହିପରି ବୁଢୀ ଜାମ୍ ଗୁରୁଦ୍ୱାରାଠାରେ ପୂର୍ବତନ ବିଧାୟିକା ଅଲକା ମହାନ୍ତି ଯୋଗଦେଇ ଗୁରୁ ନାନକ ଦେବଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ଏହି ଗୁରୁଦ୍ୱାରାଠାରେ ଲଙ୍ଗରର ବ୍ୟବସ୍ଥା କରାଯାଇଥିଲା । ଜୟନ୍ତୀକୁ ସଫଳ କରିବା ପାଇଁ ଏହି ସମୟରେ ବୁଢୀ ଜାମ୍ ଗୁରୁଦ୍ୱାରାର ସଭାପତି ସୁଖବନ୍ତ ସିଂହ, ଉପସଭାପତି ଗୁର୍ବିନ୍ଦର ସିଂହ, କୋଷାଧକ୍ଷ ନିଶାନ ସିଂହ, ସଦସ୍ୟ ସୁରଜିତ ସିଂହ, ବଳଦେବ ସିଂହ, ସରବଜିତ ସିଂହ, ବିକ୍ରମଜିତ ସିଂହ, ଜସବୀର ସିଂହ, ଗୋଲ୍ଡି ସିଂହ, ସିମରନ୍ ସିଂହ, ହରନାମ ସିଂହ ଜସବନ ସିଂହ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ଶିଖ ସମ୍ପ୍ରଦାୟର ଶତାଧିକ ମହିଳା ଓ ପୁରୁଷ ଏବଂ ଶିଶୁ ଭାଗ ନେଇଥିଲେ ।

# ରାଜ୍ୟସ୍ତରୀୟ ସୁରଭିରେ ମିରର ଥିଏଟରର ପଥପ୍ରାନ୍ତ ନାଟକ ପ୍ରଦର୍ଶନ

ଝାରସୁଗୁଡ଼ା(ଭାସ୍କର ନ୍ୟୁଜ): ଭୁବନେଶ୍ୱର ସ୍ଥିତ କ୍ୟାପିଟଲ ହାଇସ୍କୁଲ ପଡ଼ିଆରେ ଗତ ୧୨ରୁ ୧୪ ତିରଖ ତିନିଦିନ ଧରି ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ସୁରଭୀ କାର୍ଯ୍ୟକ୍ରମରେ ବେଲପାହାଡ଼ସ୍ଥ ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ ପକ୍ଷରୁ ତିନିଦିନ ଧରି ସଚେତନତା ଧର୍ମୀ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଛି




। ରାଜ୍ୟ ପୋଲିସର ସାଇବର ସେଲ ପକ୍ଷରୁ ଅନୁଷ୍ଠିତ ଏହି ପଥପ୍ରାନ୍ତ ନାଟକରେ ମିରର ଥିଏଟରର ଆଶିଷ ମହାନ୍ତି, ସନ୍ତୋଷ ସାହୁ, ସୁଶାନ୍ତ ମହାରଣା, ବିନୟ ପ୍ରଧାନ, ଆୟୁଷୀ ପଟ୍ଟନାୟଲ, ସୋନାଲିସା ବିଶ୍ୱାଳ, ବର୍ଷାରାଣୀ ଧଳ ଓ ଖୁସି ସ୍ୱାଇଁ ଏହି ପଥପ୍ରାନ୍ତ ନାଟକରେ ଅଭିନୟ କରିଥିବା ବେଳେ ଡ଼ା. ସୁବାସ ଚନ୍ଦ୍ର ପ୍ରଧାନ ଏହି ପଥପ୍ରାନ୍ତ ନାଟକକୁ ରଚନା ଓ ନିର୍ଦ୍ଦେଶନା ଦେଇଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଥିଲେ । ସେହିପରି ଶିଶୁ ଦିବସ ଉବସରରେ ଭୁବନେଶ୍ୱର ସ୍ଥିତ ମଦର ପବ୍ଲିକ ସ୍କୁଲ ପ୍ରେକ୍ଷାଳୟରେ ମଧ୍ୟ ଏହି ସାଇବର ସଚେତନତା ଧର୍ମୀ ପଥପ୍ରାନ୍ତ ନାଟକ ପ୍ରଦର୍ଶନ କରାଯାଇଥିଲା ।

# ଆଶ୍ରମ ସ୍କୁଲରେ ସହଭାଗିତା ପିତାମାତା କାର୍ଯ୍ୟକ୍ରମ

କୋଣାର୍କ(ଭାସ୍କର ନ୍ୟୁଜ): ଶୁକ୍ରବାର ପୂର୍ବାହ୍ନରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ, ସଂଖ୍ୟାଲଘୁ ପଛୁଆ ବର୍ଗ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ କୋଣାର୍କ ଆଶ୍ରମ




ସ୍କୁଲ ପରିସରରେ ଜନଜାତି ଗୌରବ ଦିବସ, ସହଭାଗିତା ପିତା ଓ ମାତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳର ପ୍ରଧାନ ଲଶିକ୍ଷକ ପ୍ରଦୀପ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପୁରୀ ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି,ଗୋପ ବ୍ଲକ ବିଡ଼ିଓ ଛବିରାଣୀ ସାହୁ, ଅବସରପ୍ରାପ୍ତ ପ୍ରଧାପକ ଶରତ ଚନ୍ଦ୍ର ପ୍ରଧାନ, ଆୟୁଷ ଡାକ୍ତର ବିଧୁଭୂଷଣ ନାୟକ, ବନପାଳ କୈଳାସ ନାୟକ, ପ୍ରଧାନଶିକ୍ଷକ ରାମକୃଷ୍ଣ ମହାନ୍ତି ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପ୍ରଥମେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପିତାମାତା ନିଜ ପିଲାଙ୍କୁ ଅନ୍ୟ ସହ ତୁଳନା କରି ମାନସିକ ଚାପ ବଢ଼ାଇବା ପରିବର୍ତ୍ତେ ନିଜସ୍ୱ ପ୍ରତିଭା, ବ୍ୟକ୍ତିତ୍ୱ ତାର ସାମଗ୍ରିକ ବିକାଶ ଉପରେ ଧ୍ୟାନ ଦେବା ଦରକାର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କୋଣାର୍କ ଚମ୍ପାହାର ଅଗ୍ନିଶମ ବାହିନୀ ପକ୍ଷରୁ ଅଗ୍ନି ନିରାପତ୍ତା ସମ୍ପର୍କରେ ମକଡ୍ରିଲ କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଚିନ୍ମୟୀ ପାଢ଼ୀ ସଞ୍ଚାଳନ କରିଥିବା ବେଳେ ଶିକ୍ଷକ ଦୀପକ ପ୍ରଧାନ, ଗୀତାଞ୍ଜଳି ସ୍ୱାଇଁ, ପ୍ରିତିସ୍ମାତା ରାଉତ, ସୂଚନା ସାହୁ, ସୁନ୍ଦର ମୋହନ ମାଝୀ ପ୍ରମୁଖ କର୍ମକର୍ତ୍ତା ପରିଚାଳନା କରିଥିଲେ।

# ଜିଲ୍ଲା ପ୍ରଶାସନ ପକ୍ଷରୁ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ପାଳିତ

ଗୁଣପୁର/ରାୟଗଡ(ଭାସ୍କର ନ୍ୟୁଜ): ଭଗବାନ ବିର୍ଷା ମୁଣ୍ଡାଙ୍କ ୧୫୦ତମ ଜନ୍ମ ଜୟନ୍ତୀକୁ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁଣପୁର ଠାରେ ଜନଜାତି ଗୌରବ ଦିବସ ଭାବରେ ପାଳନ କରାଯାଇଛି । ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଗୁଣପୁର ତହସିଲ ପଡିଆ ଠାରେ ଏକ ବିରାଟ ସଭା ଆୟୋଜିତ ହୋଇଥିଲା । ଜିଲାପାଳ ଶ୍ରୀମତୀ ପାରୁଲ ପଟାୱାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭଗବାନ ବିର୍ଷା ମୁଣ୍ଡା ଜୟନ୍ତୀକୁ ସାରାଦେଶରେ ଜନଜାତିୟ ଗୌରବ ଦିବସ ଭାବରେ ପାଳନ କରି ତାଙ୍କ ସ୍ମୃତି ଚାରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଇଂ: ବିଶେଶ୍ୱର ଟୁଡୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ବିଷମ କଟକ ବିଧାୟକ ନୀଳମାଧବ ହିକକା ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ ନିହାର ରଞ୍ଜନ କହଁର, ରାୟଗଡ଼ା ଉପଜିଲ୍ଲାପାଳ ତଥା ପ୍ରକଳ୍ପ ପ୍ରଶାସକ କଲ୍ୟାଣୀ ସଂଘମିତ୍ରା ଦେବୀ ଗୁଣପୁର ଉପ ଜିଲ୍ଲାପାଳ କିରନ ଦୀପ କୌର



ସହତା ପ୍ରମୁଖ ମଞ୍ଚାସିନ ହୋଇ ବିଭିନ୍ନ ହିତାଧିକାରୀଙ୍କୁ ସହାୟତା ଓ ବିଭିନ୍ନ କ୍ଷେତ୍ର ରେ ଉଲ୍ଲେନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସର ରେ ଆଜିର ଏହି ଗୌରବ ଦିବସକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନଫରେନ୍ସରେ ସିଧାସଳଖ ଭାବେ ଯୋଗ ଦେଇ ସଂମ୍ବୋଧିତ କରିଥିଲେ । ଏଥିରେ ପ୍ରଧାନମନ୍ତ୍ରୀ ଦେଶର ୭ଗୋଟି ଆଦର୍ଶ ଗ୍ରାମ ଘୋଷଣା କରିବ। ସହ ସେଥିରୁ ରାୟଗଡ ଜିଲ୍ଲାର ମୁନିଗୁଡା ବ୍ଲକ ଅନ୍ତର୍ଗତ ଶକଟା ଗ୍ରାମକୁ ମାନ୍ୟବର ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଭାବରେ ଘୋଷଣା କରିଥିଲେ । ଏହକ୍ଷ ସହିତ ଜିଲ୍ଲାର ୧୬୧୧ଟି ପ୍ରଧାନମନ୍ତ୍ରୀ ଆୱାସ ଯୋଜନାରେ କାର୍ଯ୍ୟାଦେଶ, ୬୩୩ଜଣ ହିତାଧିକାରୀ ଗୃହ ପ୍ରବେଶ କରିଥିଲେ, ୧୨୮ଜଣକୁ ପ୍ରଥମ କିସ୍ତି ଦିଆଯାଇଥିଲ । ୬୩ ଜଣ ଆଦିମ ଜନଜାତି ଙ୍କୁ ଓଟିଇଏଲପି ଜରିଆରେ ସ୍ୱାବଲମ୍ବୀ ହେବ ପାଇଁ ୧ଲକ୍ଷ ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି । ପ୍ରଧାନମନ୍ତ୍ରୀ ଜନମନ ପରିଯୋଜନାରେ ଲୋକଙ୍କୁ ଜଙ୍ଗଲ ଜମି ପଟା ବଣ୍ଟନ କରାଯାଇଥିଲା । ଏହି ଅବସର ରେ ରାୟଗଡ଼ା ଜିଲ୍ଲା ନିର୍ମାଣ ବିଭାଗ ର ୧୪ ଟି ବଡ ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିଲା । ଜନଜାତି ମାନଙ୍କ ବିକାଶ ନିମନ୍ତେ ୫ବର୍ଷ ଧରି ସଚେତନତା କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ଜିଲ୍ଲାପାଳ କହିଥିଲେ । ଜନଜାତି ବହୁଳ ଅଞ୍ଚଳରେ ଆସନ୍ତା ୧୫/୧୧/୨୪ରିଖରୁ ୨୬/୧୧/୨୪ରିଖଯାଏଁ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ଜଣାପଡିଛି। ଏହା ସହିତ ଆଦିମ ଜନଜାତି ବହୁଳ ଅଂଚଳ ମଧ୍ୟ ଅନ୍ତର୍ଭୁକ୍ତ କରାଯିବ । ଜନଜାତୀୟ ଉତ୍କର୍ଷ ଗ୍ରାମ ଅଭିଯାନ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ ।ଏହି ଜୟନ୍ତୀ ଅବସର ରେ ସମଗ୍ର ଜିଲ୍ଲାର ବହୁ ଆଦିବାସୀ ମହିଳା ସାମିଲ ହୋଇଥିଲେ । ଜିଲ୍ଲାର ବିଭିନ୍ନ ଅଞ୍ଚଳ ରୁ ଆସିଥିବା ଆଦିବାସୀ ନୃତ୍ୟ ଦଳ ଓ ବିଭିନ୍ନ କଲ୍ୟାଣ ବିଭାଗ ଅଧୀନସ୍ଥ ସ୍କୁଲ ର ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରାୟଗଡ଼ା ପୌର ପରିଷଦ ର ଅଧ୍ୟକ୍ଷ ମହେଶ୍ୱର ପଟ୍ଟନାୟକ ଗୁଣପୁର ପୌର ପରିଷଦର ଉପାଧକ୍ଷ ଶିବ ପ୍ରସାଦ ଗୌଡ଼ ରାୟଗଡ଼ା ଜିଲ୍ଲା ବିଜେପି ସଭାପତି ଶିବ ଶଙ୍କର ପଟନାୟକ ବିଜେପି ନେତା କାଳୀ ରାମ ମାଝୀ, ଗୁଣପୁର ବ୍ଲକ ଅଧ୍ୟକ୍ଷା ଝିଲି ଶବର ରାମ ନାଗୁଡ଼ା ବ୍ଲକ ଅଧ୍ୟକ୍ଷ ରବି ଗମାଙ୍ଗ, ବିଷମ କଟକ ବ୍ଲକ ଉପାଧ୍ୟକ୍ଷ ଦେବୀ ପଟନାୟକ, ସିଡିଏମଓ ଲାଲ ମୋହନ ରାଉତରାୟ, ଗୁଣପୁର ବିଷମ କଟକ ଗୁଡ଼ାରୀ ମୁନିଗୁଡା ର ବିଡ଼ିଓ ଓ ତହସିଲଦାର, ପୁଟା ସିଂ ସ୍ୱତନ୍ତ୍ର ଅଧିକାରୀ ଅସୀମା ରାଓ ଗୁଣପୁର ତହସିଲଦାର ଲୀଳାବତୀ ଆଚାର୍ଜି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭ୍ରାଂଜଳି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଅତିରିକ୍ତ ଯୋଗାଣ ଅଧିକାରୀ, ଅତିରିକ୍ତ ମଙ୍ଗଳ ଅଧିକାରୀ, ମଙ୍ଗଳ ଉନ୍ନୟନ ଅଧିକାରୀ, ପ୍ରକଳ୍ପ ମ୍ୟାନେଜର ଓଟିଇଏଲପି, ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ, ରାଜସ୍ୱ ସହାୟକ ସହାୟତା କରିଥିଲେ । ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାବୁଲି ନାୟକଙ୍କ ନେତୃତ୍ୱରେ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲେ । ଶିକ୍ଷୟତ୍ରୀ ବେବୀ ରାଣୀ ନନ୍ଦ ଓ ସୂଚନା ଓ ଲୋକ ସମ୍ପର୍କ ବିଭାଗ ର ଅନନ୍ତ ପାତ୍ର ସଂଯୋଜନ କରିଥିଲେ । ଶେଷରେ ଜିଲ୍ଲା ମଙ୍ଗଳ ଅଧିକାରୀ ଭାରତ ଭୂଷଣ ବିଶ୍ୱାଳ ଧନ୍ୟବାଦ୍ ଅର୍ପଣ କରିଥିଲେ ।



କୁଜଙ୍ଗ(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାରାଦ୍ୱୀପ ଗଡ ଗ୍ରାମ ପଞ୍ଚାୟତର ପାରେଶ୍ୱର ଉଚ୍ଚ ବାଳିକା ବିଦ୍ୟାଳୟରେ ପିତାମାତା ସହଭାଗିତା ଓ ବିର୍ସା ମୁଣ୍ଡା ଜୟନ୍ତୀ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପାରାଦ୍ୱୀପ ଗଡ ଗ୍ରାମ ପଞ୍ଚାୟତ ସରପଞ୍ଚ ସସ୍ମିତା ବେହେରା ଯୋଗଦେଇ ପିତା ମାତା ଓ ସ୍କୁଲର ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବରେ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା ଯୋଗଦେଇ ଛାତ୍ରୀ ମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁରକ୍ଷା ଉପରେ ଅଭିଭାବକ ଓ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ଧ୍ୟାନ ଦେବାକୁ ପରାମର୍ଶ ଦେବା ସହ ସହିଦ୍ ବିର୍ସା ମୁଣ୍ଡାଙ୍କ ପରିଦେଶ ମାତୃକାର ସେବା କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥି ଭାବରେ ପାରାଉ ଟୁଡୁ, ମୋନାଲିସା ସ୍ୱାଇଁ ପ୍ରମୁଖ ଯୋଗଦେଇ ସ୍କୁଲ ଅନ୍ତେବାସୀଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ସ୍କୁଲର ପ୍ରଧାନ ଶିକ୍ଷକ ବାସିର କୁଲୁ ବିଦ୍ୟାଳୟର ବିବରଣୀ ପାଠ କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ନାଚ, ଗୀତର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ରାଜକିଶୋର ପ୍ରତିହାରୀ, ତୃପ୍ତି ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ

ଭଦ୍ରକ(ଭାସ୍କର ନ୍ୟୁଜ): ୨୦୨୪-୨୫ ବର୍ଷ ଖରିଫ ଧାନ ସଂଗ୍ରହ ପାଇଁ ଶୁକ୍ରବାର ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦ ସଭାଗୃହରେ ଏହି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚଳିତବର୍ଷ ୨୭.୧୨.୨୪ ତାରିଖରୁ ଜିଲ୍ଲାରେ ଧାନକିଣା ଆରମ୍ଭ ହେବ । ୩୧.୩.୨୫ତାରିଖ ପର୍ଯ୍ୟନ୍ତ ଧାନ କିଣା ଚାଲୁ ରହିବ । ଚଳିତବର୍ଷ ୮୦ହଜାର ୫ଶହ ପଞ୍ଜିକୃତ ଚାଷୀ ଧାନ କିଣାରେ ସାମିଲ ହେବେ । ଜିଲ୍ଲାର ୧୦୨ଟି ପ୍ୟାକ୍ସ ଓ ୫୭ଟି ଡବ୍ଲୁଏସ୍ଏଚ୍ଜି ଜରିଆରେ ୧୫୯ଟି ମଣ୍ଡିରେ ଧାନ ସଂଗ୍ରହ କରାଯିବ ବୋଲି ଆପାତତଃ ବୈଠକରେ ନିଷ୍ପତି ନିଆଯାଇଛି । ଚଳିତ ବର୍ଷ ପ୍ରଥମ ଦଫାରେ ଜିଲ୍ଲାରେ ୧୯ଲକ୍ଷ ୮୩ହଜାର ୪୪୧କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯିବ । ଧାନ କ୍ୱିଣ୍ଟାଲ ପ୍ରତି ୩୧ଶହ ଟଙ୍କା ମୂଲ୍ୟରେ କିଣାଯିବ । ୨୪ଘଟାଂରୁ ୪୮ଘଣ୍ଟା ମଧ୍ୟରେ ଚାଷୀଙ୍କ ଧାନ ବିକ୍ରି ପ୍ରାପ୍ୟ ସେମାନଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର ହେବ । ଚାଷୀମାନେ ନିଜ ନିଜର ନିର୍ଦ୍ଧାରିତ ମଣ୍ଡିରୁ ଏଫଏକ୍ୟୁ ମାନର ଧାନ ଆଣିବାକୁ କଡାକଡି ନିର୍ଦ୍ଦେଶ ରହିଛି । ବିଶେଷ କରି ଧାନରେ ମଇସଚର୍, କାଠି, କୁଟା, ଗୋଡି ଓ ଅଗାଡି ଆଦି ନଥିବ । ସଫା, ପରିଷ୍କାର ଧାନ ଆଣିବାକୁ କୁହାଯାଇଛି । ମଣ୍ଡି ନିକଟରେ ଧାନ ର ମାନ ନିର୍ଦ୍ଧାରଣ ର ମାନ ନିର୍ଦ୍ଧାରଣ କରିବାର ବ୍ୟବସ୍ଥା ରହିଛି । ମାନ ନିର୍ଦ୍ଧାରଣ ସକାଶେ ୪ଜଣ ସରକାରୀ କର୍ମଚାରୀଙ୍କ ଉପସ୍ଥିତିରେ ବୈଠକରେ ନିଷ୍ପତି ନିଆଯାଇଛି । ଯଦି ଏଥିରେ ବ୍ୟତିକ୍ରମ ଘଟେ ସଂପୃକ୍ତ ଚାଷୀ ମଣ୍ଡିରୁ ଧାନ ଫେରାଇନେବେ । ପରବର୍ତ୍ତୀ ସମୟରେ ଧାର୍ଯ୍ୟ ଟୋକନର ଅବଧି ମଧ୍ୟରେ ମଣ୍ଡିକୁ ଆଣି ବିକ୍ରି କରିପାରିବେ । ଟୋକନର ଅବଧି ୩୦ଦିନ ରଖାଯାଇଛି । ଧାନ ବିକ୍ରି କରିବା ସମୟରେ ଚାଷୀ ନିଜର ଆଧାର କାର୍ଡ ଓ ନିଜର ବ୍ୟାଙ୍କ ଖାତା ପ୍ରଦାନ କରିବେ । ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଏଥର କଟ୍‌ନି ଛଟ୍‌ନି ହେବ ନାହିଁ । ଏଣୁ ଚାଷୀ ଝୋଟ ବ୍ୟାଗରେ ସଫା ସୁତୁରା ଓ ଗୁଣାତ୍ମକ ଏଫଏକ୍ୟୁ ମାନର ଧାନ ଆଣିବାକୁ ବୈଠକରେ ଆଲୋଚନା ହୋଇଥିଲା । ଏଥି ସକାଶେ ପ୍ରତି ଗାଁରେ ଭିଡିଓ, ଅଡିଓ ଓ ଲିଫଲେଟ୍ ମାଧ୍ୟମରେ ସଚେତନତା ସୃଷ୍ଟି କରାଯିବା ପାଇଁ ନଷ୍ପତି ନିଆଯାଇଛି । ଧାନ କେବଳ ମଣ୍ଡିଠାରେ ଓଜନ ହେବା ସହ ଏଫଏକ୍ୟୁ ଟେଷ୍ଟ କରାଯିବ । ପୂର୍ବଭଳି ମିଲ୍‌ରେ ଧାନ ଓଜନ କି ପରୀକ୍ଷା କରାଯିବ ନାହିଁ । ଧାନ ସଂଗ୍ରହ ବ୍ୟବସ୍ଥାରେ ପ୍ରତ୍ୟେକ ମଣ୍ଡିରେ ସିସିଟିଭି କ୍ୟାମେରା ବ୍ୟବସ୍ଥା କରାଯିବ। ଏହା ଡିଷ୍ଟ୍ରିକ୍ ହେଡ୍‌କ୍ୱାଟର୍ସ ସହ ଓ୍ୱେବକାଷ୍ଟିଂ କରାଯିବ । ଫଳରେ ମଣ୍ଡିର କିଣାବିକା ସମସ୍ତ ଚିତ୍ର ପ୍ରଦର୍ଶୀତ ହେବ । ଜିଲ୍ଲାସ୍ତରୀୟ ଅଧିକାରୀମାନେ ଅବଗତ ହେବେ । କେତେକ ସମ୍ବେଦନଶୀଳ ମଣ୍ଡିରେ ଧାନର ମାନ ନିର୍ଦ୍ଧାରଣ କରାଯିବା ନେଇ ଉପୁଜୁ ଥିବା ସମ୍ଭାବ୍ୟ ଆଇନ୍ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୋଲିସ ର ସହାୟତା ଲୋଡା ଯିବା ପାଇଁ ବୈଠକରେ ନିଷ୍ପତି ହୋଇଛି । ଧାନକ୍ରୟ ନିମନ୍ତେ ଜିଲ୍ଲାସ୍ତରୀୟ କଣ୍ଟ୍ରୋଲ ରୁମ୍ ପରିଚାଳନା କରାଯିବା ସହ ଜଣେ ଅଫିସରଙ୍କୁ ଚାଷୀଙ୍କ ସମସ୍ୟା ପାଇଁ ନିଯୁକ୍ତ କରାଯିବ । କେଉଁ ମଣ୍ଡିରେ କେଉଁ କେଉଁ ଦିନ କେତେ ପରିମାଣରେ ଧାନ ସଂଗ୍ରହ କରାଗଲା ତାହାର ବିବିରଣୀ ଅନ୍‌ଲାଇନ୍ ମାଧ୍ୟମରେ ଜିଲ୍ଲା କଣ୍ଟ୍ରୋଲ ରୁମ୍‌କୁ ଅବଗତ କରାଯିବ । ଏହି ସମସ୍ତ କାର୍ଯ୍ୟ ପି-ପାଶ୍ ମାଧ୍ୟମରେ କରାଯିବ । ପ୍ରତି ମଣ୍ଡିରେ ଧାନ ସଂଗ୍ରହ କରି ୩ଦିନ ରଖିବା ନିମନ୍ତେ ଆର.ଏମ୍.ସି ତରଫରୁ ପିଣ୍ଡି ନିର୍ମାଣ କରାଯିବା ନେଇ ନିଷ୍ପତି ନିଆଯାଇଛି । ପ୍ରତି ମଣ୍ଡିରେ ଧାନ ସଂଗ୍ରହ ନିମନ୍ତେ ଆବଶ୍ୟକ ଯନ୍ତ୍ରପାତି ଯଥା- ଡିଜିଟାଲ ଓଜନ ମେସିନ, ମଇସଚର ମିଟର, ମିନି ଗ୍ରେଡର, ତାରପିଲିନ୍ ଓ ପ୍ରଥମଥର ପାଇଁ ଗ୍ରେନ୍ ଏନାଲାଇଜର ମେସିନ ବ୍ୟବହାର କରାଯିବ । ମଣ୍ଡିରେ ଚାଷୀଙ୍କ ସୁବିଧା ପାଇଁ ପିଇବା ପାଣି, ଅସ୍ଥାୟୀ ଶୌଚାଳୟ ଓ ଆଶ୍ରୟସ୍ଥଳି ର ବ୍ୟବସ୍ଥା କରାଯିବ । ପ୍ରତ୍ୟେକ ମଣ୍ଡି ପାଇଁ ସ୍ଥାନୀୟ ଚାଷୀ ଓ ସରକାରୀ କର୍ମଚାରୀଙ୍କୁ ନେଇ ଏକ କମିଟି ଗଠନ କରିବାକୁ ନିଷ୍ପତି ହୋଇଛି । ଏମାନେ ଧାନ ସଂଗ୍ରହ କାର୍ଯ୍ୟର ତଦାରଖ କରିବେ । ଧାନମଣ୍ଡିକୁ ଦଲାଲ ମୁକ୍ତ କରିବା ପାଇଁ ଚାଷୀ କମିଟି ଓ ପ୍ରାଧିକୃତ ଅଧିକାରୀଙ୍କୁ କ୍ଷମତା ଦିଆଯିବା ସହ ବ୍ଲକ ଓ ଜିଲ୍ଲାସ୍ତରୀୟ ସ୍କ୍ୱାର୍ଡ ଗଠନ କରାଯିବାର ନିଷ୍ପତି ନିଆଯାଇଛି । ଅନୁଷ୍ଠିତ ବୈଠକରେ ଉପସ୍ଥିତ ବିଧାୟକ ଓ ଡିଏଲ୍‌ପିସିର ସଦସ୍ୟମାନେ ଦେଇଥିବା ପ୍ରସ୍ତାବ ଗୁଡିକୁ ପରବର୍ତ୍ତୀ ସମୟରେ ପ୍ରଶାସନ ବିଚାର କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତି ନିଆଯାଇଛି । ଆଜିର ଅନୁଷ୍ଠିତ ଏହି ବୈଠକରେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ ମହାନ୍ତି, ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ ସରୋଜ କୁମାର ଦତ, ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା, ଅତିରିକ୍ତ ଯୋଗାଣ ଅଧିକାରୀ ଶରତ ଚନ୍ଦ୍ର ବେହେରାଙ୍କ ସମେତ ଭଦ୍ରକ, ଚାନ୍ଦବାଲି ଆର୍‌ଏମ୍‌ସି ସେକ୍ରେଟାରୀ, ଏଆରସିଏସ୍, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ଯୋଗାଣ ନିରୀକ୍ଷକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ବିପିସି, ଡିପିସି, ମିଲର୍ସ ସଂଘ ଓ ଚାଷୀ ପ୍ରତିନିଧି, ୭ଟି ବ୍ଲକର ବିଡିଓ ଓ ତହସିଲଦାରମାନେ ଉପସ୍ଥିତ ଥିଲେ ।

## ଢେଙ୍କାନାଳରେ ଓଡ଼ିଆ ଐତିହ୍ୟ ଓ ନୌବାଣିଜ୍ୟ ପରମ୍ପରା ବୋଇତ ବନ୍ଦାଣ

# କୁନି କଳାକାରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ କଲା ଆକର୍ଷଣ




ଢେଙ୍କାନାଳ(ଭାସ୍କର ନ୍ୟୁଜ): ଐତିହ୍ୟ ଓ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା ବୋଇତ ବନ୍ଦାଣ ଉତ୍ସବ । କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଏହି ବୋଇତ ବନ୍ଦାଣ ଉତ୍ସବକୁ ଢେଙ୍କାନାଳରେ ବେଶ ଧୂମ ଧାମରେ ପାଳନ କରାଯାଇଛି। ଏହି ଅବସରରେ ଢେଙ୍କାନାଳର ସର୍ବ ପୁରାତନ ସାଂସ୍କୃତିକ ଓ ସାହିତ୍ୟ ଅନୁଷ୍ଠାନ ସଂଧାତାରା ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ବୋଇତ ବନ୍ଦାଣ ଉତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମ ତଥପୋଇ ନାଟକ ପରିବେଷଣ ଦର୍ଶକ ଓ ଶ୍ରଦ୍ଧାଳୁ ମାନଙ୍କୁ ବେଶ ଆକର୍ଷିତ କରିଥିଲା। ଆ କା ମା ବୈ, ପାନ ଗୁଆ ଥୋଇ । ପାନ ଗୁଆ ତୋର, ମାସକ ଧର୍ମ ମୋର । ସତରେ ପୁଣ୍ୟ ପବିତ୍ରର ମାସ କାର୍ତ୍ତିକ । ଆଉ ଶୁକ୍ରବାର କାର୍ତିକ ମାସ ସାରା ରଖିଥିବା ବ୍ରତର ଉଦ୍‌ଯାପନୀ ଦିବସ କାର୍ତ୍ତିକ ପୂର୍ଣ୍ଣିମା । ପରମ୍ପରା ମୁତାବକ ଡଙ୍ଗାରେ ଧୂପ, ଦୀପ, ପାନ, ଗୁଆ ଓ ଦୁବ ବରକୋଳି ପତ୍ର ଥୋଇ ଆକା ମା ବୈ, ଆଦି ଗୀତ ବୋଲି ପୁଷ୍କରିଣୀରେ ଡଙ୍ଗାଟିଏ ଭସାଇ ନିଜ ପରିବାର ପୁଣ୍ୟ ମାନସିଥାନ୍ତି ପ୍ରତ୍ୟେକ ଓଡ଼ିଆ। ଫଳରେ ଶୁକ୍ରବାର ପ୍ରାତଃ ସମୟରେ ଢେଙ୍କାନାଳରେ ପ୍ରତେକ ପୁଷ୍କରିଣୀ କୁଳରେ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ହାତରେ ଡଙ୍ଗାଟିଏ ଧରି ବିଭିନ୍ନ ପୁସ୍କରଣୀ ମାନଙ୍କୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା । ଢେଙ୍କାନାଳର ସାହିତ୍ୟ ଅନୁଷ୍ଠାନ ସନ୍ଧ୍ୟାତାରା ସାହିତ୍ୟ ସଂସଦ ପକ୍ଷରୁ ପ୍ରତେକ ବର୍ଷ ପରି ଚଳିତ ବର୍ଷ ମଧ ସ୍ୱତନ୍ତ୍ର ଭାବେ ପାଳିତ ହୋଇଥିଲା ବୋଇତ ବନ୍ଦାଣ ଉତ୍ସବ । ମୁଖ୍ୟ ଅତିଥି ଭାବେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଏହି ବୋଇତ ବନ୍ଦାଣ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ଭାଗିରଥି ସାଗର କୂଳରେ ପାଳିତ ଏହି ଉତ୍ସବରେ କୁନି କୁନି ପିଲା ମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ତଥପୋଇ ଗୀତି ନାଟ୍ୟ ଦର୍ଶକ ମାନଙ୍କୁ ବେଶ ଆକର୍ଷିତ କରିଥିଲା। ଏହି ଅବସରରେ କୁନି କୁନି ପିଲାମାନେ ସାଧବ ବୋହୂ ବେଶରେ ପ୍ରତୀକ ଭାବେ ଏକ ବୋଇତକୁ ବନ୍ଦାଣ କରିଥିଲେ । ଆମ ଉତ୍କଳୀୟ ଐତିହ୍ୟ, ନୌବାଣିଜ୍ୟର ପରମ୍ପରାରକୁ ମନେ ପକାଇ ଦେବା ଉଦେଶ୍ୟରେ ଆଜକୁ ୪୨ବର୍ଷ ଧରି ଏହି ଉତ୍ସବକୁ ପାଳନ କରୁଥିବା ପ୍ରକାଶ କରିଛନ୍ତି ଆୟୋଜକ । ଅପରପକ୍ଷରେ ଏହି ଉତ୍ସବରେ ନିଜକୁ ସାମିଲ କରି ବେଶ ଉତ୍ସାହିତ ହୋଇପଡିଥିବା ପ୍ରକାଶ କରିଛନ୍ତି କୁନି କୁନି କଳାକାର । ତେବେ ଉତ୍କଳୀୟ ସଂସ୍କୃତି ଓ ନୌବାଣିଜ୍ୟ ପରମ୍ପରାର ସ୍ମୃତି ବହନ କରୁଥିବା ଏହି ବୋଇତ ବନ୍ଦାଣ ଉତ୍ସବକୁ ଶହ ଶହ ସଂଖ୍ୟାରେ ଦର୍ଶକ ବେଶ ମନ ଭରି ଉପଭୋଗ କରିଥିଲେ। କହିବାକୁ ଗଲେ ଆଜି ଭୋର ସମୟରୁ ବିଭିନ୍ନ ପୁସ୍କରାଣୀ ସମେତ ଏହି ଭାଗିରଥି ସାଗର କୂଳ ଏକ ପ୍ରକାର୍ଉତ୍ସବର ମାହୋଲ ସୃଷ୍ଟି କରିଥିଲା।

# କରଞ୍ଜିଆରେ ବୋଇତ ବନ୍ଦାଣ ଉତ୍ସବ ପାଳିତ



କରଞ୍ଜିଆ(ଭାସ୍କର ନ୍ୟୁଜ): କାର୍ତ୍ତିକ ପୂର୍ଣ୍ଣିମା ରେ ସମସ୍ତେ ଜଳାଶୟରେ ବୋଇତ ବନ୍ଦାଣ କରି ଓଡ଼ିଶାର ସାଧବ ପୁଅ ମାନଙ୍କ ବୋଇତ ବନ୍ଦାଣକୁ ମନେ ପକାଇଛନ୍ତି ଓଡ଼ିଆ। ସେଥିପାଇଁ ଓଡ଼ିଶାର ପୁରପଲ୍ଲୀ ରେ ସମସ୍ତେ ବିଭିନ୍ନ ଜଳାଶୟକୁ ଯାଇ ସାଧବ ମାନଙ୍କ ସ୍ମୃତି ଉଦେଶ୍ୟରେ ଆ କା ମା ବୋଇ ପାନ ଗୁଆ ଥୋଇ ପାନ ଗୁଆ ତୋର ମାସକ ଧର୍ମ ମୋର କହି କଦଳୀ ପଟୁଆ ବା ସୋଲରେ ନିର୍ମାଣ ବୋଇତକୁ ବନ୍ଦାଣ କରିଥାନ୍ତି । ପରମ୍ପରା ଅନୁଯାଇ ବୋଇତ ଭୋଶାଣୀ ରାତି ଭୋର ୪ଟା ବେଳକୁ ବିଭିନ୍ନ ଜଳାଶୟରେ ସାଧବ ପୁଅଙ୍କ ବଣିଜକୁ ମନେ ପକାଇ ଡ଼ଙ୍ଗା ଭସାଇଥିଲେ । ଏଥିପାଇଁ ପୂର୍ବଦିନରୁ ବଜାରରେ ଜାଗାକୁ ଜାଗା ପିଲାମାନେ ସୋଲ ରେ ନିର୍ମିତ ଡ଼ଙ୍ଗା ବା ବୋଇତର ଦୋକାନ ଲଗାଇଥିବା ଦେଖିବାକୁ ମିଳିଥିଲା । ବୋଇତ ବନ୍ଦେଇ ସାଧବ ପୁଅଙ୍କ ବାଣିଜ୍ୟ କଥା ଓଡ଼ିଆ ମାନେ ମନେ ପକାଇଥାନ୍ତି । ଶୁକ୍ରବାର ଦେଓ ନଦୀ ଓ ବୈତରଣୀ ନଦୀରେ ସମସ୍ତ ଓଡ଼ିଆମାନେ ଡ଼ଙ୍ଗା ଭସାଇଥିଲେ । ତେବେ କରଞ୍ଜିଆଏନଏସିଅନ୍ତର୍ଗତ ୨ ନମ୍ବର୍ ଓ୍ୱାର୍ଡ କରିଡିଆବାସିଙ୍କ ଏପର୍ବ ଥିଲା ନିଆର। ଗ୍ରାମବାସୀଙ୍କ ସହଯୋଗରେ ଏକ ୧୨ ଫୁଟ ଲମ୍ବର ବୋଇତ ନିର୍ମାଣ ହୋଇ ସ୍ଥାନୀୟ ସର୍ଦ୍ଦାର ବନ୍ଧରେ ସବୁ ବିଧି ବ୍ୟବସ୍ଥା ଅନୁଯାୟୀ ବୋଇତକୁ ବନ୍ଦାଣ କରି ପାଣିରେ ବସାଇଥିଲେ। ଉକ୍ତ ଡଙ୍ଗା ବା ବୋଇତକୁ ଉତ୍କଣ୍ଠାର ସହିତ ଦର୍ଶକମାନେ ଦେଖି ଉପଭୋଗ କରିଥିଲେ।

# ବଣ୍ଡା ଘାଟିରେ ପହଞ୍ଚିଲା ମୋବାଇଲ୍ ନେଟଓ୍ୱାର୍କ ସେବା

ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଅନ୍ତର୍ଗତ ଖଇରପୁଟ ବ୍ଲକର ବଣ୍ଡାଘାଟିର ଅଂଚଳବାସୀଙ୍କ ଅନେକ ଦିନର ଦାବି ପରେ ଦୁର୍ଗମ ଅଞ୍ଚଳରେ ପହଞ୍ଚିଛି ନେଟଓ୍ୱର୍କ ସେବା । ମାଲକାନଗିରି ଜିଲ୍ଲା ଖଇରପୁଟ ଖଇରପୁ ବ୍ଲକର ମୁଦୁଲିପଡ଼ା ପଞ୍ଚାୟତର ଗ୍ରାମାଞ୍ଚଳରେ ନେଟଓ୍ୱର୍କ ଆସିବା ପରେ ୩ ହଜାରରୁ ଉର୍ଦ୍ଧ୍ୱ ଲୋକେ ଉପକୃତ ହୋଇଛନ୍ତି । ଉକ୍ତ ଗ୍ରାମଗୁଡ଼ିକୁ ବଣ, ପାହାଡ଼ ଘେରା ଦୁର୍ଗମ ଅଞ୍ଚଳରେ ରହିଛି। ଆଜିବି ଏହି ଅଞ୍ଚଳରେ ଆଖୁଦୃଶିଆ ବିକାଶ ହୋଇପାରୁନି। ବର୍ତ୍ତମାନ ବଣ୍ଡାଘାଟିର ଦୁର୍ଗମ ଅଞ୍ଚଳରେ ନେଟଓ୍ୱର୍କ ସେବା ପହଞ୍ଚିବା ପରେ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ପୂର୍ବରୁ ନେଟଓ୍ୱର୍କ ଯେତେବେଳେ ନ ଥିଲା ସେହି ସମୟରେ ବିଭିନ୍ନ ସୁବିଧା ପାଇବାରୁ ଲୋକେ ବଞ୍ଚିତ ହେଉଥିଲେ। ରାତିଅଧିଆ କୌଣସି ରୋଗୀ ଅସୁବିଧା ହେଲେ ନେଟଓ୍ୱର୍କ ଖୋଜିବା ପାଇଁ କେତେବେଳେ ପର୍ବତ ଉପରେ ଜଗି ରହିବାକୁ ପଡୁଥିଲା ତ ଆଉ କେତେବେଳେ ମୁଖ୍ୟ ରାସ୍ତାର କୌଣସି ଗଛମୂଳେ ନେଟଓ୍ୱର୍କ ପାଇବା ପାଇଁ ଜଗି ରହିବାକୁ ପଡୁଥିଲା । ଏତେସବୁ ପ୍ରତୀକ୍ଷାର ଅନ୍ତ ଘଟିଛି। ପୂର୍ବରୁ ବଣ୍ଡାଘାଟିର ଦୁର୍ଗମ ଅଞ୍ଚଳ ଗୁଡିକ ମାଓବାଦୀଙ୍କ ଗଡ ରୁପେ ପରିଚିତ ଥିଲା। ବଣ୍ଡାଘାଟିର ଦୁର୍ଗମ ଅଞ୍ଚଳରେ ନେଟଓ୍ୱର୍କ ସେବା ପହଞ୍ଚିବା ପରେ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ପୂର୍ବରୁ ନେଟଓ୍ୱର୍କ ଯେତେବେଳେ ନ ଥିଲା ସେହି ସମୟରେ ବିଭିନ୍ନ ସୁବିଧା ପାଇବାରୁ ଲୋକେ ବଞ୍ଚିତ ହେଉଥିଲେ। ରାତିଅଧିଆ କୌଣସି ରୋଗୀ ଅସୁବିଧା ହେଲେ ନେଟଓ୍ୱର୍କ ଖୋଜିବା ପାଇଁ କେତେବେଳେ ପର୍ବତ ଉପରେ ଜଗି ରହିବାକୁ ପଡୁଥିଲା ବର୍ତ୍ତମାନ ସେହି ଅଞ୍ଚଳର ବିକାଶର ପାଦ ଥାପିବା ପରେ ସରକାରଙ୍କ ବିଭିନ୍ନ ବିକାଶମୂଳକ କାମ ସହ ନେଟଓ୍ୱେବ ଟଓ୍ୱର୍କ ସେବା ଧୀରେ ଧୀରେ ପହଞ୍ଚିବା ଆରମ୍ଭ କରିଛି । ବଣ୍ଡାଘାଟିର ମୁଦୁଲିପଡ଼ା ଓ ଅଣ୍ଡରାହାଲ ପଞ୍ଚାୟତର ଆଗ ଧାଡ଼ିର ସମାଜସେବୀଙ୍କୁ ଅଞ୍ଚଳବାସୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ତେବେ ଏହି ବିଏସଏନଏଲ ୪-ଜି ମାବାଇଲ ଲଞ୍ଚ ସେବା । ଆସିଥିଲେ ମଧ କିଛି ଲୋକଙ୍କୁ ଦୁଃଖ ଦେଇଛି। କାରଣ ସବୁ ମୋବ ମାବାଇଲରେ ଏହି ସେବା କାମ କରୁନାହିଁ। ଅଳ୍ପ କିଛି ମୋବାଇଲରେ ଏହି ସେବା କାର୍ଯ୍ୟ କରୁଛି । ତେବେ ବି କାମ ଚାଲିଛି, ଖୁବ୍‌ଶୀଘ୍ର ବିଏସଏନଏଲ କର୍ତ୍ତୃପକ୍ଷଙ୍କ କହିବା ହେଲା ଏନେଇ ସବୁ ମୋବାଇଲକୁ ଏହି ସେବା ଯୋଗାଇଦେବେ।

# ମାଣିକାଗୋଡ଼ା ଗ୍ରାମରେ କାର୍ତ୍ତିକ ପୂର୍ଣ୍ଣିମା ଯାତ୍ରା

ବୋଲଗଡ(ଭାସ୍କର ନ୍ୟୁଜ): ମାଣିକାଗୋଡ଼ା ଗ୍ରାମରେ କାର୍ତ୍ତିକ ପୂର୍ଣ୍ଣିମା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏକ ବିରାଟ ପଟୁଆରରେ ରାଧା କୃଷ୍ଣଙ୍କୁ ବିମାନରେ ବସାଇ ଗୋପାଳ ଜାତିର ଭାଇମାନେ ଗ୍ରାମ ପରିକ୍ରମା କରି ମେଳଣ ପଡିଆରେ ପହଞ୍ଚିଥିଲେ । ଗୋବିନ୍ଦଜୀଉ ବଡ଼ ମଠରୁ ରାଧାକୃଷ୍ଣଙ୍କ ପ୍ରତିମାଙ୍କୁ ବିମାନରେ ଅଣାଯାଇଥିଲା । ବୈଦିକ ବ୍ରାହ୍ମଣ ମନ୍ତ୍ର ଉଚ୍ଚାରଣ କରି ପୂଜା ପାଠ କରିଥିଲେ । ଏକ ହଜାର ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା । ଦୁଇଟି ମାତୃମଣ୍ଡଳୀ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଚଣ୍ଡୀପାଟଣା ମୌଜା ସଭାପତି ଇଂ. କର୍ପୁର ସାହୁ, ଉପସଭାପତି ଆଲୋକ ବେହେରା, ସମ୍ପାଦକ ଅଶୋକ କୁମାର ମହାନ୍ତି ଓ କୋଷାଧ୍ୟକ୍ଷ ସୌମ୍ୟରଞ୍ଜନ ସୁବୁଦ୍ଧି, ରବୀନ୍ଦ୍ର କୁମାର ସାହୁ ଇତ୍ୟାଦି ଯାତ୍ରାରେ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ ।

# କୁଡୁମୁଲୁଗୁମ୍ମା ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକ




କୋରୁକୋଣ୍ଡା(ଭାସ୍କର ନ୍ୟୁଜ): କୁଡୁମୁଲୁଗୁମ୍ମା ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ୨୦୨୪ ବର୍ଷର ପ୍ରଥମ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକ ଆରମ୍ଭ ରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ନୂତନ ବିଧାୟକ ମଙ୍ଗୁ ଖିଲଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରାଯାଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡଃ ମହେଶ ପ୍ରସାଦ ପତି, ଡଃ ସନ୍ଦେଶ ପ୍ରଧାନ, ଆରକେଏସ ସଭ୍ୟ ବାଳକୃଷ୍ଣ ପ୍ରଧାନ ଓ ଭଗବାନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଆଲୋଚନାରେ ରୋଗୀ କଲ୍ୟାଣ ସମିତିକୁ ଆସୁଥିବା ଅନୁଦାନ ଅର୍ଥ ର ବ୍ୟୟ ଅଟକଳ ବିପିଏମ୍ ପ୍ରଦିପ୍ତ ମୋହନ ଗୌଡ ଉପସ୍ଥାପନ କରିଥିଲେ । ଆଲୋଚନାରେ ଅଂଶ ଗ୍ରହଣ କରି ବାଳକୃଷ୍ଣ ପ୍ରଧାନ ଓ ଭଗବାନ ସାହୁ ଚିକିତ୍ସାଳୟର ବିଭିନ୍ନ ଅସୁବିଧାଗୁଡିକ ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରି ଏହାର ଆଶୁ ସମାଧାନ ନିମନ୍ତେ ନିବେଦନ କରିବା ସହ ରୋଗୀ କଲ୍ୟାଣ ସମିତିର ଆମ୍ବୁଲାନ୍ସର ତୈଳ ଓ ଚାଳକଙ୍କ ପାରିଶ୍ରମିକ ଦେୟକୁ ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ବ୍ୟୟବରାଦ କରାଇବାକୁ ନିବେଦନ କରିଥିଲେ, ଯାହା ଫଳରେ ରୋଗୀ କଲ୍ୟାଣ ସମିତିକୁ ଆସୁଥିବା ସିମିତ ଅର୍ଥକୁ ରୋଗୀଙ୍କ ମଙ୍ଗଳ ନିମନ୍ତେ ବିନିଯୋଗ କରିହେବ । ଉକ୍ତ ପ୍ରସ୍ତାବକୁ ବିଧାୟକ ଗ୍ରହଣ କରିବା ସହ ଜିଲ୍ଲା ପ୍ରଶାସନ ସହିତ ଆଲୋଚନା କରି ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ । ବୈଠକ ରେ ଉପସ୍ଥିତ ସଞ୍ଜୟ କୁମାର ପୃଷ୍ଟି, ପଦ୍ମ ଚରଣ ପଣ୍ଡା, ସମୀର ଚନ୍ଦ୍ର ବେପାରୀ ଓ ଦିଲ୍ଲୀପ କୁମାର ବେହେରା ପ୍ରମୁଖ ବିଧାୟକଙ୍କୁ ଧନ୍ୟବାଦ ଅର୍ପଣ କରି ସଭାସାଙ୍ଗ କରାଯାଇଥିଲା ।

# ମିଳିତ କ୍ରିୟାନୁଷ୍ଠାନ କମିଟି ଦ୍ୱାରା ବିର୍ସା ମୁଣ୍ଡାଙ୍କ ୧୫୦ ଜୟନ୍ତୀ



କୋଷାଗୁମୁଡ଼ା(ଭାସ୍କର ନ୍ୟୁଜ): କୋଷାଗୁମୁଡ଼ା ବ୍ଲକ ସଦର ଚଉଁରିଆ ମନ୍ଦିର ଠାରୁ ବ୍ଲକ କାର୍ଯାଳୟ ପର୍ଯ୍ୟନ୍ତ ଜିଲ୍ଲା ଭିତ୍ତିକ ନିଯୁକ୍ତି ତଥା ମିଳିତ କ୍ରିୟାନୁଷ୍ଠାନ କମିଟିର ଅନୁକୂଲ୍ୟରେ ଏକ ପଦଯାତ୍ରା ସହ ସ୍ଥାନୀୟ ଲକ୍ଷ୍ମଣ ନାୟକ ଖେଳପଡ଼ିଆ ରେ ସହୀଦ ଆଦିବାସୀ ସଂଗ୍ରାମୀ ବିର୍ଶା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଧୂପ ଦୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟ ଅର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଭିତ୍ତିକ ନିଯୁକ୍ତି ଓ ମିଳିତ କ୍ରିୟାନୁଷ୍ଠାନ କମିଟିର ୫ଦଫା ଦାବି ନେଇ ଉପସ୍ଥିତ ମଞ୍ଚାସିନ ଅତିଥି ଆଲୋକପାତ କରିଥିଲେ । ଶୁକ୍ରବାରରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବିକ୍ଷୋଭ ଓ ଗଣଧାରଣା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କରିବାକୁ ଆଲୋଚନା କରିଥିଲେ । ସହୀଦ ଆଦିବାସୀ ସଂଗ୍ରାମୀ ବିର୍ଶା ମୁଣ୍ଡାଙ୍କ ଜୀବନୀ ଉପରେ ମଞ୍ଚାସିନ ଅତିଥି ମାନେ ଆଲୋକପାତ କରିଥିଲେ । ସ୍ଥାନୀୟ ୨୬ଗୋଟି ପଞ୍ଚାୟତରୁ ଶତାଧିକ ଯୁବକ ଯୁବତୀଙ୍କ ସହ ଜୋନ୍ ୩ର ଜିଲ୍ଲା ପରିଷଦ ସଭ୍ୟ କ୍ଷୀରୋଦ ନାୟକ, ସମିତି ସଭ୍ୟ ଲକ୍ଷ୍ମଣ ପୂଜାରୀ, ପୂର୍ବତନ ସରପଞ୍ଚ ହରିବନ୍ଧୁ ମାଝୀ, ଦାମଦର ପୂଜାରୀ, ରଘୁ ଭତ୍ରା, ପଙ୍କଜ ମାଝୀ, ପ୍ରସାଦ ମାଝୀ, ଖଗେଶ ଭତ୍ରା, ରୋମାଞ୍ଚ ନାୟକ ପ୍ରମୁଖଙ୍କ ସହ କୋଷାଗୁମୁଡ଼ା ବ୍ଲକର ମିଳିତ କ୍ରୀନୁଷ୍ଠାନ କମିଟିର ସଦସ୍ୟ ଉପସ୍ଥିତ ଥିଲେ ।

# ଭକ୍ତଙ୍କ ଭିଡରେ ଗାଈ ମଧ ଶୁଣୁଛି ଭକ୍ତି ଗୀତ

ଉମରକୋଟ(ଭାସ୍କର ନ୍ୟୁଜ): ଶୁକ୍ରବାର ପବିତ୍ର କାର୍ତ୍ତିକ ପୁର୍ଣିମା । କାର୍ତ୍ତିକ ମାସକୁ ସମଗ୍ର ଦେଶରେ ପବିତ୍ର ମାସ ରୂପେ ପାଳନ କରାଯାଏ । ଏହି ମାସରେ ସାଧାରଣତଃ ଜନତା ଆମିଷ କୁ ନିଷେଧ କରିଥାନ୍ତି । ମାସ ଯାକ ଲୋକେ ସକାଳୁ ସନ୍ଧ୍ୟାରେ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥାନ୍ତି । ମାସର ଶେଷ ପାଞ୍ଚ ଦିନକୁ ପଞ୍ଚୁକ ରୂପେ ପାଳନ କରାଯାଇଥାଏ । ଶେଷରେ ପୁର୍ଣିମା ଦିନ ଅଷ୍ଟପ୍ରହରୀର ଆୟୋଜନ ହୋଇଥାଏ ଏବଂ ଶ୍ରଦ୍ଧାଳୁ ଅଷ୍ଟପ୍ରହରୀରେ ଭଗବାନଙ୍କ



ସଂକୀର୍ତନ ଶୁଣି ନିଜକୁ ପବିତ୍ର କରିଥାନ୍ତି । ଏଭଳି ଏକ ଅଷ୍ଟପ୍ରହରୀରେ ଶ୍ରଦ୍ଧାଳୁଙ୍କ ଭିଡରେ ଏକ ଗାଈ ମଧ ସଂକୀର୍ତନ ଶୁଣୁଥିବା ଦେଖିବାକୁ ମିଳିଛି । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରରେ ଥିବା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ । ଏଠାରେ ପୁର୍ଣିମା ପାଇଁ ଅଷ୍ଟପ୍ରହରୀ ଚାଲୁଥିବା ବେଳେ ଭକ୍ତଙ୍କ ଭିଡରେ ଏକ ଗାଈ ଭଗବାନଙ୍କ ଭକ୍ତିରେ ସଂକୀର୍ତନ ଶୁଣୁଥିବା ଦେଖିବାକୁ ମିଳିଥିଲା । ଯେଭଳି କାମଧେନୁ ଗାଈଙ୍କ ଶରୀରରେ ସମସ୍ତ ଦେବୀଦେବତାଙ୍କ ବାସ ରହିଛି ସେଭଳି ଗୋମାତା ଭକ୍ତ ହୋଇ ସଂକୀର୍ତନ ଶୁଣି ନିଜକୁ ଧନ୍ୟ ମନେ କରୁଛି । ଏହା ଦେଖି ଲୋକେ ଆଶ୍ଚର୍ଯ୍ୟ ଚକିତ ହୋଇଛନ୍ତି ।

# ଚିତ୍ରୋତ୍ପଳା ନଦୀରେ ବୋଇତ ବନ୍ଦାଣ ଉତ୍ସବ



ଗରଦପୁର(ଭାସ୍କର ନ୍ୟୁଜ): ସପ୍ତମ ଶତାବ୍ଦୀର ଉତ୍କଳୀୟ ନୌବାଣିଜ୍ୟ ଓ ବୌଦ୍ଧ ଧର୍ମର ସାଧନା କ୍ଷେତ୍ର ଚେଳିତୋଳା ବା ଆଧୁନିକ ଚିତ୍ରୋତ୍ପଳା ନଦୀର ଶ୍ରୀ ଶ୍ରୀ ବଜ୍ର ଗଦାଧର ମହାପୁରୁଷ ପୀଠ ନଦୀଘାଟରେ ଉତ୍କଳୀୟଙ୍କ ଐତିହାସିକ ନୌ ବାଣିଜ୍ୟ ଗାଥା ମନେପକାଇ ଶୁକ୍ରବାର ପାଟକୁରା ବିକାଶ ମଞ୍ଚ ପକ୍ଷରୁ ଚିତ୍ରୋତ୍ପଳା ବୋଇତ ବନ୍ଦାଣ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଶତାଧିକ ପୁରୁଷ ଓ ମହିଳା ବଜ୍ର ଗଦାଧର ପୀଠରୁ ସଂକିର୍ତ୍ତନ କରି ଚିତ୍ରୋତ୍ପଳା ନଦୀ କୁଳକୁ ଯାଇ ସୁସଜ୍ଜିତ ହୋଇ ପୂର୍ବରୁ ରହିଥିବା ନୌକା ନିକଟରେ ପହଞ୍ଚିଥିଲେ। ମହିଳା ମାନେ ନୌକାକୁ ଆ କା ମା ବୈ ଧ୍ୱନିରେ ବନ୍ଦାପନା କରିବା ସହ ସାଧବ ପୁଅ ବେଶରେ ସଜ୍ଜିତ ସାଧବ ପୁଅଙ୍କୁ ବନ୍ଦାପନା ପରେ ନଦୀରେ ନୌବିହାର ଓ ଚାପଖେଳ ଆରମ୍ଭ ହୋଇଥିଲା। ଶତାଧିକ ଲୋକ ବୋଇତ ବନ୍ଦାଣ ଉତ୍ସବକୁ ଉପଭୋଗ କରିଥିଲେ। ବିଜେପିର ବରିଷ୍ଠ ନେତା ତଥା ରାଜ୍ୟ କାର୍ଯ୍ୟକାରଣୀ ସଦସ୍ୟ ମାନସ ରଞ୍ଜନ ମହାନ୍ତି, ବିଜେପି ନେତ୍ରୀ ମନିସା ପଣ୍ଡା, ବିଜେପି ନେତା ତଥା କୃଷକ ନେତା ରଞ୍ଜିତ ଆଚାର୍ଯ୍ୟ, ବରିଷ୍ଠ ଆଇନଜିବି ଶିବ ପ୍ରସାଦ ସିଂହ, ସମାଜସେବି ନବାବ ପଣ୍ଡା, ତଳକୁସୁମା ସରପଞ୍ଚ ପ୍ରଭାତ ନଳୀନି ଜେନା ପ୍ରମୁଖ ଓଡ଼ିଆ ପୁଅଙ୍କ ବିରତ୍ୱ ଓ ସାହସ କଥା ବଖାଣି ଆମ ପରମ୍ପରା ଓ ସଂସ୍କୃତିକୁ ବଞ୍ଚାଇ ରଖିବାକୁ ଆଗାମୀ ପିଢିଙ୍କୁ ପରାମର୍ଶ ଦେଇଥିଲେ। ପରିବେଶବିତ୍ ତଥା ଚିତ୍ରୋତ୍ପଳା ବୋଇତ ବନ୍ଦାଣ ଉତ୍ସବର ଆବାହକ ସନ୍ତୋଷ ଜେନା ଓ ସମ୍ପାଦକ ସନାତନ ଦାସ ଆଗାମୀ ବର୍ଷ ଗଦାଧର ଘାଟରେ ବୋଇତ ବନ୍ଦାଣ ସହ ବାଲିଯାତ୍ରା ହେବ ବୋଲି ଘୋଷଣା କରିଥିଲେ। ଶେଷରେ ତଳକୁସୁମାର ପୂର୍ବତନ ସରପଞ୍ଚ ଅଶୋକ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଜନଜାତୀୟ ଗୌରବ ଦିବସ




ଢେଙ୍କାନାଳ(ଭାସ୍କର ନ୍ୟୁଜ): ଧରତୀ ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ସାରା ଦେଶରେ ଗୌରବ ଦିବସ ପାଳିତ ହୋଇଛି । ଜନଜାତୀୟ ଗୌରବ ଦିବସ ପାଳନ ଅବସରରେ ବିହାରର ଜମୁଇ ଜିଲ୍ଲାରୁ ଆଭାସି ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଦିବାସୀ ସମ୍ପ୍ରଦାୟର ଭାଇଭଉଣୀଙ୍କୁ ସମ୍ବୋଧନ କରି ପ୍ରକୃତିର ସୁରକ୍ଷା ଓ ଦେଶର ସ୍ୱାଧୀନତାପ୍ରାପ୍ତି ପାଇଁ ସେମାନଙ୍କ ଅବଦାନ ଅବିସ୍ମରଣୀୟ ସୁରକ୍ଷା ଓ ଦେଶର ସ୍ୱାଧୀନତା ପ୍ରାପ୍ତି ପାଇଁ ସେମାନଙ୍କ ଅବଦାନ ଅବିସ୍ମରଣୀୟ ବୋଲି ପ୍ରକାଶ କରିଥିଲେ । ବିର୍ସାମୁଣ୍ଡାଙ୍କ ନାମରେ ୧୫୦ ଟଙ୍କିଆ ମୁଦ୍ରା ଏବଂ ୫ ଟଙ୍କିଆ ଡାକଟିକେଟ୍‌କୁ ସେ ଉନ୍ମୋଚନ କରିବା ସହ ୬ହଜାର କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ କରିଛନ୍ତି । ଏହି ଅବସରରେ ଢେଙ୍କାନାଳ ମିନି ଷ୍ଟାଡିୟମ୍ ଠାରେ ଏକ ଉତ୍ସବ ଆୟୋଜନ କରାଯାଇଥିଲା । ଉତ୍ସବରେ ମାନ୍ୟବର ସାଂସଦ ରୁଦ୍ର ନାରାୟଣ ପାଣି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଜିଲ୍ଲା ପରିଷଦର ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ ଏବଂ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀଙ୍କ ପ୍ରତିନିଧି ରାମଚନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇଥିଲେ । ଜନଜାତିମାନଙ୍କୁ ଶିକ୍ଷିତ କରାଇ ସେମାନଙ୍କର ଆର୍ଥିକ, ସାମାଜିକ, ରାଜନୈତିକ ଜୀବନରେ ବିକାଶ ପାଇଁ ଆଗେଇ ଆସିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଜନଜାତିଙ୍କ ଇତିହାସ ମହାନ । ଦେଶକୁ ଗୌରବାନ୍ୱିତ କରିବାରେ ସେମାନଙ୍କର ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ । ସମସ୍ତେ ସଂଗଠିତ ହୋଇ ଶିକ୍ଷାର ଅଭାବ ଓ ଦାରିଦ୍ର୍ୟ କାରଣରୁ ଅବହେଳିତ ଥିବା ଜନଜାତିଙ୍କ ପ୍ରକୃତ କଲ୍ୟାଣ କଲେ ବିକଶିତ ଭାରତ ସ୍ୱପ୍ନ ସାକାର ହେବ ବୋଲି ଆଶାବ୍ୟକ୍ତ କରିଥିଲେ । ବିର୍ସା ମୁଣ୍ଡାଙ୍କ ନେତୃତ୍ୱ ଓ ବିଦ୍ରୋହ ସାରା ଭାରତ ବର୍ଷକୁ ଅନୁପ୍ରାଣୀତ କରିପାରିଥିଲା । ମୁକ୍ତ ଆନ୍ଦୋଳନ କରି ମାତ୍ର ୨୫ବର୍ଷ ବୟସରେ ସହୀଦ ହେବାର ସୌଭାଗ୍ୟ ଅର୍ଜନ କରିଥିବାରୁ ସେ ଧରତୀ ଆବା ଭଗବାନ ଆଖ୍ୟା ପାଇଥିଲେ ବୋଲି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ପ୍ରକାଶ କରିଥିଲେ । ପ୍ରାରମ୍ଭରେ ସମାଜ ମଙ୍ଗଳ ଅଧିକାରୀ ରୁଦ୍ର ପ୍ରସନ୍ନ ପରିଜା ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ସଂପର୍କରେ ଅବଗତ କରାଇଥିଲେ । ଏହି ଉତ୍ସବରେ ଜିଲ୍ଲାର ଜନଜାତି ଭାଇଭଉଣୀ, ମାନ୍ୟଗଣ୍ୟ ବ୍ୟକ୍ତିଗଣ, ସମସ୍ତ ପ୍ରଶାସନିକ ଅଧିକାରୀଗଣ, ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇଥିଲେ । ଅବନୀ ମିଶ୍ର କାର୍ଯ୍ୟକ୍ରମ ସଂଚାଳନ କରିଥିଲେ । ମିନି ଷ୍ଟାଡିୟମ୍ ପରିସରରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ହସ୍ତଶୀଳ୍ପ ସାମଗ୍ରୀ ଷ୍ଟଲ୍ ପ୍ରଦର୍ଶନୀ ହୋଇଥିଲା ।

# ତାଳଚେରର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିଶୁ ଦିବସ ପାଳିତ




ତାଳଚେର(ଭାସ୍କର ନ୍ୟୁଜ): ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁ ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଅନୀଲ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଗବେଷକ ବିଭୂତି ଭୂଷଣ ସାହୁ, ସମ୍ମାନୀୟ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ, କୋଷାଧକ୍ଷ ପଞ୍ଚାନନ ବେହେରା ଓ ମୁଖ୍ୟ ବକ୍ତା ଭାବରେ ଆଚାର୍ଯ୍ୟା ସବିତା ସାହୁ ପ୍ରମୁଖ ଯୋଗ ଦେଇ ଚାଚା ନେହେରୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ଏହି ଅବସରରେ ଅତିଥିମାନେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଜୀବନୀ ଦର୍ଶନ ଉପରେ ଆଲୋକପାତ କରିବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ପୂର୍ବ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ଗୁରୁଜୀ,ଗୁରୁମା ସହଯୋଗ କରିଥିଲେ । ଏମସିଏଲ ଜଗନ୍ନାଥ କ୍ଷେତ୍ର ଅନ୍ତର୍ଗତ ଡିଏଭି ପବ୍ଲିକ୍ ସ୍କୁଲ, ଅନନ୍ତ ବିହାର ପରିସରରେ ଶିଶୁ ଦିବସ ପାଳିତ ହୋଇଯାଇଛି । ଉକ୍ତ ଉତ୍ସବରେ ଅତିଥି ଭାବେ ଏମ୍.ସି.ଏଲ୍. ଜଗନ୍ନାଥ କ୍ଷେତ୍ରର ଏଏଫଏମ ପ୍ରଦୀପ କୁମାର ସାହୁ, ଏସଓ(ସିଭିଲ) ରିତୁରାଜ ଶର୍ମା, ଅନନ୍ୟା ମହିଳା ମଣ୍ଡଳର ସଭାନେତ୍ରୀ ସୁସ୍ମିତା ଧଳ ଏବଂ ଅନ୍ୟାନ୍ୟ ଅତିଥିଗଣ ଜବାହରଲାଲ ନେହେରୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏଥି ସହିତ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ଅଧକ୍ଷା ଜ୍ୟୋତି ମିଶ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହିତ ନେହେରୁଙ୍କ ଜୀବନର ଯଶସ୍ୱୀ ଦିଗ ପ୍ରତି ଆଲୋକପାତ କରିଥିଲେ । ଛାତ୍ରୀ ଯାଜ୍ଞସେନୀ ସାହୁ ନେହେରୁଙ୍କ ଉପରେ ଏକ ସାରଗର୍ଭକ ଅଭିଭାଷଣ ପ୍ରଦାନ କରିଥିଲେ । ପୂର୍ବ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ସାଂସ୍କୃତିକ ପ୍ରତିଯୋଗିତାରେ ମଧୁସୂଦନ ହାଉସ୍ ଦଳଗତ ଚାମ୍ପିୟନ ଓ ଗଙ୍ଗାଧର ହାଉସ୍ ରନର୍ସ୍ ଅପ୍ ସିଲ୍ଡ ହାସଲ କରିଥିଲେ । ଏହି ଦିବସ ଉପଲକ୍ଷେ ପିଲାମାନେ ରନ୍ଧନ ବିନା ଖାଦ୍ୟ ପ୍ରସ୍ତୁତି ଏବଂ ରଙ୍ଗୋଲି ପ୍ରତିଯୋଗିତାରେ ଭାଗ ନେଇଥିଲେ । କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମଚାରୀ ସହଯୋଗ କରିଥିଲେ । ଜଗନ୍ନାଥ କ୍ଷେତ୍ର ଡ଼ିଏଭି ସ୍କୁଲରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଓ ଶିଶୁ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ବିଦ୍ୟାଳୟରେ ଚାଲିଥିବା କ୍ରୀଡ଼ା ପ୍ରତିଯୋଗିତାର ଉଦ୍ ?ଯାପନୀ ଏବଂ କୁନି କୁନି ପିଲାମାନଙ୍କର ବିଭିନ୍ନ ପ୍ରତିଯୋଗିତା ସହ ବିଜ୍ଞାନ ଏବଂ ସାମାଜିକ ବିଜ୍ଞାନର ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଜଗନ୍ନାଥ କ୍ଷେତ୍ର ଜିଏମ୍ ତଥା ସ୍କୁଲର ସଭାପତି ଅଶୋକ କୁମାର ଧଳ ନିମନ୍ତିତ ହୋଇଥିଲେ । ସମ୍ମାନୀୟ ଅତିଥି ଭାବେ ଅନନ୍ୟା ମହିଳା ମଣ୍ଡଳ ସଭାପତି ସୁସ୍ମିତା ଧଳ ଏହି ଉତ୍ସବରେ ଯୋଗଦାନ କରିଥିଲେ । ବିଦ୍ୟାଳୟର ଅଧକ୍ଷା ଶୁକ୍ଳା ଚକ୍ରବର୍ତ୍ତୀ ଉପସ୍ଥିତ ସମସ୍ତ ମାନ୍ୟଗଣ ବ୍ୟକ୍ତିଙ୍କୁ ଭବ୍ୟ ସ୍ୱାଗତ କରିଥିଲେ । କାର୍ଯ୍ୟକ୍ରମର ଶୁଭାରମ୍ଭରେ ନେହେରୁଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା ଏବଂ ପ୍ରକଳ୍ପ ପ୍ରଦର୍ଶନୀ ଉଦ୍ ?ଘାଟିତ ହୋଇଥିଲା । ବିଦ୍ୟାଳୟରେ ଗଠିତ ସଦନ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ସମ୍ମାନୀୟ ଅତିଥିଙ୍କ ସମେତ ମହିଳା ମଣ୍ଡଳର ସଦସ୍ୟାଗଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ବିଦ୍ୟାଳୟରେ ଅନୁଷ୍ଠିତ ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ ଅରବିନ୍ଦ ସଦନ ଚମ୍ପିୟାନ ହୋଇଥିବା ସ୍ଥଳେ ଦୟାନନ୍ଦ ସଦନ ରନର୍ସ ଅପ ହୋଇଥିଲା । ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ମିଷ୍ଟାନ ବଣ୍ଟନ କରାଯାଇଥିଲା ।



ନିଆଳି (ଭାସ୍କର ନ୍ୟୁଜ୍) : ପବିତ୍ର ଶିଶୁ ଦିବସ ନିଆଳି ବ୍ଲକ୍ ଅନ୍ତର୍ଗତ କପାସୀ ପଞ୍ଚାୟତ ପୋଦନା ଗୁରୁକୃପା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ନିଆରା ଢଙ୍ଗରେ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଜନସାଧାରଣଙ୍କୁ ନୃତ୍ୟ, ଗୀତ ଓ ଏକକ ଅଭିନୟ ମାଧ୍ୟମରେ ସଚେତନ କରାଇଛନ୍ତି । ଛାତ୍ରଛାତ୍ରୀ ମାନେ ଶୋଭାଯାତ୍ରାରେ ଯାଇ ଅଠାନ୍ତର, ବରିମୁଣ୍ଡେଇ, ଓ୍ୱାଉପଲ୍ଲୀ, କୂଳ ଜଲ୍ଲାରପୁର, ତାମ୍ପଦା, ମାଧବକୂଳ, କରାଙ୍ଗ, ପୋକାମୂଳ, କକିଶାଳ, ଗୁଣ୍ଡର, ପାଟେଳୀ, ଷଡାଂଶ, କପାସୀ ଓ ପୋଦନା ଗ୍ରାମରେ ପହଞ୍ଚି ନୃତ୍ୟ, ଗୀତ ଏକକ ଅଭିନୟ ସହ ପଥପ୍ରାନ୍ତ ନାଟକ କରି ନିଶା ନିବାରଣ, ଦୁର୍ନୀତି ନିବାରଣ, ଯୌତୁକ ନିର୍ଯ୍ୟାତନା, ସ୍ୱଚ୍ଛ ପରିମଳ ବ୍ୟବସ୍ଥା ଓ ନାରୀ ଶିକ୍ଷାର ଅଗ୍ରଗତି ସମ୍ପର୍କରେ ସଚେତନ କରାଇଥିଲେ । ଏହି କାର୍ଯ୍ୟକ୍ରମ ଦେଖିବା ପାଇଁ ବିଭିନ୍ନ ସ୍ଥାନରେ ଗ୍ରାମବାସୀମାନଙ୍କ ଭିଡ ପରିଲକ୍ଷିତ ହୋଇଥିଲା । ବିଦ୍ୟାଳୟର ସଭାପତି ଗୌତମ ମଲ୍ଲିକ୍, ସମ୍ପାଦକ ପ୍ରକାଶ ଚନ୍ଦ୍ର ନାୟକ, ସହ ସମ୍ପାଦକ ମନୋଜ କୁମାର ସେନାପତି, ମହେନ୍ଦ୍ରନାଥ ରାଉତ, କରାଙ୍ଗ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ନାୟକ, ସନ୍ତୁ ବିବେକାନନ୍ଦ ଦାସ, ସଞ୍ଜୀବ ରାଉତଙ୍କ ସମେତ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



## ‘ଗୌରବମୟ ନୌବାଣିଜ୍ୟ ପରମ୍ପରାର ମୂକସାକ୍ଷୀ’

# ଦେବୀ ନଦୀ ପଠାରେ ବୋଇତ ବନ୍ଦାଣ ଉତ୍ସବ



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ଆ କା ମା ବୈ, ପାନ ଗୁଆ ଥୋଇ, ପାନ ଗୁଆ ତୋର, ମାସକ ଧରମ ମୋର । ଏହି ଡାକରେ ଉତ୍ସବ ମୁଖର ହୋଇଥିଲା ନଦୀ ଓ ପୁଷ୍କରଣୀ ପୀଠ । ଦୀପର ଆଲୋକରେ ଆଲୋକିତ ହେବା ସହିତ ଓଡ଼ିଆ ଗୃହିଣୀଙ୍କ ହୁଳହୁଳି ଶବ୍ଦରେ ପ୍ରକମ୍ପିତ ହୋଇଥିଲା । ପ୍ରାଚୀନ ଓଡିଶା ବା ଉତ୍କଳ କିମ୍ବା କଳିଙ୍ଗର ସମୃଦ୍ଧ ନୌବାଣିଜ୍ୟ ପରମ୍ପରା ଥିଲା ଭାରତ ଇତିହାସର ଏକ ଗୌରବମୟ ଅଧ୍ୟାୟ । କଳିଙ୍ଗ ସାହସୀ ନାବିକ ମାନେ ସମୁଦ୍ର ବକ୍ଷରେ ବୋଇତ ଭସାଇ ଦକ୍ଷିଣ ଓ ଦକ୍ଷିଣ ପୂର୍ବ ଏସିଆ ସମେତ ଚୀନ, ୟୁରୋପ ଆଦି ଦେଶ ସହିତ ବାଣିଜ୍ୟକ ସମ୍ପର୍କ ପ୍ରତିଷ୍ଠା ମାଧ୍ୟମରେ ଋଦ୍ଧିମନ୍ତ କରିଥିଲେ । ଓଡ଼ିଆ ସାଧବପୁଅ ସାତ ସମୁଦ୍ର ପାର ହୋଇ ଜାଭା, ସୁମାତ୍ରା, ବାଲି, ବୋର୍ଣ୍ଣିଓ, ସିଂହଳ ବ୍ରହ୍ମଦେଶ କୁ ବୋଇତ ଯାତ୍ରା କରୁଥିଲେ । କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଉତ୍ସବ ମୁଖର ହୋଇ ଉଠିଥିଲା ଦେବୀ ନଦୀ ପଠାର ଉତ୍କଳୀୟ ପରମ୍ପରା ର ସ୍ମୃତି ବହନ କରୁଥିବା ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ତାଳଦା ପଂଚାୟତ ଓ ଜଗତସିଂହପୁର ଜିଲ୍ଲାର ବାଲିକୁଦା ବ୍ଲକର ତରାସାହି ପଂଚାୟତ ର ମିଳିତ ସହଯୋଗ ରେ ଅନୁଷ୍ଠିତ ଆଞ୍ଚଳିକ ବୋଇତ ବନ୍ଦାଣ ଉତ୍ସବ ।ପ୍ରାଚୀନ ନୌବାଣିଜ୍ୟ ପରମ୍ପରା କୁ ଉଜ୍ଜୀବିତ କରିବା ତଥା ଭାତୃଭାବର ଆଦାନ ପ୍ରଦାନ ପାଇଁ ଏହି ଉତ୍ସବ କେବଳ ଭାଇଚାରାର ପ୍ରତୀକ ରୂପେ ପାଳିତ ହୋଇଯାଇଛି ।ଏହି ଆଞ୍ଚଳିକ ବୋଇତ ବନ୍ଦାଣ ଉତ୍ସବ ୨୦୨୪ ତାଳଦା ଓ ତରାସାହି ଗ୍ରାମ ପଂଚାୟତ ମିଳିତ ସହଯୋଗ ରେ ଆୟୋଜିତ କାର୍ଯ୍ୟକ୍ରମ ରେ ସଭାପତି ବିଜୟ କୁମାର ପଢିୟାରୀ ଙ୍କ ସଭାପତିତ୍ୱ ରେ ମୁଖ୍ୟଅତିଥି ଭାବେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ସଂମାନୀତ ଅତିଥି ଜିଲ୍ଲାପରିଷଦ ସରସ୍ୱତୀ ସ୍ୱାଇଁ, ବନିତା ବେହେରା ଓ ତାଳଦା, ତରାସାହି, ଆଳସାହି, ସରପଞ୍ଚ ଓ ସମିତିସଭ୍ୟଙ୍କ ଉପସ୍ଥିତରେ କାର୍ଯ୍ୟକ୍ରମ ଉଦ୍‌ଘାଟନ କରାଯାଇଥିଲା । ଏହାପରେ ଦେବୀ ନଦୀ ପଠାନିକଟରେ ସୁସଜ୍ଜିତ ବେଶରେ ସଜ୍ଜିତ ସାତ ଜଣ ସାଧବ ପୁଅଙ୍କୁ ସାଧବବୋହୁ ମାନେ ବୋଇତ ବନ୍ଦାପନା କରି ମେଲାଣି ଦେଇଥିଲେ । ଧୂପ ଦୀପ ଚନ୍ଦନ ଓ ପୁଷ୍ପରେ ପୂଜାର୍ଚ୍ଚନା କରିଥିଲେ । ସୁସଜ୍ଜିତ ସାତ ଜଣ ସାଧବ ପୁଅ ଜ୍ଞାନ ପ୍ରକାଶ ବିଶ୍ୱାଳ, ଦିବାକର ସାହୁ, ମାନସ ବିଶ୍ୱାଳ, ରାଜେନ୍ଦ୍ର ମହାନ୍ତି, ନଳିନୀ କାନ୍ତ ବିଶ୍ୱାଳ, ସନ୍ତୋଷ ମହାନ୍ତି ଓ ସୁନୀଲ ନାୟକ ବେଶରେ ସଜ୍ଜିତ ହୋଇଥିବା ବେଳେ ସାଧବ ବୋହୁ ବେଶରେ ଶସ୍ମିତା ବିଶ୍ୱାଳ, ଲଳିତା ସାହୁ, ପ୍ରିୟଙ୍କା ବିଶ୍ୱାଳ, ତୃପ୍ତିମୟୀ ଦାଶ, କାମିନୀ ବିଶ୍ୱାଳ, ଶୁଭଶ୍ମିତା ମହାନ୍ତି ଓ ସୀମାରାଣୀ ନାୟକ ସଜ୍ଜିତ ହୋଇଥିଲେ । ତଅପୋଇ ବେଶରେ ପ୍ରିୟା ପରିଡା ସୁସଜ୍ଜିତ ହୋଇଥିଲେ । ଅତିଥି ମାନେ ଓଡ଼ିଶାର ନୌବାଣିଜ୍ୟ ସ୍ମରଣ ଏବଂ କାର୍ତ୍ତିକ ପୂର୍ଣ୍ଣିମା ପାଳନର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ । ଚଳିତ ବର୍ଷ ତାଳଦା ପଂଚାୟତ ଓ ତରାସାହି ପଂଚାୟତ ମିଳିତ ଆୟୋଜନ ଆରମ୍ଭ ହୋଇଥିବାରୁ ବୋଇତ ବନ୍ଦାଣ ଉତ୍ସବ ଦେଖିବାକୁ ସ୍ଥାନୀୟ ଅଂଚଳ ଶତାଧିକ ଲୋକଙ୍କ ସମାଗମ ପ୍ରତ୍ୟୁଷରୁ ଦେବୀନଦୀ ପଠାରେ ଦେଖିବାକୁ ମିଳିଥିଲା । ଏହି ଆଞ୍ଚଳିକ ବୋଇତ ବନ୍ଦାଣ ଉତ୍ସବ ୧୮ତାରିଖରେ ଶେଷ ହେବ । ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଆଜିର ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ଉପଦେଷ୍ଟା ପ୍ରତାପ ପରିଡା, ରବି ମଲ୍ଲିକ,ଉପସଭାପତି ପ୍ରଦୀପ୍ତ ବିଶ୍ୱାଳ, ସାଧାରଣ ସମ୍ପାଦକ ଯଯାତି କେଶରୀ ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ମହାଦେବଙ୍କ ଯଜ୍ଞର ପୂର୍ଣ୍ଣାହୂତି

ନିଆଳି (ଭାସ୍କର ନ୍ୟୁଜ୍) : ନିଆଳି ବଙ୍ଗାଳି ସାହି ପ୍ରସିଦ୍ଧ ଶୋଭନେଶ୍ୱର ମହାଦେବଙ୍କ ପୀଠରେ ଅଁଳା ନବମୀ ଠାରୁ ଆରମ୍ଭ ହୋଇ ୫ ଦିନ ବ୍ୟାପୀ ଚାଲିଥିବା ଯଜ୍ଞର ଆଜି ପୂର୍ଣ୍ଣାହୂତୀ ହୋଇଛି । ଏହି ଯଜ୍ଞରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିବା ବେଳେ ପଣ୍ଡିତ ବିପିନ ବିହାରୀ ମିଶ୍ର, ରାଜକିଶୋର ମିଶ୍ର, ଭଗବାନ ମିଶ୍ର, ସଞ୍ଜୟ ଷଡଙ୍ଗୀ, ସଚ୍ଚିଦାନନ୍ଦ ଦାସ, ପୂଜା କର୍ମ ସମାପନ କରିଥିଲେ । କର୍ତ୍ତା ପ୍ରଦ୍ୟୁମ୍ନ ସେନାପତି, ପ୍ରଭାତ ରଶ୍ମି ପୁଷ୍ପାଳକ ଓ ସହକର୍ତ୍ତା ପ୍ରବୀର ଜେନା, ବିଦ୍ୟୁଲତା ଜେନା ହୋଇଥିଲେ । ସଭାପତି ତ୍ରିଲୋଚନ ନାୟକ, ସମ୍ପାଦକ ବିଜୟ ସିଂ ପରିଚାଳନା କରିଥିବା ବେଳେ, ସହଯୋଗ କରିଥିଲେ ଦେବାଶୀଷ ଷଡଙ୍ଗୀ, ପତିତପାବନ ବାରିକ, ମୁରଲୀଧର ମିଶ୍ର, ମହାପାତ୍ର ଧରଣୀଧର ପଣ୍ଡା, ସରପଞ୍ଚ ଜ୍ୟୋତି ରଞ୍ଜନ ମଲ୍ଲିକ୍, ତ୍ରିଲୋଚନ ବେହେରା ଓ ଅନ୍ୟମାନେ କାର୍ଯକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ହଜାର ହଜାର ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ବେଳେ ଏହାର ସମସ୍ତ ଦାୟିତ୍ୱ ନେଇଥିଲେ ଦେବାଶୀଷ ଷଡଙ୍ଗୀ ।

# ଉତ୍ସବ ମୁଖରିତ ଶ୍ରୀଶ୍ରୀ ଅନନ୍ତ ଶୟନଙ୍କ ପୀଠସ୍ଥଳୀ



ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ସରାଙ୍ଗ ପଞ୍ଚାୟତ ଅନ୍ତର୍ଗତ ପୁରୁଣା ଗାଁକୁ ଲାଗି ବ୍ରାହ୍ମଣୀ ନଦୀ ତଟରେ ପ୍ରଖ୍ୟାତ ବିଷ୍ଣୁଙ୍କ ଆନନ୍ତଶୟନ ମୂର୍ତ୍ତି ପଠା ଉପରେ ପୂଜା ପାଇଆସୁଛନ୍ତି । ଶ୍ରୀଶ୍ରୀ ଅନନ୍ତ ଶୟନଙ୍କ ପ୍ରାଙ୍ଗଣରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ ହେଉଥିବା ଦୀର୍ଘ ବର୍ଷର ପରମ୍ପରାକୁ ବଜାୟ ରଖି ଚଳିତ ବର୍ଷ କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ଲୋକ ମହୋତ୍ସବ ,ବୋଇତ ବନ୍ଦାଣ ଓ ବିଶ୍ୱଶାନ୍ତି ମହାଯଜ୍ଞରେ ପରିବେଶ ଉତ୍ସବ ମୁଖର ହୋଇଉଠିଥିଲା । ପୂର୍ଣ୍ଣିମା ଦିନରେ ନଦୀ ପଠାରେ ସକାଳ ୭ ଘଟିକା ସମୟରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିବା ବେଳେ ଗ୍ରାମ୍ୟ କମିଟି ସଭାପତି ରାଜେନ୍ଦ୍ର କୁମାର ସିଂହ କର୍ତ୍ତା ଓ ଶ୍ରୀଧର ଆଚାର୍ଯ୍ୟ ପୂଜକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ସେହିପରି ସକାଳ ପୂର୍ବାହ୍ନରେ ଭଜନ ସମାରୋହ , ଅପରାହ୍ନରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ରହିଥିବା ବେଳେ ରାତି ରଙ୍ଗାରଙ୍ଗ କଟକର ଓ଼ମକାର ମେଲୋଡି କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ବୋଇତ ବନ୍ଦାଣ ଉତ୍ସବରେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବାବେଳେ ଅନ୍ୟତମ ସମ୍ମାନୀତ ଅତିଥି ସ୍ଥାନୀୟ ସରପଞ୍ଚ କୃଷ୍ଣ ଚନ୍ଦ୍ର ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅକ୍ଷୟ କୁମାର ବେହେରା, ଗ୍ରାମ୍ୟ କମିଟି ସଭାପତି ରାଜେନ୍ଦ୍ର ସିଂହ ,ଲୋକ ମହୋତ୍ସବ ସଭାପତି ସୁଶାନ୍ତ କୁମାର ସିଂହଙ୍କ ସମେତ ସମସ୍ତ କମିଟି ସଦସ୍ୟ ଓ ଅଞ୍ଚଳର ବହୁ ମାନ୍ୟଗଣ୍ୟ ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲେ । ପରିଶେଷରେ ସନ୍ତୋଷ କୁମାର ପ୍ରଧାନ ଅତିଥି ପରିଚୟ କରି ମଞ୍ଚ ସଞ୍ଚାଳନ ଦାୟିତ୍ୱ ନିର୍ବାହ କରିଥିଲେ ।

# ଆଇନଜୀବୀ ଉପେନ୍ଦ୍ର ନାଥଙ୍କ ସ୍ମୃତିସଭା



ବ୍ୟାସନଗର (ଭାସ୍କର ନ୍ୟୁଜ୍) : କ୍ୟାନ୍ସରରେ ପରଲୋକ ଘଟିଥିବା ବ୍ୟାସନଗରର ବରିଷ୍ଠ ଇନକମ୍ ଟାକ୍ସ ଆଇନଜୀବୀ ସ୍ୱର୍ଗତ ଉପେନ୍ଦ୍ର ନାଥ ଦାଶଙ୍କ ସ୍ମୃତିସଭା ଗତ ୧୪ ତାରିଖ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବ୍ୟାସନଗର ନାଗରିକ କମିଟି ଦ୍ୱାରା ଆହୂତ ଏହି ସଭାରେ ବହୁ ଅତିଥିମାନେ ସ୍ୱର୍ଗତ ଦାଶଙ୍କର ଅମରଆତ୍ମାର ସଦଗତି କାମନା କରିବାସହ ତାଙ୍କର ଅନେକ କାର୍ଯ୍ୟର ଗୁଣଗାନ କରିଥିଲେ । ଏମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ପ୍ରିତିରଞ୍ଜନ ଘଡାଇ, ଓଡିଶା ପୋଲିସ ଆଡିସନାଲ୍ ଡିଜି ସଞ୍ଜିବ୍ ପଣ୍ଡା, ପୂର୍ବତନ ପୌରଧକ୍ଷ ରସାନନ୍ଦ ମହାନ୍ତି, ପୂର୍ବତନ ପୌରାଧକ୍ଷା ସବିତା ରାଉତ, ବନ୍ଦିତା ପରିଡା, ଶ୍ରମିକ ନେତା ବିଦ୍ୟାଧର ମହାନ୍ତି, ଆଇନଜୀବୀ ବିବେକାନନ୍ଦ ମହାନ୍ତି, ରାଜିବ୍ ମହାନ୍ତି, ଚନ୍ଦ୍ରଶେଖର ପଣ୍ଡା, ଜଗନ୍ନାଥ ପ୍ରସାଦ ପତି, ନୋଟାରୀ ସସ୍ମିତା ସ୍ୱାଇଁ, ସମ୍ବାଦିକ ଉଦୟ ଖଣ୍ଡାଇ, ଉମାକାନ୍ତ ରାଉତ, ନିତ୍ୟାନନ୍ଦ ମାହାଳିକ, ସଞ୍ଜୟ ସରକାର୍, ବିଷ୍ଣୁପ୍ରସାଦ ଦାଶ, କିଶାନ୍ ବରାଳ, ପ୍ରଦୀପ ସାମଲ ପ୍ରମୁଖ ଯୋଗଦେଇଥିଲେ । ସ୍ୱର୍ଗତ ଦାଶଙ୍କର ଧର୍ମପତ୍ନୀ ଶାନ୍ତିଲତା ଦାଶ, ପୁତ୍ର ଅଂଶୁମାନ୍ ଦାଶ, କନ୍ୟା-ଅଂଶୁମାଳୀ ତ୍ରିପାଠୀ, ଜେମ୍ସ ସ୍କୁଲର ସଭାପତି ଅସ୍ମିତା ପତି, ସିନେ ଅଭିନେତ୍ରୀ ନୈନା ଦାଶ, ଜୋଇଁ- ସୁଶାନ୍ତ ତ୍ରିପାଠୀ, ବରିଷ୍ଠ ସାମ୍ବାଦିକ ଅଭୟ ପତି, ସିଦ୍ଧାର୍ଥ ତିୱାରୀ, ନାତିନାତୁଣୀ ଏବଂ ଅନେକ ବନ୍ଧୁ ପରିବାର ବର୍ଗ ଉକ୍ତ ସଭାରେଉପସ୍ଥିତ ଥିଲେ । ସ୍ମୃତିସଭାକୁ ନାଗରିକ କମିଟି ପକ୍ଷରୁ ପ୍ରଥମେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯିବା ପରେ ଡ. ଦୁଷ୍ମନ୍ତ ନାୟକ ପରିଚାଳନା କରିଥିଲେ । ନାଗରିକ କମିଟି ପକ୍ଷରୁ ଉପସଭାପତି ନରେନ୍ଦ୍ର ଜେନା ଏବଂ ହୃଦାନନ୍ଦ ସାମଲ, ସମ୍ପାଦକ ଦୁର୍ଯୋଧନ ରାଉତ, ହୃଷିକେଶ ସାହୁ, ଚନ୍ଦ୍ରମଣି ସାମଲ, ବଟକୃଷ୍ଣ ମହାରଣା, ଅକ୍ଷୟ କୁମାର ପଣ୍ଡା, ଡକ୍ଟର ପ୍ରମୋଦ ଶଥପତି, ଅରୁଣ ପରିଡା, ଦାମୋଦର ପଣ୍ଡା, କାର୍ତିକ ଚନ୍ଦ୍ର ସାହୁ, ସଦାଶିବ ଦାସ ପ୍ରମୁଖ ସ୍ୱର୍ଗତ ଦାଶଙ୍କର ଆଇନଜିବୀ ଏବଂ ସମାଜସେବା କ୍ଷେତ୍ରରେ କରିଥିବା ଅନେକ କାର୍ଯ୍ୟର ଗୁଣଗାନ କରିଥିଲେ । ଶେଷରେ ସ୍ୱର୍ଗତ ଦାଶଙ୍କର ମଝିଆ ଜୋଇଁ ତଥା ବରିଷ୍ଠ ସମ୍ବାଦିକ ଅଭୟ ପତି ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ମାଗଣା ସ୍ୱାସ୍ଥ୍ୟସେବା ଶିବିର

ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ୍) : ଇମ୍ଫା ଶିଳ୍ପଗୋଷ୍ଠୀର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଇଲାପଣ୍ଡା ଫାଉଣ୍ଡେସନ୍ ପକ୍ଷରୁ ଚୌଦ୍ୱାର ସ୍ଥିତ ଶାରଦାନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଇମ୍ଫାର ଉପପ୍ରବନ୍ଧକ ଧ୍ରୁବଚରଣ ରାଉତଙ୍କ ସଂଯୋଜନାରେ ଆୟୋଜିତ ଏହି ଶିବିରକୁ ଇମ୍ଫାର ସାଧାରଣ ପ୍ରବନ୍ଧକ ସୁଜିତ୍ କୁମାର ମିଶ୍ର ଓ ଚୌଦ୍ୱାର ପୌରପାଳିକାର ପୂର୍ବତନ ଉପନଗରପାଳ ତଥା ୧୬ନଂ. ଓ୍ୱାର୍ଡ଼ ପାରିଷଦ ଅଜୟ କୁମାର ବେହେରା ଉଦ୍‌ଘାଟନ କରିଥିଲେ । ଟାଙ୍ଗୀ ସ୍ଥିତ ପଦ୍ମିନୀ କେୟାର ହସ୍ପିଟାଲର ୫ଜଣ ଡାକ୍ତର ଯଥା ଅସ୍ଥିଶଲ୍ୟ, ଚର୍ମ, ଭେଷଦ, ସ୍ତ୍ରୀ ଓ ପ୍ରସୂତୀ ଏବଂ ଚକ୍ଷୁ ବିଭାଗର ଡାକ୍ତରମାନେ ପ୍ରାୟ ୩୫୦ରୁ ଉର୍ଦ୍ଧ୍ୱ ରୋଗୀଙ୍କର ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ବେଳେ ସେମାନଙ୍କୁ ଫାଉଣ୍ଡେସନ୍ ପକ୍ଷରୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା । ଏହାସହ ହସ୍ପିଟାଲର ପାରାମେଡ଼ିକାଲ କର୍ମଚାରୀଙ୍କ ଦ୍ୱାରା ରକ୍ତପରୀକ୍ଷା ଓ ମଧୁମେହ ପରୀକ୍ଷା ମଧ୍ୟ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପାରିଷଦ ଅର୍ଜିନୀ ବେହେରା, ଓ୍ୱାର୍ଡ଼ ପାରିଷଦ ସୁବ୍ରତ ସାମଲ, ପାରିଷଦ ରଞ୍ଜୁଲତା ଦାସ, ଦିଲ୍ଲୀପ ଭୂୟାଁ ଓ ଆଶୁତୋଷ ଦାସଙ୍କ ସହ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରତାପ ବାରିକ, ସୁଧାକର ମହାପାତ୍ର, ଦୀପକ ନାୟକ, ରାଜେନ୍ଦ୍ର ମହାରଣା, ଇମ୍ଫାର ଅଧିକାରୀ ଲଳାଟ କିଶୋର ମହାପାତ୍ର, ନିରଞ୍ଜନ ସାହୁ, ପ୍ରମୁଖ ଉପସ୍ଥିତ ଥିଲେ ।

## ବସପୁର ପଞ୍ଚାୟତ ଏମ୍‌ବିକେ ପଦବୀ ବିବାଦ

# ନିଯୁକ୍ତି ପ୍ରକ୍ରିୟା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଅନ୍ତର୍ଗତ ବସପୁର ପଂଚାୟତରେ ଏମ୍‌ବିକେ ପଦବୀ ନିମନ୍ତେ ବିବାଦ ନୂତନ ମୋଡ଼ ନେଇଛି । ଆଜି ଉଚ୍ଚନ୍ୟାୟାଳୟର ନିର୍ଦ୍ଦେଶ କ୍ରମେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ବସପୁର ଏମ୍‌ବିକେ ପଦବୀକୁ ରଦ୍ଦ କରିବା ସହ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ନୂତନ ଭାବେ ଏମ୍‌ବିକେ ନିଯୁକ୍ତ କରିବା ପାଇଁ ଡେରାବିଶ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଡେରାବିଶ ବ୍ଲକ ମିଶନ ଶକ୍ତି ପକ୍ଷରୁ ଗତ ୨୦୨୩ ମସିହାରେ ବସପୁର ପଂଚାୟତର ଏମ୍‌ବିକେ ପଦବୀରେ ନିଯୁକ୍ତ ପାଇଁ ମେରିଟ୍ ଲିଷ୍ଟ ବାହାରିଥିଲା । ଏହି ମେରିଟ ଲିଷ୍ଟରେ ପାର୍ବତୀ ଲେଙ୍କା ଓ ଲୋପିତା ସେନ୍ ଉଭୟଙ୍କ ମାର୍କ ସମାନ ରହିଥିଲା । ନିୟମାବଳୀ ଅନୁଯାୟୀ ଉଭୟ ଆବେଦନକାରୀଙ୍କ ମାର୍କ ସମାନ ରହିଲେ ବୟସର ବରିଷ୍ଠତା ଭିତିରେ ନିଯୁକ୍ତି ଦିଆଯିବ । ଏହି ନ୍ୟାୟରେ ପାର୍ବତୀ ଲେଙ୍କା ମେରିଟ୍ ଲିଷ୍ଟରେ ୧ ନମ୍ବର ଓ ଲୋପିତା ସେନ୍ ୨ ନମ୍ବରରେ ରହିଥିଲେ । ତେଣୁ ପାର୍ବତୀ ଲେଙ୍କାଙ୍କୁ ଏମ୍‌ବିକେ ଭାବେ ନିଯୁକ୍ତି ପତ୍ର ଦିଆଯାଇଥିଲା । ତେବେ ଲୋପିତାଙ୍କ ଅଭିଯୋଗ ଅନୁଯାୟୀ ପାର୍ବତୀ ନିଯୁକ୍ତି ପତ୍ର ପାଇବାର ୭ ଦିନ ମଧ୍ୟରେ ପଂଚାୟତ ମିଶନ ଶକ୍ତି କାର୍ଯ୍ୟାଳୟରେ କାର୍ଯ୍ୟରେ ଯୋଗଦେବା କଥା । ହେଲେ ପାର୍ବତୀ ନିର୍ଦ୍ଧାରିତ ସମୟରେ ପରେ ବ୍ଲକ ମିଶନଶକ୍ତି କାର୍ଯ୍ୟାଳୟରେ ଯୋଗ ଦେଇଥିଲେ । ତେଣୁ ପାର୍ବତୀଙ୍କ ନିଯୁକ୍ତି ପ୍ରକ୍ରିୟାକୁ ବେନିୟମ ଦର୍ଶାଇ ଲୋପିତା ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ । ଲୋପିତାଙ୍କ ଅଭିଯୋଗ ପାଇବାପରେ ଓଡ଼ିଶା ଉଚ୍ଚନ୍ୟାୟାଳୟ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦେବା ସହ ଆବେଦନକାରୀ ଲୋପିତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଏହାର ତଦନ୍ତ କରି ଡେରାବିଶ ବ୍ଲକ ମିଶନ ଶକ୍ତି ପକ୍ଷରୁ କରାଯାଇଥିବା ଏମ୍‌ବିକେ ନିଯୁକ୍ତି ପ୍ରକ୍ରିୟା ନିମନ୍ତେ ପୂର୍ବରୁ ପ୍ରକାଶ କରାଯାଇଥିବା ମେରିଟ ଲିଷ୍ଟକୁ ରଦ୍ଦ କରିଛନ୍ତି । ଏଥିସହିତ ଆସନ୍ତା ୨ ସପ୍ତାହ ମଧ୍ୟରେ ଏମ୍‌ବିକେ ପଦବୀ ପୂରଣ ପାଇଁ ନୂତନ ଭାବେ ନିଯୁକ୍ତି ପ୍ରକ୍ରିୟା ନିମନ୍ତେ ବିଜ୍ଞାପନ ପ୍ରକାଶ କରିବା ପାଇଁ ଡେରାବିଶ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଯେଉଁଥିରେ ପଂଚାୟତ ଅନ୍ତର୍ଗତ ଅନ୍ୟ ଅବେଦନକାରୀମାନଙ୍କ ସହିତ ପୂର୍ବ ମେରିଟ୍ ଲିଷ୍ଟରେ ଥିବା ଆବେଦନକାରୀମାନେ ମଧ୍ୟ ନୂତନ ଭାବେ ଆବେଦନ କରିପାରିବେ ।

## ମୁକୁନ୍ଦପୁର କ୍ଲଷ୍ଟର ସ୍ତରୀୟ ଶିଶୁ ଦିବସ

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ଶିକ୍ଷା ସର୍କଲ ଅଧୀନ ମୁକୁନ୍ଦପୁର କ୍ଲଷ୍ଟରରେ ଆଜି କ୍ଲଷ୍ଟର ସ୍ତରୀୟ ଶିଶୁଦିବସ ପାଳନ କରାଯାଇଛି । ଏହି ଉପଲକ୍ଷେ ମୁକୁନ୍ଦପୁର ପଂଚାୟତ ଅନ୍ତର୍ଗତ ପଂଚାୟତ ବିଦ୍ୟାପୀଠ ପରିସରରେ ମୁକୁନ୍ଦପୁର ଆଂଚଳିକ ସାଧନକେନ୍ଦ୍ର ସଂଯୋଜକ ବିଶ୍ୱଜିତ ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଡେରାବିଶ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ସମ୍ମାନିତ ଅତିଥିଭାବେ ବିଆରସିସି ଦେବଦତ ଶତପଥି, ଏବିଇଓ ସଚିକାନ୍ତ ମିଶ୍ର, ଏବିଇଓ ଖଗେଶ୍ୱର ନାୟକ ଓ ଯଅଁରାବାରିମୂଳ ଆଂଚଳିକ ସାଧନକେନ୍ଦ୍ର ସଂଯୋଜକ ପ୍ରଶାନ୍ତ ଶତପଥି ଯୋଗଦେଇ ଆଜିର ଶିଶୁମାନେ ଆସନ୍ତା କାଲିର ଦେଶର ଭବିଷ୍ୟତ ବୋଲି ଅବିହିତ କରିବା ସହ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଶିକ୍ଷାର୍ଥୀମାନଙ୍କର ପିତାମାତା ଭଳି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ସାଧନକେନ୍ଦ୍ର ଅଧିନସ୍ଥ ସମସ୍ତ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଶିତ ନୃତ୍ୟ ଓ ଅଭିନୟକୁ ଅତିଥିମାନେ ଭୂୟସୀ ପ୍ରଶଂସା କରିଥଲେ । ପ୍ରାରମ୍ଭରେ ମଳୟ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ପ୍ରଧାନ ଶିକ୍ଷକ ମନୋରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶିକ୍ଷକ ଦିପକ କୁମାର ବାରିକ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ମୁକୁନ୍ଦପୁର ୟୁଜିୟୁପି ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅନିତା ରାଉତ, ଶିକ୍ଷକ ମାନସ ପ୍ରସାଦ ମିଶ୍ର, ଅଭିରାମ ବାରିକ, ପ୍ରଶାନ୍ତ ନାୟକ, ଶେଖ ସାହାଜାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ସାଧନକେନ୍ଦ୍ର ସଂଯୋଜକ ବିଶ୍ୱଜିତ ମୁଦୁଲିଙ୍କର ଏହି ଅଭିନବ ପ୍ରୟାସକୁ ଅଭିଭାବକମାନେ ଭୂୟସୀ ପ୍ରଶଂସା କରିଥିଲେ ।

# ଜିଲ୍ଲାସ୍ତରୀୟ ଜନଜାତୀୟ ଗୌରବ ଦିବସ ପାଳିତ




କେନ୍ଦୁଝର (ଭାସ୍କର ନ୍ୟୁଜ୍) : ଉନବିଂଶ ଶତାବ୍ଦୀର ଶେଷ ଭାଗରେ ଭାରତର ପୂର୍ବାଞ୍ଚଳରେ ନିଜ ଅଦମ୍ୟ ସାହସ ବଳରେ ଇଂରେଜଙ୍କ ବିରୁଦ୍ଧରେ ସଂଗ୍ରାମ କରିଥିବା ମହାନାୟକ ଧରତୀ ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକୀ ଅବସରରେ ସମଗ୍ର ଦେଶରେ ଜନଜାତିୟ ଗୌରବ ଦିବସ ପାଳିତ ହୋଇଯାଇଛି । ଏହି ସ୍ୱତନ୍ତ୍ର ଦିବସ ପାଳନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିହାରର ଜାମୁଇ ଗସ୍ତ କରି ସମଗ୍ର ଦେଶବାସୀଙ୍କ ସହିତ ଆଭାସୀ ମାଧ୍ୟମରେ ଏହି ଦିବସକୁ ପାଳନ କରିବା ସହିତ ଜନଜାତି ବର୍ଗର ଲୋକଙ୍କ ଉନ୍ନତି ନିମିତ୍ତ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ଏହି ପରିପ୍ରେକ୍ଷୀରେ, ଓଡ଼ିଶା ସରକାରଙ୍କର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଓ କେନ୍ଦୁଝର ଜିଲ୍ଲା ପ୍ରଶାସନର ମିଳିତ ଅନୁକୁଲ୍ୟରେ ଜିଲ୍ଲା ସ୍ତରୀୟ ଧର୍ତି ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକୀ, ଧରଣୀଧର ବିଶ୍ୱବିଦ୍ୟାଳୟ ପଡିଆ ଠାରେ ମହାସମାରୋହରେ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡ଼ିଶା ସରକାରଙ୍କ ମାନ୍ୟବର ମନ୍ତ୍ରୀ, ଜଙ୍ଗଲ, ପରିବେଶ ସୁରକ୍ଷା, ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ଯୋଜନା ବିଭାଗ, ଗଣେଶ ରାମ ସିଂହ ଖୁଣ୍ଟିଆ ଏହି ସମାରୋହର ଉଦଘାଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମାନ୍ୟବର ସାଂସଦ କେନ୍ଦୁଝର ଅନନ୍ତ ନାୟକ, ବିଧାୟକ ତେଲକୋଇ ଡାଃ ଫକୀର ମୋହନ ନାଏକ, ବିଧାୟକ ପାଟଣା ଅଖିଳ ଚନ୍ଦ୍ର ନାଏକ, ଜିଲ୍ଲାପାଳ ବିଶାଳ ସିଂହ, କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି ଓ କେନ୍ଦୁଝରଗଡ଼ ପୌରାଧ୍ୟକ୍ଷା ନିକୁ ସାହୁ ମଂଚାସୀନ ହୋଇଥିଲେ । ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ମାନେ ଭଗବାନ ବିର୍ସା ମୁଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ସମ୍ମିଳିତ ଭାବେ ଆଭାସୀ ମାଧ୍ୟମରେ ବିହାରରୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ସିଧାପ୍ରସାରଣ ଦେଖିଥିଲେ । ନିଜ ଅଭିଭାଷଣରେ ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଥିଲେ ଯେ ଭଗବାନ ବିର୍ସା ମୁଣ୍ଡାଙ୍କ ବଳିଦାନର ଗାଥା ଆମକୁ ସର୍ବଦା ପ୍ରେରଣା ଯୋଗାଉଥିବ । ଏହି ପରିପ୍ରେକ୍ଷୀରେ, ବାଂଶପାଳ ବ୍ଲକର ବନମାଳୀ ଜୁଆଙ୍ଗ, ଲମ୍ବୋଦର ଜୁଆଙ୍ଗ, ଧନେଶ୍ୱର ଜୁଆଙ୍ଗ, ବିନୋଦ ଜୁଆଙ୍ଗଙ୍କୁ ପିଏମଜନମନ (ଗ୍ରାମୀଣ) ଅନ୍ତର୍ଗତ ଗୃହ ନିର୍ମାଣ ଲାଗି ସହାୟତା ରାଶି ପ୍ରଦାନ କରାଯାଇଥିଲା । ସେହିପରି ୨ଟି ଗୋଷ୍ଠୀଙ୍କୁ ସମ୍ପ୍ରଦାୟ ଜଙ୍ଗଲ ଅଧିକାର ପ୍ରଦାନ କରାଯାଇଥିଲା ତତସହିତ ମୁଖ୍ୟମନ୍ତ୍ରୀ ଜୀବନ ଜୀବିକା ମିଶନ ଜରିଆରେ ସଞ୍ଜୁଲତା ମୁଣ୍ଡା, ବିକାଶ ପ୍ରଧାନ, ଲୀଳାବାଳା ପ୍ରଶନ ଓ ସନ୍ଧ୍ୟାରାଣୀ ନାଏକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ସୂଚନା ଥାଉକି, ପୂର୍ବାହ୍ନ ପ୍ରାୟ ୧୧ଟାରେ, ବିହାରର ଜାମୁଇ ଠାରେ ପ୍ରଧାନମନ୍ତ୍ରୀ, ଭଗବାନ ବିର୍ସା ମୁଣ୍ଡାଙ୍କ ସମ୍ମାନରେ ଏକ ସ୍ମାରକୀ ମୁଦ୍ରା ଏବଂ ଡାକ ଟିକଟ ଉନ୍ମୋଚନ କରିଥିଲେ ଏବଂ ଏହି ଅଞ୍ଚଳର ଗ୍ରାମାଞ୍ଚଳ ଓ ଦୁର୍ଗମ ଅଞ୍ଚଳରେ ଆଦିବାସୀ ସଂପ୍ରଦାୟର ଉନ୍ନତି ଏବଂ ଭିତିଭୂମିରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ୬,୬୪୦ କୋଟି ରୁ ଅଧିକ ଟଙ୍କାର ଏକାଧିକ ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଥିଲେ । ଉକ୍ତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୁଷଣ, କେନ୍ଦୁଝର ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, କେନ୍ଦୁଝରର ପ୍ରକଳ୍ପ ପ୍ରଶାସକ ସୌମ୍ୟ ସାର୍ଥକ ମିଶ୍ର ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓ ପରିଚାଳନା କରିଥିଲେ ।

# ବଡଦାଣ୍ଡରେ ପାରାଦୀପ ଇଫ୍‌କୋ ପକ୍ଷରୁ ନିଃଶୁଳ୍କ ଖାଦ୍ୟ ବଣ୍ଟନ

ପାରାଦୀପ (ଭାସ୍କର ନ୍ୟୁଜ୍) : ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ପୁରୀ ଶ୍ରୀକ୍ଷେତ୍ର ବଡଦାଣ୍ଡରେ ହବିଶିଆଳି ଓ ଭକ୍ତ ମାନଙ୍କର ପ୍ରବଳ ଗହଳି ଲାଗି ରହିଥାଏ । ତେବେ ଏହାକୁ ଦୃଷ୍ଟିରେ ରଖି ଇଫକୋ ପାରାଦୀପ ୟୁନିଟ ପକ୍ଷରୁ ବଡଦାଣ୍ଡରେ ଭକ୍ତ ମାନଙ୍କ ପାଇଁ ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣିମା ଦିନ ମାଗଣା ଖାଦ୍ୟ ଯୋଗାଇ ଦିଆଯାଇଥିଲା । ଏହି ଖାଦ୍ୟ ବଣ୍ଟନ କାର୍ଯ୍ୟକୁ ପୁରୀ ଟାଉନ ଥାନା ଭାରପ୍ରାପ୍ତ ଅଧିକାରୀ ସୁନୀଲ କୁମାର ପ୍ରଧାନ ଉଦଘାଟନ କରିଥିବା ବେଳେ ବିଶ୍ୱବସୁ ଦଇତାପତି ବିନାୟକ ଦାସ ମହାପାତ୍ର, ଦଇତାପତି ଅନାଥ ଦାସ ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ ପୁଲିସ ଅଧିକାରୀ ଓ ଦଇତାପତି ସେବାୟତ ମାନେ ଉପସ୍ଥିତ ରହି ଏହି ସେବା କାର୍ଯ୍ୟରେ ସହଯୋଗ କରିଥିଲେ । ଇଫଇକୋ ଓ ସେଣ୍ଟର ଫର ଆକ୍ସନର ମିଳିତ ଆନୁକୂଲ୍ୟରେ



ଏହି କାର୍ଯ୍ୟକ୍ରମ ଇଫକୋ ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ସୂଚନା ଥାଉକି, ଇଫକୋ ପାରାଦୀପ ୟୁନିଟ ତାର ପାରିପାର୍ଶ୍ୱିକ ଉନ୍ନୟନ କ୍ଷେତ୍ରରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟ କରିଆସୁଥିବା ବେଳେ ପୁରୀ ସମେତ ବିଭିନ୍ନ ଧର୍ମାନୁଷ୍ଠାନ ମାନଙ୍କରେ ଅନେକ ସେବା ଧର୍ମୀ କାର୍ଯ୍ୟ କରି ସାଧାରଣରେ ଉଚ୍ଚ ପ୍ରଶଂସିତ ହୋଇଛି ।

## ମଧ୍ୟାହ୍ନ ଭୋଜନରେ ଅନିୟମିତତା ଘଟଣା

# ବିଧାୟକଙ୍କ ନିର୍ଦ୍ଦେଶକୁ ଫୁ, ୧୨ ଦିନ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

ଗୋପ (ଭାସ୍କର ନ୍ୟୁଜ୍) : ଗୋପ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନ ଷୋଳପୁର ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନରେ ଅନିୟମିତତା ଘଟଣାକୁ ୧୨ ଦିନ ବିତିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଏପରିକି ଏହି ଅନିୟମିତତା ଘଟଣାକୁ ନେଇ ଗତ ୧୨ ତାରିଖ ଦିନ ଗୋପ ପଂଚାୟତ ସମିତି ବୈଠକରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ମଣ୍ଡଳ ଶିକ୍ଷାଧିକାରୀ ସୁଶୀଲ କୁମାର ବ୍ରହ୍ମାଙ୍କୁ ପ୍ରଶ୍ନ କରିଥିବା ବେଳେ ଏହି ଘଟଣାରେ ଜଡିତ ପ୍ରଧାନ ଶିକ୍ଷକ ଏବଂ ଅନ୍ୟ ଶିକ୍ଷକଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ସହ ତାଙ୍କୁ ଏନେଇ ଅବଗତ କରାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀ ବ୍ରହ୍ମା ତାଙ୍କ ନିର୍ଦ୍ଦେଶକୁ ଫୁ କରି ଉଡାଇ ଦେଇଛନ୍ତି । ଏନେଇ ମଣ୍ଡଳ ଶିକ୍ଷାଧିକାରୀଙ୍କୁ ପଚାରରିବାରେ ସେ ସଂପୃକ୍ତ ପ୍ରଧାନ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିବା କହିଛନ୍ତି । ହେଲେ ଘଟଣାର ପର ଦିନ ଅର୍ଥାତ ୫ ତାରିଖ ଦିନ ଏହି ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ମଣ୍ଡଳ ଶିକ୍ଷାଧିକାରୀଙ୍କ କହିବା ମୁତାବକ ସେ ଦୁଇଜଣ ଏବିଓ ବେଣୁଧର ମଲ୍ଲିକ ଏବଂ ଅଶୋକ ବେହେରାଙ୍କୁ ତଦନ୍ତ କରିବା ପାଇଁ ପଠାଇଥିଲେ ସହ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଳନ୍ଧର ବେହେରାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ । ହେଲେ ୧୨ ଦିନ ପରେ ବି ସଂପୃକ୍ତ ପ୍ରଧାନ ଶିକ୍ଷକ କି ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ଶିକ୍ଷକ କଣ ପାଇଁ କୌଣସି ଉତ୍ତର ରଖିଲେନି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପ୍ରଧାନ ଶିକ୍ଷକ ଉତ୍ତର ନଦେବା ପଛରେ କାହାର ହାତ ରହିଛି ନା ମଣ୍ଡଳ ଶିକ୍ଷାଧିକାରୀ ଘଣ୍ଟ ଘୋଡାଉଛନ୍ତି ତାହା ତଦନ୍ତ ସାପେକ୍ଷ । ସୂଚାନାଥାଉକି ଷୋଳପୁର ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନରେ ଅନିୟମିତତା ହେଉଥିବା ନେଇ ବାରମ୍ବାର ପୁରୀ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀ, ମଣ୍ଡଳ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ ହେଉଥିଲା । ମଣ୍ଡଳ ଶିକ୍ଷାଧିକାରୀ ଏବଂ ଏବିଓ ଅଶୋକ ବେହେରାଙ୍କ କହିବା ମୁତାବକ ଏହାକୁ ନେଇ ସେ ସଂପୃକ୍ତ ପ୍ରଧାନ ଶିକ୍ଷକଙ୍କୁ ତାଗିଦ୍ କରିବା ପରେ ଗତ ୩/୪ ମାସ ତଳେ ଯେଉଁଠି ମଧ୍ୟାହ୍ନ ଭୋଜନରେ ୨ ଶହରୁ ଉର୍ଦ୍ଧ୍ୱ ଖାଉଥିବା ଅନଲାଇନ୍ ପି.ଏମ୍ ପୋଷଣ ଆପ୍‌ରେ ଦର୍ଶାଯାଉଥିଲା ତାହା ଖସି ଆସି ୧୦୦ ରୁ ୧୫୦ ମଧ୍ୟରେ ରହିଥିଲା । ହେଲେ ଗତ ୪ ତାରିଖରେ କେତକ ଗଣ ମାଧ୍ୟମ ପ୍ରତିନିଧି ଉକ୍ତ ବିଦ୍ୟାଳୟରେ ପଂହଁଚି ଯାହା ଦେଖିଥିଲେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ସଂପୂର୍ଣ୍ଣ ଅସ୍ୱାସ୍ଥ୍ୟକର ପରିବେଶରେ ଲାଟିନ ପାହାଚ, ନଳକୂପ ପାହାଚ, ବିପଦପୂର୍ଣ୍ଣ ଗଛମୂଳେ ଏଣେ ତେଣେ ବସି ବୁଲି ମାତ୍ର ୪୩ ଜଣ ପିଲା ମଧ୍ୟାହ୍ନ ଭୋଜନ ଖାଉଛନ୍ତି । ମାତ୍ର ଉକ୍ତ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀଙ୍କ ପୁଅ ପ୍ରଧାନ ଶିକ୍ଷକଙ୍କ ଚେୟାର ଟେବୁଲରେ ବସି ମଧ୍ୟାହ୍ନ ଭୋଜନ ଖାଉଛି । ଏଠି ପ୍ରଶ୍ନ ଉଠୁଛି ସରକାର ପିଲାମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେବା ଏବଂ ସୁସ୍ଥ ପରି;ବଶରେ ପିଲାମାନଙ୍କୁ ଖାଇବାକୁ ଦେବା ପାଇଁ କଡା ନିର୍ଦ୍ଦେଶ ଦେଇଥିବା ବେଳେ କଣ ପାଇଁ ଉକ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀଙ୍କ ପିଲାକୁ ଚେୟାର ଟେବୁଲରେ ମଧ୍ୟାହ୍ନ ଭୋଜନ ଦିଆଯାଇଥିବା ବେଳେ ଅନ୍ୟ ପିଲାମାନଙ୍କୁ ସଂପୂର୍ଣ୍ଣ ଅସ୍ୱାସ୍ଥ୍ୟକର ପରି;ବଶରେ ଦିଆଯାଉଛି ତାହାକୁ ନେଇ ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଏପରିକି ସରକାରଙ୍କ ନିୟମ ଅନୁଯାୟୀ ପୂର୍ବାହ୍ନ ୧୧ଟାରୁ ୧୧.୩୦ ମଧ୍ୟରେ କେତେ ପିଲା ଖାଇଲେ ତାହା ଅନଲାଇନ୍‌ରେ ସରକାରଙ୍କୁ ଜଣାଇବାର ଥିବା ବେଳେ ତାହା ଅପରାହ୍ନ ୩ଟା ପର୍ଯ୍ୟନ୍ତ ଅନଲାଇନ୍ ହୋଇନଥିଲା । ପରେ ଘଟଣା ସଂପର୍କରେ ଏବିଓ ଅଶୋକ ବେହେରା ତାଗିଦ୍ କରିବା ପରେ ତାହା ଅନଲାଇନରେ ପଡିବା ପଛରେ କାରଣ କଣ । ଏନେଇ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀଙ୍କୁ ପଚାରିବାରେ ସେ କୌଣସି ସଠିକ୍ ଉତ୍ତର ଦେଇନଥିଲେ । ଶୁଣିବାକୁ ମିଳୁଛି ମଧ୍ୟାହ୍ନ ଭୋଜନ ହଡପ କରିବା ପରି ମନ୍ଦ ଉଦେଶ୍ୟ ରଖି ସଂପୃକ୍ତ ପ୍ରଧାନ ଶିକ୍ଷକ ସଠିକ୍ ସମୟରେ ଆପ୍ ଲୋଡ୍ ନକରି ପ୍ରତିଦିନ ସ୍କୁଲ ଛୁଟି ପରେ ଅନଲାଇନ୍ କରୁଛନ୍ତି । ଯାହାକି କୌଣସି ଅଧିକାରୀ ତଦନ୍ତ କରିବାକୁ ଆସିଲେ ସେ ସହଜରେ ଦୁର୍ନିତି ରୁ ଦୂରେଇଯିବେ । ଏହାର ଯଦି ପ୍ରକୃତ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆନଯାଏ ସତ୍ତ୍ୱେ ଆଗାମୀ ଦିନରେ କେତକ ଅଭିଭାବକ ବିଦ୍ୟାଳୟରେ ତାଲା ପକାଇ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି । ଏଥିପ୍ରତି ଗଣଶିକ୍ଷା ବିଭାଗ ସଚି, ମନ୍ତ୍ରୀ, ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀ, ମଣ୍ଡଳ ଶିକ୍ଷାଧିକାରୀ ଦୃଷ୍ଟି ଦେବାପାଇଁ ସାଧାରଣରେ ଦାବି ହୋଇଛି ।

# ସମସ୍ୟାରୁ ମୁକ୍ତ ହେବ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ

## ପୁରାତନ ଛାତ୍ରସଂଘର ପ୍ରଶଂସନୀୟ ପ୍ରୟାସ




ଭବାନୀପାଟଣା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଭଳି ଶିକ୍ଷା କ୍ଷେତ୍ରରେ ପଛୁଆ ଜିଲ୍ଲାରେ କଳାହାଣ୍ଡି ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରାଯାଇଥିଲେ ମଧ୍ୟ ଶିକ୍ଷା କ୍ଷେତ୍ରରେ ସେଭଳି ଆଖିଦୃଶିଆ ପରିବର୍ତ୍ତନ ଦେଖାଗଲା ନାହିଁ । କଳାହାଣ୍ଡି ବିଶ୍ୱବିଦ୍ୟାଳୟରୁ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଭାବେ ନାମିତ କରାଗଲା । କିନ୍ତୁ ନାଁ ବଦଳିଲେ ମଧ୍ୟ ବ୍ୟବସ୍ଥାରେ କିଛି ପରିବର୍ତ୍ତନ ହେଲା ନାହିଁ । ଫଳରେ ଜିଲ୍ଲାର ସର୍ବବୃହତ ଶିକ୍ଷାନୁଷ୍ଠାନର ବିଭିନ୍ନ ସମସ୍ୟା ସମ୍ପର୍କରେ ସୂଚନା ଦେବା ପାଇଁ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିଥିଲେ ପୁରାତନ ଛାତ୍ରସଂଘ । ସ୍ଥାନୀୟ ଭାଗିରଥି ଇନ୍ ହୋଟେଲ ଠାରେ ସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା । ଏହି ସାମ୍ବାଦିକ ସମ୍ମିଳନୀରେ ପୁରାତନ ଛାତ୍ର ସଂଘର ଆବାହକ ଡଃ ଅଜୟ ମିଶ୍ରଙ୍କ ସହ ସଂପାଦକ ଅବିନାଶ ଠାକୁର ଓ ସଂଘର ଅନ୍ୟାନ୍ୟ କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ । ସମ୍ମିଳନୀରେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ବିଭିନ୍ନ ସମସ୍ୟା, ଅନିୟମିତତା ଏବଂ ଛାତ୍ରଙ୍କ ପ୍ରତି ହେଉଥିବା ଅବହେଳା ସମ୍ପର୍କରେ ସଂଘ ପକ୍ଷରୁ ସାମ୍ବାଦିକମାନଙ୍କୁ ବିସ୍ତୃତ ସୂଚନା ଦିଆଯାଇଥିଲା । ଏଥି ସହିତ ବିଶ୍ୱବିଦ୍ୟାଳୟର ରେଡ଼କ୍ରସ୍, ଏନ୍‌ସିସି ଏବଂ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନଙ୍କ ସାମାଜିକ କାର୍ଯ୍ୟ ସଂଘ ସଦସ୍ୟମାନେ ପ୍ରଶଂସା କରିଥିଲେ । ୧୯୬୦ ମସିହାରେ ଆରମ୍ଭ ହୋଇଥିବା କଳାହାଣ୍ଡି ବିଜ୍ଞାନ କଲେଜ ୨୦୧୯ ମସିହାରେ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଥିଲା । ଏହି ବିଶ୍ୱ ବିଦ୍ୟାଳୟ ସହିତ କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାର ୫୦ଟି କଲେଜ ଅନୁବନ୍ଧିତ ହେଇଥିବା ବେଳେ ଏହି ବିଶ୍ୱବିଦ୍ୟାଳୟଟି ଏବେ ନାନା ସମସ୍ୟା ଦେଇ ଗତି କରୁଛି । ବିଶ୍ୱବିଦ୍ୟାଳୟର ବିଭିନ୍ନ ପରୀକ୍ଷାରେ ପ୍ରଶ୍ନପତ୍ର ତ୍ରୁଟି ରହିବା, ୟୁଜିସି ନିୟମ ଅନୁସାରେ ସଠିକ୍ ସମୟରେ ପରୀକ୍ଷା ନହେବା ଏବଂ ଫଳାଫଳ ପ୍ରକାଶରେ ବିଳମ୍ବ ଘଟିବା, ପରୀକ୍ଷା ନିୟନ୍ତ୍ରଣ ବିଭାଗର ବେପରୁଆ ମନୋଭାବ ସହ ଛାତ୍ରଛାତ୍ରୀଙ୍କ ପ୍ରତି ରୁକ୍ଷ ବ୍ୟବହାର ଏକ ସମ୍ବେଦନଶୀଳ ବିଷୟ ବୋଲି ପୁରାତନ ଛାତ୍ର ସଂଘ ତରଫରୁ କୁହାଯାଇଛି । ସେହିଭଳି, ଏକାଡେମୀକ କାଉନସିଲର ସ୍ଥାଣୁତା ଏବଂ ବୋର୍ଡ ଅଫ୍ ଷ୍ଟଡିଜ ନିୟମ ଅନୁଯାୟୀ ନ ବସିବା, ସିଣ୍ଡିକେଟର କ୍ଷମତାକୁ ଜାଣିଶୁଣି ସଂକୁଚିତ କରାଯିବା, ପିଏଚ୍‌ଡ଼ି ନାମ ପଞ୍ଜିକୃତ ପାଇଁ କଳାହାଣ୍ଡି ଜିଲ୍ଲାର ଯୋଗ୍ୟ ପ୍ରାର୍ଥୀମାନଙ୍କୁ ସୁଯୋଗ ନଦେବା, ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ଟପର ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଆ ସାହିତ୍ୟ ଏକାଡେମୀ ପୁରସ୍କାରରୁ ବଞ୍ଚିତ କରିବା, ସାଙ୍ଗକୁ +୨ ଅତିଥି ଅଧ୍ୟାପକଙ୍କୁ ଠିକ୍ ଦରମା ନଦେବା ଘଟଣା ସମ୍ପର୍କରେ ସମୟରେ ଅଭିଯୋଗ ଆସିଥିଲା । ଏପରିକି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ ପାଳନ ଅନୁଯାୟୀ ଅନେକ କମିଟି ଯଥା ଏକାଡେମୀ କାଉନସିଲ, ଆଇସିସି, ରିସର୍ଚ୍ଚ ଆଡଭାଇଜରୀ କମିଟି, ଆଇକ୍ୟୁଏସି କମିଟିର ଗଠନ ସଠିକ ଭାବରେ ହୋଇ ପାରିନାହିଁ ବୋଲି ଅଭିଯୋଗ ଆସିଥିଲା । ଏପରିକି ରାଗିଂ ରୋକିବା ପାଇଁ ବିଶ୍ୱ ବିଦ୍ୟାଳୟରେ ତରଫରୁ ଅଧିକାଂଶ ଅନୁବନ୍ଧିତ କଲେଜମାନଙ୍କରେ ଏଣ୍ଟି ରାଗିଂ ସେଲ୍ ମଧ୍ୟ ଗଠନ କରାଯାଇନାହିଁ । ଅନ୍ୟପଟେ ହଷ୍ଟେଲ ମେସରେ ନଖାଇଲେ ମଧ୍ୟ ହଷ୍ଟେଲ ଛାତ୍ରଛାତ୍ରୀଙ୍କ ଠାରୁ ସମସ୍ତ ମେସ ଖର୍ଚ୍ଚ ନିଆଯାଉଛି ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଥିଲା । ଅନ୍ୟ ସମସାମୟିକ ବିଶ୍ୱବିଦ୍ୟାଳୟ ସଂଯୁକ୍ତ ଯୁକ୍ତ ଦୁଇ କଲେଜରେ ବରିଷ୍ଠତା ଭିତ୍ତିରେ ଅଧ୍ୟାପକଙ୍କୁ ଅଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି । କିନ୍ତୁ ଏଠି କୁଳପତି ସବୁକିଛି । କୁଳପତି ଦୀର୍ଘଦିନ ଛୁଟିରେ ରହିଥିବା ହେତୁ ସଂପ୍ରତି ପିଜି କାଉନସିଲ ଅଧ୍ୟକ୍ଷ ଡ଼ଃ ନିବେଦିତା ନାଥଙ୍କୁ ଭାରପ୍ରାପ୍ତ କୁଳପତି ଭାବେ ସରକାର ଦାୟିତ୍ୱ ଦେଇଛନ୍ତି । ଏଣୁ ନୂତନ ସ୍ଥାୟୀ କୁଳପତି ନିଯୁକ୍ତି ସହିତ ବିଶ୍ୱବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ତଥା ପରୀକ୍ଷା ନିୟନ୍ତ୍ରଣ ବିଭାଗକୁ ପୁନର୍ଗଠନ କରି ବିଶ୍ୱବିଦ୍ୟାଳୟରେ ଆମୂଳଚୂଳ ପରିବର୍ତ୍ତନ କରିବାକୁ ପୁରାତନ ଛାତ୍ରସଂଘ ଦାବି କରିଛି । ଅନିୟମିତତାର ତଦନ୍ତ ଦାବି ସହ ଅନୁଷ୍ଠାନର ମର୍ଯ୍ୟାଦା ରକ୍ଷା ପାଇଁ ପୁରାତନ ଛାତ୍ର ସଂଘ ବିଶ୍ୱବିଦ୍ୟାଳୟ ଆଗରେ ଅନିର୍ଦ୍ଦିଷ୍ଟ କାଳ ଯାଏଁ ଧାରଣାରେ ବସିବ । ଏଥି ସହିତ ଖୁବ୍ ଶୀଘ୍ର ରାଜ୍ୟପାଳଙ୍କୁ ସାକ୍ଷାତ କରି ସମସ୍ତ ବିବରଣୀ ତାଙ୍କୁ ଅବଗତ କରି ଆମୂଳଚୂଳ ପରିବର୍ତ୍ତନ ପାଇଁ ସଂଘ ଦାବି କରିବ ବୋଲି ସଂଘର ସମ୍ପାଦକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ।

# କିସ୍‌ରେ ଶିଶୁ ଦିବସ ପାଳିତ




ଭବାନୀପାଟଣା, (ଭାସ୍କର ନ୍ୟୁଜ): ସ୍ଥାନୀୟ ଭବାନୀପାଟଣାର ବାଦିଲି ଠାରେ ଥିବା କିସ୍ ଆବାସିକ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇଯାଇଛି । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ନାରାୟଣ ସାହୁ ଅବସରପ୍ରାପ୍ତ ଶିକ୍ଷାବିତ୍, ସମ୍ମାନିତ ଅତିଥି ରବିନ୍ଦ୍ର ପଟ୍ଟନାୟକ ଶିକ୍ଷାବିତ୍ ତଥା ପରିବେଶବିତ୍, ସରୋଜ ପଣ୍ଡା ଶିକ୍ଷାବିତ୍, ମୁଖ୍ୟବକ୍ତା ସୁଧାଂଶୁ ପଣ୍ଡା ଶିକ୍ଷାବିତ୍ ଓ କିସ୍ ଅନୁଷ୍ଠାନର ଉପ-କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଷ୍ମନ୍ତ କୁମାର ପଧାନ, ଉପ-ପ୍ରଶାସନିକ ଅଧିକାରୀ ସୁଶାନ୍ତ କୁମାର ବିଶ୍ୱାଳ ଓ ପ୍ରଧାନ ଶିକ୍ଷୟିତ୍ରୀ ସୁନିତା ପଣ୍ଡା ଉପସ୍ଥିତ ଥିଲେ । କିସ୍‌ର ଛାତ୍ରୀ ବିନୋଦିନୀ ମାଝୀ ଓ ଅନ୍ୟ ଛାତ୍ରୀମାନେ ଶିଶୁ ଦିବସ ଉପରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ରବୀନ୍ଦ୍ର ପଟ୍ଟନାୟକ ଛାତ୍ରୀମାନଙ୍କୁ ଶିଶୁ ଦିବସ ଉପରେ ନିଜର ମନ୍ତବ୍ୟ ପ୍ରଦାନ କରିବା ସହ ଏତେ ସୁନ୍ଦର ପରିବେଶ ଓ ଗୁଣାତ୍ମକ ଶିକ୍ଷା ଯୋଗେଇ ଦେଉଥିବା ଡ଼. ଅଚ୍ୟୁତ ସାମନ୍ତଙ୍କ ଭୂୟସୀ ପ୍ରଶଂସା କରିଥିଲେ । ଏହି ଅବସରରେ ଛାତ୍ରୀମାନଙ୍କୁ ଶିକ୍ଷକ ଓ ଅତିଥିମାନଙ୍କ ଦ୍ୱାରା ଅଧ୍ୟୟନ ସାମଗ୍ରୀ ବଣ୍ଟନ କରାଯାଇଥିଲା । ପ୍ରତି ବର୍ଷ ଭଳି ଏ ବର୍ଷର ମଧ୍ୟ ଶ୍ରେଷ୍ଠ ଶିକ୍ଷୟିତ୍ରୀ ଭାବରେ ଜ୍ୟୋତିର୍ମୟୀ ରଣା ଓ ଶ୍ରେଷ୍ଠ ଅଣଶିକ୍ଷକ ଭାବରେ ମହେନ୍ଦ୍ର ଧାରୁଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ କିସ୍ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ରଜନୀଗନ୍ଧା ରାଉତ ପରିଚାଳନା କରିଥିବା ବେଳେ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ । ଶେଷରେ କିସ୍‌ର ଉପ-କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ପଧାନ ଉପସ୍ଥିତ ସମସ୍ତ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାତିଅଧିଆ ସରକାରୀ ଜମିରେ ଗୃହ ନିର୍ମାଣ

ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ): ଗୋଲାମୁଣ୍ଡା ତହସିଲ ବୃନ୍ଦାବହାଲ ଛକରେ ସରକାରୀ ଜାଗାରେ ରାତିଅଧିଆ ଗୃହ ନିର୍ମାଣ ହେଉଥିବା ଦେଖିବାକୁ ମିଳିଛି । ସାଧାରଣ ନିର୍ବାଚନ ପୂର୍ବରୁ ଏହି ଘର ଆରମ୍ଭ ହୋଇଥିଲା । ସେହି ସମୟରେ ସ୍ଥାନୀୟ ଲୋକେ ତହସିଲଦାର ଚନ୍ଦନ କୁମାର ନାଏକଙ୍କ ନିକଟରେ ଅଭିଯୋଗ କରିଥିଲେ । ତହସିଲଦାର ଜାଗାକୁ ଯାଇ ତଦନ୍ତ କରିଥିଲେ । ନିର୍ମାଣ କରୁଥିବା ବ୍ୟକ୍ତିଙ୍କୁ ଚେତାବନୀ ଦେବା ସହ କାମ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ହେଲେ ଉକ୍ତ ଘରଟିର କାମ ଛଅମାସ ବନ୍ଦ ଥିବାବେଳେ କିଛିଦିନ ହେଲା ପୁନର୍ବାର କାମ ଆରମ୍ଭ ହୋଇଛି । ଏନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏ ସମ୍ପର୍କରେ ଗୋଲାମୁଣ୍ଡା ତହସିଲଦାର ଶ୍ରୀ ନାଏକଙ୍କୁ ପଚାରିବାରୁ ପୂର୍ବରୁ ନୋଟିସ କରାଯାଇଥିଲା । ବର୍ତ୍ତମାନ ବୃନ୍ଦାବାହାଲ ରାଜସ୍ୱ ନିରୀକ୍ଷକଙ୍କୁ କାମ ବନ୍ଦ କରିବାକୁ ପଠାଇଛି । ଦିନେ ଦୁଇଦିନ ଭିତରେ ସେ ନିଜେ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବେ । ଆବଶ୍ୟକସ୍ଥଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଥିଲେ ।

# ଶିଶୁ ଦିବସ ପାଳିତ




କେସିଙ୍ଗ, (ଭାସ୍କର ନ୍ୟୁଜ): ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କେସିଙ୍ଗା ଦ୍ୱାରା ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ପୂଣ୍ୟ ଜନ୍ମ ତିଥି ଅବସରରେ ଶିଶୁ ଦିବସ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଶିବ ପ୍ରସାଦ ସାହୁ ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ସମୀର ବେହେରା ସଭାପତିତ୍ୱ ଅଭିଭାଷଣରେ ଉପସ୍ଥିତ ଛାତ୍ରୀମାନଙ୍କୁ ନେହେରୁଙ୍କ ଗରିମାମୟ ଜୀବନ ଓ ଅବିସ୍ମରଣୀୟ ନେତୃତ୍ୱ ଶୈଳୀର ମହନୀୟ ଗାଥା ସମ୍ପର୍କରେ ଆଲୋକପାତ କରିଥିଲେ । ଛାତ୍ରୀମାନଙ୍କୁ ତାଙ୍କ ଠାରୁ ପ୍ରେରଣା ଗ୍ରହଣ କରି ଏକ ସୁଦୃଢ ଓ ଗୌରବଶାଳୀ ଭାରତ ଗଠନ କରିବାରେ ନିଜକୁ ଉତ୍ସର୍ଗ କରିବାକୁ ସେ ପରାମର୍ଶ ଦେଇଥିଲେ । ଶିକ୍ଷକ ହେମନ୍ତ କୁମାର ମହୁଲିଆ ଛାତ୍ରୀମାନଙ୍କୁ ନେହେରୁଙ୍କ ବାଲ୍ୟ ଜୀବନ ବିଷୟରେ ଅବତାରଣା କରିଥିଲେ । ଏହି ଅବସରରେ ବିଭିନ୍ନ ହାଉସ୍‌ମାନଙ୍କ ମଧ୍ୟରେ ଜୁନିୟର ଓ ସିନିୟର ବିଭାଗର ଓଡ଼ିଆ ଗଳ୍ପ ଲିଖନ ଓ ଚିତ୍ରକଳା ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହାପରେ ବିଦ୍ୟାଳୟରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରୁଥିବା ସମୁଦାୟ ୯୮ ଛାତ୍ରୀମାନଙ୍କ ନିମନ୍ତେ ଶିକ୍ଷା ବର୍ଷ -୨୦୨୪-୨୫ ନିମନ୍ତେ ପୋଷାକ ବଣ୍ଟନ ଉତ୍ସବ ଆୟୋଜିତ ହୋଇଥିଲା । ଉପସ୍ଥିତ ଛାତ୍ରୀମାନଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡିଶା ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମାନଦଣ୍ଡ ଅନୁସାରେ ପୋଷାକ ବିତରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି, ସଭ୍ୟସଭ୍ୟା, ଅଭିଭାବକ, ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଜି. କ୍ରିଷ୍ଣା ରେଡ୍ଡୀ ପରିଚାଳନା କରିଥିଲେ ।

# ସହିଦ ବିର୍ସା ମୁଣ୍ଡା ଜୟନ୍ତୀରେ ଅଭିଭାବକ-ଶିକ୍ଷକ ସମ୍ମିଳନୀ



ଧର୍ମଗଡ଼, (ଭାସ୍କର ନ୍ୟୁଜ): ଶୁକ୍ରବାର ଦିନ ଜୟନ୍ତପୁର ଗ୍ରାମ ଠାରେ ଥିବା ସରକାରୀ କନ୍ୟା ଆବାସିକା ବିଦ୍ୟାଳୟରେ ସହିଦ ବିର୍ସା ମୁଣ୍ଡା ଜୟନ୍ତୀ ଅବସରରେ ଅଭିଭାବକ ଓ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ ଯୋଗଦେଇ ଶୁଭ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ସହିଦ ବିର୍ସା ମୁଣ୍ଡାଙ୍କ ଫୋଟ ଚିତ୍ରରେ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ସହିଦ ବିର୍ସା ମୁଣ୍ଡାଙ୍କ ଜୀବନିକା ନିଶ୍ଚିନ୍ତ ଭାବେ ଛାତ୍ରୀମାନଙ୍କୁ ପ୍ରେରଣା ଯୋଗାଇବ ଏବଂ ଅନୁପ୍ରାଣିତ ହୋଇ ପଞ୍ଚାୟତ ଜିଲ୍ଲା ରାଜ୍ୟ ଓ ଦେଶ ପାଇଁ ଉଦାହରଣ ସୃଷ୍ଟି କରିବାକୁ ମୁଖ୍ୟ ଅତିଥି ଛାତ୍ରୀମାନଙ୍କୁ ଆହ୍ୱାନ କରିଥିଲେ । ସମ୍ମାନୀୟ ଅତିଥି ସରପଞ୍ଚ ଜୟନ୍ତୀ ବାଗ, ପୂର୍ଣ୍ଣଚନ୍ଦ୍ର ନାଏକ, ପୂର୍ବତନ ସ୍କୁଲ ସଭାପତି ଜଗମଳ ଝାଙ୍କର, ବିଦ୍ୟାଳୟ ସଭାପତି ପ୍ରେମଲାଲ ଝାଙ୍କର ଉପସ୍ଥିତ ରହିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀମାନଙ୍କ ଉଦ୍ଦିଷ୍ଟ ପାଇଁ 'ପ୍ରେରଣା' ମୁଖ୍ୟ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି । ବିଦ୍ୟାଳୟର ଛାତ୍ରୀମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଉତ୍ତୀର୍ଣ୍ଣ ଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଭାପତିତ୍ୱ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଅସୀମା ଦୋରା କରିଥିବା ବେଳେ ପରିଚାଳନା ଶିକ୍ଷକ ଦୀପକ ରଞ୍ଜନ ପଣ୍ଡା କରିଥିଲେ । ଶିକ୍ଷକ ହିମାଂଶୁ ଶେଖର ମାଝୀ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶିକ୍ଷୟିତ୍ରୀ ଟ୍ୱିକଲ ଶତପଥୀ, ପରିମିତା ପାଢ଼ୀ, ସଦାପୁଷ୍ପା ମଞ୍ଜରୀ ଦଳେଇ, ସୁଧାଂଶୁ ବାଗ, ତରୁଣୀ ଦଳେଇ, ବିକାଶ ରଞ୍ଜନ ପଧାନ, ଲକ୍ଷ୍ମୀଧର ବାଗ, ମିନା ସାହୁ, ଶର୍ମିଷ୍ଠା ଗୋପାଳ, ଆରତୀ ନାଏକ ପ୍ରମୁଖ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କ ଅଭିଭାବକମାନେ ଉପସ୍ଥିତ ରହିଥିଲେ ।

# ଦେବଗିରି କୁମାରସ୍ୱାମୀ ମହୋତ୍ସବ ଉଦ୍‌ଘାଟିତ




ନର୍ଲା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ବୁଢ଼ୀପଦର ଠାରେ ଦେବଗିରି ସାଂସ୍କୃତିକ ଅନୁଷ୍ଠାନର ୩୨ତମ ବାର୍ଷିକ ଉତ୍ସବ ତଥା ରାଜ୍ୟସ୍ତରୀୟ କୁମାରସ୍ୱାମୀ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଏହାସହ ଆରମ୍ଭ ହୋଇଛି ଗୋସିଙ୍ଗ ଦୈତ୍ୟ ଦରବାର । ବଲାଙ୍ଗୀର ଜିଲ୍ଲା ବିଜେପୁରର ସମାଜସେବୀ ଭେଷମତି ବଗର୍ତ୍ତୀ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ । ଅନୁଷ୍ଠାନର ସଭାପତି ସଞ୍ଜୟ ଧଙ୍ଗଡ଼ାମାଝୀଙ୍କ ଅଧ୍ୟକ୍ଷତାରେ ଏନେଇ ଆୟୋଜିତ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ରାଜ ଅତିଥି ଭାବେ ଯୁବ ଉଦ୍ୟୋଗପତି ସୁମିତ କୁମାର ଅଗ୍ରୱାଲ, ସମାଜସେବୀ ରତନ କୁମାର ଅଗ୍ରୱାଲ, ଶିକ୍ଷାବିତ ଗୁଣନିଧି ଧଙ୍ଗଡାମାଝୀ, ସାମ୍ବାଦିକ ଅଲତାଫ ଅଲ୍ଲୀ ଖାଁଙ୍କ ସମେତ ଅନୁଷ୍ଠାନର ସାଧାରଣ ସମ୍ପାଦକ ସୁନୀଲ କୁମାର ଧଙ୍ଗଡ଼ାମାଝୀ, କୋଷାଧ୍ୟକ୍ଷ ଜୟଦ୍ରଥ ଜାଲ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ଅଶ୍ୱିନୀ କୁମାର ଭୋଇଙ୍କୁ 'ଦେବଗିରି ସମାଜସେବା ସମ୍ମାନ', ତେଜନ ଦୁର୍ଗାଙ୍କୁ 'ଦେବଗିରି କ୍ରୀଡ଼ା ସମ୍ମାନ', ଲୋକନାଥ ସାଙ୍କୁ 'ଦେବଗିରି ଲୋକକଳା ସମ୍ମାନ', ସୁଶାନ୍ତ ମିଶ୍ରଙ୍କୁ 'ଦେବଗିରି କଳା ସମ୍ମାନ', ସାମ୍ବାଦିକ ଦୀପକ ଠାକୁର, ତ୍ରିଲୋଚନ ଗଉଡ ଓ ହିରଣ୍ୟ ବେହେରାଙ୍କୁ 'ଦେବଗିରି ବାର୍ତ୍ତା ସମ୍ମାନ' ପ୍ରଦାନ କରାଯାଇଥିଲା । ଦେବଗିରି ବୁଢ଼ୀପଦରରେ ଚାଲିଛି ସମ୍ରାଟ ଗୋସିଙ୍ଗ ଦୈତ୍ୟଙ୍କ ରାଜୁତି । ଗୋସିଙ୍ଗ ଦୈତ୍ୟ ଦରବାର ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ରଙ୍ଗୀନ ହୋଇ ଉଠୁଛି । ବିଶିଷ୍ଟ କଳାକାର ବିଜୟ କୁମାର ଧଙ୍ଗଡ଼ାମାଝୀ ଗୋସିଙ୍ଗ ଦୈତ୍ୟ ଭୂମିକାରେ ଅଭିନୟ କରୁଛନ୍ତି । ପ୍ରଥମ ରଜନୀରେ ପାରମ୍ପରିକ ଗଣା ବଜା, ଘଣ୍ଟ ବାଦ୍ୟ, ମା' ବୀଣାପାଣି ସାଂସ୍କୃତିକ ଅନୁଷ୍ଠାନ ଶାନ୍ତପୁରର ସାମାଜିକ ନାଟକ 'କଙ୍କାଳ ଖେଳିବ ରକ୍ତର ହୋରି' ପରିବେଷିତ ହୋଇଥିଲା । କେନ୍ଦ୍ର ସାହିତ୍ୟ ଏକାଦେମୀ ଯୁବ ପୁରସ୍କାରପ୍ରାପ୍ତ ଲେଖକ ଡିଲେଶ୍ୱର ରଣା ମଞ୍ଚ ସଂଚାଳନ କରିଥିବାବେଳେ ଅନୁଷ୍ଠାନର ଯୁଗ୍ମ ସଂପାଦକ ସୁଧୀର କୁମାର ଧଙ୍ଗଡ଼ାମାଝୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବ ତିନି ଦିନ ଧରି ଚାଲିବ ବୋଲି ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦକ ସଲିଲ କୁମାର ଧଙ୍ଗଡ଼ାମାଝୀ ସୂଚନା ଦେଇଛନ୍ତି ।


# 'ଶୋଷିତ ବର୍ଗଙ୍କ ବିଦ୍ରୋହର ସ୍ୱର ଥିଲେ ଅଖିଳ'




ଧର୍ମଗଡ଼, (ଭାସ୍କର ନ୍ୟୁଜ): ଏ ମାଟିର ମୂଳ ଅଧିବାସୀ ଆଦିବାସୀ, ଦଳିତଙ୍କ କଷଣ, ଶୋଷଣ ପାଇଁ ଅଖିଳ ଲୁହ ଝରାଇବାକୁ ପସନ୍ଦ କରୁ ନଥିଲେ । ତାଙ୍କ ଆଖିରେ ଜଳୁଥିଲା ବିଦ୍ରୋହର ନିଆଁ । ସେ ପ୍ରତିବାଦର ସ୍ୱର ଉଠାଇଥିଲେ । ସେଥିପାଇଁ ସେ ତାଙ୍କର ଏକ କବିତାରେ ବିସ୍ଥାପିତ ଆଦିବାସୀଙ୍କୁ ଆବେଦନ କରିଥିଲେ, କାନ୍ଦ ନାହିଁ କାନ୍ଦ ନାହିଁ ଆୟାମାନେ, ଆବବାମାନେ । ତମ ଲୁହରେ ଗୁମକୁ ଥିବା ନିଆଁ ଲିଭିଯିବ । ଧର୍ମ, ଜାତି ଓ ବିକାଶ ନାମରେ ବଳି ପଡୁଥିବା ବର୍ଗଙ୍କ ପାଇଁ ଶାଣିତ ସ୍ୱର ସାଜିଥିବା ଜନବାଦୀ କବି ଅଖିଳ ନାୟକ ଓଡ଼ିଆ ସାହିତ୍ୟରେ ଏକ ଭିନ୍ନ, ବିଶେଷ ସ୍ଥାନ ଅଧିକାର କରିଛନ୍ତି । ୧୪ ତାରିଖ ଗୁରୁବାର କବି ଅଖିଳ ନାୟକଙ୍କ ଚତୁର୍ଥ ସ୍ମୃତି ସଭାରେ ଯୋଗଦେଇ ବିଶିଷ୍ଟ ଆଲୋଚକ କବି ତଥା ନିଶାଣର ସମ୍ପାଦକ ଲେଲିନ୍, ଋତୁରାଜ ମାଝୀ, ଜୟଶ୍ରୀ ସାହୁ, ବିଦ୍ରୋହୀ କବି ଚନ୍ଦନ ନାଗଙ୍କ ସମେତ କବି ଅର୍ଜୁନ ଗୋପାଳ, ଅଲେଖ ଗୋପାଳ ଏହି ମତ ରଖି କବିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । କଳାହାଣ୍ଡି ଜିଲ୍ଲା ବେହେରାସ୍ଥ ବିଜୁ କଲ୍ୟାଣ ମଣ୍ଡପରେ ଯୁବସ୍ୱର ଦିଗାମ୍ବର ଦୁରିଆଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ବୁଦ୍ଧ, ବାବାସାହେବ ଆମ୍ବେଦକର, କବି ଅଖିଳଙ୍କ ଫଟୋଚିତ୍ରରେ ଅତିଥି ଓ କବି ପତ୍ନୀ ଏଲିଜାବେଥ, ପରିବାର ଲୋକ ତଥା ଉପସ୍ଥିତ ଅଖିଳପ୍ରେମୀ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଜଣାଇଥିଲେ । ଏହା ପରେ କବି ହେମନ୍ତ ଦଳପତି ଓ ବେହେରା ଲକ୍ଷୀରାମ କଲେଜ ଅଧ୍ୟକ୍ଷ ନିର୍ମଳ ନାଏକଙ୍କ ରଚନା, ସଂଗୀତ ତଥା ମହେନ୍ଦ୍ର, ତ୍ରିବିକ୍ରମ, ତୁଷାରଙ୍କ ସଂଗୀତରେ ହେମା, ମଧୁ, କୋୟଲ, ପ୍ରିୟଙ୍କା ସ୍ୱାଗତ ସଂଗୀତ ଗାନ କରିଥିଲେ । କବି ହେମନ୍ତ ଅତିଥି ପରିଚୟ ପ୍ରଦାନ ପରେ ଅଖିଳଙ୍କ ସାହିତ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା । ସମାଜ ପାଇଁ ସାହିତ୍ୟ ଓ ଅଖିଳଙ୍କ ଭୂମିକା, କ୍ଷେତପୁରାଣ; ସାମଗ୍ରିକ ଆବେଦନ, ଭେଦ ଉପନ୍ୟାସର ସମାଜ ବିଜ୍ଞାନ, ସତ୍ୟ ବେପାର କବିତା ପଢ଼ିଲା ପରେ ଶୀର୍ଷକରେ ଆଲୋଚନା ପରେ ନିକଟରେ ଓଏଏସ ପାଇଥିବା ଟେମରାର ଶିବାନୀ ନାଏକଙ୍କୁ ଅଖିଳ ସ୍ମୃତି ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହା ସହ ଅଖିଳଙ୍କ ସାହିତ୍ୟକୁ ନେଇ ବିଭିନ୍ନ ମହାବିଦ୍ୟାଳୟରେ ଆୟୋଜିତ ରଚନା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଆମପାଣି ଉଚ୍ଚ ମାଧ୍ୟମିକବିଦ୍ୟାଳୟ ଛାତ୍ରୀ ରିୟା ନାଏକ, ଉହଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜୟଶ୍ରୀ କର, କୋକସରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମନିଷା ବିଶି, ଧର୍ମଁପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିମା ପୋଢ଼, ବେହେରା ଭାରତୀୟ ବିଦ୍ୟା ଶ୍ରୀନିକେତନର କ୍ଷିତିସୂତା ନାଗ ଓ ବେହେରା ଲକ୍ଷୀରାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମଣିରାଜ ନାଏକଙ୍କୁ ପୁରସ୍କୃତ କରାଯାଇଥିଲା । ଅତିଥି ରୂପେ ଧର୍ମଗଡ଼ ଜିଲ୍ଲା ପରିଷଦ ସଭ୍ୟ ଶଙ୍କର ଜୁଏଡ, ବେହେରା ସରପଞ୍ଚ କୁମୁଦିନୀ ଗଏଁତା, ଜୟନ୍ତପୁର ସରପଞ୍ଚ ଜୟନ୍ତୀ ବାଗ, ତେଣ୍ଡାପାଲି ସରପଞ୍ଚ ଗୌଲୋଚନ ଗୋପାଳ, ବେହେରା ସମିତିସଭ୍ୟ କିଶୋର ନାଗ, ନାରୀନେତ୍ରୀ ରମଣୀ ଦୁରିଆ, ଚନ୍ଦ୍ରଶେଖର ନାଏକ, ରତ୍ନାକର ବେମାଲ, ଧବଳେଶ୍ୱର ନାଗ ପ୍ରମୁଖ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ବେହେରା ଭାରତୀୟ ବିଦ୍ୟାଶ୍ରୀ ନିକେତନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନେ ଓ ନାୟକ ଫିଲ୍ମ ପ୍ରଡକ୍ସନର କଳାକାରମାନେ ଆମ୍ବେଦକରଙ୍କ ଉପରେ ରଚିତ ସଂଗୀତରେ ନୃତ୍ୟ ପରିବେଷଣ କରିଥିଲେ । ସଭା ପୂର୍ବରୁ କବିଙ୍କ ଜନ୍ମମାଟି ରଇନଗୁଡ଼ାସ୍ଥ ସମାଧିପୀଠରେ ଅତିଥି, ଅଖିଳପ୍ରେମୀ ପୁଷ୍ପମାଲ୍ୟ ଓ ମହମବତୀ ଜଳି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଶେଷରେ କୋଡ଼ିଙ୍ଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ପଞ୍ଚାନନ ଦୁରିଆ ଧନ୍ୟବାଦ ଦେଇଥିଲେ । ଅଖିଳ ସାମାଜିକ, ସାଂସ୍କୃତିକ ଟ୍ରଷ୍ଟ ସଭାପତି ଡମ୍ବରୁଧର ନାୟକ, ସାମାଜିକ କର୍ମୀ ଯଶୋବନ୍ତ ନାଏକ, ଲୋହିତ ଦୁରିଆ, ନିର୍ମଳ ନାଏକ, ହୁକିମଚାନ୍ଦ ନାଏକ, ବବଲୁ ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ରାଶିଫଳ


**ଶନିବାର, ୧୬ ନଭେମ୍ବର ୨୦୨୪**



**ମେଷ:** ସୃଜନଶୀଳ କାର୍ଯ୍ୟ ସଫଳ ହେବ । ଆପଣ ଯେ କୌଣସି ଉତ୍ସବରେ ଅଂଶଗ୍ରହଣ କରିବାର ସୁଯୋଗ ପାଇବେ । ସୁଖ ଏବଂ ମନୋରଞ୍ଜନ ଉପଲବ୍ଧ ହେବ । ବ୍ୟବସାୟ ଲାଭଦାୟକ ହେବ । ଭାଇମାନଙ୍କଠାରୁ ସମର୍ଥନ ପାଇବ ।




**ବୃଷ:** ଟଙ୍କା ଅଭାବରୁ ନିରାଶ ହେବେ । ଥଟ୍ଟା ଠାରୁ ଦୂରେଇ ରୁହନ୍ତୁ । ଅଧିକାରୀମାନେ ଚାକିରିରେ ଅଧିକ ଆଶା କରିବେ । କ୍ଲାନ୍ତ ହୋଇଯିବ । ବ୍ୟବସାୟ ଲାଭଦାୟକ ହେବ । ଖରାପ ଖବର ଗ୍ରହଣ କରାଯାଇପାରେ । କଠିନ ପରିଶ୍ରମ ଅଧିକ ହେବ ।



**ମିଥୁନ:** ଜମି କ୍ରୟ ଏବଂ ବିକ୍ରୟ ଲାଭଦାୟକ ହେବ । ପ୍ରଗତିର ରାସ୍ତା ପକ୍କା ହେବ । ବିପଦରୁ ଦୂରେଇ ରୁହନ୍ତୁ । ବ୍ୟବସାୟ ବୃଦ୍ଧି ପାଇବ । ଲାଭ ସୁଯୋଗ ଆସିବ । ଘର ବାହାରେ ସୁଖ ମିଳିବ । ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ ।



**କର୍କଟ:** ବ୍ୟବସାୟ ଅନୁକୂଳ ଲାଭ ଦେବ । ବିବାହ ପ୍ରସ୍ତାବ ମିଳିପାରିବ । ଯଦି ଜରୁରୀ ଜିନିଷ ଠିକ୍ ସମୟରେ ଉପଲବ୍ଧ ନହୁଏ ତେବେ ଅକ୍ଷମତା ସେଠାରେ ରହିବ ନାହିଁ । ବିନିଯୋଗ ଶୁଭ ହେବ । ଆୟ ବୃଦ୍ଧି ପାଇବ । ସମୟ ସୁସଙ୍ଗତତା ମିଳିବ ।




**ସିଂହ:** ଯୋଜନା ଫଳପ୍ରଦ ହେବ । ପଦ୍ଧତିରେ ଉନ୍ନତି ହେବ । ଏହି ସଫଳତାରେ ଖୁସି ହେବେ । କଠିନ ପରିଶ୍ରମ ସଫଳ ହେବ । ଲାଭ ସୁଯୋଗ ଆସିବ । ସମ୍ମାନ ପାଇବେ । ବ୍ୟବସାୟ ଇଚ୍ଛାକୃତ ଲାଭ ପ୍ରଦାନ କରିବ । ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ ।




**କନ୍ୟା:** ଆଧ୍ୟାତ୍ମିକତା ପାଇଁ ଆଗ୍ରହୀ ହେବ । କୌଣସି ଧାର୍ମିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ସୁଯୋଗ ଆସିବ । ସୁଖ ଏବଂ ଶାନ୍ତି ରହିବ । ବ୍ୟବସାୟ ସୁରୁଖୁରୁରେ ଚାଲିବ । ସାଙ୍ଗମାନଙ୍କ ସହଯୋଗ ଲାଭ ବୃଦ୍ଧି କରିବ । ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବ ।



**ତୁଳା:** ପୁରୁଣା ସହକର୍ମୀ ଏବଂ ସମ୍ପର୍କୀୟଙ୍କୁ ଭେଟିବା ଆନନ୍ଦଦାୟକ ହେବ । ଭଲ ଖବର ଗ୍ରହଣ କରାଯିବ । ମୂଲ୍ୟ ବୃଦ୍ଧି ହେବ । ଏକ ନୂତନ ଉଦ୍ୟମ ଆରମ୍ଭ କରିବାକୁ ଚିନ୍ତା କରାଯିବ । ଦୀର୍ଘ ଯାତ୍ରା ଇଚ୍ଛା ହେବ । ବ୍ୟବସାୟ ଲାଭଦାୟକ ହେବ ।




**ବିଛା:** ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ଘର ବାହାରେ ପଚରାଉଚରା କରାଯିବ । ବ୍ୟବସାୟ ଅନୁକୂଳ ଲାଭ ଦେବ । ଟଙ୍କା ମିଳିବା ସହଜ ହେବ । ଲାଭ ସୁଯୋଗ ଆସିବ । ଚାକିରିରେ ଠିକ୍ ସମୟରେ ପ୍ରଶଂସା ପାଇବେ । ସମୟ ସୁସଙ୍ଗତତାର ସୁଯୋଗ ନିଅନ୍ତୁ । ପାରିବାରିକ ଚିନ୍ତା ହ୍ରାସ ପାଇବ । ତତ୍ପରତା ନାହିଁ ।




**ଧନୁ:** ବୁଡି ଯାଇଥିବା ଟଙ୍କା ଗ୍ରହଣ କରାଯାଇପାରେ । ଯାତ୍ରା ଅନୁକୂଳ ହେବ । ନୂତନ କାର୍ଯ୍ୟଗୁଡ଼ିକ ଆସିବ । ବ୍ୟବସାୟ ଅଭିବୃଦ୍ଧିରେ ଖୁସି ହେବେ । ସମୟ ସୁସଙ୍ଗତତାର ଲାଭ ନିଅ । ଅଧସ୍ତନମାନଙ୍କ ସହଯୋଗ ମିଳିବ । ଲାଭ ସୁଯୋଗ ଆସିବ । ଅଜ୍ଞାତ ଭୟ ରହିବ । ପାରିବାରିକ ସହଯୋଗରେ ଖୁସି ହେବେ ।



**ମକର:** ନୂତନ ପୋଷାକ ପାଇଁ ଖର୍ଚ୍ଚ ହେବ । ଆପଣ ପରୀକ୍ଷା ଏବଂ ସାକ୍ଷାତକାର ଇତ୍ୟାଦିରେ ସଫଳତା ପାଇବେ । ଯାତ୍ରା ଅନୁକୂଳ ଲାଭ ଦେବ । ନୂତନ ଚାକିରି ମିଳିପାରିବ । କାର୍ଯ୍ୟ ସନ୍ତୁଷ୍ଟ ହେବେ । ବ୍ୟବସାୟ ଲାଭଦାୟକ ହେବ । ଶୀଘ୍ର କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ । ଉପହାସରୁ ଦୂରେଇ ରୁହନ୍ତୁ ।



**କୁମ୍ଭ:** ଯାନ, ଯନ୍ତ୍ରପାତି ଏବଂ ଅଗ୍ନି ଇତ୍ୟାଦି ବ୍ୟବହାରରେ ସତର୍କତା ବ୍ୟବହାର କରନ୍ତୁ । ବକ୍ତବ୍ୟରେ ହାଲୁକା ଶବ୍ଦ ବ୍ୟବହାର କରିବା ଠାରୁ ଦୂରେଇ ରୁହନ୍ତୁ । କୌଣସି ବ୍ୟକ୍ତିଙ୍କ ଉତ୍ତେଜନାରେ ଆସନ୍ତୁ ନାହିଁ । ବ୍ୟବସାୟରୁ ଲାଭବାନ ହେବ । ବିନିଯୋଗରେ ତତ୍ପର ହୁଅନ୍ତୁ ନାହିଁ । ଆୟ ରହିବ ।



**ମୀନ:** କାର୍ଯ୍ୟରେ ମନ ରହିବ ନାହିଁ । ବ୍ୟବସାୟ ଲାଭଦାୟକ ହେବ । ଆୟରେ ନିଶ୍ଚିତତା ରହିବ । ପରିବାରରେ ଶାନ୍ତି ରହିବ । ଇଚ୍ଛାଶକ୍ତି ବୃଦ୍ଧି ପାଇବ । ଶତ୍ରୁମାନଙ୍କଠାରୁ ସତର୍କତା ଆବଶ୍ୟକ । ସ୍ୱାସ୍ଥ୍ୟ ଦୁର୍ବଳ ରହିବ । କୌଣସି ନିଷ୍ପତ୍ତି ନେବାକୁ ତତ୍ପର ହୁଅନ୍ତୁ ନାହିଁ । ବକ୍ତବ୍ୟର ନିୟନ୍ତ୍ରଣ ନିଅନ୍ତୁ ।




ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯